# ଧରିତ୍ରୀ
DHARITRI

ଧରିତ୍ରୀ 50 Years

ଭୁବନେଶ୍ୱର, ଶୁକ୍ରବାର, ମାର୍ଚ୍ଚ ୧୫/୨୦୨୪ (୨୦ ପୃଷ୍ଠା) | Bhubaneswar, Friday, March 15/2024 | Page 20 | ₹ 7.00 | SAMBALPUR

୫୦ଶ ଭାଗ ୧୧୨ ସଂଖ୍ୟା | www.orissakhabar.com/www.dharitri.com | Printed at Sambalpur, Bhubaneswar, Rayagada & Angul | VOLUME 50 ISSUE 112 | ମୂଲ୍ୟ ₹୭/-





# Education Empowerment

## Paving the Way for All, Delivering Excellence




## More than 1.92 Crore Students Enrolled in the School Chalo Campaign

- Enhancing infrastructure facilities in more than 1.40 lakh primary/upper primary schools under Operation Kayakalp
- Establishment of state universities in Azamgarh, Aligarh and Saharanpur
- Construction of the Uttar Pradesh State Institute of Forensic Science in Lucknow
- Establishment of 15 incubation centers under Startup Policy
- Construction in full swing of Rajendra Prasad Law University in Prayagraj
- Construction of Major Dhyanchand Sports University is underway in Meerut
- Laid the Foundation Stone of Mahatma Buddha University of Agriculture and Technology in Kushinagar
- Decision to establish state universities in Vindhyachal, Devipatan and Moradabad divisions
- Construction of 280 New Government Inter Colleges/High Schools and 65 girls' hostels
- Construction of 41 New Inter Colleges, 215 Government High Schools and 77 girls' hostels
- Expansion of government ITIs from 260 to 305 with seats increased from 1.25 lakh to 1.72 lakh
- 75 Government Polytechnic under construction





**Education for All**

**Double Engine Ki Sarkar**

Information and Public Relations Department, U.P.

ଧରିତ୍ରୀ
DHARITRI
ଧରିତ୍ରୀ 50 Years
ଭୁବନେଶ୍ୱର, ଶୁକ୍ରବାର, ମାର୍ଚ୍ଚ ୧୫/୨୦୨୪ | Bhubaneswar, Friday, March 15/2024 | ପୃଷ୍ଠା-୧

ଆଜିର ସମ୍ପାଦକୀୟ
ଆମେରିକାର ଆଧିପତ୍ୟ ପ୍ରତି ବିପଦ

ଇଲେକ୍ଟୋରାଲ ବଣ୍ଡ ତଥ୍ୟ ସାର୍ବଜନୀନ ହେଲା
ପୃଷ୍ଠା-୩

ଏକସଙ୍ଗେ ନିର୍ବାଚନ ପାଇଁ କୋବିନ୍ଦ କମିଟିର ସୁପାରିସ
ପୃଷ୍ଠା-୧୨

# ମେଣ୍ଟ: ତଥାପି ଚିତ୍ର ଅସ୍ପଷ୍ଟ

**ଭୁବନେଶ୍ୱର,୧୪।୩(ସୁନିତ୍ ମିଶ୍ର)**

- ନବୀନ ନିବାସରେ ମେଣ୍ଟ ଉପରେ ହେଲାନି ଆଲୋଚନା
- ଜିଲାୱାରି ସାଙ୍ଗଠନିକ ତଥ୍ୟ ନେଲେ ମୁଖ୍ୟମନ୍ତ୍ରୀ
- ଏକାକୀ ଲଢ଼ିବୁ କହି ପରେ ମତ ବଦଳାଇଲେ ମନମୋହନ

ବିଜେଡି-ଭାଜପା ସମ୍ଭାବ୍ୟ ମେଣ୍ଟ ଉପରେ ସମସ୍ତଙ୍କ ନଜର ରହିଥିବାବେଳେ ଏନେଇ ଅଦ୍ୟାବଧି କିଛି ଚୂଡ଼ାନ୍ତ ହୋଇପାରି ନାହିଁ। ୪ ଦିନ ହେଲା ଦିଲ୍ଲୀରେ ଡେରା ପକାଇଥିବା ଭାଜପା ରାଜ୍ୟ ନେତୃବୃନ୍ଦ ଗୁରୁବାର ଓଡ଼ିଶା ଫେରିବା ପରେ ଚିତ୍ର ସ୍ପଷ୍ଟ ହୋଇପାରେ ବୋଲି ସମସ୍ତଙ୍କ ଧାରଣା ଥିଲା। ହେଲେ ଭାଜପା ରାଜ୍ୟ ସଭାପତି ମନମୋହନ ସାମଲ ଦିଲ୍ଲୀରୁ ଫେରି ଗଣମାଧ୍ୟମ ଆଗରେ ରଖିଥିବା ମତ ମେଣ୍ଟ ଚିତ୍ରକୁ ଆହୁରି ଅସ୍ପଷ୍ଟ କରିଦେଇଛି। ତେବେ ମେଣ୍ଟ ନ ହେବା କଥା ସେ ଦୃଢ଼ତାର ସହ କହୁନାହାନ୍ତି। ସମାନଭାବେ ଗୁରୁବାର ଅପରାହ୍ନରେ ନବୀନ ନିବାସରେ ବିଜେଡିର ବରିଷ୍ଠ ନେତାମାନଙ୍କୁ ନେଇ ଅନୁଷ୍ଠିତ ବୈଠକ ପରେ ମଧ୍ୟ ମେଣ୍ଟ ବିଷୟରେ କିଛି ସ୍ପଷ୍ଟ ହେବ ବୋଲି ଅନେକ ଭାବୁଥିଲେ। କିନ୍ତୁ ଏହି ପ୍ରସଙ୍ଗରେ ବୈଠକରେ କିଛି ଆଲୋଚନା ହୋଇ ନ ଥିବା କୁହାଯାଉଛି। ଅନ୍ୟପକ୍ଷେ ଦଳର ସଭାପତି ନବୀନ ପଟ୍ଟନାୟକଙ୍କୁ ବରିଷ୍ଠ ନେତା ଓ ଜିଲା ପର୍ଯ୍ୟବେକ୍ଷକମାନେ ଜିଲାୱାରି ସାଙ୍ଗଠନିକ କାର୍ଯ୍ୟକ୍ରମ ଏବଂ ନିର୍ବାଚନ ରଣକୌଶଳ ଆଦି ଉପରେ ସବିଶେଷ ରିପୋର୍ଟ ଦେଇଥିବା ବିଷୟ ଉପସଭାପତି ଦେବୀ ପ୍ରସାଦ ମିଶ୍ର ସୂଚନା ଦେଇଛନ୍ତି। ମେଣ୍ଟ ପ୍ରସଙ୍ଗରେ ପ୍ରଶ୍ନ ପଚାରିବାରୁ ସେ ଏହାକୁ ଏଡ଼ାଇଯାଇଛନ୍ତି। କିନ୍ତୁ ବୈଠକରୁ ଫେରିଥିବା କେତେଜଣ ବିଜେଡି ନେତା ମେଣ୍ଟ ହେବା ନିଶ୍ଚିତ ବୋଲି ମତ ରଖିଛନ୍ତି। ଏଭଳି ସ୍ଥିତିରେ ଉଭୟ ଦଳର ନେତା ଓ କର୍ମୀ ଦ୍ୱନ୍ଦ୍ୱରେ ପଡ଼ିଯାଇଛନ୍ତି।

ଗତ ୬ ତାରିଖରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଦଳର କେତେଜଣ ବରିଷ୍ଠ ନେତାଙ୍କୁ ନବୀନ ନିବାସକୁ ଡକାଇ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ କରିବା ସହ ମେଣ୍ଟ ସମ୍ପର୍କିତ ସୂଚନା ପ୍ରଦାନ କରିଥିଲେ। ଏହା ପରଠାରୁ ମେଣ୍ଟ ନେଇ ଦଳୀୟ ନେତାମାନେ କୌଣସି ସୂଚନା ପାଉ ନ ଥିବାବେଳେ ଗୁରୁବାର ଦ୍ୱିତୀୟ ଥର ବୈଠକ କରିବା ଲାଗି ବୁଧବାର ବିଭିନ୍ନ ଜିଲାର ପର୍ଯ୍ୟବେକ୍ଷକମାନଙ୍କୁ ସୂଚନା ଦେଇଥିଲେ। ଏହି କ୍ରମରେ ସବୁ ଜିଲାର ପର୍ଯ୍ୟବେକ୍ଷକ ଭାବେ ନିଯୁକ୍ତ ହୋଇଥିବା ବରିଷ୍ଠ ନେତାମାନେ ନବୀନ ନିବାସରେ ପହଞ୍ଚିଥିଲେ। ହେଲେ ମେଣ୍ଟ ବାବଦରେ ଆଲୋଚନା ହେବ ବୋଲି ଯାହା ବୈଠକରେ ଯୋଗଦେଇଥିବା ନେତାମାନେ ଚିନ୍ତା କରୁଥିଲେ ସେଭଳି କିଛି ହେଲା ନାହିଁ। ମୁଖ୍ୟମନ୍ତ୍ରୀ ପର୍ଯ୍ୟବେକ୍ଷକମାନଙ୍କୁ ବ୍ୟକ୍ତିଗତ ଭାବେ ଡାକି ସେମାନେ ଦାୟିତ୍ୱରେ ଥିବା ଜିଲାଗୁଡିକର ସ୍ଥିତି ସମ୍ପର୍କରେ ପଚାରି ବୁଝିଥିଲେ। ଏହାପରେ ପୁଣି ଥରେ ୨ରୁ ୩ ଜଣଙ୍କୁ ଏକାଠି ଡାକି ସାଙ୍ଗଠନିକ ସ୍ଥିତି ସମ୍ପର୍କରେ ବୁଝିବା ସହ କେଉଁ ନିର୍ବାଚନମଣ୍ଡଳୀର ସାଙ୍ଗଠନିକ ସ୍ଥିତି କିପରି ରହିଛି ତା'ର ରିପୋର୍ଟ ସଂଗ୍ରହ କରିଥିଲେ। ଏହାଠାରୁ ଅଧିକ କିଛି ସେମାନଙ୍କ ସହ ଆଲୋଚନା କରାଯାଇ ନ ଥିବା ଜଣାପଡ଼ିଛି। ଅନ୍ୟପଟେ ମେଣ୍ଟ କଥା ମଧ୍ୟ ମୁଖ୍ୟମନ୍ତ୍ରୀ ଉଠାଇ ନ ଥିବା ଜଣାପଡ଼ିଛି। ଅପରାହ୍ନ ୫ଟାରେ ଆରମ୍ଭ ହୋଇଥିବା ବୈଠକ ୨ ଘଣ୍ଟା ଧରି ଚାଲିଥିଲା। ☞ପୃଷ୍ଠା-୧୧

# ମଦ ପିଉଥିବାରୁ ସ୍ତ୍ରୀଙ୍କୁ ହତ୍ୟା

## ୨ ରାତି ଘରେ ଲୁଚାଇ ରଖିଥିଲେ ମୃତଦେହ

**ଭୁବନେଶ୍ୱର,୧୪।୩ (ସୂର୍ଯ୍ୟକାନ୍ତ ବେହେରା)**


ସ୍ୱପ୍ନା ଜେନା

ସ୍ତ୍ରୀ ମଦ ପିଉଥିଲେ। ଘରର ରୋଜଗାରକୁ ନିଶାପାଣିରେ ଉଡାଉଥିଲେ। ଘରେ ବାହାରେ ପାଟିତୁଣ୍ଡ କରି ସମ୍ମାନ ହାନି କରୁଥିଲେ। ଏଥିରେ ଅତିଷ୍ଠ ହୋଇ ଶେଷରେ ସ୍ତ୍ରୀଙ୍କୁ କାଠ ଫାଳିଆରେ ପିଟି ହତ୍ୟା କଲେ ସ୍ୱାମୀ। ଏପରିକି ମୃତଦେହକୁ ଘର ଭିତରେ ୨ରାତି ଧରି ତାଲା ପକାଇ ରଖିଥିଲେ। ଭୁବନେଶ୍ୱରର ମୈତ୍ରୀବିହାର ଥାନା ଅନ୍ତର୍ଗତ ସାଲିଆସାହି ତାରିଣୀନଗର ବସ୍ତିରେ ମଙ୍ଗଳବାର ସନ୍ଧ୍ୟାରେ ହତ୍ୟାକାଣ୍ଡ ଘଟିଛି। ଗୁରୁବାର ଏହା ଜଣାପଡିବା ପରେ ଚାଞ୍ଚଲ୍ୟ ଖେଳିଯାଇଛି। ମୃତା ମହିଳା ହେଲେ ଗଞ୍ଜାମ ପୋଲସରାର ସ୍ୱପ୍ନା ଜେନା ଓରଫ ରୀନା। ପୋଲିସ ଘଟଣାସ୍ଥଳରେ ପହଞ୍ଚି ସାଇଣ୍ଟିଫିକ ଟିମ୍ ସହାୟତାରେ ମୃତଦେହ ଜବତ କରି ତଦନ୍ତ ଚଳାଇଛି।

### ଅଭିଯୁକ୍ତ ସ୍ୱାମୀ ଗିରଫ

ଏଥିସହ ଅଭିଯୁକ୍ତ ସ୍ୱାମୀ ଗୋଲଖ ବିହାରୀ ଜେନାଙ୍କୁ ଗିରଫ କରି ପଚରାଉଚରା କରୁଛି। ସ୍ତ୍ରୀଙ୍କୁ ହତ୍ୟା କରିଥିବା ଗୋଲଖ ସ୍ୱୀକାର କରିଛନ୍ତି ବୋଲି ଥାନାଧିକାରୀ ମୃତ୍ୟୁଞ୍ଜୟ ସ୍ୱାଇଁ କହିଛନ୍ତି। ଅନ୍ୟପକ୍ଷରେ କ୍ୟାପିଟାଲ ହସ୍ପିଟାଲରେ ବ୍ୟବଚ୍ଛେଦ ପରେ ସ୍ୱପ୍ନାଙ୍କ ମୃତଦେହକୁ ପୁଅ ☞ପୃଷ୍ଠା-୧୧

# ନିର୍ବାଚନ ପୂର୍ବରୁ କମିଲା ତେଲ ଦର

**ନୂଆଦିଲ୍ଲୀ,୧୪।୩**

- ତୈଳ ଦରରେ ୨ଟଙ୍କା ଲେଖାଏ ହ୍ରାସ
- ଆଜିଠାରୁ ନୂଆ ଦର




ଲୋକ ସଭା ନିର୍ବାଚନକୁ କିଛି ସପ୍ତାହ ବାକି ଥିବାବେଳେ ଗୁରୁବାର କେନ୍ଦ୍ର ସରକାର ତୈଳ ଦର କମାଇଛନ୍ତି। ଏପରିକି ଉଭୟ ପେଟ୍ରୋଲ ଏବଂ ଡିଜେଲ ଦର ଉପରେ ୨ଟଙ୍କା ଲେଖାଏ ହ୍ରାସ କରାଯାଇଛି। ଏହା ଫଳରେ ଖାଉଟି କିଛି ପରିମାଣରେ ଅତିରିକ୍ତ ଖର୍ଚ୍ଚରୁ ରକ୍ଷା ପାଇବେ। ସୂଚନାଯୋଗ୍ୟ, ଶେଷ ଥର ପାଇଁ ସରକାର ୨୦୨୨ ମେ ୨୧ରେ ଉତ୍ପାଦ ଶୁଳ୍କ (ଏକ୍ସାଇଜ୍ ଡ୍ୟୁଟି) ଆକାରରେ ପେଟ୍ରୋଲ ମୂଲ୍ୟରେ ୮ ଟଙ୍କା ଏବଂ ଡିଜେଲ ଉପରେ ୬ଟଙ୍କା କମାଇଥିଲେ। ଉଲ୍ଲେଖଯୋଗ୍ୟ, ଭାରତୀୟ ତୈଳ ନିଗମ (ଆଇଓସିଏଲ୍)ର ☞ପୃଷ୍ଠା-୧୧




# ଫୋର୍ବ୍ସରେ ମାଲକାନଗିରିର ଜୟନ୍ତୀ

**ମାଲକାନଗିରି, ୧୪।୩ (ଦୁର୍ଯ୍ୟୋଧନ ପାତ୍ର)**

ଅନ୍ତର୍ଜାତୀୟ ଖ୍ୟାତିସମ୍ପନ୍ନ ମାଗାଜିନ୍ ଫୋର୍ବ୍ସ ପକ୍ଷରୁ ଦେଶର ୨୩ ଜଣ ଶକ୍ତିଶାଳୀ ମହିଳାଙ୍କୁ ଚୟନ କରାଯାଇଥିବା ବେଳେ ଓଡ଼ିଶାରୁ ଏକମାତ୍ର ମହିଳା ଭାବେ ମାଲକାନଗିରିର ଆଦିବାସୀ ଝିଅ ଜୟନ୍ତୀ ବୁରୁଦା ଏହି ତାଲିକାରେ ସାମିଲ ହୋଇଛନ୍ତି। ଜୟନ୍ତୀ ପ୍ରଥମ ଆଦିବାସୀ ଝିଅ ଯିଏ କି ଏନ୍‌ଡବ୍ଲ୍ୟୁଏମ୍‌ଆଇରୁ ଫେଲୋଶିପ୍ ଗ୍ରହଣ କରିଥିଲେ। ପରେ ଜଙ୍ଗଲ ରାଣୀ ଇନିସିଏଟିଭ ଆରମ୍ଭ କରି ଆଦିବାସୀ ଝିଅମାନଙ୍କୁ ଟେକ୍ନୋଲୋଜି ଶିକ୍ଷା ଦେଉଛନ୍ତି। ଫଳରେ ଦୁର୍ଗମ ଅଞ୍ଚଳର ପ୍ରତିଟି ଖବର ସମସ୍ତଙ୍କ ପାଖରେ ପହଞ୍ଚିପାରିବ। ଏହାସହ ପ୍ରାୟ ୬ ବର୍ଷ ପୂର୍ବରୁ ବଡ଼ ଦିଦି ନାମକ ଏକ ସଂଗଠନ କରି ଋତୁସ୍ରାବ ବିଷୟରେ ଆଦିବାସୀ ମହିଳା ଓ ଯୁବତୀଙ୍କୁ ସେ ସଚେତନ କରୁଛନ୍ତି। ୨୦୧୭ରେ ପ୍ରାୟ ୨୦ ଜଣ ଶିକ୍ଷିତ ଯୁବତୀଙ୍କୁ ନେଇ ଆରମ୍ଭ କରିଥିଲେ ବଡ ଦିଦି ସଂଗଠନ। ଦୁର୍ଗମ ବଣ୍ଡାଘାଟିର ବିଭିନ୍ନ ଗାଁରେ ଘରକୁ ଘର ବୁଲି ପ୍ରଥମେ ଯୁବତୀମାନଙ୍କୁ ଋତୁସ୍ରାବ ସମୟରେ ହେଉଥିବା ସମସ୍ୟା ଓ ସାନିଟାରି ପ୍ୟାଡ୍ ବ୍ୟବହାର ବିଷୟରେ ସଚେତନତା ଅଭିଯାନ ଆରମ୍ଭ ☞ପୃଷ୍ଠା-୧୧



ଜୟନ୍ତୀ ବୁରୁଦା






# ଆଜି କ'ଣ କେଉଁଠି

## ଭୁବନେଶ୍ୱର

- ରାଜ୍ୟସ୍ତରୀୟ ଆଲୋଚନାଚକ୍ର 'ଇମ୍ପାକ୍ଟ ଅଫ୍ ଡିଜିଟାଲ ଇନୋଭେଶନ ଇନ୍ କମର୍ସ ଆଣ୍ଡ ମ୍ୟାନେଜମେଣ୍ଟ', ସ୍ଥାନ: ବିଜେବି ସ୍ୱୟଂଶାସିତ ମହାବିଦ୍ୟାଳୟ ଆଡମିନ୍ଷ୍ଟ୍ରେଟିଭ ବ୍ଲକ, ସମୟ: ପୂର୍ବାହ୍ନ ୧୦ଟା।
- ସଫେଇ କର୍ମଚାରୀ ସିଏଲ୍ଆର୍/ଡିଏଲ୍ଆର୍ଙ୍କ ସ୍ଥାୟୀ ନିଯୁକ୍ତି ଓ ସମାନ କାମକୁ ସମାନ ବେତନ ଦାବିରେ ବିକ୍ଷୋଭ, ସ୍ଥାନ: ଲୋୟର ପିଏମ୍‌ଜି, ସମୟ: ପୂର୍ବାହ୍ନ ୧୧ଟା।
- ଓଡ଼ିଶା କୃଷକ ସାଥି ସଂଘ ପକ୍ଷରୁ ବିଭିନ୍ନ ଦାବିରେ ବିକ୍ଷୋଭ ପ୍ରଦର୍ଶନ ସହ ଶୋଭାଯାତ୍ରା, ସ୍ଥାନ: କଂଗ୍ରେସ ଭବନ ନିକଟ, ସମୟ: ପୂର୍ବାହ୍ନ ୧୧ଟା ୪୦।
- ଓଡ଼ିଶା ସାହିତ୍ୟ ଏକାଡେମୀ ଓ ଭଦ୍ରକ ସମ୍ମିଳନୀ ମିଳିତ ଆନୁକୂଲ୍ୟରେ ପ୍ରଫେସର ଜଗନ୍ନାଥ ପଟ୍ଟନାୟକଙ୍କ ୯୧ତମ ଜନ୍ମଜୟନ୍ତୀ ପାଳନ ଏବଂ ଆଲୋଚନାଚକ୍ର, ସ୍ଥାନ: ରେଡକ୍ରସ ଭବନ ପ୍ରେକ୍ଷାଳୟ, ସମୟ: ସନ୍ଧ୍ୟା ୬ଟା ୩୦।
- ଓଡ଼ିଆ ସାହିତ୍ୟ ସମାରୋହ, ସ୍ଥାନ: ସୂଚନା ଭବନ, ସମୟ: ସନ୍ଧ୍ୟା ୬ଟା ୩୦।
- ଶତାବ୍ଦୀର କଳାକାର ପକ୍ଷରୁ ୨୬ତମ କଳିଙ୍ଗ ନାଟ୍ୟ ମହୋତ୍ସବ, ସ୍ଥାନ: ରବୀନ୍ଦ୍ର ମଣ୍ଡପ, ସମୟ: ସନ୍ଧ୍ୟା ୬ଟା ୪୫।
- ବାଗ୍‌ଦେବୀ ଥିଏଟର ଫେଷ୍ଟ-୨୦୨୪, ସ୍ଥାନ: ଭଞ୍ଜକଳା ମଣ୍ଡପ, ସମୟ: ସନ୍ଧ୍ୟା ୬ଟା ୪୫।

## କଟକ

- କଟକ ସଦର ବ୍ଲକ ଅଞ୍ଚଳର ୨ ପୋଲ ପାଇଁ ଶିଳାନ୍ୟାସ, ସ୍ଥାନ: ଦଧିବାମନପୁର ପଞ୍ଚାୟତର ଆଇତଳଙ୍ଗ ଖେଳପଡ଼ିଆ, ସମୟ: ଅପରାହ୍ନ ୩ଟା।
- ହାଇକୋର୍ଟ ବାର୍ ଆସୋସିଏଶନ୍ ପକ୍ଷରୁ ବନ୍ଧୁତ୍ୱପୂର୍ଣ୍ଣ ଟି-୨୦ କ୍ରିକେଟ୍ ମ୍ୟାଚ୍, ସ୍ଥାନ: କଟକ ବାରବାଟୀ ଷ୍ଟାଡିୟମ, ସମୟ: ସନ୍ଧ୍ୟା ୬ଟା।

## ପୁରୀ

- ଅଷ୍ଟପ୍ରହର ନାମଯଜ୍ଞ ଉତ୍ସବ ଓ ହରିହାଟ, ସ୍ଥାନ: ମା'ଜାଗେଶ୍ୱରୀଙ୍କ ପୀଠ, ବଡ଼ସିରିବିଲା, ନିମାପଡ଼ା, ସମୟ: ପ୍ରାତଃ ୫ଟା।
- ନିମାପଡ଼ା ବିଜ୍ଞାପିତ ଅଞ୍ଚଳ ପରିଷଦ ଅଧୀନ ବିଭିନ୍ନ ୱାର୍ଡରେ ୨୪ ପ୍ରକଳ୍ପର ଉଦ୍‌ଘାଟନ ଏବଂ ଭିତ୍ତିପ୍ରସ୍ତର ସ୍ଥାପନ, ସ୍ଥାନ: ନିମାପଡ଼ା, ସମୟ: ସକାଳ ୯ଟା।
- ମାସିକ ସାହିତ୍ୟ ଆସର ଓ ଆଲୋଚନା ଚକ୍ର, ସ୍ଥାନ: ପୁରୀ ସର୍ବମଙ୍ଗଳା ପାଠାଗାର, ସମୟ: ସନ୍ଧ୍ୟା ୬ଟା।
- ଭକ୍ତକବି ବନମାଳୀ ଦାସଙ୍କ ଜୟନ୍ତୀ ଉତ୍ସବ, ସ୍ଥାନ: ପୁରୀ ଅନ୍ନପୂର୍ଣ୍ଣା ରଙ୍ଗମଞ୍ଚ, ପୁରୀ, ସମୟ: ସନ୍ଧ୍ୟା ୬ଟା।

## ଖୋର୍ଦ୍ଧା

- କର୍ମମନ୍ଦିର ଜଟଣୀ ପକ୍ଷରୁ ଯୁବ ଉତ୍ସବ-୨୦୨୪, ସ୍ଥାନ: ଟ୍ରାଫିକ କଲୋନୀସ୍ଥିତ ରେଲୱେ ଇନଷ୍ଟିଚ୍ୟୁଟ ପରିସର, ଜଟଣୀ, ସମୟ: ଅପରାହ୍ନ ୩ଟା ୩୦।
- ମା'ଦକ୍ଷିଣକାଳୀଙ୍କ ୧୬ତମ ବିଶ୍ୱଶାନ୍ତି ମହାଯଜ୍ଞ ପୂର୍ଣ୍ଣାହୁତି, ସ୍ଥାନ: ନିରଞ୍ଜନପୁର ଗ୍ରାମସ୍ଥିତ ପୀଠ ପରିସର, ଜଟଣୀ, ସମୟ: ସନ୍ଧ୍ୟା ୬ଟା।

## ବାଲେଶ୍ୱର

- ଅନ୍ତର୍ଜାତୀୟ ମିଡ଼ିଆ କନକ୍ଲେଭ-୨୦୨୪, ସ୍ଥାନ: ପିଜିସି ସମ୍ମିଳନୀ କକ୍ଷ, ଫକୀରମୋହନ ବିଶ୍ୱବିଦ୍ୟାଳୟ, ବାଲେଶ୍ୱର, ସମୟ: ସକାଳ ୯ଟା ୩୦।
- ଓୟୁଜେ ପକ୍ଷରୁ ପ୍ରତିବାଦ ଦିବସ, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖ, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୧ଟା।

## ମୟୂରଭଞ୍ଜ

- ବଳାଙ୍ଗୀ ମହୋତ୍ସବ ପକ୍ଷରୁ ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜ ଜ୍ୟୋତି ରଥର ଶୁଭାରମ୍ଭ, ସ୍ଥାନ:ଜଗନ୍ନାଥ ମନ୍ଦିର ବାରିପଦା,ସମୟ: ସକାଳ ୮ଟା।
- ଅଷ୍ଟପ୍ରହର ନାମଯଜ୍ଞ ଓ ଘଟଉତ୍ତୋଳନ, ସ୍ଥାନ: ଶାମାଖୁଣ୍ଟା ବ୍ଲକ ଚଣାବାଡ଼ିଆ, ସମୟ: ସକାଳ ୯ଟା।
- ଦିବ୍ୟାଙ୍ଗମାନଙ୍କୁ ସହାୟତା, ସ୍ଥାନ: ବାରିପଦା ପିଆର୍‌ଏମ୍ ମେଡିକାଲ ସନ୍ନିକଟ ଜିଲା ଭିନ୍ନକ୍ଷମ ସହାୟତା କେନ୍ଦ୍ର, ସମୟ: ପୂର୍ବାହ୍ନ ୧୦ଟା।
- କମ୍ପ୍ୟୁଟେସନାଲ ଇଣ୍ଟେଲିଜେନ୍ସ ଇନ୍ ପ୍ୟାଟର୍ଣ୍ଣ ରିକୋଗନିସନ ଶୀର୍ଷକ ୨ ଦିନିଆ ଅନ୍ତର୍ଜାତୀୟ ସମ୍ମିଳନୀ, ସ୍ଥାନ: ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟ ବାରିପଦା, ସମୟ: ପୂର୍ବାହ୍ନ ୧୧ଟା।
- ଦୃଷ୍ଟି ବାଧିତ ଛାତ୍ରଙ୍କୁ ଲାପ୍‌ଟପ୍ ପ୍ରଦାନ କାର୍ଯ୍ୟକ୍ରମ, ସ୍ଥାନ: ବାରିପଦାସ୍ଥିତ ଜିଲାପାଳଙ୍କ ସମ୍ମିଳନୀ କକ୍ଷ, ସମୟ: ମଧ୍ୟାହ୍ନ ୧୨ଟା।
- ପୁରାଣ ଭବନର ଉଦ୍‌ଘାଟନ, ସ୍ଥାନ: ବାରିପଦା ୱାର୍ଡ ନଂ.୨୨, ସମୟ: ଅପରାହ୍ନ ୧ଟା।
- ଅଷ୍ଟପ୍ରହର ନାମଯଜ୍ଞ ଓ ପ୍ରସାଦ ସେବନ, ସ୍ଥାନ: ଶାମାଖୁଣ୍ଟା ବ୍ଲକ ବାହାଦୂରପୁର ଭାବବୃନ୍ଦାବନ, ସମୟ: ଅପରାହ୍ନ ୧ଟା।
- ଭେଣ୍ଡିଂ ଜୋନର ଶିଳାନ୍ୟାସ, ସ୍ଥାନ: ବାରିପଦା ୱାର୍ଡ ନଂ. ୧୨, ସମୟ: ଅପରାହ୍ନ ୩ଟା।
- ମା' ବାସନ୍ତୀ ଦୁର୍ଗାପୂଜା ପ୍ରସ୍ତୁତି ବୈଠକ, ସ୍ଥାନ: ଉଦଳା ସ୍ନେହା ତୁଳସୀ କଲ୍ୟାଣ ମଣ୍ଡପ, ସମୟ: ଅପରାହ୍ନ ୪ଟା।
- ହୋଲି ଉପଲକ୍ଷେ ମା' ତାରିଣୀ ପୀଠରେ ଅନ୍ନଛତ୍ର ବଣ୍ଟନ ନେଇ ବୈଠକ, ସ୍ଥାନ: ମୋରଡ଼ା ବ୍ଲକ ଅଧୀନ ଚିତ୍ରଡ଼ା ମାର୍କେଟସାହି,ସମୟ:ସନ୍ଧ୍ୟା ୬ଟା।

## ଭଦ୍ରକ

- ବରପଦା ବିକାଶ ମଞ୍ଚ ପକ୍ଷରୁ ବନ୍ଦ ପାଳନ, ସ୍ଥାନ: ଭଦ୍ରକ, ସମୟ: ସକାଳ ୬ଟା।
- ବ୍ଲକସ୍ତରୀୟ ନିର୍ବାଚନୀ ପ୍ରଶିକ୍ଷଣ, ସ୍ଥାନ: ବ୍ଲକ କାର୍ଯ୍ୟାଳୟ, ଭଦ୍ରକ, ସମୟ: ପୂର୍ବାହ୍ନ ୧୦ଟା।
- ନିର୍ବାଚନ ପରିଚାଳନା ତାଲିମ, ସ୍ଥାନ: ଅଟଳ ବିହାରୀ ମହାବିଦ୍ୟାଳୟ, ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ, ବାସୁଦେବପୁର, ସମୟ: ପୂର୍ବାହ୍ନ ୧୦ଟା।
- ପୋଲିଂ ଅଧିକାରୀଙ୍କ ନିର୍ବାଚନ ପ୍ରଶିକ୍ଷଣ, ସ୍ଥାନ: ବାଳିକା ଉଚ୍ଚ ବିଦ୍ୟାଳୟ, ମତୋ ହାଇସ୍କୁଲ ଓ ସାରଳା ହାଇସ୍କୁଲ, ବଡ଼ଓଷ୍ଠିଆ, ଚାନ୍ଦବାଲି, ସମୟ: ପୂର୍ବାହ୍ନ ୧୦ଟା।
- ମୁନି ସମାଜର ସତ୍‌ସଙ୍ଗ ଓ ପ୍ରବଚନ କାର୍ଯ୍ୟକ୍ରମ, ସ୍ଥାନ: ପୁରୁଷଣ୍ଡ, ବନ୍ତ, ସମୟ: ପୂର୍ବାହ୍ନ ୧୧ଟା।
- ଜଗନ୍ନାଥ ମନ୍ଦିର ପ୍ରତିଷ୍ଠା ଉତ୍ସବରେ ପ୍ରବଚନ କାର୍ଯ୍ୟକ୍ରମ, ସ୍ଥାନ: କରଞ୍ଜଆଡ଼ିଆ, ବାସୁଦେବପୁର, ସମୟ: ସନ୍ଧ୍ୟା ୬ଟା।

## କେନ୍ଦୁଝର

- ଆନ୍ତଃ ସୀମା ସମନ୍ୱୟ ବୈଠକ, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ, କେନ୍ଦୁଝର,ସମୟ: ପୂର୍ବାହ୍ନ ୧୧ ଟା।
- ଶାସ୍ତ୍ରୀ ନଗର ୟୁଥ୍ କ୍ଲବ୍ ପକ୍ଷରୁ ଦିବାରାତ୍ର କ୍ରିକେଟ୍ ଟୁର୍ନାମେଣ୍ଟ, ସ୍ଥାନ: ପୌରପାଳିକା ସ୍ପୋର୍ଟସ କମ୍ପ୍ଲେକ୍ସ, ଯୋଡ଼ା, ସମୟ: ଅପରାହ୍ନ ୫ ଟା।

## ବ୍ରହ୍ମପୁର

- ଏସ୍‌ୟୁସିଆଇର ବିକ୍ଷୋଭ, ସ୍ଥାନ: ଆର୍‌ଡିସି କାର୍ଯ୍ୟାଳୟ, ସମୟ: ମଧ୍ୟାହ୍ନ ୧୨ଟା।

## ଗଞ୍ଜାମ

- କ୍ରିକେଟ ମ୍ୟାଚ୍, ସ୍ଥାନ: ଭଞ୍ଜନଗର ବ୍ଲକ ଜିଲୁଣ୍ଡି, ସମୟ: ସକାଳ ୯ଟା।
- ନୂଆ ହିତାଧିକାରୀଙ୍କୁ ଭତ୍ତା ବଣ୍ଟନ, ସ୍ଥାନ: ଭଞ୍ଜନଗର ଆରଏମ୍‌ସି ପଡ଼ିଆ, ସମୟ: ପୂର୍ବାହ୍ନ ୧୦ଟା।
- ଅବସରପ୍ରାପ୍ତ କର୍ମଚାରୀ ସଂଘର ବୈଠକ, ସ୍ଥାନ: ଭେଜିପୁଟ କାଳଞ୍ଜି କୁଳଭବନ , ସମୟ: ପୂର୍ବାହ୍ନ ୧୦ଟା।
- ନିର୍ବାଚନ ସମ୍ପର୍କିତ ତାଲିମ ଶିବିର, ସ୍ଥାନ: ଭଞ୍ଜନଗର ଶ୍ରୀବତ୍ସ ହାଇସ୍କୁଲ, ଉପେନ୍ଦ୍ର ଭଞ୍ଜ ହାଇସ୍କୁଲ, ଦୀନବନ୍ଧୁ ବେହେରା ବାଳିକା ହାଇସ୍କୁଲ, ସମୟ: ପୂର୍ବାହ୍ନ ୧୦ଟା।
- ପଞ୍ଚାୟତସ୍ତରୀୟ ସଚେତନତା, ସ୍ଥାନ: ଜଗନ୍ନାଥପ୍ରସାଦ ବ୍ଲକ ଜିରାବାଡି, ସମୟ: ପୂର୍ବାହ୍ନ ୧୧ଟା।
- ଭତ୍ତା ବଣ୍ଟନ, ସ୍ଥାନ: ଜଗନ୍ନାଥପ୍ରସାଦ ବ୍ଲକ କାର୍ଯ୍ୟାଳୟ ପରିସର, ସମୟ: ମଧ୍ୟାହ୍ନ ୧୨ଟା ୩୦।
- ବିଶ୍ରାମ ଭବନ ଉଦ୍‌ଘାଟନ, ସ୍ଥାନ: ଭଞ୍ଜନଗର ଗ୍ରାମ୍ୟ ଉନ୍ନୟନ କାର୍ଯ୍ୟାଳୟ ପରିସର, ସମୟ: ଅପରାହ୍ନ ୨ଟା
- ବିଭିନ୍ନ ଜାତିର କର୍ମକର୍ତ୍ତାଙ୍କ ସହ ଅର୍ଥମନ୍ତ୍ରୀଙ୍କ ଆଲୋଚନା, ସ୍ଥାନ: ଭଞ୍ଜନଗର ବନବିଭାଗ ଡାକ ବଙ୍ଗଳା, ସମୟ: ଅପରାହ୍ନ ୫ଟା
- ଶ୍ରୀମଦ୍ ଭାଗବତ କଥା, ସ୍ଥାନ: ଭଞ୍ଜନଗର ବ୍ଲକ ଯୋଗିମାରୀ, ସମୟ: ସନ୍ଧ୍ୟା ୭ଟା।
- ଶ୍ରୀମଦ୍ ଭାଗବତ କଥା, ସ୍ଥାନ: ଭଞ୍ଜନଗର ବ୍ଲକ ଲଣ୍ଡେଇସାହି ରଘୁନାଥ ମନ୍ଦିର, ସମୟ: ସନ୍ଧ୍ୟା ୭ଟା।

## କନ୍ଧମାଳ

- କୃଷକ ପ୍ରଶିକ୍ଷଣ ଶିବିର, ସ୍ଥାନ: ଖଜୁରିପଡ଼ା ବ୍ଲକ ଆଡ଼ାସିପଡା ରାଜୀବ ଗାନ୍ଧୀ ସେବାକେନ୍ଦ୍ର, ସମୟ: ପୂର୍ବାହ୍ନ ୧୧ଟା।

## ରାୟଗଡ଼ା

- ଜିଲାସ୍ତରୀୟ ନିଶାମୁକ୍ତ ଭାରତ ଅଭିଯାନ କମିଟି ବୈଠକ, ସ୍ଥାନ: ରାୟଗଡ଼ା ଜିଲାପାଳଙ୍କ କାର୍ଯ୍ୟାଳୟ ଚିନ୍ତନ କକ୍ଷ, ସମୟ: ଅପରାହ୍ନ ୩ଟା।

## କୋରାପୁଟ

- ଦୂରସଞ୍ଚାର ଉପଭୋକ୍ତା ସଚେତନତା କର୍ମଶାଳା, ସ୍ଥାନ: ସଦ୍‌ଭାବନା ସଭାଗୃହ,ସମୟ: ପୂର୍ବାହ୍ନ ୧୦ଟା।

## ନବରଙ୍ଗପୁର

- ପ୍ରିଜାଇଡିଂ ଓ ପୋଲିଂ ଅଫିସରଙ୍କ ତାଲିମ କାର୍ଯ୍ୟକ୍ରମର ଶେଷ ଦିବସ, ସ୍ଥାନ: ନବରଙ୍ଗପୁର, ସମୟ: ସକାଳ୯ଟାରୁ ଅପରାହ୍ନ ୫ଟା।

## ମାଲକାନଗିରି

- ବନାଗ୍ନି ନିୟନ୍ତ୍ରଣ ସଚେତନତା କର୍ମଶାଳା, ସ୍ଥାନ: କାଲିମେଲା ବନାଞ୍ଚଳ,ସମୟ: ପୂର୍ବାହ୍ନ ୧୧ଟା।

## ସମ୍ବଲପୁର

- ଜିଲା ପ୍ରଶାସନ ପକ୍ଷରୁ ସାଧାରଣ ନିର୍ବାଚନ ସକାଶେ ପ୍ରଶିକ୍ଷଣ ଶିବିର, ସ୍ଥାନ: ବିଏଡ୍ କଲେଜ, ସମୟ: ସକାଳ ୯ଟା।
- ଓଡ଼ିଶା ସାଂସ୍କୃତିକ ସମାଜ ପକ୍ଷରୁ ବିଶ୍ୱ ଖାଉଟି ଅଧିକାର ଦିବସ, ସ୍ଥାନ: ସ୍ୱାଧୀନତା ସଂଗ୍ରାମୀ ସ୍ମୃତି ଭବନ, ସମୟ: ସନ୍ଧ୍ୟା ୬ଟା ୩୦।

## ବଲାଙ୍ଗୀର

- ଲୋଇସିଂହା ମହାବିଦ୍ୟାଳୟରେ ଆତ୍ମରକ୍ଷା ତାଲିମ ଶିବିରର ତୃତୀୟ ଦିନ, ସ୍ଥାନ: କଲେଜ ଲେକଚରାର ହଲ, ସମୟ: ସକାଳ ୯ଟା୩୦।
- ଗଣମାଧ୍ୟମ ପ୍ରତିନିଧିଙ୍କ ସହ ଏଆଇସିସି ସଦସ୍ୟ ସମରେନ୍ଦ୍ର ମିଶ୍ରଙ୍କ ବାର୍ତ୍ତାଳାପ, ସ୍ଥାନ: ସାମ୍ବାଦିକ ଭବନ ବଲାଙ୍ଗୀର, ସମୟ: ପୂର୍ବାହ୍ନ ୧୧ଟା୪୫।

## ସୁବର୍ଣ୍ଣପୁର

- ବିଶ୍ୱଶାନ୍ତି ଛପନ ପ୍ରହର ନାମଯଜ୍ଞର ତୃତୀୟ ଦିବସ, ସ୍ଥାନ: ବୀରମହାରାଜପୁର ବ୍ଲକ କେନ୍ଦୁପାଲି ଗ୍ରାମ, ସମୟ : ସକାଳ ୬ଟା।
- ଯୁବ ବିଜେଡି ପକ୍ଷରୁ ବୀରମହାରାଜପୁରରୁ ବିନିକା ବାଇକ୍ ରାଲି, ସ୍ଥାନ: ବୀରମହାରାଜପୁର ମିନି ଷ୍ଟାଡିୟମ, ସମୟ: ସକାଳ ୮ଟା ୩୦।
- ବିନିକାକୁ ଉପଖଣ୍ଡ ମାନ୍ୟତା ଦାବିରେ ୧୦ମ ଦିନରେ ଗଣଧାରଣା, ସ୍ଥାନ: ବିନିକା ତହସିଲ ଅଫିସ ସମ୍ମୁଖ, ସମୟ: ପୂର୍ବାହ୍ନ ୧୦ଟା।

## ବରଗଡ଼

- ରାମାୟଣ ପାରାୟଣ, ସ୍ଥାନ: ଜଗନ୍ନାଥ ମନ୍ଦିର ପରିସର, ସମୟ: ସକାଳ ୯ଟା।
- ଜାବ୍ ପକ୍ଷରୁ ଧାରଣା, ସ୍ଥାନ: ଗାନ୍ଧୀ ଛକ ଗାନ୍ଧୀମୂର୍ତ୍ତି ପରିସର, ସମୟ: ସକାଳ ୯ଟା।
- ମାଉସୀ ମାଁ ମନ୍ଦିର ପ୍ରତିଷ୍ଠା ସମାରୋହ, ସ୍ଥାନ: ଭଟଲି, ସମୟ: ସକାଳ ୯ଟା।
- ଶ୍ରୀ ଶ୍ରୀ ହନୁମାନ ମନ୍ଦିର ପ୍ରତିଷ୍ଠା ସମାରୋହ, ସ୍ଥାନ: ନାଇକେନପାଲି, ଅତାବିରା, ସମୟ: ସକାଳ ୯ଟା ୩୦।
- ସଂଯୁକ୍ତ କୃଷକ ସଙ୍ଗଠନର ଧାରଣା, ସ୍ଥାନ: ମୁଖ୍ୟ ଜିଲା କୃଷି ଅଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖ, ସମୟ: ପୂର୍ବାହ୍ନ ୧୦ଟା।
- ଟିନିକଲ କର୍ମଚାରୀଙ୍କ ଧାରଣା, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖ, ସମୟ: ପୂର୍ବାହ୍ନ ୧୦ଟା।

## ରାଉରକେଲା

- ମିନତୀ ଚୌଧୁରୀଙ୍କ ପୁଣ୍ୟତିଥି ପାଳନ, ସ୍ଥାନ: ଜଗଦା, ସମୟ: ପୂର୍ବାହ୍ନ ୧୦ଟା।
- ମାନବିକତା ପରିବାରର ଭୂମିଷ୍ଠ ପ୍ରଣାମ କାର୍ଯ୍ୟକ୍ରମ, ସ୍ଥାନ: ଭଞ୍ଜଭବନ ପ୍ରେକ୍ଷାଳୟ, ସମୟ: ପୂର୍ବାହ୍ନ ୧୦ଟା।
- ବସ୍ତି ସମସ୍ୟା ନେଇ ଫେରାଦ, ସ୍ଥାନ: ଉଦିତନଗର, ସମୟ: ପୂର୍ବାହ୍ନ ୧୧ଟା ୩୦।
- ସ୍ୱରରାଗିଣୀ ପକ୍ଷରୁ ମହିଳା ଦିବସ, ସ୍ଥାନ: ସେକ୍ଟର-୨୦, ସମୟ: ଅପରାହ୍ନ ୩ଟା।
- ବିଶ୍ୱ ଉପଭୋକ୍ତା ଅଧିକାର ଦିବସ, ସ୍ଥାନ: ଉଦିତନଗର, ସମୟ: ଅପରାହ୍ନ ୩ଟା।

## ଦେବଗଡ଼

- ନିର୍ବାଚନ ପରିଚାଳନାରେ ପୋଲିସର ଭୂମିକା ସମ୍ପର୍କିତ ତାଲିମ ଶିବିର, ସ୍ଥାନ: ପୋଲିସ ରିଜର୍ଭ, ସମୟ: ସକାଳ ୭ଟା୩୦।
- ବିଶ୍ୱ ଉପଭୋକ୍ତା ଅଧିକାର ଦିବସ,ସ୍ଥାନ: ଜିଲା ପରିଷଦ ସମ୍ମିଳନୀ ହଲ୍ ,ସମୟ: ପୂର୍ବାହ୍ନ ୧୦ଟା।
- ବୈଜ୍ଞାନିକ ପଦ୍ଧତିରେ ମହୁମାଛି ପାଳନ ଶିବିର, ସ୍ଥାନ: ଦେବଗଡ଼ କୃଷି ବିଜ୍ଞାନ କେନ୍ଦ୍ର,ସମୟ: ପୂର୍ବାହ୍ନ ୧୧ଟା।
- କଂଗ୍ରେସ ପକ୍ଷରୁ ବୈଠକ, ସ୍ଥାନ: ବାରକୋଟ ବ୍ଲକ ସରୁଆଲି,ସମୟ: ପୂର୍ବାହ୍ନ ୧୧ଟା।

## କଳାହାଣ୍ଡି

- ଭାରତୀୟ ମୁକ୍ତି ମୋର୍ଚ୍ଚାର ସମାବେଶ, ସ୍ଥାନ: ଭବାନୀପାଟଣା ଟାଉନ ହଲ, ସମୟ: ପୂର୍ବାହ୍ନ ୧୦ଟା।
- ଓୟୁଜେ ସଂଘ ପକ୍ଷରୁ ସାମାଜିକ ସୁରକ୍ଷା, ପେନସନ ଦାବିରେ କଳାବ୍ୟାଜ୍ ପିନ୍ଧି ବିକ୍ଷୋଭ, ସ୍ଥାନ: ଭବାନୀପାଟଣା ଜିଲାପାଳଙ୍କ ଅଫିସ ସମ୍ମୁଖ, ସମୟ: ପୂର୍ବାହ୍ନ ୧୧ଟା।
- ପଞ୍ଚମ ଜୁନାଗଡ଼ ଟ୍ରଫି ଉଦ୍‌ଘାଟିତ, ସ୍ଥାନ: ଜୁନାଗଡ଼ ବିଜୁ ପଟ୍ଟନାୟକ ଷ୍ଟାଡିୟମ, ସମୟ: ଅପରାହ୍ନ ୪ଟା।

## ନୂଆପଡ଼ା

- ଉଦନ୍ତୀ ମହୋତ୍ସବ ଉଦ୍‌ଘାଟନୀ, ସ୍ଥାନ: ସିନାପାଲି ଉଚ୍ଚ ବିଦ୍ୟାଳୟ ଖେଳ ପଡ଼ିଆ, ସମୟ: ପୂର୍ବାହ୍ନ ୧୦ଟା।

## ବୌଦ୍ଧ

- କଣ୍ଟାମାଳ ବ୍ଲକ ଘଣ୍ଟାପଡା ପଞ୍ଚାୟତର ବଘିଆ ଗ୍ରାମରେ ଷୋହଳ ପ୍ରହର ନାମଯଜ୍ଞ, ସ୍ଥାନ: ବଘିଆ ଗ୍ରାମମଣ୍ଡପ କୁଞ୍ଜଘର,ସମୟ: ସକାଳ ୯ଟା।
- ବୌଦ୍ଧରେ ବିଶ୍ୱ ଖାଉଟି ଅଧିକାର ଦିବସ, ସ୍ଥାନ: ମିଶନ ଶକ୍ତି ଗୃହ ମୁରୁସୁଣ୍ଡି, ସମୟ: ପୂର୍ବାହ୍ନ ୧୧ଟା।
- କଣ୍ଟାମାଳ ବ୍ଲକ ଘଣ୍ଟାପଡାରେ ଦୋଳ ପୂର୍ଣ୍ଣିମା ଅବସରରେ ହରିହର ଭେଟ ଉତ୍ସବ ନେଇ ପ୍ରସ୍ତୁତି ବୈଠକ, ସ୍ଥାନ: ଘଣ୍ଟାପଡା ଶ୍ରୀରାମ ଲୀଳାମଣ୍ଡପ, ସମୟ : ସନ୍ଧ୍ୟା ୭ଟା।

## ଅନୁଗୋଳ

- ସାଧାରଣ ନିର୍ବାଚନ ପାଇଁ ପ୍ରଶିକ୍ଷଣ, ସ୍ଥାନ: ଜିଲା କାର୍ଯ୍ୟାଳୟ, ଅନୁଗୋଳ, ସମୟ: ସକାଳ ୯ ଟା।
- ନିର୍ବାଚନ ପରିଚାଳନା ଅଧିକାରୀଙ୍କ ପ୍ରଶିକ୍ଷଣ, ସ୍ଥାନ: ପିଟିସି ହାଇସ୍କୁଲ ଓ ଅନୁଗୋଳ ହାଇସ୍କୁଲ, ସମୟ: ପୂର୍ବାହ୍ନ ୧୦ଟା।
- ତାଳଚେର ବିଧାୟକଙ୍କ ଦ୍ୱାରା ଫ୍ରିଜର ପ୍ରଦାନ, ସ୍ଥାନ: ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଳୟ, ସମୟ: ପୂର୍ବାହ୍ନ ୧୦ଟା।
- ଉତ୍କଳ ସାମ୍ବାଦିକ ସଂଘର ୬ ଦଫା ଦାବି ସମ୍ବଳିତ ପତ୍ର ପ୍ରଦାନ, ସ୍ଥାନ: କଣିହାଁ ବ୍ଲକ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା ୩୦।
- ସଡ଼କ ସୁରକ୍ଷା କମିଟି ବୈଠକ, ସ୍ଥାନ: ଜିଲାପାଳଙ୍କ ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୦ଟା ୩୦।
- ସେକ୍ଟର ଅଧିକାରୀଙ୍କ ପ୍ରଶିକ୍ଷଣ, ସ୍ଥାନ: ଜିଲା କାର୍ଯ୍ୟାଳୟ, ଅନୁଗୋଳ, ସମୟ:ମଧ୍ୟାହ୍ନ ୧୨ଟା।
- ରାଜ୍ୟସ୍ତରୀୟ ନିମନ୍ତ୍ରଣ ବ୍ୟାଡ୍‌ମିଣ୍ଟନ ଟୁର୍ନାମେଣ୍ଟ ଉଦ୍‌ଘାଟନ, ସ୍ଥାନ: ଅନୁଗୋଳ ଷ୍ଟାଡିୟମ, ସମୟ: ଅପରାହ୍ନ ୩ଟା।

## ଜଗତ୍‌ସିଂହପୁର

- ଏନ୍‌ଏସି ମାନ୍ୟତା ଦାବିରେ ବାଲିକୁଦା ଜନ ସଚେତନ ମହାମଞ୍ଚ ତରଫରୁ ୧୨ ଘଣ୍ଟିଆ ଶାନ୍ତିପୂର୍ଣ୍ଣ ବନ୍ଦ ପାଳନ, ସ୍ଥାନ: ବାଲିକୁଦା ବଜାର ସମେତ ବିଭିନ୍ନ ସ୍ଥାନ, ସମୟ : ସକାଳ ୬ଟାରୁ ସନ୍ଧ୍ୟା ୬ଟା।
- ୩ ଦିନ ବ୍ୟାପି ନବନିର୍ମିତ ଶନି ମନ୍ଦିରରେ ବିଗ୍ରହ ପ୍ରତିଷ୍ଠା ଉତ୍ସବ, ସ୍ଥାନ: ରଘୁନାଥପୁର ବ୍ଲକ ତାରପୁର ବାନାମ୍ବର ମହାଦେବ ଘାଟ, ସମୟ: ସକାଳ ୭ଟା।
- ସ୍ୱାଧୀନତା ସଂଗ୍ରାମୀ ମାଳତୀ ଚୌଧୁରୀଙ୍କ ଶ୍ରାଦ୍ଧ ବାର୍ଷିକୀ ପାଳନ, ସ୍ଥାନ: ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ପରିସର, ସମୟ: ପୂର୍ବାହ୍ନ ୧୦ଟା।
- ଖାଉଟି ସୁରକ୍ଷା ଅଭିଯାନ ତରଫରୁ, ଖାଉଟି ସୁରକ୍ଷା କର୍ମଶାଳା, ସ୍ଥାନ: ଆନନ୍ଦ ମଣ୍ଡପ ପରିସର, ତିର୍ତ୍ତୋଲ, ସମୟ: ଅପରାହ୍ନ ୩ଟା।
- ୩ ଦିନ ବ୍ୟାପି ଅଷ୍ଟପ୍ରହର ନାମଯଜ୍ଞ ଓ ନଗର କୀର୍ତ୍ତନ, ସ୍ଥାନ: ରଘୁନାଥପୁର ବ୍ଲକ ଗୋକୁଳପୁର ମଲ୍ଲିକେଶ୍ୱରୀ ମନ୍ଦିର ପ୍ରାଙ୍ଗଣ, ସମୟ: ସନ୍ଧ୍ୟା ୬ଟା।

## ନୟାଗଡ଼

- ରତନପୁର ଡ୍ରେନର ଶିଳାନ୍ୟାସ, ସ୍ଥାନ: ନୟାଗଡ଼ ରତନପୁର, ସମୟ: ସକାଳ ୭ଟା ।
- ରତନପୁର ଡ୍ରେନର ଶିଳାନ୍ୟାସ, ସ୍ଥାନ:ନୟାଗଡ଼ ସହରର ମନୁଆ ମିଶ୍ର କଲୋନୀ, ସମୟ: ସକାଳ ୯ଟା ।
- କଲ୍ୟାଣ ମଣ୍ଡପ ଉଦ୍‌ଘାଟନ, ସ୍ଥାନ:ନୟାଗଡ଼ ବ୍ଲକ୍ ନଡିଆଲି ପଞ୍ଚାୟତ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।
- ବିଶ୍ୱ ଗ୍ରାହକ ଅଧିକାର ଦିବସ, ସ୍ଥାନ: ଜିଲାପାଳଙ୍କ ସଦ୍‌ଭାବନା ସଭାକକ୍ଷ, ସମୟ: ପୂର୍ବାହ୍ନ ୧୧ଟା।
- ଭାରତ ବିକାଶ ପରିଷଦ ପକ୍ଷରୁ ବିଡ଼ି ଶ୍ରମିକଙ୍କ ଆନ୍ଦୋଳନ, ସ୍ଥାନ:ଖଣ୍ଡପଡ଼ା ବ୍ଲକ ସମ୍ମୁଖ, ସମୟ: ପୂର୍ବାହ୍ନ ୧୧ଟା।
- ନାଟ୍ୟ ନିର୍ଦ୍ଦେଶକ ସଂଘ ଗୃହ ଉଦ୍‌ଘାଟନ, ସ୍ଥାନ: ନୟାଗଡ଼ ବ୍ଲକର ଲଡୁକେଶ୍ୱରପୁର, ସମୟ: ମଧ୍ୟାହ୍ନ ୧୨ଟା।
- ବଚପନ ପ୍ଲେ ସ୍କୁଲର ବାର୍ଷିକ ଉତ୍ସବର ଉଦ୍‌ଘାଟନ ଦିବସ, ସ୍ଥାନ: ପଠାଣୀ ସାମନ୍ତ ଜିଲା ସଂସ୍କୃତି ଭବନ,ନୟାଗଡ, ସମୟ: ଅପରାହ୍ନ ୫ଟା।
- ଅଡିଟୋରିୟମ ଫାଟକ ଉଦ୍‌ଘାଟନ, ସ୍ଥାନ: ନୟାଗଡ଼ ଅଡିଟୋରିୟମ, ସମୟ: ସନ୍ଧ୍ୟା ୭ଟା।
- ନୟାଗଡ଼ ଜିଲା କେନ୍ଦ୍ର ସମବାୟ ବ୍ୟାଙ୍କ ଫାଟକ ଉଦ୍‌ଘାଟନ, ସ୍ଥାନ: ନୟାଗଡ଼ ଜିଲା କେନ୍ଦ୍ର ସମବାୟ ବ୍ୟାଙ୍କ, ସମୟ: ସନ୍ଧ୍ୟା ୭ଟା ୧୫।

## କେନ୍ଦ୍ରାପଡ଼ା

- ନିର୍ବାଚନ ପରିଚାଳନା ପ୍ରଶିକ୍ଷଣ ଶିବିର, ସ୍ଥାନ: ଶ୍ରୀଶ୍ରୀ ଜଗନ୍ନାଥ ମହାବିଦ୍ୟାଳୟ, ରାଜନଗର, ସମୟ: ପୂର୍ବାହ୍ନ ୧୦ଟା।
- ବିଜେଡି ପକ୍ଷରୁ ମହିଳା ସମାବେଶ, ସ୍ଥାନ: ନିଆଳ, ଆଳି, ସମୟ: ପୂର୍ବାହ୍ନ ୧୦ଟା।
- ରୁଦ୍ର ମହାଯଜ୍ଞ ଓ ବାର୍ଷିକୋତ୍ସବ, ସ୍ଥାନ: ମାଳପାଟଣା, ଆଳି, ସମୟ: ସନ୍ଧ୍ୟା ୬ଟା।

## ଯାଜପୁର

- ଅଷ୍ଟପ୍ରହର ନାମଯଜ୍ଞ, ସ୍ଥାନ: ଧର୍ମଶାଳା ବ୍ଲକ କଣିପାଟିଆ ଗ୍ରାମ ଅଷ୍ଟପ୍ରହରୀ ମଣ୍ଡପ, ସମୟ: ସକାଳ ୬ଟା।
- ନୀଳାଚଳ ବାସଚ୍ୟୁତ କମିଟି ପକ୍ଷରୁ ଧାରଣା, ସ୍ଥାନ:ନୀଳାଚଳ କାରଖାନା ସମ୍ମୁଖ, ସମୟ:ସକାଳ ୭ଟା ।
- ଭୀମ ଆର୍ମି ପକ୍ଷରୁ ବାସଚ୍ୟୁତଙ୍କ ଧାରଣାର ୪ର୍ଥ ଦିନ, ସ୍ଥାନ:କଳିଙ୍ଗନଗର ଟାଟା ଷ୍ଟିଲ କାରଖାନା ସମ୍ମୁଖ, ସମୟ:ସକାଳ ୭ଟା ।
- ଜିଲା ପ୍ରଶାସନ ପକ୍ଷରୁ ମହାବାରୁଣୀ ମେଳା ଆୟୋଜନ ପାଇଁ ପ୍ରସ୍ତୁତି ବୈଠକ, ସ୍ଥାନ: ଜିଲା ସମ୍ମିଳନୀ କକ୍ଷ, ଯାଜପୁର, ସମୟ : ଅପରାହ୍ନ ୪ଟା।
- ବ୍ୟାସନଗର ପ୍ରିମିୟର ଲିଗ୍, ସ୍ଥାନ:ଯାଜପୁର ରୋଡ ଏନ୍‌ସି ହାଇସ୍କୁଲ ପଡ଼ିଆ, ମ୍ୟାଚ୍: ମା' ହିଙ୍ଗୁଳା ଏମ୍‌ଏସ୍‌ସିସି ବନାମ ଯାଜପୁର ରୋଡ ମା' ଦୁର୍ଗା ୱାରିୟର୍ସ, ସମୟ: ଅପରାହ୍ନ ୩ଟା୩୦, ମ୍ୟାଚ୍: ଡୁବୁରୀ ଫାଇଟର ବନାମ ଉମାପଦା ରାଇଜିଂ ଇଲେଭେନ, ସମୟ: ସନ୍ଧ୍ୟା ୭ଟା।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଦକ୍ଷତା ଓ ସଙ୍କୋଚତା ହେତୁ କର୍ମକ୍ଷେତ୍ରରେ ପ୍ରାଧାନ୍ୟତା ଅକ୍ଷୁଣ୍ଣ ରହିବ। ଇଚ୍ଛା ନ ଥିଲେ ମଧ୍ୟ ପରିସ୍ଥିତିରେ ପଡ଼ି କେତେକ କାମ କରିବାକୁ ବାଧ୍ୟ ହେବେ। ଅଶ୍ୱିନୀ ନକ୍ଷତ୍ର ଅନ୍ୟଦ୍ୱାରା ପ୍ରେରିତ ହୋଇ ଦୂରସ୍ଥାନକୁ ଯାତ୍ରା କରିପାରନ୍ତି। ଆନୁଷ୍ଠାନିକ କାମରେ ଆଦର ଅଭ୍ୟର୍ଥନା ମିଳିବ ଏବଂ ସବୁରି ସ୍ନେହ ଶ୍ରଦ୍ଧା ଅବଶ୍ୟ ପାଇବେ।

**ବୃଷ** ଆଜିର ପ୍ରତ୍ୟୁଷ ଯାତ୍ରା, ବାଣିଜ୍ୟ, ପ୍ରତିଦ୍ୱନ୍ଦ୍ୱିତା, ସ୍ତ୍ରୀ ସମ୍ପର୍କରେ ଉନ୍ନତ ଫଳ ଆଶା କରିପାରନ୍ତି। କୃତ୍ତିକା ନକ୍ଷତ୍ରର ଭୁଲ୍ ବୁଝାମଣା କାରଣରୁ ପାରିବାରିକ ପରିସ୍ଥିତି ଗୋଳମାଳିଆ ରହିବ। ବେପରୁଆ କାର୍ଯ୍ୟକଳାପ ନିମନ୍ତେ ଉଚ୍ଚବର୍ଗଙ୍କଠାରୁ ସମାଲୋଚିତ ହୋଇପାରନ୍ତି। ଅନ୍ୟର ଭଲ ସକାଶେ ନିଜକୁ ଉତ୍ତରଦାୟୀ କରିପାରନ୍ତି।

**ମିଥୁନ** ମୃଗଶିରା ନକ୍ଷତ୍ର ସକାଶେ ଆଜିର ସମୟଟି ବୃଥା ଭ୍ରମଣ ଓ ଅଯଥା ଖର୍ଚ୍ଚାନ୍ତ ମଧ୍ୟରେ ଅତିବାହିତ ହେବ। ଅଭାବ ଅସୁବିଧା ଲାଗିରହିଥିଲେ ମଧ୍ୟ କୌଣସି କାମ ଅଟକିବ ନାହିଁ। ପ୍ରତ୍ୟୁଷ ଯାତ୍ରାରେ ସଫଳତା ପାଇବେ କିନ୍ତୁ ନୀଚ ଜାତିର ବ୍ୟକ୍ତିଙ୍କ ସହ କଳହ ଲାଗିପାରେ। ପରୋକ୍ଷ ଶତ୍ରୁତା ଓ ଈର୍ଷାପରାୟଣ ବ୍ୟକ୍ତିଙ୍କ ଦ୍ୱାରା ତିରସ୍କୃତ ହୋଇପାରନ୍ତି।

**କର୍କଟ** ଏକାଦଶସ୍ଥ ଚନ୍ଦ୍ର ହେତୁ ମନୋବଳ ବୃଦ୍ଧି ପାଇବ। ଆଶା ପୂରଣ ହେବା ନେଇ ନିଶ୍ଚିତ ରହିବେ। ଅଶ୍ଳେଷା ନକ୍ଷତ୍ର ପାଇଁ କିଛି ସୁବିଧା ସାଙ୍ଗକୁ କିଛି ଅସୁବିଧା ରହିଥିବାରୁ ଦ୍ୱନ୍ଦ୍ୱ ଭିତର ଦେଇ ଗତିକରିବେ। ପାରିବାରିକ କ୍ଷେତ୍ରରେ ଉତ୍ତମ ବୁଝାମଣାଜନିତ ଜୀବନଯାତ୍ରା ମଧୁମୟ ହେବ। କର୍ମକ୍ଷେତ୍ରରେ ପ୍ରଶଂସିତ ହେବେ ଓ ଫାଇଲ୍ କାମରେ ନିମଗ୍ନ ରହିବେ।

**ସିଂହ** ନିଜ ଲୋକଙ୍କ ଭୁଲ୍ ଯୋଗୁ ମୁଣ୍ଡ ନୁଆଁଇବାକୁ ପଡ଼ିପାରେ। ଭିତରେ ରାଗରେ ଜଳୁଥିଲେ ମଧ୍ୟ ଉପରେ କିଛି କହିବାକୁ ସାହସ କରିପାରିବେ ନାହିଁ। କର୍ମକ୍ଷେତ୍ରରେ ନିଜ ଦକ୍ଷତାରୁ ଉଚ୍ଚ ସମ୍ମାନ ପାଇବେ ଏବଂ ବୁଦ୍ଧିଜୀବୀଙ୍କ ସାନ୍ନିଧ୍ୟରେ ଆସିବେ। ପୂର୍ବା ଫାଲ୍‌ଗୁନୀ ନକ୍ଷତ୍ର ଛୋଟ ଛୋଟ କାମ ହାତକୁ ନେଲେ ଦ୍ୱନ୍ଦ୍ୱରେ ପଡ଼ିପାରନ୍ତି।

**କନ୍ୟା** ଆଜି ହସ୍ତା ନକ୍ଷତ୍ର ସକାଶେ ଦିନଟି ସାମଗ୍ରିକ ଦୃଷ୍ଟିକୋଣରୁ ବହୁତ ଭଲ ରହିବ। କୌଣସି ବନ୍ଧୁ ଆର୍ଥିକ ସମସ୍ୟାକୁ ସୁଧାରିନେବେ। ପାରିବାରିକ ପ୍ରତିକୂଳ ପରିସ୍ଥିତି ଯୋଗୁ ଚିନ୍ତା କରିଥିବା କାମଗୁଡ଼ିକ ଠିକ୍‌ଭାବେ ସମ୍ପୂର୍ଣ୍ଣ ନ ହୋଇପାରେ। ପ୍ରତ୍ୟେକ କ୍ଷେତ୍ରରେ ସାମାନ୍ୟ ଅସୁବିଧା ଥିବାର ଅନୁଭବ କରିବେ।

**ତୁଳା** ବନ୍ଧୁଗହଣରେ ଖୁସି ଗପ ଓ ମଉଜ ମଜଲିସ୍ ପାଇଁ ମନ ବଳିବ। କଚେରି ମାମଲାର ଶୁଣାଣି ବିଳମ୍ବରେ ଘଟିବା କାରଣକୁ ନେଇ ବ୍ୟସ୍ତତା ବୃଦ୍ଧି ପାଇପାରେ। କାର୍ଯ୍ୟବ୍ୟସ୍ତତା ଯୋଗୁ ଅବସର ପାଇବେ ନାହିଁ କିମ୍ବା ଖାଦ୍ୟପେୟରେ ମଧ୍ୟ ଠିକ୍ ରହିବ ନାହିଁ। ସ୍ୱାତୀ ନକ୍ଷତ୍ର ପାଇଁ ପାରିବାରିକ ସମସ୍ୟା ଦୁଶ୍ଚିନ୍ତାର କାରଣ ହେବ।

**ବିଛା** ଝିନ୍‌ଝଟ୍ ମଧ୍ୟରେ ସମୟ ଚାଲୁଥିବାରୁ ମାନସିକ ଶାନ୍ତି ଦୁରୂହ ହୋଇପାରେ। ସବୁ ଥାଇ ମଧ୍ୟ କିଛି ନ ଥିଲା ଭଳି ପରିସ୍ଥିତି ଭିତରେ ଗତିକରିବେ। ମିଥ୍ୟାପବାଦରେ ନିନ୍ଦିତ ହୋଇପାରନ୍ତି। ସମସ୍ତଙ୍କୁ ସରଳ ଭାବେ ଗ୍ରହଣ କରିବା ଅସୁବିଧାର କାରଣ ହେବ। ତଥାପି ଅନୁରାଧା ସକାଶେ ସମ୍ପର୍କୀୟ ଜଣେ ବନ୍ଧୁ ସାହାଯ୍ୟର ପ୍ରତିଶ୍ରୁତି ଦେଇପାରନ୍ତି।

**ଧନୁ** ସମସ୍ୟାବହୁଳ କର୍ମକ୍ଷେତ୍ର ଓ ପାରିବାରିକ ପରିସ୍ଥିତି ମନକୁ ଅସ୍ଥିର କରିପାରେ। ପ୍ରତ୍ୟେକ କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେବା ପୂର୍ବରୁ ପରିବାର ସହ ଆଲୋଚନା କଲେ ଭଲ। ଆଜିର ଯାତ୍ରା ସମୟରେ ଅପରିଚିତ ବ୍ୟକ୍ତି ଜଣକ ସକାଶେ ବ୍ୟସ୍ତତା ବଢ଼ିବ। ଉତ୍ତରାଷାଢ଼ା ନକ୍ଷତ୍ର ସକାଶେ ସାମାଜିକ କାମରେ ପ୍ରଶଂସା ମିଳିବ।

**ମକର** ବିବାଦୀୟ ପରିସ୍ଥିତି ଲାଗି ରହିଲେ ମଧ୍ୟ କାମ ହାସଲରେ ଅସୁବିଧା ହେବନାହିଁ। ଶ୍ରବଣା ନକ୍ଷତ୍ର କାମ ପୂର୍ଣ୍ଣାଙ୍ଗ କରିବା କଷ୍ଟକର ହୋଇପାରେ। ଆବଶ୍ୟକତା ପୂରଣ ଲାଗି କରଜ କରିବାକୁ ବାଧ୍ୟହେବେ। ପ୍ରତ୍ୟେକ କ୍ଷେତ୍ରରେ ନିଜର ସୀମା ଭିତରେ ଜଗିରଖି ଚଳିବା ଭଲହେବ, ନଚେତ୍ କଳହ ଭିତରକୁ ଟାଣି ହୋଇପାରନ୍ତି।

**କୁମ୍ଭ** ସ୍ୱାସ୍ଥ୍ୟ ସମସ୍ୟା ସୁଧୁରିଯିବାରୁ ଆଶ୍ୱସ୍ତି ମିଳିପାରେ। ଶତଭିଷା ନକ୍ଷତ୍ର ସକାଶେ କର୍ମକ୍ଷେତ୍ରରେ ସୁଯୋଗ ଆପଣାଛାଏଁ ଆସିବ ଏବଂ ଯାହା ଓ ଯେତିକି ପାଇବା କଥା ପାଇବେ। ବାଣିଜ୍ୟ, ବ୍ୟବସାୟ ଓ ପରିବହନରେ ପ୍ରତିଯୋଗିତା ମନୋଭାବ ଉପୁଜିପାରେ। ସାମାଜିକ ସ୍ତରରେ ଅଯଥା ମୂଲ୍ୟହୀନ କଥାକୁ ଗୁରୁତ୍ୱ ଦେଇ ଶୋକାକୁଳ ରହିପାରନ୍ତି।

**ମୀନ** ସମସ୍ୟା ମଧ୍ୟରେ କାଳାତିପାତ କରିବା ହେତୁ ମାନସିକସ୍ତରରେ ସମ୍ପୂର୍ଣ୍ଣ ସୁସ୍ଥତା ରହିବ ନାହିଁ। ମିତ୍ରଙ୍କ ସାହାଯ୍ୟରୁ ଅଟକି ରହିଥିବା କାମ ସମ୍ପୂର୍ଣ୍ଣ ହୋଇଯିବ ମାତ୍ର କଠିନ ପରିଶ୍ରମ କରିବାକୁ ପଡ଼ିପାରେ। ବାସ୍ତବବାଦୀ ଚିନ୍ତାଧାରା ହେତୁ ଅନ୍ୟମାନଙ୍କ ସହ କମ୍ ସମ୍ପର୍କଜନିତ ସମାଲୋଚିତ ହୋଇପାରନ୍ତି। ଆନୁଷ୍ଠାନିକ କାମରେ ପ୍ରଶଂସିତ ହେବେ।

ଆଜି ମାର୍ଚ୍ଚ ୧୫ ତାରିଖ, ବିଶ୍ୱ ଖାଉଟି ଅଧିକାର ଦିବସ, ଫାଲ୍‌ଗୁନ ଶୁକ୍ଳ ଷଷ୍ଠୀ ଶୁକ୍ରବାର, ରାଶି ନକ୍ଷତ୍ର-କୃତ୍ତିକା/ବୃଷ, ଷଷ୍ଠୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଦିବା ଘ.୦୫।୫୮ମି. ଗତେ ଘ.୦୬।୪୬ମି. ମଧ୍ୟେ, ଘ.୦୭।୩୩ମି. ଗତେ ଘ.୦୮।୫୭ମି. ମଧ୍ୟେ ଶୁଦ୍ଧ ଶୁଭବେଳା। ଦିବା ଘ.୧୦।୨୬ମି. ଗତେ ଘ.୧୧।୫୫ମି. ମଧ୍ୟେ ରାହୁକାଳ।

# ବାଳ ଶ୍ରମିକଙ୍କୁ ଚେଙ୍କ

**ଚାନ୍ଦବାଲି,୧୪।୩(କିଷାନ ପାତ୍ର)**

ଭଦ୍ରକ ଜିଲା ଚାନ୍ଦବାଲି ସହରର ଏକ ଫାଷ୍ଟଫୁଡ୍ ଦୋକାନରେ କାର୍ଯ୍ୟରତ ଜଣେ ବାଳ ଶ୍ରମିକଙ୍କୁ ମାଲିକ ମାଡ଼ ମାରିବା ସହ ଚେଙ୍କ ଦେଇଛନ୍ତି। ବୁଧବାର ରାତିରେ ଏହି ଘଟଣା ଘଟିଛି। ଗୁରୁବାର ନାବାଳକଜଣକ ଚାନ୍ଦବାଲି-ରାଜକନିକା ମୁଖ୍ୟ ରାସ୍ତାରେ କାନ୍ଦି କାନ୍ଦି ନିଜ ଗାଁକୁ ଯାଉଥିବା ବେଳେ କେତେଜଣ ଯୁବକ ତାଙ୍କୁ ଉଦ୍ଧାର କରି ପ୍ରଥମେ ଚିକିତ୍ସା କରାଇବା ସହ ଥାନାରେ ଏତଲା ଦେଇଛନ୍ତି। ଅଭିଯୋଗ ଆଧାରରେ ପୋଲିସ ଘଟଣାର ତଦନ୍ତ ଚଳାଇଛି। ସୂଚନା ଅନୁଯାୟୀ, ମାହାଙ୍ଗା ଥାନା ଅଧୀନ ଗୋପାଳପୁର ଗାଁର ୧୪ ବର୍ଷୀୟ ନାବାଳକଙ୍କୁ ଫାଷ୍ଟଫୁଡ୍ ଦୋକାନରେ କାମ କରିବା ପାଇଁ ମାଲିକ ରଖିଥିଲେ। କିଛିଦିନ ତଳେ କାମ ଠିକ୍‌ରେ କରୁ ନ ଥିବା କହି ଦୋକାନୀ ତାଙ୍କୁ ମାଡ଼ ମାରିବା ସହ ଏକ ଲୁହାରଡ୍‌କୁ ଗରମ କରି ଚେଙ୍କ ଦେଇଥିଲେ। ଅସୁସ୍ଥ ହେବାରୁ ତାଙ୍କୁ ଚାନ୍ଦବାଲି ମେଡିକାଲରେ ଭର୍ତ୍ତି କରି ଚିକିତ୍ସା କରାଇଥିଲେ। କାମ କରିଥିବା ୨୫ ଦିନର ପାଉଣା ବୁଧବାର ମାଗିବାରୁ ଦୋକାନୀ ପୁନର୍ବାର ତାଙ୍କୁ ମାଡ଼ ମାରିବା ସହ ଚେଙ୍କ ଦେଇଥିବା ନାବାଳକ ଜଣକ କହିଛନ୍ତି।

# ଏମ୍ସକୁ ଏସିଆ ସେଫ୍ ସର୍ଜିକାଲ ଇମ୍ପ୍ଲାଣ୍ଟ କନ୍‌ସୋର୍ଟିୟମ ପୁରସ୍କାର

**ଭୁବନେଶ୍ୱର,୧୪।୩ (ଶର୍ମିଷ୍ଠା ପାଣିଗ୍ରାହୀ)**

ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ (ଡବ୍ଲ୍ୟୁଏଚଓ) ପକ୍ଷରୁ ଏମ୍ସ ଭୁବନେଶ୍ୱରକୁ ମର୍ଯ୍ୟାଦାଜନକ ଏସିଆ ସେଫ୍ ସର୍ଜିକାଲ ଇମ୍ପ୍ଲାଣ୍ଟ କନ୍‌ସୋର୍ଟିୟମ୍ କ୍ୟୁଆଇପି ପୁରସ୍କାର ୨୦୨୩ ମିଳିଛି। ହସ୍ପିଟାଲରେ ବ୍ୟବହୃତ ବିଭିନ୍ନ ଯାନ୍ତ୍ରିକ ଉପକରଣର ଗୁଣବତ୍ତା ଏବଂ ପ୍ରତିରୋପଣ ପ୍ରକ୍ରିୟାକରଣକୁ ନେଇ ହେଉଥିବା ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ପ୍ରତିବର୍ଷ ଏହି ପୁରସ୍କାର ଦିଆଯାଉଛି। ହସ୍ପିଟାଲର ସେଣ୍ଟ୍ରାଲ ଷ୍ଟେରାଇଲ ସେବା ବିଭାଗ (ସିଏସ୍ଏସ୍‌ଡି)ରେ ବିଭିନ୍ନ ଯନ୍ତ୍ର ଏବଂ ପ୍ରତିରୋପଣର ପୁନଃ ପ୍ରକ୍ରିୟାକରଣ ପାଇଁ ସର୍ବୋଚ୍ଚ ମାନ ନିର୍ଦ୍ଧାରଣ ଏବଂ ତଦାରଖ କରିବାର ପ୍ରକ୍ରିୟା ସ୍ୱରୂପ ଏମ୍ସକୁ ଏଥିପାଇଁ ଚୟନ କରାଯାଇଛି। ଏହି ପ୍ରକ୍ରିୟାରେ ଏସିଆ ମହାଦେଶରୁ ୨୮ ସୁପ୍ରତିଷ୍ଠିତ ସ୍ୱାସ୍ଥ୍ୟ ପ୍ରତିଷ୍ଠାନ ଅଂଶଗ୍ରହଣ କରିଥିଲେ। ମାତ୍ର ଏମ୍ସ ଭୁବନେଶ୍ୱର ସର୍ବୋତ୍ତମ ଡାକ୍ତରଖାନା ଭାବେ ପ୍ରଥମ ସ୍ଥାନ ଅଧିକାର କରିଛି। ଏମ୍ସ ଭୁବନେଶ୍ୱରର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଡ. ଆଶୁତୋଷ ବିଶ୍ୱାସଙ୍କ ସମେତ ମେଡିକାଲ ଅଧୀକ୍ଷକ, ଓଟି କମିଟି



**ଏସିଆର ୨୮ ପ୍ରତିଷ୍ଠିତ ସ୍ୱାସ୍ଥ୍ୟ ପ୍ରତିଷ୍ଠାନ ମଧ୍ୟରେ ପ୍ରଥମ ସ୍ଥାନରେ ଭୁବନେଶ୍ୱର ଏମ୍ସ**

ଅଧ୍ୟକ୍ଷ, ଡିନ୍ ଅଧ୍ୟାପକ, ଅଧ୍ୟାପିକା, ସିଏସଏସ୍‌ଡିର କର୍ମଚାରୀ, ବିଭିନ୍ନ ଓଟିର ନର୍ସିଂ ଇନ୍ ଚାର୍ଜ ଏବଂ ସଂକ୍ରମଣ ନିୟନ୍ତ୍ରଣ କମିଟିର ସଦସ୍ୟମାନେ ପୁରସ୍କାର ଗ୍ରହଣ କରିଥିଲେ। ଭର୍ଚୁଆଲରେ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ପକ୍ଷରୁ ପ୍ରଫେସର ସେଟୋ ୱିଙ୍ଗ ହଙ୍ଗ, ପାଟ୍ରିସିଆ ସିଙ୍ଗଙ୍କ ସମେତ ବହୁ ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ।




# ବଣ୍ଡ୍ ତଥ୍ୟ ସାର୍ବଜନୀନ ହେଲା

**ନୂଆଦିଲ୍ଲୀ,୧୪।୩ (ପି.ଟି.)**

## ସର୍ବାଧିକ ୧,୩୬୮ କୋଟିର ବଣ୍ଡ୍ କିଣିଛି ଫିଉଚର ଗେମିଂ ଆଣ୍ଡ ହୋଟେଲ ସର୍ଭିସେସ୍ ପିଆର୍

ନିର୍ବାଚନ କମିଶନ (ଇସି) ଗୁରୁବାର ଇଲେକ୍ଟୋରାଲ ବଣ୍ଡ୍ ତଥ୍ୟ ସାର୍ବଜନୀନ କରିଛନ୍ତି। ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶକ୍ରମେ ଷ୍ଟେଟ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ (ଏସ୍‌ବିଆଇ) ଗତ ୧୨ ତାରିଖରେ ଇଲେକ୍ଟୋରାଲ ବଣ୍ଡ୍ ସମ୍ପର୍କିତ ସବିଶେଷ ତଥ୍ୟ ଇସିଙ୍କ ନିକଟରେ ଦାଖଲ କରିଥିଲେ। ମାର୍ଚ୍ଚ ୧୫ ଅପରାହ୍ନ ୫ଟା ସୁଦ୍ଧା ଉକ୍ତ ତଥ୍ୟକୁ ୱେବ୍‌ସାଇଟ୍‌ରେ ଅପ୍‌ଲୋଡ୍ କରିବା ପାଇଁ ଶୀର୍ଷ ଅଦାଲତ ନିର୍ବାଚନ କମିଶନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ତଦନୁଯାୟୀ ଏସ୍‌ବିଆଇ ଦାଖଲ କରିଥିବା ସବିଶେଷ ବିବରଣୀକୁ ଇସି ଦୁଇ ଭାଗରେ ପ୍ରକାଶ କରିଛନ୍ତି।

ଅପ୍‌ଲୋଡ୍ ହୋଇଥିବା ତଥ୍ୟ ଅନୁଯାୟୀ ଇଲେକ୍ଟୋରାଲ ବଣ୍ଡ୍ କ୍ରେତାଙ୍କ ମଧ୍ୟରେ ଗ୍ରାସିମ୍ ଇଣ୍ଡଷ୍ଟ୍ରିଜ୍, ମେଘା ଇଞ୍ଜିନିୟରିଂ, ପିରାମାଲ ଏଣ୍ଟରପ୍ରାଇଜେସ୍, ଟରେଣ୍ଟ ପାୱାର, ଭାରତୀ ଏୟାରଟେଲ୍, ଡିଏଲ୍‌ଏଫ୍ କମର୍ସିଆଲ ଡେଭେଲପର୍ସ, ବେଦାନ୍ତ ଲିଃ, ଆପୋଲୋ ଟାୟାର, ଲକ୍ଷ୍ମୀ ମିତ୍ତଲ, ଏଡେଲୱେଇସ୍, ପିଭିଆର୍, କେଭେଣ୍ଟର, ସୁଲା ୱାଇନ୍, ୱେଲ୍‌ସ୍ପନ୍, ସନ୍ ଫାର୍ମା ପ୍ରମୁଖ ରହିଛନ୍ତି। କିନ୍ତୁ ଦେଶର ଦୁଇ ବୃହତ୍ ଶିଳ୍ପଗୋଷ୍ଠୀ ଆଦାନୀ ଗ୍ରୁପ୍ କିମ୍ବା ରିଲାଏନ୍ସ ଇଣ୍ଡଷ୍ଟ୍ରିଜ୍‌ର ନାଁ ତାଲିକାରେ ନାହିଁ। ଇଲେକ୍ଟୋରାଲ ବଣ୍ଡ୍ ଜରିଆରେ ସର୍ବାଧିକ ଚାନ୍ଦା ଦେଇଥିବା କମ୍ପାନୀ ମଧ୍ୟରେ ଫିଉଚର ଗେମିଂ ଆଣ୍ଡ ହୋଟେଲ ସର୍ଭିସେସ୍ ପିଆର୍ ଏବଂ ମେଘା ଇଞ୍ଜିନିୟରିଂ ଆଣ୍ଡ ଇନ୍‌ଫ୍ରାଷ୍ଟ୍ରକ୍ଚର୍ସ ଲିଃ ଯଥାକ୍ରମେ ପ୍ରଥମ ଓ ଦ୍ୱିତୀୟ ସ୍ଥାନରେ ରହିଛନ୍ତି। ସେମାନେ ଯଥାକ୍ରମେ ୧,୩୬୮ କୋଟି ଏବଂ ୯୬୬ କୋଟି ଟଙ୍କାର ବଣ୍ଡ୍ କିଣିଛନ୍ତି। ଏହା ବ୍ୟତୀତ ସର୍ବାଧିକ ଚାନ୍ଦା ପ୍ରଦାନକାରୀ ୧୦ କମ୍ପାନୀ ମଧ୍ୟରେ କ୍ୱିକ୍ ସପ୍ଲାଏ ଚେନ୍ ପ୍ରାଇଭେଟ୍ ଲିମିଟେଡ୍ ୪୧୦ କୋଟି ଟଙ୍କାର ବଣ୍ଡ୍ କିଣି ତୃତୀୟ ସ୍ଥାନରେ ଥିବାବେଳେ ବେଦାନ୍ତ ଲିମିଟେଡ୍ ୪୦୦ କୋଟି, ହଳଦିଆ ଏନର୍ଜି ଲିମିଟେଡ୍ ୩୭୭ କୋଟି, ଭାରତୀ ଗ୍ରୁପ୍ ୨୪୭ କୋଟି, ଏସେଲ୍ ମାଇନିଂ ଆଣ୍ଡ ଇଣ୍ଡ୍‌ସ ଲିମିଟେଡ୍ ୨୨୪ କୋଟି ଟଙ୍କାର ବଣ୍ଡ୍ କିଣିଥିବା ତଥ୍ୟରୁ ଜଣାପଡ଼ିଛି। ସେହିପରି ୱେଷ୍ଟର୍ନ ୟୁପି ପାୱାର ଟ୍ରାନ୍ସମିଶନ କମ୍ପାନୀ ଲିଃ ୨୨୦ କୋଟି, କେଭେଣ୍ଟର ଫୁଡ୍‌ପାର୍କ ଇନ୍‌ଫ୍ରା ଲିଃ ୧୯୫ କୋଟି ଏବଂ ମଦନଲାଲ୍ ଲିଃ ୧୮୫ କୋଟି ଟଙ୍କାର ବଣ୍ଡ୍ କିଣିଛି।

ଏହି ବଣ୍ଡ୍ ଜରିଆରେ ଭାଜପା, କଂଗ୍ରେସ, ଏଆଇଏଡିଏମ୍‌କେ, ବିଆର୍‌ଏସ୍, ଶିବସେନା, ଟିଡିପି, ୱାଇଏସ୍‌ଆର୍ କଂଗ୍ରେସ, ଡିଏମ୍‌କେ, ଜେଡିଏସ୍, ଏନ୍‌ସିପି, ତୃଣମୂଳ କଂଗ୍ରେସ, ଜେଡିୟୁ, ଆର୍‌ଜେଡି, ଏଏପି ଏବଂ ସମାଜବାଦୀ ପାର୍ଟିକୁ ଚାନ୍ଦା ମିଳିଛି। ଇସି ପ୍ରଥମ ଭାଗରେ ୩୩୭ ପୃଷ୍ଠାର ତଥ୍ୟ ଦେଇଛନ୍ତି, ଯେଉଁଥିରେ ଇଲେକ୍ଟୋରାଲ ବଣ୍ଡ୍ କ୍ରେତା ଓ କ୍ରୟ ତାରିଖ ଉଲ୍ଲେଖ ରହିଛି। ସେହିପରି ଦ୍ୱିତୀୟ ଭାଗ ୪୨୬ ପୃଷ୍ଠାରେ ଇଲେକ୍ଟୋରାଲ ବଣ୍ଡ୍‌ରୁ ଅର୍ଥ ପାଇଥିବା ରାଜନୈତିକ ଦଳଗୁଡ଼ିକର ବିବରଣୀ, ତାରିଖ ଏବଂ ଦାନ ପରିମାଣ ଉଲ୍ଲେଖ କରାଯାଇଛି। ତେବେ ବଣ୍ଡ୍ ନମ୍ବର ଦିଆଯାଇ ନାହିଁ।

ସୂଚନାଯୋଗ୍ୟ, ଫେବୃଆରୀ ୧୫ରେ ସୁପ୍ରିମକୋର୍ଟ ଏକ ଐତିହାସିକ ରାୟ କ୍ରମେ କେନ୍ଦ୍ର ସରକାରଙ୍କ ଇଲେକ୍ଟୋରାଲ ବଣ୍ଡ୍‌କୁ ଅସାମ୍ବିଧାନିକ ଏବଂ ତଥ୍ୟ ଜାଣିବା ଅଧିକାର ଉଲ୍ଲଂଘନ କରୁଥିବା ଦର୍ଶାଇ ଏହାକୁ ରଦ୍ଦ କରିଦେଇଥିଲେ। କେଉଁମାନେ କେଉଁ ଦଳକୁ କେତେ ଟଙ୍କା ଏହି ବଣ୍ଡ୍ ଜରିଆରେ ପ୍ରଦାନ କରିଛନ୍ତି, ତାହାର ସବିଶେଷ ତଥ୍ୟ ମାର୍ଚ୍ଚ ୬ ସୁଦ୍ଧା ନିର୍ବାଚନ କମିଶନଙ୍କ ନିକଟରେ ଦାଖଲ କରିବାକୁ ଏସ୍‌ବିଆଇକୁ ନିର୍ଦ୍ଦେଶ ଦିଆଯାଇଥିଲା। ତେବେ ଏତେ କମ୍ ସମୟ ମଧ୍ୟରେ ସମସ୍ତ ତଥ୍ୟ ଏକାଠି କରିବା ଓ ସେଗୁଡ଼ିକୁ ମିଳାଇବା ସମ୍ଭବ ନୁହେଁ କହି ଏସ୍‌ବିଆଇ ଜୁନ୍ ୩୦ ପର୍ଯ୍ୟନ୍ତ ସମୟ ମାଗିଥିଲା। ଏସ୍‌ବିଆଇର ନିବେଦନକୁ ସିଜେଆଇ ଡି.ୱାଇ. ଚନ୍ଦ୍ରଚୂଡ଼ଙ୍କ ଅଧ୍ୟକ୍ଷତାରେ ଗଠିତ ୫ ଜଣିଆ ସାମ୍ବିଧାନିକ ପୀଠ ଖାରଜ କରିଦେବା ସହ ୧୨ ତାରିଖ ସୁଦ୍ଧା ତଥ୍ୟ ଦାଖଲ କରିବାକୁ କହିଥିଲେ।









# ବଣ୍ଡ୍ ତଥ୍ୟ ସାର୍ବଜନୀନ ହେଲା

**ନୂଆଦିଲ୍ଲୀ,୧୪।୩ (ପି.ଟି.)**

## ସର୍ବାଧିକ ୧,୩୬୮ କୋଟିର ବଣ୍ଡ୍ କିଣିଛି ଫିଉଚର ଗେମିଂ ଆଣ୍ଡ ହୋଟେଲ ସର୍ଭିସେସ୍ ପିଆର୍

ନିର୍ବାଚନ କମିଶନ (ଇସି) ଗୁରୁବାର ଇଲେକ୍ଟୋରାଲ ବଣ୍ଡ୍ ତଥ୍ୟ ସାର୍ବଜନୀନ କରିଛନ୍ତି। ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶକ୍ରମେ ଷ୍ଟେଟ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ (ଏସ୍‌ବିଆଇ) ଗତ ୧୨ ତାରିଖରେ ଇଲେକ୍ଟୋରାଲ ବଣ୍ଡ୍ ସମ୍ପର୍କିତ ସବିଶେଷ ତଥ୍ୟ ଇସିଙ୍କ ନିକଟରେ ଦାଖଲ କରିଥିଲେ। ମାର୍ଚ୍ଚ ୧୫ ଅପରାହ୍ଣ ୫ଟା ସୁଦ୍ଧା ଉକ୍ତ ତଥ୍ୟକୁ ୱେବ୍‌ସାଇଟ୍‌ରେ ଅପ୍‌ଲୋଡ୍ କରିବା ପାଇଁ ଶୀର୍ଷ ଅଦାଲତ ନିର୍ବାଚନ କମିଶନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ତଦନୁଯାୟୀ ଏସ୍‌ବିଆଇ ଦାଖଲ କରିଥିବା ସବିଶେଷ ବିବରଣୀକୁ ଇସି ଦୁଇ ଭାଗରେ ପ୍ରକାଶ କରିଛନ୍ତି।

ଅପ୍‌ଲୋଡ୍ ହୋଇଥିବା ତଥ୍ୟ ଅନୁଯାୟୀ ଇଲେକ୍ଟୋରାଲ ବଣ୍ଡ୍ କ୍ରେତାଙ୍କ ମଧ୍ୟରେ ଗ୍ରାସିମ୍ ଇଣ୍ଡଷ୍ଟ୍ରିଜ୍, ମେଘା ଇଞ୍ଜିନିୟରିଂ, ପିରାମାଲ ଏଣ୍ଟରପ୍ରାଇଜେସ୍, ଟରେଣ୍ଟ ପାୱାର, ଭାରତୀ ଏୟାରଟେଲ୍, ଡିଏଲ୍‌ଏଫ୍ କମର୍ସିଆଲ ଡେଭେଲପର୍ସ, ବେଦାନ୍ତ ଲିଃ, ଆପୋଲୋ ଟାୟାର, ଲକ୍ଷ୍ମୀ ମିତ୍ତଲ, ଏଡେଲୱେଇସ୍, ପିଭିଆର୍, କେଭେଣ୍ଟର, ସୁଲା ୱାଇନ୍, ୱେଲ୍‌ସ୍ପନ୍, ସନ୍ ଫାର୍ମା ପ୍ରମୁଖ ରହିଛନ୍ତି। କିନ୍ତୁ ଦେଶର ଦୁଇ ବୃହତ୍ ଶିଳ୍ପଗୋଷ୍ଠୀ ଆଦାନୀ ଗ୍ରୁପ୍ କିମ୍ବା ରିଲାଏନ୍ସ ଇଣ୍ଡଷ୍ଟ୍ରିଜ୍‌ର ନାଁ ତାଲିକାରେ ନାହିଁ। ଇଲେକ୍ଟୋରାଲ ବଣ୍ଡ୍ ଜରିଆରେ ସର୍ବାଧିକ ଚାନ୍ଦା ଦେଇଥିବା କମ୍ପାନୀ ମଧ୍ୟରେ ଫିଉଚର ଗେମିଂ ଆଣ୍ଡ ହୋଟେଲ ସର୍ଭିସେସ୍ ପିଆର୍ ଏବଂ ମେଘା ଇଞ୍ଜିନିୟରିଂ ଆଣ୍ଡ ଇନ୍‌ଫ୍ରାଷ୍ଟ୍ରକ୍ଚର୍ସ ଲିଃ ଯଥାକ୍ରମେ ପ୍ରଥମ ଓ ଦ୍ୱିତୀୟ ସ୍ଥାନରେ ରହିଛନ୍ତି। ସେମାନେ ଯଥାକ୍ରମେ ୧,୩୬୮ କୋଟି ଏବଂ ୯୬୬ କୋଟି ଟଙ୍କାର ବଣ୍ଡ୍ କିଣିଛନ୍ତି। ଏହା ବ୍ୟତୀତ ସର୍ବାଧିକ ଚାନ୍ଦା ପ୍ରଦାନକାରୀ ୧୦ କମ୍ପାନୀ ମଧ୍ୟରେ କ୍ୱିକ୍ ସପ୍ଲାଏ ଚେନ୍ ପ୍ରାଇଭେଟ୍ ଲିମିଟେଡ୍ ୪୧୦ କୋଟି ଟଙ୍କାର ବଣ୍ଡ୍ କିଣି ତୃତୀୟ ସ୍ଥାନରେ ଥିବାବେଳେ ବେଦାନ୍ତ ଲିମିଟେଡ୍ ୪୦୦ କୋଟି, ହଳଦିଆ ଏନର୍ଜି ଲିମିଟେଡ୍ ୩୭୭ କୋଟି, ଭାରତୀ ଗ୍ରୁପ୍ ୨୪୭ କୋଟି, ଏସେଲ୍ ମାଇନିଂ ଆଣ୍ଡ ଇଣ୍ଡ୍‌ସ ଲିମିଟେଡ୍ ୨୨୪ କୋଟି ଟଙ୍କାର ବଣ୍ଡ୍ କିଣିଥିବା ତଥ୍ୟରୁ ଜଣାପଡ଼ିଛି। ସେହିପରି ୱେଷ୍ଟର୍ନ ୟୁପି ପାୱାର ଟ୍ରାନ୍ସମିଶନ କମ୍ପାନୀ ଲିଃ ୨୨୦ କୋଟି, କେଭେଣ୍ଟର ଫୁଡ୍‌ପାର୍କ ଇନ୍‌ଫ୍ରା ଲିଃ ୧୯୫ କୋଟି ଏବଂ ମଦନଲାଲ୍ ଲିଃ ୧୮୫ କୋଟି ଟଙ୍କାର ବଣ୍ଡ୍ କିଣିଛି।

ଏହି ବଣ୍ଡ୍ ଜରିଆରେ ଭାଜପା, କଂଗ୍ରେସ, ଏଆଇଏଡିଏମ୍‌କେ, ବିଆର୍‌ଏସ୍, ଶିବସେନା, ଟିଡିପି, ୱାଇଏସ୍‌ଆର୍ କଂଗ୍ରେସ, ଡିଏମ୍‌କେ, ଜେଡିଏସ୍, ଏନ୍‌ସିପି, ତୃଣମୂଳ କଂଗ୍ରେସ, ଜେଡିୟୁ, ଆର୍‌ଜେଡି, ଏଏପି ଏବଂ ସମାଜବାଦୀ ପାର୍ଟିକୁ ଚାନ୍ଦା ମିଳିଛି। ଇସି ପ୍ରଥମ ଭାଗରେ ୩୩୭ ପୃଷ୍ଠାର ତଥ୍ୟ ଦେଇଛନ୍ତି, ଯେଉଁଥିବରେ ଇଲେକ୍ଟୋରାଲ ବଣ୍ଡ୍ କ୍ରେତା ଓ କ୍ରୟ ତାରିଖ ଉଲ୍ଲେଖ ରହିଛି। ସେହିପରି ଦ୍ୱିତୀୟ ଭାଗ ୪୨୬ ପୃଷ୍ଠାରେ ଇଲେକ୍ଟୋରାଲ ବଣ୍ଡ୍‌ରୁ ଅର୍ଥ ପାଇଥିବା ରାଜନୈତିକ ଦଳଗୁଡ଼ିକର ବିବରଣୀ, ତାରିଖ ଏବଂ ଦାନ ପରିମାଣ ଉଲ୍ଲେଖ କରାଯାଇଛି। ତେବେ ବଣ୍ଡ୍ ନମ୍ବର ଦିଆଯାଇ ନାହିଁ।

ସୂଚନାଯୋଗ୍ୟ, ଫେବୃଆରୀ ୧୫ରେ ସୁପ୍ରିମକୋର୍ଟ ଏକ ଐତିହାସିକ ରାୟ କ୍ରମେ କେନ୍ଦ୍ର ସରକାରଙ୍କ ଇଲେକ୍ଟୋରାଲ ବଣ୍ଡ୍‌କୁ ଅସାମ୍ବିଧାନିକ ଏବଂ ତଥ୍ୟ ଜାଣିବା ଅଧିକାର ଉଲ୍ଲଂଘନ କରୁଥିବା ଦର୍ଶାଇ ଏହାକୁ ରଦ୍ଦ କରିଦେଇଥିଲେ। କେଉଁମାନେ କେଉଁ ଦଳକୁ କେତେ ଟଙ୍କା ଏହି ବଣ୍ଡ୍ ଜରିଆରେ ପ୍ରଦାନ କରିଛନ୍ତି, ତାହାର ସବିଶେଷ ତଥ୍ୟ ମାର୍ଚ୍ଚ ୬ ସୁଦ୍ଧା ନିର୍ବାଚନ କମିଶନଙ୍କ ନିକଟରେ ଦାଖଲ କରିବାକୁ ଏସ୍‌ବିଆଇକୁ ନିର୍ଦ୍ଦେଶ ଦିଆଯାଇଥିଲା। ତେବେ ଏତେ କମ୍ ସମୟ ମଧ୍ୟରେ ସମସ୍ତ ତଥ୍ୟ ଏକାଠି କରିବା ଓ ସେଗୁଡ଼ିକୁ ମିଳାଇବା ସମ୍ଭବ ନୁହେଁ କହି ଏସ୍‌ବିଆଇ ଜୁନ୍ ୩୦ ପର୍ଯ୍ୟନ୍ତ ସମୟ ମାଗିଥିଲା। ଏସ୍‌ବିଆଇର ନିବେଦନକୁ ସିଜେଆଇ ଡି.ୱାଇ. ଚନ୍ଦ୍ରଚୂଡ଼ଙ୍କ ଅଧ୍ୟକ୍ଷତାରେ ଗଠିତ ୫ ଜଣିଆ ସାମ୍ବିଧାନିକ ପୀଠ ଖାରଜ କରିଦେବା ସହ ୧୨ ତାରିଖ ସୁଦ୍ଧା ତଥ୍ୟ ଦାଖଲ କରିବାକୁ କହିଥିଲେ।






"ବର୍ତ୍ତମାନ ମାନବଜାତିର କାର୍ଯ୍ୟକଳାପ, ଆଗ୍ରହ, ଇତସ୍ତତଃ ଧାବନ, ଦ୍ରୁତ ଅଗ୍ରଗତି, ଅନ୍ୱେଷଣ, ଖନନ ଓ ଭିତ୍ତିସ୍ଥାପନକୁ ଏବଂ ଅବତାର ଓ ବିଭୂତିମାନଙ୍କର ଆଗମନକୁ– ଅଧିକ ପରିମାଣରେ ଜାଗ୍ରତ ହେବାକୁ ଓ ଗୋଟିକ ପଛରେ ଗୋଟିଏ ଲାଗି ଲାଗି ବିଚରଣ କରିବାକୁ ଦେଖ। ଏ ସବୁ ଲକ୍ଷଣ ଦେଖି କ'ଣ ବୁଝାପଡୁ ନାହିଁ ଯେ ସମସ୍ତ ଅବତାର ଗଣ କଳିଯୁଗରେ ପ୍ରଥମ ସତ୍ୟଯୁଗ ପ୍ରତିଷ୍ଠା ପାଇଁ ଆସୁଛନ୍ତି ? –ଶ୍ରୀଅରବିନ୍ଦ



# ଆମେରିକାର ଆଧିପତ୍ୟ ପ୍ରତି ବିପଦ



ମାଇକେଲ ଇଗ୍‌ନାଟିଫ୍

ରୁଷିଆ ଓ ୟୁକ୍ରେନ୍ ମଧ୍ୟରେ ସଂଘର୍ଷ ଜାରି ରହିଛି। ଆଉ ପ୍ରାୟ ମାସେ ଭିତରେ ୟୁକ୍ରେନ୍‌ର ଆର୍ଟିଲାରି ସେଲ୍ ସବୁ ଶେଷ ହେବାକୁ ଥିବାବେଳେ ଆମେରିକା କଂଗ୍ରେସ ଅଧିକ ପଠାଇବାକୁ ରାଜିହୋଇ ନ ପାରେ। ଇତିମଧ୍ୟରେ ରୁଷିଆର ବିରୋଧୀ ଦଳର ନେତା ଆଲେକ୍ସି ନାଭାଲ୍‌ନିଙ୍କର ମୃତ୍ୟୁ ଘଟିଛି। ଗାଜାରେ ନରସଂହାର ଶେଷ ହେବ ବୋଲି ଜଣାପଡୁନାହିଁ। ୟେମେନୀ ହୁତିମାନେ ଲୋହିତ ସାଗରରେ ଜାହାଜ ଉପରେ ଆକ୍ରମଣ କରୁଛନ୍ତି। ଉତ୍ତର କୋରିଆବାସୀ ମହାଦେଶ ମଧ୍ୟରେ ବାଲିଷ୍ଟିକ୍ କ୍ଷେପଣାସ୍ତ୍ର ପରୀକ୍ଷା କରୁଛନ୍ତି। ୧୯୪୫ ପରବର୍ତ୍ତୀ ବିଶ୍ୱ ବ୍ୟବସ୍ଥା, ଯାହା ଅନ୍ତର୍ଜାତୀୟ ଆଇନ ଭାବେ ଲିଖିତ ଓ ମିଳିତ ଜାତିସଂଘ ଦ୍ୱାରା ଅନୁମୋଦିତ , ତାହା ଏବେ ସୂତା ଖିଅରେ ଝୁଲୁଛି।

ଆମେରିକା ଏବେ ଏହାର ସାମର୍ଥ୍ୟର ସୀମା ବାହାରେ କାମ କରୁଛି। ୟୁରୋପ ମନେକରୁଛି , ଆସନ୍ତା ନଭେମ୍ବରରେ ନାଟୋ ଚୁକ୍ତିର ଧାରା ଅନୁଯାୟୀ ଆମେରିକା ଆଉ ସାମୂହିକ ପ୍ରତିରକ୍ଷା ଦାୟିତ୍ୱ ପୂରଣ କରିପାରିବ ନାହିଁ। ଏଭଳି ନୂଆ ଅନିଶ୍ଚିତତାକୁ ଲକ୍ଷ୍ୟକରି ୟୁରୋପ ଏହାର ପ୍ରତିରକ୍ଷା ଉତ୍ପାଦନ ବୃଦ୍ଧି କରୁଛି। ୟୁରୋପୀୟ ନେତାମାନେ ସେମାନଙ୍କ ଭୋଟରମାନଙ୍କୁ ବୁଝାଇବାକୁ ସାହସ କରୁନାହାନ୍ତି ଯେ, ସେମାନଙ୍କ ସୁରକ୍ଷା ପାଇଁ ସେମାନଙ୍କୁ ଜିଡିପିର ୨% ବ୍ୟୟ କରିବା ଦରକାର ପଡ଼ିବ। ସମଗ୍ର ଆଟ୍‌ଲାଣ୍ଟିକ୍‌ରେ ଏକତା ବଜାୟ ରଖିଥିଲେ ମଧ୍ୟ ଏହା ମଧ୍ୟପ୍ରାଚ୍ୟର ବିଭିନ୍ନ ଗୋଷ୍ଠୀ ଓ ଦେଶ ମଧ୍ୟରେ ଥିବା ରଣନୈତିକ ମେଣ୍ଟ ଓ ଭୂରାଜନୈତିକ ପ୍ରତିରୋଧର ସମ୍ମୁଖୀନ ହେଉଛି, ଯାହା ଏକ ନିରନ୍ତର ଆହ୍ୱାନ ସହିତ ପାଶ୍ଚାତ୍ୟ ଆଧିପତ୍ୟକୁ ବିପଦରେ ପକାଇପାରେ। ଏଭଳି ପ୍ରତିରୋଧର ଗୁରୁତ୍ୱପୂର୍ଣ୍ଣ ବିଷୟ ହେଉଛି, ଚାଇନା ଓ ରୁଷିଆ ମେଣ୍ଟର ଅସୀମ ଭାଗୀଦାରି। ରୁଷିଆର ଅସ୍ତ୍ରଶସ୍ତ୍ର ଲାଗି ଚାଇନା ଅତ୍ୟାଧୁନିକ ବୈଦ୍ୟୁତିକ ଉପକରଣ ଯୋଗାଉଥିବାବେଳେ ରୁଷିଆ ରାଷ୍ଟ୍ରପତି ଭ୍ଲାଡିମିର ପୁଟିନ୍ ଶସ୍ତା ତେଲ ଚାଇନାକୁ ଦେଉଛନ୍ତି। ସେମାନେ ଏକାଠି ୟୁରୋପ ଓ ଏସିଆର ଅଧିକାଂଶ ଦେଶରେ ସେମାନଙ୍କ ଏକଚ୍ଛତ୍ରବାଦୀ ଶାସନ ଜାହିର କରିଛନ୍ତି।

ଯଦି ୟୁକ୍ରେନ୍‌ର କ୍ଳାନ୍ତ ଯୋଦ୍ଧାମାନେ କ୍ରିମିଆ ଏବଂ ଡୋନ୍‌ବାସ୍ ଅଞ୍ଚଳ ଉପରେ ରୁଷିଆର ସାର୍ବଭୌମତ୍ୱକୁ ସ୍ୱୀକାର କରିବାକୁ ବାଧ୍ୟ ହୁଅନ୍ତି, ତେବେ ପାଶ୍ଚାତ୍ୟ ବିରୋଧୀ ଏସୀୟ(ରୁଷିଆ, ଚାଇନା ଓ ଇରାନ) ଏକଚ୍ଛତ୍ରବାଦୀ ମେଣ୍ଟ ସେମାନଙ୍କ ଶକ୍ତି ଦ୍ୱାରା ୟୁରୋପୀୟ ଭୂସୀମା ପରିବର୍ତ୍ତନ କରିବାରେ ସଫଳ ହେବ। ଏହା ହାସଲ କଲେ ୟୁରୋପ ଓ ଏସିଆରେ ବିପଜ୍ଜନକ ସ୍ଥିତିରେ ଥିବା ପ୍ରତ୍ୟେକ ଦେଶ



ଯଥା ତାଇୱାନ, ବଲ୍‌ଟିକ ଦେଶ (ଇଷ୍ଟୋନିଆ, ଲାଟ୍‌ଭିଆ ଲିଥୁଆନିଆ) ଏପରିକି ପୋଲାଣ୍ଡ ପ୍ରତି ବିପଦ ସୃଷ୍ଟି ହେବ। ଏହି ଉଭୟ ଏକଚ୍ଛତ୍ରବାଦୀ ଶାସନ ଅନ୍ତର୍ଜାତୀୟ ଆଇନକୁ ଭୁଲି ଜାତିସଂଘର ସୁରକ୍ଷା ପରିଷଦରେ ସେମାନଙ୍କର ଭିଟୋ ପ୍ରୟୋଗ କରିବେ। ଏକଚ୍ଛତ୍ରବାଦୀ ଶାସନର ଏହି ସହଭାଗିତା ଇରାନ ଏବଂ ଉତ୍ତର କୋରିଆର ନେତୃତ୍ୱରେ ଅଧିକାରର ଅପବ୍ୟବହାର କରୁଥିବା ଏକ ଗୋଷ୍ଠୀ ସହ ନିବିଡ଼ ଭାବେ କାର୍ଯ୍ୟ କରୁଛି। ଉତ୍ତର କୋରିଆ ପୁଟିନ୍‌ଙ୍କୁ ଆର୍ଟିଲେରି ସେଲ୍ ଯୋଗାଉଛି। ଇରାନର ଡ୍ରୋନ୍ ୟୁକ୍ରେନୀୟମାନଙ୍କୁ ସୁଡ଼ଙ୍ଗରେ ଆତଙ୍କିତ କରୁଛି। ଏହି ସମୟରେ ଇରାନର ଏଜେଣ୍ଟ ଭାବେ ହାମାସ, ହିଜ୍‌ବୁଲ୍ଲା ଓ ହୁତିମାନେ ସାହାଯ୍ୟ କରୁଛନ୍ତି। ଆମେରିକା ଏବଂ ଇସ୍ରାଏଲକୁ ଦବାଇଦେବା ଲାଗି ରୁଷିଆ ଓ ଚାଇନା ଚେଷ୍ଟା କରୁଛନ୍ତି।

ଏକଚ୍ଛତ୍ରବାଦୀ ଧମକ ବିରୋଧରେ ସମଗ୍ର ବିଶ୍ୱରେ ଗଣତାନ୍ତ୍ରିକ ରାଷ୍ଟ୍ରଗୁଡିକ ଆମେରିକା ଏବଂ ୟୁରୋପ ସହ ଯୋଗଦେବେ ବୋଲି ଯାହା ମନେକରାଯାଉଛି ତାହା ଭ୍ରମ ମନେହୁଏ। ଗ୍ଲୋବାଲ ନର୍ଥର ଯୁଦ୍ଧରେ ଜଡିତ ଗଣତାନ୍ତ୍ରିକ ରାଷ୍ଟ୍ରଗୁଡିକ ସହିତ ଯୋଗଦେବା ପରିବର୍ତ୍ତେ ଗ୍ଲୋବାଲ ସାଉଥର ବିକାଶଶୀଳ ଗଣତନ୍ତ୍ରିକ ଦେଶଗୁଡ଼ିକ (ବ୍ରାଜିଲ, ଭାରତ ଏବଂ ଦକ୍ଷିଣ ଆଫ୍ରିକା) ଗଣଦମନ, ଗୋଟିଏ ଅଞ୍ଚଳରେ ସବୁ ଲୋକଙ୍କୁ ନିର୍ଯାତନା (ଚାଇନାର ଉଇଗର ଘଟଣା) ଏବଂ ଲଜ୍ଜାଜନକ ତଥା ନିଷ୍ଠୁର ହତ୍ୟା (ନାଭାଲ୍‌ନିଙ୍କ ହତ୍ୟା) ଜାରି ରଖିଥିବା ଶାସନ ସହ ରହିବାକୁ ଲଜ୍ଜାବୋଧ କରୁନାହାନ୍ତି।

ଏହା ନିଶ୍ଚିତ ଯେ, ଏକଚ୍ଛତ୍ରବାଦୀ ମେଣ୍ଟ ବର୍ତ୍ତମାନ ଆମେରିକାର ଶକ୍ତିକୁ ବିରୋଧ କରିବାକୁ ଏକାଠି ହୋଇଛି। ଅନ୍ୟପକ୍ଷରେ ନିଜର ଚରମ ସ୍ୱାର୍ଥକୁ ନେଇ ଏହି ଗୋଷ୍ଠୀ ବିଭାଜିତ। ଆମେରିକାର ମେଣ୍ଟ ଓ ଅବରୋଧ ଦ୍ୱାରା ପରିଚାଳିତ ଏକ ବୈଶ୍ୱିକ ଅର୍ଥ ବ୍ୟବସ୍ଥା ଉପରେ ଉଭୟ ରୁଷିଆ ଓ ଚାଇନା ପରାଶ୍ରୟୀ ହିତାଧିକାରୀ ଭାବେ ରହିଆସିଛନ୍ତି। ସେଥିପାଇଁ ସେମାନେ ସିଧାସଳଖ ଆଧିପତ୍ୟକୁ ଚ୍ୟାଲେଞ୍ଜ କରିବାକୁ ଆଗପଛ ହେଉଛନ୍ତି। ତଥାପି, ସେମାନେ ଜଟିଳ ସ୍ଥିତିରୁ ଲାଭ ଉଠାଇବାକୁ ଚାହାନ୍ତି। ସେମାନେ କେବଳ ଆମେରିକାର କଟକଣାରୁ ରକ୍ଷା ପାଇନାହାନ୍ତି, ବରଂ ପ୍ରତିବନ୍ଧିତ ବଜାର ଉପରେ ନିର୍ଭର ନ କରି ତା' ବଦଳରେ ଲାଟିନ ଆମେରିକା, ଏସିଆ ଏବଂ ଭାରତର ନୂତନ ବଜାରକୁ ନେଇ ଉନ୍ନତି ଜାରି ରଖିଛନ୍ତି। ଉଭୟ ରୁଷିଆ ଓ ଚାଇନା ଜାଣିପାରିଛନ୍ତି ଯେ, ଆମେରିକା ନିୟନ୍ତ୍ରିତ ବିଶ୍ୱ ଅର୍ଥ ବ୍ୟବସ୍ଥା ପୂର୍ବେ ଯାହା ଥିଲା ଏବେ ଆଉ ସେମିତି ନାହିଁ। ତେବେ ସାମ୍ପ୍ରତିକ ସ୍ଥିତିରେ ଆମେରିକାର କୂଟନୀତି ଏବଂ ପ୍ରତିରୋଧ ସଫଳତାର ସହିତ ଏକଚ୍ଛତ୍ରବାଦୀ ମେଣ୍ଟକୁ ବିଭକ୍ତ କରି ରଖିଛି। ସିଆଇଏ ନିର୍ଦ୍ଦେଶକ ୱିଲିୟମ୍ ବର୍ନସ ଏବଂ ଜାତୀୟ ସୁରକ୍ଷା ପରାମର୍ଶଦାତା ଜାକେ ସଲିଭାନ୍ ଚାଇନା ପାଇଁ ସମ୍ପର୍କର ବାଟ ଖୋଲା ରଖୁଛନ୍ତି। ଇରାନ ବିରୋଧରେ ଆମେରିକାର ଆକ୍ରମଣ ବୋଧହୁଏ ହିଜ୍‌ବୁଲ୍ଲା ଏବଂ ଇରାକରେ ଥିବା ଉଗ୍ରବାଦୀଙ୍କ ଉପରେ ନିର୍ଭର କରିବାର ଫଳ ଧର୍ମୀୟ ଶାସକଙ୍କୁ ଚେତାଇ ଦେଇଛି। ଏହି ରଣନୀତିକ କୌଶଳକୁ ଚାଇନା ଓ ରୁଷିଆ ଏକ ସୁଯୋଗ ଭାବି ଲାଭ ଉଠାଇବାକୁ ବିଚାର କରିବା ଠିକ୍ ହୋଇ ନ ପାରେ। ଯଦି ସେମାନେ ୟୁକ୍ରେନ୍ ଏବଂ ତାଇୱାନ ବିରୋଧରେ ଏକ ସମନ୍ୱିତ, ଏକକାଳୀନ ଆକ୍ରମଣ କରିବାକୁ ନିଷ୍ପତ୍ତି ନେଇ ଆମେରିକା ପ୍ରତି ଅତ୍ୟଧିକ ଚ୍ୟାଲେଞ୍ଜ ସୃଷ୍ଟି କରନ୍ତି, ତେବେ ଆମେରିକା ଅସ୍ତ୍ରଶସ୍ତ୍ର ଏବଂ ପ୍ରଯୁକ୍ତିବିଦ୍ୟା ପହଞ୍ଚାଇବାକୁ ଚେଷ୍ଟା କରିବ।

ଆଣବିକ ଅସ୍ତ୍ରଗୁଡିକ ଚାଇନା ଏବଂ ରୁଷିଆକୁ ତାଇୱାନ ଓ ଅବଶିଷ୍ଟ ୟୁକ୍ରେନ୍‌କୁ ନେବା ପାଇଁ ଏକ ସମନ୍ୱିତ ପ୍ରୟାସରୁ ନିବୃତ୍ତ କରିପାରିବ ନାହିଁ। ସବୁ ପକ୍ଷ ଏକ ଭୟଙ୍କର ମୂଲ୍ୟ ଦେବେ। କିନ୍ତୁ ରୁଷିଆ ୟୁକ୍ରେନ୍‌ରେ ନିବେଶ କରିବାକୁ ଇଚ୍ଛୁକ ବୋଲି ଦର୍ଶାଇଛି। ଉଭୟ ଚାଇନା ଓ ରୁଷିଆ ବିଶ୍ୱାସ କରିପାରନ୍ତି ଯେ ଆମେରିକାର ଆଧିପତ୍ୟକୁ ହଟାଇବା ପାଇଁ ଆଉ ଅଧିକ ସୁବିଧାଜନକ ମୁହୂର୍ତ୍ତ ଆସିବ ନାହିଁ। ତେବେ ବର୍ତ୍ତମାନର ଏପରି ସଂଘର୍ଷର ପରିଣାମ କ'ଣ ହେବ ତାହା କାହାରି ଧାରଣା ନାହିଁ। ଆମେ ଅନୁମାନ ମଧ୍ୟ କରିପାରିବୁ ନାହିଁ, ଯେପରି ଆମେ ସର୍ବଦା କରିଛୁ, ଦୁଇଟି ଭୟଙ୍କର ଶକ୍ତିରୁ ଏକକାଳୀନ ଚ୍ୟାଲେଞ୍ଜର ସମ୍ମୁଖୀନ ହେଲେ ଆମେରିକା ବିଜୟୀ ହେବ ବୋଲି। ତେବେ ଏକଚ୍ଛତ୍ରବାଦୀ ମେଣ୍ଟକୁ ଏକ ପୂର୍ଣ୍ଣକାଳୀନ ମେଣ୍ଟ ନ କରାଇବା ହିଁ ଆମେରିକାର ପ୍ରାଥମିକତା ହେବା ଉଚିତ।

**ପ୍ରାଧ୍ୟାପକ(ହିଷ୍ଟ୍ରି ଆଣ୍ଡ ରେକ୍ଟର ଏମେରିଟସ୍),**
**ସେଣ୍ଟ୍ରାଲ ୟୁରୋପିଆନ ୟୁନିଭର୍ସିଟି( ଭିଏନା)**

# ମହିଳା କଲ୍ୟାଣ ପାଇଁ ପ୍ରତିଯୋଗିତା



ସୌଭାଗ୍ୟ ରଞ୍ଜନ ମହାନ୍ତି

ଦେଶରେ ଲୋକ ସଭା ସହ କେତେକ ରାଜ୍ୟର ବିଧାନସଭା ନିର୍ବାଚନ ହେବାକୁ ଯାଉଛି। ମହିଳା ଭୋଟ ହାତେଇବା ପାଇଁ ଦଳଗୁଡ଼ିକ ମଧ୍ୟରେ ମହିଳାଙ୍କ ପାଇଁ ସ୍ୱତନ୍ତ୍ର ଯୋଜନା ଘୋଷଣା ନେଇ ଏକ ପ୍ରକାର ପ୍ରତିଯୋଗିତା ଆରମ୍ଭ ହୋଇଯାଇଛି। ଆର୍ଥିକ ସହାୟତାଠାରୁ ଆରମ୍ଭ କରି ଅନ୍ୟାନ୍ୟ ସୁବିଧା ସୁଯୋଗ ଯୋଗାଇ ଦେବା ପ୍ରତିଶ୍ରୁତି ଏବେ ରାଜନୈତିକ ଦଳଗୁଡ଼ିକର ମୁଖ୍ୟ ନିର୍ବାଚନୀ ପ୍ରସଙ୍ଗ ପାଲଟିଛି। କେନ୍ଦ୍ରରେ କ୍ଷମତାସୀନ ଭାଜପା ସରକାର ଗୃହିଣୀମାନଙ୍କୁ ସନ୍ତୁଷ୍ଟ କରିବା ପାଇଁ ଗତ ଡିସେମ୍ବରରେ ଅନୁଷ୍ଠିତ ହୋଇଥିବା ୫ ରାଜ୍ୟର ବିଧାନସଭା ନିର୍ବାଚନ ଅବ୍ୟବହିତ ପୂର୍ବରୁ ହଠାତ୍ ରନ୍ଧନ ଗ୍ୟାସ୍‌ର ସିଲିଣ୍ଡର ପିଛା ମୂଲ୍ୟ ୨୦୦ଟଙ୍କା ହ୍ରାସ କରିଦେଇଥିଲେ। ସେହିପରି ମହିଳା ତୁଷ୍ଟୀକରଣ ଯୋଜନା ଭାବେ ପରିଚିତ 'ଉଜ୍ଜ୍ୱଳା'ର ହିତାଧିକାରୀଙ୍କ ପାଇଁ କେନ୍ଦ୍ର ସରକାର ରନ୍ଧନ ଗ୍ୟାସ୍‌ରେ ୩୦୦ଟଙ୍କାର ସ୍ୱତନ୍ତ୍ର ରିହାତି ଘୋଷଣା କରିଥିଲେ। ଏବେ ଦେଶରେ ସାଧାରଣ ନିର୍ବାଚନ ପାଖେଇ ଆସୁଥିବାବେଳେ ମହିଳା ଭୋଟଦାତାଙ୍କୁ ଆକୃଷ୍ଟ କରିବା ପାଇଁ ରନ୍ଧନ ଗ୍ୟାସ୍‌ର ସିଲିଣ୍ଡର ପିଛା ଦର ଆଉ ୧୦୦ଟଙ୍କା କମାଇ ଦେଇଛନ୍ତି। କହିବା ବାହୁଲ୍ୟ ଯେ ୨୦୧୪ରେ ଭାଜପା କେନ୍ଦ୍ରରେ କ୍ଷମତାକୁ ଆସିବାବେଳେ ଦେଶରେ ରନ୍ଧନ ଗ୍ୟାସ୍‌ର ସିଲିଣ୍ଡର ପିଛା ମୂଲ୍ୟ ମାତ୍ର ୪୮୦ଟଙ୍କା ରହିଥିବାବେଳେ ଗତ ୧୦ବର୍ଷ ମଧ୍ୟରେ ଏହାର ମୂଲ୍ୟ ୧୧୫୦ଟଙ୍କା ଅତିକ୍ରମ କରିଥିଲା। କେବଳ ଭାଜପା ନୁହେଁ କଂଗ୍ରେସ ସମେତ ବହୁ ଦଳ ମଧ୍ୟ କ୍ଷମତାକୁ ଆସିଲେ ୫୦୦ଟଙ୍କାରେ ଗ୍ୟାସ୍ ସିଲିଣ୍ଡର ଯୋଗାଇ ଦେବାକୁ ପ୍ରତିଶ୍ରୁତି ଦେଇସାରିଲେଣି। କେବଳ ଏତିକି ନୁହେଁ, ଜାତୀୟ ରାଜଧାନୀ ଦିଲ୍ଲୀରେ କ୍ଷମତାସୀନ ଆମ୍ ଆଦମୀ ପାର୍ଟି (ଆପ୍) ସରକାର ଚଳିତ ବଜେଟରେ ୧୮ବର୍ଷରୁ ଊର୍ଦ୍ଧ୍ୱ ମହିଳା ଯେଉଁମାନେ ସରକାରୀ କର୍ମଚାରୀ କିମ୍ବା ଆୟକରଦାତା ନୁହନ୍ତି, ସେମାନଙ୍କୁ ମାସିକ ୨୦୦୦ଟଙ୍କା ଲେଖାଏ ଆର୍ଥିକ ସହାୟତା ଦେବା ଲାଗି ଘୋଷଣା କରିଛନ୍ତି। ଏଥିଲାଗି ବଜେଟରେ ମଧ୍ୟ ବ୍ୟୟ ବରାଦ କରିଛନ୍ତି। ପୂର୍ବରୁ ଆପ୍ ସରକାର ଦିଲ୍ଲୀରେ ସରକାରୀ ବସ୍ ଏବଂ ମେଟ୍ରୋରେ ମାଗଣା ଯାତାୟାତ ସୁବିଧା ପ୍ରଦାନ କରିଛନ୍ତି। କେବଳ ଦିଲ୍ଲୀରେ ନୁହେଁ କଂଗ୍ରେସ କ୍ଷମତାସୀନ ଥିବା କର୍ଣ୍ଣାଟକ, ତେଲଙ୍ଗାନା, ହିମାଚଳ ପ୍ରଦେଶରେ ଗରିବ, ଅସହାୟ, ବିଧବା, ଭିନ୍ନକ୍ଷମ ମହିଳାଙ୍କ ପାଇଁ ମାସିକ ୨୦୦୦ଟଙ୍କା ଲେଖାଏ ଆର୍ଥିକ ସହାୟତା(ଭତ୍ତା) ପ୍ରଦାନ କରୁଛନ୍ତି। ଲୋକ ସଭା ନିର୍ବାଚନରେ ଦଳ ଯଦି କ୍ଷମତାକୁ ଆସେ ତେବେ ମହିଳାଙ୍କ ପାଇଁ ସ୍ୱତନ୍ତ୍ର ଆର୍ଥିକ ସୁବିଧା ସୁଯୋଗ ଦେବା ନେଇ ଦଳ ପକ୍ଷରୁ ଘୋଷଣା କରାଯାଇଛି।

ଆମ ରାଜ୍ୟ ସରକାର 'ଲକ୍ଷ୍ମୀବସ୍'ରେ ମହିଳାମାନେ ଗ୍ରାମଠାରୁ ବ୍ଲକ ପର୍ଯ୍ୟନ୍ତ ମାତ୍ର ୫ଟଙ୍କାରେ ଯାତାୟାତ ଯୋଜନା ଓ କାର୍ଯ୍ୟକାରୀ କରିଥିବାବେଳେ ବିଜୁ ସ୍ୱାସ୍ଥ୍ୟ ସ୍ମାର୍ଟ କାର୍ଡ ଯୋଜନାରେ ମହିଳାଙ୍କ ପାଇଁ ୧୦ଲକ୍ଷ ଟଙ୍କା ପର୍ଯ୍ୟନ୍ତ ମାଗଣା ଚିକିତ୍ସା ସୁବିଧା କାର୍ଯ୍ୟକାରୀ କରିଛନ୍ତି। ସେହିପରି ମିଶନ ଶକ୍ତି ଯୋଜନାରେ ୭୦ଲକ୍ଷ ସ୍ୱୟଂ ସହାୟକଙ୍କୁ ୧୦ଲକ୍ଷ ଟଙ୍କା ପର୍ଯ୍ୟନ୍ତ ବିନା ସୁଧରେ ଋଣ, ଏସ୍‌ଏଚ୍‌ଜି କର୍ମକର୍ତ୍ତାଙ୍କ ପାଇଁ ବିନା ସୁଧରେ ୧ଲକ୍ଷ ଟଙ୍କା ଋଣ, ସରକାରୀ ଖର୍ଚ୍ଚରେ ଦୁବାଇ ଯାତ୍ରା ଆଦି ଯୋଜନା କାର୍ଯ୍ୟକାରୀ କରିଥିବାବେଳେ ସ୍ନାତକ ଓ ପିଜି ଛାତ୍ରୀଙ୍କୁ ବାର୍ଷିକ ୧୦ହଜାର ଟଙ୍କା ପର୍ଯ୍ୟନ୍ତ ଆର୍ଥିକ ସହାୟତା ଯୋଜନା କାର୍ଯ୍ୟକାରୀ କରିଛନ୍ତି। ନିକଟରେ ପଶ୍ଚିମବଙ୍ଗରେ ତୃଣମୂଳ କଂଗ୍ରେସ ସରକାର ମଧ୍ୟ ଆଶା ଓ ଅଙ୍ଗନୱାଡି କର୍ମୀଙ୍କ ପାରିଶ୍ରମିକ ଦ୍ୱିଗୁଣିତ କରିଛନ୍ତି। କେନ୍ଦ୍ରରେ କ୍ଷମତାସୀନ ଭାଜପା ନିକଟରେ ନାରୀ ଶକ୍ତି ଅଧିନିୟମ ଗୃହୀତ କରାଇ ଲୋକ ସଭା ଓ ବିଧାନସଭାରେ ଏକ ତୃତୀୟାଂଶ ଆସନ ସଂରକ୍ଷଣ ଆଇନ ପ୍ରଣୟନ କରିଛନ୍ତି। ଏହା ନିଃସନ୍ଦେହ ଯେ ମହିଳାଙ୍କ ଭୋଟ ହାତେଇବା ଲାଗି ରାଜନୈତିକ ଦଳଗୁଡ଼ିକ ମଧ୍ୟରେ ମହିଳା ସଶକ୍ତୀକରଣ, ଆର୍ଥିକ ସଶକ୍ତୀକରଣ ଏବଂ ବିଭିନ୍ନ ମହିଳାକେନ୍ଦ୍ରିକ ଯୋଜନା ପାଇଁ ପ୍ରତିଯୋଗିତା ଚାଲିଥିବାବେଳେ ତାମିଲନାଡୁର ପୂର୍ବତନ ମୁଖ୍ୟମନ୍ତ୍ରୀ ଜୟଲଳିଥା ହେଉଛନ୍ତି ମହିଳାକେନ୍ଦ୍ରିକ କଲ୍ୟାଣ ଯୋଜନା କାର୍ଯ୍ୟକାରୀ କରିବାରେ ଅଗ୍ରଦୂତ। ଏହା ନିଶ୍ଚିତ ଯେ, ମହିଳା ସଶକ୍ତୀକରଣ ତଥା ମହିଳାଙ୍କ ଉନ୍ନତି ପାଇଁ ମହିଳାକେନ୍ଦ୍ରିକ ଯୋଜନା ନିମନ୍ତେ ରାଜନୈତିକ ଦଳଗୁଡ଼ିକ ମଧ୍ୟରେ ପ୍ରତିଯୋଗିତା ଚାଲିଥିବାବେଳେ ଦେଶରେ ଲିଙ୍ଗଗତ ଭେଦଭାବର ଶିକାର ଏବେ ବି ହେଉଛନ୍ତି। କିନ୍ତୁ ଆମ ସମ୍ବିଧାନ ସମସ୍ତଙ୍କୁ ସମାନ ଅଧିକାର ଦେଇଛି। ଏଥିପ୍ରତି ରାଜନୈତିକ ଦଳଗୁଡ଼ିକ ଧ୍ୟାନ ଦେବା ଜରୁରୀ।

**ଗଙ୍ଗୋତ୍ରୀ ନଗର, ଶିଶୁପାଳଗଡ଼**
**ମୋ:୯୪୩୭୯୯୪୩୭୯**

## ଏଇ ଭାରତରେ

କିନ୍ନରଙ୍କ ଜୀବନ ସଂଘର୍ଷମୟ। ସମାଜରେ ବଞ୍ଚିରହିବା ଲାଗି ସେମାନେ ବିଭିନ୍ନ କାର୍ଯ୍ୟ କରୁଥିଲେ ବି ସେମାନଙ୍କୁ ଲୋକେ ଭିନ୍ନ ଦୃଷ୍ଟିରେ ଦେଖନ୍ତି। ଏମିତି ଜଣେ କିନ୍ନର ହେଉଛନ୍ତି ପଶ୍ଚିମବଙ୍ଗର ସୁମି ଦାସ, ଯିଏ ବଞ୍ଚିବାକୁ ସଂଗ୍ରାମ କରି ସଫଳ ହୋଇ ଏବେ ଗରିବ ପିଲାମାନଙ୍କୁ ମାଗଣାରେ ଶିକ୍ଷା ଦେଉଛନ୍ତି। ସୁମି ୧୪ ବର୍ଷ ବୟସରେ ଘର ଛାଡ଼ି ଆସିଥିଲେ। ସେ ଜଳପାଇଗୁଡ଼ି ଷ୍ଟେଶନରେ ରହି ଭିକ୍ଷା କରି ଜୀବନ ବିତାଉଥିଲେ। କିନ୍ତୁ ଟ୍ରାନ୍ସଜେଣ୍ଡରଙ୍କ ପାଇଁ କାମ କରୁଥିବା ଏକ ସଂସ୍ଥା ତାଙ୍କୁ ଉଦ୍ଧାର କରିଥିଲା ଓ ତା'ସାହାଯ୍ୟରେ ସେ ଶିକ୍ଷାଲାଭ କରିଥିଲେ। ପ୍ରଥମେ ସେ ମୈତ୍ରୀ ସଂଯୋଗ ନାମକ ସୋସାଇଟି ଗଠନ କରି ଟ୍ରାନ୍ସଜେଣ୍ଡରଙ୍କୁ ଆତ୍ମନିର୍ଭରଶୀଳ କରିବାକୁ ପ୍ରୟାସ କରିଥିଲେ। କିନ୍ତୁ ସମାଜରେ କିଛି ପରିବର୍ତ୍ତନ ଆଣିବାକୁ ହେଲେ ଗରିବ ପିଲାଙ୍କୁ ଶିକ୍ଷିତ କରିବା ଜରୁରୀ ବୋଲି ମନେକରି ସେ ମୈତ୍ରୀ ସଂଯୋଗ ଗୁରୁକୁଳ ଖୋଲି ସେଠାରେ ଏବେ ୨୯ ପିଲାଙ୍କୁ ପଢ଼ାଉଛନ୍ତି। ପିଲାମାନେ ସେଠାରେ ରହୁଛନ୍ତି। ସେମାନଙ୍କ ସବୁ ଖର୍ଚ୍ଚ ମଧ୍ୟ ସୁମି ବହନ କରୁଛନ୍ତି। ସେମାନେ ବଡ଼ ହେଲେ ଜଣେ ଟ୍ରାନ୍ସଜେଣ୍ଡର ତାଙ୍କୁ ପଢ଼ାଇ ମଣିଷ କରିଛନ୍ତି ବୋଲି ଗର୍ବରେ କହିପାରିବେ ବୋଲି କୁହନ୍ତି ସୁମି।

## ୫୦ ବର୍ଷ ତଳର ଧରିତ୍ରୀ

**୧୫ ମାର୍ଚ୍ଚ ୧୯୭୫**

- ରାଜ୍ୟର ବିଶିଷ୍ଟ ସଙ୍ଗୀତ ଶିଳ୍ପୀ ସିଂହରୀ ଶ୍ୟାମସୁନ୍ଦର କରଙ୍କ ୬୮ ବର୍ଷ ବୟସରେ ପରଲୋକ।
- ତାମିଲନାଡୁର ଓରକୋଟ୍ ଜିଲାର ଏକ ପୁରୁଣା ମନ୍ଦିରର ମଣ୍ଡପ ଓ କାନ୍ଥ ଭାଙ୍ଗିପଡ଼ିବା ଫଳରେ ୧୯ ଜଣଙ୍କ ମୃତ୍ୟୁ।
- ଥାଇଲାଣ୍ଡର ନୂତନ ପ୍ରଧାନମନ୍ତ୍ରୀ ରୂପେ ୬୩ ବର୍ଷୀୟ କୁକ୍ରିଟ ପ୍ରମୋଦ ନିର୍ବାଚିତ।

## su|do|ku — ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| 6 | | 3 | | 1 | 7 | | | |
| 1 | | | | | | | | |
| | | | | | | 9 | 3 | |
| 9 | | | | | | 3 | | |
| | | | | | 6 | | | 9 |
| | | 1 | 4 | | | | 5 | |
| | 4 | | | | | | 8 | |
| 7 | | | 2 | 6 | | | | |
| | 5 | | 3 | | | 2 | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 9 | 5 | 1 | 8 | 6 | 7 | 4 | 2 | 3 |
| 8 | 6 | 2 | 9 | 3 | 4 | 7 | 5 | 1 |
| 3 | 7 | 4 | 1 | 5 | 2 | 6 | 8 | 9 |
| 6 | 8 | 5 | 7 | 1 | 9 | 2 | 3 | 4 |
| 1 | 2 | 9 | 4 | 8 | 3 | 5 | 6 | 7 |
| 4 | 3 | 7 | 5 | 2 | 6 | 1 | 9 | 8 |
| 2 | 1 | 3 | 6 | 4 | 8 | 9 | 7 | 5 |
| 7 | 4 | 6 | 3 | 9 | 5 | 8 | 1 | 2 |
| 5 | 9 | 8 | 2 | 7 | 1 | 3 | 4 | 6 |

ଗତକାଲିର ଉତ୍ତର

# ବିଚାର ବ୍ୟବସ୍ଥାରେ ସଂସ୍କାର ଲୋଡ଼ା



ଡ. ଜୟଦେବ ସାହୁ

ଭାରତର ସର୍ବୋଚ୍ଚ ନ୍ୟାୟାଳୟ ବିଶ୍ୱର ଏକ ଶକ୍ତିଶାଳୀ ନ୍ୟାୟାଳୟ ଭାବରେ ପରିଗଣିତ। ଏକ ଶକ୍ତ ବିଚାର ବ୍ୟବସ୍ଥା ପାଇଁ ହିଁ ବିଶ୍ୱରେ ଭାରତ ଏକ ଆଦର୍ଶ ଗଣତାନ୍ତ୍ରିକ ରାଷ୍ଟ୍ର। ସବୁବେଳେ ନ୍ୟାୟାଳୟ ଚେଷ୍ଟା କରି ଆସିଛି ନିରପେକ୍ଷ ହୋଇ ମାମଲାଗୁଡ଼ିକର ଫଇସଲା କରିବା ପାଇଁ। ତେବେ ଭାରତୀୟ ବିଚାର ବ୍ୟବସ୍ଥା ତ୍ରୁଟିଶୂନ୍ୟ ନୁହେଁ। ସେଥିପାଇଁ ବିଭିନ୍ନ ସମୟରେ ବିଚାର ବ୍ୟବସ୍ଥାରେ ସଂସ୍କାର ଆଣିବାର ପ୍ରଚେଷ୍ଟା କରାଯାଇଛି। ନିକଟରେ ମାନ୍ୟବର ସୁପ୍ରିମ କୋର୍ଟ ବିଚାର ବ୍ୟବସ୍ଥାରେ ଥିବା ତ୍ରୁଟିକୁ ନେଇ ବିଶେଷ ଚିନ୍ତା ପ୍ରକଟ କରିଛନ୍ତି। ଦୀର୍ଘ ୩୦ ବର୍ଷ ଧରି ଜଣେ କାରାବାସ କଲାପରେ ସେ ନିର୍ଦ୍ଦୋଷରେ ଖଲାସ ହେଲା ଶୀର୍ଷ ଅଦାଲତ ଦ୍ୱାରା। ଅଦାଲତ ନିଜେ ବ୍ୟଥିତ ହୋଇ ପଡ଼ିଛନ୍ତି ଏହି ମାମଲାରେ। ଏହା କେବଳ ଗୋଟିଏ ଘଟଣା ନୁହେଁ, ଏଭଳି ଅନେକ ସଂଖ୍ୟାରେ ଲୋକମାନେ ବିନା ଦୋଷରେ କାରାଗାରର ଅନ୍ଧାର କୋଠରିରେ ନିଜ ଜୀବନ ଦୀପକୁ ନିର୍ବାପିତ କରୁଛନ୍ତି। ଅନେକ କାରଣ ଯୋଗୁ ନ୍ୟାୟ ଠିକ୍ ସମୟରେ ମିଳୁ ନ ଥିବାରୁ ଦୋଷୀ ଖସି ଯିବାରେ ସଫଳ ହେଉଛି ଏବଂ ବିଳମ୍ବିତ ନ୍ୟାୟ ନିର୍ଦ୍ଦୋଷଙ୍କ ପାଇଁ ଏକ ଶାସ୍ତି ସଦୃଶ। କଥାରେ ଅଛି ବିଳମ୍ବିତ ନ୍ୟାୟ ଅନ୍ୟାୟ। ଅନେକ ନିର୍ଦ୍ଦୋଷ ବ୍ୟକ୍ତି ନ୍ୟାୟ ବ୍ୟବସ୍ଥାରେ ଥିବା ଫାଙ୍କ ଯୋଗୁ ଖଲାସ ହେବାର ଅନେକ ନଜିର ରହିଛି।

ଏକ ତଥ୍ୟ ଅନୁସାରେ ପଶ୍ଚିମବଙ୍ଗର ଜଲପାଇଗୁଡ଼ି ମାଲଦା ଅଦାଲତରେ ୧୯୫୨ ଏପ୍ରିଲ ୪ ତାରିଖରେ ଜାବେନ୍ଦ୍ର ନାରାୟଣ ଚୌଧୁରୀ ଓ ଆଶୁତୋଷ ଚୌଧୁରୀ ଏକ ଜମି ବିଭାଜନ ମାମଲା ଦାଏର କରିଥିଲେ। କିନ୍ତୁ ତା'ର ପ୍ରଥମ ଶୁଣାଣି ଅଗଷ୍ଟ ୧୧ ତାରିଖ ୨୦୧୭ ମସିହାରେ ହୋଇଥିଲା। ଏମିତି ଅନେକ ମାମଲା ୫୦ ବର୍ଷରୁ ଅଧିକ ବର୍ଷ ଶୁଣାଣି ନ ହୋଇ ପଡି ରହିଛି। କେନ୍ଦ୍ର ଆଇନମନ୍ତ୍ରୀ ସ୍ୱୀକାର କରି କହିଲେ ଯେ, ସୁପ୍ରିମ କୋର୍ଟରେ ୫୦ ବର୍ଷ ପୁରୁଣା ବେଶି ମାମଲା ନାହିଁ, କିନ୍ତୁ ଉଚ୍ଚ ନ୍ୟାୟାଳୟମାନଙ୍କରେ ଅନେକ ମାମଲାର ବୟସ ୫୦ ବର୍ଷରୁ ଅଧିକ। ଏତେ ବର୍ଷ ପରେ ଯଦି ଜଣେ ନିର୍ଦ୍ଦୋଷ ପ୍ରମାଣିତ ହୁଏ, ତେବେ ତା'ର ଅର୍ଥ କ'ଣ ? ମୁଦେଇ ବା ମୁଦାଲା ସେତେବେଳେ ହୁଏତ ଏ ପୃଥିବୀରେ ନ ଥିବେ। ଏଇ ନିକଟରେ ଓ ମୟୂରଭଞ୍ଜ ଜିଲାର ବଲରାମପୁର ଗ୍ରାମର ହାବିଲ ସିନ୍ଧୁ ୩ ଜଣ ପଡ଼ୋଶୀଙ୍କୁ ହତ୍ୟା କରିଥିବା ମାମଲାରେ ଛନ୍ଦି ହୋଇ ଦୀର୍ଘ ୧୯ ବର୍ଷ କାରଗାରରେ ରହିବା ପରେ ନିର୍ଦ୍ଦୋଷରେ ମୁକ୍ତ ହେଲେ। ଏତେ ବର୍ଷ ପରେ ହତ୍ୟା ମାମଲାରେ ସମ୍ପୃକ୍ତ ବ୍ୟକ୍ତି ନିର୍ଦ୍ଦୋଷରେ ଖଲାସ ହେଲା ପରେ ସମାଜ ତାକୁ ଠିକ୍ ଭାବେ ଗ୍ରହଣ କରିବ ତ ? ତା'ର ହଜି ଯାଇଥିବା ଅମୂଲ୍ୟ ୧୯ ବର୍ଷ ଭରଣା ହୋଇପାରିବ କି ? ଥରେ ସମ୍ମାନ ହରେଇ ସାରିବା ପରେ ସେ ସମ୍ମାନର ସହିତ ବଞ୍ଚିପାରିବ ତ ? ଜବଲପୁର ସେସନ୍ସ ଜଜ୍ ଏକ ହତ୍ୟା ମାମଲାରେ ଓମ୍‌ପ୍ରକାଶ ଯାଦବ ଓ ଅନ୍ୟ ଦୁଇ ଜଣଙ୍କୁ ଫାଶିଦଣ୍ଡରେ ଦଣ୍ଡିତ କଲେ ଏବଂ ଉଚ୍ଚ



ନ୍ୟାୟାଳୟ ମଧ୍ୟ ଏହି ଦଣ୍ଡକୁ କାଏମ ରଖିଲେ। କିନ୍ତୁ ଉଚ୍ଚତମ ନ୍ୟାୟାଳୟ ମୃତ୍ୟୁ ଦଣ୍ଡ ପାଇଥିବା ଏହି ତିନି ଜଣଙ୍କୁ ନିର୍ଦ୍ଦୋଷ ବୋଲି ଖଲାସ କଲେ। ପ୍ରଶ୍ନ ଉଠେ ଜଣେ ସାଧାରଣ ବ୍ୟକ୍ତି ଯାହା ପାଖରେ ଅର୍ଥ ନାହିଁ ସେ ସୁପ୍ରିମ କୋର୍ଟ ପର୍ଯ୍ୟନ୍ତ ନ୍ୟାୟ ପାଇଁ ଯାଇ ପାରିବ କି । ଏତେ ଦିନର ନ୍ୟାୟିକ ସଂଘର୍ଷ ପରେ ତା'ର ମାନସିକ ଓ ଆର୍ଥିକ ଅବସ୍ଥା କିପରି ଥିବ । ଏମିତି ଅନେକ ମାମଲାରେ ତଳ କୋର୍ଟ ଦୋଷୀ ସାବ୍ୟସ୍ତ କରିଥିବାବେଳେ ଉପର ଅଦାଲତ ନିର୍ଦ୍ଦୋଷ ବୋଲି ଦଣ୍ଡ ମୁକ୍ତ କରିଥିବାର ନଜିର ଅଛି। ତଳ କୋର୍ଟର ଯେଉଁ ବିଚାରପତି ଦୋଷୀ ସାବ୍ୟସ୍ତ କରି ଥାଆନ୍ତି, ତାଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ହେବାର ଖୁବ୍ କମ୍ ଉଦାହରଣ ଅଛି। ଅବଶ୍ୟ ଦଣ୍ଡ ବିଧାନ ଯଦି ଉଦ୍ଦେଶ୍ୟମୂଳକ ହୋଇଥିବ ତେବେ ଭାରତୀୟ ପିଙ୍ଗଳ ଆଇନ ୨୧୯ ଧାରା ଲାଗୁ କରାଯାଇପାରେ।

କଶ୍ମୀରର ଜାମାରୁଦ ହବିବ ନାମ୍ନୀ ଜଣେ ମହିଳା ତାଙ୍କ ପୁସ୍ତକ 'କଏଦୀ ନମ୍ବର ୧୦୦'ରେ ବିନା ଦୋଷରେ କାରାଗାରରେ କଟାଇଥିବା ଯନ୍ତ୍ରଣାମୟ ପାଞ୍ଚ ବର୍ଷର ତାଙ୍କ ଅନୁଭୂତି ବର୍ଣ୍ଣନା କରିଛନ୍ତି। ସେ ପ୍ରଶ୍ନ କରିଛନ୍ତି ଦୀର୍ଘ ପାଞ୍ଚ ବର୍ଷ ସେ ଯେଉଁ ମାନସିକ ଯନ୍ତ୍ରଣାରେ ଛଟ ପଟ ହୋଇଛନ୍ତି, ତା'ର ଭରଣା ହୋଇପାରିବ କି? ନିର୍ଦ୍ଦୋଷ ବ୍ୟକ୍ତିଙ୍କୁ କ୍ଷତିପୂରଣ ଦେବାର ବିଶେଷ ବ୍ୟବସ୍ଥା ପ୍ରଚଳିତ ନ୍ୟାୟ ବ୍ୟବସ୍ଥାରେ ନାହିଁ। ସେଥିପାଇଁ ବ୍ୟକ୍ତି ଜଣକ ଅସହାୟ ହୋଇ ପଡ଼େ।

୨୦୧୮ ଜାତୀୟ କ୍ରାଇମ ରେକର୍ଡ ବ୍ୟୁରୋର ଆକଳନ ଅନୁସାରେଦାଏର ହୋଇଥିବା ୩୩.୧୫ ଲକ୍ଷ ମାମଲାରୁ ମାତ୍ର ୮.୬୪ ଲକ୍ଷ ମାମଲାରେ ଅଭିଯୁକ୍ତମାନେ ଦୋଷୀ ସାବ୍ୟସ୍ତ ହେଲେ। ହତ୍ୟା ମାମଲାଗୁଡ଼ିକରେ ୩୮.୧ ପ୍ରତିଶତ ଓ ବଳାତ୍କାର ପାଇଁ ମାତ୍ର ୨୫.୪ ପ୍ରତିଶତ ଅଭିଯୁକ୍ତ ଦୋଷୀ ସାବ୍ୟସ୍ତ ହୋଇ ଦଣ୍ଡ ପାଇଛନ୍ତି। ମାମଲାରୁ ଅନେକ କାରଣ ପାଇଁ ଦୋଷୀମାନେ ମଧ୍ୟ ନିର୍ଦ୍ଦୋଷରେ ଖଲାସ ହୋଇଯାଆନ୍ତି। ଏଥିପାଇଁ ନ୍ୟାୟାଳୟକୁ ସମ୍ପୂର୍ଣ୍ଣ ଦୋଷାରୋପ କରାଯାଇ ନ ପାରେ। ଆଇନରେ ଥିବା ଫାଙ୍କ, ତଦନ୍ତରେ ପୋଲିସ ଅଫିସରଙ୍କ ଅବହେଳା, ସାକ୍ଷୀମାନଙ୍କ ଭୁଲ୍ ବୟାନ ଯୋଗୁ ବହୁ ଅପରାଧୀ ଦଣ୍ଡ ମୁକ୍ତ ହୁଅନ୍ତି। ଏଇଥିପାଇଁ ବିଚାର ବ୍ୟବସ୍ଥାର ସଂସ୍କାର ପାଇଁ ୨୦୦୦ ମସିହାରେ ଗଠିତ କମିଟିର ନ୍ୟାୟମୂର୍ତ୍ତି ଭି.ଏସ. ମାଲିମଠ କହିଲେ, ପ୍ରଚଳିତ ନ୍ୟାୟ ବ୍ୟବସ୍ଥା ଦୋଷୀ ସପକ୍ଷରେ ରହିଥିବା ବେଳେ ପୀଡ଼ିତଙ୍କ ନ୍ୟାୟ ପାଇଁ ବିଶେଷ ବ୍ୟବସ୍ଥା ନାହିଁ । ତେଣୁ ସଂସ୍କାରର ଆବଶ୍ୟକତା ରହିଛି। ପୂର୍ବତନ ମୁଖ୍ୟ ବିଚାରପତି ନ୍ୟାୟମୂର୍ତ୍ତି ରାମନା ପ୍ରଚଳିତ ନ୍ୟାୟ ବ୍ୟବସ୍ଥାର ସଂସ୍କାର ସପକ୍ଷରେ ଥିଲେ। ସେ ବିଚାର ବ୍ୟବସ୍ଥାର ଭାରତୀୟ କରଣ ଉପରେ ଗୁରୁତ୍ୱାରୋପ କଲେ। ନ୍ୟାୟ ବ୍ୟବସ୍ଥା ଲୋକକେନ୍ଦ୍ରିକ ହେଲେ ହିଁ ଲୋକେ ଉପକୃତ ହେବେ। ତାଙ୍କ ମତ ଅନୁସାରେ ଗାଁରୁ ଆସିଥିବା ଜଣେ ବ୍ୟକ୍ତି ପାଇଁ ନ୍ୟାୟାଳୟ ଅପରିଚିତ ଜାଗା। ସେ କୋର୍ଟରେ ଇଂଲିଶରେ ଜବାବ ସୁଆଲ ବୁଝିପାରେ ନାହିଁ। ମାମଲାର ବିଚାର ପ୍ରକ୍ରିୟା ଲମ୍ବା ହେଉଥିବାରୁ ସେ ତଳିତଳାନ୍ତ ହୋଇଯାଏ।

ମାମଲାର ଶୀଘ୍ର ଫଇସଲା ପାଇଁ ଅଧିକ ବିଚାରପତି ନିଯୁକ୍ତି, ଅଧିକ ଫାଷ୍ଟ୍ରାକ କୋର୍ଟ ପ୍ରତିଷ୍ଠା, ଆଇନକାନୁନ୍‌ରେ ଯୁଗୋପଯୋଗୀ ସଂଶୋଧନ, ନ୍ୟାୟିକ ପଦ୍ଧତିର ସରଳୀକରଣ, କୋର୍ଟରେ ମାତୃଭାଷାର ପ୍ରଚଳନ, ଅଧିକ ଦେୟମୁକ୍ତ ନ୍ୟାୟିକ ସାହାଯ୍ୟ ଯୋଗାଇ ଦେଲେ ବିଚାର ବ୍ୟବସ୍ଥା ତ୍ରୁଟିଶୂନ୍ୟ ଓ ଆସ୍ଥାଭାଜନ ହୋଇପାରିବ। ବହୁ ଦିନରୁ ପ୍ରଚଳିତ ଉପନିବେଶବାଦୀ ନିୟମ କାନୁନ୍‌ର ସଂଶୋଧନ ଜରୁରୀ।

**ମା' ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟ,**
**ଭବାନୀପାଟଣା**
**ମୋ:୭୯୭୮୯୯୦୦୧୬**

## ପାଠକ ଶ୍ରେଷ୍ଠ ବିଚାରକ

### ଏକାଧିକ ରେଳ ଷ୍ଟେଶନ କାର୍ଯ୍ୟକାରୀ ହେଉ

ମହାଶୟ,

ଅଧିକାଂଶ ସମୟରେ ଭୁବନେଶ୍ୱର ମୁଖ୍ୟ ରେଳ ଷ୍ଟେଶନରେ ପ୍ରବଳ ଭିଡ଼ ପରିଲକ୍ଷିତ ହୁଏ ଏବଂ ଯାତ୍ରୀମାନେ ବହୁତ ଅସୁବିଧାର ସମ୍ମୁଖୀନ ହୁଅନ୍ତି । ଏହି ପରିପ୍ରେକ୍ଷୀରେ, ଭୁବନେଶ୍ୱର ମୁଖ୍ୟ ଷ୍ଟେଶନରୁ ଆରମ୍ଭ ହୋଇ ଦକ୍ଷିଣ କିମ୍ବା ପଶ୍ଚିମ ଦିଗକୁ ଯାତ୍ରା କରୁଥିବା କିଛି ଦୂରଗାମୀ ଟ୍ରେନ ଓ ପୁନର୍ବାର ଭୁବନେଶ୍ୱର ମୁଖ୍ୟ ଷ୍ଟେଶନକୁ ଶେଷ ଗନ୍ତବ୍ୟସ୍ଥଳ ଭାବେ ଫେରୁଥିବା ଉକ୍ତ ଟ୍ରେନକୁ ଲିଙ୍ଗରାଜ ରେଳ ଷ୍ଟେଶନ ଏକ ବିକଳ୍ପ ମୁଖ୍ୟ ଷ୍ଟେଶନ ଭାବରେ କାର୍ଯ୍ୟକାରୀ କରାଯାଇପାରିବ । ସେହିଭଳି ପୂର୍ବ ଓ ଉତ୍ତର ଦିଗ ପାଇଁ ବାଣୀବିହାର ଷ୍ଟେଶନକୁ ଚୟନ କରାଯାଇପାରିବ । ଉପରୋକ୍ତ ଷ୍ଟେଶନଗୁଡ଼ିକୁ ଆବଶ୍ୟକତା ଅନୁଯାୟୀ ଆଧୁନିକୀକରଣ/ନବୀକରଣ କରାଯାଇପାରିବ। ଆମ ଦେଶରେ ଅନେକ ବଡ଼ ବଡ଼ ସହରରେ ଏହିଭଳି ଏକାଧିକ ଷ୍ଟେଶନ କାର୍ଯ୍ୟକାରୀ ହୋଇ ସୁଫଳ ପରିଲକ୍ଷିତ ହୋଇଛି ।

**–ନବନିତ ପାଣିଗ୍ରାହୀ, ରାୟଗଡ଼ା**

## ଚିରନ୍ତନୀ

କି ଗୀତ ତୋ ଆଗେ ଗାଇବି କହରେ ଶିମୁଳିପାଳ !
ରକତ ମୋହର ବରଫ, ହାଡ଼ ଯେ ହୋଇଛି ପାଣି।
କଣ୍ଠେ ଶୁଖିଛି ରସନା ବାସନା ନ ଆସେ କଥା
କ୍ଷୁଧିତ ମାନବ କାକୁତି କରଇ ପତାଇ ଥାଳ।
–(ପାସୋରି ଦେଲିରେ ଶିମୁଳିପାଳ)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ଏକସଙ୍ଗେ ନିର୍ବାଚନ ପାଇଁ କୋବିନ୍ଦ କମିଟିର ସୁପାରିସ

## ଗୋଟିଏ ଭୋଟର ତାଲିକା ପ୍ରସ୍ତୁତ ହେବ

## ଝୁଲା ପାର୍ଲାମେଣ୍ଟ ହେଲେ ସାନି ନିର୍ବାଚନ ହେବ



ୱାନ୍ ନେଶନ୍ ୱାନ୍ ଇଲେକ୍ସନ୍ କମିଟି ଅଧ୍ୟକ୍ଷ ରାମନାଥ କୋବିନ୍ଦ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କୁ ରିପୋର୍ଟ ପ୍ରଦାନ କରୁଛନ୍ତି।

ନୂଆଦିଲ୍ଲୀ,୧୪।୩ (ପି.ଟି.)

ଦେଶରେ ଏକସଙ୍ଗେ ଲୋକ ସଭା ଏବଂ ରାଜ୍ୟ ବିଧାନସଭାଗୁଡ଼ିକର ନିର୍ବାଚନ କରାଇବା ପାଇଁ ପୂର୍ବତନ ରାଷ୍ଟ୍ରପତି ରାମନାଥ କୋବିନ୍ଦଙ୍କ ଅଧ୍ୟକ୍ଷତାରେ ଗଠିତ ଉଚ୍ଚସ୍ତରୀୟ କମିଟି ଗୁରୁବାର କେନ୍ଦ୍ର ସରକାରଙ୍କୁ ସୁପାରିସ କରିଛି। ଏହାର ୧୦୦ ଦିନ ମଧ୍ୟରେ ପୌର ଓ ପଞ୍ଚାୟତ ନିର୍ବାଚନ କରାଇବା ପାଇଁ କୁହାଯାଇଛି। ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କୁ କମିଟି ପ୍ରଦାନ କରିଥିବା ୧୮,୦୦୦ ପୃଷ୍ଠାର 'ୱାନ୍ ନେଶନ ୱାନ୍ ଇଲେକ୍ସନ' ରିପୋର୍ଟରେ କୁହାଯାଇଛି, ଏକସଙ୍ଗେ ନିର୍ବାଚନ ହେଲେ ଦେଶର ବିକାଶ ଓ ସାମାଜିକ ଏକତାକୁ ପ୍ରୋତ୍ସାହିତ କରିବା ସହ ଗଣତାନ୍ତ୍ରିକ ଦିଶାନିର୍ଦ୍ଦେଶକୁ ଦୃଢ଼ କରିବ ଏବଂ ଇଣ୍ଡିଆ ତଥା ଭାରତର ଆଶା ଆକାଂକ୍ଷାକୁ ବୁଝିବା ସହଜ ହେବ।

କୌଣସି ଦଳକୁ ପୂର୍ଣ୍ଣ ବହୁମତ ନ ମିଳି ଝୁଲା ଲୋକ ସଭା ହେଲେ କିମ୍ବା ଅନାସ୍ଥା ପ୍ରସ୍ତାବ ଅଥବା ସେଭଳି କିଛି ସମସ୍ୟା ଦେଖାଦେଲେ, ସାନି ନିର୍ବାଚନ କରାଯାଇପାରିବ ବୋଲି କମିଟି ସୁପାରିସ କରିଛି। ମଧ୍ୟବର୍ତ୍ତୀ ସମୟରେ ସାନି ନିର୍ବାଚନ ହେଲେ ଲୋକ ସଭାର କାର୍ଯ୍ୟକାଳ ଅବଶିଷ୍ଟ ଅବଧି ଯାଏ କାଏମ ରହିବ। ସେହିପରି କୌଣସି ରାଜ୍ୟ ବିଧାନସଭା ପାଇଁ ସାନି ନିର୍ବାଚନ ହେଲେ ଏହାର କାର୍ଯ୍ୟକାଳ ଲୋକ ସଭାର ପୂର୍ଣ୍ଣ କାର୍ଯ୍ୟକାଳ ଶେଷ ହେବା ପର୍ଯ୍ୟନ୍ତ ରହିବ। ଏଭଳି ବ୍ୟବସ୍ଥା କାର୍ଯ୍ୟକାରୀ କରିବାକୁ ହେଲେ, ସମ୍ବିଧାନର ଅନୁଚ୍ଛେଦ ୮୩(ପାର୍ଲାମେଣ୍ଟର କାର୍ଯ୍ୟକାଳ) ଏବଂ ଅନୁଚ୍ଛେଦ ୧୭୨(ରାଜ୍ୟ ବିଧାନସଭାଗୁଡ଼ିକର କାର୍ଯ୍ୟକାଳ)ରେ ସଂଶୋଧନ ହେବା ଆବଶ୍ୟକ ବୋଲି କମିଟି କହିଛି। ଉକ୍ତ ସମ୍ବିଧାନ ସଂଶୋଧରେ ରାଜ୍ୟଗୁଡ଼ିକର ସମର୍ଥନ ଆବଶ୍ୟକ ହେବନାହିଁ।

ରାଜ୍ୟ ନିର୍ବାଚନ କର୍ତ୍ତୃପକ୍ଷମାନଙ୍କ ସହ ପରାମର୍ଶ କରି ଭାରତର ନିର୍ବାଚନ କମିଶନ (ଇସିଆଇ) ଗୋଟିଏ ଭୋଟର ତାଲିକା ଏବଂ ଭୋଟର ପରିଚୟପତ୍ର ପ୍ରସ୍ତୁତ କରିବାକୁ କମିଟି ସୁପାରିସ କରିଛି। ଏଥିପାଇଁ ଉଦ୍ଦିଷ୍ଟ ଅନୁଚ୍ଛେଦ ୩୨୫ରେ ଆବଶ୍ୟକ ସଂଶୋଧନ କରାଯାଇପାରିବ ବୋଲି କମିଟି କହିଛି। ବର୍ତ୍ତମାନ ଇସିଆଇ ଲୋକ ସଭା ଏବଂ ବିଧାନସଭାଗୁଡ଼ିକର ନିର୍ବାଚନ କରାଉଥିବାବେଳେ ରାଜ୍ୟ ନିର୍ବାଚନ କର୍ତ୍ତୃପକ୍ଷ ପୌର ପଞ୍ଚାୟତ ନିର୍ବାଚନ କରାଇଥାନ୍ତି। କମିଟି ଅନେକ ସମ୍ବିଧାନ ସଂଶୋଧନ ପାଇଁ ସୁପାରିସ କରିଥିବାବେଳେ ସେଥିରୁ ଅଧିକାଂଶ କ୍ଷେତ୍ରରେ ରାଜ୍ୟଗୁଡ଼ିକର ସମର୍ଥନ ଆବଶ୍ୟକ ପଡ଼ିବ ନାହିଁ।

କମିଟିର କହିବା ଅନୁଯାୟୀ ପ୍ରତିବର୍ଷ ଏକାଧିକ ନିର୍ବାଚନ ଅନୁଷ୍ଠିତ ହେଉଥିବାରୁ ସରକାରଙ୍କ ଉପରେ ଅତ୍ୟଧିକ ବୋଝ ପଡୁଛି। ନିର୍ବାଚନରେ ଭାଗନେଉଥିବା ରାଜନୈତିକ ଦଳ, ପ୍ରାର୍ଥୀଙ୍କ ସମେତ ବ୍ୟବସାୟୀ, ସିଭିଲ୍ ସୋସାଇଟି ସମସ୍ତଙ୍କ ଉପରେ ଆର୍ଥିକ ଚାପ ପଡୁଛି। ଏହାକୁ ବନ୍ଦ କରି ଏକସଙ୍ଗେ ନିର୍ବାଚନ ପାଇଁ ସରକାର ଆଇନସଙ୍ଗତ ବ୍ୟବସ୍ଥାର ବିକାଶ କରିବା ଆବଶ୍ୟକ ବୋଲି କମିଟି କହିଛି। କୋବିନ୍ଦଙ୍କ ଅଧ୍ୟକ୍ଷତାରେ ଗଠିତ 'ୱାନ୍ ନେଶନ ୱାନ୍ ଇଲେକ୍ସନ' କମିଟିରେ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହା, ପୂର୍ବତନ ଅର୍ଥ କମିଶନ ଅଧ୍ୟକ୍ଷ ଏନ୍.କେ. ସିଂ, ପୂର୍ବତନ ଲୋକ ସଭା ମହାସଚିବ ସୁଭାଷ କାଶ୍ୟପ, ରାଜ୍ୟ ସଭାର ପୂର୍ବତନ ବିରୋଧୀ ଦଳ ନେତା ଗୁଲାମ ନବୀ ଆଜାଦ ଏବଂ ଆଇନ ମନ୍ତ୍ରୀ ଅର୍ଜୁନ ରାମ ମେଘୱାଲ ସଦସ୍ୟ ରହିଛନ୍ତି। ୨୦୨୩ ସେପ୍ଟେମ୍ବର ୨ରେ କମିଟି ଗଠନ କରାଯାଇଥିଲା। କମିଟି ଜର୍ମାନୀ, ଦକ୍ଷିଣ ଆଫ୍ରିକା, ସୁଇଡେନ୍, ବେଲ୍‌ଜିୟମ, ଜାପାନ, ଇଣ୍ଡୋନେସିଆ ଏବଂ ଫିଲିପାଇନ୍ସର ନିର୍ବାଚନ ପ୍ରକ୍ରିୟାକୁ ଅନୁଧ୍ୟାନ କରିଥିଲେ। ୧୯୧ ଦିନ ଧରି ଅନେକ ବିଶେଷଜ୍ଞ ଏବଂ ଷ୍ଟେକ୍‌ହୋଲ୍ଡରମାନଙ୍କ ସହ ବିସ୍ତୃତ ବିଚାରବିମର୍ଶ ପରେ ଉକ୍ତ ରିପୋର୍ଟ ପ୍ରସ୍ତୁତ ହୋଇଛି। ପରାମର୍ଶ ସମୟରେ ୩ ଜଣ ପୂର୍ବତନ ହାଇକୋର୍ଟ ମୁଖ୍ୟ ବିଚାରପତି ଏବଂ ଜଣେ ରାଜ୍ୟ ନିର୍ବାଚନ କମିଶନର ଏକସଙ୍ଗେ ନିର୍ବାଚନ ଚିନ୍ତାଧାରାକୁ ବିରୋଧ କରିଥିଲେ। ସେମାନେ ହେଲେ ଦିଲ୍ଲୀ ହାଇକୋର୍ଟର ପୂର୍ବତନ ମୁଖ୍ୟ ବିଚାରପତି ଅଜିତ ପ୍ରକାଶ ଶାହ, କାଲ୍‌କାଟା ହାଇକୋର୍ଟର ପୂର୍ବତନ ମୁଖ୍ୟ ବିଚାରପତି ଗିରୀଶ ଚନ୍ଦ୍ର ଗୁପ୍ତା, ମାଡ୍ରାସ ହାଇକୋର୍ଟର ପୂର୍ବତନ ମୁଖ୍ୟ ବିଚାରପତି ସଞ୍ଜୀବ ବାନାର୍ଜୀ ଏବଂ ତାମିଲନାଡୁର ନିର୍ବାଚନ କମିଶନର ଭି. ପାଲାନିକୁମାର।

## ଶରଦ ପାୱାରଙ୍କ ନାଁ, ଫଟୋ ବ୍ୟବହାର କରନାହିଁ

**ଅଜିତ ଗୋଷ୍ଠୀକୁ ସୁପ୍ରିମକୋର୍ଟଙ୍କ ତାଗିଦା**

ନୂଆଦିଲ୍ଲୀ,୧୪।୩ (ପି.ଟି.)

ରାଜନୈତିକ ଫାଇଦା ପାଇଁ ମହାରାଷ୍ଟ୍ର ଉପମୁଖ୍ୟମନ୍ତ୍ରୀ ଅଜିତ ପାୱାରଙ୍କ ଗୋଷ୍ଠୀ ବରିଷ୍ଠ ନେତା ଶରଦ ପାୱାରଙ୍କ ନାମ ଏବଂ ଫଟୋକୁ ବ୍ୟବହାର କରିପାରିବେ ନାହିଁ ବୋଲି ସୁପ୍ରିମକୋର୍ଟ ଟିପ୍ପଣୀ ଦେଇଛନ୍ତି। ଅଜିତଙ୍କ ନେତୃତ୍ୱାଧୀନ ବିରୋଧୀ ଗୋଷ୍ଠୀ ରାଜନୈତିକ ଫାଇଦା ପାଇଁ ପାୱାରଙ୍କ ଲୋକପ୍ରିୟତାର ଦୁରୁପଯୋଗ କରୁଥିବା ଅଭିଯୋଗ ଉପରେ ସର୍ବୋଚ୍ଚ ଅଦାଲତ ଜବାବ ମାଗିଛନ୍ତି। ଶରଦ ପାୱାରଙ୍କ ପକ୍ଷରୁ ବରିଷ୍ଠ ଆଇନଜୀବୀ ଅଭିଷେକ ସିଂଘଭି କୋର୍ଟରେ ଉପସ୍ଥିତ ରହି କହିଥିଲେ, ମରାଠା ଷ୍ଟଲୱାର୍ଟଙ୍କ ନାଁ ଓ ଫଟୋକୁ ଅଜିତ ଗୋଷ୍ଠୀର ଏନ୍‌ସିପି ପୋଷ୍ଟରରେ ବ୍ୟବହାର କରୁଛି। ମୂଳ ଏନ୍‌ସିପିରୁ ଅଲଗା ହୋଇଯିବା ପରେ କେବଳ ନିଜ ପରିଚୟକୁ ବ୍ୟବହାର କରିବାକୁ ହେବ ବୋଲି ଜଷ୍ଟିସ ସୂର୍ଯ୍ୟକାନ୍ତ ଏବଂ କେ.ଭି. ବିଶ୍ୱନାଥନ ଉପମୁଖ୍ୟମନ୍ତ୍ରୀଙ୍କ ନେତୃତ୍ୱାଧୀନ ଗୋଷ୍ଠୀକୁ କହିଛନ୍ତି। ଆଉ ଶରଦ ପାୱାରଙ୍କ ନାଁ ଓ ଫଟୋ ବ୍ୟବହାର ନ କରିବାକୁ ନିଃସର୍ତ୍ତ ଲିଖିତ ପ୍ରତିଶ୍ରୁତି ସହ ସତ୍ୟପାଠ ଶନିବାର ସୁଦ୍ଧା ଦାଖଲ କରିବାକୁ ଖଣ୍ଡପୀଠ ନିର୍ଦ୍ଦେଶ ଦେଇଛନ୍ତି।

## ମମତା ବାନାର୍ଜୀ ଆହତ



କୋଲକାତା,୧୪।୩ (ପି.ଟି.)

ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ଗୁରୁବାର ସନ୍ଧ୍ୟାରେ ଆହତ ହୋଇ ହସ୍ପିଟାଲରେ ଭର୍ତ୍ତି ହୋଇଥିବା ତୃଣମୂଳ କଂଗ୍ରେସ ପକ୍ଷରୁ କୁହାଯାଇଛି। ୬୯ ବର୍ଷୀୟା ଟିଏମ୍‌ସି ନେତ୍ରୀ ଏକ କାର୍ଯ୍ୟକ୍ରମରୁ ଫେରିବା ପରେ ଦକ୍ଷିଣ କୋଲକାତାର କାଳୀଘାଟସ୍ଥିତ ବାସଭବନରେ ପଡ଼ିଯିବାରୁ କପାଳରେ ଆଘାତ ଲାଗିଥିଲା। ଦଳର ସାଧାରଣ ସମ୍ପାଦକ ଅଭିଷେକ ବାନାର୍ଜୀ ମମତାଙ୍କୁ କୋଲକାତାର ଏସ୍‌ଏସ୍‌କେଏମ୍ ହସ୍ପିଟାଲରେ ଭର୍ତ୍ତି କରିଛନ୍ତି।

## ୧୮ ଓଟିଟି, ୧୦ ଆପ୍ ଓ ୧୯ ୱେବ୍‌ସାଇଟ୍ ବ୍ୟାନ୍

ନୂଆଦିଲ୍ଲୀ, ୧୪।୩

ବିଭିନ୍ନ ଓଟିଟି ପ୍ଲାଟଫର୍ମରେ ଅଶ୍ଳୀଳ କଣ୍ଟେଣ୍ଟକୁ ନେଇ କେନ୍ଦ୍ର ସରକାରଙ୍କ ପକ୍ଷରୁ ଗୁରୁବାର କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ସାରା ଦେଶରେ ୧୮ଟି ଓଟିଟି ପ୍ଲାଟଫର୍ମ ଓ ଏହା ସହ ସମ୍ବନ୍ଧିତ ଥିବା ୫୭ଟି ସୋସିଆଲ ମିଡିଆ ହ୍ୟାଣ୍ଡେଲ, ୧୯ଟି ୱେବ୍‌ସାଇଟ୍ ଓ ୧୦ଟି ଆପ୍‌କୁ ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ପକ୍ଷରୁ ନିଷିଦ୍ଧ କରାଯାଇଛି। ଆଇଟି ଆକ୍ଟର ଧାରା ୬୭ ଓ ୬୭ଏ, ଆଇପିସିର ଧାରା ୨୯୨ ଏବଂ ଇଣ୍ଡିସେଣ୍ଟ ରିପ୍ରେଜେଣ୍ଟେସନ୍ ଅଫ୍ ଓମେନ୍ (ପ୍ରୋହିବିଜନ୍) ଆକ୍ଟ,୧୯୮୬ର ସେକ୍ସନ ୪ ଅନୁଯାୟୀ ଏହି ପ୍ଲାଟଫର୍ମ ଗୁଡ଼ିକର କଣ୍ଟେଣ୍ଟ ନିୟମ ଉଲ୍ଲଙ୍ଘନ କରୁଥିଲା। ଭାରତ ସରକାରଙ୍କ ବିଭିନ୍ନ ମନ୍ତ୍ରଣାଳୟ, ଗଣମାଧ୍ୟମ, ମନୋରଞ୍ଜନ ଓ ମହିଳା ଏବଂ ଶିଶୁ ଅଧିକାର କ୍ଷେତ୍ରରେ ବିଭିନ୍ନ ବିଶେଷଜ୍ଞଙ୍କ ସହ ଆଲୋଚନା ପରେ ସୂଚନା ପ୍ରଯୁକ୍ତିବିଦ୍ୟା ଅଧିନିୟମ, ୨୦୦୦ ଅନୁଯାୟୀ ଏହି ନିଷ୍ପତ୍ତି ନିଆଯାଇଛି। ବ୍ୟାନ୍ କରାଯାଇଥିବା ଓଟିଟି ପ୍ଲାଟଫର୍ମଗୁଡ଼ିକ ମଧ୍ୟରେ ଡ୍ରିମ୍ ଫିଲ୍ମସ, ୟେସ୍‌ମା, ଅନ୍‌କଟ୍ ଆଡ୍ଡା, ଟ୍ରାଇ ଫ୍ଲିକ୍ସ, ଏକ୍ସ ପ୍ରାଇମ, ମୁଡ୍ ଏକ୍ସ, ମୋଜ୍ ଫ୍ଲିକ୍ସ, ପ୍ରାଇମ ପ୍ଲେ ଓ ଅନ୍ୟାନ୍ୟ ପ୍ଲାଟଫର୍ମ ସାମିଲ ରହିଛି। ଏହିସବୁ ପ୍ଲାଟଫର୍ମ ବିଭିନ୍ନ ଅଶ୍ଳୀଳ, ଆପତ୍ତିଜନକ, ଯୌନ କାର୍ଯ୍ୟକଳାପ ଆଦି କଣ୍ଟେଣ୍ଟ ପ୍ରସାରଣ କରିଥିବାରୁ କାର୍ଯ୍ୟାନୁଷ୍ଠାନ ନିଆଯାଇଥିବା ସୂଚନା ଓ ପ୍ରସାରଣ ମନ୍ତ୍ରୀ ଅନୁରାଗ ଠାକୁର ସୂଚନା ଦେଇଛନ୍ତି।

## ୪୦୦ କୋଟି ସଂଗ୍ରହ ଲାଗି କେନ୍ଦ୍ରୀୟ ଏଜେନ୍ସିର ଦୁରୁପଯୋଗ କରିଛି ଭାଜପା

**କଂଗ୍ରେସର ଅଭିଯୋଗ**

ନୂଆଦିଲ୍ଲୀ,୧୪।୩ (ପି.ଟି.)

ଭାଜପା ୪୫ଟି କମ୍ପାନୀରୁ ଇଲେକ୍ଟୋରାଲ ବଣ୍ଡ୍ ଜରିଆରେ ୪୦୦ କୋଟି ଟଙ୍କା ସଂଗ୍ରହ କରିବା ପାଇଁ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ଏବଂ କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ (ସିବିଆଇ) ଭଳି କେନ୍ଦ୍ରୀୟ ଏଜେନ୍ସିର ଦୁରୁପଯୋଗ କରିଥିବା କଂଗ୍ରେସ ଗୁରୁବାର ଅଭିଯୋଗ ଆଣିଛି। ଏହିସବୁ କମ୍ପାନୀ ଉପରେ ଚଢ଼ାଉ ପରେ ସେମାନେ ଭାଜପାକୁ ଚାନ୍ଦା ଦେଇଥିଲେ। ଗଣତନ୍ତ୍ର ବିଷୟରେ ଚିନ୍ତା କରୁଥିଲେ ଭାଜପା ଏହାର ପାଣ୍ଠି ସଂଗ୍ରହ ଉପରେ ଏକ ଶ୍ୱେତପତ୍ର ଆଣୁ ବୋଲି କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖାର୍ଗେ କହିଛନ୍ତି। ଏକ ଗଣମାଧ୍ୟମ ରିପୋର୍ଟକୁ ଦେଖାଇ ସେ କହିଛନ୍ତି, କେନ୍ଦ୍ରୀୟ ତଦନ୍ତକାରୀ ସଂସ୍ଥାର ଚଢ଼ାଉ ପରେ ଆଉ ୧୫ଟି କମ୍ପାନୀ ଭାଜପାକୁ ଚାନ୍ଦା ଦେଇଥିବା ଏକ ସାନି ତଦନ୍ତରୁ ଜଣାପଡ଼ିଛି। ଅଧିକ ଚାନ୍ଦା ପାଇବା ପାଇଁ ଏହା ବ୍ଲାକ୍‌ମେଲ, ନା ଜବରଦସ୍ତ ଆଦାୟ ନା ଲୁଟ୍ ବୋଲି ଖାର୍ଗେ ପ୍ରଶ୍ନ କରିଛନ୍ତି। ୪ଟି ନାମମାତ୍ର କମ୍ପାନୀ ମଧ୍ୟ ଭାଜପାକୁ ଚାନ୍ଦା ଦେଇଛନ୍ତି। ଏକଚ୍ଛତ୍ରବାଦୀ ମୋଦି ସରକାର ଚାନ୍ଦା ପାଇଁ କେନ୍ଦ୍ରୀୟ ଏଜେନ୍ସିଗୁଡ଼ିକୁ ଲଗାଇଥିବାବେଳେ କଂଗ୍ରେସର ବ୍ୟାଙ୍କ ଆକାଉଣ୍ଟକୁ ଅଚଳ କରିଦେଇଥିବା ଖାର୍ଗେ ଅଭିଯୋଗ କରିଛନ୍ତି। ଲୁଟ୍ ଅର୍ଥକୁ ସୁରକ୍ଷା ଦେବା ପାଇଁ ଭାଜପା ଅସାମ୍ବିଧାନିକ ଏବଂ ବେଆଇନ ଇଲେକ୍ଟୋରାଲ ବଣ୍ଡ୍ ବ୍ୟବହାର କରୁଥିଲା। ଯଦି ଗଣତନ୍ତ୍ରର ଜନନୀ ପାଇଁ ଭାଜପା ଚିନ୍ତା କରୁଥାଏ, ତେବେ ନିଜ ଅର୍ଥ ବ୍ୟବସ୍ଥା ଉପରେ ଶ୍ୱେତପତ୍ର ଆଣିବାକୁ ଖାର୍ଗେ ଦାବି କରିଛନ୍ତି।



ନୂଆଦିଲ୍ଲୀର ରାମଲୀଳା ମଇଦାନରେ ଗୁରୁବାର କିଷାନ ମହାପଞ୍ଚାୟତ ବେଳେ ୨୪ ନମ୍ବର ଜାତୀୟ ରାଜପଥରେ ଟ୍ରାଫିକ ଜାମ୍।

## ଭାଜପାରେ ପରନୀତ କୌର

ଚଣ୍ଡିଗଡ଼, ୧୪।୩



ଲୋକ ସଭା ନିର୍ବାଚନ ପୂର୍ବରୁ ପଞ୍ଜାବର ପୂର୍ବତନ ମୁଖ୍ୟମନ୍ତ୍ରୀ କ୍ୟାପ୍ଟେନ ଅମରିନ୍ଦର ସିଂଙ୍କ ସ୍ତ୍ରୀ ତଥା ନିଲମ୍ବିତ କଂଗ୍ରେସ ସାଂସଦ ପରନୀତ କୌର ଗୁରୁବାର ଭାଜପାରେ ଯୋଗ ଦେଇଛନ୍ତି। ଭାଜପା ରାଷ୍ଟ୍ରୀୟ ସାଧାରଣ ସମ୍ପାଦକ ବିନୋଦ ତାୱଡ଼େ ଓ ପଞ୍ଜାବ ଭାଜପା ସଭାପତି ସୁନୀଲ ଝାକରଙ୍କ ଉପସ୍ଥିତିରେ ସେ ପଦ୍ମ ଧରିଛନ୍ତି। ଦଳ ବିରୋଧୀ କାର୍ଯ୍ୟ ପାଇଁ ଗତବର୍ଷ ଫେବୃଆରୀରେ ପରନୀତଙ୍କୁ କଂଗ୍ରେସ ନିଲମ୍ବନ କରିଥିଲା। ୪ ଥର ଏମ୍‌ପି ଭାବେ ନିର୍ବାଚିତ ହୋଇଥିବା ପରନୀତ ଭାଜପାରେ ଯୋଗଦେବା ପରେ ତାଙ୍କୁ ପଟିଆଲା ଆସନରୁ ପ୍ରାର୍ଥୀ କରାଯିବା ନେଇ ଚର୍ଚ୍ଚା ଜୋର ଧରିଛି।

## ବିଲ୍ଡିଂରେ ନିଆଁ: ୨ ଶିଶୁ ସମେତ ୪ ଜଳିଗଲେ

ନୂଆଦିଲ୍ଲୀ, ୧୪।୩



ଦିଲ୍ଲୀର ଶାସ୍ତ୍ରୀନଗର ଅଞ୍ଚଳରେ ଥିବା ଏକ ୪ ମହଲା କୋଠାରେ ଗୁରୁବାର ନିଆଁଲାଗି ୪ ଜଣଙ୍କର ମୃତ୍ୟୁ ଘଟିଥିବାବେଳେ ୯ ଜଣ ଆହତ ହୋଇଛନ୍ତି। ଅଗ୍ନିକାଣ୍ଡ ଘଟିଥିବା ଖବର ପାଇ ଦିଲ୍ଲୀ ଅଗ୍ନିଶମ ବାହିନୀ ଓ ସ୍ଥାନୀୟ ପୋଲିସ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିବା ସହ ଉକ୍ତ ବିଲ୍ଡିଂରୁ ୯ ଜଣଙ୍କୁ ଆହତ ଅବସ୍ଥାରେ ଉଦ୍ଧାର କରିଥିଲେ। ଆହତ ହୋଇଥିବା ବ୍ୟକ୍ତିଙ୍କ ମଧ୍ୟରୁ ୪ ଜଣ ମହିଳା, ୩ ଜଣ ପୁରୁଷ ଓ ୨ ଜଣ ଶିଶୁ ରହିଥିବାବେଳେ ସମସ୍ତଙ୍କୁ ସ୍ଥାନୀୟ ମେଡିକାଲରେ ଭର୍ତ୍ତି କରାଯାଇଛି। ଉକ୍ତ ବିଲ୍ଡିଂର ତଳ ମହଲାରୁ ୨ ଶିଶୁଙ୍କ ସହ ୪ ଜଣଙ୍କ ମୃତଦେହ ମିଳିଥିବାବେଳେ ସମସ୍ତ ମୃତକ ଗୋଟିଏ ପରିବାରର ହୋଇଥିବା ଅଗ୍ନିଶମ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ସେହିପରି ଅଗ୍ନିକାଣ୍ଡରେ ଉକ୍ତ ବିଲ୍ଡିଂର ପାର୍କିଂରେ ଥିବା ୪ଟି ଗାଡ଼ି ସମ୍ପୂର୍ଣ୍ଣ ଜଳିଯାଇଥିବା ପୋଲିସ ସୂଚନା ଦେଇଛି। ଏହି ଅଗ୍ନିକାଣ୍ଡର ତଦନ୍ତ ଚାଲିଥିବାବେଳେ, ଶଟ୍ ସର୍କିଟ ଯୋଗୁ ବିଲ୍ଡିଂରେ ନିଆଁ ଲାଗିଥିବା ଅନୁମାନ କରାଯାଉଛି।

## ମାନବ ବିକାଶ ସୂଚକାଙ୍କରେ ଭାରତର ଉନ୍ନତି

ନୂଆଦିଲ୍ଲୀ,୧୪।୩ (ପି.ଟି.)

ଜାତିସଂଘର ମାନବ ବିକାଶ ସୂଚକାଙ୍କ (ଏଚ୍‌ଡିଆଇ)ରେ ଭାରତ ଗୋଟିଏ ସ୍ଥାନ ଉପରକୁ ଉଠିଛି। ୨୦୨୨ରେ ୧୯୩ଟି ଦେଶକୁ ନେଇ କରାଯାଇଥିବା ସର୍ଭେରେ ଭାରତର ସ୍ଥାନ ୧୩୪ ରହିଛି। ୨୦୨୧ରେ ୧୯୧ଟି ଦେଶକୁ ନେଇ ହୋଇଥିବା ସର୍ଭେରେ ଭାରତର ଏଚ୍‌ଡିଆଇ ୧୩୫ ଥିଲା। ୨୦୨୨ର ଲିଙ୍ଗଗତ ଅସମାନତା ସୂଚକାଙ୍କ (ଜିଆଇଆଇ)ରେ ଭାରତ ୧୯୩ ଦେଶ ମଧ୍ୟରେ ୧୦୮ ସ୍ଥାନରେ ରହିଛି। ପୂର୍ବବର୍ଷ ଏହା ୧୨୨ତମ ସ୍ଥାନରେ ରହିଥିଲା। ତେବେ ଶ୍ରମଶକ୍ତି ଅଂଶଗ୍ରହଣ ହାରକୁ ଦେଖିଲେ ଭାରତରେ ପୁରୁଷ ଓ ମହିଳାଙ୍କ ମଧ୍ୟରେ ୪୭.୮ ପ୍ରତିଶତ ବ୍ୟବଧାନ ରହିଛି। ବିଭିନ୍ନ ଉପାର୍ଜନକ୍ଷମ କାର୍ଯ୍ୟରେ ଦେଶର ୭୬.୧ ପ୍ରତିଶତ ପୁରୁଷ ନିୟୋଜିତ ହେଉଥିବାବେଳେ ମହିଳାଙ୍କ ହାର ମାତ୍ର ୨୮.୩ ପ୍ରତିଶତ ରହିଛି। ୨୦୨୨ରେ ଭାରତର ଏଚ୍‌ଡିଆଇ ଭାଲ୍ୟୁ ୦.୬୪୪କୁ ବୃଦ୍ଧି ପାଇଥିଲା। ୨୦୨୧ରେ ତାହା ୦.୬୩୩ ଥିଲା।

ରିପୋର୍ଟ ଅନୁଯାୟୀ ଧନୀ ରାଷ୍ଟ୍ରଗୁଡ଼ିକ ମାନବ ବିକାଶରେ ରେକର୍ଡ କରିଥିବାବେଳେ ଅତିଗରିବ ମଧ୍ୟରୁ ଦେଶ ମଧ୍ୟରୁ ଅର୍ଦ୍ଧେକ ସେମାନଙ୍କ ପ୍ରାକ୍ ସଙ୍କଟ ସ୍ତର ତଳେ ରହିଛନ୍ତି। ୨୦୨୨ରେ ଭାରତରେ ଲୋକମାନଙ୍କ ଆୟୁଷ, ଶିକ୍ଷା, ମୋଟ ଜାତୀୟ ମୁଣ୍ଡପିଛା ଆୟରେ ଉନ୍ନତି ଘଟିଛି। ଲୋକଙ୍କ ହାରାହାରି ଆୟୁଷ ୬୭.୨ରୁ ୬୭.୭ ବର୍ଷକୁ ବଢ଼ିଛି। ପିଲାମାନଙ୍କ ଶିକ୍ଷାଗ୍ରହଣ ସମୟ ୧୨.୬ ବର୍ଷକୁ ବଢ଼ିଥିବାବେଳେ ମୁଣ୍ଡପିଛା ମୋଟ ଜାତୀୟ ଆୟ ୬,୫୪୨ ଡଲାରରୁ ୬,୯୫୧ ଡଲାରକୁ ବୃଦ୍ଧି ପାଇଛି। ଲିଙ୍ଗଗତ ବୈଷମ୍ୟତା କମାଇବାରେ ଭାରତ ବେଶ୍ ଉନ୍ନତି କରିଛି। ଏହାର ଜିଆଇଆଇ ଭାଲ୍ୟୁ ୦.୪୩୭ ରହିଛି, ଯାହାକି ବୈଶ୍ୱିକ ତଥା ଦକ୍ଷିଣ ଏସୀୟ ହାରାହାରିଠାରୁ ଉନ୍ନତ।

## ଉପଭୋକ୍ତା ସଚେତନ ହେବା ଜରୁରୀ

**ବିଶ୍ୱ ଉପଭୋକ୍ତା ଅଧିକାର ଦିବସ**



ଆଜିର ଯୁଗରେ ଗ୍ରାହକ ଅର୍ଥାତ୍ ଉପଭୋକ୍ତା ସଚେତନ ହେବା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ପୁଞ୍ଜିବାଦର ଏହି ଯୁଗରେ ଉପଭୋକ୍ତା ପ୍ରତ୍ୟେକ ଦିଗରେ ସତର୍କ ରହିବା ଉଚିତ୍। ଜଣେ ଉପଭୋକ୍ତାଙ୍କୁ ଅନେକ ଅଧିକାର ଦିଆଯାଇଛି, ଯାହା ବିଷୟରେ ସମସ୍ତଙ୍କୁ ସଚେତନ ହେବା ଆବଶ୍ୟକ। ପ୍ରତିବର୍ଷ ୧୫ ମାର୍ଚ୍ଚରେ ବିଶ୍ୱ ଉପଭୋକ୍ତା ଅଧିକାର ଦିବସ ପାଳନ କରାଯାଏ। ଏହି ଦିନ ଉପଭୋକ୍ତାଙ୍କୁ ସଚେତନ କରାଇବା ଲକ୍ଷ୍ୟରେ ଅନେକ ପ୍ରକାରର ଅଭିଯାନ ମଧ୍ୟ ଚାଲେ। ଉପଭୋକ୍ତା ଦିବସ ମାର୍ଚ୍ଚ ୧୫ରେ ପାଳନ କରାଯିବ ପଛରେ ବି କାରଣ ରହିଛି।

ବିଶ୍ୱ ଉପଭୋକ୍ତା ଦିବସ ପାଳନ କରିବାର କଳ୍ପନା ପ୍ରଥମେ ଆମେରିକାର ତତ୍କାଳୀନ ରାଷ୍ଟ୍ରପତି ଜନ ଏଫ କେନେଡି କରିଥିଲେ। ୧୫ ମାର୍ଚ୍ଚ ୧୯୬୨ରେ ଜନ ଏଫ କେନେଡି ଆନୁଷ୍ଠାନିକ ଭାବେ ଆମେରିକା କଂଗ୍ରେସକୁ ସମ୍ବୋଧିତ କରିଥିଲେ। ଏହି ସମୟ ମଧ୍ୟରେ ସେ ଉପଭୋକ୍ତା ସମ୍ବନ୍ଧୀୟ ଅଧିକାର ବିଷୟରେ ଦାବି ଉଠାଇଥିଲେ। ଜନ ଏଫ କେନେଡି ଦୁନିଆର ପ୍ରଥମ ନେତା, ଯିଏ ପ୍ରଥମ ଥର ପାଇଁ ଉପଭୋକ୍ତାଙ୍କ ଅଧିକାର ବିଷୟରେ କହିଥିଲେ।

୧୯୮୩ରେ ୧୫ ମାର୍ଚ୍ଚରେ ପ୍ରଥମ ଥର ପାଇଁ ଉପଭୋକ୍ତା ଦିବସ ପାଳନ କରାଯାଇଥିଲା। ଏହା ପରେ ପ୍ରତିବର୍ଷ ମାର୍ଚ୍ଚ ୧୫ରେ ବିଶ୍ୱ ଉପଭୋକ୍ତା ଦିବସ ପାଳନ କରିବାର ପରମ୍ପରା ଚାଲିଛି। ବିଶ୍ୱ ଉପଭୋକ୍ତା ଦିବସ ପାଳନ କରିବାର ଉଦ୍ଦେଶ୍ୟ ହେଉଛି ଗ୍ରାହକମାନଙ୍କୁ ସେମାନଙ୍କର ଅଧିକାର ବିଷୟରେ ଅବଗତ କରାଇବା। ଆଜିର ଯୁଗରେ କଳାବଜାର ଏବଂ ନକଲି କାରବାର ବୃଦ୍ଧି ପାଉଛି। ଲୋକମାନେ ସେମାନଙ୍କର ଉପଭୋକ୍ତା ଅଧିକାର ବିଷୟରେ ଜାଣିବା ଜରୁରୀ।

**ଫୁରସତ**

## ଫିଜ୍ ବଢ଼ାଇଲେ ରୋହିତ



ରୋହିତ୍ ଶେଟ୍ଟୀ

**ମୁମ୍ବାଇ:** ଷ୍ଟଣ୍ଟ୍ ଆଧାରିତ ରିଏଲିଟି ଟିଭି ଶୋ' 'ଖତରୋ କେ ଖିଲାଡ଼ି'ର ଚତୁର୍ଦ୍ଦଶ ସଂସ୍କରଣ ଆଗକୁ ଆସିବାକୁ ଯାଉଛି, ଯାହାକୁ ନେଇ ପ୍ରଶଂସକଙ୍କ ମଧ୍ୟରେ ବହୁତ ଉତ୍ସାହ ମଧ୍ୟ ରହିଛି। ସବୁ ଥର ଭଳି ଚଳିତ ଥର ମଧ୍ୟ ଏହି ରିଏଲିଟି ଶୋ'ରେ ବହୁ ଲୋକପ୍ରିୟ ପ୍ରତିଯୋଗୀ ବିପଜ୍ଜନକ ଷ୍ଟଣ୍ଟ ପ୍ରଦର୍ଶନ କରୁଥିବା ଦେଖିବାକୁ ମିଳିବ। ସେହିପରି ପ୍ରତ୍ୟେକ ଥର ପରି, ଏଥର ମଧ୍ୟ ବିଶିଷ୍ଟ ବଲିଉଡ୍ ଚଳଚ୍ଚିତ୍ର ନିର୍ଦ୍ଦେଶକ ରୋହିତ୍ ଶେଟ୍ଟୀ ଏହି ଶୋ'କୁ ହୋଷ୍ଟ କରିବାକୁ ଯାଉଛନ୍ତି। ତେବେ ବିଭିନ୍ନ ରିପୋର୍ଟରୁ ମିଳିଥିବା ଖବର ଅନୁଯାୟୀ, ଏଥର ରୋହିତ ଏହି ଶୋ'କୁ ହୋଷ୍ଟ କରିବା ପାଇଁ ତାଙ୍କର ଫିଜ୍ ବୃଦ୍ଧି କରିବାକୁ ଦାବି କରିଛନ୍ତି।

କୁହାଯାଉଛି ଯେ, ରୋହିତ ଶେଟ୍ଟୀ 'ଖତରୋ କେ ଖିଲାଡ଼ି'ର ଚତୁର୍ଦ୍ଦଶ ସଂସ୍କରଣକୁ ହୋଷ୍ଟ କରିବା ପାଇଁ ଏହାର ନିର୍ମାତାଙ୍କଠାରୁ ବିପୁଳ ପରିମାଣର ଫିଜ୍ ଦାବି କରିଛନ୍ତି। ଖବର ଅନୁଯାୟୀ, ରୋହିତ ଏଥର ପ୍ରତ୍ୟେକ ଏପିସୋଡ୍ ପାଇଁ ପ୍ରାୟ ୬୦ରୁ ୭୦ ଲକ୍ଷ ଟଙ୍କା ଫିଜ୍ ଆକାରରେ ନେବେ। ସେହିପରି ସମଗ୍ର ସିଜନ୍ ପାଇଁ ତାଙ୍କର ଦରମା ୧୬ କୋଟିରୁ ଅଧିକ ରହିବ। ଗତ ସିଜନରେ ରୋହିତ୍ ଗୋଟିଏ ଏପିସୋଡ୍ ପାଇଁ ୫୦ ଲକ୍ଷ ଟଙ୍କା ଫିଜ୍ ନେଇଥିଲେ। ତେବେ ଏନେଇ ରୋହିତ ଶେଟ୍ଟୀ କିମ୍ବା ତାଙ୍କ ଟିମ୍ ପକ୍ଷରୁ କୌଣସି ଆଧିକାରୀକ ପ୍ରତିକ୍ରିୟା ମିଳିପାରିନାହିଁ।

ସୂଚନା ଅନୁଯାୟୀ, ରୋହିତ ଶେଟ୍ଟୀ ଏବଂ 'ଖତରୋ କେ ଖିଲାଡ଼ି-୧୪'ର ପ୍ରତିଯୋଗୀମାନେ ଶୁଟିଂ ପାଇଁ ଦକ୍ଷିଣ ଆଫ୍ରିକା ଯିବେ। ଏହାର ଶୁଟିଂ ଆସନ୍ତା ମେ' ମାସରେ ଆରମ୍ଭ ହେବ ବୋଲି ଆଶା କରାଯାଉଛି। ସେହିପରି 'ଖତରୋ କେ ଖିଲାଡ଼ି-୧୪'ର ପ୍ରତିଯୋଗୀମାନଙ୍କ ବିଷୟରେ ଅନେକ କଳ୍ପନାଜଳ୍ପନା ଜାରି ରହିଛି। କିଛି ରିପୋର୍ଟରୁ ଜଣାପଡିଛି ଯେ ଏହି ଶୋ ପାଇଁ 'ଗମ ହେ କିସିକି ପ୍ୟାର୍ ମେଁ'ର ତାରକା ନିଲ୍ ଭଟ୍ଟଙ୍କ ନିକଟକୁ ଅଫର୍ ଆସିଛି। ଗତ ସଂସ୍କରଣରେ ତାଙ୍କ ପତ୍ନୀ ଐଶ୍ୱର୍ଯ୍ୟା ଶର୍ମା ଏଥିରେ ଭାଗ ନେଇଥିଲେ। ଏହା ବ୍ୟତୀତ ଭିକି ଜୈନ ଏବଂ ଅଙ୍କିତା ଲୋଖାଣ୍ଡେଙ୍କ ନାମକୁ ମଧ୍ୟ ଏହି ଶୋ'ର ପ୍ରତିଯୋଗୀ ହିସାବରେ ଯୋଡ଼ା ଯାଉଛି। ଏହି ଦମ୍ପତି ନିକଟରେ ସରିଥିବା ରିଏଲିଟି ଟିଭି ଶୋ' 'ବିଗ୍ ବସ୍-୧୭'ରେ ଭାଗ ନେଇଥିଲେ।

# ଚିନ୍ତାଧାରା ବଦଳାଇବାକୁ ପ୍ରୟାସ


ଜୟନ୍ତୀ ଏମ୍

**ରାଉରକେଲାରେ ପିଲାଦିନ ଅତିବାହିତ କରିଥିବାବେଳେ ଦିଲ୍ଲୀ ବିଶ୍ୱବିଦ୍ୟାଳୟରୁ ଉଚ୍ଚତର ଶିକ୍ଷା ଶେଷକରି ଏକ ପ୍ରତିଷ୍ଠିତ ଘରୋଇ ସଂସ୍ଥା (ଏଚ୍ଏସ୍ବିସି)ରେ କର୍ମନିଯୁକ୍ତି ପାଇଥିଲେ। ବ୍ୟାଙ୍କିଙ୍ଗ୍ କ୍ଷେତ୍ର ସହ ଅନ୍ୟାନ୍ୟ ସଂସ୍ଥାରେ ମଧ୍ୟ ଦୀର୍ଘଦିନର କାର୍ଯ୍ୟ ଅଭିଜ୍ଞତା ସହ ସବୁ କ୍ଷେତ୍ର ପ୍ରତି ଆଗ୍ରହ ରଖୁଥିବାବେଳେ ନିଜସ୍ୱ କିଛି କରିବାର ଆଶା ଓ ଉଦ୍ଦୀପନାରୁ ଆରମ୍ଭ ହୋଇଥିବା ଏକ କୃଷି ଉଦ୍ୟୋଗକୁ ନୂଆ ଦିଶା ଓ ସମାଜର ଆବଶ୍ୟକତା ପୂରଣ ଦିଗରେ କାର୍ଯ୍ୟ କରି ଅନେକ ସଫଳତା ସହ ବିଭିନ୍ନ ପ୍ଲାଟ୍‌ଫର୍ମରେ ପୁରସ୍କୃତ ହୋଇଥିବା ସଫଳ ଯୁବୋଦ୍ୟୋଗୀ ଏବଂ ମାନିକ୍ସ୍ଟୁ ଆଗ୍ରୋ ପ୍ରାଇଭେଟ୍ ଲିମିଟେଡ୍‌ର ପ୍ରତିଷ୍ଠାତା ତଥା ସିଇଓ ଜୟନ୍ତୀ ଏମ୍‌ଙ୍କ ସହ ଧରିତ୍ରୀର ସ୍ୱତନ୍ତ୍ର ଆଳାପ....**

**ପ୍ର- ବ୍ୟାଙ୍କିଙ୍ଗ୍ କ୍ଷେତ୍ରରୁ ବ୍ୟବସାୟର ଯାତ୍ରା କିଭଳି ରହିଛି?**

ଉ- ଦୀର୍ଘ ବର୍ଷର ବ୍ୟାଙ୍କିଙ୍ଗ୍ ସେବାର ଅଭିଜ୍ଞତା ଓ ନୂଆ କିଛି କରିବାର ଆଶା ସହ ବଜାର ଆବଶ୍ୟକତା ଓ ସ୍ଥାନୀୟ ଅଞ୍ଚଳର ଚାହିଦା ପୂରଣ କରିବା ଲକ୍ଷ୍ୟରେ ବ୍ୟବସାୟର ଯାତ୍ରା ଜାରି ରହିଛି। ବିଶେଷକରି ବ୍ୟାଙ୍କିଙ୍ଗ୍ ସେବାରେ କର୍ପୋରେଟ ସାମାଜିକ ଦାୟିତ୍ୱବୋଧ (ସିଏସ୍ଆର୍) କାର୍ଯ୍ୟକ୍ରମ ଏକ ପ୍ରମୁଖ ଅଂଶ ହୋଇଥିଲାବେଳେ ଉକ୍ତ ଅଂଶର ଭାଗୀଦାରି ସହ ସବୁ ବର୍ଗର ଲୋକଙ୍କ ସହିତ ସମୟ ଅତିବାହିତ କରିବାର ବ୍ୟାପକ ସୁଯୋଗ ମିଳିଥିଲା। ଉକ୍ତ ସମୟ ମଧ୍ୟରେ ଲୋକଙ୍କର ଆବଶ୍ୟକତା ଓ ବଜାର ଚାହିଦା ସମ୍ପର୍କରେ ଅବଗତ ହୋଇ କୃଷିଜାତ ବ୍ୟବସାୟରେ ପ୍ରବେଶ ଓ ବିନିଯୋଗ ପାଇଁ ଆଗ୍ରହ ପ୍ରକାଶ ସହ କିଛି ନୂଆ କରିବାର ଭାବନାରୁ ଛେଳି ଚାଷ ପ୍ରତି ମନ ବଳାଇଥିଲି।

**ପ୍ର – କୃଷିଭିତ୍ତିକ ବ୍ୟବସାୟକୁ ଆପଣ କିଭଳି ଦେଖୁଛନ୍ତି?**

ଉ- ପୂର୍ବରୁ କୃଷି ଏକମାତ୍ର ମାଧ୍ୟମ ଥିଲାବେଳେ ବିଗତ କିଛି ବର୍ଷ ହେଲା ବିଭିନ୍ନ କାରଣରୁ କୃଷିକ୍ଷେତ୍ରରୁ ଦୂରେଇଯାଉଥିବା ଲୋକ ଓ ଯୁବବର୍ଗ ବର୍ତ୍ତମାନ କୃଷିକ୍ଷେତ୍ର ସହ ଜଡ଼ିତ ହେବାକୁ ଆଗ୍ରହ ପ୍ରକାଶ କରୁଛନ୍ତି। ଏପରିକି ଉପଯୁକ୍ତ କୃଷି ଓ କୃଷି ଉଦ୍ୟୋଗ ସହ କଠିନ ପରିଶ୍ରମ ଏବଂ ସଚ୍ଚୋଟତା ସହିତ ଶ୍ରେଷ୍ଠତ୍ୱ ପ୍ରଦର୍ଶନ କରିବାକୁ ହେବ। କୃଷି କ୍ଷେତ୍ର ଓ କୃଷି ଉଦ୍ୟୋଗ ଜରିଆରେ ଆମେ ଆମର ଆବଶ୍ୟକତା ପୂରଣ ସହ ଆର୍ଥିକ ସ୍ଥିତିକୁ ମଧ୍ୟ ବଦଳାଇପାରିବା। ସେଥିପାଇଁ କଠିନ ପରିଶ୍ରମ ଓ ମନୋବଳର ଆବଶ୍ୟକତା ରହିଛି।

**ପ୍ର- ପ୍ରତିଦ୍ୱନ୍ଦ୍ୱିତାମୂଳକ ବଜାରରେ ବ୍ୟବସାୟର ଚାହିଦା କିଭଳି ରହିଛି?**

ଉ- ପ୍ରତିଯୋଗିତା ଓ ପ୍ରତିଦ୍ୱନ୍ଦ୍ୱିତା ସବୁ କ୍ଷେତ୍ରରେ ରହିଥାଏ। ହେଲେ ତା'ର ଆବଶ୍ୟକତା ଆମର ବ୍ୟବହାର ଓ ନିଷ୍ପତ୍ତି ଏବଂ ଚିନ୍ତାଧାରା ଉପରେ ନିର୍ଭର କରିଥାଏ। ଆମେ କାହାକୁ ଆମର ପ୍ରତିଦ୍ୱନ୍ଦ୍ୱୀ କିମ୍ବା କାହା ସହ ପ୍ରତିଯୋଗିତା ନ କରି ନିଜ ସହିତ କରିବାକୁ ପସନ୍ଦ କରିଥାଉ। କାରଣ ଆମେ ଯେତେ ପରିଶ୍ରମ କରିବା ବ୍ୟବସାୟ ତିଷ୍ଠିରହିବା ସହିତ ସଫଳତା ହାସଲ ଦିଗରେ ସେତେ ମାତ୍ରାରେ ଅଗ୍ରସର ହୋଇପାରିବା।

**ପ୍ର-ସରକାରୀ ସହାୟତା କୃଷି ଉଦ୍ୟୋଗ ପାଇଁ କେତେଦୂର ସହାୟକ ହୋଇପାରିଛି?**

ଉ- ବର୍ତ୍ତମାନ ସମୟରେ ସରକାର ସବୁ କ୍ଷେତ୍ରକୁ ସହାୟତା ଓ ସହଯୋଗ ପ୍ରଦାନ କରୁଛନ୍ତି। ଏପରିକି ନେଇ ଆଣି ଥୋଇ ପାରିଲେ, ସବୁ ସ୍ତରର ସହାୟତା ମୂଲ୍ୟ ରହିବ। ବିଶେଷକରି ସରକାର ଉଦ୍ୟୋଗ ପାଇଁ ସହଯୋଗ କରୁଥିବାବେଳେ ଉଦ୍ୟୋଗୀ ସମୟ, ପରିଶ୍ରମ, ଲୋକସମ୍ପର୍କ ଏବଂ ଉପଯୁକ୍ତ ଉତ୍ପାଦ ପ୍ରସ୍ତୁତ କରିବାକୁ ହେବ। ସରକାରୀ ସହାୟତାର ସଦୁପଯୋଗ କରି ବ୍ୟବସାୟ ବୃଦ୍ଧି ପାଇଁ ଉଭୟ ପକ୍ଷ ମଧ୍ୟରେ ସାଧୁତା ଓ ସହଭାଗିତାର ଆବଶ୍ୟକତା ରହିଛି।

**ପ୍ର- ବ୍ୟବସାୟ ବୃଦ୍ଧିରେ ସହଯୋଗୀଙ୍କ ଭୂମିକା କିଭଳି ରହିଛି?**

ଉ- ପ୍ରତି ବ୍ୟବସାୟରେ ମାଧ୍ୟମ ରହିଥିଲାବେଳେ ଆମ ବ୍ୟବସାୟରେ ସହଯୋଗୀଙ୍କର ଭୂମିକା ଗୁରୁତ୍ୱପୂର୍ଣ୍ଣ ରହିଛି। ବିଶେଷକରି ବିଶ୍ୱାସ ଓ ଭରସାରେ ସବୁ କିଛି ଚାଲିଥିଲାବେଳେ ସାଧୁତା ଓ କଠିନ ପରିଶ୍ରମ ଉଭୟ ପକ୍ଷର ମଙ୍ଗଳ ସହ ବ୍ୟବସାୟ ଅଭିବୃଦ୍ଧି କରିଥାଏ। ଏପରିକି ଆମ ବ୍ୟବସାୟରେ ଭିନ୍ନ କିଛି ଅଭ୍ୟାସ ଓ ନୀତି ନିୟମ ରହିଥାଏ। ନୀତି ନିୟମ ଓ ସମ୍ପର୍କ ସହିତ ବିଶ୍ୱାସଭାଜନ ଜରିଆରେ ବ୍ୟବସାୟ ଜାରି ରହିଛି।

**ପ୍ର- ଗୋଟ୍ ବ୍ୟାଙ୍କର ଚିନ୍ତାଧାରା ଓ କାର୍ଯ୍ୟକାରିତାକୁ କିପରି ପରିଚାଳନା କରୁଛନ୍ତି?**

ଉ- ଗୋଟ୍ ବ୍ୟାଙ୍କ ମୋର ବ୍ୟାଙ୍କିଙ୍ଗ୍ ଅଭିଜ୍ଞତାରୁ ଆସିଥିଲାବେଳେ ଏଭଳି ଏକ ଭିନ୍ନ ଚିନ୍ତାଧାରା ବର୍ତ୍ତମାନ ସମୟରେ ଏକ ବୈପ୍ଳବିକ ପରିବର୍ତ୍ତନ ଓ ମାନସିତାକୁ ବଦଳାଇ ଦେଇଛି। ଏହା ଜରିଆରେ ଉଭୟ ପକ୍ଷ ଲାଭ ପାଉଥିବାବେଳେ ଗ୍ରାହକ ମଧ୍ୟ ଗୁଣାତ୍ମକ ମାନର ଖାଦ୍ୟ (ମଟନ) ଘରୋଇ ବଜାରରୁ ପାଇ ପାରୁଛନ୍ତି। ଏପରିକି ସ୍ଥାନୀୟ ବଜାରର ଆବଶ୍ୟକତା ଓ ଚାହିଦାକୁ ମଧ୍ୟ ଏହା ଜରିଆରେ ମେଣ୍ଟାଇ ପାରୁଛୁ। ପ୍ରାଥମିକ ପର୍ଯ୍ୟାୟରେ ଲୋକଙ୍କ ଚିନ୍ତାଧାରା ଭିନ୍ନ ଥିଲାବେଳେ ବର୍ତ୍ତମାନ ଲୋକଙ୍କର ନଜର ମଧ୍ୟ ବଦଳିଛି।

# ସ୍ୱାଭିମାନ ଅଞ୍ଚଳରେ ଶିକ୍ଷାର ଆଲୋକବର୍ତ୍ତିକା



## ବଡ଼ପଡ଼ାରେ ନୂତନ ଶିକ୍ଷା ସୌଧ ଉଦ୍‌ଘାଟନ କଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର/ମାଲକାନଗିରି/ଚିତ୍ରକୋଣ୍ଡା,୧୪।୩(ଅନିଲ ଦାସ/ଦୁର୍ଯ୍ୟୋଧନ ପାତ୍ର/କ୍ଷୀରୋଦ ବେହେରା)

ସ୍ୱାଭିମାନ ଅଞ୍ଚଳରେ ସୃଷ୍ଟି ହୋଇଛି ଶିକ୍ଷାର ନୂତନ ଆଲୋକବର୍ତ୍ତିକା। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଗୁରୁବାର ଭିଡିଓ କନ୍‌ଫରେନ୍ସ ଜରିଆରେ ମାଲକାନଗିରି ଜିଲା ସ୍ୱାଭିମାନ ଅଞ୍ଚଳର ବଡ଼ପଡ଼ାଠାରେ ଏକ ଅତ୍ୟାଧୁନିକ ଶିକ୍ଷା ସୌଧ(ଏଜୁକେଶନ କମ୍ପ୍ଲେକ୍ସ) ଉଦ୍‌ଘାଟନ କରିଛନ୍ତି। ଏହି ଶିକ୍ଷା ସୌଧରେ ପ୍ରଥମରୁ ଉଚ୍ଚ ମାଧ୍ୟମିକ(ଦ୍ୱାଦଶ ଶ୍ରେଣୀ) ପର୍ଯ୍ୟନ୍ତ ପିଲାମାନେ ଗୋଟିଏ ସ୍ଥାନରେ ଶିକ୍ଷାଲାଭ କରିପାରିବେ। ୭ ଏକର ଜମିରେ ସ୍ଥାପନ କରାଯାଇଥିବା ଏହି ଆଧୁନିକ ଶିକ୍ଷା ସୌଧ ପାଇଁ ୧୯ କୋଟି ଟଙ୍କା ଖର୍ଚ୍ଚ ହୋଇଛି। ଏଥିରେ ୧ ହଜାରରୁ ଅଧିକ ପିଲା ପାଠ ପଢ଼ିବେ। ଭବିଷ୍ୟତ ପାଇଁ ପିଲାଙ୍କୁ ପ୍ରସ୍ତୁତ କରିବାକୁ ଏଥିରେ ସମସ୍ତ ଆଧୁନିକ ସୁବିଧା ସୁଯୋଗ ରହିଛି। ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି, ମାଲକାନଗିରି ସବୁବେଳେ, ସବୁ କାମରେ ମୋର ପ୍ରଥମ ପସନ୍ଦ ହୋଇ ରହିଆସିଛି। ଟଙ୍କିକିଆ ଚାଉଳ ହେଉ, ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ବା ଲକ୍ଷ୍ମୀ ଯୋଜନା– ସବୁ କାର୍ଯ୍ୟକ୍ରମ ମୁଁ ପ୍ରଥମେ ଏଠାରୁ ହିଁ ଆରମ୍ଭ କରିଆସିଛି। ବଡ଼ପଡ଼ା ଶିକ୍ଷା ସୌଧ ପିଲାମାନଙ୍କ ପାଠପଢ଼ାର ସୁବିଧା ତଥା ସେମାନଙ୍କ ବ୍ୟକ୍ତିତ୍ୱର ବିକାଶ ପାଇଁ ଗଢ଼ାଯାଇଥିବା ସେ କହିଛନ୍ତି। ନବୀନ ଓଡ଼ିଶା ଅଧ୍ୟକ୍ଷ ଯୋଗଦେଇ କହିଛନ୍ତି ଯେ ଆଗାମୀ ଦିନରେ ସ୍ୱାଭିମାନ ଅଞ୍ଚଳରେ ଏକ ଦକ୍ଷତା ବିକାଶ କେନ୍ଦ୍ର ପ୍ରତିଷ୍ଠା କରାଯିବ। ଏହା ମାଧ୍ୟମରେ ସ୍ୱାଭିମାନ ଅଞ୍ଚଳର ଯୁବଗୋଷ୍ଠୀ ଅଧିକରୁ ଅଧିକ ନିଯୁକ୍ତି ସୁଯୋଗ ପାଇବେ।

# ସରକାରୀ କର୍ମଚାରୀଙ୍କ ମହଙ୍ଗା ଭତ୍ତା ୪% ବୃଦ୍ଧି

ଭୁବନେଶ୍ୱର,୧୪।୩(ଅନିଲ ଦାସ)

ରାଜ୍ୟ ସରକାରୀ କର୍ମଚାରୀ ଓ ପେନ୍‌ସନଭୋଗୀଙ୍କ ପାଇଁ ଖୁସି ଖବର। ରାଜ୍ୟ ସରକାର କର୍ମଚାରୀମାନଙ୍କ ପାଇଁ ୪% ମହଙ୍ଗା ଭତ୍ତା (ଡିଏ) ବୃଦ୍ଧି କରିଛନ୍ତି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଗୁରୁବାର ଏହି ଘୋଷଣା କରିଛନ୍ତି। ଏହି ବୃଦ୍ଧି ସହିତ ରାଜ୍ୟ ସରକାରୀ କର୍ମଚାରୀଙ୍କ ମହଙ୍ଗା ଭତ୍ତା ୪୬%ରୁ ୫୦%କୁ ବୃଦ୍ଧିପାଇଛି। ବର୍ଦ୍ଧିତ ମହଙ୍ଗା ଭତ୍ତା ୨୦୨୪ ଜାନୁଆରୀ ପହିଲାରୁ ପିଛିଲା ଭାବେ ଲାଗୁ ହେବ। ଏହା ଦ୍ୱାରା ୪.୫ ଲକ୍ଷ କର୍ମଚାରୀ ଓ ୩.୫ ଲକ୍ଷ ପେନ୍‌ସନଭୋଗୀ ଉପକୃତ ହେବେ।

# ବଢ଼ିଲା ଶ୍ରମିକଙ୍କ ସର୍ବନିମ୍ନ ମଜୁରି

ଭୁବନେଶ୍ୱର,୧୪।୩(ଅନିଲ ଦାସ)

ରାଜ୍ୟ ସରକାର ଶ୍ରମିକମାନଙ୍କର ସର୍ବନିମ୍ନ ମଜୁରିରେ ବୃଦ୍ଧି କରିଛନ୍ତି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଗୁରୁବାର ଏହି ଘୋଷଣା କରିଛନ୍ତି। ଏହି ନିଷ୍ପତ୍ତି ଦ୍ୱାରା ଅଣକୁଶଳୀ, ଅର୍ଦ୍ଧକୁଶଳୀ, କୁଶଳୀ ଓ ଅତ୍ୟନ୍ତ କୁଶଳୀ ଶ୍ରମିକ ଉପକୃତ ହେବେ। ଘୋଷଣା ଅନୁଯାୟୀ, ଅଣକୁଶଳୀ ଶ୍ରମିକଙ୍କ ମଜୁରି ୩୫୨ ଟଙ୍କାରୁ ୪୫୦ ଟଙ୍କାକୁ ବୃଦ୍ଧିକରାଯାଇଥିବା ବେଳେ ଅର୍ଦ୍ଧକୁଶଳୀ ଶ୍ରମିକଙ୍କ ମଜୁରି ୩୯୨ ଟଙ୍କାରୁ ୫୦୦ ଟଙ୍କାକୁ ବୃଦ୍ଧି କରାଯାଇଛି। ସେହିପରି କୁଶଳୀ ଶ୍ରମିକମାନଙ୍କ ମଜୁରି ୪୪୨ ଟଙ୍କାରୁ ୫୫୦ ଟଙ୍କା ଏବଂ ଅତ୍ୟନ୍ତ କୁଶଳୀ ଶ୍ରମିକଙ୍କ କ୍ଷେତ୍ରରେ ସର୍ବନିମ୍ନ ମଜୁରି ୫୦୨ ଟଙ୍କାରୁ ୬୦୦ ଟଙ୍କାକୁ ବୃଦ୍ଧି କରାଯାଇଛି।

# ଆଜିଠୁ ମାଟ୍ରିକ୍ ଖାତାଦେଖା

କଟକ,୧୪।୩ (କାର୍ତ୍ତିକ ସାହୁ)– ଚଳିତବର୍ଷର ମାଟ୍ରିକ୍, ମଧ୍ୟମା ଓ ମୁକ୍ତ ବିଦ୍ୟାଳୟ ପରୀକ୍ଷା ଖାତା ମୂଲ୍ୟାୟନ ଶୁକ୍ରବାରଠାରୁ ଆରମ୍ଭ ହେବ। ଏଥିପାଇଁ ୧୫,୦୦୦ରୁ ଊର୍ଦ୍ଧ୍ୱ ପରୀକ୍ଷକ ନିୟୋଜିତ ହୋଇଛନ୍ତି। ପରୀକ୍ଷକମାନଙ୍କର ତାଲିମ ଶେଷ ହୋଇଛି। ସେମାନେ ମୂଲ୍ୟାୟନ କେନ୍ଦ୍ରରେ ଯୋଗଦେଇସାରିଛନ୍ତି। ଜିଲା ଶିକ୍ଷାଧିକାରୀମାନେ ମୂଲ୍ୟାୟନ କେନ୍ଦ୍ର ପରିଚାଳନାକୁ ପ୍ରତ୍ୟକ୍ଷ ଭାବେ ତଦାରଖ କରୁଛନ୍ତି। ରାଜ୍ୟରେ ମୋଟ ୫୬ଟି ମୂଲ୍ୟାୟନ କେନ୍ଦ୍ର କରାଯାଇଛି। ମୂଲ୍ୟାୟନ ଆରମ୍ଭ ହେବାର ୧୫ ଦିନ ମଧ୍ୟରେ ଖାତାଦେଖା କାର୍ଯ୍ୟ ଶେଷ କରାଯିବାକୁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି ବୋଲି ବୋର୍ଡ ପକ୍ଷରୁ କୁହାଯାଇଛି। ସୂଚନାଯୋଗ୍ୟ, ଚଳିତବର୍ଷ ୫ ଲକ୍ଷ ୫୧ ହଜାର ୬୧୧ ଜଣ ମାଟ୍ରିକ୍, ୭,୮୩୧ ଜଣ ମୁକ୍ତ ବିଦ୍ୟାଳୟ ଓ ୩,୦୩୭ ଜଣ ଛାତ୍ରୀଛାତ୍ର ମଧ୍ୟମା ପରୀକ୍ଷା ପାଇଁ ଫର୍ମ ପୂରଣ କରିଥିଲେ। ରାଜ୍ୟରେ ମୋଟ ୩,୦୪୭ଟି ପରୀକ୍ଷା କେନ୍ଦ୍ର ଓ ପ୍ରଶ୍ନପତ୍ର ଗଚ୍ଛିତ ପାଇଁ ୩୧୩ ନୋଡାଲ କେନ୍ଦ୍ର କରାଯାଇଥିଲା।

# ଜ୍ଞାନେଶ କୁମାର, ସୁଖବୀର ସାନ୍ଧୁ ନୂଆ ଇସି

ନୂଆଦିଲ୍ଲୀ,୧୪।୩ (ପିଟି)


ଜ୍ଞାନେଶ କୁମାର


ସୁଖବୀର ସାନ୍ଧୁ

ପୂର୍ବତନ ଆଇଏଏସ୍ ଅଫିସର ଜ୍ଞାନେଶ କୁମାର ଏବଂ ସୁଖବୀର ସାନ୍ଧୁଙ୍କୁ ଗୁରୁବାର ନୂଆ ନିର୍ବାଚନ କମିଶନର (ଇସି) ନିଯୁକ୍ତ କରାଯାଇଛି। ଏନେଇ ଆଇନ ମନ୍ତ୍ରଣାଳୟ ପକ୍ଷରୁ ବିଜ୍ଞପ୍ତି ଜାରି ହୋଇଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଅଧ୍ୟକ୍ଷତାରେ ଗୁରୁବାର ଚୟନ କମିଟି ବୈଠକ ବସି ଇସି ନିଯୁକ୍ତି ପାଇଁ ଉଭୟଙ୍କ ନାମ ସୁପାରିସ କରାଯାଇଥିଲା।

ଫେବୃଆରୀ ୧୪ରେ ପୂର୍ବତନ ନିର୍ବାଚନ କମିଶନର ଅନୁପ ଚନ୍ଦ୍ର ପାଣ୍ଡେଙ୍କ ଅବସର ଗ୍ରହଣ ଏବଂ ଗତ ୮ ତାରିଖରେ ଅନ୍ୟତମ ଆୟୁକ୍ତ ଅରୁଣ ଗୋଏଲଙ୍କ ଇସ୍ତଫା ପରେ ନିର୍ବାଚନ କମିଶନରେ ୨ଟି ପଦବୀ ଖାଲି ହୋଇଥିଲା। ମୁଖ୍ୟ ନିର୍ବାଚନ କମିଶନର ଏବଂ ନିର୍ବାଚନ କମିଶନର ନିଯୁକ୍ତି ଲାଗି କେନ୍ଦ୍ର ଆଣିଥିବା ନୂଆ ଆଇନ ଅନୁଯାୟୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଅଧ୍ୟକ୍ଷତାରେ ଓ ତାଙ୍କ ଦ୍ୱାରା ମନୋନୀତ କେନ୍ଦ୍ର ଆଇନ ମନ୍ତ୍ରୀ ଅର୍ଜୁନ ରାମ ମେଘୱାଲ ଏବଂ ଲୋକ ସଭାରେ କଂଗ୍ରେସ ନେତା ଅଧୀର ରଞ୍ଜନ ଚୌଧୁରୀଙ୍କୁ ନେଇ ଗଠିତ ଚୟନ କମିଟି ବୈଠକ ବସି ପୂର୍ବତନ ଆଇଏଏସ୍ ଅଫିସର ଜ୍ଞାନେଶ କୁମାର ଏବଂ ସୁଖବୀର ସାନ୍ଧୁଙ୍କୁ ଇସି ଭାବେ ନିଯୁକ୍ତି ଦେବା ଲାଗି ସୁପାରିସ କରାଯାଇଥିଲା। ତେବେ ଚୟନ ପ୍ରକ୍ରିୟାକୁ ନେଇ କଂଗ୍ରେସ ନେତା ଚୌଧୁରୀ ଅସନ୍ତୋଷ ବ୍ୟକ୍ତ କରିଥିଲେ। ଗଣମାଧ୍ୟମକୁ ସୂଚନା ଦେଇ ସେ କହିଥିଲେ, ଇସି ଚୟନ ପାଇଁ ଉଚ୍ଚକ୍ଷମତାସମ୍ପନ୍ନ କମିଟି ନିକଟକୁ ୬ଟି ନାଁ ଆସିଥିଲା। ପୂର୍ବରୁ ଉକ୍ତ ସଂକ୍ଷିପ୍ତ ତାଲିକା ସମ୍ପର୍କରେ ତାଙ୍କୁ ଅବଗତ କରାଯାଇ ନ ଥିଲା। ତେବେ ୨୦୦ରୁ ଊର୍ଦ୍ଧ୍ୱ ନାଁ ମଧ୍ୟରୁ ୬ଟି ନାମ କିପରି ସଂକ୍ଷିପ୍ତ ତାଲିକାଭୁକ୍ତ ହେଲା, ତାକୁ ନେଇ ଚୌଧୁରୀ ପ୍ରଶ୍ନ ଉଠାଇଛନ୍ତି। ସଂକ୍ଷିପ୍ତ ତାଲିକା ପ୍ରସ୍ତୁତିର ପ୍ରକ୍ରିୟା ସମ୍ପର୍କରେ କିଛି ସ୍ପଷ୍ଟ କରାଯାଇ ନାହିଁ। ଆଇନ ମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ଗଠିତ ସର୍ଚ୍ଚ କମିଟି ଉକ୍ତ ସଂକ୍ଷିପ୍ତ ତାଲିକା ପ୍ରସ୍ତୁତ କରିଥିବା କୁହାଯାଉଛି। ଶର୍ଟଲିଷ୍ଟରେ ପୂର୍ବତନ ପ୍ରଶାସନିକ ଅଧିକାରୀ ଉତ୍ପଳ କୁମାର ସିଂ, ପ୍ରଦୀପ କୁମାର ତ୍ରିପାଠୀ, ଜ୍ଞାନେଶ କୁମାର, ଇନ୍ଦେବାର ପାଣ୍ଡେ, ସୁଖବୀର ସିଂ ସାନ୍ଧୁ, ସୁଧୀର କୁମାର ଗଙ୍ଗାଧର ରାହାତେ ଥିଲେ। ସେମାନଙ୍କ ମଧ୍ୟରୁ ନିଯୁକ୍ତି ପାଇଁ ଜ୍ଞାନେଶ ଏବଂ ସୁଖବୀରଙ୍କ ନାମ ଚୂଡ଼ାନ୍ତ ହୋଇଥିଲା।

୧୯୮୮ ବ୍ୟାଚ୍ କେରଳ କ୍ୟାଡର ଆଇଏଏସ୍ ଅଫିସର ଜ୍ଞାନେଶ କୁମାର ସଂସଦୀୟ ବ୍ୟାପାର ମନ୍ତ୍ରଣାଳୟ ଏବଂ ସହଯୋଗ ମନ୍ତ୍ରଣାଳୟର ସଚିବ ଭାବେ କାର୍ଯ୍ୟ କରିଥିଲେ। ସେହି ସମୟରେ ଅନୁଚ୍ଛେଦ ୩୭୦ ଉଚ୍ଛେଦ ଦିଗରେ କାର୍ଯ୍ୟ କରିଥିଲେ। ୨୦୨୪ ଜାନୁଆରୀ ୩୧ରେ ସେ ଅବସର ଗ୍ରହଣ କରିଥିଲେ। ସେହିପରି ପଞ୍ଜାବର ସୁଖବୀର ସିଂ ସାନ୍ଧୁ ହେଉଛନ୍ତି ୧୯୮୮ ବ୍ୟାଚ୍‌ର ଉତ୍ତରାଖଣ୍ଡ କ୍ୟାଡର ଆଇଏଏସ୍ ଅଫିସର। ସେ ଏମ୍‌ବିବିଏସ୍ କରିବା ସହ ଇତିହାସରେ ମାଷ୍ଟର ଡିଗ୍ରୀ ହାସଲ କରିଛନ୍ତି। ଏଥିସହିତ ଆଇନରେ ମଧ୍ୟ ସେ ଡିଗ୍ରୀ କରିଛନ୍ତି। ସେ ୨୦୨୧ରେ ଉତ୍ତରାଖଣ୍ଡର ମୁଖ୍ୟ ଶାସନ ସଚିବ ନିଯୁକ୍ତ ହୋଇଥିଲେ। ଏହା ବ୍ୟତୀତ ସେ ଉଚ୍ଚଶିକ୍ଷା, ମାନବ ସମ୍ବଳ ବିକାଶ ଆଦି ବିଭିନ୍ନ ବିଭାଗରେ ଅତିରିକ୍ତ ସଚିବ ଏବଂ ଭାରତର ଜାତୀୟ ରାଜପଥ କର୍ତ୍ତୃପକ୍ଷର ଅଧ୍ୟକ୍ଷ ଭାବେ କାର୍ଯ୍ୟ କରିଥିଲେ।

# ଇ-ଗଭର୍ନାନ୍ସରେ ନୂଆ ଅଧ୍ୟାୟ

## ଅନ୍‌ଲାଇନ ପ୍ରୋତ୍ସାହନ ପ୍ରବନ୍ଧନ ପ୍ରଣାଳୀ, ନୂତନ ଜିଲା ୱେବ୍‌ସାଇଟର ଲୋକାର୍ପଣ କଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୧୪।୩(ଅନିଲ ଦାସ)

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଗୁରୁବାର ଓଡ଼ିଶା କମ୍ପ୍ୟୁଟର ଆପ୍ଲିକେଶନ ସେଣ୍ଟର(ଓକାକ୍) ଦ୍ୱାରା ବିକଶିତ ଅନ୍‌ଲାଇନ ଇନ୍‌ସେଣ୍ଟିଭ୍ ମ୍ୟାନେଜମେଣ୍ଟ ସିଷ୍ଟମ୍‌ର ଲୋକାର୍ପଣ କରିଛନ୍ତି। ଏହି ପୋର୍ଟାଲ ଜରିଆରେ ଉଦ୍ୟୋଗୀ ସହଜରେ ଅନ୍‌ଲାଇନ ଆବେଦନ କରି ଓଡ଼ିଶା ଆଇଟି, ଇଲେକ୍ଟ୍ରୋନିକ୍ସ ଡାଟା ସେଣ୍ଟର, ବିପିଓ ଏବଂ ସେମିକଣ୍ଡକ୍ଟର ମାନୁଫାକ୍ଚରିଂ ଓ ଫାବ୍‌ଲେସ୍ ନୀତି ଆଧାରରେ ଆନୁଷଙ୍ଗିକ ପ୍ରୋତ୍ସାହନ ପାଇପାରିବେ।

ଏହି ଅନ୍‌ଲାଇନ ଦ୍ୱାରା ଉଦ୍ୟୋଗୀମାନେ ଓଡ଼ିଶା ଆଇଟି, ଇଲେକ୍ଟ୍ରୋନିକ୍ସ, ଡାଟା ସେଣ୍ଟର, ବିପିଓ, ସେମି କଣ୍ଡକ୍ଟର ମାନୁଫାକ୍ଚରିଂ ଆଣ୍ଡ ଫାବ୍‌ଲେସ ପଲିସି ଅଧୀନରେ ପ୍ରୋତ୍ସାହନ ରାଶି ଅନୁମୋଦନ ପାଇପାରିବେ। ଏଥିରେ ବ୍ୟକ୍ତିଗତ ଆବେଦନପତ୍ର ଦେବା ବଦଳରେ ସହଜରେ ଆବେଦନପତ୍ର ଦାଖଲ କରିବା ସହ ଡକ୍ୟୁମେଣ୍ଟ ଅପ୍‌ଲୋଡ, ସିଙ୍ଗଲ୍‌ୱିଣ୍ଡୋ ପୋର୍ଟାଲ ସୁବିଧା, ଆବେଦନପତ୍ରର ଭୁଲ ଯାଞ୍ଚ ଏବଂ ମେସେଜ ଆଲର୍ଟ ଭଳି ସୁବିଧା ରହିବ। ଏହାଛଡ଼ା ଏଥିରେ ଅଣସ୍ୱୀକୃତି ପ୍ରବେଶକୁ ରୋକିବା ପାଇଁ ଅନେକ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି। ଏହି ଅନ୍‌ଲାଇନ ପୋର୍ଟାଲ ଜରିଆରେ ସପ୍ତାହର ଯେକୌଣସି ସମୟରେ ନିଜର ଆବେଦନପତ୍ର ଦାଖଲ କରିପାରିବେ। ଏଥିରେ ଆବେଦନପତ୍ର ଟ୍ରାକିଂ ସହ ବିଭିନ୍ନ ପ୍ରକାର ପ୍ରୋସେସିଂର ସ୍ତର ବିଷୟରେ ଜଣାପଡ଼ିବ। ପୋର୍ଟାଲ ଜରିଆରେ ଆବେଦନ କରିବା ମାତ୍ରେ ହିଁ ଇ-ମେଲ୍ ଓ ଏସ୍ଏମ୍ଏସ୍ ମାଧ୍ୟମରେ ଆବେଦନର ବାସ୍ତବ ସ୍ଥିତି ଟ୍ରାକିଂ ସୂଚନା ମିଳିବ। ଏହି ଅନ୍‌ଲାଇନ ବ୍ୟବସ୍ଥାରେ ଖୁସିବ୍ୟକ୍ତ କରି ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଆଇଟି, ଇଲେକ୍ଟ୍ରୋନିକ୍ସ କ୍ଷେତ୍ରରେ ଏଭଳି ଏକ ଅନ୍‌ଲାଇନ ବ୍ୟବସ୍ଥା ବିକଶିତ କରିବାରେ ଓଡ଼ିଶା ପ୍ରଥମ ରାଜ୍ୟ। ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତିବିଦ୍ୟା ବିଭାଗର ପ୍ରୋତ୍ସାହନରୁ ଉଦ୍ୟୋଗଗୁଡ଼ିକ କିଭଳି ଅତି ସହଜରେ ଉପକୃତ ହେବେ ତାହାକୁ ଏହି ଅନ୍‌ଲାଇନ ସିଷ୍ଟମ୍ ଅଧିକ ସରଳୀକୃତ କରିଛି। ଏଥିସହ ଏହା ଶାସନ ବ୍ୟବସ୍ଥାକୁ ଆହୁରି ସ୍ୱଚ୍ଛ, ଉପଯୋଗୀ ଏବଂ ଲୋକାଭିମୁଖୀ କରିପାରିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଏହି ଅବସରରେ ମୁଖ୍ୟମନ୍ତ୍ରୀ ସରକାରଙ୍କ ବହୁମୁଖୀ ତଥା ରୂପାନ୍ତରଣଧର୍ମୀ ୫-ଟି ଉପକ୍ରମରେ ବିକଶିତ 'ଷ୍ଟାଣ୍ଡାର୍ଡାଇଜଡ୍ ୱେବ୍‌ସାଇଟ ଫ୍ରେମ୍‌ୱାର୍କ'(ଏସ୍‌ଡବ୍ଲ୍ୟୁଏଫ୍) ଅଧୀନ ଜିଲା ୱେବ୍‌ସାଇଟର ମଧ୍ୟ ଲୋକାର୍ପଣ କରିଛନ୍ତି। ସମସ୍ତ ସରକାରୀ ୱେବ୍‌ସାଇଟରେ ଓଡ଼ିଶାବାସୀଙ୍କୁ ଏକାନ୍ନ ଅନୁଭୂତି ପ୍ରଦାନ ଲକ୍ଷ୍ୟ ରଖି ବର୍ତ୍ତମାନ ରାଜ୍ୟର ସମସ୍ତ ୩୦ଟି ଜିଲା ପୋର୍ଟାଲ୍‌ର ସଂରଚନା କରାଯାଇଛି। 'ଷ୍ଟାଣ୍ଡାର୍ଡାଇଜଡ୍ ୱେବ୍‌ସାଇଟ୍ ଫ୍ରେମ୍‌ୱାର୍କ' ଆଧାରରେ ପ୍ରସ୍ତୁତ ୩୦ଟି ଜିଲା ପୋର୍ଟାଲ ଲୋକାର୍ପଣ ରାଜ୍ୟ ପ୍ରଯୁକ୍ତିବିଦ୍ୟା କ୍ଷେତ୍ରରେ ରୂପାନ୍ତରଣର ଏକ ଅନନ୍ୟ ପଦକ୍ଷେପ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଜନସଂଖ୍ୟା ବିଭାଗୀକରଣ ଆଧାରରେ ଏହି ୱେବ୍‌ସାଇଟଗୁଡ଼ିକ ଖୁବ୍ ବ୍ୟବହାର ଉପଯୋଗୀ ଏବଂ ରାଜ୍ୟ ଶାସନତନ୍ତ୍ର ବ୍ୟବସ୍ଥାକୁ ଆହୁରି ସ୍ୱଚ୍ଛ ଓ ଦକ୍ଷ ପ୍ରମାଣିତ କରି ସାରା ଦେଶରେ ଅନନ୍ୟ ପରିଚୟ ସୃଷ୍ଟି କରିଥିବା ୫-ଟି ଉପକ୍ରମର ପ୍ରକୃଷ୍ଟ ଉଦାହରଣ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଲୋକାର୍ପଣ ଉତ୍ସବରେ ଯୋଗଦେଇ ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତି ବିଦ୍ୟା ବିଭାଗ ମନ୍ତ୍ରୀ ତୁଷାରକାନ୍ତି ବେହେରା କହିଛନ୍ତି, ଏହି ଇ-ଗଭର୍ନାନ୍ସ ପୋର୍ଟାଲ ଜରିଆରେ ରାଜ୍ୟବାସୀଙ୍କୁ ଏକ ସ୍ୱଚ୍ଛ ଓ ଲୋକକୈନ୍ଦ୍ରିକ ଶାସନ ବ୍ୟବସ୍ଥା ଉପଲବ୍ଧ କରାଇବା ସରକାରଙ୍କ ଜନସେବା ମନୋଭାବକୁ ପ୍ରମାଣିତ କରୁଛି।

# କଫ୍ ସିରପ ଜବତ, ୨ ଗିରଫ

ସମ୍ବଲପୁର,୧୪।୩(ପ୍ରମୋଦ ବହିଦାର):

ସମ୍ବଲପୁର ସଦର ଥାନା ପୋଲିସ ଚୋରା ଚାଲାଣ ହେଉଥିବା ପ୍ରାୟ ୧୬୦୦ ବୋତଲ କଫ୍ ସିରପ୍ ଜବତ ସହ ସମ୍ପୃକ୍ତ ୨ ଅଭିଯୁକ୍ତଙ୍କୁ ଗିରଫ କରିଛି। ସେମାନେ ହେଲେ କ୍ଷେତରାଜପୁର ଥାନା ଲକ୍ଷ୍ମୀଡୁଙ୍ଗୁରୀ ଅଞ୍ଚଳର ଏକଲାହ ଅକମ୍ମଦ ଓରଫ ଗୁଡ୍ଡୁ(୪୦) ଓ ଗୋବିନ୍ଦଟୋଲାର ଶ୍ୟାମ ସୁନ୍ଦର ଅଗ୍ରୱାଲ (୩୧)। ସେମାନଙ୍କ ନାମରେ ଅବକାରୀ ଦଫା ୨୧(ବି)/୨୯ରେ ଏକ ମାମଲା (ନଂ.୬୭/୨୪) ରୁଜୁ କରି ପୋଲିସ ଗୁରୁବାର କୋର୍ଟ ଚାଲାଣ କରିଛି। ମିଳିଥିବା ସୂଚନା ଅନୁସାରେ ବୁଧବାର ସନ୍ଧ୍ୟାରେ ସଦର ଥାନା ଅନ୍ତର୍ଗତ ଠେମରା ଗ୍ରାମ ଦେଇ କଫ୍ ସିରପ ଚୋରା ଚାଲାଣ ହେଉଥିବା ସମ୍ପର୍କରେ ପୋଲିସକୁ ଖବର ମିଳିଥିଲା। ଉକ୍ତ ସୂଚନା ଆଧାରରେ ସଦର ଥାନା ପୋଲିସ ସଦଳବଳ ଠେମରା ଗ୍ରାମର ମହାପାତ୍ର ଖଳା ନିକଟରେ ଚଢାଉ କରିଥିଲା। ସମ୍ପୃକ୍ତ ୨ ଅଭିଯୁକ୍ତଙ୍କୁ ପୋଲିସ ଗିରଫ କରିବା ସହ ଦୁଇଟି ବସ୍ତାରେ ଥିବା ନିଷିଦ୍ଧ କଫ୍ ସିରପ୍ ଓ ଚୋରା ଚାଲାଣରେ ବ୍ୟବହୃତ ଏକ ସ୍କୁଟର୍ (ଓଡି୧୫ଏକ୍ସ- ୫୫୭୦)କୁ ଜବତ କରିଛି।



# ସ୍ମାର୍ଟ କିସମର ଧାନଚାଷ ଉପରେ ଗୁରୁତ୍ୱ

ସମ୍ବଲପୁର,୧୪।୩(ପ୍ରମୋଦ ବହିଦାର):

- 'କିଷାନ ସଂଗୋଷ୍ଠୀ' ସଚେତନତା କାର୍ଯ୍ୟକ୍ରମ
- ଜଳବାୟୁ ପରିବର୍ତ୍ତନ ମୁକାବିଲା ଚିନ୍ତା


କାର୍ଯ୍ୟକ୍ରମ ଉଦ୍‌ଘାଟନ ଅବସରରେ ଅତିଥିମାନେ।

ସାମ୍ପ୍ରତିକ ପରିସ୍ଥିତିରେ ଜଳବାୟୁ ପରିବର୍ତ୍ତନ, ମରୁଡ଼ି, ବନ୍ୟା, ନୂତନ ରୋଗପୋକ ଦାଉରୁ ଫସଲକୁ ରକ୍ଷା କରିବା ବା ଏହାର ମୁକାବିଲା କରିବା ଜରୁରୀ ହୋଇପଡିଛି। ଏହି ପରିପ୍ରେକ୍ଷୀରେ କୃଷକଙ୍କ ମଧ୍ୟରେ ସଚେତନତା ଜାଗ୍ରତ ପାଇଁ କଟକସ୍ଥିତ ଜାତୀୟ ଧାନ ଗବେଷଣା ସଂସ୍ଥାନ (ଆଇସିଏଆର୍) ପକ୍ଷରୁ ସମ୍ବଲପୁର ମନ୍ଦଲିଆ ପଡ଼ିଆରେ 'କିଷାନ ସଂଗୋଷ୍ଠୀ' ଶୀର୍ଷକ ଏକ ସଚେତନତା କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ଏନ୍ଆର୍ଆର୍ଆଇର ନିର୍ଦ୍ଦେଶକ ଡ. ଅମରେଶ କୁମାର ନାୟକ ମୁଖ୍ୟଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମ ଉଦ୍‌ଘାଟନ କରିଥିଲେ। ନିମନ୍ତ୍ରିତ ଅତିଥିଭାବେ କୋଲକାତା ଏଟିଏଆର୍ଆଇ ନିର୍ଦ୍ଦେଶକ ପ୍ରଦୀପ ଦେ, ଓୟୁଏଟି ଡିନ୍ ପ୍ରଫେସର ପି.କେ. ମିଶ୍ର, ସମ୍ବଲପୁର ଜିଲା କୃଷି ଅଧିକାରୀ ଗୌରୀ ଶଙ୍କର ସିଂ, ଡିଡିଏଚ୍ ସମ୍ବଲପୁର ଏଚ୍.କେ. ସାହୁ ପ୍ରମୁଖ ଯୋଗ ଦେଇଥିଲେ। ଜିଲା କୃଷି ଅଧିକାରୀ ସିଂ ସ୍ୱାଗତ ଅଭିଭାଷଣ ରଖି ଉତ୍ପାଦନ ବୃଦ୍ଧି ଓ କୃଷକଙ୍କ ବିକାଶ ପାଇଁ ଉଦ୍ଦିଷ୍ଟ ସରକାରଙ୍କ ବିଭିନ୍ନ ଯୋଜନା ସମ୍ପର୍କରେ ଉପସ୍ଥିତ କୃଷକଙ୍କୁ ଅବଗତ କରିଥିଲେ। ମୁଖ୍ୟଅତିଥି ଡ. ନାୟକ ଫସଲକୁ ବହୁଳ ଭାବେ କ୍ଷତି ପହଞ୍ଚାଉଥିବା ଜଳବାୟୁ ପରିବର୍ତ୍ତନର ମୁକାବିଲା ପାଇଁ ସ୍ମାର୍ଟ କିସମର ଧାନଚାଷ ଉପରେ ଗୁରୁତ୍ୱାରୋପ କରିଥିଲେ। ଅନ୍ୟତମ ଅତିଥି ଏଟିଏଆର୍ଆଇ ନିର୍ଦ୍ଦେଶକ ଦେ ଧାନ ଫସଲରେ ଦେଖାଦେଉଥିବା ନୂତନ ପ୍ରକାରର ରୋଗପୋକର ମୁକାବିଲା ପାଇଁ ନିକଟସ୍ଥ କୃଷି ପରାମର୍ଶ କେନ୍ଦ୍ର ବା ନିକଟରେ ଥିବା ଭାରତୀୟ କୃଷି ଗବେଷଣା ପରିଷଦ ସହିତ ଯୋଗାଯୋଗ କରିବାକୁ ପରାମର୍ଶ ଦେଇଥିଲେ। ସେହିପରି ଓୟୁଏଟି ଡିନ୍ ପ୍ରଫେସର ମିଶ୍ର ସ୍ୱଳ୍ପ ଖର୍ଚ୍ଚରେ ଅଧିକ ଅମଳ ପାଇଁ ଓୟୁଏଟି ଦ୍ୱାରା ବିକଶିତ ନୂତନ ଜ୍ଞାନକୌଶଳ ଉପରେ ଆଲୋକପାତ କରିଥିଲେ। ଶେଷରେ କୃଷି ବିଜ୍ଞାନ କେନ୍ଦ୍ରର ଡ. ଟି.କେ. ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମରେ ଆଇସିଏଆର୍-ସିୱା, ସିଇଏସ୍, ଆର୍ଆର୍ଟିଏସ୍, ଓୟୁଏଟି, ଚିପିଲିମା କୃଷି ମହାବିଦ୍ୟାଳୟ, ସମ୍ବଲପୁର କୃଷି ବିଭାଗ ତଥା ବରଗଡ଼, ଝାରସୁଗୁଡ଼ା ଆଦି ଜିଲା କୃଷି ବିଜ୍ଞାନ କେନ୍ଦ୍ରର ବୈଜ୍ଞାନିକମାନେ ଯୋଗଦେଇଥିଲେ। କାର୍ଯ୍ୟକ୍ରମ ସ୍ଥଳରେ ବିଭିନ୍ନ ବିଭାଗର ପ୍ରାୟ ୨୦ଟିରୁ ଅଧିକ ଷ୍ଟଲରେ ବିଭିନ୍ନ ପ୍ରକାର କୃଷି ବୈଜ୍ଞାନିକ ପଦ୍ଧତି ପ୍ରଦର୍ଶିତ ହୋଇଥିଲା। ଏଥିରେ ସମ୍ବଲପୁର ଜିଲାର ବିଭିନ୍ନ ବ୍ଲକର ୬ ଶହରୁ ଊର୍ଦ୍ଧ୍ୱ ଚାଷୀ ଅଂଶଗ୍ରହଣ କରିଥିଲେ।



କଳିଙ୍ଗ ଷ୍ଟାଡିୟମରେ ଗୁରୁବାର ଓଡ଼ିଶା ଏଫ୍‌ସି ଓ ସେଣ୍ଟ୍ରାଲ କୋଷ୍ଟ ମାରିନର୍ସ ମଧ୍ୟରେ ଅନୁଷ୍ଠିତ ଏଏଫ୍‌ସି କପ୍ ଫୁଟ୍‌ବଲ ଇଣ୍ଟର-ଜୋନାଲ ସେମିଫାଇନାଲ୍ସ ମ୍ୟାଚ। (ଫଟୋ: ବିକାଶ ନାୟକ)।

# ମ୍ୟାଚ ଡ୍ର ରଖିଲା ଓଡ଼ିଶା ଏଫ୍‌ସି

**ଏଏଫ୍‌ସି କପ୍**

**ଆନ୍ତଃ-ଜୋନ୍ ପ୍ଲେ-ଅଫ୍ ଫାଇନାଲ୍ସରେ ସେଣ୍ଟ୍ରାଲ କୋଷ୍ଟ ମାରିନର୍ସ**

ଭୁବନେଶ୍ୱର, ୧୪।୩
(ତପନ ସ୍ୱାଇଁ)

ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମରେ ଗୁରୁବାର ଓଡ଼ିଶା ଏଫ୍‌ସି ଓ ଅଷ୍ଟ୍ରେଲିଆର ସେଣ୍ଟ୍ରାଲ କୋଷ୍ଟ ମାରିନର୍ସ ମଧ୍ୟରେ ଅନୁଷ୍ଠିତ ଏଏଫ୍‌ସି କପ୍ ଫୁଟବଲ ଇଣ୍ଟର-ଜୋନାଲ ସେମିଫାଇନାଲ୍ସର ଦ୍ୱିତୀୟ ଚରଣ ମ୍ୟାଚ ଗୋଲଶୂନ୍ୟ ଡ୍ର ରହିଛି। ଫଳରେ ପ୍ରତିଯୋଗିତାରୁ ଓଡ଼ିଶା ଏଫ୍‌ସିର ଅଭିଯାନ ଶେଷ ହୋଇଛି। ମାର୍ଚ୍ଚ ୭ରେ ନ୍ୟୁ ସାଉଥ୍ ୱେଲ୍ସର ସେଣ୍ଟ୍ରାଲ କୋଷ୍ଟ ଷ୍ଟାଡିୟମରେ ଅନୁଷ୍ଠିତ ପ୍ରଥମ ଚରଣ ମ୍ୟାଚରେ ସେଣ୍ଟ୍ରାଲ କୋଷ୍ଟ ମାରିନର୍ସ ୪-୦ ଗୋଲରେ ଓଡ଼ିଶା ଏଫ୍‌ସିକୁ ପରାସ୍ତ କରିଥିଲା। ଫଳରେ ୨ଟି ମ୍ୟାଚ ପରେ ଏଗ୍ରିଗେଟରେ ୪-୦ରେ ଅଗ୍ରଣୀ ରହି ସେଣ୍ଟ୍ରାଲ କୋଷ୍ଟ ମାରିନର୍ସ ଆନ୍ତଃ-ଜୋନ ପ୍ଲେ-ଅଫ୍ ଫାଇନାଲ୍ସରେ ପ୍ରବେଶ କରିଛି। ଫାଇନାଲ୍ସରେ ପ୍ରବେଶ କରିବାକୁ ହେଲେ ଓଡ଼ିଶା ଏଫ୍‌ସିକୁ ଏଠାରେ ଅତିକମ୍‌ରେ ୫ ଗୋଲ ବ୍ୟବଧାନରେ ବିଜୟ ଆବଶ୍ୟକ ହେଉଥିଲା। ପ୍ରଥମ ମ୍ୟାଚରେ ଶକ୍ତିଶାଳୀ ମାରିନର୍ସ ନିକଟରୁ ପରାଜିତ ହୋଇଥିଲେ ହେଁ ଘରୋଇ ପରିବେଶରେ ଓଡ଼ିଶା ଏଫ୍‌ସି କଡ଼ା ଚ୍ୟାଲେଞ୍ଜ ଦେଇଥିଲା। ତେବେ ଉଭୟ ଦଳର ଖେଳାଳି ଏକାଧିକ ସୁଯୋଗ ସୃଷ୍ଟି କରିଥିଲେ ହେଁ ଗୋଲ ଦେଇପାରି ନ ଥିଲେ। ମ୍ୟାଚର ୨୮ତମ ମିନିଟରେ ମାରିନର୍ସ ପାଇଁ ଅଗ୍ରଣୀ ନେବାର ସୁବର୍ଣ୍ଣ ସୁଯୋଗ ଆସିଥିଲା। ବକ୍ସ ଏରିଆରେ ଏଡମଣ୍ଡସନଙ୍କୁ ଡେଲଗାଡୋ ତଳେ ପକାଇ ଦେବାରୁ ମାରିନର୍ସ ଦଳକୁ ପେନାଲ୍ଟି ସୁଯୋଗ ମିଳିଥିଲା। ମାତ୍ର ମାଇକେଲ ଡୋକା ମାରିଥିବା ଶଟ୍ ପୋଷ୍ଟରେ ବାଜି ଫେରି ଆସିଥିଲା। ଏଠାରେ ଓଡ଼ିଶା ଏଫ୍‌ସି ଖେଳାଳିଙ୍କ ପ୍ରଦର୍ଶନ ପ୍ରଶଂସନୀୟ ରହିଥିଲା। ପ୍ରଥମାର୍ଦ୍ଧ ଶେଷରେ ଏକ ନିଷ୍ପତ୍ତିକୁ କେନ୍ଦ୍ର କରି ଉଭୟ ଦଳର ଖେଳାଳି ମୁହାଁମୁହିଁ ହେବାରୁ ଉତ୍ତେଜନା ପରିସ୍ଥିତି ଉପୁଜିଥିଲା। ମାତ୍ର ଅଫିସିଆଲଙ୍କ ହସ୍ତକ୍ଷେପ ପରେ ସ୍ଥିତି ନିୟନ୍ତ୍ରଣକୁ ଆସିଥିଲା। ସେଣ୍ଟ୍ରାଲ କୋଷ୍ଟ ମାରିନର୍ସ ଓ କିର୍ଗିଜସ୍ତାନର ଆବଡିଶ-ଆଟା କାଣ୍ଟ ମଧ୍ୟରେ ଆନ୍ତଃ-ଜୋନ ପ୍ଲେ-ଅଫ୍ ଫାଇନାଲ୍ସ ଅନୁଷ୍ଠିତ ହେବ।



ଏକ ନିଷ୍ପତ୍ତିକୁ କେନ୍ଦ୍ରକରି ଦୁଇ ଦଳର ଖେଳାଳିଙ୍କ ମଧ୍ୟରେ ମୁହାମୁହିଁ ପରିସ୍ଥିତି।

# ୨୬୯ ପଦକ ପାଇଁ ଅର୍ଥରାଶି ପୁରସ୍କାର

**୨୦ କ୍ରୀଡ଼ା ବର୍ଗରେ କ୍ରୀଡ଼ାବିତ୍‌ଙ୍କୁ ୫୬ ଲକ୍ଷ ୯୩ ହଜାର ଟଙ୍କା ପ୍ରଦାନ**

ଭୁବନେଶ୍ୱର, ୧୪।୩
(ତପନ ସ୍ୱାଇଁ)

ରାଜ୍ୟ କ୍ରୀଡ଼ା ଓ ଯୁବସେବା ବିଭାଗ ପକ୍ଷରୁ ଗୁରୁବାର ଜାତୀୟ ଓ ଅନ୍ତର୍ଜାତୀୟ କ୍ରୀଡ଼ାରେ ପଦକ ହାସଲ କରିଥିବା କ୍ରୀଡ଼ାବିତଙ୍କୁ ଅର୍ଥରାଶିରେ ପୁରସ୍କୃତ କରାଯାଇଛି। ୨୬୯ ପଦକ ପାଇଁ କୃତି କ୍ରୀଡ଼ାବିତଙ୍କୁ ମୋଟ ୫୬ ଲକ୍ଷ ୯୩ ହଜାର ଟଙ୍କାର ପୁରସ୍କାର ରାଶି ପ୍ରଦାନ କରାଯାଇଛି । କଳିଙ୍ଗ ଷ୍ଟାଡ଼ିୟମ ସ୍ଥିତ ଟେନିସ ସେଣ୍ଟର ଅଡ଼ିଟୋରିୟମ୍ ଅନୁଷ୍ଠିତ ପୁରସ୍କାର ବିତରଣ ଉତ୍ସବରେ ମୁଖ୍ୟଅତିଥି ଭାବେ ଯୋଗଦେଇ ଓଡ଼ିଶା ହକି ପ୍ରମୋଶନ କାଉନସିଲ ଅଧକ୍ଷ ଦିଲ୍ଲୀପ ତିର୍କୀ କ୍ରୀଡ଼ାବିତ ମାନଙ୍କୁ ଅର୍ଥରାଶି ପ୍ରଦାନ କରିଥିଲେ। ଆଥଲେଟିକ୍ସ, ସୁଇମିଂ, ରଗବୀ, ହକି, ବ୍ୟାଡ଼ମିଣ୍ଟନ, ଟେନିସ, ଭାରୋତ୍ତୋଳନ, ଭଲିବଲ, ବିଚ ଭଲିବଲ, ଶୁଟିଂ, ଯୋଗାସନ ଏବଂ କରାଟେ ଆଦି ମୋଟ ୨୦ଟି ବର୍ଗରେ ଜାତୀୟ ଏବଂ ଅନ୍ତର୍ଜାତୀୟ କ୍ରୀଡ଼ାରେ ପଦକ ହାସଲ କରିଥିବା କ୍ରୀଡ଼ାବିତଙ୍କୁ ପୁରସ୍କୃତ କରାଯାଇଥିଲା। କ୍ରୀଡ଼ାବିତଙ୍କ ମଧ୍ୟରେ ପ୍ରତ୍ୟାଶା ରାୟ ଖେଲୋ ଇଣ୍ଡିଆ ୟୁନିଭରସିଟି ଗେମ ଏବଂ ଅଲ ଇଣ୍ଡିଆ ଇଣ୍ଟର ୟୁନିଭରସିଟି ଚାମ୍ପିୟନଶିପ୍‌ରେ ସର୍ବାଧିକ ୧୨ଟି ପଦକ ହାସଲ କରି ମୋଟ ୩ଲକ୍ଷ ୮୨ ହଜାର ଟଙ୍କାର ଅର୍ଥରାଶି ପାଇଛନ୍ତି।

ଏଠାରେ ସୂଚନା ଯୋଗ୍ୟ କି ରାଜ୍ୟ ସରକାର କ୍ରୀଡ଼ା ଓ କ୍ରୀଡ଼ାବିତଙ୍କ ଉନ୍ନତି ପାଇଁ ବିଭିନ୍ନ ପଦକ୍ଷେପ ଗ୍ରହଣ କରୁଛନ୍ତି। ବିଭିନ୍ନ କ୍ରୀଡ଼ାରେ ପଦକ ବିଜେତାଙ୍କୁ ଅର୍ଥରାଶି ପ୍ରଦାନର ଏହା ଏକ ଅଂଶ ବିଶେଷ। ୫-ଟି ମନ୍ତ୍ରର ସଠିକ ଅନୁପାଳନ ସହ ପଦକ ବିଜେତାଙ୍କୁ ତତ୍‌କ୍ଷଣାତ ଅର୍ଥ ପୁରସ୍କାର ପ୍ରଦାନକୁ କ୍ରୀଡ଼ା ଓ ଯୁବସେବା ବିଭାଗ ପାଳନ କରି ଆସିଛି। ପୁରସ୍କାର ବିତରଣ ଉତ୍ସବରେ ଅନ୍ୟମାନଙ୍କ ମଧ୍ୟରେ କ୍ରୀଡ଼ା ନିର୍ଦ୍ଦେଶକ ସିଦ୍ଧାର୍ଥ ଦାସ, ଓଡ଼ିଶା ହକି ପ୍ରମୋଶନ କାଉନସିଲ ସିଇଓ ଦୀପଙ୍କର ମହାପାତ୍ର ଏବଂ ଓଏସଡି ସିଦ୍ଧାର୍ଥ ଶଙ୍କର ସାହୁଙ୍କ ସମେତ ବିଭାଗୀୟ ଅଧିକାରୀ, କୋଚ ଏବଂ କ୍ରୀଡ଼ାବିତ ମାନେ ଉପସ୍ଥିତ ଥିଲେ।




ଆର୍ଥିକ ପ୍ରୋତ୍ସାହନ ଲାଭ କରିଥିବା କୃତୀ କ୍ରୀଡ଼ାବିତ୍‌ମାନେ ଅତିଥିଙ୍କ ଗହଣରେ।

# ଭାରତ ବିଜୟୀ

**ନୂଆଦିଲ୍ଲୀ, ୧୪।୩:** କ୍ରିକେଟ ଆସୋସିଏଶନ ଫର୍ ଦି ବ୍ଲାଇଣ୍ଡ ଇନ୍ ଇଣ୍ଡିଆ ଓ ହୁଣ୍ଡାଇ ମୋଟର ଇଣ୍ଡିଆ ଫାଉଣ୍ଡେଶନ (ଏଚଏମ୍‌ଆଇଏଫ୍)ର ସମର୍ଥନମ୍ ଟ୍ରଷ୍ଟ ଫର ଦି ଡିଜାବଲ୍‌ଡ ଆନୁକୂଲ୍ୟରେ ଚାଲିଥିବା ଟି୨୦ କ୍ରିକେଟ ସିରିଜର ଚତୁର୍ଥ ମ୍ୟାଚରେ ଗୁରୁବାର ଭାରତ ୮ଉଇକେଟରେ ଶ୍ରୀଲଙ୍କାକୁ ପରାସ୍ତ କରିଛି। ଏଥିସହିତ ଦଳ ୫ ମ୍ୟାଚ ବିଶିଷ୍ଟ ସିରିଜରେ ୪-୦ରେ ଅଗ୍ରଣୀ ରହିଛି। ଏହି ମ୍ୟାଚରେ ପ୍ରଥମେ ବ୍ୟାଟିଂ କରିଥିବା ଶ୍ରୀଲଙ୍କା ନିର୍ଦ୍ଧାରିତ ଓଭରରେ ୭ ଉଇକେଟ ବିନିମୟରେ ୧୪୨ ରନ କରିଥିଲା। ଭାରତ ୪୦ ବଲ୍ ବାକିଥାଇ ମାତ୍ର ୨ ଉଇକେଟ ବିନିମୟରେ ବିଜୟ ଲକ୍ଷ୍ୟ ହାସଲ କରିନେଇଥିଲା। ମାଗୁଣ୍ଟା ୪୨ବଲ୍‌ରୁ ୫୦ ରନ କରିଥିବା ବେଳେ ଦେବରାଜ ୨୯ ବଲ୍‌ରୁ ୫୪ ରନ କରିଥିଲେ।

**ଜାତୀୟ ସିନିୟର ମହିଳା ହ୍ୟାଣ୍ଡବଲ**

# ଓଡ଼ିଶା ଦଳ ଘୋଷିତ

ଭୁବନେଶ୍ୱର, ୧୪।୩
(ତପନ ସ୍ୱାଇଁ)

ଜାତୀୟ ସିନିୟର ମହିଳା ହ୍ୟାଣ୍ଡବଲ ପ୍ରତିଯୋଗିତାର ୫୨ତମ ସଂସ୍କରଣ ଦାଦ୍ରା ଓ ନଗର ହାବେଳିରେ ଚଳିତ ମାସ ୧୬ରୁ ୨୧ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଏଥିପାଇଁ ଗୁରୁବାର ଓଡ଼ିଶା ଦଳ ଘୋଷଣା କରାଯାଇଛି। ଦଳରେ ସ୍ଥାନ ପାଇଥିବା ଖେଳାଳିମାନେ ହେଲେ ରାଜ ରାଜେଶ୍ୱରୀ ରାଉତ, ମୋନାଲିସା ନାୟକ, ପରିଜାନ ସାହୁ, ସୁଶୀଳା ମାଝି, ଗଙ୍ଗା ସାମନ୍ତ, ଅତୀକ୍ଷା ପ୍ରିୟଦର୍ଶିନୀ ପରିଡ଼ା, ଆକାଂକ୍ଷା ମିଶ୍ର, ଲୋମା ଦାସ, ଟ୍ୱିଙ୍କିଲ ପ୍ରଧାନ, ଅପର୍ଣ୍ଣା ଦାସ, ଶୁଭଶ୍ରୀ ସ୍ୱାଇଁ, ମୋନାଲିସା ଦଳେଇ, ମଧୁଶ୍ରୀ ନାୟକ, ରଶ୍ମୀପ୍ରିୟା ବାରିକ, ଲକ୍ଷ୍ମୀପ୍ରୀୟା ଦାସ ଓ ସ୍ୱର୍ଣ୍ଣଲତା ବୀରେନ୍ଦ୍ର। ଦଳ ସହ କୋଚ୍ ମନୋଜ କୁମାର ନିଶଙ୍କ ଓ ମ୍ୟାନେଜର ନିହାରିକା ପଣ୍ଡା ଯାତ୍ରା କରିଛନ୍ତି। ଖେଳାଳିମାନଙ୍କୁ ଓଡ଼ିଶା ରାଜ୍ୟ ହ୍ୟାଣ୍ଡବଲ ସଂଘ ସମ୍ପାଦକ ବୀରେନ୍ଦ୍ର ବେହେରା, ସଭାପତି ଗୋପୀନାଥ ସାହୁ, କୋଷାଧ୍ୟକ୍ଷ ଉପେନ୍ଦ୍ର ନାଥ ଦାସ, ଉପସଭାପତି ପ୍ରେମାନନ୍ଦ ବିହାରୀ ଓ ଯଶୋବନ୍ତ ପରମଗୁରୁ ଶୁଭେଚ୍ଛା ଜଣାଇଛନ୍ତି।



ଜାତୀୟ ସିନିୟର ମହିଳା ହ୍ୟାଣ୍ଡବଲ ପାଇଁ ମନୋନୀତ ଓଡ଼ିଶା ଦଳ।

# ମୁମ୍ବାଇକୁ ୪୨ତମ ରଣଜୀ ଟାଇଟଲ

ମୁମ୍ବାଇ, ୧୪।୩ (ପି.ଟି.)

ବିଦର୍ଭକୁ ଫାଇନାଲରେ ୧୬୯ ରନରେ ପରାସ୍ତ କରି ମୁମ୍ବାଇ କ୍ରିକେଟ ଦଳ ୮ ସିଜନ ପରେ ପୁଣି ରଣଜୀ ଟ୍ରଫି ହାସଲ କରିଛି। ଟୁର୍ନାମେଣ୍ଟର ୯୦ ବର୍ଷ ଇତିହାସରେ ମୁମ୍ବାଇ ଦଳ ୪୮ ଥର ଫାଇନାଲରେ ପ୍ରବେଶ କରିପାରିଛି। ଦଳର ଏହା ହେଉଛି ୪୨ତମ ରଣଜୀ ଟାଇଟଲ। ସ୍ଥାନୀୟ ଆଇକନିକ ୱାଙ୍ଖଡେ ଷ୍ଟାଡିୟମରେ ଘରୋଇ ଦଳ ଭ୍ରମଣକାରୀ ଦଳ ବିପକ୍ଷରେ ୫୩୮ରନର ବିଜୟ ଲକ୍ଷ୍ୟ ଧାର୍ଯ୍ୟ କରିଥିଲା। ଗୁରୁବାର ସକାଳେ ପୂର୍ବଦିନର ଅସମାପ୍ତ ଦ୍ୱିତୀୟ ଇନିଂସ ସ୍କୋର ୨୪୮/୫ରୁ ଖେଳ ଆରମ୍ଭ କରିଥିଲା ବିଦର୍ଭ। ଅଧିନାୟକ ଅକ୍ଷୟ ୱାଦକର (୧୦୨) ଓ ହର୍ଷ ଦୁବେ (୬୫) ଚମତ୍କାର ବ୍ୟାଟିଂ କରି ବିଦର୍ଭ ସ୍ଥିତିରେ ସୁଧାର ଆଣିଥିଲେ। ତେବେ ଦଳ ୩୬୮ ରନରେ ଅଲଆଉଟ ହୋଇଯାଇଥିଲା। ବିଦର୍ଭ ସେତେବେଳେ ବିଜୟ ପାଇଁ ଆହୁରି ୨୯୦ରନ ଆବଶ୍ୟକ କରୁଥିଲା। ଲଢୁଆ ବ୍ୟାଟିଂ କରିଥିବା ୱାଦକର ବର୍ଷରେ ତାଙ୍କର ପ୍ରଥମ ଶତକ ହାସଲ କରିଥିଲେ। ଚଳିତ ସିଜନରେ ତାଙ୍କ ରନ ସଂଖ୍ୟା ୬୦୦ ଅତିକ୍ରମ କରିଯାଇଥିଲା। ଅନ୍ୟପକ୍ଷରେ ଦୁବେ ପ୍ରଥମ ଶ୍ରେଣୀ କ୍ୟାରିୟରରେ ତାଙ୍କର ଦ୍ୱିତୀୟ ଅର୍ଦ୍ଧଶତକ ହାସଲ କରିଥିଲେ। ଦୁଇ ବ୍ୟାଟର ଦୀର୍ଘ ସମୟ ଧରି କ୍ରିଜ୍‌ରେ ଜମି ରହିଥିଲେ। ସେମାନେ କ୍ରିଜ୍‌ରେ ୧୯୪ ମିନିଟ ଅବସ୍ଥାନ କରି ୨୫୫ ବଲ୍‌ର ସାମ୍ନା କରିଥିଲେ। ଅନ୍ତିମ ଦିବସ ଖେଳର ଦ୍ୱିତୀୟ ସେସନ ଖେଳ ଆରମ୍ଭର କିଛି ସମୟ ପରେ ତନୁଶ କୋଟିଆନ୍ (୪/୯୫) ୱାଦକରଙ୍କୁ ଲେଗ୍ ବିଫୋର କରି ଏହି ଯୋଡ଼ିକୁ ଭାଙ୍ଗି ଦେଇଥିଲେ। ଭ୍ରମଣକାରୀ ଦଳ ଦୁଇ ଥର ଟାଇଟଲ ଜିତିସାରିବା ପରେ ତୃତୀୟ ଥର ଫାଇନାଲରେ ପରାଜିତ ହୋଇଛି। ପରେ ତୁଷାର ଦେଶପାଣ୍ଡେଙ୍କ ଶର୍ଟ ବଲ୍‌ରେ ଦୁବେ (୧୨୮ ବଲ୍‌ରୁ ୬୫ରନ, ୫ ଚୌକା ଓ ୨ ଛକା) ଓ ଆଦିତ୍ୟ ସରାୱତେ ଶିକାର ହୋଇଥିଲେ। ପିଠିରେ ଯନ୍ତ୍ରଣା ଯୋଗୁ ସରାୱତେ ମ୍ୟାଚର ଅଧିକାଂଶ ସମୟ ଅନୁପସ୍ଥିତ ଥିଲେ। ଅନ୍ୟପକ୍ଷରେ କୋଟିଆନଙ୍କ ଚତୁର୍ଥ ଶିକାର ହୋଇଥିଲେ ଯଶ ଠାକୁର (୬)। ମ୍ୟାଚର ଶେଷ ଉଇକେଟ ଅକ୍ତିଆର କରିଥିଲେ ଧାୱଲ କୁଲକର୍ଣ୍ଣୀ। ସେ ଉମେଶ ଯାଦବ (୬)ଙ୍କୁ ବୋଲ୍ଡ କରିଦେଇଥିଲେ। କୁଲକର୍ଣ୍ଣୀଙ୍କର ଏହା ଥିଲା ଅନ୍ତିମ ମ୍ୟାଚ। ଏଥିସହିତ କ୍ରିକେଟର ସମସ୍ତ ଫର୍ମାଟରୁ ସେ ତାଙ୍କର ଅବସର ନେଇଛନ୍ତି।

**ଅତିରିକ୍ତ ୫କୋଟି ଟଙ୍କା**

ମୁମ୍ବାଇ କ୍ରିକେଟ ଆସୋସିଏଶନ (ଏମ୍‌ସିଏ) ଏହାର ପୁରସ୍କାର ରାଶିକୁ ଦ୍ୱିଗୁଣିତ କରିଛି। ଫଳରେ ୪୨ ଥର ରଣଜୀ ଟ୍ରଫି ଟାଇଟଲ ହାସଲ କରିଥିବା ମୁମ୍ବାଇ ଦଳ ଅତିରିକ୍ତ ୫ କୋଟି ଟଙ୍କା ପୁରସ୍କାର ପାଇବ। ଏମ୍‌ସିଏ ସଭାପତି ଆମୋଲ କାଲେ ଏବଂ ଆପେକ୍ସ କାଉନ୍‌ସିଲ ରଣଜୀ ଟ୍ରଫି ପୁରସ୍କାରକୁ ଦ୍ୱିଗୁଣିତ କରିବା ଲାଗି ନିଷ୍ପତ୍ତି ନେଇଛନ୍ତି। ତେଣୁ ବିଜୟୀ ମୁମ୍ବାଇ ରଣଜୀ ଟ୍ରଫି ଦଳକୁ ଅତିରିକ୍ତ ୫ କୋଟି ଟଙ୍କା ମିଳିବ ବୋଲି ଏମ୍‌ସିଏ ସମ୍ପାଦକ ଅଜିଙ୍କ୍ୟ ନାଏକ ପ୍ରକାଶ କରିଛନ୍ତି। ଏମ୍‌ସିଏ ପାଇଁ ଏହା ହେଉଛି ଏକ ମହାନ୍ ବର୍ଷ। କାରଣ ଆସୋସିଏଶନ ୭ ଟାଇଟଲ ହାସଲ କରିଥିବା ବେଳେ ସମସ୍ତ ବୟସ ବର୍ଗ ବିସିସିଆଇ ଟୁର୍ନାମେଣ୍ଟରେ ଆମେ ନକ୍‌ଆଉଟ ପର୍ଯ୍ୟାୟକୁ ଉନ୍ନୀତ ହୋଇପାରିଛୁ ବୋଲି ସେ କହିଛନ୍ତି।

**ସଂକ୍ଷିପ୍ତ ସ୍କୋର**

ମୁମ୍ବାଇ: ୨୨୪ ଓ ୪୧୮। ବିଦର୍ଭ: ୧୦୫ ଓ ୧୩୪.୪ ଓଭରରେ ୩୬୮(ଅଥର୍ବ ଟାଇଡେ-୩୨, ଅମନ ମୋଖାଡେ-୩୨, କରୁଣ ନୟାର-୭୪, ଅକ୍ଷୟ ୱାଦକର-୧୦୨, ହର୍ଷ ଦୁବେ-୬୫; ତନୁଷ କୋଟିଆନ-୪/୯୫, ମୁଶିର ଖାନ୍-୨/୪୮, ତୁଷାର ଦେଶପାଣ୍ଡେ-୨/୫୩)।



ରଣଜୀ ଟ୍ରଫି ବିଜୟ ପରେ ଉଲ୍ଲସିତ ମୁମ୍ବାଇ ଦଳ।

# ଭିଜି ଟ୍ରଫି: ନର୍ଥକୁ ହରାଇଲା ଇଷ୍ଟ ଜୋନ୍

ଭୁବନେଶ୍ୱର, ୧୪।୩
(ତପନ ସ୍ୱାଇଁ)

ଆସାମରେ ଚାଲିଥିବା ବିସିସିଆଇ ଭିଜି ଟ୍ରଫି କ୍ରିକେଟ ଟୁର୍ନାମେଣ୍ଟର ଗୁରୁବାର ଅନୁଷ୍ଠିତ ଲିଗ୍ ମ୍ୟାଚରେ ଇଷ୍ଟ ଜୋନ୍ ୧ ଉଇକେଟରେ ଗତଥରର ଚାମ୍ପିୟନ ନର୍ଥ ଜୋନ୍‌କୁ ପରାସ୍ତ କରିଛି। ଟସ୍ ଜିତି ବ୍ୟାଟିଂ କରିଥିବା ନର୍ଥ ଜୋନ୍ ୪୩.୫ ଓଭରରେ ୧୮୩ ରନକରି ଅଲ୍‌ଆଉଟ ହୋଇଥିଲା। ଇଷ୍ଟ ଜୋନ୍ ପକ୍ଷରୁ ପ୍ରତିନିଧିତ୍ୱ କରୁଥିବା କିଟ୍ ବିଶ୍ୱବିଦ୍ୟାଳୟର ଶିବାଶିଷ ସାହୁ ୪ଟି ଓ ପାର୍ଥ ସାରଥି ନାୟକ ୨ଟି ଉଇକେଟ ନେଇଥିଲେ। ୧୮୪ ରନ ବିଜୟ ଲକ୍ଷ୍ୟକୁ ଇଷ୍ଟ ଜୋନ୍ ୪୭.୨ ଓଭରରେ ୯ ଉଇକେଟ ହରାଇ ହାସଲ କରି ନେଇଥିଲା। ଗୁଆହାଟୀ ବିଶ୍ୱବିଦ୍ୟାଳୟର ଗୌରବ ସାଇକିଆ ସର୍ବାଧିକ ୫୨ ରନ କରିଥିଲେ। ସମ୍ବଲପୁର ବିଶ୍ୱବିଦ୍ୟାଳୟର ସୁଜାଲ ସିଂ ୩୭ ଓ ଶ୍ରେଷ୍ଠ ସିଂ ୩୬ ରନ କରିଥିଲେ।

# ପଦାର୍ପଣ କଲେ ରତପର୍ଣ୍ଣା-ଶ୍ୱେତପର୍ଣ୍ଣା

**ଅଲ୍ ଇଂଲଣ୍ଡ ଓପନ ବ୍ୟାଡ୍‌ମିଣ୍ଟନ**

ଭୁବନେଶ୍ୱର, ୧୪।୩
(ତପନ ସ୍ୱାଇଁ)

ଓଡ଼ିଶା କ୍ରୀଡ଼ା ଇତିହାସରେ ଏକ ନୂଆ ଫର୍ଦ୍ଦ ଯୋଡ଼ିଛନ୍ତି ପଣ୍ଡା ଭଗିନୀ ରତପର୍ଣ୍ଣା ଓ ଶ୍ୱେତପର୍ଣ୍ଣା। ପ୍ରଥମ ମହିଳା ଓଡ଼ିଆ ଯୋଡ଼ିଭାବେ ଦୁହେଁ ସମ୍ମାନଜନକ ଅଲ୍ ଇଂଲଣ୍ଡ ଓପନ ଚାମ୍ପିୟନଶିପ୍‌ରେ ଅଂଶଗ୍ରହଣ କରିଛନ୍ତି। କଟକର ରତପର୍ଣ୍ଣା ଓ ଶ୍ୱେତପର୍ଣ୍ଣା ବିଶ୍ୱ ର୍‍ୟାଙ୍କିଙ୍ଗ୍‌ର ୫୧ତମ ସ୍ଥାନରେ ଥିବାରୁ ପ୍ରତିଯୋଗିତାର ମହିଳା ଡବଲ୍ସରେ ଖେଳିବା ସୁଯୋଗ ପାଇଥିଲେ। ଭାରତ ପକ୍ଷରୁ ପ୍ରତିନିଧିତ୍ୱ କରିଥିବା ଏହି ଓଡ଼ିଶା ଯୋଡ଼ି କିନ୍ତୁ ପ୍ରଥମ ରାଉଣ୍ଡରେ ବିଶ୍ୱ ମାନ୍ୟତାର ୧୩ ନମ୍ବରରେ ଥିବା ଜାପାନର ରିନ୍ ଇୱାନଗା ଓ କିଏ ନାକାନିଶିଙ୍କଠାରୁ ୯-୨୧, ୯-୨୧ରେ ହାରି ଯାଇଛନ୍ତି। ପ୍ରକାଶଯୋଗ୍ୟ ଯେ, ସନତ ମିଶ୍ର ପ୍ରଥମ ତଥା ଏକମାତ୍ର ଓଡ଼ିଆ ଭାବେ ୧୯୮୦ରେ ଅଲ୍ ଇଂଲଣ୍ଡ ଓପନ ଖେଳି ଇତିହାସ ସୃଷ୍ଟି କରିଥିଲେ। ଏହାର ୪୪ ବର୍ଷ ବ୍ୟବଧାନରେ ରତପର୍ଣ୍ଣା ଓ ଶ୍ୱେତପର୍ଣ୍ଣା ଅଲ୍ ଇଂଲଣ୍ଡ ଓପନରେ ପଦାର୍ପଣ କରିଥିଲେ। ରତପର୍ଣ୍ଣାଙ୍କ ଅଭିଜ୍ଞତା ଓ ଶ୍ୱେତପର୍ଣ୍ଣାଙ୍କ ପ୍ରତିଭାର ସମ୍ମିଶ୍ରଣରେ ଦୁଇ ଭଉଣୀ ଅନ୍ତର୍ଜାତୀୟ ସ୍ତରରେ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛନ୍ତି। ରତପର୍ଣ୍ଣା ବିଡବ୍ଲ୍ୟୁଏଫ୍ ଇଣ୍ଟରନ୍ୟାଶନାଲ ଚ୍ୟାଲେଞ୍ଜ/ସିରିଜରେ ୭ ଟାଇଟଲ ଜିତି ସାରିଥିବାବେଳେ ୭ ଥର ରନରଅପ୍ ହୋଇଛନ୍ତି। ଶ୍ୱେତପର୍ଣ୍ଣାଙ୍କୁ ସାଥିକରି ସେ ୪ ଥର ଟାଇଟଲ ଜିତିଛନ୍ତି ଓ ୨ ଥର ରନରଅପ୍ ହୋଇଛନ୍ତି। ଚଳିତ ବର୍ଷ ଅନୁଷ୍ଠିତ ଶ୍ରୀଲଙ୍କା ଇଣ୍ଟରନ୍ୟାଶନାଲରେ ଦୁଇ ଭଉଣୀ ରନରଅପ୍ ହୋଇଥିଲେ।



ରତପର୍ଣ୍ଣା ଓ ଶ୍ୱେତପର୍ଣ୍ଣା ପଣ୍ଡା।

# ଭାରତୀୟ ବକ୍ସିଂ ହାଇପରଫର୍ମାନ୍ସ ଡାଇରେକ୍ଟରଙ୍କ ଇସ୍ତଫା

**ନୂଆଦିଲ୍ଲୀ, ୧୪।୩ (ପି.ଟି.):** ପ୍ୟାରିସ ଗେମ୍ସ ଆଉ ୪ମାସ ବାକି ଥିବାବେଳେ ଭାରତୀୟ ବକ୍ସିଂର ହାଇପରଫର୍ମାନ୍ସ ଡାଇରେକ୍ଟର ବର୍ନାଡ ଡ୍ୟୁନ୍ ତାଙ୍କ ପଦବୀରୁ ଇସ୍ତଫା ଦେଇଛନ୍ତି। ନିକଟରେ ଅଲିମ୍ପିକ କ୍ୱାଲିଫାୟର୍ସ ଇଭେଣ୍ଟଗୁଡ଼ିକରେ ନୈରାଶ୍ୟଜନକ ପ୍ରଦର୍ଶନ ଯୋଗୁ ସେ ଏହି ନିଷ୍ପତ୍ତି ନେଇଥିବା କୁହାଯାଉଛି। ବିଦେଶୀ କୋଚ୍ ଦିମିତ୍ରୀ ଦିମିତ୍ରୁଙ୍କୁ ଖୁବ୍‌ଶୀଘ୍ର ବିଦା କରାଯାଇପାରେ ବୋଲି ଅନୁମାନ କରାଯାଉଛି। ଫଳରେ କୋଚିଂ ସଙ୍କଟ ଦେଖାଦେଇପାରେ। ଡ୍ୟୁନ୍ ହେଉଛନ୍ତି ଜଣେ ପୂର୍ବତନ ଇରିଶ ପ୍ରଫେସନାଲ ବକ୍ସର। ୨୦୨୨ ଅକ୍ଟୋବରରେ ସେ ହାଇପରଫର୍ମାନ୍ସ ଡାଇରେକ୍ଟର ଭାବେ ନିଯୁକ୍ତି ପାଇଥିଲେ। ସେ ଇଟାଲୀରୁ ତାଙ୍କ ଇସ୍ତଫାପତ୍ର ପଠାଇ ଦେଇଛନ୍ତି, ଯେଉଁଠାରେ ସେ ୱାର୍ଲ୍ଡ ଅଲିମ୍ପିକ ବକ୍ସିଂ କ୍ୱାଲିଫାୟର୍ସ ପାଇଁ ଭାରତୀୟ ଦଳ ସହ ଥିଲେ। ଏସିଆନ ଗେମ୍ସ ଏବଂ ପ୍ରଥମ ୱାର୍ଲ୍ଡ ଅଲିମ୍ପିକ ବକ୍ସିଂ କ୍ୱାଲିଫାୟର୍ସରେ ଜଣେ ହେଲେ ଭାରତୀୟ ପୁରୁଷ ବକ୍ସର ଅଲିମ୍ପିକ୍ସ ପାଇଁ ସ୍ଥାନ ପକ୍କା କରିପାରି ନାହାନ୍ତି। ପରିସ୍ଥିତିର ଅନୁଧ୍ୟାନ କରିବା ପାଇଁ ବକ୍ସିଂ ଫେଡେରେଶନ ଅଫ୍ ଇଣ୍ଡିଆ(ବିଏଫ୍‌ଆଇ) ଶୁକ୍ରବାର ଏକ କାର୍ଯ୍ୟନିର୍ବାହୀ ବୈଠକ ଡକାଇଛି। ଏଥିରେ ଦିମିତ୍ରିଙ୍କ ଭବିଷ୍ୟତ ସମ୍ପର୍କରେ ନିଷ୍ପତ୍ତି ନିଆଯିବ ବୋଲି ବିଏଫ୍‌ଆଇ ସେକ୍ରେଟାରୀ ଜେନେରାଲ ହେମନ୍ତ କାଲିଟା ପ୍ରକାଶ କରିଛନ୍ତି।

## ସଂକ୍ଷେପରେ

### ୨ ମଦ ବେପାରୀ ଗିରଫ, କୋର୍ଟ ଚାଲାଣ

ଖଡ଼ିଆଳ,୧୪।୩(ସୁଜିତ୍ କୁମାର ପ୍ରଧାନ)

ନୂଆପଡା ଜିଲା ଖଡ଼ିଆଳ ଥାନା ଅନ୍ତର୍ଗତ ୨ଟି ଗ୍ରାମରେ ଖଡ଼ିଆଳ ଅବକାରୀ ବିଭାଗ ପକ୍ଷରୁ ଚଢ଼ାଉ କରି ବହୁ ପରିମାଣର ମଦ ଜବତ କରି ୨ଜଣ ମଦ ବେପାରୀଙ୍କୁ ଗିରଫ କରି ଗୁରୁବାର କୋର୍ଟ ଚାଲାଣ କରାଯାଇଥିବା ଜଣାପଡ଼ିଛି। ଗିରଫ ୨ଜଣ ହେଲେ ଛତା ଗ୍ରାମର ମୁଚୁରାମ ଭୋଇ ଏବଂ ରାଣୀପୁର ଗ୍ରାମର ଚିତ୍ରସେନ ବିଭାର। ପ୍ରକାଶ ଯେ, ଭୁଲିଆସିକୁଆ ଗ୍ରାମପଞ୍ଚାୟତ ଛତା ଗ୍ରାମର ଭୋଇଙ୍କ ଦୋକାନରେ ଚଢ଼ାଉ କରି ଦଶ ଲିଟର ଚୋରା ହାତ ରନ୍ଧା ମହୁଲି ମଦ ଓ ୧୫ ଲିଟର ୬୦୦ ଏମଏଲ ଜବତ କରିଥିଲେ। ସେହିପରି ବଡଦୋହେଲ ଗ୍ରାମପଞ୍ଚାୟତ ରାଣୀପୁର ଗ୍ରାମର ବିଭାରଙ୍କ ଦୋକାନରେ ଚଢ଼ାଉ କରି ୧୦ ଲିଟର ଭାଟି ତିଆରି ମଦ ଜବତ କରି କରିଥିବା ଜଣାପଡ଼ିଛି। ଅବକାରୀ ଏଏସଆଇ ହିଙ୍ଗୁଳା ଦାସଙ୍କ ନେତୃତ୍ୱର ଚଢ଼ାଉ ହୋଇଥିବା ବେଳେ ଏଏସଆଇ ସରୋଜ କଟା, ବୈଜୟନ୍ତୀ ଶବର, ମୁରଲୀଧର ଶବର, ମଧୁସୂଦନ ସିଂ, ରୋଶନ ବିଶ୍ୱାଳ ପ୍ରମୁଖ ସାମିଲ ହୋଇଥିଲେ।

### ଓଲଟିଲା ଚାଉଳ ବୋଝେଇ ଟ୍ରକ୍

ଲାଞ୍ଜିଗଡ଼,୧୪।୩(ରମେଶ ଚନ୍ଦ୍ର ନାୟକ)

କଳାହାଣ୍ଡି ଜିଲା ଲାଞ୍ଜିଗଡ଼ ବ୍ଲକ କିଡିଙ୍ଗ ଗାଁ ବେହେରା ପୋଲରେ ପୁଣି ଗୁରୁବାର ସକାଳ ୬ଟାରେ ଚାଉଳ ବୋଝେଇ ଟ୍ରକ୍ ଓଲଟିଛି। ଭବାନୀପାଟଣାଠାରୁ ବିଶାଖାପାଟଣା ଆଡକୁ ଯାଉଥିବା ଏକ ଟ୍ରକ୍ (ନଂ. ସିଜି-୦୬-ଜିଜେଡ-୪୮୩୮) ଚାଉଳ ବୋଝେଇ କରି ଯାଇଥିଲା। ସକାଳ ୬ଟା ରେ ବେହେରା ପୋଲ ଉପରେ ବାରସାମ୍ୟ ହରାଇ ଦୁର୍ଘଟଣାଗ୍ରସ୍ତ ହୋଇ ଓଲଟିପଡିଛି। ଗୁରୁତର ଆହତ ଚାଳକ ଓ ସହଯୋଗୀଙ୍କୁ ଅନ୍ୟ ଟ୍ରକ ଚାଳକମାନେ ଆମ୍ବୁଲାନ୍ସ ଯୋଗେ ଭବାନୀପାଟଣା ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିବା ସୂଚନା ମିଳିଛି। ସିକେରକୁପା ଫାଣ୍ଡି ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରୁଥିବା ଜଣାପଡିଛି। ପ୍ରତିଦିନ ଏଠାରେ ଛୋଟ ମୋଟ ଠାରୁ ଆରମ୍ଭ କରି ବଡ଼ ବଡ଼ ଦୁର୍ଘଟଣା ଘଟୁଥିବା ବେଳେ ବର୍ତ୍ତମାନ ପର୍ଯ୍ୟନ୍ତ କଳାହାଣ୍ଡି ପୂର୍ତ୍ତ ବିଭାଗ ଏଥିପ୍ରତି ଦୃଷ୍ଟି ଦେଉ ନଥିବାରୁ ବେହେରା ପୋଲ ଏବେ ମରଣଯନ୍ତା ପାଲଟିଥିବା ବେଳେ ଲୋକଙ୍କ ପାଇଁ କାଳ ସାଜିଛି। ଜିଲା ପୂର୍ତ୍ତ ବିଭାଗ ପକ୍ଷରୁ ବେହେରା ପୋଲ ନିକଟରେ ଥିବା ବୁଲାଣି ଜାଗାକୁ ଚିହ୍ନଟ କରିବା ସହିତ ତୁରନ୍ତ ପଦକ୍ଷେପ ନେବା ପାଇଁ ବାରମ୍ବାର ଦାବି ହେଉଥିବା ବେଳେ ବିଭାଗୀୟ ପକ୍ଷରୁ କୋଣସି ପଦକ୍ଷେପ ନିଆଯାଇନାହିଁ।

### ରୁପ୍ରାରୋଡ ରେଳ ଷ୍ଟେଶନରେ ପାନୀୟ ଜଳ ସମସ୍ୟା

ନର୍ଲା,୧୪।୩(ସନ୍ତୋଷ ପାତ୍ର)

କଳାହାଣ୍ଡି ଜିଲା ନର୍ଲା ବ୍ଲକ ରୁପ୍ରାରୋଡ ରେଳଷ୍ଟେଶନ ପ୍ଲାଟଫର୍ମରେ ପାନୀୟ ଜଳର ବ୍ୟବସ୍ଥା ନ ଥିବାରୁ ଯାତ୍ରୀମାନେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଥିବା ଦେଖିବାକୁ ମିଳୁଛି। ପ୍ରାପ୍ତ ସୂଚନା ଅନୁଯାୟୀ ଏହି ପ୍ଲାଟଫର୍ମରେ ପାଣି ଷ୍ଟାଣ୍ଡରେ ବର୍ଷ ବର୍ଷ ଧରି ପାଣିଆସୁନାହିଁ। ରେଳ ବିଭାଗ ପକ୍ଷରୁ ମଧ କୌଣସି ପାନୀୟ ଜଳ ବ୍ୟବସ୍ଥା ନ ଥିବା ବେଳେ ଗୋଟିଏ ମାତ୍ର ନଳକୂପ ଦୀର୍ଘ ୫ ଦିନରୁ ଉର୍ଦ୍ଧ୍ୱ ଦିନ ଧରି ଅଚଳ ହୋଇପଡିରହିଛି। ଏପଟେ ପ୍ରବଳ ଖରା ସାଙ୍ଗକୁ ଝାଞ୍ଜି ପବନରେ ଯାତ୍ରୀ ପାଣି ଟୋପାଏ ପାଇଁ ତହଳବିକଳ ହେଉଛନ୍ତି। ଏଥିପ୍ରତି ରେଳ ବିଭାଗ ଉଚ୍ଚ କର୍ତ୍ତୃପକ୍ଷଙ୍କ କାହାରି ନଜର ନ ଥିବା ଭଳି ମନେ ହୁଏ। ଏଭଳି ସମସ୍ୟା ନେଇ ରପ୍ରାରୋଡ ଷ୍ଟେଶନ ମାଷ୍ଟରଙ୍କୁ ପଚାରିବାରୁ ଆମେ ବିଭାଗକୁ ଲିଖିତ ଭାବେ ଜଣାଇଥିଲେ ମଧ ଏ ପର୍ଯ୍ୟନ୍ତ କୌଣସି ପ୍ରକାର ସମାଧାନ ହୋଇ ନ ଥିବା ପ୍ରକାଶ କରିଛନ୍ତି। ଯାତ୍ରୀମାନଙ୍କ ସ୍ୱାର୍ଥକୁ ଆଖି ଆଗରେ ରଖି ଯଥାଶୀଘ୍ର ରୁପ୍ରରୋଡ ରେଳ ଷ୍ଟେଶନରେ ପାନୀୟ ଜଳର ବ୍ୟବସ୍ଥା କରିବା ପାଇଁ ସାଧାରଣରେ ଦାବି ହେଉଛି।

# ଜୁନାଗଡ଼ ଏନ୍ଏସିକୁ ମ୍ୟୁନିସିପାଲିଟି ଘୋଷଣା କର

ଭବାନୀପାଟଣା,୧୪।୩(ଉତ୍ତମ କୁମାର ଦାଶ)



ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି।

■ଜିଲାପାଳଙ୍କୁ ମିଳିତ କ୍ରିୟାନୁଷ୍ଠାନ କମିଟିର ଦାବିପତ୍ର

■ନିର୍ବାଚନ ପୂର୍ବରୁ ସମାଧାନ ନ ହେଲେ ଆନ୍ଦୋଳନ

କଳାହାଣ୍ଡି ଜିଲାର ସର୍ବପୁରାତନ ଜୁନାଗଡ଼ ଏନ୍ଏସିକୁ ମ୍ୟୁନିସିପାଲିଟି ଘୋଷଣା ଦାବି ନେଇ ଗୁରୁବାର ସ୍ଥାନୀୟ ମିଳିତ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ଜିଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଏହି ସମୟରେ ଜୁନାଗଡ଼ ନଗରପାଳ ମୁକେଶ ଅଗ୍ରୱାଲ, ଜୁନାଗଡ଼ ବଣିକ ସଂଘ ସମ୍ପାଦକ ପ୍ରଭାତ କୁମାର ଦାଶ, ବ୍ରାହ୍ମଣ ସମାଜ କୋଷାଧ୍ୟକ୍ଷ କୁଳେ ପାଣିଗ୍ରାହୀ, ଜିଲା ଲୋରି ୟୁନିୟନ କାର୍ଯ୍ୟକାରୀ ସଭାପତି ଅନିଲ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ। ଆଗାମୀ ନିର୍ବାଚନ ପୂର୍ବରୁ ଯଦି ଜୁନାଗଡ଼କୁ ମ୍ୟୁନିସିପାଲିଟି ମାନ୍ୟତା ନ ଦିଅନ୍ତି ତାହେଲେ ଆନ୍ଦୋଳନର ପନ୍ଥା ଆପଣାଇବେ ବୋଲି ସରକାରଙ୍କୁ ଲିଖିତ ଭାବେ ଦାବି ଜଣାଇଛନ୍ତି। ପ୍ରକାଶ ଯେ, ଗୁନାଗଡ଼ର ଐତିହାସିକ ତଥ୍ୟ ଅନୁଯାୟୀ, କଳାହାଣ୍ଡି ମହାରାଜା ଯୁଗସାଇଦେବଙ୍କ ସମୟରେ ୧୭୮୮ରେ ଜୁନାଗଡ଼ କଳାହାଣ୍ଡି ନଗର ଓ ପରବର୍ତ୍ତୀ ସମୟରେ ଜେନାବଳୀ ପାଟଣା ନାମରେ ପରିଚିତ ଥିଲା। ଏହା ଜୁନାଗଡ଼ର ଦଧିବାମନ ମନ୍ଦିର ଶିଳାଲିପିରେ ଲେଖା ହୋଇଥିବା ଅକ୍ଷରରୁ ଜଣାପଡୁଛି। ପରବର୍ତ୍ତୀ ସମୟରେ ୧୮୪୯ରେ କଳାହାଣ୍ଡି ମହାରାଜା ଫତେ ନାରାୟଣ ଦେଓଙ୍କ ସମୟରେ କଳାହାଣ୍ଡିର ରାଜଧାନୀ ଭବାନୀପାଟଣାକୁ ସ୍ଥାନାନ୍ତର କରାଯାଇଥିଲା। ହଜାରେ ବର୍ଷର ମନ୍ଦିର ମାଳିନୀ ସହର ଜୁନାଗଡ଼ କଟକ ସହର ପରି ଏହାର ଐତିହାସିକ ମହତ୍ୱ ରହିଛି। ଛଅକୋଡ଼ି ବନ୍ଧକୁ ନଅ କୋଡ଼ି ତୋଟା ଏବେ ମଧ ମୂକସାକ୍ଷୀ ଅଛି। ଜୁନାଗଡ଼ କଳାହାଣ୍ଡି ଜିଲାର ପ୍ରଥମ ରାଜଧାନୀ ଭାବେ ରାଜା ଅମଳରୁ ଥିଲା। ୧୯୭୦ ମାର୍ଚ୍ଚ ୧୮ତାରିଖରେ ଜୁନାଗଡ଼ ଗଠନ ହୋଇଛି। ଯାହାକି ଆଜକୁ ୫୪ ବର୍ଷ ହେଲାଣି। ଜୁନାଗଡ଼ ସହରରେ ପ୍ରାୟ ୨୫ ହଜାର ଲୋକ ବାସ କରୁଛନ୍ତି। ଜୁନାଗଡ଼କୁ ଲାଗି କିଛି ରହିଥିବା କିଛି ଗ୍ରାମକୁ ନେଇ ଗଲେ ଏହାର ଜନସଂଖ୍ୟା ପ୍ରାୟ ୩୫ ହଜାରରୁ ଉର୍ଦ୍ଧ୍ୱ ହେବ। ଏତେ ଦିନ ବିତିଯାଇଥିଲେ ମଧ ଆଜି ପର୍ଯ୍ୟନ୍ତ ଜୁନାଗଡ଼ ଏନଏସିର ନିଜସ୍ୱ ଘରଟିଏ ମଧ ନାହିଁ। ପାଠା ଗାରରେ ଚାଲିଛି ଅଫିସ ଗୃହ। ସେହିପରି ଲଗାତର ୧୯୯୫ରୁ ୧୯୯୯ ଚାରି ବର୍ଷ ଧରି ଓଡିଶାରେ ଶ୍ରେଷ୍ଠ ଏନଏସି ଭାବେ ମଧ ଆଖ୍ୟା ପାଇଛି। ଏହା ସହିତ ଗତବର୍ଷ ଦ୍ରୁତଗାମୀ ସ୍ୱଚ୍ଛ ସହର ଭାବେ ରାଷ୍ଟ୍ରପତି ମଧ ଦିଲ୍ଲୀଠାରେ ଜୁନାଗଡ଼ ଏନଏସିକୁ ପୁରସ୍କୃତ କରିଥିଲେ।

# ଜଙ୍ଗଲକୁ ନିଆଁ ଦାଉରୁ ରକ୍ଷା ପାଇଁ ପଦଯାତ୍ରା



କେସିଙ୍ଗା ସହରରେ ବନ କର୍ମଚାରୀ ଓ ମହିଳା ଗ୍ରୁପ ଦ୍ୱାରା ପଦଯାତ୍ରା।

କେସିଙ୍ଗା,୧୪।୩(ତୁମେଶ୍ୱର ସାହୁ)

ଜଙ୍ଗଲ ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ କଳାହାଣ୍ଡି ଉତ୍ତର ବନଖଣ୍ଡ ନିର୍ଦ୍ଦେଶକ୍ରମେ କେସିଙ୍ଗା ବନାଞ୍ଚଳ କାର୍ଯ୍ୟାଳୟ ଅତିରିକ୍ତ ବନ ସଂରକ୍ଷଣ ପ୍ରଭାତୀ ସେଠଙ୍କ ନେତୃତ୍ୱରେ ଜଙ୍ଗଲକୁ ନିଆଁ ଦାଉରୁ ରକ୍ଷା ପାଇଁ ଏକ ପଦଯାତ୍ରା ଗୁରୁବାର କରାଯାଇଥିଲା। ଲୋକଙ୍କୁ ସଚେତନତା କରିବା ପାଇଁ ଏହି ପଦଯାତ୍ରା କରାଯାଇଛି। ରେଞ୍ଜ କାର୍ଯ୍ୟାଳୟରୁ ଜଗନ୍ନାଥ ମନ୍ଦିର ଛକ ଯାଇ ପୁଣି ରେଞ୍ଜ କାର୍ଯ୍ୟାଳୟକୁ ଫେରି ଆସିଥିଲେ। ଏହି ପଦଯାତ୍ରାରେ ଫରେଷ୍ଟର ଯଶୋବନ୍ତ ନାଏକ, ବିଶ୍ୱଜିତ ଠାକୁର, ବନ ରକ୍ଷୀ, ବନ କର୍ମଚାରୀ, ବନ ସୁରକ୍ଷା ସମିତି ସମସ୍ତ ସଭାପତି ବୃନ୍ଦ, ମହିଳା ଗ୍ରୁପ ପ୍ରମୁଖଙ୍କ ଦାରା ପଦଯାତ୍ରାରେ ଜଙ୍ଗଲକୁ ନିଆଁକୁ କିପରି ରକ୍ଷା କରାଯିବ ସେ ବିଷୟରେ ବିଭିନ୍ନ ସ୍ଲୋଗାନ ଦିଆଯାଇଥିଲା।

# ଲୋକଙ୍କୁ ଭ୍ରମିତ କରୁଛି ସୂଚନା ବୋର୍ଡ




କର୍ଲାମୁଣ୍ଡାଠାରେ ଭୁଲ ତଥ୍ୟ ଲେଖା ଥିବା ସୂଚନା ବୋର୍ଡ।

କର୍ଲାମୁଣ୍ଡା,୧୪।୩(ପ୍ରଦୀପ କୁମାର ସାହୁ)

କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ ସଦର ଯୁକ୍ତ୨ ମହାବିଦ୍ୟାଳୟ ନିକଟରେ ନୂତନ ଭାବେ ନିର୍ମିତ ହୋଇଥିବା ପୋଲିସ ଫାଣ୍ଡି ଗୃହ ନିକଟରେ କର୍ଲାମୁଣ୍ଡା ଫାଣ୍ଡି ଲେଖିବା ପରିବର୍ତ୍ତେ କରଲାମୁଣ୍ଡା ଥାନା ବୋଲି ସୂଚନା ବୋର୍ଡିରେ ଲେଖାଯାଇଛି। ସେହିପରି ଇଂଲିଶରେ କର୍ଲାମୁଣ୍ଡା ପୋଲିସ ଷ୍ଟେଶନ ବୋଲି ଉଲ୍ଲେଖ କରାଯାଇଛି। ଏହା ଦ୍ୱାରା ସାଧାରଣ ଲୋକେ କର୍ଲାମୁଣ୍ଡା ଫାଣ୍ଡି କି ଥାନା ବୋଲି ଭ୍ରମିତ ହେଉଥିବା ଅଭିଯୋଗ କରିଛନ୍ତି। ଏ ନେଇ ଫାଣ୍ଡି ଅଧିକାରୀ ଥବିର ବରିହାଙ୍କୁ ପଚାରିବାରୁ ଆମର ତ ଫାଣ୍ଡି କିଏ କାହିଁକି ଏମିତି ଭୁଲ ସୂଚନା ବୋର୍ଡ ଲଗାଇଛନ୍ତି ଆମେ ଜାଣିନୁ ବୋଲି କହିଛନ୍ତି।

# ୯ ବର୍ଷ ପରେ ବିସ୍ଥାପିତ ଦୋକାନୀଙ୍କୁ ମିଳିଲା ନ୍ୟାୟ

ଭବାନୀପାଟଣା,୧୪।୩(ଉତ୍ତମ କୁମାର ଦାଶ)



ଦୋକାନ ଗୃହ ବଣ୍ଟନ କାର୍ଯ୍ୟକ୍ରମ।

**ଲଟେରି ମାଧ୍ୟମରେ ୬୫ ଜଣଙ୍କୁ ଦୋକାନ ଘର ବଣ୍ଟନ**

କଳାହାଣ୍ଡି ଜିଲା ଭବାନୀପାଟଣା ବିସ୍ଥାପିତ ଦୋକାନୀ ସଂଘ ପକ୍ଷରୁ ଦୀର୍ଘ ୯ ବର୍ଷ ଧରି ଦୋକାନ ଗୃହ ଦେବା ପାଇଁ ସ୍ଥାନୀୟ ପୌର ପ୍ରଶାସନଠାରେ ଦାବି କରି ଆସୁଥିଲେ। ଏପରିକି ଏହାକୁ ନେଇ ବିଭିନ୍ନ ସମୟରେ ଆନ୍ଦୋଳନ, ଧାରଣା ମଧ ଦିଆଯାଉଥିଲା। ହେଲେ ଶେଷରେ ବିସ୍ଥାପିତ ଦୋକାନୀଙ୍କ ଦାବି ଆଗରେ ନଇଁଛି ସ୍ଥାନୀୟ ପୌର ପ୍ରଶାସନ। ଲଟେରି ମାଧ୍ୟମରେ ପ୍ରଥମ ପର୍ଯ୍ୟାୟରେ ୬୫ଜଣଙ୍କୁ ମିଳିଛି ଦୋକାନ ଗୃହ। ଏହାକୁ ନେଇ ସ୍ଥାନୀୟ ବିସ୍ଥାପିତ ଦୋକାନୀଙ୍କ ମଧରେ ଖୁସି ଦେଖିବାକୁ ମିଳିଛି। ଭବାନୀପାଟଣା ଟାଉନ ହଲଠାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଭବାନୀପାଟଣା ପୌରଧକ୍ଷା ସଂଯୁକ୍ତା ବେହେରା, କାର୍ଯ୍ୟନିର୍ବାହୀ ଅଧିକାରୀ ଡ.ସତ୍ୟ ସମ୍ପର୍ଣ୍ଣା ରାଉତ, ସେକ୍ସନ ଅଫିସର ଶ୍ରୀବସ୍ତ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ପ୍ରକାଶ ଯେ, ଭବାନୀପାଟଣା ସହରରେ ଥିବା ଗାନ୍ଧୀ ପାର୍କ, ଭବାନୀ ସିନେମା ହଲ ଛକ ସମ୍ମୁଖ ରାସ୍ତା ସୌନ୍ଦର୍ଯ୍ୟକରଣ, ସମ୍ପ୍ରସାରଣ କରିବା ପାଇଁ ସେଠାକାର ପୁରୁଣା ଦୋକାନ (କମ୍ପଲକ)ଗୁଡିକୁ ୨୦୧୫ରେ ସ୍ଥାନୀୟ ପୌରପାଳିକା ପକ୍ଷରୁ ଭଙ୍ଗାଯାଇଥିଲା। ହେଲେ ନୂତନ କମ୍ପଲେକ୍ସ ନିର୍ମାଣ ପରେ ମଧ ସେମାନଙ୍କୁ ଥଇଥାନ କରାଯାଇ ନ ଥିଲା। ଫଳରେ ସେମାନେ ଜୀବିକା ହରାଇ ଦୁର୍ଦ୍ଦିନରେ କାଳତିପାତ କରୁଥିଲେ। ବିସ୍ଥାପିତ ଦୋକାନୀ ସଂଘ ସଭାପତି ରୋହିତ ଦୁର୍ଗାଙ୍କ ନେତୃତ୍ୱରେ ଏହାକୁ ନେଇ ବିଭିନ୍ନ ସମୟରେ ଆନ୍ଦୋଳନ, ଧାରଣା ଦିଆଯାଉଥିଲା। ଶେଷରେ ସେମାନଙ୍କୁ ନ୍ୟାୟ ମିଳିଥିବାରୁ ଦୋକାନୀ ସଂଘ କାର୍ଯ୍ୟକର୍ତ୍ତାଙ୍କ ମଧରେ ଖୁସିର ମାହଲ ଦେଖାଦେଇଛି।

# ଆଜିଠୁ ଉଦନ୍ତୀ ମହୋତ୍ସବ

**ସିନାପାଲି ଉତ୍ସବମୁଖର**

ସିନାପାଲି,୧୪।୩(ମନଫୁଲ ମେହେର)

ନୂଆପଡା ଜିଲା ସିନାପାଲି ଅଞ୍ଚଳର କଳା, ସାହିତ୍ୟ, ସଂସ୍କୃତିର ମହାପର୍ବ ଉଦନ୍ତୀ ମହୋତ୍ସବ ଶୁକ୍ରବାରଠାରୁ ଆରମ୍ଭ ହେବ। ଏ ନେଇ ପ୍ରସ୍ତୁତି ପ୍ରାୟ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ଚଳିତବର୍ଷ ଅଞ୍ଚଳର ବିଭିନ୍ନ ମନ୍ଦିର ଓ ପର୍ଯ୍ୟଟନ ସ୍ଥଳକୁ ନେଇ ସ୍ୱତନ୍ତ୍ର ଭାବେ ତିଆରି ହୋଇଥିବା ମଞ୍ଚ ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିବ। ଏହି ଅବସରରେ କଳାହାଣ୍ଡି, ବଲାଙ୍ଗୀର, ବରଗଡ଼ ଆଦି ବିଭିନ୍ନ ଜିଲାର ଲୋକକଳା ଓ ଛତିଶଗଡ଼ ପ୍ରସିଦ୍ଧ ଲୋକନୃତ୍ୟ ଅମୃତ ଧାରା ମହୋତ୍ସବ ମଞ୍ଚରେ ପରିବେଷଣ ହେବ। ଶେଷ ସନ୍ଧ୍ୟାରେ ପ୍ରସିଦ୍ଧ ଷ୍ଟାର ଗାୟିକା ଅସୀମା ପଣ୍ଡା ଓ ଗପ ନିଜର କଳା ପ୍ରଦର୍ଶନ କରିବେ। ସେହିପରି ୩ ଦିନ ବ୍ୟାପୀ ଅନୁଷ୍ଠିତ ହେଉଥିବା ମହୋତ୍ସବ ଭିନ୍ନଭିନ୍ନ ସାଂସ୍କୃତିକ ସନ୍ଧ୍ୟାରେ ମନ୍ତ୍ରୀ ରାଜେନ୍ଦ୍ର ପ୍ରସାଦ ଢୋଲକିଆ, ଏମ୍ପି ବସନ୍ତ ପଣ୍ଡା, ରାଜ୍ୟ ସଭା ସଦସ୍ୟ ସୁଜିତ କୁମାର, ବିଧାୟକ ଅଧିରାଜ ମୋହନ ପାଣିଗ୍ରାହୀ, ଜିଲା ପରିଷଦ ଅଧକ୍ଷା ଡଲି ମାଝି ପ୍ରମୁଖ ଯୋଗଦେବା କାର୍ଯ୍ୟକ୍ରମ ରହିଛି। ଚଳିତବର୍ଷ ମହୋତ୍ସବ କମିଟି ସଭାପତି ଭାବେ ନୀଳମଣି ମେହେର, କାର୍ଯ୍ୟକାରୀ ସଭାପତି ରବିନ୍ଦ୍ରନାଥ ଯୋଷୀ, ସାଧାରଣ ସମ୍ପାଦକ ବୈଷ୍ଣବ ମେହେର, ଉପସଭାପତି ଶଶୀଭୂଷଣ ମାଝି, ପ୍ରଦୀପ ଜୈନ, ଲିଙ୍ଗରାଜ ଘିଭେଲା, ପ୍ରିୟ ରଞ୍ଜନ ମେହେର, ଅଜିତ ଯୋଷୀ, ରାକେଶ ମେହେର, ସହସମ୍ପାଦକ ମନୀଷ ପଟେଲ, ବଂଶୀଧର ଜଗତ, ଜିତୁ ମେହେର, ରଜନୀ ମାଝି, ଜଗନ୍ନାଥ ସାଗର, ପ୍ରବୀଣ ମେହେର, କୋଷାଧ୍ୟକ୍ଷ ଶିବ ପ୍ରସାଦ ମେହେର ପ୍ରମୁଖ ରହିଛନ୍ତି। କାର୍ଯ୍ୟକ୍ରମରେ ପ୍ରବଳ ଜନସମାଗମକୁ ଦୃଷ୍ଟିରେ ରଖି ମହୋତ୍ସବ ପାଳନ କମିଟି ଓ ସ୍ଥାନୀୟ ପୋଲିସ ବିଭାଗ ପକ୍ଷରୁ ବ୍ୟାପକ ବ୍ୟବସ୍ଥା ଗ୍ରହଣ କରାଯାଇଥିବା ଜଣାପଡ଼ିଛି।

# ଜେଲ ଗଲେ ପୂର୍ବତନ ଗୋଲାମୁଣ୍ଡା ବ୍ଲକ ଅଧ୍ୟକ୍ଷ

ଭବାନୀପାଟଣା,୧୪।୩(ଉତ୍ତମ କୁମାର ଦାଶ)

**ଆୟବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗ**



ବିନ୍ଦୁ ମହାନନ୍ଦ।

ଆୟବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ କଳାହାଣ୍ଡି ଜିଲା ଗୋଲାମୁଣ୍ଡା ବ୍ଲକ ପୂର୍ବତନ ଅଧ୍ୟକ୍ଷ ବିନ୍ଦୁ ମହାନନ୍ଦଙ୍କୁ ଭିଜିଲାନ୍ସ ବିଭାଗ ଗିରଫ କରିଛି। ମଙ୍ଗଳବାର ସ୍ୱତନ୍ତ୍ର ଜଜ୍ ଭିଜିଲାନ୍ସ କୋର୍ଟର ସର୍ଚ୍ଚ ୱାରେଣ୍ଟ ବଳରେ ମହନନ୍ଦଙ୍କ ଶଶୁର ଘର ଓ ସମ୍ପର୍କୀୟଙ୍କ ଘରେ ଚଢାଉ କରିବା ସହ ବ୍ଲକ କାର୍ଯ୍ୟାଳୟରେ ମଧ ଭିଜିଲାନ୍ସ ତନାଘନା ତଦନ୍ତ କରିଥିବା ବିଭାଗ ପକ୍ଷରୁ ସୂଚନା ମିଳିଛି। ଚଢାଉ ବେଳେ ଭିଜିଲାନ୍ସ ହାତରେ ଆୟବହିର୍ଭୂତ ସମ୍ପତ୍ତି ଭାବେ ୬୫ ଲକ୍ଷ ୭୪ ହଜାର ୪୬୮ ଟଙ୍କା ମିଳିଥିବା ଜଣାପଡିଛି। ଯାହାକି ସରକାରୀ ହିସାବ ଅନୁସାରେ ଆୟଠାରୁ ୧୬ଶହ ପ୍ରତିଶତ ଅଧିକ। ଏହା ବ୍ୟତୀତ ଗୋଲାମୁଣ୍ଡା ଷ୍ଟେଟ ବ୍ୟାଙ୍କରେ ୭୨ ହଜାର ଟଙ୍କା ଥିବା ବେଳେ ୨ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କାର ୩ଟି ବାଇକ୍, ୫୨ ଲକ୍ଷର ଏକ ଅଟ୍ଟାଳିକା ଏବଂ କିଛି ପରିମାଣର ସୁନାଗହଣା ଓ ଜମି ଇତ୍ୟାଦିର ଜରୁରୀ କାଗଜ ଭିଜିଲାନ୍ସ ପକ୍ଷରୁ ଜବତ କରାଯାଇଥିଲା। ମଙ୍ଗଳବାର କଟକରୁ ଭିଜିଲାନ୍ସ ପୋଲିସ ମହାନନ୍ଦଙ୍କୁ ଉଠାଇଥିଲା। ଆୟବହିର୍ଭୂତ ସମ୍ପତ୍ତି ରଖିଥିବା ଅଭିଯୋଗରେ ବିନ୍ଦୁଙ୍କୁ ଜେଲ ପଠାଇଛି ବୋଲି ବିଭାଗ ପକ୍ଷରୁ ଜଣାଯାଇଛି। ଭିଜିଲାନ୍ସ ସେଲ ଏସ୍‌ପି ରାଧା କ୍ରିଷ୍ଣାଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଚଢାଉ କରି ବିନ୍ଦୁଙ୍କୁ ଗିରଫ କରାଯାଇଛି। ଚଢ଼ାଉରେ ଜୟପୁର ଏସ୍‌ପି ପ୍ରଦ୍ୟୁମ୍ନ ଦ୍ୱିବେଦୀ, ଆଡିସିନାଲ ଏସ୍‌ପି, ୩ଜଣ ଡିଏସ୍‌ପି ଏବଂ ୪ଜଣ ଇନ୍ସପେକ୍ଟର ଓ ଅନ୍ୟ ଷ୍ଟାଫ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ ଯେ, ପୂର୍ବରୁ ବିନ୍ଦୁ ମହାନନ୍ଦ ପିଏମ ଫସଲ ଯୋଜନା ଅର୍ଥ କେଲେଙ୍କାରୀ ଘଟଣାରେ ଛନ୍ଦି ହୋଇ ଜେଲ ଯାଇଥିଲେ। ପ୍ରକାଶ ଥାଉ କି, ୨୦୨୧-୨୨ ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନାରେ ଚାଷୀଙ୍କ ନାମରେ ଅର୍ଥ ହଡ଼ପ ଘଟଣାରେ ତାଙ୍କୁ ଗିରଫ କରାଯାଇଥିଲା।

# ନିରନ୍ତର ବିକାଶ ଲକ୍ଷ୍ୟରେ ଏକ ସମନ୍ୱୟ ବୈଠକ

ନୂଆପଡ଼ା,୧୪।୩(ମକାରୁ ବେମାଲ)



ନୂଆପଡା ପଞ୍ଚାୟତ ସମିତି କାର୍ଯ୍ୟାଳୟରେ ଗୁରୁବାର ପଞ୍ଚାୟତ ସମିତି ନୂଆପଡା ଓ ପିରାମଲ ଫାଉଣ୍ଡେଶନ ମିଳିତ ଅନୁକୂଲ୍ୟରେ ନିରନ୍ତର ବିକାଶ ଲକ୍ଷ୍ୟର ସ୍ଥାନୀୟ କରଣ ଉପରେ ଏକ ପଞ୍ଚାୟତସ୍ତରୀୟ ସମନ୍ୱୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଜିଲା ଶିଶୁ ସୁରକ୍ଷା ଅଧିକାରୀ ଅନ୍ତର୍ଯ୍ୟାମୀ ବଳିଆର ସିଂ ମୁଖ୍ୟଅତିଥି, ଜିଲା ସମାଜ କଲ୍ୟାଣ ଅଧିକାରୀ ରଞ୍ଜନ ସାହୁ ମୁଖ୍ୟବକ୍ତା ଭାବେ ଯୋଗଦେଇଥିଲେ। ଶିଶୁପ୍ରିୟ ପଞ୍ଚାୟତ, ମହିଳା ଅନୁକୂଳ ପଞ୍ଚାୟତ ଓ ସୁସ୍ଥ ପଞ୍ଚାୟତ ଏଲଏସଡିଜି ବିଷୟ ଉପରେ କିପରି ବିଭିନ୍ନ ବିଭାଗ ସହିତ ସମନ୍ୱୟ ରଖି ପଞ୍ଚାୟତର ଉନ୍ନତି ହୋଇପାରିବ ସେ ଉପରେ ଅତିଥିମାନେ ଆଲୋକପାତ କରିଥିଲେ। ୨୦୧୪-୨୫ ପଞ୍ଚାୟତ ଉନ୍ନୟନ ବିଧିରେ କେମିତି ଉକ୍ତ ବିଷୟକୁ ପ୍ରାଧାନ୍ୟ ଦିଆଯାଇ ପାରିବ ସେ ଉପରେ ମଧ ବୈଠକରେ ଆଲୋଚନା ହୋଇଥିଲା। ବୈଠକରେ ଟାନୱାଟ, ସାରାବଙ୍ଗ, ବୁଢିପାଲି, ବୈରଭାଡି, ସାଲିହା, ଦର୍ଲିମୁଣ୍ଡା, କୋଦମେରୀ, ମୋଟା ନୂଆପଡା ଆଦି ପଞ୍ଚାୟତର ପଞ୍ଚାୟତ ନିର୍ବାହୀ ଅଧିକାରୀ ଓ ସରପଞ୍ଚମାନେ ଯୋଗଦେଇଥିଲେ। ପିରାମିଲ ଫାଉଣ୍ଡେଶନ ସୁରଜ ତିୱାରୀ ଓ ଶ୍ରବଣ ପାଶ୍ୱାନ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଶେଷରେ ନର୍ଗିସ ପର୍ବଉଇଁ ଧନ୍ୟବାଦ ଅର୍ପଣ କରିଥିଲେ।

# ଆର୍ଥିକ ଅନଗ୍ରସର ଛାତ୍ରୀଛାତ୍ରଙ୍କୁ ନିଃଶୁଳ୍କ ଶିକ୍ଷାଦାନ

ଭବାନୀପାଟଣା,୧୪।୩(ଉତ୍ତମ କୁମାର ଦାଶ)

ଭବାନୀପାଟଣା ବିବେକାନନ୍ଦ ପବ୍ଲିକ ସ୍କୁଲ ପକ୍ଷରୁ ଆର୍ଥିକ ଅନଗ୍ରସର ଛାତ୍ରୀଛାତ୍ରଙ୍କ ପାଇଁ ଚଳିତଶିକ୍ଷା ବର୍ଷରେ ନିଃଶୁଳ୍କ ଶିକ୍ଷାଦାନ ନିଷ୍ପତ୍ତି ନିଆଯାଇଛି। ସ୍କୁଲ ଅଧକ୍ଷ ତଥା ପ୍ରତିଷ୍ଠାତା ଡ଼. ଶିବରାମ ନାୟକ ଏକ ସ୍ୱତନ୍ତ୍ର ବୈଠକରେ ଏହି ଘୋଷଣା କରିଛନ୍ତି। ମାଛ ବିକାଳି, ରିକ୍ସା ଚାଳକ, ପନିପରିବା ବିକାଳି, ସଫେଇ କର୍ମଚାରୀ, ଠିକା ଶ୍ରମିକ, ଚା ବିକାଳିଙ୍କ ସମେତ ଅନ୍ୟାନ୍ୟ ଆର୍ଥିକ ସ୍ୱଚ୍ଛଳ ନ ଥିବା ବହୁ ଛାତ୍ରୀଛାତ୍ର ଘରୋଇ ସ୍କୁଲ ତଥା ଉତ୍ତମ ଶିକ୍ଷାଦାନରୁ ବଞ୍ଚିତ ହେଉଛନ୍ତି। ସେମାନେ କିପରି ସମାଜର ମୁଖ୍ୟ ସ୍ରୋତରେ ସାମିଲ ହେବେ ଓ ମା'ମାଟିର ନାମ ରଖିବା ଉଦ୍ଦେଶ୍ୟ ନେଇ ସ୍କୁଲ ପରିଚାଳନା କମିଟି ନିଷ୍ପତ୍ତି ନେଇଛନ୍ତି ବୋଲି ସ୍କୁଲ ସଭାପତି ବ୍ରହ୍ମାନନ୍ଦ ସାମଲ ପ୍ରକାଶ କରିଛନ୍ତି। ସ୍କୁଲ ଉପଦେଷ୍ଟା ମଣ୍ଡଳୀ ମୁଖ୍ୟ ସୁତମ କୁମାର ନାୟକ ଧନ୍ୟବାଦ ଦେଇଥିଲେ। ଶିକ୍ଷୟିତ୍ରୀ ବିଷ୍ଣୁପ୍ରିୟା ସାମନ୍ତରାୟ, ମନୀଷା ସିଂହ୍ନା, ଚନ୍ଦ୍ରପ୍ରଭା ମିଶ୍ର, ସାଧନା ପ୍ରଧାନ, ଅପରାଜିତା ମଲ୍ଲିକ, ଜ୍ୟୋତି ଗୁପ୍ତା, ଚଞ୍ଚଳା ଶର୍ମା, ଝିଲି ଦାଶ, ସୋନାଲି ତ୍ରିପାଠୀ ବୃଷବ ଦାଶ, ନରେଶ ସୁନାନୀ ଶିକ୍ଷକ ସମ୍ପଦ ମୁଣ୍ଡ ପ୍ରମୁଖ ସହଯୋଗ କରିଥିଲେ।



ସ୍କୁଲ ଛାତ୍ରୀଛାତ୍ରଙ୍କ ସହ ଶିକ୍ଷକ।

# ଇଜୁରୁପାରେ ହାତୀ ଉପଦ୍ରବ

ଲାଞ୍ଜିଗଡ଼,୧୪।୩(ରମେଶ ଚନ୍ଦ୍ର ନାୟକ)



ହାତୀପଲ ଭାଙ୍ଗି ଦେଇଥିବା ଘର ।

**ଘର ଭାଙ୍ଗିଲେ, ଧାନ ଚାଉଳ ସମେତ ଆସବାବପତ୍ର ନଷ୍ଟ କଲେ**

କଳାହାଣ୍ଡି ଜିଲା ଲାଞ୍ଜିଗଡ ବ୍ଲକ ଦକ୍ଷିଣ ବନଖଣ୍ଡ ବିଶ୍ୱନାଥପୁର ବନାଞ୍ଚଳ ଅଧୀନରେ ଥିବା ଲାଞ୍ଜିଗଡ଼ ସେକ୍ସନସ୍ଥିତ ଇଜୁରୁପାରେ ଗାଁରେ ବୁଧବାର ରାତିରେ ୨୦ ଟିକିଆ ହାତୀପଲ ଉପଦ୍ରବ କରିଛନ୍ତି। ୭ଜଣଙ୍କ ଘର ଭାଙ୍ଗିବା ସହ ଘରେ ଥିବା ଧାନ, ଚାଉଳ, କନ୍ଦୁଳ ଖାଇବା ସହ ଆସବାବପତ୍ର ନଷ୍ଟ କରି ଦେଇଛନ୍ତି। ସୂଚନା ମୁତାବକ ଏହି ହାତୀପଲ ବିଶ୍ୱନାଥପୁର ବନାଞ୍ଚଳ ଅଧୀନରେ ମାସେ ହେଲା ଆତଙ୍କ ସୃଷ୍ଟି କରିଥିବା ବେଳେ ଗତ ବୁଧବାର ରାତିରେ ଲାଞ୍ଜିଗଡ଼ ସେକ୍ସନ ତ୍ରିଲୋଚନପୁର ପଞ୍ଚାୟତ ଇଜୁରୁପାରେ ଗାଁରେ ହାତୀ ଉପଦ୍ର ଦେଖିବାକୁ ମିଳିଛି। ବୁଧବାର ରାତିରେ ୨୦ ଟିକିଆ ହାତୀପଲ ନିକଟସ୍ଥ ନିୟମଗିରି ଜଙ୍ଗଲରୁ ଆସି ପ୍ରଥମେ କବି ଗଉଡ଼, ରଘୁ ଗଉଡ଼, ଅନନ୍ତ ନାଗ, ଧନୁ ଗଉଡ଼, ଅର୍ଜୁନ ଗଉଡ଼, କୁଶ ଗଉଡ଼ ଓ ଦିବା ଗଉଡ଼ ଘର ଭାଙ୍ଗିବା ସହିତ ଘରେ ଥିବା ଧାନ, କାନ୍ଦୁଳ, ଚାଉଳ ଖାଇବା ସହିତ ଆସବାବପତ୍ର ମଧ ନଷ୍ଟ କରିଛନ୍ତି। ଦିବା ଗଉଡ଼ଙ୍କ ୧୮ ବସ୍ତା ଚାଉଳ ଓ ୫୮ ବସ୍ତା ଧାନକୁ ଖାଇବା ସହିତ ମାଡି ଚକଟି ନଷ୍ଟ କରିଛନ୍ତି। ହାତୀ ଉପଦ୍ରବ ଖବର ପାଇ ଲାଞ୍ଜିଗଡ ବନ ବିଭାଗ ପକ୍ଷରୁ ଘଟଣାସ୍ଥଳକୁ ଯାଇ କ୍ଷୟକ୍ଷତିର ଆକଳନ କରିଛନ୍ତି। ଏହି ପରିବାରମାନଙ୍କୁ ପ୍ରଶାସନ ପକ୍ଷରୁ ତୁରନ୍ତ ସହାୟତା ଯୋଗାଇ ଦେବାକୁ ଅଞ୍ଚଳବାସୀ ଦାବି କରିଛନ୍ତି। ଏ ନେଇ ଫରେଷ୍ଟର ଜଗନ୍ନାଥ ନାଗଙ୍କୁ ପଚାରିବାରୁ ସେ କହିଲେ ହାତୀ ଆସି ଘର ଭାଙ୍ଗିବା ଏବଂ ଆସବାବ ପତ୍ର ନଷ୍ଟ କରିବା ସତ୍ୟ କିନ୍ତୁ ଏହି ଅଞ୍ଚଳ ସଂରକ୍ଷିତ ଜଙ୍ଗଲ ଅଧୀନରେ ଥିବା ଯୋଗୁ ବର୍ତ୍ତମାନ କ୍ଷୟକ୍ଷତି ଆକଳନ ପାଇଁ ଅନଲାଇନରେ ଡକୁମେଣ୍ଟ ଅପଲୋଡ଼ ହେଉଛି ଏବଂ ଏମାନଙ୍କ ଭାଙ୍ଗିଥିବା ଘରଗୁଡିକର କୌଣସି କାଗଜପତ୍ର ନ ଥିବା ଯୋଗୁ ସେମାନଙ୍କ କ୍ଷୟକ୍ଷତି କିପରି ଆକଳନ କରିହେବ ବୋଲି ପ୍ରକାଶ କରିଛନ୍ତି।

# ସନ୍ତୋଷ ଜୀବିତ କି ମୃତ, ଆଶଙ୍କାରେ ପରିବାର

ତଳଗାଁ,୧୪।୩ (କୁନା ବେହେରା)

ରାଜ୍ୟ ସରକାର ଯେତେ ଡିଣ୍ଡିମ ପିଟିଲେ ସୁଦ୍ଧା ଦାଦନ ଶ୍ରମିକ ସଂଖ୍ୟା ବଢ଼ିବାରେ ଲାଗିଛି। ପରିତାପର ବିଷୟ ପ୍ରତିଦିନ ବହୁ ଶ୍ରମିକ ରାଜ୍ୟ ବାହାରକୁ ଦାଦନ ଖଟିବାକୁ ଯାଉଛନ୍ତି । ବିଶେଷ କରି କେରଳ, ଚେନ୍ନାଇ, ତାମିଲନାଡୁ, ହାଇଦ୍ରାବାଦ ଆଦି ସ୍ଥାନକୁ କାମ ଅନ୍ୱେଷଣରେ ଯାଇ କେହି ସେଠି ଅକାଳରେ ମୃତ୍ୟୁବରଣ କରୁଛି ତ କେହି ଠିକାଦାର ପାଖରେ ବନ୍ଧା ପଡୁଛି। ଏପରି କି ଶ୍ରମିକ ନିଖୋଜ ହେବା ନଜିର ରହିଛି। ଏଭଳି ଏକ ଘଟଣା ବୌଦ୍ଧ ଜିଲ୍ଲା ପୁରୁଣାକଟକ ଥାନା ଅଞ୍ଚଳରେ ଘଟିଛି। ଏହି ଥାନା ଅଧୀନ ଆଡେଣିଗଡ଼ ପଞ୍ଚାୟତ ଗୋଛାସାହି ଗ୍ରାମର ସନ୍ତୋଷ ଦେହୁରୀ(୫୦) ଦାଦନ ଖଟିବାକୁ କେରଳ ଯାଇ ଏବେ ଜୀବିତ କି ମୃତ ତାହା ସ୍ପଷ୍ଟ ଭାବେ ଜଣାପଡୁ ନ ଥିବାରୁ ପରିବାର ଲୋକେ ଚିନ୍ତାରେ ଅଛନ୍ତି। ଗତବର୍ଷ ନଭେମ୍ବର ମାସ ୧୬ ତାରିଖରେ ସନ୍ତୋଷ କାମ କରିବା ପାଇଁ କେତେଜଣ ଯୁବକଙ୍କ ସହିତ କେରଳ ଯାଇଥିଲେ। ହେଲେ କିଛି ଦିନ ପରେ ପରିବାର ଲୋକଙ୍କ ସହିତ ଫୋନରେ ଯୋଗାଯୋଗ ହୋଇ ପାରି ନ ଥିଲା। ଆର୍ଥିକ ପରିସ୍ଥିତି ସ୍ୱଚ୍ଛଳ ନ ଥିବାରୁ ସେଠାକୁ ଯାଇ ଖୋଜଖବର ନେବା ପରିବାର ଲୋକଙ୍କ ପକ୍ଷେ ସମ୍ଭବ ହୋଇ ପାରି ନ ଥିଲା। ସନ୍ତୋଷଙ୍କ ପରିବାର କହିଲେ ସ୍ତ୍ରୀ ପ୍ରତିମା ଦେହୁରୀ, ପୁଅ ସୌରଭ (୨୧), ଝିଅ ଅଙ୍କିତା (୧୭) ଓ ଅର୍ଚ୍ଚିତା(୯)। ବହୁ ଦିନ ଧରି ସନ୍ତୋଷଙ୍କ ସହ ଯୋଗାଯୋଗ ହୋଇ ନ ପାରିବାରୁ ଗତ ୪ ତାରିଖରେ ପ୍ରତିମା ତାଙ୍କ ସ୍ୱାମୀଙ୍କ ପତ୍ତା ମିଳୁ ନ ଥିବା ବେଳେ ତାଙ୍କୁ କେହି ମାରି ଦେଇ ପାରିଥାନ୍ତି ବୋଲି ପୁରୁଣାକଟକ ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗକୁ ଭିତ୍ତି କରି ପୁରଣାକଟକ ପୋଲିସ ସନ୍ତୋଷଙ୍କ ଆଧାର କାର୍ଡ କେରଳ ପୋଲିସକୁ ପଠାଇଥିଲା। ସେଠାକାର ପୋଲିସ ତଦନ୍ତ କରି ସୂଚନା ଦେଇଥିଲା, ସେଠାରେ କେତେଜଣ ଶ୍ରମିକଙ୍କ ସହିତ କୌଣସି କାରଣରୁ ସନ୍ତୋଷଙ୍କ ପାଟିତୁଣ୍ଡ ହୋଇ ମାରପିଟ ହୋଇଥିଲା। ସେ ଆହତ ହୋଇ କିଛି ଦିନ ମେଡିକାଲରେ ଚିକିତ୍ସାଧୀନ ଥିଲେ । ପରେ ତାଙ୍କର ମୃତ୍ୟୁ ଘଟିଥିଲା


ଗୋଛାସାହି ଗ୍ରାମର ସନ୍ତୋଷ ଦେହୁରୀଙ୍କ ପରିବାର ଲୋକେ।

**ଦାଦନ ଖଟିବାକୁ ଯାଇଥିଲେ କେରଳ**

ବୋଲି ସେଠାକାର ପୋଲିସ ସୂଚନା ଦେଇଛି। ତେବେ ମୃତଦେହ ଗାଁକୁ ଆସି ନ ଥିବାରୁ ଘଟଣାର ସତ୍ୟତା ନେଇ ପରିବାର ଲୋକେ ଆଶଙ୍କା ମଧ୍ୟରେ ଦିନ କାଟୁଛନ୍ତି। ଜିଲ୍ଲା ପ୍ରଶାସନ ଏ ଦିଗରେ ତଦନ୍ତ କରି ବିହିତ ପଦକ୍ଷେପ ନେବାକୁ ସନ୍ତୋଷଙ୍କ ପରିବାର ଲୋକେ ନିବେଦନ କରିଛନ୍ତି । ସେହିପରି ହରଭଙ୍ଗା ବ୍ଲକ ତଳଗାଁ ପଞ୍ଚାୟତରୁ ୪ଜଣ ଯୁବକ ଦାଦନ ଖଟିବାକୁ ଆଜିକୁ ୧୫ମାସ ହେଲା ଚେନ୍ନାଇ ଯାଇଛନ୍ତି। ହେଲେ ଆଜି ପର୍ଯ୍ୟନ୍ତ ସେମାନଙ୍କର କୌଣସି ଖବର ମିଳିପାରିନାହିଁ। ଏନେଇ ସମ୍ପୃକ୍ତ ଦାଦନ ଶ୍ରମିକଙ୍କ ପରିବାର ଲୋକେ ହରଭଙ୍ଗା ଥାନା ଓ ଜିଲାପାଳଙ୍କ ନିକଟରେ ଲିଖିତ ଅଭିଯୋଗ କରିଛନ୍ତି। ପୁଅର ଆସିବା ବାଟକୁ ଅନାଇ ନା ନା ଆଶଙ୍କା ମଧ୍ୟରେ ରହିଛନ୍ତି । ଏଣୁ ସରକାର ଯଦି ନିଜ ରାଜ୍ୟ ଭିତରେ କାମ ଯୋଗାଇ ଦିଅନ୍ତେ, ତାହେଲେ ଏଭଳି ପରିସ୍ଥିତି ହୁଅନ୍ତା ନାହିଁ ବୋଲି ବୁଦ୍ଧିଜୀବୀ ମହଲରେ ମତପ୍ରକାଶ ପାଇଛି।

# ବିନୟ ପ୍ରଧାନଙ୍କ ସ୍ମୃତିରେ ରାଜ୍ୟସ୍ତରୀୟ ଶ୍ରଦ୍ଧାଞ୍ଜଳି ସଭା


ଶ୍ରଦ୍ଧାଞ୍ଜଳି ସଭାରେ ଅତିଥି ଓ ସଂଘର କର୍ମକର୍ତ୍ତାମାନେ।

ସୋନପୁର,୧୪।୩(ମୃତ୍ୟୁଞ୍ଜୟ ଶତପଥୀ)

ସୁବର୍ଣ୍ଣପୁର ସହରସ୍ଥିତ ଭଗବତୀ କଲ୍ୟାଣ ମଣ୍ଡପରେ ବରିଷ୍ଠ ଖବରଦାତା ତଥା କବି ସ୍ୱର୍ଗତ ବିନୟ ରଞ୍ଜନ ପ୍ରଧାନଙ୍କ ସ୍ମୃତି ଉଦ୍ଦେଶ୍ୟରେ ରାଜ୍ୟସ୍ତରୀୟ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଯାଇଛି । ଏଥିରେ ଏସ୍‌ପି ଯଶ୍‌ପ୍ରତାପ ଶ୍ରୀମାଲ, ଅତିରିକ୍ତ ଜିଲାପାଳ ଅଞ୍ଜଳିନା ପ୍ରଧାନ ଯୋଗଦେଇ ସ୍ୱର୍ଗତ ପ୍ରଧାନଙ୍କ ଶୋକସନ୍ତପ୍ତ ପରିବାରକୁ ଓଡିଶା ସାମ୍ବାଦିକ ସଂଘ ସୁବର୍ଣ୍ଣପୁର ଜିଲା ଶାଖା ପକ୍ଷରୁ ପ୍ରଦତ୍ତ ୧୫ ହଜାର ଟଙ୍କାର ସହାୟତା ପ୍ରଦାନ କରିଥିଲେ। ତାଙ୍କ ନାତୁଣୀର ଉଚ୍ଚ ଶିକ୍ଷା ପାଇଁ ଆବଶ୍ୟକ ସରକାରୀ ସହାୟତା ଯୋଗାଇ ଦେବାକୁ ସଂଘ ପକ୍ଷରୁ ପ୍ରତିଶ୍ରୁତି ଦିଆ ଯାଇଥିଲା। ସେହିପରି ଜିଲା ସାମ୍ବାଦିକ ସଂଘ ପକ୍ଷରୁ ସ୍ୱର୍ଗତ ପ୍ରଧାନଙ୍କ ଏକମାତ୍ର ପାଳିତା କନ୍ୟା ଚଞ୍ଚଳା ଓ ନାତୁଣୀ ହରପ୍ରିୟାଙ୍କୁ ୧୦ହଜାର ଟଙ୍କାର ସହଯୋଗ ରାଶି ପ୍ରଦାନ କରାଯାଇଛି । ଏହି ଅବସରରେ ସଂଘର ସଭାପତି ଗୋରେଖନାଥ ସାହୁ, ସମ୍ପାଦକ ବ୍ୟୋମକେଶ ଦାଶ, ଇନ୍ଦ୍ରମଣି ଦାଶ, ବ୍ରଜମୋହନ ଦାନୀ, ନୀଳାମ୍ବର ଶତପଥୀ, ନବକିଶୋର ମିଶ୍ର, ଡ. ସୌରଭ ରଞ୍ଜନ ଖମାରୀ, ଓଡିଶା ସାମ୍ବାଦିକ ସଂଘର ଜିଲା ସଭାପତି ମନୋରଞ୍ଜନ ତ୍ରିପାଠୀ, ସମ୍ପାଦକ ମହାଦେବ ମଲ୍ଲିକ, ପୂର୍ଣ୍ଣଚରଣ ସାହୁ, ସୁଶିଲ ମିଶ୍ର, ରାଜକିଶୋର ତ୍ରିପାଠୀ, ସାମାଜିକ କର୍ମୀ ଶ୍ରୀବସ୍ତ ମଲ୍ଲିକ, ଜ୍ୟୋତିରଞ୍ଜନ ପଟ୍ଟନାୟକ, ସତ୍ୟନାରାୟଣ ବସ୍ତିଆ, ସୋନପୁର-ମନମୁଣ୍ଡା ସ୍ୱଚ୍ଛଭାରତ ସଂଗଠନର ସଭାପତି ଅଲ୍ଲୀମୁଲ ଇସଲାମ୍, ନାଟ୍ୟଶ୍ରୀ ଗଦାଧର ବାରିକ, ଲଡୁକିଶୋର ମଲ୍ଲିକଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଯୋଗଦେଇ ସ୍ମୃତିଚାରଣ କରିଥିଲେ। ସ୍ୱଚ୍ଛଭାରତ ସଂଗଠନ, ଗୋପାଳଜୀ ଯୋଗାଳୟ ଓ ଜିଲା ପେନସନର୍ସ ସଂଘର କର୍ମକର୍ତ୍ତା ଯୋଗଦେଇ ସ୍ୱର୍ଗତ ପ୍ରଧାନଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ।

# ମତଦାନ ପ୍ରକ୍ରିୟାକୁ ସରଳ, ତ୍ରୁଟିଶୂନ୍ୟ ଉପରେ ଗୁରୁତ୍ୱ


ପ୍ରଶିକ୍ଷଣ ପ୍ରଦାନ କରାଯାଉଛି।

ସୋନପୁର,୧୪।୩(ମୃତ୍ୟୁଞ୍ଜୟ ଶତପଥୀ)

**ପୋଲିଂ ଓ ପ୍ରିଜାଇଡିଂ ଅଧିକାରୀଙ୍କୁ ପ୍ରଶିକ୍ଷଣ**

ଆସନ୍ତା ସାଧାରଣ ନିର୍ବାଚନକୁ ଅବାଧ, ନିରପେକ୍ଷ ତଥା ତ୍ରୁଟିଶୂନ୍ୟ କରିବା ପାଇଁ ସୁବର୍ଣ୍ଣପୁର ଜିଲା ପ୍ରଶାସନ ପକ୍ଷରୁ ପ୍ରସ୍ତୁତି ଚାଲିଛି। ଏଥିପାଇଁ ନିଯୁକ୍ତ ପୋଲିଂ ଓ ପ୍ରିଜାଇଡିଂ ଅଧିକାରୀମାନଙ୍କ ପ୍ରଶିକ୍ଷଣ ଶିବିର ଗୁରୁବାର ଠାରୁ ଆରମ୍ଭ ହୋଇଛି। ସୋନପୁର ବିଧାନସଭା ନିର୍ବାଚନମଣ୍ଡଳୀ ପାଇଁ ୫ଟି କେନ୍ଦ୍ରରେ, ବୀରମହାରାଜପୁର ବିଧାନସଭା ନିର୍ବାଚନ ମଣ୍ଡଳୀ ପାଇଁ ୩ଟି କେନ୍ଦ୍ରରେ ପ୍ରଶିକ୍ଷଣ ଦିଆଯାଉଛି। ଆସନ୍ତା ୨୦ ତାରିଖ ପର୍ଯ୍ୟନ୍ତ ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଚାଲିବ। ମାଷ୍ଟର ଟ୍ରେନରମାନେ ଗୁରୁବାର ସୁବର୍ଣ୍ଣପୁର ଜିଲା ପରିଷଦ ସଭା ଗୃହ, ସରକାରୀ ପଲିଟେକ୍ନିକାଲ କଲେଜ, ଧର୍ମଶାଳା ପଞ୍ଚାୟତ ହାଇସ୍କୁଲ, ପରମେଶ୍ୱରୀ ହାଇସ୍କୁଲ ବିଶିପଡା ଓ ବାଳିକା ଉଚ୍ଚ ବିଦ୍ୟାଳୟ ସୋନପୁରରେ ପ୍ରଶିକ୍ଷଣ ଦେଇଥିଲେ। ବୀରମହାରାଜପୁର ବିଧାନସଭା ନିର୍ବାଚନ ମଣ୍ଡଳୀ ନିମନ୍ତେ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ, ସରକାରୀ ବାଳକ ଉଚ୍ଚ ବିଦ୍ୟାଳୟ ବୀରମହାରାଜପୁର ସହ ମାହେଶ୍ୱରୀ ବିଦ୍ୟାପୀଠ ଉଫୁଲା ଠାରେ ପ୍ରଶିକ୍ଷଣ ପ୍ରଦାନ କରିଛନ୍ତି। ଏହି ଶିବିରରେ ନିର୍ବାଚନ ନିମନ୍ତେ ନିଯୁକ୍ତ ପୋଲିଂ ଅଫିସରଙ୍କୁ ନିର୍ବାଚନ ସମୟରେ ଇଭିଏମ ପରିଚାଳନା, ଭିଭିପିଏଟି ବ୍ୟବହାର, ନିର୍ବାଚନ ପୋଲିଂ ଅଫିସରମାନଙ୍କ ପ୍ରମୁଖ କାର୍ଯ୍ୟ ବିଷୟରେ ଅବଗତ କରାଯାଇଛି। ପ୍ରଶିକ୍ଷଣ କାର୍ଯ୍ୟକ୍ରମକୁ ନିରୀକ୍ଷଣ କରିବା ନିମନ୍ତେ ଜିଲାର ବରିଷ୍ଠ ପ୍ରଶାସନିକ ଅଧିକାରୀମାନେ କେନ୍ଦ୍ର ପରିଦର୍ଶନ କରିଥିଲେ।

## ଶୀତଳପାଣି ଡାକବଙ୍ଗଳା ଉନ୍ନତୀକରଣ ପାଇଁ ଶିଳାନ୍ୟାସ

ତଳଗାଁ,୧୪।୩(କୁନା ବେହେରା)

ବୌଦ୍ଧ ଜିଲା ହରଭଙ୍ଗା ବ୍ଲକ କୁଶଙ୍ଗ ବନ୍ୟପ୍ରାଣୀ ରେଞ୍ଜ ଅନ୍ତର୍ଗତ ଶୀତଳପାଣି ଡାକବଙ୍ଗଳା ଉନ୍ନତୀକରଣ ପାଇଁ ଗୁରୁବାର ମନ୍ତ୍ରୀ ପ୍ରଦୀପ କୁମାର ଅମାତ ଶିଳାନ୍ୟାସ କରିଛନ୍ତି। ଏହି ଡାକବଙ୍ଗଳା ରାଜରାଜୁଡା ସମୟରୁ ରହି ଆସିଥିବା ବେଳେ ଏବେ ଏହା ଭୂତକୋଠି ପାଲଟିଛି। ପୂର୍ତ୍ତ ବିଭାଗ ପ୍ରତିବର୍ଷ ଡାକବଙ୍ଗଳାର ଉନ୍ନତୀକରଣ ନାମରେ ଲକ୍ଷ ଲକ୍ଷ ଟଙ୍କା ଖର୍ଚ୍ଚ କରି ଆସୁଥିବା ବେଳେ ଏହା ଲୋକଙ୍କ କାମରେ ଆସିପାରୁନାହିଁ। ତେବେ ପୁଣି ବିଭାଗ ପକ୍ଷରୁ ବଙ୍ଗଳାର ଉନ୍ନତୀକରଣ ଦିଗରେ ପଦକ୍ଷେପ ନିଆଯାଇଥିବାରୁ ସ୍ଥାନୀୟ ଅଞ୍ଚଳର ବୁଦ୍ଧିଜୀବୀ ଖୁସବ୍ୟକ୍ତ କରିଛନ୍ତି। ଶିଳାନ୍ୟାସ ଅବସରରେ ମନ୍ତ୍ରୀଙ୍କ ସହିତ ନୟାଗଡ ବନ୍ୟପ୍ରାଣୀ ଡିଏଫଓ ଫାଲଗୁନୀ ସାରଥି ମଲ୍ଲିକ, କୁଶଙ୍ଗ ରେଞ୍ଜର ସଂସାର ବର୍ଗିଆ, ପ୍ରାଣକୃଷ୍ଣ ଗୁରୁ, କିଶୋରି ଭୋଲ୍ରା, ପ୍ରଦୀପ ସାହୁ, ସଞ୍ଜିବ କୁମାର ଦେହୁରୀ, ଜ୍ୟୋତିରଞ୍ଜନ ସାହୁ, ପ୍ରକାଶ ବେହେରା ପ୍ରମୁଖ ସାମିଲ ଥିଲେ।। ଏହି ଡାକବଙ୍ଗଳା ପୁନଃରୁଦ୍ଧାର ପରେ ଏହା ଅତିଥିଙ୍କ ରହିବା ପାଇଁ ବେଶ ସହାୟକ ହୋଇପାରିବ ବୋଲି ମନ୍ତ୍ରୀ ଆଶା ପ୍ରକାଶ କରିଛନ୍ତି ।

# ସମଲେଶ୍ୱରୀ ନାଳ ଉପରେ ସେତୁ ନିର୍ମାଣ ପାଇଁ ଶିଳାନ୍ୟାସ

ଘଣ୍ଟାପଡ଼ା,୧୪।୩(ପ୍ରଭାତ କୁମାର ସାହୁ)

ବୌଦ୍ଧ ଜିଲା କଣ୍ଟାମାଳ ବ୍ଲକ ଅନ୍ତର୍ଗତ ଘଣ୍ଟାପଡାଠାରେ ବିଧାୟକ ମହିଧର ରଣା ସମଲେଶ୍ୱରୀ ନାଳ ଉପରେ ଏକ ନୂତନ ସେତୁ ନିର୍ମାଣ ପାଇଁ ଶିଳାନ୍ୟାସ କରିଛନ୍ତି। ପୂର୍ତ୍ତ ବିଭାଗର ସହକାରୀ ନିର୍ବାହୀ ଯନ୍ତ୍ରୀ ଦୁଷ୍ମନ୍ତ କୁମାର ସାମଲଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି ଉତ୍ସବରେ ମୁଖ୍ୟଅତିଥି ଭାବେ କଣ୍ଟାମାଳ ବିଧାୟକ ତଥା ଜିଲା ଯୋଜନା ବୋର୍ଡ ଅଧ୍ୟକ୍ଷ ରଣା ଯୋଗଦେଇଥିଲେ। ମନମୁଣ୍ଡା- ସିନ୍ଧୁଗୋରା ୪୧ନଂ ରାଜ୍ୟ ରାଜପଥର ଘଣ୍ଟାପଡା ଠାରୁ ରେକଡୋଲକୁ ସଂଯୋଗ କରୁଥିବା ପୂର୍ତ୍ତ ବିଭାଗ ରାସ୍ତାର ସମଲେଶ୍ୱରୀ ନାଳ ଉପରେ ନୂତନ ସୁଉଚ୍ଚ ସେତୁ ନିର୍ମାଣ ପାଇଁ ବହୁ ଦିନରୁ ଦାବି ହୋଇ ଆସୁଥିଲା। ଶେଷରେ ଏହି ବର୍ଷ ସମଲେଶ୍ୱରୀ ନାଳ ଉପରେ ନୂତନ ସେତୁ ନିର୍ମାଣ ପାଇଁ ପ୍ରାୟ ୧୭ କୋଟି ବ୍ୟୟ ଅଟକଳର ପ୍ରକଳ୍ପକୁ ସରକାର ମଞ୍ଜୁର କରିଛନ୍ତି। ଆୟୋଜିତ କାର୍ଯ୍ୟକ୍ରମରେ ବ୍ଲକ ଅଧ୍ୟକ୍ଷା ସସ୍ମିତା ସେନାପତି, ଜିଲା ପରିଷଦ ସଭ୍ୟା ସୁମିତ୍ରା ସାହୁ, ବ୍ଲକ ଉପାଧ୍ୟକ୍ଷ ମହେନ୍ଦ୍ର ରଣା, ଘଣ୍ଟାପଡ଼ା ସରପଞ୍ଚ ରୀତା କହଁର, ଶିକ୍ଷାବିତ ନୀଳାଚଳ ଭୋଇ,ସହକାରୀ ଯନ୍ତ୍ରୀ ରାଜକିଶୋର ମଲିକ, କନିଷ୍ଠ ଯନ୍ତ୍ରୀ ରବୀନ୍ଦ୍ର କୁମାର ଆଚାରୀଙ୍କ ସମେତ ଅଞ୍ଚଳର ବୁଦ୍ଧିଜୀବୀ ଓ ଜନସାଧାରଣ ଉପସ୍ଥିତ ଥିଲେ।


ବିଧାୟକ ନୂତନ ସେତୁ ନିର୍ମାଣ ପାଇଁ ଶିଳାନ୍ୟାସ କରୁଛନ୍ତି।

# ଖାଉଟି ସଚେତନତା କାର୍ଯ୍ୟକ୍ରମ


ଖାଉଟି ସଚେତନତା କାର୍ଯ୍ୟକ୍ରମରେ ଛାତ୍ରୀଛାତ୍ରଙ୍କୁ ସଚେତନ କରାଯାଉଛି।

ଅମରପାଲି,୧୪।୩(ପୀତାମ୍ବର ସାହୁ)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଅନ୍ତର୍ଗତ ଦୁର୍ଜନତୈଲା ପଞ୍ଚାୟତର କୁଞ୍ଜାପାଲି ଆଶ୍ରମ ସ୍କୁଲରେ ଗୁରୁବାର ଦିନ ଖାଉଟି ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଜିଲା ମଙ୍ଗଳ ବିଭାଗ ଓ ସ୍ୱେଚ୍ଛାସେବୀ ଅନୁଷ୍ଠାନ ରେଆର ଆନୁକୂଲ୍ୟରେ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ସ୍କୁଲର ପ୍ରଧାନଶିକ୍ଷକ ଶୁଭ୍ରାଂଶୁ ଶେଖର ପଣ୍ଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ରେଆରର ସାଧାରଣ ସମ୍ପାଦକ ଅନଙ୍ଗ ନେଗୀ, ଖାଉଟି ପରାମର୍ଶ କେନ୍ଦ୍ରର ପରାମର୍ଶଦାତା ସୁଦାମ ଗାଇଗରିଆ,କାର୍ଯ୍ୟକ୍ରମ ଅଧିକାରୀ ଅବନୀ କୁମାର ଶତପଥୀ,ସୁଶାନ୍ତ ସା ଅତିଥି ଭାବେ ଯୋଗଦେଇ ଖାଉଟି ସୁରକ୍ଷା ସଚେତନତା ଉପରେ ଛାତ୍ରୀଛାତ୍ରଙ୍କୁ ସଚେତନ କରିଥିଲେ। ସୁଦାମ ନାଏକ ଓ ସାଥୀ ପାଲା ପରିବେଷଣ କରି ଖାଉଟି ଅଧିକାର ତଥା ଖାଉଟି ସଚେତନତା ଉପରେ ଛାତ୍ରୀଛାତ୍ରଙ୍କୁ ସଚେତନ କରିଥିଲେ। ବିଦ୍ୟାଳୟର ସମସ୍ତ ଛାତ୍ରୀଛାତ୍ର, ଶିକ୍ଷୟିତ୍ରୀ ଶିକ୍ଷକ ଓ କର୍ମଚାରୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ରାମପୁରକୁ ଏନ୍‌ଏସି ଘୋଷଣା ପରେ ଖୁସିର ମାହୋଲ

ଡୁଙ୍ଗୁରିପାଲି,୧୪।୩(ଦୀନବନ୍ଧୁ ସୁନା): ସୁବର୍ଣ୍ଣପୁର ଜିଲା ଡୁଙ୍ଗୁରିପାଲି ବ୍ଲକର ରାମପୁରକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏନଏସି ଘୋଷଣା କରିବା ପରେ ଅଞ୍ଚଳବାସୀଙ୍କ ମଧ୍ୟରେ ଖୁସିର ଲହରୀ ଖେଳିଯାଇଛି । ବହୁ ନେତା ଓ ଜନସାଧାରଣ ବାଜା ବଜାଇ, ବାଣ ଫୁଟାଇ ମିଷ୍ଟାନ ବଣ୍ଟନ କରିଛନ୍ତି । ଏହି ଅବସରରେ ରାମପୁର ରେ ଗ୍ରାମପଞ୍ଚାୟତବାସୀ,ଟାଙ୍ଗରକର୍ଲେ ଓ ନାଇକେନପାଲି ଗ୍ରାମର ପୁରୁଷ, ମହିଳା ଓ ଖେଳାଳି ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ନିରଞ୍ଜନ ପୂଜାରୀଙ୍କ ବାସଭବନକୁ



ଯାଇ କୃତଜ୍ଞତା ଜଣାଇଥିଲେ । ଗୁରୁବାର ମନ୍ତ୍ରୀ ପୂଜାରୀ ଗ୍ରାମବାସୀଙ୍କ ଗହଣରେ ଏକ ଶୋଭାଯାତ୍ରାରେ ରାମପୁର ଗ୍ରାମ ପରିକ୍ରମା କରିଥିଲେ । ଏହି ଅବସରରେ ମନ୍ତ୍ରୀଙ୍କୁ ସମ୍ବର୍ଦ୍ଧନା ଦେବା ବେଳେ ରାମପୁର ଗ୍ରାମପଞ୍ଚାୟତ ସରପଞ୍ଚ ମନୋଜ କୁମାର ପୁରୋହିତ, ଟାଙ୍ଗରକର୍ଲେ ପଞ୍ଚାୟତ ସରପଞ୍ଚଙ୍କ ପ୍ରତିନିଧି ବିକାଶ ପତି, ଦୈତ୍ୟ ନାରାୟଣ ପାଢ଼ୀ, ସାମାଜିକ କର୍ମୀ ଉମେଶ ପୂଜାରୀ, ରମେଶ ପୂଜାରୀ, ବେଲାର ସାହୁ, ରାମପୁର ସମିତି ସଭ୍ୟା ସରିତା ଭରାସାଗର, ସରପଞ୍ଚ ସଂଘ ଓ ବଣିକ ସଂଘ କର୍ମକର୍ତ୍ତା ଉପସ୍ଥିତ ଥିଲେ ।

# ଗଣମାଧ୍ୟମ ପ୍ରତିନିଧିଙ୍କୁ ସାମାଜିକ, ଆର୍ଥିକ ସୁରକ୍ଷା ପ୍ରଦାନ ଦାବି

ସୋନପୁର,୧୪।୩(ମୃତ୍ୟୁଞ୍ଜୟ ଶତପଥୀ)

ଗଣମାଧ୍ୟମ ପ୍ରତିନିଧିଙ୍କୁ ରାଜ୍ୟ ସରକାର ସାମାଜିକ ଓ ଆର୍ଥିକ ସୁରକ୍ଷା ପ୍ରଦାନ ପାଇଁ ସୁବର୍ଣ୍ଣପୁର ଜିଲାର କାର୍ଯ୍ୟରତ ଗଣମାଧ୍ୟମ ପ୍ରତିନିଧିମାନେ ଦାବିକରିଛନ୍ତି। ଏ ସମ୍ପର୍କରେ ୫ ଦଫା ଦାବି ସମ୍ବଳିତ ଏକ ସ୍ମାରକପତ୍ର ଜିଲାପାଳ ଅନ୍ୟା ଦାସଙ୍କ ଜରିଆରେ ଗୁରୁବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ ୫-ଟି ଅଧ୍ୟକ୍ଷ ଭି.କେ.ପାଣ୍ଡିଆନଙ୍କ ଉଦ୍ଦେଶ୍ୟରେ ପ୍ରଦାନ କରାଯାଇଛି। ବରିଷ୍ଠ ଖବରଦାତାଙ୍କୁ ପେନସନ ସହ ଅବସରକାଳୀନ ସହାୟତା, ଗଣମାଧ୍ୟମ ପ୍ରତିନିଧିଙ୍କ ପିଲାଙ୍କୁ ମାଗଣାରେ ଉଚ୍ଚ ଶିକ୍ଷା ପ୍ରଦାନ, ମାଗଣାରେ ଗୃହ ଭଳି ବିଭିନ୍ନ ଜନକଲ୍ୟାଣକାରୀ ଯୋଜନାରେ ସାମିଲ, ରାଜ୍ୟ ସରକାରଙ୍କ ଗୋପବନ୍ଧୁ ସ୍ୱାସ୍ଥ୍ୟ ବୀମା ଯୋଜନାରେ ସହାୟତା ରାଶିକୁ ୫ଲକ୍ଷରୁ ୧୦ଲକ୍ଷକୁ ବୃଦ୍ଧି ପାଇଁ ଏଥିରେ ଅନୁରୋଧ କରାଯାଇଛି। ଖବରଦାତା ବେଣୁଧର ପ୍ରଧାନ, ପର୍ଶୁରାମ ମିଶ୍ର, ତୀର୍ଥବାସୀ ପଣ୍ଡା, ମୃତ୍ୟୁଞ୍ଜୟ ଶତପଥୀ, ରବିନ୍ଦ୍ର ହୋତା, ପୀତାମ୍ବର ମହାପାତ୍ର, ମନୋଜ କୁମାର ମିଶ୍ର, ରାମଶଙ୍କର ଭୋଇ, ନବକୁମାର ମିଶ୍ର, ମନୋରଞ୍ଜନ ତ୍ରିପାଠୀ, ଦିଲୀପ କୁମାର ପାତ୍ର, ସହଦେବ ମେହେର, ସୁଶାନ୍ତ କୁମାର ପଣ୍ଡା, ସଞ୍ଜୟ କୁମାର ସାହୁ, ମହାଦେବ ମଲ୍ଲିକ, ରାଜକିଶୋର ତ୍ରିପାଠୀ ଓ ସୁଶାନ୍ତ କୁମାର ସାହୁ ପ୍ରମୁଖ ଜିଲାପାଳଙ୍କୁ ସ୍ମାରକପତ୍ର ପ୍ରଦାନ କରିଥିଲେ।


ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଗଣମାଧ୍ୟମର ପ୍ରତିନିଧିମାନେ।

# ସୁବର୍ଣ୍ଣପୁରରେ ମତ୍ସ୍ୟ ଚାଷ ପାଇଁ ରହିଛି ବଡ଼ ସମ୍ଭାବନା

ସୋନପୁର,୧୪।୩(ମୃତ୍ୟୁଞ୍ଜୟ ଶତପଥୀ)



ଉଦଯାପନୀ କାର୍ଯ୍ୟକ୍ରମରେ ଅତିଥିମାନେ।

**ମତ୍ସ୍ୟ ଚାଷୀଙ୍କ ଦକ୍ଷତା ବୃଦ୍ଧି ତାଲିମ ଶିବିର ଉଦ୍‌ଯାପିତ**

ସୁବର୍ଣ୍ଣପୁର ଜିଲା ମତ୍ସ୍ୟ ବିଭାଗ ପକ୍ଷରୁ ସ୍ଥାନୀୟ କୃଷି ବିଜ୍ଞାନ କେନ୍ଦ୍ରରେ ଚାଲିଥିବା ମତ୍ସ୍ୟ ଚାଷୀଙ୍କ ଦୁଇଦିନିଆ ଦକ୍ଷତା ବୃଦ୍ଧି ତାଲିମ ଓ ସଚେତନତା ଶିବିର ଗୁରୁବାର ଉଦ୍‌ଯାପିତ ହୋଇଯାଇଛି। ମୁଖ୍ୟମନ୍ତ୍ରୀ ମତ୍ସ୍ୟଜୀବୀ କଲ୍ୟାଣ ଯୋଜନା ଅନ୍ତର୍ଗତ ମତ୍ସ୍ୟ ପୋଖରୀ ଯୋଜନା ମାଧ୍ୟମରେ ନୂତନ ପୋଖରୀ ଖନନ ଓ ପୁରାତନ ପୋଖରୀରେ ମାଛ ଚାଷ ପାଇଁ ଇନ୍‌ପୁଟ୍ ସହାୟତା ପ୍ରଦାନ ସକାଶେ ଏହି ତାଲିମ ଶିବିର ଆୟୋଜିତ ହୋଇଥିଲା। ମତ୍ସ୍ୟ ଚାଷୀଙ୍କ ଦକ୍ଷତା ବୃଦ୍ଧି ପାଇଁ ତାଲିମ ଓ ସଚେତନତା ଶିବିର ଆୟୋଜନର ଲକ୍ଷ୍ୟ ସମ୍ପର୍କରେ ସୁବର୍ଣ୍ଣପୁର ଜିଲା ମତ୍ସ୍ୟ ଅଧିକାରୀ ପ୍ରସନ୍ନ ପଟ୍ଟନାୟକ ସୂଚନା ପ୍ରଦାନ କରିଥିଲେ। ସୁବର୍ଣ୍ଣପୁର ପୌରାଧ୍ୟକ୍ଷା ତାମସି ତାମସ୍ୱିତା ନାୟକ, ଜିଲା ପରିଷଦ ସଭ୍ୟ ମଧୁସୂଦନ ଓତା, ବଲାଙ୍ଗୀର ଜୋନ୍‌ର ଉପ ମତ୍ସ୍ୟ ନିର୍ଦ୍ଦେଶକ ନୀଳାମ୍ବର କିଲାକା, ଜିଲା ମୁଖ୍ୟ କୃଷି ଅଧିକାରୀ ଡ. ବିଭୁତି ଭୂଷଣ ମିଶ୍ର, ଜିଲା ମୁଖ୍ୟ ପ୍ରାଣୀଚିକିତ୍ସା ଅଧିକାରୀ ଡା. ଉମେଶ ଚନ୍ଦ୍ର ବେହେରା, କୃଷି ବିଜ୍ଞାନ କେନ୍ଦ୍ରର ମୁଖ୍ୟ ବୈଜ୍ଞାନିକ ଡ. ବିଶ୍ୱରଞ୍ଜନ ପଟ୍ଟନାୟକ, ଜଳଛାୟା ବିଭାଗର ପ୍ରକଳ୍ପ ନିର୍ଦ୍ଦେଶକ ଦେବରାଜ ଦାସ ପ୍ରମୁଖ ଯୋଗଦେଇ ଫାର୍ମ ପଣ୍ଡର ଉଚିତ ବ୍ୟବହାର, ସମନ୍ୱିତ ମତ୍ସ୍ୟ ଚାଷ, ଜଳବାୟୁ ପରିବର୍ତ୍ତନ ଓ ଏହାର ପ୍ରଭାବରେ ମତ୍ସ୍ୟ ଚାଷ, ରୋଗ ଓ ଏହାର ପ୍ରତିକାର, ଜୀବନ ଜୀବିକାର ସହାୟତା ମାଧ୍ୟମରେ ଭାରତର ଅର୍ଥନୀତିର ବିକାଶ ଆଦି ଉପରେ ଆଲୋକପାତ କରିଥିଲେ। ପର୍ଯ୍ୟାପ୍ତ ଭିତ୍ତିଭୂମି ଥିବାରୁ ଆଗାମୀ ଦିନରେ ସୁବର୍ଣ୍ଣପୁର ଜିଲା ପାଇଁ ମତ୍ସ୍ୟ ଚାଷ କ୍ଷେତ୍ରରେ ବଡ ସମ୍ଭାବନା ରହିଥିବା ଅତିଥି ବୃନ୍ଦ ମତପ୍ରକାଶ କରିଥିଲେ। ଦ୍ୱିତୀୟ ପର୍ଯ୍ୟାୟରେ ଉଲୁଣ୍ଡା ସହକାରୀ ମତ୍ସ୍ୟ ଅଧିକାରୀ ଶ୍ରବଣ କହଁର, ବିନିକା ସହକାରୀ ମତ୍ସ୍ୟ ଅଧିକାରୀ ସଙ୍ଗୀତା କିଷାନ, ବୀରମହାରାଜପୁର ସହକାରୀ ମତ୍ସ୍ୟ ଅଧିକାରୀ ବିଭୁତି ଭୂଷଣ ପଧାନ, ଚିତ୍ତରଞ୍ଜନ ରାଉତ ଓ ଜିତେନ୍ଦ୍ର ପୃଷ୍ଟି ପ୍ରମୁଖ ସରକାରୀ ଯୋଜନା, ମତ୍ସ୍ୟ ଚାଷର ସୁପରିଚାଳନା, ଜାଆଁଳ ଉତ୍ପାଦନ ଉପରେ ଆଲୋକପାତ କରିଥିଲେ। ବୁଧବାର ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଜିଲା ପରିଷଦ ଅଧ୍ୟକ୍ଷା ସୁପାର ଠେଲୋ, ଅତିରିକ୍ତ ଜିଲାପାଳ ରବୀନ୍ଦ୍ରନାଥ କହଁର, ସୋନପୁର ବ୍ଲକ ଅଧ୍ୟକ୍ଷ ପ୍ରହ୍ଲାଦ ନାୟକ ଅତିଥି ଭାବରେ ଯୋଗଦାନ କରିଥିଲେ। ଶିବିରରେ ଜିଲାର ପ୍ରାୟ ଶତାଧିକ ଅଗ୍ରଣୀ ମତ୍ସ୍ୟ ଚାଷୀ ତାଲିମ ଗ୍ରହଣ କରିଥିଲେ ।

## ସଂକ୍ଷେପରେ

### ଯୁବକଙ୍କ ମୃତଦେହ ଜବତ

**ଲହୁଣୀପଡା, ୧୫।୩(ଦାଶରଥି ପଣ୍ଡା):** ସୁନ୍ଦରଗଡ଼ ଜିଲା ଲହୁଣୀପଡା ଥାନା ବରସୁଆଁ ଗ୍ରାମର ଜଣେ ଯୁବକଙ୍କ ମୃତଦେହ ଚୋରଧରା ଅଞ୍ଚଳର ଏକ ପୋଲ ତଳୁ କେ. ବଲାଙ୍ଗ ପୋଲିସ ଗୁରୁବାର ଜବତ କରିଛି। ମୃତକ ହେଲେ ଯତୀନ ଟପ୍ପୋ(୨୪)। ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ପୋଲିସ ଘଟଣାର ତଦନ୍ତ ଚଳାଇଛି।

### ଶିକ୍ଷୟିତ୍ରୀଙ୍କ ମାଡ଼ରେ ଛାତ୍ରୀ ଗୁରୁତର

**ବଡ଼ଗାଁ, ୧୪।୩(ଅଶୋକ ଷଡ଼ଙ୍ଗୀ):** ସୁନ୍ଦରଗଡ ଜିଲା ବଡ଼ଗାଁ ବ୍ଲକ ଭୋଇପାଲି ଗ୍ରାମସ୍ଥିତ ଜଂଘା ବଡ଼ଦେଓ ସ୍କୁଲର ଜଣେ ଶିକ୍ଷୟିତ୍ରୀ ମଙ୍ଗଳବାର ହଷ୍ଟେଲରେ ରହି ପାଠ ପଢୁଥିବା ଜଣେ ଚତୁର୍ଥ ଶ୍ରେଣୀ ଛାତ୍ରୀଙ୍କୁ ନିସ୍ଥୁକ ମାଡ ମାରିବାରୁ ସେ ଗୁରୁତର ହୋଇଥିଲେ। ପ୍ରଥମେ ତାଙ୍କୁ ବଡ଼ଗାଁ ଡାକ୍ତରଖାନା ଓ ପରେ ସୁନ୍ଦରଗଡ ଜିଲା ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ଏନେଇ ତାଙ୍କ ମା' ଥାନାରେ ଲିଖିତ ଅଭିଯୋଗ କରିବା ସହ ବ୍ଲକ ଶିକ୍ଷା ଅଧିକାରୀଙ୍କ ଠାରେ ଅଭିଯୋଗ କରିଥିଲେ। ଘଟଣା ଅନୁଯାୟୀ, ଛାତ୍ରୀ କୌଣସି ଏକ କଥା ନ ମାନିବାରୁ ତାଙ୍କୁ ଶିକ୍ଷୟିତ୍ରୀ ମାଡ଼ ମାରିଥିଲେ। ତାଙ୍କ ମା' ତାଙ୍କୁ ଘରକୁ ଆଣିବା ପାଇଁ ଯାଇଥିଲାବେଳେ ଝିଅ ଚାଲି ପାରୁ ନ ଥିବା ଦେଖି ପଚାରିବାରୁ ଶିକ୍ଷୟିତ୍ରୀ ମାଡ଼ ମାରିଥିବା କହିଥିଲେ। ବ୍ଲକ ଶିକ୍ଷା ଅଧିକାରୀ ଶାନ୍ତି ମୁନି ସୁରେଖା ହରୋ ଗୁରୁବାର ତଦନ୍ତ କରିଛନ୍ତି। ଏହି ଘଟଣା ସମ୍ପର୍କରେ ଶିକ୍ଷାଧିକାରୀ ହରୋଙ୍କୁ ପଚାରିବାରୁ ସେ କହିଛନ୍ତି, ଶିକ୍ଷୟିତ୍ରୀ ମାଡ଼ ମାରିଥିବା ଅଭିଭାବକଙ୍କୁ ନେଇ ହୋଇଥିବା ମିଟିଂରେ ସ୍ୱୀକାର କରିଛନ୍ତି। ଏହି ସ୍କୁଲକୁ ଗତ ବର୍ଷ ଠାରୁ ସରକାରୀ ନିର୍ଦ୍ଦେଶ ଅନୁଯାୟୀ ବନ୍ଦ କରାଯାଇଥିଲା। ହେଲେ ବେନିୟମ ଭାବେ ଚାଲି ଆସୁଥିଲା ବୋଲି ବିଇଓ ପ୍ରକାଶ କରିଛନ୍ତି।

### ୫୫୦ କୁଣାହାଁ ସମାଜ ନୂତନ ଗଙ୍ଗାଘାଟି ପୁନର୍ଗଠିତ

**ବାଲିଶଙ୍କରା, ୧୪।୩( ହୃଦାନନ୍ଦ ବାରିକ):** ବାଲିଶଙ୍କରା ବ୍ଲକ ଡୁମୁଲିଆ ୫୫୦ କୁଣହାଁ(କିସାନ)ସମାଜ ନୂତନ ଗଙ୍ଗାଗୁଡ଼ି ପୁନର୍ଗଠିତ ହୋଇଛି। ଏହି ଅବସରରେ ଡୁମୁଲିଆ ସରପଞ୍ଚ ଦେବଲାଲ ଲାକ୍ରାଙ୍କ ଅଧ୍ୟକ୍ଷତାରେ ଗ୍ରାମର ସମସ୍ତ କିଷାନ ପରିବାରର ସଦସ୍ୟ ଓ ସମାଜ ବନ୍ଧୁଙ୍କୁ ନେଇ ଗୁରୁବାର ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଏହି ବୈଠକରେ ଦେବେନ୍ଦ୍ର ପ୍ରସାଦ ମାଝି ସଭାପତି ,ଉପସଭାପତି ସୁରେନ୍ଦ୍ର ମାଝି, ନରେଶ ଲାକ୍ରା,ବୀଣା ମାଝି, ସୁସ୍ମିତା ମାଝି, ଛାଲ ମାଝି,ସାଧାରଣ ସମ୍ପାଦକ ଭାବେ ଅଭିମନ୍ୟୁ ବାଡା, ସହ ସମ୍ପାଦକ ଇଗ୍ନେସ ଏକ୍କା, ନନ୍ଦିନୀ କିଷାନ, ଅନନ୍ତ ମାଝି, ସୁକାନ୍ତି ମିଞ୍ଜ, କୋଷାଧ୍ୟକ୍ଷ ନରେନ୍ଦ୍ର ମିଞ୍ଜ, ସହ କୋଷାଧ୍ୟକ୍ଷ ମନ୍ଦାକିନୀ ମାଝି, କାର୍ଯ୍ୟକାରୀ କମିଟି ସଦସ୍ୟ ପବିତ୍ର ଲାକଡ଼ା, ମଧୁ ମାଝି, ଅଶୋକ ମିଞ୍ଜ, କଲ୍ୟାଣୀ ମାଝି ମନୋନୀତ ହୋଇଥିଲେ। ଗୁଡ଼ିର ମୁଖ୍ୟ ପରାମର୍ଶଦାଭାବେ ଭୀମସେନ ମାଝି, ଦେବଲାଲ ଲାକଡ଼ା,ଗୋପୀ କିଷାନ,ଧନେଶର ମାଝି ପ୍ରମୁଖ ମନୋନୀତ ହୋଇଛନ୍ତି। ଏହି ଅବସରରେ ବାଏଡଙ୍କୁ ନେଇ ୧୩ଟି ଗ୍ରାମ ସଭା କମିଟି ଓ ୧୩ଟି ମହିଳା ମଣ୍ଡଳ କମିଟି ଗଠନ କରାଯାଇଥିଲା ।

# ୪୬,୬୬୬ ପିଲାଙ୍କୁ ମିଳିବ ରାଗିଲଡୁ

**ସୁନ୍ଦରଗଡ଼, ୧୪।୩(ଜୟ ନାରାୟଣ ମେଣ୍ଡୁଲି)**



ସୁନ୍ଦରଗଡ ଜିଲା ପ୍ରଶାସନ ତରଫରୁ ଗୁରୁବାର ଏକ ଅଭିନବ ପ୍ରୟାସ ଆରମ୍ଭ ହୋଇଛି। ତଫସିଲ ଭୁକ୍ତ ଜାତି ଏବଂ ଜନଜାତି ବିକାଶ ବିଭାଗ ଅଧୀନ ହଷ୍ଟେଲ ଗୁଡ଼ିକରେ ରହୁଥିବା ୪୬,୬୬୬ ଜଣ ପିଲାଙ୍କୁ ଦୈନିକ ଗୋଟିଏ ଲେଖାଏଁ ରାଗି ଲଡୁ ସପ୍ତାହକ ୭ ଦିନ ଧରି ଖାଇବାକୁ ମିଳିବ। ଏହି କ୍ରମରେ ଜିଲା ସଂସ୍କୃତି ଭବନରେ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ୩୫୦ ଜଣ ଛାତ୍ରୀଛାତ୍ର ଏବଂ ଶିକ୍ଷୟିତ୍ରୀ ଶିକ୍ଷକ ଭାଗ ନେଇଥିଲେ। ଏହି କାର୍ଯ୍ୟକ୍ରମରେ ସୁନ୍ଦରଗଡ଼ ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଅଧ୍ୟକ୍ଷ ବିନୟ କୁମାର ଟପ୍ପୋ, ଜିଲା ପରିଷଦ ଅଧ୍ୟକ୍ଷା କୁନ୍ତୀ ପ୍ରଧାନ,ଜିଲାପାଳ ଡା. ପରାଗ ଗାଭାଲୀ, ଜିଲା ମଙ୍ଗଳ ଅଧିକାରୀ ପବିତ୍ର ପ୍ରଧାନ ଯୋଗ ଦେଇଥିଲେ। ଜିଲାପାଳ ଡା. ଗାଭାଲୀ କହିଥିଲେ, ଜିଲା ଖଣିଜ ପ୍ରତିଷ୍ଠାନ ଦ୍ୱାରା ଅଭିନବ ପଦକ୍ଷେପ ନିଆଯାଇଛି। ଯାହା ଓଡିଶା ମିଲେଟ ମିଶନ ଦ୍ୱାରା କାର୍ଯ୍ୟାନ୍ୱୟନ ହେବ। ଏହି କାର୍ଯ୍ୟକ୍ରମ ଯୋଗୁ ପିଲାମାନଙ୍କ ମଧ୍ୟରେ ଅପପୁଷ୍ଟି ହ୍ରାସ ପାଇବ ବୋଲି ଆଶା କରାଯାଉଛି। ଏହା ପରବର୍ତ୍ତୀ ସମୟରେ ମଧ୍ୟାହ୍ନ ଭୋଜନରେ ଏବଂ ଭିନ୍ନକ୍ଷମମାନେ ପଢୁଥିବା ବିଦ୍ୟାଳୟରେ କାର୍ଯ୍ୟକାରୀ କରାଯିବ। ଜିଲା ପରିଷଦ ଅଧ୍ୟକ୍ଷା ପ୍ରଧାନ ଜିଲା ପ୍ରଶାସନର ଏହି ପଦକ୍ଷେପକୁ ପ୍ରଶଂସା କରିଥିଲେ। ମିଲେଟ ମିଶନର ଉଦ୍ୟମ ପ୍ରଶଂସନୀୟ, କାରଣ ଏହା ଅନେକ ମହିଳାଙ୍କୁ ରୋଜଗାର ଦେବା ସହ ସେମାନଙ୍କୁ ଉଦ୍ୟୋଗୀ କରିବାରେ ସହାୟତା କରିଛି। ସେହିପରି ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଅଧ୍ୟକ୍ଷ ଟପ୍ପୋ ନିଜର ଅଭିଭାଷଣରେ କହିଥିଲେ, ରାଗି ଆମର ପ୍ରାଚୀନ ଖାଦ୍ୟ ମଧ୍ୟରୁ ଅନ୍ୟତମ ଥିଲା। କିନ୍ତୁ ସମୟକ୍ରମେ ଏହା ନିଜର ମାନ୍ୟତା ହରାଇଥିଲା। ତେବେ ଏହା ପୁଣି ଆଦର ଫେରି ପାଉଛି ଏବଂ ପୁଷ୍ଟି ବୃଦ୍ଧି କ୍ଷେତ୍ରରେ ଏହାର ଅବଦାନକୁ ଲୋକ ଚିହ୍ନିବା ଆରମ୍ଭ କଲେଣି। ଏହି ଅବସରରେ ଅତିଥିମାନେ ୨ଜଣ ଛାତ୍ରୀଛାତ୍ରଙ୍କୁ ରାଗି ଲଡୁ ଖୁଆଇ ଏହି କାର୍ଯ୍ୟକ୍ରମ ଆରମ୍ଭ କରିଥିଲେ । ଜିଲା ମଙ୍ଗଳ ଅଧିକାରୀ ପ୍ରଧାନ ଅତିଥି ପରିଚୟ ଦେବା ସହ ସେମାନଙ୍କୁ ସ୍ୱାଗତ କରିଥିଲେ।

# ଦରମା ଦାବିରେ ପାରିଷଦଙ୍କ ଧାରଣା, ଦାବିପତ୍ର



ଦାବିପତ୍ର ଦେବାକୁ ଆସିଥିବା ପାରିଷଦ।

**ରାଜଗାଙ୍ଗପୁର, ୧୪।୩(ଅଶୋକ ପାଣି)**

ସୁନ୍ଦରଗଡ ଜିଲା ରାଜଗାଙ୍ଗପୁର ପୌରପରିଷଦର ପାରିଷଦଙ୍କ ଦରମା ଦାବିରେ ଗୁରୁବାର ଏକ ଦାବିପତ୍ର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ପୌର କାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁ ପ୍ରଦାନ କରାଯାଇଛି। ଏଥିସହ କିଛି ସମୟ ପାଇଁ ସେମାନେ ଧାରଣାରେ ବସିଥିଲେ। ଚିଠି ନଂ.୬୧୧୪ ତା ୧୩।୩।୨୪ ଅନୁଯାୟୀ, ପାରିଷଦଙ୍କ ଭତ୍ତା ମାତ୍ର ୫୦୦ ଟଙ୍କା କରାଯାଇଛି। ସରପଞ୍ଚ , ସମିତିସଭ୍ୟ ଏବଂ ଅନ୍ୟମାନଙ୍କ ପରି ଦରମା ସ୍ଥିରିକୃତ କରାଯିବାକୁ ସେମାନେ ଦାବି ପତ୍ରରେ ଉଲ୍ଲେଖ କରିଛନ୍ତି। ଏଥିସହ ୫ ଦଫା ଦାବି ଉକ୍ତ ପତ୍ରରେ ଉଲ୍ଲେଖ କରାଯାଇଛି। ସେମାନଙ୍କର ମାସିକ ଦରମା ୧୫୦୦୦ ଟଙ୍କା ସହ କୌଣସି ପ୍ରକାର ଅଘଟଣ ଘଟିଲେ ୫ ଲକ୍ଷ ଟଙ୍କା ଚିକିତ୍ସା ସୁବିଧା ସହ ଦେବା ପାଇଁ ଦାବିପତ୍ରରେ ଉଲ୍ଲେଖ କରାଯାଇଛି।

# ଜିଲାପାଳଙ୍କ ଅଫିସ ଘେରିଲେ ବିସ୍ଥାପିତ ଗ୍ରାମବାସୀ



ଜିଲାପାଳଙ୍କ ଅଫିସ ଘେରିବାକୁ ଆସିଥିବା ମହିଳା।

**ସୁନ୍ଦରଗଡ, ୧୪।୩(ଜୟ ନାରାୟଣ ମେଣ୍ଡୁଲି)**

ଏମସିଏଲ ଦ୍ୱାରା ବିସ୍ଥାପିତ ହେବାକୁ ଥିବା ସୁନ୍ଦରଗଡ ଜିଲା ହେମଗିର ବ୍ଲକ ୧୪ଖଣ୍ଡ ଗ୍ରାମର ପରିବାରଙ୍କୁ ଉଚିତ କ୍ଷତି ପୂରଣ, ନିଯୁକ୍ତି, ଥଇଥାନ ଓ ପୁନର୍ବାସ ନୀତିର ଠିକ କାର୍ଯ୍ୟକାରୀ କରିବା ଦାବି ଏବଂ ସୁପ୍ରିମକୋର୍ଟ, ହାଇକୋର୍ଟ ଓ କ୍ଲେମ କମିଶନଙ୍କ ଦ୍ୱାରା କରାଯାଇଥିବା ଆଦେଶକୁ ଏମସିଏଲ ଏବଂ ଜିଲା ପ୍ରଶାସନର ଅବମାନନା ପ୍ରତିବାଦରେ ଗୁରୁବାର ଏମସିଏଲ ବସୁନ୍ଧରା ଓ ବସୁନ୍ଧରା ବିସ୍ଥାପିତ ଅଧିକାର ସୁରକ୍ଷା ମଞ୍ଚ ପକ୍ଷରୁ ଜିଲାପାଳଙ୍କ କାର୍ଯ୍ୟାଳୟ ଘେରାଉ କରାଯାଇଥିଲା। ଏଥିରେ ବିସ୍ଥାପିତ ହେବାକୁ ଥିବା ୧୪ ଖଣ୍ଡ ଗ୍ରାମର ୨ ହଜାରରୁ ଉର୍ଦ୍ଧ୍ୱ ମହିଳା ପୁରୁଷ ସାମିଲ ହୋଇଥିଲେ। ସ୍ଥାନୀୟ ନାରୀ କଲ୍ୟାଣ କେନ୍ଦ୍ରଠାରୁ ମହିଳା ପୁରଷମାନେ ଏକ ଶୋଭାଯାତ୍ରାରେ ସହର ପରିକ୍ରମା କରି ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ପହଞ୍ଚି ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଅତିରିକ୍ତ ଜିଲାପାଳ ଅଭିମନ୍ୟୁ ମାଝି ଆନ୍ଦୋଳନ ସ୍ଥଳକୁ ଆସି ସେମାନଙ୍କ ସହ ଆଲୋଚନା କରିଥିଲେ। ଦାବି ଗୁଡିକ ସମ୍ବନ୍ଧରେ ଜିଲାପାଳଙ୍କ ସହିତ ଆଲୋଚନା ପରେ ପଦକ୍ଷେପ ନିଆଯିବ ବୋଲି ପ୍ରତିଶ୍ରୁତି ପରେ ଆନ୍ଦୋଳନ ପ୍ରତ୍ୟାହାର ହୋଇଥିଲା। ଆଗାମୀ ଦିନରେ ଦାବି ପୂରଣ ଦିଗରେ ପଦକ୍ଷେପ ନିଆ ନ ଗଲେ ନିର୍ବାଚନରେ ସାମୂହିକ ଭୋଟବର୍ଜନ ପାଇଁ ଚେତାବନୀ ଦିଆଯାଇଛି। ବସୁନ୍ଧରା ଓ ମହାଲକ୍ଷ୍ମୀ ବିସ୍ଥାପିତ ଅଧିକାର ସୁରକ୍ଷା ମଞ୍ଚ ସଭାପତି ରାଜେନ୍ଦ୍ର ନାଏକଙ୍କ ନେତୃତ୍ୱରେ ସମ୍ପାଦକ ନାରାୟଣ ପଟେଲ,ସହ ସମ୍ପାଦକ ସଞ୍ଜୟ କର୍ତ୍ତା, ମୋତିଲାଲ ପଟେଲ, ସୁଧାରାଣି ରାଉଡ଼ିଆ, ସରପଞ୍ଚ ରେବତୀ ଛତ୍ରିଆ, ସୁଶିଲ ନାଏକ, ରୁଦ୍ରାନନ୍ଦ ଅଡା, ଟେକ ଚାନ୍ଦ ଦାସ, ଶିବ ମେହେର, ଧନେଶର ଚୌଧୁରୀ, ଭାରତୀ ପଟେଲ, ସୁନିମା ପଟେଲ, ତ୍ରିଲୋଚନ ଦାସ, ବ୍ଲକ ଚେୟାରମ୍ୟାନ ପ୍ରେମାନନ୍ଦ ସା, ସରପଞ୍ଚ ପୁରବୀ ନାଏକ ପ୍ରମୁଖ ସାମିଲ ଥିଲେ। ଅପରପକ୍ଷରେ ବିସ୍ଥାପିତ ହେବାକୁ ଥିବା ଗ୍ରାମବାସୀଙ୍କ ଦାବି ଗୁଡିକ କାର୍ଯ୍ୟକାରୀ ଦିଗରେ ଯଥାଶୀଘ୍ର ପଦକ୍ଷେପ ନିଆଯାଉଛି ବୋଲି ଏମସିଏଲ କର୍ତ୍ତୃପକ୍ଷ ପ୍ରକାଶ କରିଛନ୍ତି।

# ସାମ୍ବାଦିକଙ୍କ କଳା ବ୍ୟାଜ ପରିଧାନ, ପ୍ରତିବାଦ

**ବଣାଇଁ, ୧୪।୩ (ପ୍ରଦୀପ ତ୍ରିପାଠୀ)**

ସାମ୍ବାଦିକଙ୍କ ନ୍ୟାୟିକ ଦାବି ନେଇ ବାରମ୍ବାର ରାଜ୍ୟ ସରକାରଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲେ ମଧ୍ୟ ସରକାର ଏହାକୁ ଅଣଦେଖା କରିଛନ୍ତି। ଘଟଣାକୁ ଗୁରୁତରଭାବେ ନେଇଛନ୍ତି ରାଜ୍ୟର ସର୍ବପୁରାତନ ଉତ୍କଳ ସାମ୍ବାଦିକ ସଂଘର ସଦସ୍ୟ। ଏହି ପରିପ୍ରେକ୍ଷୀରେ ଉତ୍କଳ ସାମ୍ବାଦିକ ସଂଘର ରାଜ୍ୟ ସଭାପତି ବିଭୂତି କରଙ୍କ ନିର୍ଦ୍ଦେଶ କ୍ରମେ ଗୁରୁବାରଠାରୁ ରାଜ୍ୟର ସମସ୍ତ କର୍ମରତ ସାମ୍ବାଦିକ କଳା ବ୍ୟାଜ ପରିଧାନ କରି କାର୍ଯ୍ୟ ନିର୍ବାହ କରିବେ ବୋଲି ନିଷ୍ପତ୍ତି ନେଇଛନ୍ତି। ଏହିକ୍ରମରେ ଉତ୍କଳ ସାମ୍ବାଦିକ ସଂଘର ସୁନ୍ଦରଗଡ଼ ଜିଲା ଶାଖା ସଭାପତି ପ୍ରଦୀପ ତ୍ରିପାଠୀଙ୍କ ନେତୃତ୍ୱରେ ବିଭିନ୍ନ ସ୍ଥାନରେ କାର୍ଯ୍ୟରତ ସାମ୍ବାଦିକ କଳା ବ୍ୟାଜ ପରିଧାନ କରି ପ୍ରତିବାଦ ଜଣାଇଛନ୍ତି। ରାଜ୍ୟ ସରକାର ଏଥିପ୍ରତି ଦୃଷ୍ଟି ନ ଦେଲେ ନିର୍ବାଚନ ସମୟରେ ମଧ୍ୟ ଏହି ପ୍ରତିବାଦ ଜାରି ରଖି ଦାୟିତ୍ୱ ବହନ କରିବା ସହିତ ଆବଶ୍ୟକ ସ୍ଥଳେ ବିରୋଧାତ୍ମକ କାର୍ଯ୍ୟପନ୍ଥା ଗ୍ରହଣ କରାଯିବ ବୋଲି ସଂଘ ପକ୍ଷରୁ ସ୍ପଷ୍ଟ କରାଯାଇଛି। ବଣାଇଁ, ଲହୁଣିପଡ଼ା, କୋଇଡ଼ା, ରାଉରକେଲା ଅଞ୍ଚଳର ଶତାଧିକ ସାମ୍ବାଦିକ ଏଭଳି ପ୍ରତିବାଦ ଆରମ୍ଭ କରିଥିବା ନେଇ ସଭାପତି ତଥା ରାଜ୍ୟ ଉପସଭାପତି ତ୍ରିପାଠୀ ସୂଚନା ଦେଇଛନ୍ତି।

# ମାହେଶ୍ୱରୀ କଲେଜରେ ସମ୍ବର୍ଦ୍ଧନା ସମାରୋହ

**ସୁନ୍ଦରଗଡ଼, ୧୪।୩(ଜୟ ନାରାୟଣ ମେଣ୍ଡୁଲି)**

ମାହେଶ୍ୱରୀ ଗ୍ରୁପ ଅଫ ଇନ୍ସିଷ୍ଟ୍ୟୁଟ ସୁନ୍ଦରଗଡ଼ସ୍ଥିତ ରାଉରକେଲା ସିନିୟର ନର୍ସିଂ କଲେଜ ପରିସରରେ ବୁଧବାର ଏକ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ସମାରୋହରେ ମୁଖ୍ୟମନ୍ତ୍ରୀ ଶ୍ରେଷ୍ଠ ଶିକ୍ଷା ପୁରସ୍କାରପ୍ରାପ୍ତ ଜିଲା ଶିକ୍ଷା ଅଧିକାରୀ ଅମୂଲ୍ୟ କୁମାର ପଧାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସଭାରେ ବରଗଡ଼ ଜିଲାର ପୂର୍ବତନ ଜିଲା ଶିକ୍ଷା ଅଧିକାରୀ ମିତ୍ରଭାନୁ କଛପ, ଟିଟିଲାଗଡ଼ ଡିଏଭି କଲେଜର ଅଧ୍ୟକ୍ଷ ଶିବ ପ୍ରସାଦ ବେହେରା,ଶିକ୍ଷାବିତ ଅମରେନ୍ଦ୍ର ପଧାନ ପ୍ରମୁଖ ଉପସ୍ଥିତ ଥିଲେ। ଏଥିରେ ମାହେଶ୍ୱରୀ ଗ୍ରୁପ ଅଫ ଇନ୍ସିଷ୍ଟ୍ୟୁଟର ଅଧ୍ୟକ୍ଷ ଫକୀର କର୍ଣ୍ଣ ସଭାପତିତ୍ୱ କରିଥିଲେ। ଅନୁଷ୍ଠାନ ପକ୍ଷରୁ ଅତିଥିଙ୍କୁ ଉତ୍ତରୀୟ ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯାଇଥିଲା।



ଅମୂଲ୍ୟ କୁମାର ପଧାନଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

# ୧୪ ଭୂମିହୀନ ହିତାଧିକାରୀଙ୍କୁ ଘରଡ଼ିହ ପଟ୍ଟା ବଣ୍ଟନ

**ଲହୁଣୀପଡ଼ା, ୧୪।୩(ଦାଶରଥି ପଣ୍ଡା)**

**ଲହୁଣୀପଡ଼ାରେ ରାଜସ୍ୱ ମେଳା**

ସୁନ୍ଦରଗଡ଼ ଜିଲା ଲହୁଣୀପଡା ବ୍ଲକ ପଡିଆଠାରେ ବୁଧବାର ଲହୁଣୀପଡା ତହସିଲ ବିଭାଗ ପକ୍ଷରୁ ରାଜସ୍ୱ ମେଳା ଅନୁଷ୍ଠିତ ହୋଇଯାଇଛି। ତହସିଲଦାର ବାବୁଲୁ ପେରେଇଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ମୁଖ୍ୟ ଅତିଥିଭାବେ ଜିଲା ପରିଷଦ ସଦସ୍ୟା ଜୁଲିଆନି କାଣ୍ଡିର, ଅତିରିକ୍ତ ତହସିଲଦାର ଝସକେତନ ନାୟକ, କୀର୍ତ୍ତି ଚନ୍ଦ୍ର ନାୟକ, ସରପଞ୍ଚ ନେଲସନ ହେମ୍ବ୍ରମ, ରାଜାମୁଣ୍ଡା ସରପଞ୍ଚ ମାଳତୀ କିଷାନ,ଦର୍ଜୀଂ ସରପଞ୍ଚ ସିଙ୍ଗରାୟ ମୁଣ୍ଡା, ଶଙ୍ଖପୋଷ ପ୍ରେମନାଥ ମୁଣ୍ଡା,ବଡ ପୁରୁଣାପାଣି ଟାଙ୍ଗ ଓରାମ ମଞ୍ଚାସୀନ ଥିଲେ। ଏପିଓ ବିଷ୍ଣୁ ଚରଣ ନାୟକ ଅତିଥି ପରିଚୟ ଓ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ ମୋଟ ୧୪ ଜଣ ଭୂମିହୀନ ହିତାଧିକାରୀଙ୍କୁ ବସୁନ୍ଧରା ଯୋଜନାରେ ଘରଡିହ ପଟ୍ଟା ବଣ୍ଟନ କରାଯାଇଥିଲା। ଜନ ସାଧାରଣଙ୍କୁ ବିଭାଗ ପକ୍ଷରୁ ଉପଲବ୍ଧ ଥିବା ବିଭିନ୍ନ ଯୋଜନା କାର୍ଯ୍ୟକ୍ରମ ଯଥା– ଜମିଜମା ଜନିତ, ବାସସ୍ଥାନ ପ୍ରମାଣ ପତ୍ର, ଆୟ ପ୍ରମାଣ ପତ୍ର,ଆୟ ଏବଂ ସମ୍ପତି ପ୍ରମାଣ ପତ୍ର, ଜାତିଗତ ପ୍ରମାଣପତ୍ର, ଅନଲାଇନ ପଟ୍ଟାର ପ୍ରାମାଣିକ ନକଲ, ବିଷୟରେ ବୁଝାଇଥିଲେ। ସେହିପରି ରାଜ୍ୟ ସରକାରଙ୍କ ଦ୍ୱାରା ଜାରି କରାଯାଇଥିବା ନିର୍ଦ୍ଦେଶନାମା ଅନୁଯାୟୀ ପ୍ରାକୃତିକ ବିପର୍ଯ୍ୟୟ ଯୋଗୁ ମୃତ୍ୟୁବରଣ କରିଥିବା କ୍ଷେତ୍ରରେ ଥିବା ଆଞ୍ଚଳିକ ସହାୟତା ଆଦି ଉପରେ ଆଲୋକପାତ କରାଯାଇଥିଲା। ଜନ ସାଧାରଣ ନିଜ କାର୍ଯ୍ୟ କରିବା ନିମନ୍ତେ କୌଣସି ତୃତୀୟ ପକ୍ଷର ପ୍ରସୟ ଦେବା ଉଚିତ ନୁହେଁ । ନିଜର ଆବଶ୍ୟକୀୟ କାର୍ଯ୍ୟ ସାଧନ ନିମନ୍ତେ ଅନଲାଇନ ମାଧ୍ୟମରେ ସ୍ଥାନୀୟ ଜନସେବା କେନ୍ଦ୍ର ଉପଯୋଗ କରିବା ଦରକାର କିମ୍ବା ସ୍ଥାନୀୟ ନିରୀକ୍ଷକ ବା ତହସିଲ କାର୍ଯ୍ୟାଳୟ ଠାରେ ଯୋଗାଯୋଗ କରିବା ଉପରେ ଗୁରୁତ୍ୱାରୋପ କରିବା ସହିତ ସଚେତନତା ସୃଷ୍ଟି କରିଥିବା ଜଣାପଡିଛି। ଏହା ସହିତ କାର୍ଯ୍ୟକ୍ରମରେ ଅଂଶୁଘାତ ମୁକାବିଲା ନିମନ୍ତେ ଜନ ସଚେତନତା ସୃଷ୍ଟି ନିମନ୍ତେ ଲିପିଲେଟ ବଣ୍ଟନ କରାଯାଇଥିଲା। ରାଜସ୍ୱ ପରିଦର୍ଶକ ରୂପକ କୁମାର ନାୟକ, ରାଜସ୍ୱ ନିରୀକ୍ଷକ ଶ୍ରୀକାନ୍ତ ପାତ୍ର, ସରୋଜ କୁମାର ପ୍ରଧାନଙ୍କ ସମେତ ତହସିଲ କାର୍ଯ୍ୟାଳୟର କର୍ମଚାରୀଙ୍କ ସହାୟତାରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଶେଷରେ ବରିଷ୍ଠ ରାଜସ୍ୱ ସହାୟକ ନରେନ୍ଦ୍ର କୁମାର କିଷାନ ଧନ୍ୟବାଦ ଅର୍ପଣ କରିଥିଲେ।

# ନକାରାତ୍ମକ ଚିନ୍ତାଧାରା ପରିତ୍ୟାଗ କର

**କୁଆଁରମୁଣ୍ଡା, ୧୪।୩(ମହେନ୍ଦ୍ର କୁମାର ସାହୁ)**



ପ୍ରଜାପିତା ବ୍ରହ୍ମକୁମାରୀ ଈଶ୍ୱରୀୟ ବିଶ୍ୱ ବିଦ୍ୟାଳୟ ପକ୍ଷରୁ କୁଆଁରମୁଣ୍ଡା ଶାଖାରେ ଗୁରୁବାର ଶିବ ଝଣ୍ଡା ଉତ୍ତୋଳନ କରାଯାଇଛି। ଏହି ଉତ୍ସବ ପାଳନ ଅବସରରେ ବ୍ରହ୍ମା କୁମାରୀ ଓ କୁମାରମାନେ ଝଣ୍ଡା ନିକଟରେ ଶପଥ ନେଇଛନ୍ତି ଯେ, ସମାଜର ପ୍ରତ୍ୟେକ ବ୍ୟକ୍ତିଙ୍କ ମନରୁ କିଭଳି ନକାରାତ୍ମକ ଚିନ୍ତା ମୁକ୍ତ କରାଯାଇପାରିବ। କାର୍ଯ୍ୟକ୍ରମରେ ଅତିଥିଭାବେ ବ୍ୟାଙ୍କ ଅଫ ଇଣ୍ଡିଆ, କୁଆଁରମୁଣ୍ଡା ଶାଖାର ପରିଚାଳକ ମନୋଜ ପ୍ରଧାନ, କୁଆଁରମୁଣ୍ଡା ଅବସରପ୍ରାପ୍ତ କର୍ମଚାରୀ ସଂଘ ସଭାପତି ଶିବ ନାରାୟଣ ସାହୁ, ଅଜୟ ସାହୁ, ଘନଶ୍ୟାମ ଦେବତା, ମିଥିଲେସ ପ୍ରସାଦ, ରମେଶ ସେଠୀ, ନୃପେନ ବିଶ୍ୱାସ ପ୍ରମୁଖ ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମଟି ରାଜୁ ତିୱାରୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଥିବା ବେଳେ କୁଆଁରମୁଣ୍ଡା ଶାଖାର ମୁଖ୍ୟ ବିକେ ସୁମନ, ବିକେ ରିତା,ବିକେ ରଜନିଶ ପ୍ରମୁଖ ଉପସ୍ଥିତ ରହି ସମସ୍ତ କାର୍ଯ୍ୟ ସୂଚାରୁରୂପେ ସଞ୍ଚାଳନ କରିଥିଲେ।

# ଏଟିଏମ୍ ଲୁଟ୍ ଉଦ୍ୟମ ପଣ୍ଡ

**ସୁନ୍ଦରଗଡ଼, ୧୪।୩(ଜୟ ନାରାୟଣ ମେଣ୍ଡୁଲି)**

ସୁନ୍ଦରଗଡ଼ ସଦର ଥାନା ଅନ୍ତର୍ଗତ ମହୁଲପାଲି ଠାରେ ବୁଧବାର ବିଳମ୍ବିତ ରାତିରେ ଲୁଟେରାମାନେ ଏକ ଏଟିଏମ କାଟି ଟଙ୍କା ଲୁଟ ଉଦ୍ୟମ କରୁଥିବା ଯୋଜନା ପଣ୍ଡ ହୋଇଛି। ଲୁଟେରାମାନେ କାନ୍ଥ କଣା କରି ଗ୍ୟାସ କଟର ମେଶିନ ସାହାଯ୍ୟରେ ଏଟିଏମ୍ କାଟି ଟଙ୍କା ନେବାର ଉଦ୍ୟମ କରିଥିଲେ। ହେଲେ ସେମାନେ ସଫଳ ହୋଇପାରି ନ ଥିଲେ। ଗୁରୁବାର ଏନେଇ ସଦର ଥାନାରେ ରିପୋର୍ଟ ହେବା ପରେ ପୋଲିସ ଏକ ମାମଲା ରୁଜୁ କରି ସାଇଣ୍ଟିଫିକ୍ ଟିମ୍ ସହାୟତାରେ ତଦନ୍ତ ଆରମ୍ଭ କରିଛି।

# ଉପକୃତ ହେବେ ୧୪,୯୩୨ ଛାତ୍ରୀଛାତ୍ର

**ସୁନ୍ଦରଗଡ଼, ୧୪।୩(ଜୟ ନାରାୟଣ ମେଣ୍ଡୁଲି)**

**ସୁନ୍ଦରଗଡ଼ରେ ଛାତ୍ରବୃତ୍ତି କାର୍ଯ୍ୟକ୍ରମ ଆରମ୍ଭ**

ସୁନ୍ଦରଗଡ଼ ଜିଲାରେ ଛାତ୍ରବୃତ୍ତି କାର୍ଯ୍ୟକ୍ରମ ବୁଧବାରଠାରୁ ଆରମ୍ଭ ହୋଇଛି। ଗତ ବର୍ଷର ବାର୍ଷିକ ଉଚ୍ଚ ବିଦ୍ୟାଳୟ ସାର୍ଟିଫିକେଟ ପରୀକ୍ଷାରେ ୬୦ ପ୍ରତିଶତରୁ ଅଧିକ ନମ୍ବର ରଖିଥିବା ଛାତ୍ରୀଛାତ୍ରଙ୍କୁ ଏକ ସ୍ୱତନ୍ତ୍ର ସଂଗଠିତ କାର୍ଯ୍ୟକ୍ରମରେ ନଗଦ ପ୍ରୋତ୍ସାହନ ଦିଆଯାଇଛି। ଏହା ମାଧ୍ୟମରେ ଜିଲାର୧୪୯୩୨ ଜଣ ଛାତ୍ରୀଛାତ୍ର ଉପକୃତ ହେବେ। ଜିଲା ଖଣିଜ ପ୍ରତିଷ୍ଠାନ ଦ୍ୱାରା ସମର୍ଥିତ ଏହି କାର୍ଯ୍ୟକ୍ରମରେ ବାର୍ଷିକ ବଜେଟ୧୨.୯୨ କୋଟି ଟଙ୍କା ରହିଛି। ଏହି ଅବସରରେ ଏକ କାର୍ଯ୍ୟକ୍ରମ ଜିଲା ଶିକ୍ଷା ବିଭାଗ ଦ୍ୱାରା ଆୟୋଜିତ ହୋଇଥିଲା ଏବଂ ଏହାକୁ ଜିଲା ଖଣିଜ ପ୍ରତିଷ୍ଠାନ ଦ୍ୱାରା ସମର୍ଥନ କରାଯାଇଥିଲା। କାର୍ଯ୍ୟକ୍ରମରେ ତଳସରା ବିଧାୟକ ଭବାନୀ ଶଙ୍କର ଭୋଇ, ଜିଲା ପରିଷଦର ସଭାପତି କୁନ୍ତୀ ପ୍ରଧାନ, ପୌରାଧ୍ୟକ୍ଷା ତନୟା ମିଶ୍ର, ଜିଲାପାଳ ଡ.ପରାଗ ହର୍ଷଦ ଗାଭାଲି ଏହାର ଶୁଭାରମ୍ଭ କରିଥିଲେ। ଜିଲାପାଳ ଗାଭାଲି କହିଛନ୍ତି, ଡିଏମଏଫର ଏହି ପଦକ୍ଷେପ ଛାତ୍ରୀଛାତ୍ରଙ୍କୁ କଲେଜରେ ଉଚ୍ଚଶିକ୍ଷା ପାଇବାରେ ସାହାଯ୍ୟ କରିବ। ଏହା ଜିଲା ମିନେରାଲ ଫାଉଣ୍ଡେଶନର ଏକ ଗୁରୁତ୍ୱପୂର୍ଣ୍ଣ ହସ୍ତକ୍ଷେପ। ୧୯ ଜଣ ଛାତ୍ରଙ୍କୁ ନଗଦ ପ୍ରୋତ୍ସାହନ ରାଶି ଦିଆଯାଇଥିଲା। ଏହି ଅବସରରେ ସମ୍ମାନିତ ଅତିଥିଙ୍କ ଦ୍ୱାରା ଜିଲାର ଦୃଷ୍ଟିବାଧିତ ପିଲାଙ୍କୁ ଲାପଟପ ବଣ୍ଟନ କରାଯାଇଥିଲା। ଲାପଟପ ଗୁଡିକ ଓଏସଇପିଏ ଦ୍ୱାରା ପ୍ରାୟୋଜିତ ହୋଇଥିଲା।




କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ବୃନ୍ଦ।

# ରୁଙ୍ଗ୍‌ଟା କମାଣ୍ଡ ଷ୍ଟିଲ୍ ପ୍ଲାଣ୍ଟରେ ରାଷ୍ଟ୍ରୀୟ ସୁରକ୍ଷା ସପ୍ତାହ ପାଳିତ

**ଟେନ୍‌ସା, ୧୪।୩(ସମୀର କୁମାର ପାଢୀ)**




କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ଓ ଅନ୍ୟମାନେ।

ସୁନ୍ଦରଗଡ଼ ଜିଲା କୋଇଡ଼ା କମଣ୍ଡ ଗ୍ରାମରେ ଥିବା ରୁଙ୍ଗଟା ମାଇନ୍ସ ଲିମିଟେଡ ଅଧୀନସ୍ଥ କମଣ୍ଡ ଷ୍ଟିଲପ୍ଲାଣ୍ଟ ପକ୍ଷରୁ ୫୩ତମ ରାଷ୍ଟ୍ରୀୟ ସୁରକ୍ଷା ସପ୍ତାହ ମଙ୍ଗଳବାର ପାଳିତ ହୋଇଯାଇଛି। ଗତ ମାର୍ଚ୍ଚ ୪ରୁ ୧୪ ପର୍ଯ୍ୟନ୍ତ ବିଭିନ୍ନ କଳ କାରଖାନା ଗୁଡିକରେ ଏହା ପାଳିତ ହୋଇଥିଲା। ସେହିପରି ରୁଙ୍ଗଟା କମଣ୍ଡ ଷ୍ଟିଲ ପ୍ଲାଣ୍ଟ ପକ୍ଷରୁ କାରଖାନା ପରିସର ମଧ୍ୟରେ କମଣ୍ଡ ପ୍ଲାଣ୍ଟର ମୁଖ୍ୟ ଆଲୋକ କୁମାର ସେଠୀଙ୍କ ସଭାପତିତ୍ୱରେ ରାଷ୍ଟ୍ରୀୟ ସୁରକ୍ଷା ସପ୍ତାହ ପାଳିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥିଭାବେ କାରଖାନା ଓ ବାଷ୍ପୀୟ ରାଉରକେଲା ଡିଭିଜନର ନିର୍ଦ୍ଦେଶକ ବିଭୂ ପ୍ରସାଦ, ସମ୍ମାନୀତ ଅତିଥିଭାବେ ରାଉରକେଲା ଜୋନ–୩ର କାରଖାନା ଓ ବାଷ୍ପୀୟ ବିଭାଗର ସହ ନିର୍ଦ୍ଦେଶକ ବିବେକାନନ୍ଦ ନାୟକ, ରାଷ୍ଟ୍ରୀୟ ସୁରକ୍ଷା ମଞ୍ଚ ଓଡ଼ିଶା ଶାଖାର ଏମଏସ ମୋହିନୀ, ଅନ୍ୟତମ ଅତିଥିଭାବେ କମଣ୍ଡ ପ୍ଲାଣ୍ଟର ଉପସଭାପତି ପ୍ରଣୟ ଦେଓ ପ୍ରମୁଖ ଯୋଗଦେଇଥିଲେ। ଅତିଥିମାନେ ପ୍ଲାଣ୍ଟ ସୁରକ୍ଷା ସମ୍ବନ୍ଧୀୟ ମଡେଲ ମାଧ୍ୟମରେ କର୍ମଚାରୀଙ୍କୁ ବୁଝାଇବା ସହ କାରଖାନାରେ କାମ କରୁଥିବା ବେଳେ କେଉଁ ଜାଗାରେ କେଉଁ ଉପକରଣ ପିନ୍ଧି କାର୍ଯ୍ୟ କରିବେ, କିପରି ସୁରକ୍ଷିତ ରହିବେ ସମସ୍ତ ସୁରକ୍ଷା ବିଷୟରେ କର୍ମଚାରୀଙ୍କୁ ଅବଗତ କରାଇଥିଲେ। ଏଥିସହ ସକରାତ୍ମକ ସୁରକ୍ଷା ପ୍ରଣାଳୀଦ୍ୱାରା ସୁରକ୍ଷା ଓ ସ୍ୱାସ୍ଥ୍ୟ ପରିବେଶ ସୃଷ୍ଟି କରିବା ପାଇଁ କର୍ମଚାରୀଙ୍କୁ ଅତିଥିମାନେ ଆହ୍ୱାନ ଦେଇଥିଲେ। ଏହି ସଭାରେ କାରଖାନାର ୩୦୦ରୁ ଉର୍ଦ୍ଧ୍ୱ କର୍ମଚାରୀ ଯୋଗ ଦେଇଥିଲେ। ସୁରକ୍ଷା ଅଧିକାରୀ ଉଦୟ ପ୍ରକାଶ, ଆନନ୍ଦ ସାହୁ, ପ୍ରଶାସନ ବିଭାଗର ଜିତେନ୍ଦ୍ର କୁମାର ପ୍ରଧାନ, ବି. ଆର ମିଶ୍ର ସମସ୍ତ କାର୍ଯ୍ୟକୁ ପରିଚାଳନା କରିଥିଲେ।

## ସଂକ୍ଷେପରେ

### ଦୃଷ୍ଟିବାଧିତ ଛାତ୍ରୀଛାତ୍ରଙ୍କୁ ଲାପ୍‌ଟପ୍ ବଣ୍ଟନ

ସମ୍ବଲପୁର,୧୪ା୩ (ଭବାନୀ ଶଙ୍କର ଭୋଇ)

ସମ୍ବଲପୁର ଜିଲାରେ ଷ୍ଟାର୍ସ ପ୍ରକଳ୍ପ ଅଧୀନରେ ଗୁରୁବାର ଦୃଷ୍ଟିହୀନ ଛାତ୍ରୀଛାତ୍ରଙ୍କୁ ଲାପ୍‌ଟପ୍ ବଣ୍ଟନ କରାଯାଇଛି। ନବମରୁ ଦ୍ୱାଦଶ ଶ୍ରେଣୀ ପର୍ଯ୍ୟନ୍ତ ଦୃଷ୍ଟିଶକ୍ତି ହରାଇଥିବା ୬ ଛାତ୍ରୀଛାତ୍ରଙ୍କୁ ଲାପ୍‌ଟପ୍ ପ୍ରଦାନ ପାଇଁ ଚୟନ କରାଯାଇଥିଲା। ଚନ୍ଦ୍ରଶେଖର ବେହେରା ଜିଲା ସ୍କୁଲର ଦଶମ ଶ୍ରେଣୀ ଛାତ୍ର ରାଧେଶ୍ୟାମ ଜୟପୁରିଆ, ବୁର୍ଲା ଦୃଷ୍ଟିହୀନ ସରକାରୀ ଉଚ୍ଚବିଦ୍ୟାଳୟର ସୁରେନ କୁମାର ବେହେରା ଓ ଅମୂଲ୍ୟ ବଞ୍ଜୋର, ଗଙ୍ଗାଧର ମେହେର ଜୁନିୟର କଲେଜର ଏକାଦଶ ଶ୍ରେଣୀର ଅଶ୍ରିତା ଦ୍ୱାରି, ଦ୍ୱାଦଶ ଶ୍ରେଣୀର ଜାନକୀ ଓରାମ ଓ ଆରତି ସାହାନୀ ଜିଲାପାଳଙ୍କ ଅକ୍ଷୟ ସୁନୀଲ ଅଗ୍ରୱାଲଠାରୁ ଲାପ୍‌ଟପ୍ ଗ୍ରହଣ କରିଥିଲେ। ଏହାପରେ ହିତାଧିକାରୀ ଛାତ୍ରୀଛାତ୍ରଙ୍କୁ ଲାପ୍‌ଟପ୍ ସମ୍ପର୍କିତ ତାଲିମ ପ୍ରଦାନ କରାଯାଇଥିଲା। ସରକାରଙ୍କ ଏହି ପ୍ରକଳ୍ପ ବହୁ ଦୃଷ୍ଟିବାଧିତ ଛାତ୍ରୀଛାତ୍ରଙ୍କୁ ନିଜର ଭବିଷ୍ୟତ ଗଢିବାରେ ସାହାଯ୍ୟ କରିବା ସହିତ ସାମାଜିକ ଓ ଅର୍ଥନୈତିକ କ୍ଷେତ୍ରରେ ସ୍ୱାବଲମ୍ବୀ କରିବାରେ ସହଯୋଗ କରିବ ବୋଲି ଜିଲାପାଳ ମତବ୍ୟକ୍ତ କରଥିଲେ। ଏହି ଲାପ୍‌ଟପ୍‌ରେ ଦୃଷ୍ଟିବାଧିତ ଛାତ୍ରୀଛାତ୍ରଙ୍କ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା ଉପଲବ୍ଧ ରହିଛି। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଜିଲା ଶିକ୍ଷା ଅଧିକାରୀ ମିନାରାଣୀ ମଙ୍ଗଳ, ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ଜୟଶ୍ରୀ ଦୋରା, ଜିଲା ଶିକ୍ଷା ସଂଯୋଜକ ଅରୁଣ ଦାସ ପ୍ରମୁଖ ଉପସ୍ଥିତ ଥିଲେ।

### ଆଇଆଇଏମ୍ ସମ୍ବଲପୁରରେ ଆଲୋଚନାଚକ୍ର

ସମ୍ବଲପୁର,୧୪ା୩(ପ୍ରମୋଦ ବହିଦାର):

ଆଇଆଇଏମ୍ ସମ୍ବଲପୁରରେ 'ୱାନ୍ ମୋର୍ ସ୍ମାଇଲ' ଶୀର୍ଷକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଟେଡ୍‌ଏକ୍ସ ଟକ୍ ଜରିଆରେ ଆୟୋଜିତ କାର୍ଯ୍ୟକ୍ରମରେ ଭାରତର ବିଭିନ୍ନ ପ୍ରାନ୍ତରୁ ଅନେକ ଦୂରଦୃଷ୍ଟିସମ୍ପନ୍ନ ବ୍ୟକ୍ତିବିଶେଷ ଯୋଗଦେଇ ନିଜ ସଫଳତାର ମନ୍ତ୍ର ବାଣ୍ଟିଥିଲେ। ସମ୍ବଲପୁରର ପ୍ରମୁଖ ଆୟକର ଆୟୁକ୍ତ ଡ. ସରିତା ମିଶ୍ର କୋଲହେ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ବେଷ୍ଟସେଲର ଲେଖକ ନିଖିଲ ଚାନ୍ଦୱାନୀ, ବ୍ୟବସାୟ ରଣନୀତିଜ୍ଞ ନମିତା ତିୱାରୀ, ମାଷ୍ଟର ଏନ୍‌ଏଲ୍‌ପି ଏବଂ ହିପ୍ନୋଥେରାପି ପ୍ରଶିକ୍ଷକ ମୃଣାଳ ଚକ୍ରବର୍ତ୍ତୀ, ସ୍ତ୍ରୀ ଓ ପ୍ରସୂତି ବିଶେଷଜ୍ଞ ଡା. ସୁରକ୍ଷିତ ବଟିନା, ମାର୍କେଟିଂ ଲିଡର ଦେବନ ଭଲ୍ଲା ଓ ଇମାମି ଲିମିଟେଡ୍‌ର ଏଭିପି ଅଙ୍କୁର ଚତୁର୍ବେଦୀ ପ୍ରମୁଖ ବକ୍ତାଭାବେ ଯୋଗଦେଇଥିଲେ। କାର୍ଯ୍ୟକ୍ରମରେ ଭାରତୀୟ ମହିଳା ଫୁଟ୍‌ବଲ ଦଳର ପୂର୍ବତନ ଅଧିନାୟିକା ଶ୍ରଦ୍ଧାଞ୍ଜଳି ସାମନ୍ତରାୟ ଯୋଗଦେଇ ନିଜ ସଫଳତାର କାହାଣୀ ବର୍ଣ୍ଣନା କରିଥିଲେ। ଆଇଆଇଏମ୍ ସମ୍ବଲପୁରର ନିର୍ଦ୍ଦେଶକ ପ୍ରଫେସର ମହାଦେବ ଜୟସ୍ୱାଲ କହିଥିଲେ, ଆଇଆଇଏମ୍ ସମ୍ବଲପୁରରେ ଅନୁଷ୍ଠିତ 'ଟେଡ୍‌ଏକ୍ସ' କେବଳ ଏକ କାର୍ଯ୍ୟକ୍ରମ ନୁହେଁ, ଏହା ହେଉଛି ଏକ ଆକର୍ଷଣୀୟ ଅନୁଭୂତି ଯାହା ନବସୃଜନର ଶକ୍ତିକୁ ପାଳନ କରିବା ସହ ଛାତ୍ରୀଛାତ୍ରଙ୍କ ମଧ୍ୟରେ ପରସ୍ପର ଅର୍ଥପୂର୍ଣ୍ଣ ସମ୍ପର୍କ ସୃଷ୍ଟି କରିପାରିଛି।

### ବିଜୁ ପ୍ରିମିୟର ଲିଗ୍ ଫୁଟ୍‌ବଲ ଉଦ୍‌ଯାପିତ

ସମ୍ବଲପୁର,୧୪ା୩ (ଭବାନୀ ଶଙ୍କର ଭୋଇ)

ଯୁଯୁମୁରା ଉଚ୍ଚ ବିଦ୍ୟାଳୟର ଖେଳ ପଡିଆଠାରେ ଚାଲିଥିବା ବିଜୁ ପ୍ରିମିୟର ଲିଗ୍ ଫୁଟ୍‌ବଲ ପ୍ରତିଯୋଗିତା ଗୁରୁବାର ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନୀ ଉତ୍ସବରେ ରେଢ଼ାଖୋଲ ବିଧାୟକ ରୋହିତ ପୂଜାରୀ ମୁଖ୍ୟଅତିଥି ଭାବେ ଯୋଗଦେଇ ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ। ପ୍ରତିଯୋଗିତାରେ ନାକଟିଦେଉଳ ଓ ରେଢ଼ାଖୋଲ ଦଳ ମଧ୍ୟରେ ଫାଇନାଲ ଖେଳ ଅନୁଷ୍ଠିତ ହୋଇଥିଲା। ନିର୍ଦ୍ଧାରିତ ସମୟ ମଧ୍ୟରେ କୌଣସି ଗୋଲ ନ ହେବାରୁ ପେନାଲ୍‌ଟିରେ ୨-୪ ଗୋଲ ଦେଇ ନାକଟିଦେଉଳ ଦଳ ବିଜୟ ଲାଭ କରିଥିଲା। ଫାଇନାଲ ମ୍ୟାଚ୍‌କୁ ରେଫରି ଭାବେ ବଳରାମ ପ୍ରଧାନ, ଆନନ୍ଦ ମିର୍ଦ୍ଧା, ପରେଶ ମିର୍ଦ୍ଧା ଓ ଆନନ୍ଦ ହର ଖେଳ ପରିଚାଳନା କରିଥିଲେ। କାର୍ଯ୍ୟକ୍ରମକୁ ବିଜୁ ଯୁବ ଜନତା ଦଳର ଜୋନ ସଭାପତି ଦେବାଶିଷ ପରିଡ଼ା ସଂଯୋଜନା କରିଥିବା ବେଳେ ଯୁଯୁମୁରା ବ୍ଲକ୍ ବିଜେଡି କର୍ମୀ ପ୍ରହ୍ଲାଦ ପ୍ରଧାନ, ଅଶ୍ୱିନୀ ଦେହୁରି, ସଞ୍ଜୟ ବିଶ୍ୱାଳ, ଆଦିତ୍ୟ ନାଏକ ପ୍ରମୁଖ ସହଯୋଗ କରିଥିଲେ।

# ଆର୍‌ଡିସି କାର୍ଯ୍ୟାଳୟ ଘେରିଲେ ଚାଷୀ

## ସର୍ବନିମ୍ନ ସହାୟକ ମୂଲ୍ୟକୁ ଆଇନଗତ ମାନ୍ୟତା ଦାବି

ସମ୍ବଲପୁର,୧୪ା୩ (ଭବାନୀ ଶଙ୍କର ଭୋଇ)

ଜାତୀୟ ସଂଯୁକ୍ତ କିଷାନ ମୋର୍ଚ୍ଚା ଡାକରାରେ ପଶ୍ଚିମ ଓଡ଼ିଶା କୃଷକ ସଂଗଠନ ସମନ୍ୱୟ ସମିତି ଓ ସମ୍ବଲପୁର ଜିଲା କୃଷକ ସୁରକ୍ଷା ସଂଗଠନର ମିଳିତ ଆନୁକୂଲ୍ୟରେ ଗୁରୁବାର ଉତ୍ତରାଞ୍ଚଳ ଆର୍‌ଡିସି କାର୍ଯ୍ୟାଳୟ ସମ୍ମୁଖରେ ଚାଷୀଙ୍କ ବିକ୍ଷୋଭ ସମାବେଶ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ଚାଷୀମାନଙ୍କର ବିଭିନ୍ନ ସମସ୍ୟା ପାଇଁ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କୁ କୃଷକ ସଂଗଠନ ପକ୍ଷରୁ ଦାୟୀ କରାଯାଇଥିଲା। କେନ୍ଦ୍ର ସରକାର ତିନି କୃଷି ଆଇନ ପ୍ରତ୍ୟାହାର ସମୟରେ ଯାହା ପ୍ରତିଶ୍ରୁତି ଦେଇଥିଲେ ତାହା ଆଜିବି ଅପୂରଣୀୟ ହୋଇରହିଛି ବୋଲି କୃଷକ ସଂଗଠନ ଅଭିଯୋଗ କରିଥିଲା। ସର୍ବନିମ୍ନ ସହାୟକ ମୂଲ୍ୟକୁ ଆଇନଗତ ମାନ୍ୟତା, ସ୍ୱାମୀନାଥନ୍ କମିଶନଙ୍କ ସୁପାରିଶ ଆଧାରରେ କୃଷିଜାତ ଦ୍ରବ୍ୟର ଦର ଧାର୍ଯ୍ୟ ଏବଂ ସୁପାରିଶ କାର୍ଯ୍ୟକାରୀ ନ ହେବାଯାଏ ରାଜ୍ୟ ସରକାର କୁଇଣ୍ଟାଲ ପିଛା ୫୦୦ଟଙ୍କା ବୋନସ୍ ପ୍ରଦାନ, କୃଷିଋଣ ଛାଡ଼, ଚାଷୀ ଆନ୍ଦୋଳନ ଉପରେ ସରକାରୀ ଦମନ ବନ୍ଦ, ସଂସଦରେ ଥିବା ବିବାଦୀୟ ବିଜୁଳି ବିଲ୍ ପ୍ରତ୍ୟାହର, ଓଡ଼ିଶାରେ ଟାଟା ପାୱାର ଶୋଷଣ ବନ୍ଦ କରି ଜଳସେଚନ ପାଇଁ ବ୍ୟବହୃତ ବିଜୁଳିକୁ ଦେୟମୁକ୍ତ କରିବା, ଅଦିନିଆ ବର୍ଷା ଓ ବାତ୍ୟା ଲାଗି ବାକିଆ ରହିଥିବା କ୍ଷତିପୂରଣ ଶୀଘ୍ର ପ୍ରଦାନ ଆଦି ଦାବି ନେଇ ଆନ୍ଦୋଳନ କରାଯାଇଥିଲା। ସମ୍ବଲପୁର ଉତ୍ତରାଞ୍ଚଳ ରାଜସ୍ୱ କମିଶନର କାର୍ଯ୍ୟାଳୟ ସମ୍ମୁଖରେ ଆୟୋଜିତ ବିକ୍ଷୋଭ ସମାବେଶରେ ପଶ୍ଚିମ ଓଡ଼ିଶା କୃଷକ ସଂଗଠନ ସମନ୍ୱୟ ସମିତି ସହ ଜଡ଼ିତ ବିଭିନ୍ନ ଜିଲାର ଜିଲାସ୍ତରୀୟ ସଂଗଠନର ଶତାଧିକ କର୍ମକର୍ତ୍ତା ସାମିଲ ହୋଇଥିଲେ। ଆନ୍ଦୋଳନରେ ପଶ୍ଚିମ ଓଡ଼ିଶା କୃଷକ ସଂଗଠନର ସମନ୍ୱୟ ସମିତିର ଆବାହକ ଅଶୋକ ପ୍ରଧାନ, ସମ୍ବଲପୁର ଜିଲା କୃଷକ ସୁରକ୍ଷା ସଂଗଠନର ଜିଲା ସଭାପତି ଉମେଶ ମିଶ୍ର, ଜିଲା ସମ୍ପାଦକ ଦେବେନ ପ୍ରଧାନ, ସଂଯୋଜକ ବ୍ୟୋମକେଶ ଠାକୁର, ପଶ୍ଚିମ ଓଡ଼ିଶା କୃଷକ ସଂଗଠନ ସମନ୍ୱୟ ସମିତି ପ୍ରବକ୍ତା ସରୋଜ ପ୍ରମୁଖ ସାମିଲ ହୋଇଥିଲେ।



ବିକ୍ଷୋଭରେ ସାମିଲ କର୍ମକର୍ତ୍ତାଙ୍କ ସହ ଚାଷୀମାନେ।

# ଭିମ୍‌ସାରରେ କନିଷ୍ଠ ଡାକ୍ତର ସଂଘର ଧାରଣା




ଭିମ୍‌ସାର ସମ୍ମୁଖରେ ଧାରଣାରତ କନିଷ୍ଠ ଡାକ୍ତର ସଂଘର ସଦସ୍ୟମାନେ।

ସମ୍ବଲପୁର,୧୪ା୩(ପ୍ରମୋଦ ବହିଦାର):

ସମ୍ବଲପୁର ଜିଲା ବୁର୍ଲା ଭିମ୍‌ସାରରେ ବିଭିନ୍ନ ସମସ୍ୟା ସମାଧାନ ଦାବିରେ ଗୁରୁବାର କନିଷ୍ଠ ଡାକ୍ତର ସଂଘ ପକ୍ଷରୁ ଭିମ୍‌ସାର ସମ୍ମୁଖରେ ଧାରଣା ଦିଆଯାଇଛି। ଅଭିଯୋଗକ୍ରମେ କାର୍ଯ୍ୟରତ କନିଷ୍ଠ ଡାକ୍ତରମାନଙ୍କୁ ନିୟମିତ ଷ୍ଟାଇପେଣ୍ଡ ପ୍ରଦାନରେ ବିଳମ୍ବ ହେଉଛି। ଏଥିରେ ଭିମ୍‌ସାର କର୍ତ୍ତୃପକ୍ଷ ବା ବିତ୍ତ ବିଭାଗ ଅଧିକାରୀ କୌଣସି ପ୍ରକାର ସହଯୋଗ କରୁନାହାନ୍ତି। ବିଭିନ୍ନ ପ୍ରାଥମିକ ବା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ କାର୍ଯ୍ୟ କରିବା ପାଇଁ ସେମାନଙ୍କୁ ଠିକଣା ସମୟରେ ୱାର୍କ ସାର୍ଟିଫିକେଟ୍ ଦିଆଯାଉନାହିଁ। ଡିନ୍ ଓ ଅଧକ୍ଷଙ୍କ ଅବହେଳାରୁ ଭିମ୍‌ସାରରେ କୌଣସି ବିକାଶ କାର୍ଯ୍ୟ ସଫଳ ରୂପାୟନ ହୋଇପାରୁ ନାହିଁ ବୋଲି ଆନ୍ଦୋଳନକାରୀ ଡାକ୍ତରମାନେ ଅଭିଯୋଗ କରିଛନ୍ତି। ସେମାନେ ଆହୁରି ଦର୍ଶାଇଛନ୍ତି, ଏହିସବୁ ସମସ୍ୟା ସମାଧାନ ପାଇଁ ଗତ ୮ ତାରିଖରେ କନିଷ୍ଠ ଡାକ୍ତର ସଂଘ ପକ୍ଷରୁ ଭିମ୍‌ସାର ନିର୍ଦ୍ଦେଶକଙ୍କୁ ଦାବିପତ୍ର ପ୍ରଦାନ କରାଯାଇଥିଲା। ଏ ଦିଗରେ ପଦକ୍ଷେପ ଗ୍ରହଣ କରା ନ ଗଲେ ୧୪ରୁ ଧାରଣା ଦେବାକୁ ଚେତାବନୀ ମଧ୍ୟ ଦିଆଯାଇଥିଲା। ଉକ୍ତ ଦାବିପତ୍ରର ଏକକିତା ନକଲ ୫-ଟି ଅଧକ୍ଷ, ଡିଏମ୍‌ଇଟି, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ସଚିବ, ଆର୍‌ଡିସିଙ୍କ ସଚିବ ଓ ଭିମ୍‌ସାର ଅଧୀକ୍ଷକଙ୍କୁ ମଧ୍ୟ ପ୍ରେରଣ କରାଯାଇଥିଲା। ତେବେ ପଦକ୍ଷେପ ଗ୍ରହଣ କରା ନ ଯିବାରୁ କନିଷ୍ଠ ଡାକ୍ତରମାନେ ବୁଧବାର ପ୍ରତୀକାତ୍ମକ ଶୋଭାଯାତ୍ରା କରିଥିବାବେଳେ ଗୁରୁବାରଠାରୁ ଧାରଣାରେ ବସିଛନ୍ତି। ଦାବି ପୂରଣ ନ ହେବା ପର୍ଯ୍ୟନ୍ତ ଆନ୍ଦୋଳନ ଜାରି ରହିବ ବୋଲି କନିଷ୍ଠ ଡାକ୍ତର ସଂଘ ପକ୍ଷରୁ ସଭାପତି ଡା. ପୁନିତ ଛାବାରିଆ, ସାଧାରଣ ସମ୍ପାଦକ ଯଯାତି କେଶରୀ ପାଣିଗ୍ରାହୀ ସୂଚନା ଦେଇଛନ୍ତି।

# ୱାର୍ଡସଭ୍ୟ ସଂଘର ଗଣଧାରଣା, ଦାବିପତ୍ର ପ୍ରଦାନ

କୁଚିଣ୍ଡା,୧୪ା୩(ବିରଞ୍ଚି ଦର୍ଜୀ)

କୁଚିଣ୍ଡା ଉପଖଣ୍ଡ ନିଖିଳ ଓଡ଼ିଶା ୱାର୍ଡସଭ୍ୟ ସଂଘ ପକ୍ଷରୁ ଗୁରୁବାର ଉପଜିଲାପାଳ ଅଫିସ ସମ୍ମୁଖରେ ଗଣଧାରଣା ସହ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଉପଜିଲାପାଳଙ୍କୁ ୫ ଦଫା ଦାବିପତ୍ର ପ୍ରଦାନ କରାଯାଇଛି। ସଂଘର ଉପଦେଷ୍ଟା ସୁବାସ ଚନ୍ଦ୍ର ନାୟକ ଓ ସାଧାରଣ ସମ୍ପାଦିକା ଧନମତି ରୋହିଦାସଙ୍କ ନେତୃତ୍ୱରେ ୱାର୍ଡ ସଭ୍ୟମାନେ ଏକ ଶୋଭାଯାତ୍ରାରେ ଆସି ଉପଜିଲାପାଳ କାର୍ଯ୍ୟାଳୟ ସମ୍ମୁଖରେ ବିଭିନ୍ନ ଦାବିନେଇ ଗଣଧାରଣା ଦେଇଥିଲେ। ଏହି ଆନ୍ଦୋଳନରେ ଭାଜପା ରାଜ୍ୟ ଉପସଭାପତି ତଥା ପୂର୍ବତନ ବିଧାୟକ ରବିନାରାୟଣ ନାଏକ ସାମିଲ ହୋଇ ତାଙ୍କର ନ୍ୟାଯ୍ୟ ଦାବି ପ୍ରତି ସରକାର ଦୃଷ୍ଟିଦେବାକୁ କହିଥିଲେ। ପରେ ଉପଜିଲାପାଳଙ୍କ ଅନୁପସ୍ଥିତିରେ ସହକାରୀ ଜିଲାପାଳ ଲୋଚନ ଶବରଙ୍କୁ ମୁଖ୍ୟମନ୍ତ୍ରୀ ଓ ୫- ଟି ଅଧକ୍ଷଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରାଯାଇଥିଲା। ପ୍ରଦତ୍ତ ଦାବିପତ୍ରରେ ପଞ୍ଚାୟତର ଲୋକପ୍ରତିନିଧି ୱାର୍ଡ ସଭ୍ୟଙ୍କ ମାସିକ ଭତ୍ତା ୫ହଜାର ଟଙ୍କା, ପଞ୍ଚାୟତରେ ତାଙ୍କ ପାଇଁ ସ୍ୱତନ୍ତ୍ର ପ୍ରକୋଷ୍ଠ ବ୍ୟବସ୍ଥା, ହିତାଧିକାରୀଙ୍କ ସଦୃଶ ସମସ୍ତ ୱାର୍ଡ ସଭ୍ୟଙ୍କୁ ବାସଗୃହ ଯୋଗାଇଦେବା, ଗ୍ରାମସଭା ଓ ପଲ୍ଲିସଭାର ନିଷ୍ପତ୍ତିକୁ କାର୍ଯ୍ୟକାରୀ କରିବା ଏବଂ ଡ୍ରେସ୍ କୋଡ୍ ଲାଗୁ କରିବା ଆଦି ଉଲ୍ଲେଖ କରାଯାଇଛି। ଏହି ଆନ୍ଦୋଳନରେ ମନୋରମା ଛତ୍ରିଆ, ଗୀତା କାହାଳି, ସୁଦର୍ଶନୀ ତଣ୍ଡିଆ, ରେବତୀ କୁସୁମ, ସୌଦାମିନୀ ଅମାତ, ବାସନ୍ତୀ ମୁଣ୍ଡା, ଶାନ୍ତିଲତା ନାଏକ, ରଞ୍ଜିତା ନାଏକ, କନକ ନାଏକ, ସୁରେନ୍ଦ୍ର ଷଣ୍ଢ, ମନବୋଧ କିଷାନ, ରଞ୍ଜିତ କିଷାନ, ସନ୍ତୋଷ ମୁଣ୍ଡା, ସୂର୍ଯ୍ୟ କିଷାନଙ୍କ ସମେତ କୁଚିଣ୍ଡା, ବାମରା ଓ ଜମନକିରା ବ୍ଲକ ଅଧୀନ ବିଭିନ୍ନ ପଞ୍ଚାୟତର ଶତାଧିକ ୱାର୍ଡ ସଭ୍ୟାସଭ୍ୟ ଯୋଗଦେଇଥିଲେ।



ୱାର୍ଡସଭ୍ୟ ସଂଘ ପକ୍ଷରୁ ଦାବିପତ୍ର ପ୍ରଦାନ କରାଯାଉଛି।

### ବ୍ରିଜ୍ ନିର୍ମାଣ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ

ସମ୍ବଲପୁର,୧୪ା୩ (ଭବାନୀ ଶଙ୍କର ଭୋଇ)

ଯୁଯୁମୁରା ବ୍ଲକ୍ ଅନ୍ତର୍ଗତ କେଶାପାଲି ପଞ୍ଚାୟତ ପିଡବ୍ଲୁଡି ରାସ୍ତାରୁ ଅଇଁଲାଝରନ ଗ୍ରାମକୁ ସଂଯୋଗ କରୁଥିବା ରାସ୍ତା ଉପରେ ବ୍ରିଜ ନିର୍ମାଣ ପାଇଁ ଦୀର୍ଘଦିନରୁ ଦାବି ହୋଇଆସୁଥିଲା। ବିଜୁ ସେତୁ ଯୋଜନାରେ ୧ କୋଟି ୯୯ ଲକ୍ଷ ୭୦ ହଜାର ଟଙ୍କା ବ୍ୟୟରେ ନିର୍ମାଣ ହେବାକୁ ଥିବା ଏହି ବ୍ରିଜ ପାଇଁ ଗୁରୁବାର ରେଢ଼ାଖୋଲ ବିଧାୟକ ରୋହିତ ପୂଜାରୀ ଭିତ୍ତି ପ୍ରସ୍ତର ସ୍ଥାପନ କରିଛନ୍ତି। ସେହିପର ଦାନ୍ତରି ଗାଁରୁ ଧାଡୁମୁଣ୍ଡା ରାସ୍ତା ଉପରେ ମଧ ବିଜୁ ସେତୁ ଯୋଜନାରେ ୫ କୋଟି ୪୨ଲକ୍ଷ ୫୯ ଟଙ୍କା ବ୍ୟୟ ଅଟକଳରେ ବ୍ରିଜ ନିର୍ମାଣ ପାଇଁ ବିଧାୟକ ପୂଜାରୀ ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି। ପରେ ବିଧାୟକ ସ୍ଥାନୀୟ ଲୋକଙ୍କ ସହ ବିଭିନ୍ନ ସମସ୍ୟା ବିଷୟରେ ଆଲୋଚନା କରିଥିଲେ।

### ଭୀମ ଆର୍ମି ପକ୍ଷରୁ ତହସିଲ ଅଫିସରେ ବିକ୍ଷୋଭ

**ସମ୍ବଲପୁର,୧୪ା୩(ବି.ଶଙ୍କର)**

ସମ୍ବଲପୁର ଜିଲା ଭୀମ ଆର୍ମି ପକ୍ଷରୁ ଭୂମିହୀନ ଗରିବ ପରିବାରକୁ ଘରଡିହ ଜମି ପଟ୍ଟା ଦାବିରେ ଗୁରୁବାର ମାନେଶ୍ୱର ତହସିଲ ଅଫିସ ଘେରାଉ କରାଯାଇଥିଲା। ଦୀର୍ଘଦିନ ହେବ ତହସିଲଦାରଙ୍କୁ ୧୪୫୯ ଭୂମିହୀନ ପରିବାର ପଟ୍ଟା ପାଇଁ ଆବେଦନ କରିଥିଲେ। ହେଲେ ତହସିଲ ଅଫିସ ପକ୍ଷରୁ କୌଣସି ପଦକ୍ଷେପ ନିଆଯାଇ ନାହିଁ। ଏହାର ପ୍ରତିବାଦରେ ଶତାଧିକ ଭୂମିହୀନ ମହିଳା ଗୁଣ୍ଡେରପୁର ସ୍କୁଲ ସାମ୍ନାରୁ ଶୋଭାଯାତ୍ରାରେ ଯାଇ ତହସିଲ ଅଫିସ ଆଗରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଅତିରିକ୍ତ ତହସିଲଦାରଙ୍କୁ ଦାବିପତ୍ର ପ୍ରଦାନ କରାଯାଇଥିଲା। ଖୁବ୍‌ଶୀଘ୍ର ପଟ୍ଟା ଦିଆଯିବ ବୋଲି ଆନ୍ଦୋଳନକାରୀଙ୍କୁ ପ୍ରତିଶ୍ରୁତି ଦିଆଯାଇଛି। ଲଙ୍କେଶ ରାବଣ ଆନ୍ଦୋଳନର ନେତୃତ୍ୱ ନେଇଥିଲେ।

# କୃଷି ସମବାୟ ସମିତି କର୍ମଚାରୀଙ୍କ ଆନ୍ଦୋଳନ ସ୍ଥଗିତ

ସମ୍ବଲପୁର,୧୪ା୩ (ଭବାନୀ ଶଙ୍କର ଭୋଇ)-ରାଜ୍ୟ ସରକାର ଓଡ଼ିଶା ପ୍ରାଥମିକ କୃଷି ସମବାୟ ସମିତି କର୍ମଚାରୀଙ୍କ ବିଭିନ୍ନ ଦାବି ପୂରଣ କରିବା ପରେ ସଂଘ ପକ୍ଷରୁ ଆନ୍ଦୋଳନ ସ୍ଥଗିତ କରାଯାଇଛି। ଏ ନେଇ ଗୁରୁବାର ମହାସଂଘର ସାଧାରଣ ସମ୍ପାଦକ ନୀତେଶ ସାହୁ ସୂଚନା ଦେଇଛନ୍ତି। ସମବାୟ କର୍ମଚାରୀ ଆନ୍ଦୋଳନରେ ସାମିଲହେବା ଯୋଗୁ ଡାଲୁଅ ଚାଷ ପାଇଁ ପଞ୍ଜୀକରଣ କାମ ଆରମ୍ଭ ହୋଇପାରି ନ ଥିଲା। ଗତ ବୁଧବାର ସମବାୟ ମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକଙ୍କ ଅଧ୍ୟକ୍ଷତାରେ ଲୋକସେବା ଭବନରେ ବିଭାଗୀୟ ଉଚ୍ଚ ପଦାଧିକାରୀ ଓ ମହାସଂଘର ପ୍ରତିନିଧି ଦୀର୍ଘ ସମୟ ଧରି ଆଲୋଚନା କରିଥିଲେ। ପରେ ସରକାର ବିଭିନ୍ନ ଦାବି ପୂରଣ ନେଇ ସହମତି ପ୍ରକାଶ କରିଥିବା ମହାସଂଘ ପକ୍ଷରୁ ସୂଚନା ଦିଆଯାଇଛି। କୃଷକ ପଞ୍ଜୀକରଣ, ମହଙ୍ଗା ଭତ୍ତା, ସପ୍ତମ ବେତନ କମିଶନ ସୁପାରିସ ଅନୁସାରେ ବେତନ ପ୍ରଦାନ ଆଦି ଦାବିକୁ ରାଜ୍ୟ ସରକାର ପୂରଣ କରିଥିବାରୁ ମହାସଂଘ ପକ୍ଷରୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଧନ୍ୟବାଦ ଜ୍ଞାପନ କରାଯାଇଛି। ଏହାସହ ଦୀର୍ଘଦିନ ଧରି ଚାଲିଥିବା ଆନ୍ଦୋଳନକୁ ବିଧାନସଭା ଓ ଲୋକ ସଭା ନିର୍ବାଚନ ପ୍ରକ୍ରିୟା ଶେଷ ହେବା ପର୍ଯ୍ୟନ୍ତ ସ୍ଥଗିତ କରାଯାଇଥିବା ନେଇ ମହାସଂଘର ସାଧାରଣ ସମ୍ପାଦକ ସୂଚନା ଦେଇଛନ୍ତି। ରାଜ୍ୟର କୃଷି ଓ କୃଷକମାନଙ୍କ ଉନ୍ନତି ପାଇଁ କୃଷିଋଣ, ଅନ୍ୟାନ୍ୟ ଆନୁଷଙ୍ଗିକ ସାର, ବିହନ, କୀଟନାଶକ, ଧାନ ସଂଗ୍ରହରେ ସବୁ ପ୍ରକାର ସାହାଯ୍ୟ ସହଯୋଗ ଯୋଗାଇଦେବା ପାଇଁ ମହାସଂଘ ପକ୍ଷରୁ ସମସ୍ତ ସମବାୟ କର୍ମଚାରୀଙ୍କୁ ଅନୁରୋଧ କରାଯାଇଛି।

# ମିଶନ ଶକ୍ତି ପକ୍ଷରୁ ଖୋଲିଲା ଜୈବିକ ହାଟ

କୁଚିଣ୍ଡା,୧୪ା୩(ବିରଞ୍ଚି ଦର୍ଜୀ)

କୁଚିଣ୍ଡା ବ୍ଲକର କୁଟୁରାଚୁଆଁ ସାପ୍ତାହିକ ହାଟରେ ଗୁରୁବାର ମିଶନ ଶକ୍ତି ମହିଳାଙ୍କ ପକ୍ଷରୁ ଜୈବିକ ପଦ୍ଧତିରେ ଉତ୍ପାଦ ପନିପରିବା ବିକ୍ରିର ଶୁଭାରମ୍ଭ ହୋଇଯାଇଛି। ଏଥିରେ ଓଡ଼ିଶା ଜୀବିକା ମିଶନ ଓ ଏଫ୍‌ଇଏସ୍ (ଫାଉଣ୍ଡେଶନ ଫର ଇକୋଲୋଜିକାଲ ସିକ୍ୟୁରିଟି)ପ୍ରୋଗ୍ରାମ ମ୍ୟାନେଜର ସ୍ନେହପ୍ରଭା ସାହୁ ମୁଖ୍ୟଅତିଥି ଓ ଜିଲା ସଂଯୋଜକ ସଞ୍ଜୀବ କୁମାର ସାହୁ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଜୈବିକ ହାଟର ଉଦ୍‌ଘାଟନ କରିଥିଲେ। ପରେ କୁଚିଣ୍ଡା ବ୍ଲକର ମାଷ୍ଟର ଟ୍ରେନର ଲମ୍ବୋଦର କୁମୁରାଙ୍କ ତତ୍ତ୍ୱାବଧାନରେ ଜୈବିକ ପଦ୍ଧତି ଫସଲ ନିମନ୍ତେ ଏକ ସଚେତନତା ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ରାସାୟନିକ ପଦ୍ଧତି ଚାଷ ପରିବର୍ତ୍ତେ ଚାଷୀମାନେ କିଭଳି ସଚେତନ ହୋଇ ଜୈବିକ ପଦ୍ଧତିରେ ବିଷମୁକ୍ତ ଫସଲ ଉତ୍ପାଦନ କରିବେ ସେ ନେଇ ସଚେତନତା ସୃଷ୍ଟି କରାଯାଇଥିଲା। ଜୈବିକ ପଦ୍ଧତିରେ ଉତ୍ପାଦନ ହୋଇଥିବା କୋବି, ଆଳୁ, ଟମାଟୋ, ବାଇଗଣ, ଭେଣ୍ଡି, କଲରା, ଝୁଡ଼ଙ୍ଗ, କାକୁଡି, ପିଆଜ ଆଦିକୁ ଖାଉଟିମାନେ ପସନ୍ଦ କରି କିଣିଥିବା ଦେଖିବାକୁ ମିଳିଥିଲା। ଏହି କାର୍ଯ୍ୟକ୍ରମରେ ପଞ୍ଚାୟତର ୱାର୍ଡମେମ୍ବର,ଏମ୍‌ବିକେ, ସିଆର୍‌ପି, ପ୍ରାଣୀମିତ୍ର, କୃଷିମିତ୍ର, ଇସି ମେମ୍ବରମାନେ ଉପସ୍ଥିତ ଥିଲେ।

# କିଡ୍‌ନୀ ଦିବସରେ ବିକାଶ ହସ୍ପିଟାଲ ପକ୍ଷରୁ ୱାକାଥନ



କିଡ୍‌ନୀ ସଚେତନତା ପାଇଁ ୱାକାଥନ।

ସମ୍ବଲପୁର,୧୪ା୩ (ଭବାନୀ ଶଙ୍କର ଭୋଇ)

ବିଶ୍ୱ କିଡ୍‌ନୀ ଦିବସ ଅବସରରେ ଗୁରୁବାର ବିକାଶ ହସ୍ପିଟାଲ ପକ୍ଷରୁ ସମ୍ବଲପୁରରେ ୱାକାଥନ ଅନୁଷ୍ଠିତ ହୋଇଯାଇଛି। କିଡ୍‌ନୀ ରୋଗ ଓ ନିରାକରଣ ସମ୍ପର୍କରେ ସଚେତନତା ସୃଷ୍ଟି ଉଦ୍ଦେଶ୍ୟରେ ଆୟୋଜିତ ଏହି ୱାକାଥନ ଅଇଁଠାପାଲି ଛକରୁ ଆରମ୍ଭ ହୋଇ ଜଗନ୍ନାଥ କଲୋନୀ ପାର୍କରେ ଶେଷ ହୋଇଥିଲା। ଅଇଁଠାପାଲି ଛକରେ ଜିଲା ଅତିରିକ୍ତ ସ୍ୱାସ୍ଥ୍ୟ ଅଧିକାରୀ ପ୍ରମୋଦ ଚନ୍ଦ୍ର ବିଶ୍ୱାଳ ମୁଖ୍ୟଅତିଥି ଭାବରେ ଯୋଗଦେଇ ପତାକା ଦେଖାଇ ୱାକାଥନକୁ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ବିକାଶ ହସ୍ପିଟାଲର ପରିଚାଳନା ନିର୍ଦ୍ଦେଶକ ଜି. ଭାସ୍କର ରାଓ, କିଡ୍‌ନୀ ରୋଗ ବିଶେଷଜ୍ଞ ମୁକେଶ କର, ବିକାଶ ହସ୍ପିଟାଲର ପରିଚାଳକ ଡ. ଏସ୍. ଘୋଷ, ଡ. ଦିଲୀପ ନନ୍ଦ ପ୍ରମୁଖ ଉପସ୍ଥିତ ଥିଲେ। ୱାକାଥନରେ ବିକାଶ ସ୍କୁଲର ଛାତ୍ରୀଛାତ୍ର ଓ ହସ୍ପିଟାଲର କର୍ମକର୍ତ୍ତା ସାମିଲ ହୋଇଥିଲେ।

# ସୁରଜ ବିଶ୍ୱାଳଙ୍କ ଶ୍ରଦ୍ଧାଞ୍ଜଳି ସଭା

ସମ୍ବଲପୁର,୧୪ା୩ (ଭବାନୀ ଶଙ୍କର ଭୋଇ)

ସମ୍ବଲପୁର କ୍ଲବ୍‌ର ପୂର୍ବତନ ସମ୍ପାଦକ ଯୁବ ଆଇନଜୀବୀ ସୁରଜ ବିଶ୍ୱାଳଙ୍କ ବିୟୋଗରେ ଗୁରୁବାର କ୍ଲବ ପରିସରରେ ଏକ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଯାଇଛି। ଭବାନୀ ମିସ୍ତ୍ରୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ଅକ୍ଷୟ ପ୍ରଧାନ, ପ୍ରଦୀପ ପଣ୍ଡା, ସରୋଜ ସାହୁ, ସୁରେଶ ରାୟ, ଅଭିନନ୍ଦନ ବେହେରା, ଗୁରୁ ଚରଣ ସିଂ, ସୁବୋଧ ଦୋରା ପ୍ରମୁଖ ଯୋଗଦେଇ ସୁରଜଙ୍କ ସ୍ମୃତିଚାରଣ କରିଥିଲେ। ଏହି ଅବସରରେ ତାଙ୍କ ଅମର ଆତ୍ମାର ସଦ୍‌ଗତି ପାଇଁ ୨ମିନିଟ୍ ନୀରବ ପ୍ରାର୍ଥନା ସ୍ୱସହ ଶୋକସନ୍ତପ୍ତ ପରିବାର ବର୍ଗଙ୍କୁ ସମବେଦନା ଜ୍ଞାପନ କରାଯାଇଥିଲା।

# ଯୁବକଙ୍କ ସନ୍ଦେହ ଜନକ ମୃତ୍ୟୁ

**ଦେବଗଡ,୧୪ା୩(ଶଶାଙ୍କ ଶେଖର ଝାଙ୍କର):** ଦେବଗଡ଼ ଥାନା ବଳମ ପଞ୍ଚାୟତ ନୂଆଗାଁ ଗ୍ରାମରେ ବୁଧବାର ବିଳମ୍ବିତ ରାତିରେ ଜଣେ ଯୁବକଙ୍କ ସନ୍ଦେହଜନକ ମୃତ୍ୟୁ ଘଟିଛି। ମୃତକ ହେଲେ ଉକ୍ତ ଗ୍ରାମର ଧୃବଚରଣ ସାହୁ(୪୨)। ଦେବଗଡ଼ ଆଦର୍ଶ ଥାନା ପୋଲିସ ଏକ ମାମଲା ରଜୁ କରିବା ସହ ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ତେବେ କେଉଁ କାରଣରୁ ଧୃବଚରଣଙ୍କ ମୃତ୍ୟୁ ଘଟିଛି ତାହା ବର୍ତ୍ତମାନ ପର୍ଯ୍ୟନ୍ତ ସ୍ପଷ୍ଟ ହୋଇନାହିଁ। ବ୍ୟବଚ୍ଛେଦ ରିପୋର୍ଟ ଆସିବାପରେ ମୃତ୍ୟୁର କାରଣ ଜଣାପଡିବ ବୋଲି ପୋଲିସ ପକ୍ଷରୁ କୁହାଯାଇଛି। ମୃତ ଧୃବଚରଣ ସ୍ତ୍ରୀଙ୍କ ଅଭିଯୋଗ ଅନୁଯାୟୀ, ସମ୍ବଲପୁର ଜିଲାର କୁସୁମିରେ ରହି ଧୃବ ବାଇକ୍ ସଜାଡିବା କାମ କରୁଥିଲେ। ବୁଧବାର ରାତିରେ ନିଶାଶକ୍ତ ଅବସ୍ଥାରେ ନୂଆଗାଁ ସ୍ଥିତ ନିଜ ଘରକୁ ଆସି ସ୍ତ୍ରୀ, ପୁଅ ଓ ଶାଶୁଙ୍କୁ ଗାଳି ଗୁଲଜ କରିଥିଲେ। ଏହାର ପ୍ରତିବାଦ କରିବାରୁ ସେମାନଙ୍କୁ ଏକ କୋଠରୀରେ ପୁରାଇ ବାହାର ପଟୁ ବନ୍ଦ କରିଦେଇଥିଲେ। ଏହାପରେ ଅନତି ଦୂରରେ ଥିବା ଏକ ଆମ୍ବ ଗଛରେ ରଶି ଲଗାଇ ଆତ୍ମହତ୍ୟା ଉଦ୍ୟମ କରିଥିଲେ। ଏ ସମ୍ପର୍କରେ ଜାଣିବାପରେ ତାଙ୍କ ସ୍ତ୍ରୀ ଓ ପୁଅ କୌଣସି ପ୍ରକାରେ ବାହାରକୁ ବାହାରିବା ସହ ଧୃବଚରଣଙ୍କୁ ଗଛ ଉପରୁ ଜୀବୀତ ଅବସ୍ଥାରେ ଉଦ୍ଧାର କରି ତଳକୁ ଓହ୍ଲାଇଥିଲେ। ତୁରନ୍ତ ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ଆଣିଥିଲେ। ମାତ୍ର ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

# ଉନ୍ନୟନ ମୂଳକ କାର୍ଯ୍ୟ ସମ୍ପର୍କରେ ଆଲୋଚନା

## ବରିଷ୍ଠ ନାଗରିକ କମିଟିର ବୈଠକ

**ଦେବଗଡ,୧୪ା୩(ଶଶାଙ୍କ ଶେଖର ଝାଙ୍କର)**

ରିଆମାଳ ବ୍ଲକ ସନ୍ତ ଘାଟି ମନ୍ଦିର ପରିସରରେ ଗୁରୁବାର ରିଆମାଳ ବ୍ଲକ ବରିଷ୍ଠ ନାଗରିକ କମିଟିର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ରିଆମାଳ ବ୍ଲକର ବରିଷ୍ଠ ନାଗରିକ କମିଟି ସଭାପତି ଜନାର୍ଦ୍ଦନ ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ବୈଠକରେ କମିଟି ସମ୍ପାଦକ ଯୋଗେଶ୍ୱର ବିଶ୍ୱାଳ, ସଦସ୍ୟ ପବିତ୍ର ମୋହନ ନାଏକ, ସନ୍ତୋଷ କୁମାର ସାହୁ, ହରିଶ୍ଚନ୍ଦ୍ର ବିଶ୍ୱାଳ,ପବିତ୍ର ପ୍ରଧାନ, ଗୁରୁଚରଣ ସାହୁ, ପ୍ରମୋଦ କୁମାର ପ୍ରଧାନ, ପ୍ରମୋଦ କୁମାର ଝାଙ୍କର, ଉଦୟ ପ୍ରଧାନ, ବସନ୍ତ ପ୍ରଧାନ, ବିରଞ୍ଚି ପ୍ରଧାନ, ଦେବାର୍ଚ୍ଚନ ପ୍ରଧାନ, କାହ୍ନୁ ପ୍ରଧାନ, ଗୋବିନ୍ଦ ପ୍ରଧାନ, ପଲଉ ନାୟକ ଓ ଦିବାକର ପ୍ରଧାନଙ୍କ ସମେତ ବହୁ ସଦସ୍ୟ ଉପସ୍ଥିତ ରହି ରିଆମାଳରେ ତୁରନ୍ତ ସବ୍‌ରେଜିଷ୍ଟ୍ରାର କାର୍ଯ୍ୟାଳୟ ଖୋଲିବା,ରିଆମାଳ ବ୍ଲକକୁ ଏକ ରାଜସ୍ୱ ସବ୍ ଡିଭିଜନ ଓ ପୋଲିସ ସବ୍‌ଡିଭିଜନର ମାନ୍ୟତା ପ୍ରଦାନ, ଗୋହିରା ଡ୍ୟାମର ସମସ୍ତ ଆୟକଟ ଅଞ୍ଚଳକୁ ଜଳ ସେଚନ ବ୍ୟବସ୍ଥା,ନାଳ ଗୁଡିକରେ ଆନିକଟ କରି ଚାଷ ଜମିକୁ ଜଳ ସେଚନ ବ୍ୟବସ୍ଥା କରିବା, ନିର୍ମାଣଧିନ ମେଗା ଜଳ ସସେଚନ ପ୍ରକଳ୍ପ କାର୍ଯ୍ୟକୁ ତୁରନ୍ତ ସମ୍ପୂର୍ଣ୍ଣ କରିବା, ଦୂଷୀତ ଜଳ ବ୍ୟବହାର ଯୋଗୁ ଟିଙ୍କବୀର ଓ ଆଖପାଖ ଅଞ୍ଚଳର ଲୋକଙ୍କ ସ୍ୱାସ୍ଥ୍ୟ ଅବସ୍ଥା ଦୃଷ୍ଟିରୁ ସମ୍ପୃକ୍ତ ଅଞ୍ଚଳରେ ବିଶୁଦ୍ଧ ପାନୀୟ ଜଳର ବ୍ୟବସ୍ଥା କରିବା, ଫଳ ଓ ପନିପରିବାର ସଂରକ୍ଷଣ ନିମନ୍ତେ ଶୀତଳ ଭଣ୍ଡାର ସ୍ଥାପନ କରିବା, ଫୁଡପାର୍କ ନିର୍ମାଣ, ଭାରତ ସରକାରଙ୍କ ସେଣ୍ଟ୍ରାଲ ଇନଷ୍ଟିଚ୍ୟୁଟ ଅଫ ଫୁଡ ଟେକନୋଲୋଜି ପକ୍ଷରୁ ଗବେଷଣା କେନ୍ଦ୍ର ସ୍ଥାପନ ଓ ରେଙ୍ଗାଲବେଡା ସ୍ୱାସ୍ଥ୍ୟକେନ୍ଦ୍ରର ଉନ୍ନତିକରଣ ବିଷୟରେ ସବିଶେଷ ଆଲୋଚନା କରିଥିଲେ। ଏଥିସହ ଝାରସୁଗୁଡା-ବାରକୋଟ ଭାୟା ତିଲେଇବଣି, ରିଆମାଳ, ଦେବଗଡ ରେଳପଥ ଡିପିଆର୍‌ର ଅଗ୍ରଗତି ସମ୍ପର୍କରେ ଆଲୋଚନା କରାଯିବା ସହ ଏଥିନିମନ୍ତେ ପୂର୍ବତଟ ରେଳପଥର ଜେନେରାଲ ମ୍ୟାନେଜରଙ୍କୁ ସାକ୍ଷାତ କରିବାକୁ ମଧ ଏହି ବୈଠକରେ ସର୍ବ ସମ୍ମତି କ୍ରମେ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା ।

# କଂଗ୍ରେସର ସାଙ୍ଗଠନିକ ବୈଠକ



**ଦେବଗଡ,୧୪ା୩(ଶଶାଙ୍କ ଶେଖର ଝାଙ୍କର)**

ରିଆମାଳ ବ୍ଲକ ତେନ୍ତୁଲାବାହାଲ ପଞ୍ଚାୟତ ସଦର ମହକୁମାରେ ଜିଲା କଂଗ୍ରେସର ଏକ ପଞ୍ଚାୟତ ସ୍ତରୀୟ ସାଙ୍ଗଠନିକ ବୈଠକ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ମୁଖ୍ୟ ଅତିଥିଭାବେ ଜିଲା କଂଗ୍ରେସ ସଭାପତି ସେମ ହେମ୍ବ୍ରମ ଯୋଗଦେଇ ଦଳୀୟ କର୍ମୀଙ୍କ ସହିତ ସମ୍ପୃକ୍ତ ଅଞ୍ଚଳର ବିଭିନ୍ନ ସମସ୍ୟା ଓ ଏଗୁଡିକର ସମାଧାନ ସମ୍ପର୍କରେ ଆଲୋଚନା କରିଥିଲେ। ଏଥିସହ ପ୍ରତ୍ୟେକ କର୍ମୀ ଘର ଘର ବୁଲି ଜନସାଧାରଣଙ୍କୁ ସାହାଯ୍ୟ ସହଯୋଗ କରିବା ସହ କଂଗ୍ରେସ ସଙ୍ଗଠନକୁ ଅଧିକ ସୁଦୃଢ କରିବାକୁ ପରାମର୍ଶ ଦେଇଥିଲେ। ଏହି ଅବସରରେ କଂଗ୍ରେସ କର୍ମୀମାନେ ଆଗାମୀ ସାଧାରଣ ନିର୍ବାଚନରେ ଦଳର ଉଭୟ ସାଂସଦ ଓ ବିଧାୟକ ପ୍ରାର୍ଥୀଙ୍କୁ ବିଜୟୀ କରିବାକୁ ସଂକଳ୍ପ ନେଇଥିଲେ। ଏହି ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ସୁନୀଲ ଦଳବେହେରା, ଶ୍ରୀତମ ସାହୁ ଓ ଦ୍ୱିତୀକୃଷ୍ଣ ପ୍ରଧାନଙ୍କ ସମେତ ଦଳର ବହୁ ନେତା ଓ କର୍ମୀ ଉପସ୍ଥିତ ଥିଲେ।

## ସଂକ୍ଷେପରେ

### ୨୨ଖଣ୍ଡ ଶାଗୁଆନ ଗଣ୍ଡି ଜବତ, ୨ଗିରଫ



ଦେଓଗାଁ,୧୪।୩(କୃଷ୍ଣପ୍ରସାଦ ପାଣିଗ୍ରାହୀ)

ବଲାଙ୍ଗୀର ଜିଲା ଦେଓଗାଁ ଜଙ୍ଗଲ ବିଭାଗ ଅଧିନ ରତାଖଣ୍ଡି ନିକଟ ତୁର୍ଲା ଗ୍ରାମ୍ୟ ଜଙ୍ଗଲରୁ ଗୁରୁବାର ଅପରାହ୍ଣରେ ଲକ୍ଷାଧିକ ଟଙ୍କାର ଶାଗୁଆନ ଗଣ୍ଡି ଜବତ ହୋଇଛି। ଏହି ଘଟଣାରେ ସଂଶ୍ଳିଷ୍ଟ ଥିବା ଅଭିଯୋଗରେ ୨ଜଣଙ୍କୁ ଗିରଫ କରିଛି ଦେଓଗାଁ ବନ ବିଭାଗ । ଗିରଫ ଅଭିଯୁକ୍ତ ହେଲେ ତୁର୍ଲାର ରଞ୍ଜିତ ଭୋଇ ଓ ରତାଖଣ୍ଡିର ପୃଥ୍ୱୀରାଜ ପଧାନ । ଏନେଇ ଏକ ମାମଲା ରୁଜୁ କରାଯାଇ ତଦନ୍ତ ଚାଲିଥିବାବେଳେ ଶୁକ୍ରବାର ଅଭିଯୁକ୍ତମାନଙ୍କୁ କୋର୍ଟ ଚାଲାଣ କରାଯିବ ବୋଲି ବିଭାଗ ସୂଚନା ଦେଇଛି। ବଲାଙ୍ଗୀର ଡିଏଫଓଙ୍କ ନିର୍ଦ୍ଦେଶ କ୍ରମେ ସ୍ଥାନୀୟ ରେଞ୍ଜର ଯୁଧିଷ୍ଠିର ଜାଲଙ୍କ ତତ୍ତ୍ୱାବଧାନରେ ଫରେଷ୍ଟର ବ୍ୟାସଦେବ ସାହୁ ଓ ଜନ୍ମେଜୟ ପାଣିଗ୍ରାହୀ ତଥା ବନ କର୍ମଚାରୀ ଅତର୍କିତ ଚଢାଉ କରିଥିଲେ। ସେଠାରେ ୩/୪ ଫୁଟ ଗୋଲେଇ ଆକାରର ୨୨ଟି ଶାଗୁଆନ ଗଣ୍ଡି ଜବତ ହୋଇଥିଲା । କାଠ କାଟୁଥିବା ୨ଜଣଙ୍କୁ ଗିରଫ କରାଯାଇଥିଲା।

### ଗଛକଟା ଅଭିଯୋଗରେ ମାମଲା ରୁଜୁ

ଦେଓଗାଁ,୧୪।୩(କୃଷ୍ଣପ୍ରସାଦ ପାଣିଗ୍ରାହୀ)

ବଲାଙ୍ଗୀର ଜିଲା ଦେଓଗାଁ ଜଙ୍ଗଲ ବିଭାଗ ଅଧିନସ୍ଥ ଉଡାର ପ୍ରାଥମିକ ବିଦ୍ୟାଳୟ ନିକଟରେ ଏକ ପୁରୁଣା ବରଗଛ ଶାଖାକୁ କାଟିବା ଅଭିଯୋଗରେ ଜଣେ ଯୁବକଙ୍କ ନାଁରେ ମାମଲା ରୁଜୁ ହୋଇଛି। ଉଡାର କଲ୍ୟାଣ ମଣ୍ଡପକୁ ଲାଗି ଲକ୍ଷ୍ମୀବସ୍ ଷ୍ଟପ୍ ପାଇଁ ଯାତ୍ରୀ ପ୍ରତୀକ୍ଷାଳୟ ନିର୍ମାଣ ଆରମ୍ଭ ହୋଇଛି । ଉକ୍ତ କାମ ତଦାରଖ କରୁଥିବା ଯୁବକ ଜଣକ ନିକଟରେ ଥିବା ପୁରାତନ ବରଗଛର ଦୁଇଟି ବଡ ଶାଖାକୁ କାଟି ଦେବା ନେଇ ଗାଁର କିଛି ଲୋକ ଅଭିଯୋଗ କରିଥିଲେ। ଅଭିଯୋଗକୁ ଆଧାର କରି ଫରେଷ୍ଟର ବ୍ୟାସଦେବ ସାହୁ ଘଟଣାସ୍ଥଳକୁ ପହଞ୍ଚି ଶାଖା ଗଣ୍ଡିକୁ ଜବତ କରିଥିଲେ।

### ୧୦ କୁଇଣ୍ଟାଲ ଖଇରକାଠ ଜବତ

ଖପ୍ରାଖୋଲ,୧୪।୩(ଅଭୟ ତ୍ରିପାଠୀ)

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ହରିଶଙ୍କର ବନବିଭାଗ ଚଢ଼ାଉ କରି ଭେଲୁଆଖୋଲ ଗାଁ ନିକଟରୁ ପ୍ରାୟ ୧୦କୁଇଣ୍ଟାଲ ଖାଇର କାଠ ଗୁରୁବାର ଅପରାହ୍ଣରେ ଜବତ କରିଛି। ବେଆଇନଭାବେ ଖାଇରକାଠ ଚାଲାଣ ହେଉଥିବା ଖବର ପାଇ ଖପ୍ରାଖୋଲ ବନପାଳ ସୁଧୀର କୁମାର ଜେନା, ବନରକ୍ଷୀ ରାଜେନ୍ଦ୍ର ଧରୁଆ ଚଢ଼ାଉ କରି ଖାଇର କାଠ ସହ ଏକ ବାଇକ ଓ ହାତ ଚାଳିତ ମେଶିନ କରତ ଜବତ କରିଥିଲେ। ଚଢ଼ାଉ ବେଳେ ଅଭିଯୁକ୍ତମାନେ ଫେରାର ହୋଇଯାଇଥିବା ରେଞ୍ଜ ଅଧିକାରୀ ଅରବିନ୍ଦ ନାଏକ କହିଛନ୍ତି।

# ଅଭିଯୁକ୍ତଙ୍କୁ ଗିରଫ ଦାବିରେ ଥାନା ଘେରାଉ

ପାଟଣାଗଡ,୧୪।୩(ସଚ୍ଚିଦାନନ୍ଦ ମହାକୁର)



ଲରମ୍ବା ଥାନା ସମ୍ମୁଖରେ ଆଦିବାସୀ କଲ୍ୟାଣ ସଂଘ କର୍ମକର୍ତ୍ତା।

ବଲାଙ୍ଗୀର ଜିଲା ପାଟଣାଗଡ ବ୍ଲକ ଲରମ୍ବା ଥାନା ଅନ୍ତର୍ଗତ ଫଟାମୁଣ୍ଡା ଗାଁର ଉତ୍କଳ ବରିହାଙ୍କ ମୃତଦେହ ଗତ ଫେବୃୟାରୀ ୧୧ ତାରିଖରେ ଗାଁର ଗୋପିନାଥ ସାହୁଙ୍କ ଘର ପଛପଟେ ଥିବା କୂଅରୁ ଉଦ୍ଧାର ହୋଇଥିଲା । ସେହିମାସ ୭ ତାରିଖ ସନ୍ଧ୍ୟାରୁ ଖୁଣ୍ଟସମଲେଇ ଗାଁକୁ ଭୋଜି ଖାଇବାକୁ ଯାଇ ଉତ୍କଳ ଆଉ ଘରକୁ ଫେରି ନ ଥିଲେ । ପୂର୍ବ ଶତ୍ରୁତାକୁ ନେଇ ତାଙ୍କୁ ହତ୍ୟା କରାଯାଥିବା ମୃତକଙ୍କ ସ୍ତ୍ରୀ ମୋହିନୀ ବରିହା ଥାନାରେ ଅଭିଯୋଗ କରିଥିଲେ । ଫେବୃୟାରୀ ୧୨ରେ ଆଦିବାସୀ ସଂଘ ମୃତକଙ୍କ ପରିବାର ବର୍ଗଙ୍କୁ ଭେଟି ସମବେଦନା ଜଣାଇବା ସହ ଥାନା ଅଧିକାରୀ ମନୋଜ ପଧାନଙ୍କ ସହ ଘଟଣା ସମ୍ପର୍କରେ ଆଲୋଚନା କରିଥିଲେ । ଅଭିଯୁକ୍ତଙ୍କୁ ତୁରନ୍ତ ଗିରଫ ନକଲେ ଥାନା ଘେରାଉ କରାଯିବ ବୋଲି ଚେତାବନୀ ଦେଇଥିଲେ । ଇତ୍ୟବସରେ ଏକ ମାସରୁ ଉର୍ଦ୍ଧ୍ୱ ସମୟ ବିତିଯାଇଥିଲେ ମଧ ପୋଲିସ ହତ୍ୟାକାରୀଙ୍କୁ ଧରିବାରେ ବିଫଳ ହୋଇଛି। ଏହାର ପ୍ରତିବାଦରେ ସଂଘର କର୍ମକର୍ତ୍ତାମାନେ ଲରମ୍ବା ସପ୍ତାହିକ ବଜାର ପ୍ରାଣଙ୍ଗରେ ଏକତ୍ରିତ ହୋଇଥିଲେ। ସଂଘର ଯୁଗ୍ମ ସମ୍ପାଦକ ଗିରିରାଜ ଭୋଇ ଓ ଆବାହକ ଗୌରାଙ୍ଗ ବରିହାଙ୍କ ନେତୃତ୍ୱରେ ଆଦିବାସୀମାନେ ପାରମ୍ପରିକ ଅସ୍ତ୍ରଶସ୍ତ୍ର ସହ ଏକ ଶୋଭାଯାତ୍ରାରେ ବାହାରି ଥାନା ସମ୍ମୁଖରେ ପହଞ୍ଚିଥିଲେ । ପୋଲିସ ଆନ୍ଦୋଳନକାରୀଙ୍କୁ ଗେଟ ଭିତରକୁ ପଶିବାକୁ ଦେଇ ନ ଥିଲା। ବିଭିନ୍ନ ପ୍ରକାର ନାରାବାଜି ସହ ସେମାନେ ଥାନା ଭିତରକୁ ଧସେଇ ପଶିବାକୁ ଚେଷ୍ଟା କରୁଥିବାବେଳେ ପୋଲିସ ଅଟକାଇଥିଲା। ପରେ ଏସ୍‌ଡିପିଓ ସଦାନନ୍ଦ ପୂଝାରୀ ଆନ୍ଦୋଳନକାରୀଙ୍କ ପାଖକୁ ଆସି ଦାବିପତ୍ର ଗ୍ରହଣ କରିଥିଲେ। ପାଞ୍ଚ ଦିନ ଭିତରେ ଅଭିଯୁକ୍ତଙ୍କୁ ଗିରଫ ପ୍ରତିଶ୍ରୁତି ଦେବା ପରେ ଆନ୍ଦୋଳନକାରୀ ନିଜ ଜିଦରୁ ଓହରିଥିଲେ । ଏହି ଘେରାଉରେ ସଂଘର ପାଟଣାଗଡ ବ୍ଲକ ସଭାପତି ଭୁବନେଶର କୁଅଁର, ଉପଦେଷ୍ଟା ଧ୍ରୁବଲେଶର ଭୋଇ, ରସିକ ଧରୁଆ, ଜଳ ଧରୁଆ, ମୁରଲୀ ଭୁଏ, ସହଦେବ ଧରୁଆ, ମୋହିନୀ ବରିହା, ବିନୋଦିନୀ ବରିହା, ସୁମିତ୍ରା ବିଶାଳ, ପ୍ରେମ ବରିହା ସମେତ ଶତାଧିକ କର୍ମକର୍ତ୍ତାମାନେ ଉପସ୍ଥିତ ଥିଲେ ।

## କୂଅରୁ ଯୁବକଙ୍କ ମୃତଦେହ ଜବତ ଘଟଣା

# ୨୩.୯୮ କୋଟିର ରାସ୍ତା ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ

ବଲାଙ୍ଗୀର,୧୪।୩(ବୀରେନ୍ଦ୍ର କୁମାର ଝାଙ୍କର)

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ବନ୍ଧପଡା ପଞ୍ଚାୟତର ବନ୍ଧପଡାଠାରେ ଗୁରୁବାର ବିଧାୟକ ନରସିଂହ ମିଶ୍ର ୨୩ କୋଟି ୯୮ ଲକ୍ଷ ଟଙ୍କାର ଏକ ରାସ୍ତା ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି। ଏହି ସଭାରେ ଏଆଇସିସି ସଭ୍ୟ ସମରେନ୍ଦ୍ର ମିଶ୍ର ଯୋଗଦେଇ ସରକାରଙ୍କୁ କଡା ସମାଲୋଚନା କରିଥିଲେ। ଛୁଆ ଜନ୍ମରୁ ବେକାରୀ ହେବା ପର୍ଯ୍ୟନ୍ତ ରାଜ୍ୟରେ ଗୋଟିଏ ସରକାର ଚାଲିଛି। ହେଲେ ବିଜେଡି ସରକାର ଆମ ପିଲାମାନଙ୍କ ପାଇଁ କଣ କରିଛନ୍ତି ତାର ହିସାବ ଦିଅନ୍ତୁ ବୋଲି ସେ କହିଥିଲେ। ଏହି ସରକାରରେ ଛାତ୍ର, ଯୁବକ, କୃଷକ ଏବଂ ଶ୍ରମିକଙ୍କ ଉନ୍ନତି ଆଉ ହୋଇପାରିବ ନାହିଁ। କାରଣ ଏହି ସରକାର ଏମାନଙ୍କ ପାଇଁ କିଛି ବି ଦୀର୍ଘସୂତ୍ରୀ ଯୋଜନା କରିନାହାନ୍ତି। ସରକାର କେବଳ ନିର୍ବାଚନ ଆଗରୁ ଲୋକଙ୍କୁ ଭୁଆଁ ବୁଲାଇବା ପାଇଁ ଲଲିପପ୍ ଯୋଜନା ଆଣୁଛନ୍ତି। ନିର୍ବାଚନ ପରେ ସେହି ଯୋଜନା ଆଉ ନଥିବ । ମୁଖ୍ୟଅତିଥି ବିଧାୟକ ନରସିଂହ ମିଶ୍ର ସ୍ଥାନୀୟ ସରକାରୀ ଦଳ ରାଜନେତାଙ୍କୁ ବିକାଶ ବିରୋଧୀ ବୋଲି କହିବା ସହ ବଲାଙ୍ଗୀର ରାଜପରିବାର ନାରୀ ନିର୍ଯାତନା ଓ ସିଲିଂ ଜମି ଦୁର୍ନୀତିରେ କାଠଗଡାରେ ନିଶ୍ଚିତ ଭାବେ ଛିଡା ହେବେ ବୋଲି କହିଥିଲେ। ଭିତ୍ତିପ୍ରସ୍ତର ଦିଆଯାଇଥିବା ଏଇ ରାସ୍ତା ଏ ଅଞ୍ଚଳର ଗମନା ଗମନ ସହ ଅର୍ଥନୈତିକ ଉନ୍ନତିରେ ନିଶ୍ଚିତ ସହାୟକ ହେବ ବୋଲି କହିଥିଲେ। ଅନ୍ୟମାନଙ୍କ ମଧରେ ସମିତି ସଭ୍ୟ କାନ୍ତେଶ୍ୱର ପଧାନ, ଡୁମେରପିଟା ସମିତି ସଂକୀର୍ତ୍ତନ ବାଗ, ସରପଞ୍ଚ ଜଗବନ୍ଧୁ ମେହେର, ଗଙ୍ଗାଧର ମିଶ୍ର, ରାମଜୀ ଚୌଧୁରୀ, ଆଇଟମ ମିଶ୍ର ମଞ୍ଚାସୀନ ଥିଲେ ।


ବିଧାୟକ ନରସିଂହ ମିଶ୍ର ରାସ୍ତାର ଭିତ୍ତିପ୍ରସ୍ତର ସ୍ଥାପନ କରୁଛନ୍ତି।

# ପୋଲିଂ, ପ୍ରିଜାଇଡିଂ ଅଧିକାରୀଙ୍କ ପ୍ରଶିକ୍ଷଣ


ପ୍ରଶିକ୍ଷଣ ଶିବିରରେ ପୋଲିଂ ଓ ପ୍ରିଜାଇଡିଂ ଅଧିକାରୀଙ୍କୁ ତାଲିମ ପ୍ରଦାନ କରାଯାଉଛି।

ବଲାଙ୍ଗୀର,୧୪।୩(ବୀରେନ୍ଦ୍ର କୁମାର ଝାଙ୍କର)

ଆସନ୍ତା ସାଧାରଣ ନିର୍ବାଚନକୁ ସରଳ ଓ ତ୍ରୁଟିଶୂନ୍ୟ କରିବା ପାଇଁ ବଲାଙ୍ଗୀର ଜିଲା ପ୍ରଶାସନ ପକ୍ଷରୁ ପୋଲିଂ ଓ ପ୍ରିଜାଇଡିଂ ଅଧିକାରୀଙ୍କୁ ତାଲିମ ପ୍ରଦାନ କାର୍ଯ୍ୟକ୍ରମ ଗୁରୁବାରଠାରୁ ଆରମ୍ଭ ହୋଇଛି। ଏହି କାର୍ଯ୍ୟକ୍ରମରେ ରାଜ୍ୟରେ ହେବାକୁ ଥିବା ବିଧାନସଭା ଓ ଲୋକସଭା ନିର୍ବାଚନ ପାଇଁ ମତଦାନ ପ୍ରକ୍ରିୟାରେ ନିଯୁକ୍ତ ପୋଲିଂ ଅଧିକାରୀ ସାମିଲ ଥିଲେ। ଏହି କାର୍ଯ୍ୟକ୍ରମ ଆସନ୍ତା ମାର୍ଚ୍ଚ ୨୦ତାରିଖ ପର୍ଯ୍ୟନ୍ତ ଚାଲିବ। ଏହି କାର୍ଯ୍ୟକ୍ରମକୁ ସୁଚାରୁରୂପେ ପରିଚାଳନା କରିବା ପାଇଁ ମହିଳା ସରକାରୀ ମହାବିଦ୍ୟାଳୟ ସମେତ ଅନ୍ୟାନ୍ୟ ସରକାରୀ ମହାବିଦ୍ୟାଳୟଠାରେ ତାଲିମ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଛି। ଜିଲାପାଳ ତଥା ଜିଲା ନିର୍ବାଚନ ଅଧିକାରୀ ଗୌରବ ଶିୱାଜୀ ଇସଲୱାରଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି ତାଲିମ୍ କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲାପାଳ (ସାଧାରଣ) ବିଜୟାନନ୍ଦ ସେଠୀ, ଅତିରିକ୍ତ ଜିଲାପାଳ ପବିତ୍ର ବେହେରା, ଡେପୁଟି କଲେକ୍ଟର ଇଲେକ୍ସନ ରାଜେନ୍ଦ୍ର ନାୟକ ସମେତ ଅନ୍ୟାନ୍ୟ ଅଧିକାରୀ ପ୍ରମୁଖଙ୍କୁ ପର୍ଯ୍ୟାୟକ୍ରମେ ତାଲିମ୍ ପ୍ରଦାନ ପାଇଁ ଦାୟିତ୍ୱ ନ୍ୟସ୍ତ କରାଯାଇଛି। ଏଇ ଶିବିରରେ ପୋଲିଂ ଅଧିକାରୀ ଓ ପ୍ରିଜାଇଡିଂ ଅଧିକାରୀଙ୍କୁ ସାଧାରଣ ନିର୍ବାଚନ ପରିଚାଳନା କିପରି ନିର୍ଭୁଲ ଭାବରେ ତୁଲାଇବେ ସେ ସମ୍ପର୍କରେ ତାଲିମ୍ ପ୍ରଦାନ କରାଯାଉଛି। ପୋଲିଂ ଅଧିକାରୀମାନେ କିପରି ବ୍ୟବସ୍ଥିତ ଭାବେ ପ୍ରଦର୍ଶନ କେନ୍ଦ୍ରରୁ ବୁଥ୍ ପର୍ଯ୍ୟନ୍ତ ଯିବେ ଓ ବୁଥ୍‌ରେ କେଉଁ ଅଧିକାରୀଙ୍କ କଣ କାର୍ଯ୍ୟ ତାହା ବୁଝାଯାଉଛି। ଭୋଟ ଗ୍ରହଣ ଦିନ ଶାନ୍ତିଶୃଙ୍ଖଳା ସହ ଭୋଟଦାନ ପ୍ରକ୍ରିୟା କିପରି କରିପାରିବେ। ସେକ୍ଟର ଅଧିକାରୀଙ୍କ ସହ କିପରି ଯୋଗାଯୋଗ ରଖି ସୂଚନା ଦେବେ, ଇଭିଏମ୍, ଭିଭିପାଟ କିପରି ସଂଯୋଗ କରିବେ ଏବଂ କଣ୍ଟ୍ରୋଲ ୟୁନିଟ କାର୍ଯ୍ୟ କରିବେ ସୂଚନା ଦେଇଥିଲେ। ପ୍ରତ୍ୟେକ ପୋଲିଂ ଅଧିକାରୀ ନିଜ ଦାୟିତ୍ୱ ସୁଚାରୁରୂପେ ତୁଲାଇବା ସହିତ ଗଣତନ୍ତ୍ରର ପବିତ୍ର କାର୍ଯ୍ୟକୁ ସଫଳତାର ସହିତ ସମ୍ପାଦନା କରିବା ପାଇଁ ଜିଲାପାଳ ଇସଲୱାର ପରାମର୍ଶ ଦେଇଥିଲେ। ଏଥି ସହିତ ଜିଲାପାଳ ନିର୍ବାଚନ ସମୟରେ ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ସମସ୍ତଙ୍କୁ ନିଜ ଶରୀରର ଯତ୍ନ ନେବା, ଖାଦ୍ୟ ପାନୀୟ ଠିକ୍ ରଖିବା ପାଇଁ ପରାମର୍ଶ ଦେଇଥିଲେ। ଶାରୀରିକ ସମସ୍ୟା ଦେଖାଦେଲେ ତୁରନ୍ତ ନିକଟସ୍ଥ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଯାଇ ଡାକ୍ତରଙ୍କ ପରାମର୍ଶ ନେବା ପାଇଁ କହିଥିଲେ। ନିର୍ବାଚନ ପାଇଁ ପ୍ରତ୍ୟେକ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ବ୍ୟାପକ ଔଷଧ, ଆମ୍ବୁଲାନ୍ସ ଓ ଜରୁରୀ ସେବା ସହ ଡାକ୍ତରମାନେ ଉପସ୍ଥିତ ରହିବେ ବୋଲି ମଧ ସେ ସୂଚନା ଦେଇଥିଲେ।

## ଯୁବ କ୍ରିକେଟ ଟୁର୍ନାମେଣ୍ଟ: ସେମିରେ ଅମାଟ

ସଇଁତଲା,୧୪।୩(ରାଖାଲ ପ୍ରସାଦ ଶତପଥୀ)

ବଲାଙ୍ଗୀର ସଇଁତଲା ବ୍ଲକ ଶିଶକେଲା ଗ୍ରାମ ପଞ୍ଚାୟତ ଖେଳପଡିଆରେ ଯୁବ କ୍ରିକେଟ ଟୁର୍ନାମେଣ୍ଟ ଗୁରୁବାର ଉଦ୍‌ଘାଟିତ ହୋଇଯାଇଛି। ପ୍ରଥମ ଦିନର ଖେଳ ଅମାଟ ବନାମ ମାଲପଡ଼ା ଓ କମରଲଗା ସହ ତୁଷ୍ଟାପାଲି ମଧରେ ହୋଇଥିଲା। ଅମାଟ ଓ ତୁଷ୍ଟାପାଲି ପ୍ରତିପକ୍ଷ ଦଳକୁ ହରାଇ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଥିଲେ। କ୍ୱାର୍ଟର ଫାଇନାଲ ମ୍ୟାଚରେ ପ୍ରଥମେ ବ୍ୟାଟିଂ କରି ଅମାଟ ଦଳ ନିର୍ଦ୍ଧାରିତ ୧୦ଓଭରରେ ୪ଉଇକେଟ ହରାଇ ୧୨୭ ରନ କରିଥିଲା। ଜବାବରେ ତୁଷ୍ଟାପାଲି ଦଳ ନିର୍ଦ୍ଧାରିତ ଓଭରରେ ସମସ୍ତ ଉଇକେଟ ହରାଇ ୧୦୧ ରନ କରି ପାରିଥିଲା। ଫଳରେ ୨୬ ରନରେ ଅମାଟ ଦଳ ବିଜୟୀ ହୋଇ ସେମିଫାଇନାଲରେ ପ୍ରବେଶ କରିଛି। ଶିଶକେଲା ସରପଞ୍ଚ ମାଳତୀ ରଣା ମୁଖ୍ୟ ଅତିଥି, ସମ୍ମାନୀତ ଅତିଥି ଭାବେ ଶିଶକେଲା ସମବାୟ ସମିତି ସଭାପତି ଜୟସିଂହ ରଣା, ଶିଶକେଲା ହାଇସ୍କୁଲ ଖେଳ ଶିକ୍ଷକ ବିନୋଦ ବିହାରୀ ବେହେରା ଯୋଗଦେଇ ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ। ଅମାଟ ଦଳର ତପି ୧୯ବଲରେ ୩୯ରନ ସାଙ୍ଗକୁ ମୂଲ୍ୟବାନ ୨ଟି ଉଇକେଟ ନେଇ ମ୍ୟାନ ଅଫ ଦ ମ୍ୟାଚ ବିବେଚିତ ହୋଇ ପୁରସ୍କୃତ ହୋଇଥିଲେ। ଖେଳ ପରିଚାଳନାରେ କୃଷ୍ଣା ନାଗ, ସୁଧୀର ରଣା, ଲକ୍ଷ୍ମଣ ରଣା, ପ୍ରଶାନ୍ତ ରଣା, ପରମାନନ୍ଦ ରଣା, ଆନନ୍ଦ ରଣା, ସଚ୍ଚିକାନ୍ତ ରଣା, ପ୍ରମୋଦ ନାଗ, ରମେଶ ନାଗ, ବିକିଜି ନାଗ ଓ ଶିଶକେଲା ଯୁଥ କ୍ରିକେଟ ଟିମର ସଦସ୍ୟ ସହଯୋଗ କରିଥଲେ।

# ବ୍ଲକସ୍ତରୀୟ ବିଜ୍ଞାନ କଂଗ୍ରେସ ଉଦ୍‌ଯାପିତ

ବଲାଙ୍ଗୀର,୧୪।୩(ବୀରେନ୍ଦ୍ର କୁମାର ଝାଙ୍କର)

ସ୍ଥାନୀୟ ଟାଉନ୍ ବାଳିକା ହାଇସ୍କୁଲଠାରେ ଗୁରୁବାର ବଲାଙ୍ଗୀର ବ୍ଲକସ୍ତରୀୟ ବିଜ୍ଞାନ କଂଗ୍ରେସ ଅନୁଷ୍ଠିତ ହୋଇଥିଲା। ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ବ୍ଲକ୍ ଶିକ୍ଷା ଅଧିକାରୀ ଲୋକନାଥ ସୁନା ଯୋଗଦାନ କରିଥିଲେ। ସଭାରେ ଟାଉନ୍ ବାଳିକା ହାଇସ୍କଲ ପ୍ରଧାନ ଶିକ୍ଷକ ନରେନ୍ଦ୍ରନାଥ ମିଶ୍ର, ଏବିଇଓ ସନ୍ଧ୍ୟାରାଣୀ ଧରୁଆ, ମିର୍ଦ୍ଧାପାଲି ହାଇସ୍କୁଲ ପ୍ରଧାନଶିକ୍ଷକ ସରୋଜ କୁମାର ନାୟକ, ବ୍ଲକ୍ ବିଜ୍ଞାନ ସଂଯୋଜକ ରାଜପ୍ରସାଦ ପ୍ରଧାନ ମଞ୍ଚାସୀନ ଥିଲେ। ଏହି ବିଜ୍ଞାନ କଂଗ୍ରେସରେ ୧୪ଟି ବ୍ଲକ୍‌ରୁ ୨ଟି ଲେଖାଏ ଶିଶୁ ବୈଜ୍ଞାନିକ ଏବଂ ଗୋଟିଏ ଲେଖାଏଁ ଗାଇଡ ଯୋଗଦାନ କରିଥିଲେ। ବିଚାରକ ଭାବେ ସୁବ୍ରତ କୁମାର ବାବୁ ଓ କ୍ଷମାନିଧି ପ୍ରଧାନ ଯୋଗଦାନ କରିଥିଲେ। ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ସନାତନ ଠାକୁର, ସମ୍ମାନିତ ଅତିଥି ଭାବେ ବି ଏନ୍ ଶ୍ରୀକାନ୍ତ ଯୋଗଦାନ କରିଥିଲେ। ଏହି ଅବସରରେ ଶ୍ରେଷ୍ଠ ବିବେଚିତ ବଲାଙ୍ଗୀରର ପୃଥ୍ୱୀରାଜ ହାଇସ୍କୁଲ, ମିର୍ଦ୍ଧାପାଲି ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟ, ବଲାଙ୍ଗୀର ଟାଉନ୍ ବାଳିକା ହାଇସ୍କୁଲ, ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ, ମନହୀରା ବାଳିକା ଉଚ୍ଚ ବିଦ୍ୟାଳୟ ଏଇ ଶ୍ରେଷ୍ଠ ବିବେଚିତ ହୋଇ ପୁରସ୍କୃତ ହୋଇଛନ୍ତି। ସଭାରେ ଶର୍ମିଷ୍ଠା ହୋତା ଓ ଅରୁନ୍ଧତୀ ବଡ଼େଇ ସଭା ସଂଯୋଜନା କରିଥିଲେ।


ବିଜ୍ଞାନ ଶ୍ରେଷ୍ଠ ବିବେଚିତ ହାଇସ୍କୁଲ ଛାତ୍ରୀଛାତ୍ରଙ୍କ ସହ ଅତିଥି।

### ସାମ୍ବାଦିକଙ୍କ କଳାବ୍ୟାଜ୍ ପରିଧାନ

ଲୋଇସିଂହା,୧୪।୩(ସୁଶାନ୍ତ ବାରିକ)

ଆଦର୍ଶ ନିର୍ବାଚନ ଆଚରଣ ବିଧି ଲାଗୁ ହେବା ପୂର୍ବରୁ ସମାଜର ପ୍ରାୟ ସମସ୍ତ ବର୍ଗର ଲୋକଙ୍କ ପାଇଁ ରାଜ୍ୟ ସରକାର ବିଭିନ୍ନ ଲୋଭନୀୟ ପ୍ୟାକେଜ ଘୋଷଣା କରୁଛନ୍ତି। ତେବେ ସରକାରଙ୍କ ଲୋକାଭିମୁଖୀ ଯୋଜନାଗୁଡ଼ିକୁ ସାଧାରଣ ଲୋକଙ୍କ ନିକଟରେ ପହଞ୍ଚାଉଥିବା ସାମ୍ବାଦିକମାନଙ୍କ ସୁବିଧା ପାଇଁ ସରକାର କୌଣସି ପଦକ୍ଷେପ ନେଇ ନାହାନ୍ତି। ଏହାକୁ ନେଇ ସାମ୍ବାଦିକ ମହଲରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଉଛି। ସାମ୍ବାଦିକମାନଙ୍କ ପ୍ରତି ରାଜ୍ୟ ସରକାରଙ୍କ ଏଭଳି ବୈମାତୃକ ମନୋଭାବର ନୀରବ ପ୍ରତିବାଦ ଜଣାଇଛି ଉତ୍କଳ ସାମ୍ବାଦିକ ସଂଘ। ସଂଘର ରାଜ୍ୟ ସଭାପତି ବିଭୂତି ଭୂଷଣ କରଙ୍କ ଆହ୍ୱାନ କ୍ରମେ ବଲାଙ୍ଗୀର ଜିଲା ପେଶାଦାର ସାମ୍ବାଦିକ ସଂଘର ସମସ୍ତ ସଦସ୍ୟ ଗୁରୁବାରଠାରୁ କଳା ବ୍ୟାଜ ପରିଧାନ ପୂର୍ବକ ନିଜର ଦାୟିତ୍ୱ ନିର୍ବାହ କରିଛନ୍ତି । ସଂଘର ଜିଲା ସଭାପତି ଅଶ୍ୱିନୀ କୁମାର ନାୟକ, ରାଜ୍ୟ କାର୍ଯ୍ୟକାରୀ ସଦସ୍ୟ ଶ୍ୟାମସୁନ୍ଦର ମେହେର, ବିମଳେନ୍ଦୁ ସାହୁ, ସାରଙ୍ଗ ଭୋଇ, ଦେବରାଜ ନାହାକ, ଅଶୋକ ନାରାୟଣ ଭୋଇ, ହୁଲେଶ୍ୱର୍ ହଂସ, ରାଧେଶ୍ୟାମ ମେହେରଙ୍କ ସମେତ ଅନ୍ୟାନ୍ୟ ସଦସ୍ୟମାନେ କଳାବ୍ୟାଜ ପିନ୍ଧି ନୀରବ ପ୍ରତିବାଦ ଜଣାଇଛନ୍ତି।

## ବ୍ରାହ୍ମଣୀଯୋର ପୁଲ୍(ସି) ଜୋନାଲ ଚାମ୍ପିୟନ

ଦେଓଗାଁ,୧୪।୩(କୃଷ୍ଣ ପ୍ରସାଦ ପାଣିଗ୍ରାହୀ)

### ଆର.ଏନ. ସିଂଦେଓ ମେମୋରିଆଲ ପାଟଣା କପ୍ କ୍ରିକେଟ

ବଲାଙ୍ଗୀର ସଦର ବ୍ଲକ ଭୁତିଆରବାହାଲ ହାଇସ୍କୁଲ ପଡିଆରେ ଚାଲିଥିବା ଆର.ଏନ. ସିଂଦେଓ ମେମୋରିଆଲ ପାଟଣା କପ୍ କ୍ରିକେଟ ଟୁର୍ନାମେଣ୍ଟର ପୁଲ 'ସି'ର ଜୋନାଲ ଚାମ୍ପିୟନ ହୋଇଛି ବ୍ରାହ୍ମଣୀଯୋର ଦଳ। ବ୍ରାହ୍ମଣୀଯୋର ଓ ଲଣ୍ଡାପଥର ମଧରେ ଫାଇନାଲ ଖେଳ ହୋଇଥିଲା। ଏଥିରେ ବ୍ରାହ୍ମଣୀଯୋର ଦଳ ୨୫ରନରେ ବିଜୟୀ ହୋଇ ଚାମ୍ପିୟନ ହୋଇଥିଲା। ଟୁର୍ନାମେଣ୍ଟରେ ୧୬ଟି ଆଞ୍ଚଳିକ ଦଳ ଯୋଗଦେଇଥିଲେ। ଯୁବ ସଭାପତି ଆଶୀର୍ବାଦ ସାହୁଙ୍କ ପରିଚାଳନାରେ ଅନୁଷ୍ଠିତ ଉଦ୍‌ଯାପନୀ ଦିବସରେ ମୁଖ୍ୟ ଅତିଥି ଭାବେ ପୂର୍ବତନ କେନ୍ଦ୍ର ସମବାୟ ବ୍ୟାଙ୍କ ସଭାପତି ଶୁଶିଲ କୁମାର ଚାନ୍ଦ, ବ୍ରାହ୍ମଣୀଯୋର ସରପଞ୍ଚ ମହେନ୍ଦ୍ର ମଲ୍ଲିକ ଯୋଗଦେଇ ଚାମ୍ପିୟନ ଓ ରନର ଅପ ଦଳକୁ ପୁରସ୍କୃତ କରିଥିଲେ । କୁନା ବାଗ, ଦୀପକ ବେହେରା ଓ ବିଜୁ ଯୁବ ବାହିନୀ କର୍ମକର୍ତ୍ତା ଟୁର୍ନାମେଣ୍ଟ ଆୟୋଜନରେ ସହଯୋଗ କରିଥିଲେ ।



ପୁଲ 'ସି' ଚମ୍ପିୟନ ବ୍ରାହ୍ମଣୀଯୋର ଦଳକୁ ପୁରସ୍କୃତ କରାଯାଉଛି।

# ଅସ୍ମିତା ନ ବୁଝିଲେ ସ୍ୱାଭିମାନ ମଞ୍ଚ ଦେବେ ସ୍ୱାଧୀନ ପ୍ରାର୍ଥୀ

ବଲାଙ୍ଗୀର,୧୪।୩(ବୀରେନ୍ଦ୍ର କୁମାର ଝାଙ୍କର)

## ବଲାଙ୍ଗୀରରେ ସ୍ୱାଭିମାନ ମଞ୍ଚର ଖବରଦାତା ସମ୍ମିଳନୀ

- ଅସ୍ଥାୟୀ ସଭାପତିଙ୍କୁ ଦାୟିତ୍ୱରୁ ନିବୃତ୍ତ କଲା କୋର କମିଟି
- ନିର୍ବାଚନମଣ୍ଡଳୀ ବାହାର ପ୍ରାର୍ଥୀଙ୍କୁ ବିରୋଧ କରାଯିବ


ଖବରଦାତା ସମ୍ମିଳନୀରେ ସ୍ୱାଭିମାନ ମଞ୍ଚ କୋର କମିଟି ସଦସ୍ୟମାନେ।

ଲୋଇସିଂହା ନିର୍ବାଚନ ମଣ୍ଡଳୀରେ ବିଜେଡିର କିଛି ଅସନ୍ତୁଷ୍ଟ କର୍ମୀ ଏବଂ ବୁଦ୍ଧିଜୀବୀଙ୍କୁ ନେଇ ଗଠିତ ସ୍ୱାଭିମାନ ମଞ୍ଚ ଗୁରୁବାର ସ୍ଥାନୀୟ ସାମ୍ବାଦିକ ଭବନଠାରେ ଖବରଦାତା ସମ୍ମିଳନୀ କରି ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେଇଥିବା ସୂଚନା ଦେଇଛନ୍ତି। ଲୋଇସିଂହା ନିର୍ବାଚନ ମଣ୍ଡଳୀର ବିକାଶ, ଅସ୍ମିତା ଓ ସ୍ୱାଭିମାନ ରକ୍ଷା ପାଇଁ ଆବଶ୍ୟକ ପଡିଲେ ଆଗାମୀ ନିର୍ବାଚନରେ ମଞ୍ଚ ପକ୍ଷରୁ ସ୍ୱାଧୀନ ପ୍ରାର୍ଥୀ ଦିଆଯିବ ବୋଲି ସୂଚନା ଦିଆଯାଇଛି। ମଞ୍ଚର ଏଭଳି ସୂଚନା ପରେ ନିର୍ବାଚନ ମଣ୍ଡଳୀରେ ବିଭିନ୍ନ ଦଳର ପ୍ରାର୍ଥୀଙ୍କ ପ୍ରାର୍ଥୀତ୍ୱ ପ୍ରସଙ୍ଗକୁ ନେଇ ସରଗରମ ଆଲୋଚନା ଆରମ୍ଭ ହୋଇଛି। ମଞ୍ଚ ସଭାପତି ଜଗବନ୍ଧୁ ପଧାନ, ଉପସଭାପତି ଭରତ ଭୂଷଣ ପଧାନ, ପୂର୍ବତନ ସଭାପତି ସହଦେବ ସା ଏବଂ ଦେବରାଜ ଅମାତ ଖବରଦାତା ସମ୍ମିଳନୀରେ ଉପସ୍ଥିତ ଥିଲେ।

ସଭାପତି ପଧାନ କହିଥିଲେ ଯେ, ମଞ୍ଚର ଅସ୍ଥାୟୀ ସଭାପତି ସୀତାକାନ୍ତ ସାଏଙ୍କୁ ଦିଆଯାଇଥିବା ଦାୟିତ୍ୱରୁ ନିବୃତ୍ତ କରାଯାଇଛି। ମଞ୍ଚ ବିରୋଧୀ କାର୍ଯ୍ୟକଳାପରୁ ନିବୃତ୍ତ ନ ହେବାରୁ କୋର କମିଟି ନିଷ୍ପତ୍ତି ଅନୁଯାୟୀ ତାଙ୍କୁ ଦାୟିତ୍ୱରୁ ନିବୃତ୍ତ କରାଯାଇଥିବା ସେ ସୂଚନା ଦେଇଥିଲେ। ପ୍ରାୟ ଏକବର୍ଷ ତଳେ ମଞ୍ଚ କାର୍ଯ୍ୟକ୍ରମକୁ ତ୍ୱରାନ୍ୱିତ କରିବା ପାଇଁ ସୀତାକାନ୍ତ ସାଏଙ୍କୁ ଅସ୍ଥାୟୀ ସଭାପତି ଦାୟିତ୍ୱ ଦିଆଯାଇଥିଲା। କିନ୍ତୁ ସେ ଦାୟିତ୍ୱ ପାଇବା ପରେ ନିର୍ବାଚନ ମଣ୍ଡଳୀ ବାହାର ବିଧାୟକ ଆଶାୟୀ ପ୍ରାର୍ଥୀଙ୍କ ସହ ଯୋଗାଯୋଗ ରଖି ବିଭିନ୍ନ ସ୍ଥାନରେ ବୁଲାବୁଲି କରିଥିଲେ। କୋର କମିଟିର ତାଗିଦ୍ ସତ୍ତ୍ୱେ ସେ ଏଭଳି କାର୍ଯ୍ୟରୁ ବିରତ ନ ହେବାରୁ ତାଙ୍କୁ ଦାୟିତ୍ୱରୁ ନିବୃତ୍ତ କରାଯାଇଛି ବୋଲି ଖବରଦାତା ସମ୍ମିଳନୀରେ ସୂଚନା ଦିଆଯାଇଥିଲା। ଯଦି ଲୋଇସିଂହା ନିର୍ବାଚନ ମଣ୍ଡଳୀର ଅସ୍ମିତାକୁ ସମ୍ମାନ ନ ଦେବ ତେବେ ମଞ୍ଚ ବାଧହୋଇ ବିଭିନ୍ନ ଲୋକଙ୍କ ସହ ଆଲୋଚନା କରି ସ୍ୱାଧୀନ ପ୍ରାର୍ଥୀ ଦେବ ବୋଲି ମଧ ଖବରଦାତା ସମ୍ମିଳନୀରେ ସଭାପତି ପଧାନ କହିଥିଲେ। ଲୋଇସିଂହା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ତିନୋଟି ବ୍ଲକ୍‌ର କୌଣସି ବି ସ୍ଥାନରୁ ପ୍ରାର୍ଥୀ ଚୟନ କରାଗଲେ ତାକୁ ମଞ୍ଚ ସମର୍ଥନ କରିବ। ନିର୍ବାଚନ ମଣ୍ଡଳୀ ବାହାରର କୌଣସି ପ୍ରାର୍ଥୀଙ୍କୁ ମଞ୍ଚ ସମର୍ଥନ କରିବ ନାହିଁ ବୋଲି ସେ କହିଥିଲେ। ଅସ୍ଥାୟୀ ସଭାପତି ସୀତାକାନ୍ତ ସାଏ ଗଣମାଧ୍ୟମରେ ଦେଇଥିବା ବୟାନକୁ ସେ ଖଣ୍ଡନ କରିଥିଲେ। ସ୍ୱାଭିମାନ ମଞ୍ଚ ଦୁଇଫାଳ ହୋଇନାହିଁ। ସ୍ୱାଭିମାନ ମଞ୍ଚରୁ ତାଙ୍କୁ ଅପସାରଣ କରାଗଲା ପରେ ଯାହା ଇଚ୍ଛା ତାହା କହୁଛନ୍ତି ବୋଲି ସେ କହିଥିଲେ। ଖବରଦାତା ସମ୍ମିଳନୀରେ ମଞ୍ଚର ପ୍ରବୀର ଭୋଇ, ସମ୍ପତ୍ତି ନନ୍ଦ, କୁଳମଣି କଣ୍ଟା, ଶେଷଦେବ ପାଢ଼ୀ, କୁନା ଭୋଇ, ପ୍ରମୋଦ ଭୋଇ ଏବଂ ଉପଦେଷ୍ଟା ପ୍ରଦୀପ ଗୁରୁ ଉପସ୍ଥିତ ଥିଲେ।



ପ୍ରତିବାଦ ସଭାରେ ଚାଷୀନେତା ଲିଙ୍ଗରାଜ ଉଦ୍‌ବୋଧନ ଦେଉଛନ୍ତି ।



ଚାଷୀଙ୍କ ବିକ୍ଷୋଭ ଶୋଭାଯାତ୍ରା ।

# ଜିଲାପାଳଙ୍କ ଅଫିସ ଘେରିଲେ ଚାଷୀ

**ବରଗଡ଼,୧୪।୩(ପ୍ରେମାନନ୍ଦ ଖମାରୀ)**

ବିଦ୍ୟୁତ୍ କ୍ଷେତ୍ରର ଘରୋଇକରଣକୁ ନେଇ ଚାଷୀ ମହଲରେ ଅସନ୍ତୋଷ ବଢ଼ିଚାଲିଛି। ବିଦ୍ୟୁତ କ୍ଷେତ୍ର ଘରୋଇକରଣ ହେବା ପରେ ଚାଷୀଙ୍କ ଉପରେ ବିଦ୍ୟୁତ ବିତରକ କମ୍ପାନୀ ଜୁଲୁମ କରୁଥିବା ଅଭିଯୋଗ ହୋଇଛି। ଏହାକୁ ନେଇ ଆନ୍ଦୋଳନ ତେଜି ଉଠିଛି। ଏହି କ୍ରମରେ ଗୁରୁବାର ବରଗଡ଼ର ଚାଷୀ ସଙ୍ଗଠନ ଜୟ କିଷାନ ଆନ୍ଦୋଳନ ପକ୍ଷରୁ ଗୁରୁବାର ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ଏଥିରେ ଜିଲାର ୧୨ବ୍ଲକର ବହୁ ଚାଷୀ ସାମିଲ ହୋଇଥିଲେ। ସ୍ଥାନୀୟ ଗୋଶାଳା ଛକରୁ ଏକ ବିକ୍ଷୋଭ ଶୋଭାଯାତ୍ରାରେ ଚାଷୀମାନେ ଯାଇ ଜିଲାପାଳଙ୍କ କାର୍ଯ୍ୟାଳୟରେ ଧସେଇ ପଶିବାକୁ ଉଦ୍ୟମ କରିଥିଲେ। ସେତେବେଳେ ଜିଲାପାଳ କାର୍ଯ୍ୟାଳୟରେ ଉପସ୍ଥିତ ନ ଥିବାରୁ ଚାଷୀଙ୍କ ଅସନ୍ତୋଷ ବଢ଼ିଥିଲା। ଜିଲାପାଳ ଆଦିତ୍ୟ ଗୋୟଲଙ୍କ ଅନୁପସ୍ଥିତିରେ ଚାଷୀମାନେ ଅନ୍ୟ ଜଣେ ଅଧିକାରୀଙ୍କୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ସ୍ମାରକପତ୍ର ପ୍ରଦାନ କରିଥିଲେ ।

ସେହିପରି ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଅନୁଷ୍ଠିତ ପ୍ରତିବାଦ ସଭାରେ ଜୟ କିଷାନ ଆନ୍ଦୋଳନର ରାଷ୍ଟ୍ରୀୟ ଉପାଧ୍ୟକ୍ଷ ତଥା ପଶ୍ଚିମ ଓଡ଼ିଶା କୃଷକ ସଙ୍ଗଠନ ସମନ୍ୱୟ ସମିତିର ଆବାହକ ଲିଙ୍ଗରାଜ ଯୋଗଦେଇ କହିଥିଲେ, ସଂଯୁକ୍ତ କିଷାନ ମୋର୍ଚ୍ଚା ଆଜି ଦେଶବ୍ୟାପୀ ଆନ୍ଦୋଳନ ଡାକରା ଦେଇଛି । ଏହା ସହିତ ଜୟ କିଷାନ ଆନ୍ଦୋଳନ ଜିଲାର ସ୍ଥାନୀୟ ସମସ୍ୟା ସହିତ ରାଷ୍ଟ୍ରୀୟସ୍ତରରେ କୃଷକଙ୍କ ସମସ୍ୟାକୁ ଉତ୍ଥାପନ କରିଆସୁଛି।

**ବିଦ୍ୟୁତ୍ କ୍ଷେତ୍ରରେ ଘରୋଇକରଣକୁ ବିରୋଧ**

କୃଷିଜାତ ଦ୍ରବ୍ୟର ସର୍ବନିମ୍ନ ସହାୟକ ମୂଲ୍ୟ (ଏମ୍‌ଏସ୍‌ପି)କୁ ଆଇନଗତ ମାନ୍ୟତା ପ୍ରଦାନ, ସ୍ୱାମୀନାଥନ କମିଶନଙ୍କ ସୁପାରିଶକ୍ରମେ କୃଷିଜାତ ଦ୍ରବ୍ୟର ଏମ୍‌ଏସ୍‌ପିକୁ ଉତ୍ପାଦନ ଖର୍ଚ୍ଚର ଦେଢ଼ଗୁଣା ନିର୍ଦ୍ଧାରଣ କରିବା ଦାବିରେ ପୁଣିଥରେ ଆନ୍ଦୋଳନ ଦାନା ବାନ୍ଧୁଛି। ଏଥିରେ ସରକାର ହସ୍ତକ୍ଷେପ କରି କୃଷିକ୍ଷେତ୍ରରେ ବିଦ୍ୟୁତ୍ ବିଲ୍ ସମ୍ପୂର୍ଣ୍ଣ ଛାଡ଼ ଏବଂ ପ୍ରତ୍ୟେକ ପରିବାରକୁ ଅନ୍ତତଃ ୩୦୦ ୟୁନିଟ୍ ବିଲ୍ ଛାଡ଼ କରନ୍ତୁ ବୋଲି ଲିଙ୍ଗରାଜ କହିଥିଲେ। ଧାନ କୁଇଣ୍ଟାଲ ପ୍ରତି ୧୦୦୦ ଟଙ୍କା ବୋନସ ଏବଂ କୃଷିଋଣ ଛାଡ଼କୁ ନେଇ ଯଦି କୌଣସି ରାଜନୈତିକ ଦଳ ନିର୍ବାଚନରେ ତାଙ୍କ ଇସ୍ତାହାରରେ ନ ଆଣନ୍ତି, ଆଗାମୀ ଦିନରେ ଭୟଙ୍କର ପରିସ୍ଥିତି ଉପୁଜିବ ବୋଲି ସେ କହିଥିଲେ।

ଚାଷୀଙ୍କ ପ୍ରତି ଉଭୟ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ଉଦାସୀନତା ମନୋଭାବକୁ ବରଦାସ୍ତ କରାଯିବ ନାହିଁ ଏବଂ ଆଗକୁ ଆନ୍ଦୋଳନ ବ୍ୟାପକ କରାଯିବ ବୋଲି ଜୟ କିଷାନ ଆନ୍ଦୋଳନର ସଭାପତି ସୁଶିଲ କୁମାର ସାହୁ ଚେତାବନୀ ଦେଇଥିଲେ। ଉକ୍ତ ଚାଷୀ ସଙ୍ଗଠନର ବରଗଡ଼ ଜିଲା ସାଧାରଣ ସମ୍ପାଦକ ହର ବଣିଆଁ କହିଥିଲେ, ଚଳିତ ରବିରତୁ ଧାନ ବିକ୍ରି ସମୟରେ ବିଦ୍ୟୁତ ବିଲ୍‌କୁ ବାଧ୍ୟତାମୂଳକ କରାଯାଇଛି। ଧାନବିକ୍ରି ପାଇଁ ପଞ୍ଜୀକରଣ ସମୟକୁ ସୀମିତ କରାଯାଇଛି। ଏହାକୁ ନ ବଦଳାଇଲେ ଜିଲାରେ ଆଇନ ଶୃଙ୍ଖଳା ପରିସ୍ଥିତି ଉପୁଜିବ ଏବଂ ସେଥିପାଇଁ ସରକାର ଓ ପ୍ରଶାସନ ଦାୟୀ ରହିବେ ବୋଲି ସେ ଚେତାବନୀ ଦେଇଥିଲେ। ବରିଷ୍ଠ ଚାଷୀନେତା ଶିବ ପ୍ରଧାନଙ୍କ ସମେତ ଅତାବିରା ବ୍ଲକରୁ ଅରୁଣ ପ୍ରଧାନ, ଭଞ୍ଜନ ବାରିକ, କୁନା ବେହେରା, ଜିତୁ ବେହେରା, ଭଟଲି ବ୍ଲକରୁ ମାନଭଞ୍ଜନ ପ୍ରଧାନ, ମିନିଷ୍ଟର ବାରିକ, ବିଜୟ ପ୍ରଧାନ, ଭେଡ଼େନ ବ୍ଲକରୁ ମହେଶ୍ୱର ପ୍ରଧାନ, ବିଜେପୁର ବ୍ଲକରୁ ସୁବାସ ସାହୁ, ଅମ୍ବାଭୋନା ବ୍ଲକରୁ ଅଶୋକ ବିଶ୍ୱାଳ, ସୋହେଲା ବ୍ଲକରୁ ବୃନ୍ଦାବନ ନାୟକ, ତପୋବନ୍ତ ନାୟକ, ବରଗଡ଼ ବ୍ଲକରୁ ସରୋଜ ପ୍ରଧାନ, ବରପାଲି ବ୍ଲକରୁ ଚଞ୍ଚଳ ପ୍ରଧାନ, ପାଇକମାଲ ବ୍ଲକରୁ ବିଶ୍ୱନାଥ ରଣା, ରାସବିହାରୀ ସାହୁ, ଝାରବନ୍ଧ ବ୍ଲକରୁ ବ୍ରଜମୋହନ ସାହୁ, ପଦ୍ମପୁର ବ୍ଲକରୁ ମୀନକେତନ ସାହୁ ପ୍ରମୁଖଙ୍କ ସମେତ ବହୁ ଚାଷୀ ଏଥିରେ ସକ୍ରିୟ ଅଂଶଗ୍ରହଣ କରିଥିଲେ।

## ପୋଲିଂ, ପ୍ରିଜାଇଡିଂ ଅଧିକାରୀଙ୍କୁ ପ୍ରଶିକ୍ଷଣ

**ବରଗଡ଼,୧୪।୩(ପ୍ରେମାନନ୍ଦ ଖମାରୀ)**

ଆସନ୍ତା ସାଧାରଣ ନିର୍ବାଚନକୁ ସରଳ, ତ୍ରୁଟିଶୂନ୍ୟ ଏବଂ ନିରପେକ୍ଷ ଭାବେ ସମ୍ପାଦନ କରିବା ପାଇଁ ବରଗଡ଼ ଜିଲା ପ୍ରଶାସନ ପକ୍ଷରୁ ପୋଲିଂ ଏବଂ ପ୍ରିଜାଇଡ଼ିଂ ଅଧିକାରୀଙ୍କ ପାଇଁ ପ୍ରଶିକ୍ଷଣ ଶିବିର ଗୁରୁବାର ଆରମ୍ଭ ହୋଇଛି। ଜିଲାପାଳ ତଥା ଜିଲା ନିର୍ବାଚନ ଅଧିକାରୀ ଆଦିତ୍ୟ ଗୋୟଲଙ୍କ ତତ୍ତ୍ୱାବଧାନରେ ଆସନ୍ତା ୨୧ତାରିଖ ପର୍ଯ୍ୟନ୍ତ ଏହି ଶିବିର ଚାଲିବାର କାର୍ଯ୍ୟକ୍ରମ ରହିଛି । ବରଗଡ଼ ସରକାରୀ ପଲିଟେକନିକ୍, ପାର୍ବତୀ ଗିରି ମହିଳା ମହାବିଦ୍ୟାଳୟ, ପଦ୍ମପୁର ଅଞ୍ଚଳ ମହାବିଦ୍ୟାଳୟ, ବିଜେପୁର ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ଏବଂ ବିଜେପୁର ସରକାରୀ ଉଚ୍ଚ ବିଦ୍ୟାଳୟରେ ଏହି ଶିବିର ଚାଲିଛି। ପ୍ରଶିକ୍ଷଣ ଶିବିରରେ ଯୋଗ ଦେଇଥିବା ସମସ୍ତ ପୋଲିଂ, ପ୍ରିଜାଇଡ଼ିଂ ଅଧିକାରୀଙ୍କୁ ସାଧାରଣ ନିର୍ବାଚନ ପରିଚାଳନା, ନିଜ ଦାୟିତ୍ୱ ନିର୍ଭୁଲ, ବ୍ୟବସ୍ଥିତ ଭାବେ ତୁଲାଇବା, କେନ୍ଦ୍ରରୁ ବୁଥ୍ ପର୍ଯ୍ୟନ୍ତ ଯିବା ଏବଂ ବୁଥ୍‌ରେ କେଉଁ ଅଧିକାରୀଙ୍କ ସହିତ କି କାର୍ଯ୍ୟ କରିବେ ତାହା ଉପରେ ପ୍ରଶିକ୍ଷଣ ଦିଆଯାଉଛି। ସେହିପରି ଭୋଟ୍ ଗ୍ରହଣ ଦିନ ଶାନ୍ତିଶୃଙ୍ଖଳା ସହିତ ଭୋଟଦାନ ପ୍ରକ୍ରିୟା, ସେକ୍ଟର ଅଧିକାରୀଙ୍କ ସହିତ ଯୋଗାଯୋଗ ରଖି ସୂଚନା ଦେବା, ଇଭିଏମ୍-ଭିଭିପାଟ୍‌ର ସଂଯୋଗ ଆଦି ବିଷୟରେ ପ୍ରଶିକ୍ଷଣ ଦିଆଯାଉଛି।



ଶିବିରରେ ଅଂଶଗ୍ରହଣ କରିଥିବା ପୋଲିଂ, ପ୍ରିଜାଇଡ଼ିଂ ଅଧିକାରୀ।

## ବସୁନ୍ଧରା ଯୋଜନାର ସୁଫଳ ଅପହଞ୍ଚ

**ବରଗଡ଼,୧୪।୩(ପ୍ରେମାନନ୍ଦ ଖମାରୀ)**

ଭୂମିହୀନଙ୍କୁ ସୁବିଧା ସୁଯୋଗ ଦେବା ପାଇଁ ସରକାର ବସୁନ୍ଧରା ଯୋଜନା କାର୍ଯ୍ୟକାରୀ କରିଛନ୍ତି। ଏହି ଯୋଜନାରେ ଭୂମିହୀନଙ୍କୁ ଭୂମି ଅଧିକାର ଦିଆଯାଉଥିବା ବେଳେ ବରଗଡ଼ ସଦର ବ୍ଲକ ଅନ୍ତର୍ଗତ ବରଡ଼ୋଲ ପଞ୍ଚାୟତ ଟିକ୍ରାପଡ଼ାବାସୀଙ୍କୁ ଏହା ଅପହଞ୍ଚ ହୋଇ ପଡ଼ିଛି। ଏଭଳି ଅଭିଯୋଗ ନେଇ ଗୁରୁବାର ପଡ଼ାର ମହିଳାମାନେ ଜିଲାପାଳଙ୍କ କାର୍ଯ୍ୟାଳୟକୁ ଆସି ଧାରଣାରେ ବସିଥିଲେ। ଏ ନେଇ ସେମାନେ ଜିଲାପାଳ ଆଦିତ୍ୟ ଗୋୟଲଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରିଥଲେ ଏବଂ ବସୁନ୍ଧରା ଯୋଜନାର ସୁଫଳ ନ ମିଳିଲେ ସେମାନେ ଅନଶନ କରିବାକୁ ବାଧ୍ୟହେବେ ବୋଲି ଚେତାବନୀ ଦେଇଛନ୍ତି ।

ପ୍ରକାଶ ଯେ, ଉକ୍ତ ପଡ଼ାବାସୀ ବରଗଡ଼ ଗସ୍ତରେ ଆସିଥିବାବେଳେ ୫-ଟି ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନଙ୍କୁ ଏହି ସମସ୍ୟା ଉପରେ ଅବଗତ କରିଥିଲେ। ସେହିପରି ପୂର୍ବରୁ ଜିଲା ପ୍ରଶାସନକୁ ମଧ୍ୟ ଅବଗତ କରିସାରିଛନ୍ତି। କିନ୍ତୁ ଏପର୍ଯ୍ୟନ୍ତ କିଛି ସୁଫଳ ମିଳି ନ ଥିବାବେଳେ ସେମାନେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏ ଦିଗରେ ବିହିତ ପଦକ୍ଷେପ ନେବାକୁ ପଡ଼ାବାସୀ ଜିଲାପାଳଙ୍କୁ ନିବେଦନ କରିଛନ୍ତି। ରୀନାରାଣୀ ତରାଇ, ସଞ୍ଜୁ ନାୟକ, ଝରଣା ସ୍ୱାଇଁ, ମଲ୍ଲୀ ସାହୁ, ସୁମନ ଟପୋ, ପୀରବତୀ ରାଓଙ୍କ ସମେତ ବହୁ ମହିଳା ଧାରଣାରେ ସାମିଲ ହୋଇଥିଲେ।

## ଅନ୍‌ଲାଇନ ପ୍ରୋତ୍ସାହନ ପରିଚାଳନା ବ୍ୟବସ୍ଥା ଲୋକାର୍ପିତ

**ବରଗଡ଼,୧୪।୩(ପ୍ରେମାନନ୍ଦ ଖମାରୀ)**

ସମଗ୍ର ରାଜ୍ୟରେ ଇ-ଗଭର୍ଣ୍ଣାନ୍ସର ଏକ ନୂତନ ଯୁଗ ଆରମ୍ଭ କରି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଗୁରୁବାର ଓଡ଼ିଶା କମ୍ପ୍ୟୁଟର ଆବେଦନ କେନ୍ଦ୍ର(ଓସିଏସି) ଦ୍ୱାରା ବିକଶିତ ଅନଲାଇନ ଇନସେଣ୍ଟିଭ ମ୍ୟାନେଜମେଣ୍ଟ ସିଷ୍ଟମକୁ ବରଗଡ଼ ଜିଲା ପାଇଁ ସମର୍ପିତ କରିଛନ୍ତି। ଏହି ଯୁଗାନ୍ତକାରୀ ପଦକ୍ଷେପ ଓଡ଼ିଶାର ସମସ୍ତ ଜିଲା ପାଇଁ ଆଭାସୀ ମାଧ୍ୟମରେ ମୁଖ୍ୟମନ୍ତ୍ରୀ ଲୋକାର୍ପଣ କରିବା ସହିତ ଏହି ଇ-ଗଭର୍ଣ୍ଣାନ୍ସ କାର୍ଯ୍ୟକ୍ରମକୁ ଜନାଭିମୁଖୀ କରିବା ପାଇଁ ବାର୍ତ୍ତା ଦେଇଛନ୍ତି। ଲୋକାର୍ପଣ କାର୍ଯ୍ୟକ୍ରମରେ ବରଗଡ଼ ଜିଲାପାଳ ଆଦିତ୍ୟ ଗୋୟଲ ଉପସ୍ଥିତ ରହି ସଭାପତିତ୍ୱ କରିଥିଲେ। ଜିଲାପାଳଙ୍କ କାର୍ଯ୍ୟାଳୟ ପରିସରସ୍ଥ ଓସୱାନ କକ୍ଷରେ ଜିଲା ସୂଚନା ବିଜ୍ଞାନ କେନ୍ଦ୍ର ଅଧ୍ୟକ୍ଷ ତଥା ଯୁଗ୍ମ ନିର୍ଦ୍ଦେଶକ ରାଜାରାମ ମୋହନ ମାଝୀ ଏବଂ ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ପ୍ରହଲ୍ଲାଦ ଖୋସ୍ଲା, ଜିଲା ଇ-ଗଭର୍ଣ୍ଣାନ୍ସ ପରିଚାଳକ ମନ୍ତ୍ରରାମ ଛନ୍ଦ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମ ସଞ୍ଚାଳନ କରିଥିଲେ ।

ସରକାରଙ୍କ ଦ୍ୱାରା ଉପଲବ୍ଧ ସମସ୍ତ ସରକାରୀ ସୁବିଧା ଗୁଡ଼ିକୁ ଗୋଟିଏ ୱେବସାଇଟ୍‌ରେ ଉପସ୍ଥାପନ କରିବା, ନାଗରିକଙ୍କ ପାଇଁ ଏକ ସମନ୍ୱିତ ୱେବ ଅଭିଜ୍ଞତା ପ୍ରଦାନ କରିବା ଲକ୍ଷ୍ୟ ରଖି ଏହି ପୋର୍ଟାଲଗୁଡ଼ିକ ବିକଶିତ ହୋଇଛି। ଏହି ଉନ୍ମୋଚନରେ ମୁଖ୍ୟମନ୍ତ୍ରୀ କହିଥିଲେ, ଷ୍ଟାଣ୍ଡାର୍ଡ ୱେବସାଇଟ୍ ଫ୍ରେମୱାର୍କ ଦ୍ୱାରା ଅନ୍ତର୍ଭୁକ୍ତ ସମସ୍ତ ଜିଲା ପାଇଁ ନୂତନ ୱେବସାଇଟ୍ ଲଞ୍ଚ୍ କରିବା ବୈଷୟିକ ପରିବର୍ତ୍ତନରେ ଆଉ ଏକ ପଦକ୍ଷେପ । ୫-ଟି ପଦକ୍ଷେପ ରାଜ୍ୟର ପ୍ରତ୍ୟେକ କ୍ଷେତ୍ରରେ ପରିବର୍ତ୍ତନ ଆଣିବାରେ ଉଲ୍ଲେଖନୀୟ ପ୍ରଭାବ ପକାଇଛି ବୋଲି ୫-ଟି ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ କହିଥିଲେ। ଏଭଳି ପଦକ୍ଷେପ ପ୍ରଶାସନିକ ପ୍ରକ୍ରିୟାକୁ ଅଧିକ କ୍ରିୟାଶୀଳ କରିବା ପାଇଁ ସରକାରଙ୍କ ପ୍ରତିବଦ୍ଧତାର ଉଦାହରଣ ହୋଇପାରିଛି ବୋଲି ଇ ଆଣ୍ଡ୍ ଆଇଟି ବିଭାଗର ମୁଖ୍ୟ ଶାସନ ସଚିବ ତଥା ପରିଚାଳନା ନିର୍ଦ୍ଦେଶକ ମନୋଜ କୁମାର ମିଶ୍ର କହିଛନ୍ତି ।



ଲୋକାର୍ପଣ ସମାରୋହରେ ବରଗଡ଼ ଜିଲାପାଳ ଏବଂ ଅନ୍ୟମାନେ ।

## ପଞ୍ଚାୟତବାସୀଙ୍କ ଭୋଟ୍ ବର୍ଜନ ଚେତାବନୀ



ଜିଲାପାଳଙ୍କୁ ଫେରାଦ ହୋଇଥିବା ପଞ୍ଚାୟତବାସୀ ।

**ବରଗଡ଼,୧୪।୩(ପ୍ରେମାନନ୍ଦ ଖମାରୀ)**

ବରଗଡ଼ ଜିଲା ବିଜେପୁର ବ୍ଲକ ଅନ୍ତର୍ଗତ ଲାମୁଣ୍ଡା ପଞ୍ଚାୟତରେ ବହୁବିଧ ସମସ୍ୟା ଲାଗି ରହିଛି। ଏ ନେଇ ବିଭାଗୀୟ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରାଯିବା ସତ୍ତ୍ୱେ କିଛି ସୁଫଳ ମିଳୁନାହିଁ। ଏଭଳି ଅଭିଯୋଗ ନେଇ ଉକ୍ତ ପଞ୍ଚାୟତର ଲୋକେ ଗୁରୁବାର ଜିଲାପାଳଙ୍କ କାର୍ଯ୍ୟାଳୟକୁ ଆସିଥିଲେ। ଜିଲାପାଳ ଆଦିତ୍ୟ ଗୋୟଲଙ୍କୁ ସେମାନେ ଏକ ସ୍ମାରକପତ୍ର ପ୍ରଦାନ କରିଛନ୍ତି। ପଞ୍ଚାୟତରେ ଲାଗି ରହିଥିବା ସମସ୍ୟାର ତ୍ୱରିତ ସମାଧାନ ପାଇଁ ସେମାନେ ଦାବି କରିଛନ୍ତି । ଏହି ଦାବି ନେଇ ଶୁକ୍ରବାରଠାରୁ ସେମାନେ ପଞ୍ଚାୟତରେ ବନ୍ଦ ପାଳନ ପାଇଁ ନିଷ୍ପତ୍ତି ନେଇଥିବାବେଳେ ଆସନ୍ତା ସାଧାରଣ ନିର୍ବାଚନରେ ଭୋଟ୍ ବର୍ଜନ କରିବେ ବୋଲି ଚେତାବନୀ ଦେଇଛନ୍ତି। ସ୍ମାରକପତ୍ରରେ ୩ଦଫା ଦାବି କରାଯାଇଛି। ଲାଉମୁଣ୍ଡାରେ ଜାତୀୟକରଣ ବ୍ୟାଙ୍କ ପ୍ରତିଷ୍ଠା, ଲାଉମୁଣ୍ଡା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ସମ୍ପୂର୍ଣ୍ଣ କର୍ମଚାରୀଙ୍କ ସ୍ଥାୟୀ ନିଯୁକ୍ତି ଏବଂ ପୋଲିସ ଫାଣ୍ଡି ନିର୍ମାଣ ପାଇଁ ସେମାନେ ଦାବି କରିଛନ୍ତି। ଏହି ଦାବି ସମୂହ ନେଇ ସେମାନେ ରାଜ୍ୟ ସରକାର ଏବଂ ଜିଲା ପ୍ରଶାସନକୁ ବାରମ୍ବାର ଅବଗତ କରିଆସୁଛନ୍ତି। ମାତ୍ର ବିଭିନ୍ନ ଆଳ ଦେଖାଇ ଦାବିଗୁଡ଼ିକ ପୂରଣ କରାଯାଉ ନ ଥିବା ସେମାନେ ଅଭିଯୋଗ କରିଛନ୍ତି। ସ୍ଥାନୀୟ ସରପଞ୍ଚ ସୁରେନ୍ଦ୍ର ବେରିଆଙ୍କ ନେତୃତ୍ୱରେ ଅଞ୍ଚଳବାସୀ ସ୍ମାରକପତ୍ର ପ୍ରଦାନ ପାଇଁ ଜିଲାପାଳଙ୍କ ଅଫିସକୁ ଆସିଥିଲେ।

## ବ୍ଲକସ୍ତରୀୟ ସନାତନୀ ବ୍ରାହ୍ମଣ ସମାଜ ବୈଠକ



ବୈଠକରେ ଉପସ୍ଥିତ ବ୍ରାହ୍ମଣ ସମାଜର କର୍ମକର୍ତ୍ତା ।

**ବରପାଲି,୧୪।୩(ଚିତ୍ତରଞ୍ଜନ ସାହୁ)**

ବରଗଡ ଜିଲା ବରପାଲି ନୃସିଂହ ମନ୍ଦିରରେ ବ୍ଲକସ୍ତରୀୟ ସନାତନୀ ବ୍ରାହ୍ମଣ ସମାଜର ଏକ ବୈଠକ ସଭାପତି କୃଷ୍ଣଚନ୍ଦ୍ର ଦେବତାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ପଣ୍ଡିତ ହେମନ୍ତ ମିଶ୍ରଙ୍କ ସମେତ ଅନ୍ୟମାନେ ସାମୂହିକ ଗାୟତ୍ରୀ ମନ୍ତ୍ର ପାଠ କରିଥିଲେ। ସମ୍ପାଦକ ଶରତ ଚନ୍ଦ୍ର ପାଣିଗ୍ରାହୀ ସଭାର ଆଭିମୁଖ୍ୟ ବିଷୟରେ ସୂଚନା ଦେଇ ବ୍ରତୋପନୟନ ପାଇଁ ବର୍ତ୍ତମାନ ସୁଦ୍ଧା ୬ ଜଣ ବଟୁ ଆବେଦନ କରିଛନ୍ତି ବୋଲି କହିଥିଲେ। ୨୦ତାରିଖରେ ଚାରିକର୍ମ ଓ ୨୧ତାରିଖରେ ବ୍ରତୋପନୟନ ନରସିଂହ ମନ୍ଦିର ଓ ମାରୱାଡି ଧର୍ମଶାଳାରେ କରାଯିବ। ବୈଠକରେ ସରୋଜ କୁମାର ଦାଶ, ପଞ୍ଚାନନ ପାଣିଗ୍ରାହୀ, ଦାମୋଦର ପଣ୍ଡା, ଆନନ୍ଦ ପ୍ରସାଦ ଦାଶ, ଯୋଗେଶ ଦାଶ, ନିମାଇଁ ଚରଣ ପଣ୍ଡା, ଅରୁଣ କୁମାର ପଣ୍ଡା, ରମେଶ ଚନ୍ଦ୍ର କର, ମାନଭଞ୍ଜନ ଦାଶ, ଚତୁର୍ଭୁଜ ମହାପାତ୍ର, ମଧୁ ମଙ୍ଗଳ ମିଶ୍ର, ଦେବାନନ୍ଦ ଦାଶ, ବୀର ଦାଶ, ବିନୋଦ ସୁଶାରୀ ପ୍ରମୁଖ ଯୋଗଦାନ କରିଥିଲେ। ଆବାହକ ସଦାନନ୍ଦ ଦାଶ ଧନ୍ୟବାଦ ଅର୍ପଣ କରିଥିଲେ।

## ଜୈବିକ ଚାଷ ତାଲିମ ନେଲେ ୨୮ ଚାଷୀ

**ପଦ୍ମପୁର,୧୪।୩ (ପ୍ରଦୀପ୍ତ ଦାଶ)**

ପଦ୍ମପୁର ଉପଖଣ୍ଡ କୃଷି କାର୍ଯ୍ୟାଳୟରେ ୮ଟି ଗାଁର ୨୮ ଜଣ ଅଗ୍ରଣୀ ମହିଳା ଓ ପୁରୁଷ ଜୈବିକ ଚାଷୀଙ୍କୁ ନେଇ ଦୁଇଦିନିଆ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ସୁସ୍ଥ ମାଟି, ଖାଦ୍ୟ, ରୋଗପୋକ ପରିଚାଳନା, ଅମଳର ପରବର୍ତ୍ତୀ ଯତ୍ନ ଏବଂ ସଂରକ୍ଷଣ ବିଷୟରେ ଚାଷୀଙ୍କୁ ତାଲିମ ଦିଆଯାଇଥିଲା। ଦେଶୀ ବିହନ ସୁରକ୍ଷା ମଞ୍ଚର ଆବାହକ ସରୋଜ ଆଞ୍ଚଳିକ ସ୍ତରରେ ତାଲିମଦାତା ସୃଷ୍ଟି କରିବା ଏବଂ ଗାଁସ୍ତରରେ ଜୈବିକ ଚାଷୀଙ୍କୁ ପୁଷ୍ଟିଯୁକ୍ତ ଫସଲ ଖରିଫ ଚାଷର ଗୁରୁତ୍ୱ, ଚାଷ କାମରେ ମହିଳା ପୁରୁଷ ଚାଷୀଙ୍କ ସହଭାଗିତା ବିଷୟରେ ତାଲିମ ଦେଇଥିଲେ। ଭିତ୍ତିଭୂମି ସେବା ସଙ୍ଗଠନ ପକ୍ଷରୁ ଆୟୋଜିତ ଏହି ଶିବିରରେ ଉପଖଣ୍ଡ କୃଷି ଅଧିକାରୀ ଦିଲୀପ କୁମାର ସିଂ, ବିକାଶ ବେଶ୍ରା, ଶୁଭମ ରାଜୁ, ଝୁମି ମେହେର, ଦେଶୀ ବିହନ ସୁରକ୍ଷା ମଞ୍ଚର ବ୍ୟାସଦେବ ବାରିକ, ଆବାହକ ସରୋଜ ଯୋଗ ଦେଇଥିଲେ। ନାରାୟଣ ସ୍ୱାଇଁ, ବାବୁଲୁ ବର୍ଗର୍ତ୍ତି, ସସ୍ମିତା ସାହୁ, ଭରତ ସାହୁ, ଦାଶରଥି ବେହେରା, ସୁଖଦେବ ସ୍ୱାଇଁ ତାଲିମ ଦେଇଥିଲେ।

## କଲ୍ୟାଣ ମଣ୍ଡପ ଉଦ୍‌ଘାଟିତ

**ବରଗଡ଼,୧୪।୩(ପ୍ରେମାନନ୍ଦ ଖମାରୀ):** ବରଗଡ଼ ସଦର ବ୍ଲକ ନୁନିଆଁ ଜାମପାଲି ପଞ୍ଚାୟତ ସର୍ଲା ଗ୍ରାମରେ ଶ୍ରୀରାମ କଲ୍ୟାଣ ମଣ୍ଡପ ଉଦ୍‌ଘାଟିତ ହୋଇଛି। ବରଗଡ଼ ବିଧାୟକ ଦେବେଶ ଆଚାର୍ଯ୍ୟ ମୁଖ୍ୟଅତିଥି ଭାବେ ଯୋଗଦେଇ ଏହାକୁ ଉଦଘାଟନ କରିଥିଲେ। ସ୍ଥାନୀୟ ସରପଞ୍ଚ ସଞ୍ଜୁ ରାୟଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଦଘାଟନୀ କାର୍ଯ୍ୟକ୍ରମରେ ବ୍ଲକ ଉପାଧ୍ୟକ୍ଷ ଉମେଶ ପଣ୍ଡା, ସମିତିସଭ୍ୟ ଉମେଶ ପ୍ରଧାନ ପ୍ରମୁଖ ସମ୍ମାନିତ ଅତିଥି ଥିଲେ।

## କମ୍ୟୁନିଟି ସେଣ୍ଟର ଲୋକାର୍ପିତ

**ବରଗଡ଼,୧୪।୩(ପ୍ରେମାନନ୍ଦ ଖମାରୀ):** ବରଗଡ଼ ସଦର ବ୍ଲକ ଜମୁର୍ଡ଼ା ଗ୍ରାମ ଉପରପଡ଼ାରେ କମ୍ୟୁନିଟି ସେଣ୍ଟର ଲୋକାର୍ପିତ ହୋଇଛି। ଏଥିରେ ବିଧାୟକ ଦେବେଶ ଆଚାର୍ଯ୍ୟ ମୁଖ୍ୟଅତିଥି, ବ୍ଲକ ଉପାଧ୍ୟକ୍ଷ ଉମେଶ ପଣ୍ଡା, ସମିତିସଭ୍ୟ ଉମାକାନ୍ତ ପ୍ରଧାନ, ସରପଞ୍ଚ ପଦ୍ମଲୋଚନ ପ୍ରଧାନ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ। ଏସ୍‌ଏଚ୍‌ଜି କର୍ମକର୍ତ୍ତା, ସଦସ୍ୟ ଯୋଗଦାନ କରିଥିଲେ।

## ଜିଲା ମୁଖ୍ୟାଳୟକୁ ଲକ୍ଷ୍ମୀବସ୍ ସେବା ଆରମ୍ଭ

**ଗାଇସିଲେଟ,୧୪।୩(ଦୁର୍ଗା ତ୍ରିବେଦୀ)**

ଗାଇସିଲେଟ ବସଷ୍ଟାଣ୍ଡରୁ ବରଗଡ଼ ଜିଲା ମୁଖ୍ୟାଳୟକୁ ଗୁରୁବାର ଲକ୍ଷ୍ମୀ ସବ୍‌ସେବା ଆରମ୍ଭ ହୋଇଛି। ଏହି ଅବସରରେ ସ୍ଥାନୀୟ ବିଡିଓ ଲକ୍ଷ୍ମଣ ମାଝୀ ଏବଂ ବ୍ଲକ ଅଧ୍ୟକ୍ଷ ପ୍ରଣୟ କୁମାର ସାହୁ ଅତିଥି ଭାବେ ଯୋଗଦେଇ ନଡିଆ ଭାଙ୍ଗି ସବୁଜ ପତାକା ଦେଖାଇ ସକାଳ ୮ଟାରେ ବସ୍‌ର ଶୁଭାରମ୍ଭ କରିଥିଲେ। ଏହି ସମୟରେ ସ୍ଥାନୀୟ ସରପଞ୍ଚ ଶରତ କାଲୋ, ପୂର୍ବତନ ବ୍ଲକ ଅଧ୍ୟକ୍ଷ ଅମ୍ବିକା ପ୍ରସାଦ ତ୍ରିବେଦୀ, ପୂର୍ବତନ ସରପଞ୍ଚ ଭାରତ ଦାଶ, ଆଇଆଇସି ପ୍ରଶାନ୍ତ କୁମାର ସାମଲ, ପଞ୍ଚାୟତ ଅଧିକାରୀ ପାଣ୍ଡବ ନନ୍ଦ ପ୍ରମୁଖ ଉପସ୍ଥିତ ଥିଲେ। ଶୀତତାପ ନିୟନ୍ତ୍ରିତ ଏହି ବସ୍ (ନଂ. ଓଡିଏବି/୫୪୨୪) ଦିନକୁ ଦୁଇଥର ଯାତାୟାତ କରିବ। ବସରେ ବରିଷ୍ଠ ନାଗରିକ, ବିକଳାଙ୍ଗମାନଙ୍କ ପାଇଁ ବିଶେଷ ରିହାତି ରହିଥିବା ସୂଚନା ମିଳିଛି।



ଅତିଥିମାନେ ସବୁଜ ପତାକା ଦେଖାଇ ବସ୍‌ସେବା ଶୁଭାରମ୍ଭ କରୁଛନ୍ତି।

## ୮ ଦଫା ଦାବିରେ ଜିଲାପାଳଙ୍କୁ ଫେରାଦ

**ବରଗଡ଼,୧୪।୩(ପ୍ରେମାନନ୍ଦ ଖମାରୀ)**

ରାଜ୍ୟର ଗ୍ରାମପଞ୍ଚାୟତଗୁଡ଼ିକରେ କାର୍ଯ୍ୟରତ ଚତୁର୍ଥ ଶ୍ରେଣୀ କର୍ମଚାରୀଙ୍କ ପ୍ରତି ସରକାର ଅଣଦେଖା ମନୋଭାବ ପୋଷଣ କରୁଛନ୍ତି। ଏଭଳି ଅଭିଯୋଗ ନେଇ ଗୁରୁବାର ଓଡ଼ିଶା ଗ୍ରାମପଞ୍ଚାୟତ ଚତୁର୍ଥ ଶ୍ରେଣୀ କର୍ମଚାରୀ ସଂଘ ବରଗଡ଼ ଜିଲା ଶାଖା ପକ୍ଷରୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏବଂ ୫-ଟି ଅଧ୍ୟକ୍ଷଙ୍କ ଉଦ୍ଦେଶ୍ୟରେ ଜିଲାପାଳ ଆଦିତ୍ୟ ଗୋୟଲଙ୍କୁ ସ୍ମାରକପତ୍ର ପ୍ରଦାନ କରାଯାଇଛି। ସ୍ମାରକପତ୍ରରେ ୭ଦଫା ଦାବି କରାଯାଇଛି। ଗ୍ରାମପଞ୍ଚାୟତରେ କାର୍ଯ୍ୟରତ ଚତୁର୍ଥ ଶ୍ରେଣୀ କର୍ମଚାରୀଙ୍କୁ ସ୍ଥାୟୀ ନିଯୁକ୍ତି ସହିତ ନିୟମିତ ଦରମା ପ୍ରଦାନ, ସ୍ୱତନ୍ତ୍ର ବଜେଟ୍ ରଖାଯିବା, ସମାନ କାମକୁ ସମାନ ଦରମା, ୨୦୧୪ ମସିହା ନିୟମ-୧୨୫ ଏବଂ ୧୯୬୪ ମସିହା ନିୟମ-୧୨୩ ଆଇନକୁ ତୁରନ୍ତ ସଂଶୋଧନ, ପଞ୍ଚାୟତିରାଜ ବିଧି ବ୍ୟବସ୍ଥାରେ ଅନ୍ତର୍ଭୁକ୍ତ କରିବା ସହିତ ଇ-ଗଭର୍ଣ୍ଣାନ୍ସ ପୋର୍ଟାଲ, ପି.ଆର୍ ବିଭାଗରେ କର୍ମଚାରୀମାନଙ୍କ ତାଲିକାକୁ ପଞ୍ଜୀକରଣ କରିବାକୁ ଦାବି ହୋଇଛି ।

ସେହିପରି ଶିକ୍ଷାଗତ ଯୋଗ୍ୟତା ଭିତ୍ତିରେ ପଦୋନ୍ନତି, ଶ୍ରମ ଓ ନିଯୋଜନ ବିଭାଗ ଦ୍ୱାରା କରାଯାଇଥିବା ଘୋଷଣା ଅନୁସାରେ ଦୈନିକ ସର୍ବନିମ୍ନ ମଜୁରୀ ୩୩୩ ଟଙ୍କାରୁ କମ୍ ହେଉ ନ ଥିବା ପାରିଶ୍ରମିକ ପି.ଆର ବିଭାଗରୁ ଏକ ଷ୍ଟାଣ୍ଡିଂ ଅର୍ଡର ପ୍ରତେକ ପଞ୍ଚାୟତକୁ ପଠାଇବା, ସର୍ବନିମ୍ନ ମଜୁରୀ ଦୈନିକ ୩୫୦ ଟଙ୍କା ପ୍ରଦାନ, ଚାକିରି କ୍ଷେତ୍ରରେ ସୁରକ୍ଷା ପ୍ରଦାନ, ବିଗତ ଦିନରେ ପଞ୍ଚାୟତ ସମ୍ପାଦକଙ୍କୁ ଯୋଗାଇବା ଭଳି ସରକାରୀ ଅନୁଦାନ ଆଦି ଦାବି କରାଯାଇଛି। ସଂଘର ଜିଲା ସଭାପତି ଧନଞ୍ଜୟ ପଟେଲଙ୍କ ନେତୃତ୍ୱରେ କର୍ମଚାରୀମାନେ ସ୍ମାରକପତ୍ର ପ୍ରଦାନ ପାଇଁ ଜିଲାପାଳଙ୍କ କାର୍ଯ୍ୟାଳୟକୁ ଆସିଥିଲେ।



ଚତୁର୍ଥ ଶ୍ରେଣୀ କର୍ମଚାରୀ ସ୍ମାରକପତ୍ର ପ୍ରଦାନ ପାଇଁ ଜିଲାପାଳଙ୍କ କାର୍ଯ୍ୟାଳୟକୁ ଯାଉଛନ୍ତି ।

## ସଂକ୍ଷେପରେ

### ଡମ୍ଫର ଧକ୍କାରେ ବାଇକ୍ ଚାଳକ ମୃତ

**ରାଉରକେଲା,୧୪।୩(ଦିନେଶ ମିଶ୍ର):** ବିଜୁ ଏକ୍ସପ୍ରେସ୍ ୱେର ଲିପ୍‌ଲୋଇ ବାଇପାସ୍ ଛକରେ ଦୁର୍ଘଟଣାରେ ଗୁରୁତର ହୋଇ ଚିକିତ୍ସିତ ହେଉଥିବା ଜଣେ ଯୁବକଙ୍କ ଗୁରୁବାର ମୃତ୍ୟୁ ହୋଇଛି। ମୃତ ଯୁବକ ହେଲେ ଦିବାକର ଚକ୍ରବର୍ତ୍ତୀ(୩୮)। ମୃତଦେହ ବ୍ୟବଚ୍ଛେଦ ପରେ ତାଙ୍କ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ସୂଚନା ଅନୁସାରେ, ବ୍ରାହ୍ମଣୀତରଙ୍ଗ ଥାନା ଅଧୀନ ମାଣ୍ଡିଆକୁଦା ଅଞ୍ଚଳର ଦିବାକର ବୁଧବାର ଅପରାହ୍ନ ସାଢେ ୫ଟାରେ ସାଇକେଲ ଯୋଗେ ଲିପଲୋଇ ଅଞ୍ଚଳରୁ କାମସାରି ଘରକୁ ଫେରୁଥିଲେ। ଏହି ସମୟରେ ଏକ ଡମ୍ଫର ତାଙ୍କୁ ପଛପଟୁ ଧକ୍କା ଦେଇ ଫେରାର ହୋଇଯାଇଥିଲା। ତାଙ୍କୁ ଗୁରୁତର ଅବସ୍ଥାରେ ଆରଜିଏଚ୍‌ରେ ଭର୍ତ୍ତି କରାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ଗୁରୁବାର ଅପରାହ୍ନ ସାଢେ ୩ଟାରେ ତାଙ୍କର ମୃତ୍ୟୁ ହୋଇଥିଲା।

### ଅଗ୍ନିକାଣ୍ଡରେ ଦୋକାନ ଜଳିଗଲା

**ରାଉରକେଲା,୧୪।୩(ସଙ୍ଗୀତା ଜେନା):** ପ୍ଲାଣ୍ଟସାଇଟ୍ ଥାନା ଅନ୍ତର୍ଗତ ତାରିଣୀ ମନ୍ଦିର ନିକଟରେ ବୁଧବାର ବିଳମ୍ବିତ ରାତିରେ ଅଗ୍ନିକାଣ୍ଡ ଯୋଗୁ ଏକ ସେଲୁନ୍ ଜଳିଯାଇଛି। ଖବର ପାଇ ଘଟଣାସ୍ଥଳରେ ଅଗ୍ନିଶମ କର୍ମଚାରୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ଉକ୍ତ ସେଲୁନ୍‌ରେ ଟଙ୍କା, ଆସବାବପତ୍ର ଆଦି ଜଳିଯାଇଛି। ଏ ନେଇ ସମ୍ପୃକ୍ତ ଥାନାରେ ଅଭିଯୋଗ ହୋଇଛି। ତେବେ ଶର୍ଟସର୍କିଟ ଯୋଗୁ ଅଗ୍ନିକାଣ୍ଡ ହୋଇଥିବା ଅନୁମାନ କରାଯାଉଛି।

### ଯୁବତୀଙ୍କୁ ବଳାତ୍କାର ଅଭିଯୋଗ

**ରାଉରକେଲା,୧୪।୩(ସଙ୍ଗୀତା ଜେନା):** ଉଦିତନଗର ଥାନା ଅଞ୍ଚଳରେ ଗୁରୁବାର ଜଣେ ଯୁବତୀଙ୍କୁ ବଳାତ୍କାର କରାଯାଇଥିବା ଅଭିଯୋଗ ହୋଇଛି। ଜଣେ ଯୁବକ ବିବାହ ପ୍ରତିଶ୍ରୁତି ଦେଇ ଦୀର୍ଘଦିନ ହେଲା ଉକ୍ତ ଯୁବତୀଙ୍କ ସହ ସମ୍ପର୍କ ରଖିଆସୁଥିଲେ। ତେବେ ଯୁବତୀ ଜଣଙ୍କ ବିବାହ କରିବାକୁ କହିବାରୁ ସେ ରାଜି ହୋଇ ନ ଥିଲେ। ଏ ନେଇ ଯୁବତୀ ଥାନାରେ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା (ନଂ.୧୬୩/୨୪) ରୁଜୁ କରି ତଦନ୍ତ କରୁଛି।

### କାର୍ ଧକ୍କାରେ ମହିଳା ମୃତ

**ରାଉରକେଲା,୧୪।୩(ସଙ୍ଗୀତା ଜେନା):** ରାଉରକେଲା ମହାନଗର ନିଗମ ଛକରେ ଗୁରୁବାର ସକାଳ ପ୍ରାୟ ସାଢ଼େ ୬ଟାରେ ଏକ କାର୍ ଧକ୍କା ଦେବାରୁ ଜଣେ ମହିଳା ପରିବା ବିକାଳିଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ ଉଦିତନଗର ଶୀତଳପଡ଼ା ବସ୍ତିର ଶାନ୍ତିଲତା ପ୍ରଧାନ(୬୦)। ସେ ସଡ଼କ ଅତିକ୍ରମ କରୁଥିବା ବେଳେ ଅପରପାର୍ଶ୍ୱରୁ ଆସୁଥିବା କାର୍ (ନଂ.ଓଡ଼ି୧୪ଏବି/୧୧୯୪) ତାଙ୍କୁ ଧକ୍କା ଦେଇଥିଲା। ଗୁରୁତର ଅବସ୍ଥାରେ ତାଙ୍କୁ ଉଦ୍ଧାର କରି ରାଉରକେଲା ସରକାରୀ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏ ନେଇ ପୋଲିସ ଏକ ମାମଲା (ନଂ.୧୬୨/୨୪) ରୁଜୁ କରି ତଦନ୍ତ କରୁଛି।

# ଯାତାୟାତରେ ବାଧକ ସ୍ୱେରେଜ ଟାଙ୍କି

**ରାଉରକେଲା,୧୪।୩(ଦିନେଶ ମିଶ୍ର)**




ଉଦିତନଗର ମେନ୍‌ରୋଡ୍ ମଝିରେ ସ୍ୱେରେଜ ଟାଙ୍କି ଉପରକୁ ଉଠିଛି।

ରାଉରକେଲା ସହରର ବିଭିନ୍ନ ରାସ୍ତା ମଝିରେ ସ୍ୱେରେଜ ଟାଙ୍କି ଥିବାରୁ ଯାତାୟାତରେ ସମସ୍ୟା ହେଉଛି। ଏଭଳି ଦୃଶ୍ୟ ଉଦିତନଗର, ସିଭିଲଟାଉନଶିପ୍, ରାଉରକେଲା ମେନ୍ ରୋଡ, ଛେଣ୍ଡ କଲୋନୀ, କୋଲଏ ନଗର, ବାସନ୍ତୀ କଲୋନୀ, ଉଦିତନଗର ଅଞ୍ଚଳ ରାସ୍ତାମାନଙ୍କରେ ଦେଖିବାକୁ ମିଳିଛି। ଏହିସବୁ ରାସ୍ତା ମଝିରେ ସ୍ୱେରେଜ ସିଷ୍ଟମ ଟାଙ୍କି ଉପରକୁ ଉଠିରହିଥିବାରୁ ବିଭିନ୍ନ ସମୟରେ ଦୁର୍ଘଟଣା ଘଟୁଛି। ଏମିତିକି ଉକ୍ତ ରାସ୍ତାରେ ଭାରିଯାନ ଯାତାୟାତ କରୁଥିବା ବେଳେ ଏହି ଟାଙ୍କି ଯୋଗୁ ଗାଡି ରାସ୍ତାରେ ପିଚିହୋଇଯାଉଛି। ଉକ୍ତ ଟାଙ୍କି ଯୋଗୁ ବିଭିନ୍ନ ସମୟରେ ଟ୍ରାଫିକ ସମସ୍ୟା ଉପୁଜୁଛି।

ଛେଣ୍ଡ କଲୋନୀ ଏଲ୍‌ସିଆର ବ୍ଲକ ଓ ବାସନ୍ତୀ କଲୋନୀ ଅଞ୍ଚଳରେ ଥିବା କିଛି ସ୍ୱେରେଜ ଟାଙ୍କି ଉପରେ ପ୍ରତିଦିନ ଗାଡି ଯାତାୟାତ କରିବାରୁ ଏକାଧିକ ଟାଙ୍କିରେ ଫାଟ ସୃଷ୍ଟି ହୋଇଛି। ଫଳରେ ଉକ୍ତ ଟାଙ୍କିରୁ ବିଭିନ୍ନ ସମୟରେ ପାଣି ଝରି ସ୍ଥାନୀୟ ଅଞ୍ଚଳରେ ଅସ୍ୱାସ୍ଥ୍ୟକର ପରିବେଶ ସୃଷ୍ଟି କରୁଛି। ରାଉରକେଲା ମେନ୍‌ରୋଡ ରାସ୍ତା ମଝିରେ ନିର୍ମାଣ କରାଯାଇଥିବା ସ୍ୱେରେଜ ଟାଙ୍କି ଗୁଡିକ ଚ୍ୟାମ୍ବରଠାରୁ ଉଚ୍ଚରେ ରହୁଥିବାରୁ ଗାଡି ଚାଳକମାନେ କ୍ଷତିଗ୍ରସ୍ତ ହେଉଛନ୍ତି। ବିଶେଷ କରି ରାତି ସମୟରେ ଏହି ରାସ୍ତାରେ ଯାତାୟାତ କଲେ ସ୍ୱେରେଜ ଟାଙ୍କିର ଲୁହାପ୍ଲେଟ ଓ ଭଙ୍ଗା ରଡ଼୍‌ଗୁଡିକ ଗାଡ଼ି ଚକାରେ ପଶି କ୍ଷତି ହେଉଛି । ସହରରେ ଏଭଳି ବିଭିନ୍ନ ସ୍ଥାନରେ ସ୍ୱେରେଜ ସିଷ୍ଟମର ଟାଙ୍କିଗୁଡିକ ରାସ୍ତା ମଝିରେ ଉପରକୁ ଉଠିରହିଥିବାରୁ ଏହାକୁ ତୁରନ୍ତ ପୂର୍ଣ୍ଣ ମରାମତି ନଚେତ ରାସ୍ତା ସହ ସମତୁଲ କରିବା ପାଇଁ ସାଧାରଣରେ ଦାବି ହୋଇଛି। ଏ ନେଇ ରାଉରକେଲା ସ୍ୱେରେଜ ବୋର୍ଡ ଅଧିକାରୀ ବସନ୍ତ କୁମାର ଡାକୁଆଙ୍କୁ ପଚାରିବାରୁ ସେ କହିଥିଲେ, ବର୍ତ୍ତମାନ ସହରରେ ସ୍ୱେରେଜ କାମ ସରିଯାଇଛି। ଆମେ ପ୍ରଥମ ପର୍ଯ୍ୟାୟରେ ୧୬ଶହରୁ ଊର୍ଦ୍ଧ୍ୱ ଲୋକଙ୍କୁ ଏଥିରେ ସଂଯୋଗ କରିସାରିଛୁ। ସହରର ଯେଉଁ ସ୍ଥାନମାନଙ୍କରେ ସ୍ୱେରେଜ ଟାଙ୍କି ରାସ୍ତା ମଝିରେ ଉପରକୁ ଉଠିଛି ଓ ଟାଙ୍କିରେ ଫାଟ ସୃଷ୍ଟି ହୋଇଛି ଆମ ବିଭାଗ ପକ୍ଷରୁ ଏହାକୁ ଅନୁଧ୍ୟାନ କରି ଆଗାମୀ ଦିନରେ ମରାମତି କରାଯିବ। ଆଗାମୀ ୩ ମାସ ଭିତରେ ଏହିସବୁ ସମସ୍ୟା ଦୂର ହେବ। ସହରବାସୀ କିଭଳି ସ୍ୱେରେଜ ବ୍ୟବସ୍ଥାର ଲାଭ ପାଇବେ ସେ ନେଇ ବିଭିନ୍ନ ସ୍ଥାନରେ କ୍ୟାମ୍ପ ମାଧ୍ୟମରେ ସଚେତନ କରାଯିବ ବୋଲି ଡାକୁଆ କହିଥିଲେ।

ସୂଚନାଯୋଗ୍ୟ, ରାଉରକେଲା ମହାନଗର ନିଗମ ଅଞ୍ଚଳର ବିଭିନ୍ନ ୱାର୍ଡ ପାଇଁ ୨୦୧୬ରେ ସ୍ୱରେଜ ଯୋଜନା ପ୍ରସ୍ତୁତ କରାଯାଇଥିଲା। ଘରୁ ବାହାରୁଥିବା ବ୍ୟବହୃତ ପାଣି ଏହି ସ୍ୱେରେଜ ପାଇପ ଦେଇ ଟ୍ରିଟ୍‌ମେଣ୍ଟ ପ୍ଲାଣ୍ଟକୁ ଯାଇ ସେଠାରେ ବିଶୋଧନ କରାଯିବା ପରେ ନଦୀକୁ ଛଡାଯିବା ଯୋଜନା ହୋଇଥିଲା। ମାତ୍ର ୫ ବର୍ଷରୁ ଊର୍ଦ୍ଧ୍ୱ ସମୟ ବିତିଯାଇଥିଲେ ମଧ୍ୟ ଏହି ଯୋଜନା ସମ୍ପୂର୍ଣ୍ଣ ଭାବେ କାର୍ଯ୍ୟକାରୀ ହୋଇପାରିନାହିଁ। ଫଳରେ ସହରର ସ୍ୱେରେଜ ଯୋଜନାକୁ ନେଇ ବିଭିନ୍ନ ମହଲରେ ଅସନ୍ତୋଷ ପ୍ରକାଶ ପାଉଛି। ଏହି ଯୋଜନା ପାଇଁ ୩୪୦ କୋଟି ୨୦ ଲକ୍ଷ ଟଙ୍କା ବ୍ୟୟ ଆକଳନ କରାଯାଇଥିଲା। ୨୦୧୭ ଜାନୁଆରୀ ୯ରେ ସହରର ବିଭିନ୍ନ ୱାର୍ଡରେ ଏହାର କାମ ଆରମ୍ଭ ହୋଇଥିଲା। ଏହି ସମୟରେ ଆରଏମ୍‌ସି ଅଧୀନ ୪୦ଟି ୱାର୍ଡର ସମସ୍ତ ଗଳିକନ୍ଦିର ମୁଖ୍ୟ ରାସ୍ତାମାନ ଖୋଳାଯାଇ ସ୍ୱେରେଜ ପାଇପ୍ ବିଛା ସାଙ୍ଗକୁ ଟାଙ୍କି ନିର୍ମାଣ କରାଯାଇଥିଲା। ଏହି କାମ ୨୦୧୯ ଶେଷ ସୁଦ୍ଧା ସାରିବାକୁ ସମୟ ନିର୍ଦ୍ଧାରିତ ହୋଇଥିବା ବେଳେ ପ୍ରାୟ ୧୮୬ଶହ କିଲୋମିଟର ପାଇପ ବିଛାଯିବାର ଥିଲା । ନିୟମ ଅନୁସାରେ ରାସ୍ତାଖୋଳା ଯାଇ ପାଇପ୍ ବିଛାଯିବା ପରେ ରାସ୍ତା ଗୁଡିକୁ ପୂର୍ବପରି ସମତୁଲ କରାଯିବା କଥା। ମାତ୍ର ଠିକା ସଂସ୍ଥା ରାସ୍ତାକୁ ଖୋଳି ପାଇପ୍ ବିଛାଇବା ପରେ କେଉଁଠି ଖାଲି ମାଟି ପକାଇ ସମତୁଲ କରି ଦେଇଥିବାବେଳେ ଅନ୍ୟ କେଉଁଠି ରାସ୍ତାକୁ ସମତଲ ନ କରି ଛାଡି ପକାଇଥିଲା। ଫଳରେ ସ୍ୱେରେଜ ଟାଙ୍କି ଗୁଡିକ ରାସ୍ତାରେ ଉପରକୁ ଉଠି ରହିଥିବାବେଳେ ଆଉ କେଉଁଠି ଖାଲ ଭିତରେ ଦବିଯାଇଛି। ବର୍ତ୍ତମାନ ଏହା ସମସ୍ୟା ସୃଷ୍ଟି କରୁଛି।

## ଜିଲାସ୍ତରୀୟ ଦିବ୍ୟାଙ୍ଗ ସଚେତନତା ଶିବିର ଉଦ୍‌ଘାଟିତ




କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି ଏବଂ ଅନ୍ୟମାନେ।

**ରାଉରକେଲା,୧୪।୩(ଦିନେଶ ମିଶ୍ର)**

ରାଉରକେଲା ଡେଲିମାର୍କେଟ ଟାଉନ ନୋଡାଲ ଉଚ୍ଚବିଦ୍ୟାଳୟ ପରିସରରେ ଜିଲାସ୍ତରୀୟ ଭିନ୍ନକ୍ଷମ ପଞ୍ଚଦିବସୀୟ ଶିବିର ଉଦ୍‌ଘାଟିତ ହୋଇଯାଇଛି। ବିଶ୍ରା ବ୍ଲକ ଶିକ୍ଷାଧିକାରୀ ବେଣୁଧର ସ୍ୱାଇଁ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଶିବିରକୁ ଉଦ୍‌ଘାଟନ କରିଥିଲେ। ଅନ୍ତର୍ନିବେଶୀ ଶିକ୍ଷା ସଂଯୋଜକ ଅମାତ୍ୟ କୁମାର ପ୍ରଧାନ ଓ ତଥ୍ୟ ପରିଚାଳକ ସୁବେନ୍ଦୁ କୁମାର ସାହୁ ଅନ୍ୟତମ ଅତିଥି ଭାବେ ଯୋଗଦେଇ ଉପସ୍ଥିତ ପ୍ରଶିକ୍ଷାର୍ଥୀମାନଙ୍କୁ ଗଠନମୂଳକ ପ୍ରସ୍ତାବ ଦେଇ ସିଡବ୍ଲ୍ୟୁଏସ୍ଏନ୍ ଛାତ୍ରୀଛାତ୍ର କିପରି ଭବିଷ୍ୟତରେ ସମାଜର ମୁଖ୍ୟସ୍ରୋତରେ ସାମିଲ ହୋଇପାରିବେ ସେ ନେଇ ଦିଗ୍‌ଦର୍ଶନ ଦେଇଥିଲେ। ଏହି କର୍ମଶାଳାରେ ସୁନ୍ଦରଗଡ ଜିଲା ପାନପୋଷ, ବଣାଇ ଉପଖଣ୍ଡର ସମସ୍ତ ବିଆରଟି ପ୍ରଶିକ୍ଷାର୍ଥୀମାନେ ଯୋଗଦାନ କରିଥିଲେ। ଆଭା ଅନ୍ୱେଷର ସଭାପତି ଆର୍ତ୍ତତ୍ରାଣ ଜେନା, ଆନନ୍ଦ ଚନ୍ଦ୍ର ମଲ୍ଲିକ, ପାରିଜାତ ବେହେରା, ସୁଜାତା କାଲୋ, ପ୍ରିୟଦର୍ଶନୀ ଚୌଧୁରୀ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଟାଉନ ନୋଡାଲ ଉଚ୍ଚବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଅମିତା ଗଡନାୟକ, ସିଆରସିସି ଦୀପ୍ତିମୟୀ ପରିଡା, ବିଆରଟି ସୁଚିସ୍ମିତା ପଣ୍ଡା, ଇଭାଲିନ ଦେଉରିଆ ପ୍ରମୁଖ ସହଯୋଗ କରିଥିଲେ।

## ଆର୍‌ଏସ୍‌ପି ଲକ୍ଷ୍ୟ ହାସଲ ପାଇଁ ଶ୍ରମିକ ୟୁନିଟ ସହ ମତ ବିନିମୟ



ମତବିନିମୟ ଅଧିବେଶନରେ ଆର୍‌ଏସ୍‌ପି ଅଧିକାରୀ ଓ ଶ୍ରମିକ ନେତା ଉପସ୍ଥିତ ।

**ରାଉରକେଲା,୧୪।୩(ବିପ୍ଲବ ରଞ୍ଜନ ଦାଶ)**

ଆରଏସପି କାର୍ମିକ ଏବଂ ପ୍ରଶାସନ ବିଭାଗ ନିର୍ବାହୀ ନିର୍ଦ୍ଦେଶକଙ୍କ ସମ୍ମିଳନୀ କକ୍ଷରେ ଆର୍‌ଏସ୍‌ପିର ବିଭିନ୍ନ ଶ୍ରମିକ ୟୁନିଟ ସହ ଆର୍‌ଏସ୍‌ପିର ଲକ୍ଷ୍ୟ ହାସଲ ପାଇଁ ସମ୍ଭାବ୍ୟ ସମର୍ଥନ ପ୍ରଦାନ ଶୀର୍ଷକରେ ଏକ ମତ ବିନିମୟ ଅଧିବେଶନ ଅନୁଷ୍ଠିତ ହୋଇଯାଇଛି। ଅଧିବେଶନରେ ଆରଏସପିର ବିଭିନ୍ନ ଶ୍ରମିକ ୟୁନିଟ ଆରଏସପି ଲକ୍ଷ୍ୟ ପୂରଣ ସକାଶେ ପ୍ରସ୍ତୁତ ଥିବା ଉଲ୍ଲେଖ କରିଥିଲେ। ଅଧିବେଶନରେ ଆରଏସ୍‌ପିର ବିଭିନ୍ନ ଶ୍ରମିକ ୟୁନିଟ୍ ନେତା, ପ୍ରତିନିଧି ଆରଏସପି ଓ ବୋକାରୋ ଇସ୍ପାତ କାରଖାନା ଭାରପ୍ରାପ୍ତ ନିର୍ଦ୍ଦେଶକ ଅତନୁ ଭୌମିକଙ୍କ ସହିତ ମତବିନିମୟ ଅବସରରେ ଏଭଳି ଆଶ୍ୱାସନା ଦେଇଛନ୍ତି। ଅଧିବେଶନରେ କାର୍ମିକ ଏବଂ ପ୍ରଶାସନ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ତରୁଣ ମିଶ୍ର, ବିତ୍ତ ଓ ଲେଖା ବିଭାଗର ସିଜିଏମ ଏସ. କେ. ନାୟକ, ପର୍ସନାଲ ଏବଂ ସହର ସେବା ବିଭାଗ ଜିଏମ୍ ଇନଚାର୍ଜ ପି. କେ. ଦାସ, କାର୍ମିକ ଏବଂ ପ୍ରଶାସନ ବିଭାଗର ଜିଏମ୍ ଇନ୍‌ଚାର୍ଜ ଧୀରେନ୍ଦ୍ର ମିଶ୍ର, ପର୍ସନାଲ ଏଚ୍‌ଆର ବିଭାଗର ଜିଏମ୍ ଇନଚାର୍ଜ ଡ. ପି. କେ. ସାହୁ, ବିତ୍ତ ଓ ଲେଖା ବିଭାଗର ଜିଏମ୍ ପି. ଭିଜୟାନ ଏବଂ ବହୁ ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ। ଅନ୍ୟପଟେ ଆରଏସପି ବିଭିନ୍ନ ଶ୍ରମିକ ୟୁନିଟର ମୁଖ୍ୟ ପ୍ରଦୋଷ ପଣ୍ଡା, ହିମାଂଶୁ ବଳ, ଅକ୍ଷୟ କୁମାର ନାୟକ, ଖଗେଶ୍ୱର ବେହେରା, ସଂଗ୍ରାମ ସାମଲ, ରମେଶ ଚନ୍ଦ୍ର ସେଠୀ, ରମେଶ ସାହୁ, ସତ୍ୟପ୍ରିୟ ମହାନ୍ତି, ବି.କେ. ତିୱାରୀ, ଆର. ସି. ମଲ୍ଲିକ, ସନ୍ତୋଷ ନାୟକ, ଏଚ୍. କେ. ବେହୁରା ଏବଂ ବିକାଶ ହାଇଦର ପ୍ରମୁଖ ସମ୍ମିଳିତ ହୋଇଥିଲେ। ଆରଏସ୍‌ପିର ସାମଗ୍ରିକ ପ୍ରଦର୍ଶନର ପ୍ରଶଂସା କରି ଅତନୁ ଭୌମିକ କହିଥିଲେ, ସମନ୍ୱିତ ପ୍ରୟାସକୁ ପାଥେୟ କରି ଆରଏସ୍‌ପି ଏହାର ସର୍ବୋତ୍ତମ ପ୍ରଦର୍ଶନ ରେକର୍ଡ କରିଛି। କିନ୍ତୁ ଇନପୁଟ ମୂଲ୍ୟରେ ବୃଦ୍ଧି, ବଜାରରେ ଅଧିକ ଇସ୍ପାତର ଉପଲବ୍ଧତା ଓ ମୂଲ୍ୟହ୍ରାସ କରି ଆମର ନିୟନ୍ତ୍ରଣ ବାହାରେ ଥିବା କାରକ ଗୁଡିକର ପ୍ରଭାବକୁ ପ୍ରତିହତ କରିବାକୁ ହେଲେ ବ୍ୟୟନିପୁଣ ଉତ୍ପାଦନ ବୃଦ୍ଧି ଉପରେ ବିଶେଷ ଧ୍ୟାନ ଦେବାକୁ ପଡିବ। ଆମକୁ ଆମର କାର୍ଯ୍ୟନିପୁଣତାରେ ଆହୁରି ଉନ୍ନତି ଆଣିବା ପ୍ରଚେଷ୍ଟାକୁ ତ୍ୱରାନ୍ୱିତ କରିବାକୁ ହେବ। ବ୍ରେକଡାଉନ ଏଡାଇବା ଓ ଯନ୍ତ୍ରୋପକରଣର ଡାଉନ ସମୟ ହ୍ରାସ ଉପରେ ମଧ ଭୌମିକ ଗୁରୁତ୍ୱାରୋପ କରିଥିଲେ। ଏହାଦ୍ୱାରା କାରଖାନା ପ୍ରଦର୍ଶନ ଉନ୍ନତରୁ ଉନ୍ନତତର ଏବଂ ପରେ ସର୍ବୋତ୍କୃଷ୍ଟ ହୋଇପାରିବ। ସମସ୍ୟାକୁ ହ୍ରାସ କରିବା ଏବଂ କାରଖାନାର ଲାର୍ଭାଜନରେ ଆହୁରି ଉନ୍ନତି ଆଣିବାରେ ସମର୍ପିତ ପ୍ରୟାସ କରିବା ପାଇଁ ସେ ସମସ୍ତଙ୍କୁ ଆହ୍ୱାନ ଦେଇଥିଲେ। ତରୁଣ ମିଶ୍ର ତାଙ୍କ ସମ୍ବୋଧନରେ ବିଭାଗର କାର୍ଯ୍ୟଦକ୍ଷତା ବୃଦ୍ଧି ଠାରୁ ଆରମ୍ଭ କରି ଆଉଟସୋର୍ସ କର୍ମଚାରୀଙ୍କ ଦକ୍ଷତାରେ ଉନ୍ନତି ଆଦି ପ୍ରସଙ୍ଗ ଉପରେ ଆଲୋଚନା କରିଥିଲେ। ଏହି ଅବସରରେ ଏସ. କେ. ନାୟକ ଆରଏସପିର ଲାଭ ବୃଦ୍ଧି କସାଶେ ପ୍ରୋସେସ ଅପ୍ଟିମାଇଜେଶନ, ବ୍ୟୟ ନିୟନ୍ତ୍ରଣ ଏବଂ ରାଜସ୍ୱ ସୃଷ୍ଟି ଆଧାରିତ ରଣନୀତି ଉପରେ ଗୁରୁତ୍ୱାରୋପ କରିଥିଲେ। ଅଧିବେଶନ ପୂର୍ବରୁ ପି. ଭିଜୟନ ବିଗତ ଆର୍ଥିକ ବର୍ଷରେ କାରଖାନାର ଉତ୍ପାଦନ ପ୍ରଦର୍ଶନ ସହିତ ଚଳିତ ଆର୍ଥିକ ବର୍ଷର ଧାର୍ଯ୍ୟ ଲକ୍ଷ୍ୟ ଓ ସଫଳତା ଉପରେ ଏକ ଉପସ୍ଥାପନା ପ୍ରସ୍ତୁତ କରିଥିଲେ। ସମାବେଶରେ ପି. କେ. ଦାଶ ସ୍ୱାଗତ ଅଭିଭାଷଣ ଦେଇଥିବା ବେଳେ ଧୀରେନ୍ଦ୍ର ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ। ପି. କେ. ସାହୁ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

## ଶ୍ରମିକଙ୍କ ସର୍ବନିମ୍ନ ମଜୁରି ବୃଦ୍ଧିକୁ ସ୍ୱାଗତ

**ରାଉରକେଲା,୧୪।୩(ସଙ୍ଗୀତା ଜେନା)**

ଶ୍ରମିକଙ୍କ ସର୍ବନିମ୍ନ ମଜୁରି ବୃଦ୍ଧିକୁ ନେଇ ହିନ୍ଦ୍ ମଜଦୁର ସଭା(ଏଚ୍‌ଏମ୍‌ଏସ୍) ସମେତ ଅନ୍ୟାନ୍ୟ ଶ୍ରମିକ ସଙ୍ଗଠନ ବାରମ୍ବାର ଦାବିପତ୍ର ପ୍ରଦାନ ସହ ଆନ୍ଦୋଳନ, ଆଲୋଚନା କରିଥିଲେ। ତେବେ ରାଜ୍ୟ ସରକାର ଏହାକୁ ହୃଦୟଙ୍ଗମ କରି ଶ୍ରମିକ କର୍ମଚାରୀମାନଙ୍କ ସର୍ବନିମ୍ନ ମଜୁରୀ ବୃଦ୍ଧି ପ୍ରକ୍ରିୟା ଆରମ୍ଭ କରିଛନ୍ତି। ସେଥିପାଇଁ ଏଚ୍‌ଏମ୍‌ଏସ୍ ପକ୍ଷରୁ ରାଜ୍ୟ କାର୍ଯ୍ୟକାରୀ ସଭାପତି ବୈଦ୍ୟନାଥ ଦାସ, ଉପସଭାପତି ଅକ୍ଷୟ ନାୟକ, ଗୁଣନିଧି ବଳ ଓ ସମ୍ପାଦକ ପ୍ରମୋଦ ଦାସ ମୁଖ୍ୟମନ୍ତ୍ରୀଙ୍କୁ କୃତଜ୍ଞତା ଜ୍ଞାପନ କରିଛନ୍ତି। ମହଙ୍ଗା ବଜାରରେ ଦୈନିକ ଆନୁଷଙ୍ଗିକ ନିତ୍ୟବ୍ୟବହାର ସାମଗ୍ରୀ କ୍ରୟ କରିବାକୁ ସର୍ବନିମ୍ନ ମଜୁରୀ ୪୫୦ରୁ ୫୦୦ ଟଙ୍କାକୁ ବୃଦ୍ଧି, ଅନ୍ୟାନ୍ୟ ଶ୍ରେଣୀର ଶ୍ରମିକଙ୍କ ମଜୁରୀ ବୃଦ୍ଧି, ସମସ୍ତ ଶ୍ରମିକ ସଙ୍ଗଠନଙ୍କୁ ଡାକି ଅତିଶୀଘ୍ର କାର୍ଯ୍ୟକାରୀ କରିବା ପାଇଁ ରାଜ୍ୟ ସରକାର ନିଷ୍ପତ୍ତି ନିଅନ୍ତୁ ବୋଲି ଏଚ୍‌ଏମ୍‌ଏସ୍ ନେତାମାନେ ଅନୁରୋଧ କରିଛନ୍ତି।

## ଗଞ୍ଜେଇ ଜବତ, ୨ ଗିରଫ

**ରାଉରକେଲା,୧୪।୩(ସଙ୍ଗୀତା ଜେନା)**

ରାଉରକେଲା ରେଳ ଷ୍ଟେଶନରୁ ୨୦ କେଜି ଗଞ୍ଜେଇ ଜବତ ହୋଇଛି। ଏଥିରେ ସମ୍ପୃକ୍ତି ଅଭିଯୋଗରେ ୨ଜଣଙ୍କୁ ଗିରଫ କରାଯାଇଛି। ଗିରଫ ଅଭିଯୁକ୍ତଦ୍ୱୟ ହେଲେ ବନ୍ଧମୁଣ୍ଡା ବଗଦା ବସ୍ତିର ରାସବିହାରୀ ମୁଖୀ(୫୮) ଓ ଡିଜେଲ କଲୋନୀର ସୋନୀ ଭୂୟାଁ(୩୫)। ଏ ନେଇ ଆରପିଏଫ୍ ପକ୍ଷରୁ ଏକ ମାମଲା (ନଂ.୪୯୪/୨୪) ରୁଜୁ ହୋଇଛି।

## ଗ୍ରାହକ ଠକେଇ ବଢୁଛି, ଚଢ଼ାଉ କମୁଛି

**ରାଉରକେଲା,୧୪।୩(ସଙ୍ଗୀତା ଜେନା)**

**ନିକିତି ଓ ବଟକରାର ଉପଯୁକ୍ତ ଯାଞ୍ଚ ହେଉନାହିଁ**

ରାଉରକେଲା ସହରର ବିଭିନ୍ନ ମାର୍କେଟରେ ବ୍ୟବସାୟୀମାନେ ପାରମ୍ପରିକ ନିକିତି ବଟକରା ଆଦି ବ୍ୟବହାର କରୁଛନ୍ତି। ସେମାନେ ଅଧିକାଂଶ ସମୟରେ ନିର୍ଦ୍ଦିଷ୍ଟ ଓଜନର ବଟକରା ପରିବର୍ତ୍ତେ ଇଟା, ପଥର ବ୍ୟବହାର କରି ସାମଗ୍ରୀ ଓଜନ କରୁଥିବା ଦେଖାଯାଉଛି। ନିକିତି ବଟକରା ଆଦିକୁ ୨ ବର୍ଷ ଓ କମ୍ପ୍ୟୁଟରାଇଜ୍ ଓଜନ ମାପ ଯନ୍ତ୍ରକୁ ଏକ ବର୍ଷ ଅବଧି ମଧ୍ୟରେ ନବୀକରଣ କରିବାର ନିୟମ ରହିଥିବା ବେଳେ ସହରରେ ତାହା ପାଳନ କରାଯାଉନାହିଁ। ଅପରପକ୍ଷେ ଏଭଳି ଅସାଧୁ ବ୍ୟବସାୟୀଙ୍କ ଉପରେ ଅଙ୍କୁଶ ଲଗାଇବା ପାଇଁ ବୈଧମାପ ବିଜ୍ଞାନ ବିଭାଗର ଏନଫୋର୍ସମେଣ୍ଟ ଟିମ୍ ଚଢାଉ କରୁଛି। ତେବେ କର୍ମଚାରୀ ଅଭାବରୁ ସମସ୍ତ ଦୋକାନକୁ ଯାଞ୍ଚ କରାଯାଇପାରୁ ନ ଥିବା ଜଣାପଡିଛି। ଫଳରେ ଗ୍ରାହକ ପ୍ରତ୍ୟେକ ସାମଗ୍ରୀ ଓଜନରେ ଠକେଇର ଶିକାର ହେଉଥିବା ବେଳେ ରାଜ୍ୟ ସରକାର ଲକ୍ଷ ଲକ୍ଷ ଟଙ୍କା ରାଜସ୍ୱ ହରାଉଛନ୍ତି।

ଛେଣ୍ଡ, ବାସନ୍ତୀ କଲୋନୀ, ଉଦିତନଗର, ସିଭିଲଟାଉନଶିପ୍, ପାନପୋଷ, ଆର୍‌ଏସ୍‌ପି ଶିଳ୍ପାଞ୍ଚଳ, କୋଏଲନଗର ସମେତ ଜିଲାର ବିଭିନ୍ନ ସ୍ଥାନରେ ଏପରି ସମସ୍ୟା ଦେଖାଯାଉଛି। ବିଶେଷତଃ ରାଉରକେଲାର ଛେଣ୍ଡ, ଝିରପାଣି ସାପ୍ତାହିକ ହାଟରେ ଓଜନ ବୈଧତା ନିୟମ ଉଲ୍ଲଂଘନ କରାଯାଉଥିବା ଅଭିଯୋଗ ହେଉଛି। ସୁନ୍ଦରଗଡ଼, ରାଉରକେଲା ୟୁନିଟ୍-୧, ରାଉରକେଲା ୟୁନିଟ୍-୨, ପାନପୋଷ, ଲହୁଣୀପଡ଼ା, ରାଜଗାଙ୍ଗପୁର ଆଦି ୬ଟି ୟୁନିଟ୍ ବୈଧମାପ ବିଜ୍ଞାନ ରାଉରକେଲାସ୍ଥିତ କାର୍ଯ୍ୟାଳୟ ଅଧୀନରେ ରହିଛି।

ବିଭାଗୀୟ ସୂଚନା ଅନୁଯାୟୀ, ୨୦୨୩ ଆର୍ଥିକ ବର୍ଷରେ ରାଉରକେଲା ଅଫିସକୁ ୧କୋଟି ୬୫ ଲକ୍ଷ ଟଙ୍କା ଟାର୍ଗେଟ ଦିଆଯାଇଥିଲା। ଚଳିତ ବର୍ଷ ଏହି ଟାର୍ଗେଟ ବୃଦ୍ଧି ପାଇ ୧ କୋଟି ୮୫ ଲକ୍ଷ ଟଙ୍କା ହୋଇଛି। ୨୦୨୧-୨୨ ଆର୍ଥିକ ବର୍ଷରେ ୧୦ ଲକ୍ଷ ୮୨ ହଜାର ଟଙ୍କା, ୨୦୨୨-୨୩ରେ ୧୦ଲକ୍ଷ ୮୩ ହଜାର ଟଙ୍କା, ୨୦୨୩-୨୪ ଫେବୃଆରୀ ପର୍ଯ୍ୟନ୍ତ ୧୪ଲକ୍ଷ ୧୨ ହଜାର ଟଙ୍କା ଜରିମାନା ଆଦାୟ ହୋଇଛି। ଚଳିତ ଆର୍ଥିକ ବର୍ଷ ଫେବୃଆରୀ ମାସ ପର୍ଯ୍ୟନ୍ତ ୮୩.୫ ପ୍ରତିଶତ ଜରିମାନା ଆଦାୟ ହୋଇଛି। ସେହିପରି ୨୦୨୨-୨୩ରେ ୭ହଜାର ୪ଶହ ଦୋକାନ ଉପରେ ଚଢ଼ାଉ କରାଯାଇଥିଲା। ଚଳିତ ବର୍ଷ ଜିଲାର ୬ଟି ୟୁନିଟ୍ ଅଞ୍ଚଳରେ ଥିବା ୬୨୩୮ଟି ଦୋକାନରେ ଚଢ଼ାଉ କରାଯାଇଛି। ବାର୍ଷିକ ୩୬ରୁ ୪୦ ଥର ଚଢ଼ାଉ କରାଯାଉଛି।

ଏନ୍‌ଫୋର୍ସମେଣ୍ଟ ଟିମ୍ ପକ୍ଷରୁ କମ୍ ଚଢ଼ାଉ କରାଯାଉଥିବା ପରିପ୍ରେକ୍ଷୀରେ ରାଉରକେଲା ବିଭାଗର ବରିଷ୍ଠ ଯୁଗ୍ମ ନିୟନ୍ତ୍ରକ ଚନ୍ଦ୍ରଶେଖର ବିଶିଙ୍କୁ ପଚରାଯିବାରୁ ସେ କହିଲେ, ଗ୍ରାହକମାନେ ବିଭିନ୍ନ ସ୍ଥାନରୁ ଠକେଇର ଶିକାର ହେଲେ ବିଭାଗରେ ଅଭିଯୋଗ କରିବା ଉଚିତ୍। ଯାହାକି ରାଉରକେଲାରେ ଆଦୌ ଦେଖାଯାଉନାହିଁ। ସ୍ୱତଃସ୍ଫୂର୍ତ୍ତ ଭାବେ ଏନ୍‌ଫୋର୍ସମେଣ୍ଟ ଟିମ୍ ବିଭିନ୍ନ ଦୋକାନ ବଜାର, ଡିପାର୍ଟମେଣ୍ଟାଲ ଷ୍ଟୋର, ଶପିଂ ମଲ୍ ଆଦିରେ ଚଢ଼ାଉ କରୁଛି। ପର୍ଯ୍ୟାପ୍ତ କର୍ମଚାରୀ ନ ଥିବାରୁ ସମସ୍ୟା ଉପୁଜୁଛି। ଏହାବ୍ୟତୀତ ଗ୍ରାହକ ସଚେତନତା ପାଇଁ ସଚେତନତା ଭିତ୍ତିକ କାର୍ଯ୍ୟକ୍ରମ ମଧ୍ୟ କରାଯାଉଛି ବୋଲି ବିଶି କହିଥିଲେ।

## ପାର୍କ ରକ୍ଷଣାବେକ୍ଷଣ ପାଇଁ ସ୍ମାରକପତ୍ର

**ରାଉରକେଲା,୧୪।୩(ସଙ୍ଗୀତା ଜେନା)**

ଉତ୍ତର ଭାରତୀୟ ସମନ୍ୱୟ ସମିତିର ସଦସ୍ୟମାନେ ଗୁରୁବାର ରାଉରକେଲା ମହାନଗର ନିଗମ (ଆର୍‌ଏମ୍‌ସି) ଯୁଗ୍ମ କମିଶନରଙ୍କୁ ଭେଟି ସୁଭାଷ ବୋଷ ପାର୍କର ରକ୍ଷଣାବେକ୍ଷଣ ସମ୍ବନ୍ଧରେ ଆଲୋଚନା କରିଛନ୍ତି। ଏହି ଅବସରରେ ସମିତି ସଦସ୍ୟମାନେ ଯୁଗ୍ମ କମିଶନର ଅନୀତା ନାଏକଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରିଥିଲେ। ଆର୍‌ଏମ୍‌ସି ସମ୍ମୁଖରେ ଥିବା ପାର୍କ ଉପଯୁକ୍ତ ରକ୍ଷଣାବେକ୍ଷଣ ଅଭାବରୁ ଅପରିଷ୍କାର ହୋଇପଡ଼ିଛି। ଏଠାରେ ଗୁଳ୍ମଲତା ପରିପୂର୍ଣ୍ଣ ହେଉଥିବା ଯୋଗୁ ସରିସୃପଙ୍କ ଭୟ ରହିଛି। ଦୈନିକ ଆଖାପାଖରୁ ଏଠାକୁ ବହୁ ଲୋକ ପ୍ରାତଃ ଓ ସାନ୍ଧ୍ୟ ଭ୍ରମଣ କରିବାକୁ ଆସିଥାନ୍ତି। ଏହାବ୍ୟତୀତ ବ୍ୟାୟାମ ଉପକରଣ ରହିଛି। ନିୟମିତ ସଫେଇ ହେଉ ନ ଥିବା ଯୋଗୁ ପୂତିଗନ୍ଧମୟ ପରିବେଶ ସୃଷ୍ଟି ହେଉଛି। ଏହାକୁ ତୁରନ୍ତ ସଫେଇ ଓ ଉଚିତ୍ ରକ୍ଷଣାବେକ୍ଷଣ କରିବାକୁ ସ୍ମାରକପତ୍ରରେ ଉଲ୍ଲେଖ କରାଯାଇଛି। ସମିତି ସଦସ୍ୟ ଓ.ପି ସିଂହ, ହରିଶଙ୍କର ସାହା, ପବନ କୁନ୍ଦ୍ରା, ଶିବଶଙ୍କର ଶର୍ମାଙ୍କ ସମେତ ଅନ୍ୟମାନେ ଯୁଗ୍ମ କମିଶନରଙ୍କୁ ଭେଟିଥିଲେ। ଯୁଗ୍ମ କମିଶନର ନାଏକ ସମାଧାନ ପାଇଁ ପ୍ରତିଶ୍ରୁତି ଦେଇଥିଲେ।



ଆର୍‌ଏମ୍‌ସି କର୍ତ୍ତୃପକ୍ଷଙ୍କୁ ସ୍ମାରକପତ୍ର ପ୍ରଦାନ କରାଯାଉଛି।

# ବଢୁଛି କିଡ୍‌ନୀ ରୋଗୀଙ୍କ ସଂଖ୍ୟା

**ରାଉରକେଲା,୧୪।୩(ବିପ୍ଳବ ରଞ୍ଜନ ଦାଶ)**




ରାଉରକେଲା ସରକାରୀ ହସ୍ପିଟାଲ।

**ରାଉରକେଲା ସହର**
- ବର୍ଷକୁ ୯ ହଜାରରୁ ଊର୍ଦ୍ଧ୍ୱ ଆକ୍ରାନ୍ତ
- ୫ ପ୍ରତିଶତ ମୃତ୍ୟୁବରଣ କରୁଛନ୍ତି

ରାଉରକେଲା ସହରରେ କିଡ୍‌ନୀ ରୋଗୀଙ୍କ ସଂଖ୍ୟା ବୃଦ୍ଧି ପାଇବାରେ ଲାଗିଛି। ପ୍ରତ୍ୟେକ ବର୍ଷ ୯ହଜାରରୁ ଊର୍ଦ୍ଧ୍ୱ ଲୋକ ଏହି ରୋଗର ଶିକାର ହେଉଥିବା ଜଣାପଡିଛି। ସେହିପରି ସମୁଦାୟ କିଡ୍‌ନୀ ରୋଗୀଙ୍କ ମଧ୍ୟରୁ ପ୍ରତିବର୍ଷ ୫ପ୍ରତିଶତ ରୋଗୀଙ୍କ ମୃତ୍ୟୁ ମଧ ଘଟୁଛି। ବର୍ତ୍ତମାନ ରାଉରକେଲା ସରକାରୀ ହସ୍ପିଟାଲ(ଆରଜିଏଚ୍)ରେ ମୋଟ ୮୦ଜଣ କିଡ୍‌ନୀ ରୋଗୀଙ୍କ ଡାଏଲିସିସ ଚାଲିଛି। ରାଉରକେଲା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଏହି ରୋଗ ଉପରେ ଅଙ୍କୁଶ ଲଗାଇବାକୁ ଉଦ୍ୟମ ହେଉଥିଲେ ମଧ ସଫଳତା ମିଳିପାରିନାହିଁ।

ସୂଚନା ଅନୁସାରେ, କିଡ୍‌ନୀ ରୋଗୀ ପ୍ରଚୁର ଜଳପାନ କରିବା ଆବଶ୍ୟକ। ଏହି ଜଳରେ ଆଇରନ ମାତ୍ରା ୭୦ପ୍ରତିଶତରୁ କମ୍ ରହିବା ଆବଶ୍ୟକ। କୂପ ଓ ନଳକୂପ ପାଣି ଅଧିକ ଆଇରନଯୁକ୍ତ ଥାଏ। ପାଇପ ଲାଇନ ଜଳ ପରୀକ୍ଷଣ ହୋଇ ବିତରଣ ହେଉଥିବାରୁ ଏଥବରେ ଆଇରନ ଅଂଶ କମ୍ ଥାଏ। ଏହି କାରଣରୁ ପାଇପ ଲାଇନ ଜଳ କିଡ୍‌ନୀ ରୋଗୀଙ୍କ ପାଇଁ ଉତ୍କୃଷ୍ଟ ସାବ୍ୟସ୍ତ ହୋଇଥାଏ। ମାତ୍ର ସହରରେ ଏଯାଏ ୪୧ ୱାର୍ଡମଧ୍ୟରୁ ଅଧିକାଂଶ ୱାର୍ଡରେ ପାଇପ ଲାଇନ ସଂଯୋଗ ହୋଇନାହିଁ। ଫଳରେ ସହରର ୪୦ଭାଗ ଲୋକ ଅଧିକ ଆଇରନଯୁକ୍ତ ପାଣି ବ୍ୟବହାର କରୁଛନ୍ତି। ସହରର ପ୍ରତ୍ୟେକ ଗଳିକନ୍ଦିରେ ଅପମିଶ୍ରିତ ମସଲା ଏବଂ ତୈଳ ଜାତୀୟ ଖାଦ୍ୟ ସହ ବିନା ପରୀକ୍ଷଣରେ ବିଭିନ୍ନ କମ୍ପାନୀ ଦ୍ୱାରା ନିର୍ମିତ ଅବୈଧ ପ୍ଲାଷ୍ଟିକ ବୋତଲ ପାଣି ଖୁଲମଖୁଲା ବିକ୍ରି ହେଉଛି। ଖାଦ୍ୟ ସୁରକ୍ଷା ବିଭାଗ ଚଢାଉ କରୁଥିଲେ ମଧ ଏଥିରେ କଟକଣା ଲଗାଇ ପାରୁନି। ଏହା କିଡ୍‌ନୀ ରୋଗ ବୃଦ୍ଧିର ବାହକ ସାଜୁଛି।

ଆରଜିଏଚ୍‌ରେ ଫିଷ୍ଟୁଲା ସର୍ଜରୀ ବ୍ୟବସ୍ଥା ନ ହେବା କିଡ୍‌ନୀ ରୋଗୀମାନଙ୍କ ଡାଏଲିସିସରେ ବ୍ୟାଘାତ ସୃଷ୍ଟି କରୁଛି। ଅନ୍ୟପଟେ ଆର୍‌ଜିଏଚ୍‌ରେ ରାହୀ କେୟାର ସଂସ୍ଥାକୁ ଡାଏଲିସିସ ପାଇଁ ଦାୟିତ୍ୱ ପ୍ରଦାନ କରାଯାଇଛି। ଉକ୍ତ ସଂସ୍ଥା ପକ୍ଷରୁ ୧୦ଟି ନେଗେଟିଭ ଓ ଗୋଟିଏ ପଜିଟିଭ (ହେପାଟାଇଜ-ସି ମେଶିନ ସହିତ ଏଚ୍‌ଆଇଭି ଆଣ୍ଟିବଡି ପରୀକ୍ଷଣ) ଯନ୍ତ୍ର ରହିଛି। ଏପର୍ଯ୍ୟନ୍ତ ଡାଏଲିସିସ ଲାଗି ଅତି ଆବଶ୍ୟକ ଫିଷ୍ଟୁଲା ସର୍ଜରୀ ମେଶିନ ସହ ଅନେକ ଜରୁରୀ ଆନୁଷଙ୍ଗିକ ଯନ୍ତ୍ର ସ୍ଥାପିତ ହୋଇନାହିଁ। ଡାଏଲିସିସ ବିଭାଗ ନେଫ୍ରୋଲୋଜି ବିଶେଷଜ୍ଞ ବିହୀନ। ବିଭାଗର ସବୁ ଦାୟିତ୍ୱ ଜଣେ ଏମବିବିଏସ ଡାକ୍ତରଙ୍କ ଭରସାରେ ଚାଲିବା ଆରଜିଏଚ୍‌ରେ ଅସଜଡା ଭିତ୍ତିଭୂମିକୁ ପ୍ରମାଣ କରୁଛି। ଏ ନେଇ ରାହୀ କେୟାର ସଂସ୍ଥାର ପରିଚାଳକ ରୂପେଶ ରଥଙ୍କୁ ପଚାରିବାରୁ ସେ କହିଲେ, ସହରରେ ଜଳ, ମସଲା ଓ ତୈଳଜାତ ଦ୍ରବ୍ୟ ସହ ଅତ୍ୟଧିକ ମାତ୍ରାରେ ବିନା ଡାକ୍ତରୀ ପ୍ରେସକ୍ରିପ୍ସନରେ ଔଷଧ ଓ ପେନକିଲର ବ୍ୟବହାର ବୃଦ୍ଧି ପାଉଛି। ଏଥିସହ ଅତ୍ୟଧିକ ନିଶାଦ୍ରବ୍ୟ ବ୍ୟବହାର ମଧ୍ୟ ଏହାର କାରଣ ସାଜୁଛି। ବର୍ତ୍ତମାନ ଆରଜିଏଚ୍ କିଡ୍‌ନୀ ବିଭାଗରେ ମୋଟ ୮୦ଜଣ ରୋଗୀଙ୍କ ଚିକିତ୍ସା ଚାଲିଥିବା ସେ କହିଥିଲେ। ଏ ସମ୍ପର୍କରେ ଆର୍‌ଜିଏଚ୍‌ର ମେଡ଼ିସିନ ବିଶେଷଜ୍ଞ ଡାକ୍ତର ଏସ୍. ଏ. ଖାନ କୁହନ୍ତି, ମୁଖ୍ୟତଃ ଆଇରନଯୁକ୍ତ ଜଳ ବିଶେଷ ପ୍ରଭାବ ପକାଉଛି। ଏହାସହିତ ଅଧିକ ପେନକିଲର ମେଡ଼ିସିନ ବ୍ୟବହାର ଏବଂ ଉଚ୍ଚରକ୍ତଚାପ ଓ ମଧୁମେହ ରୋଗ ହ୍ରାସ ନ ହେବା ମଧ କାରଣ ସାଜିଛି। ମସଲା ଓ ତୈଳଯୁକ୍ତ ଅସନ୍ତୁଳିତ ଖାଦ୍ୟ ମଧ ପ୍ରଭାବ ପକାଉଛି। ତେବେ ବିଶୋଧବତ ଜଳ ପିଇବା ଆବଶ୍ୟକ ବୋଲି ସେ କହିଥିଲେ।

## ସଂକ୍ଷେପରେ

### ମୋ ଜଙ୍ଗଲ ଜମି ଯୋଜନା ସଚେତନତା ଶିବିର

ଖପ୍ରାଖୋଲ,୧୪।୩(ଅଭୟ ତ୍ରିପାଠୀ)

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ସଭାଗୃହରେ ଆରସିଡିସି ଓ ଏଫଇଏସ ଭୁବନେଶରର ମିଳିତ ଉଦ୍ୟମରେ ମୋ ଜଙ୍ଗଲ ଜମି ଯୋଜନା ସମ୍ପର୍କିତ ସଚେତନତା ଶିବିର ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ବ୍ଲକ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ପ୍ରତୀକ୍ଷା ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଶିବିରରେ ଆରସିଡିସିର କୁଳମଣି ସାହୁ, ମୋ ଜଙ୍ଗଲ ଜମି ଯୋଜନା ଜିଲା ସଂଯୋଜକ ଗୁରୁଦେବ ପ୍ରଧାନ, ବ୍ଲକ ସଂଯୋଜକ ରଘୁନାଥ ରଣା, ମାଷ୍ଟର ଟ୍ରେନର ଅଭୟ ତ୍ରିପାଠୀ, ବାନପାଳ ସୁଧୀର କୁମାର ଜେନା, ଘାସିରାମ ଦୀକ୍ଷିତ ଯୋଗଦେଇଥିଲେ। ବ୍ଲକରେ ମୋ ଜଙ୍ଗଲ ଜମି ଯୋଜନାରେ ଗୋଷ୍ଠୀଗତ ଜଙ୍ଗଲ ଅଧିକାର, ଗୋଷ୍ଠୀଗତ ଜଙ୍ଗଲ ସମ୍ବଳର ପରିଚାଳନ ଅଧିକାର ଉପରେ ଆଲୋଚନା ହୋଇଥିଲା। ଏହି ଅବସରରେ ଯୋଜନାର ସଫଳତା ପାଇଁ ଥିବା ସମସ୍ୟା ଓ ତାର ସମାଧାନ ଉପରେ ଆଲୋକପାତ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଟ୍ୱିଙ୍କିଲ ବିଶ୍ୱାଳ, ବୈକୁଣ୍ଠ ବାଗ, ଦେବରାଜ ଭୋଇ, ନାରାୟଣ ସାହୁ, ଦୟାନିଧି ମାଝିଙ୍କ ସମେତ ପଞ୍ଚାୟତ ସ୍ୱେଚ୍ଛାସେବୀ, ଜଙ୍ଗଲ ବିଭାଗ କର୍ମଚାରୀ ଯୋଗଦେଇଥିଲେ। ସୁଶାନ୍ତ ଛତ୍ରିଆ ଧନ୍ୟବାଦ ଅର୍ପଣ କରିଥିଲେ।

### ଶିକ୍ଷକ ଭବନର ଶିଳାନ୍ୟାସ

ଦେଓଗାଁ,୧୪।୩(କୃଷ୍ଣପ୍ରସାଦ ପାଣିଗ୍ରାହୀ)

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ଗୋଷ୍ଠୀ ଶିକ୍ଷା କେନ୍ଦ୍ର ପରିସରରେ ଏକ ଶିକ୍ଷକ ଭବନ ନିର୍ମାଣ ପାଇଁ ଗୁରୁବାର ଶିଳାନ୍ୟାସ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ପ୍ରାଥମିକ ଶିକ୍ଷକ ସଂଘ (ଏନପିଏସ) ସଭାପତି ମୋହନ ଦଲାଇଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ରାଜ୍ୟ ସଭା ସଦସ୍ୟ ନିରଞ୍ଜନ ବିଶି ଯୋଗଦେଇ ତାଙ୍କ ପାଣ୍ଠିରୁ ୫ ଲକ୍ଷ ଟଙ୍କାରେ ନିର୍ମାଣ ହେବାକୁ ଥିବା ଶିକ୍ଷକ ଭବନର ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ସମ୍ମାନୀତ ଅତିଥିଭାବେ ପଞ୍ଚାୟତ ସମିତି ଅଧ୍ୟକ୍ଷ ଦୟାନିଧି ଖମାରୀ, ଆଦିବାସୀ କଲ୍ୟାଣ ସଂଘ ବ୍ଲକ ସଭାପତି ସୁଦାମ ଚରଣ ଭୋଇ, ଏମ୍‌ପି ପ୍ରତିନିଧି ସୁରଥ ଧରୁଆ ଯୋଗଦେଇଥିଲେ। ଶିକ୍ଷକ ସୁଶାନ୍ତ ଷଡଙ୍ଗୀ ଅତିଥି ପରିଚୟ ପ୍ରଦାନ, ପ୍ରାଥମିକ ଶିକ୍ଷକ ସଂଘ ସଭାପତି କୈଳାସ କର୍ଡ଼ ଧନ୍ୟବାଦ ଅର୍ପଣ କରିଥିଲେ। ଶିକ୍ଷକ ଉପେନ୍ଦ୍ର ମେହେର, ଅଜିତ ବାରିକ, ଅଶୋକ ଭୋଇ, ହେମନ୍ତ ସାହୁ, ଶିକ୍ଷୟିତ୍ରୀ ନିର୍ମଳା ସାହୁ ଉପସ୍ଥିତ ଥିଲେ।

### ଖାଦ୍ୟ ନିରାପତ୍ତା ଲାଇସେନ୍ସ ପାଇଁ ପଞ୍ଜୀକରଣ

ଲାଠୋର, ୧୪।୩(ଭୁବନେଶ୍ୱର ବାରିକ)

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ଲାଠୋର ଅଗ୍ରସେନ ଭବନରେ ଗୁରୁବାର ଖାଦ୍ୟ ନିରାପତ୍ତା ଲାଇସେନ୍ସ ପାଇଁ ପଞ୍ଜୀକରଣ ହୋଇଛି। ରାଇଟ ଟୁ ଫାଇଟ ସଙ୍ଗଠନ ସଭାପତି ସୁଶିଲ ଅଗ୍ରୱାଲଙ୍କ ନେତୃତ୍ୱରେ ଖାଦ୍ୟ ନିରୀକ୍ଷକ ବିଶ୍ୱଜିତ ସିଙ୍ଗୁ ଏବଂ ତାଙ୍କ ଟିମ୍ ଲାଠୋରରେ ପହଞ୍ଚି ଅଞ୍ଚଳର ୩୭ଜଣ ହୋଟେଲ ଏବଂ କିରାନା ଦୋକାନୀଙ୍କଠାରୁ ୩ଶହ ଲେଖାଏ ଟଙ୍କା ଫି ନେଇ ପଞ୍ଜୀକରଣ କରିଥିଲେ। ଆଗାମୀ ଦିନରେ ସେମାନଙ୍କୁ ଲାଇସେନ୍ସ ପ୍ରଦାନ କରାଯିବ। ପଞ୍ଜିକୃତ ହୋଟେଲ ମାଲିକମାନଙ୍କୁ ଆରଓ ପାଣି ବ୍ୟବହାର କରିବା ସହ ଉନ୍ନତମାନର ଖାଦ୍ୟ ସାମଗ୍ରୀ ଦେବାକୁ ପରାମର୍ଶ ଦେଇଥିଲେ। ସେହିପରି କିରାନା ଦୋକାନୀଙ୍କୁ ଉଚିତ ମୂଲ୍ୟରେ ଅବଧି ସରି ନ ଥିବା ସାମଗ୍ରୀ ବିକ୍ରି କରିବାକୁ କୁହାଯାଇଥିଲା। ଏଥିରେ ବ୍ୟତିକ୍ରମ ହେଲେ ସରକାରୀ ନିୟମ ଅନୁସାରେ ଲାଇସେନ୍ସ ରଦ୍ଦ କରାଯିବ ବୋଲି କହିଥିଲେ। ଏହି ଅବସରରେ ସଙ୍ଗଠନ ସଦସ୍ୟ ପ୍ରକାଶ ବେହେରା, ଜୟଦେବ ସାଣ୍ଡ, ସଚ୍ଚିକାନ୍ତ ଦାସ, ଭକ୍ତ ବାରିକ ଓ ଅନ୍ୟ ସଦସ୍ୟମାନେ ଉପସ୍ଥିତ ଥିଲେ।

# ଏସ୍‌ଡିସିରେ ଲୋଇସିଂହା ବ୍ଲକ ସାମିଲ

ଲୋଇସିଂହା,୧୪।୩(ସୁଶାନ୍ତ ବାରିକ)

ବଲାଙ୍ଗୀର ଜିଲା ଲୋଇସିଂହାବାସୀଙ୍କୁ ଦିନକରେ ଡବଲ ଖୁସି ଦେଲେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ। ଲୋଇସିଂହା ଏନଏସି ଘୋଷଣା ପରେ ବ୍ଲକକୁ ଜନଜାତି ସ୍ୱତନ୍ତ୍ର ଉନ୍ନୟନ ପରିଷଦରେ ସାମିଲ କରାଯାଇଛି। ଏନଏସି ପାଇଁ ରାଜ୍ୟ ସରକାର ପୁନର୍ବିଚାର କରିଥିବାରୁ ଏବଂ ସ୍ୱତନ୍ତ୍ର ଜନଜାତି ଉନ୍ନୟନ ପରିଷଦ(ଏସ୍‌ଡିସି)ରେ ସାମିଲ କରିଥିବାରୁ ଲୋଇସିଂହାବାସୀ ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ ଜଣାଇଛନ୍ତି। ଫେବୃୟାରୀ ୨୪ରେ ମୁଖ୍ୟମନ୍ତ୍ରୀ ରାଜ୍ୟରେ ନୂତନ ୩୪ ଏନଏସି ଘୋଷଣା କରିଥିଲେ ସୁଦ୍ଧା ଲୋଇସିଂହା ବାଦ୍ ପଡିଥିଲା। ସେହିଦିନ ବ୍ଲକ କଂଗ୍ରେସ ତରଫରୁ ପ୍ରତିବାଦ କରାଯାଇଥିଲା। ଫେବୃୟାରୀ ୨୫ରେ ଆଞ୍ଚଳିକ ବିକାଶ ପରିଷଦ ପକ୍ଷରୁ ଲୋଇସିଂହା ବନ୍ଦ ଡାକରା ଦିଆଯାଇଥିଲା। ଲୋଇସିଂହା ଏନଏସି ଘୋଷଣା ନ ହେବାର କାରଣ ସ୍ଥାନୀୟ ବିଜେଡ଼ି ନେତୃବୃନ୍ଦ ଦାୟୀ କରିଥିଲେ ସ୍ଥାନୀୟ ବିଧାୟକ। ଚାପରେ ପଡି ଲୋଇସିଂହାକୁ ଏନଏସି ଘୋଷଣା କରିଥିବା ଆଞ୍ଚଳିକ ବିକାଶ ପରିଷଦ ସଦସ୍ୟ ସରୋଜ ବିଶ୍ୱାଳ ଓ ଅନ୍ୟମାନେ କହିଛନ୍ତି। ଆନ୍ଦୋଳନ ସଫଳ କରିଥିବା ବ୍ୟକ୍ତି ବିଶେଷ ଓ ଏନଏସି ମାନ୍ୟତା ଦେଇଥିବାରୁ ମୁଖ୍ୟମନ୍ତ୍ରୀଙ୍କୁ କୃତଜ୍ଞତା ଜଣାଉଛୁ ବୋଲି ସେମାନେ କହିଛନ୍ତି।

ସେହିପରି ଜିଲାର ୧୪ବ୍ଲକ ମଧ୍ୟରେ ୮ଟି ବ୍ଲକ ଜନଜାତି ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଅନ୍ତର୍ଭୁକ୍ତ ଥିଲା। ୨୦୧୧ ଜଣଗଣନା ଅନୁଯାୟୀ ବ୍ଲକରେ ୧୮ ପ୍ରତିଶତ ଜନଜାତି ବାସ କରୁଥିଲେ ସୁଦ୍ଧା ଉକ୍ତ ପରିଷଦରୁ ଲୋଇସିଂହା ବାଦ୍ ପଡିଥିଲା। ଏହାକୁ ନେଇ ଆଦିବାସୀ ସମ୍ପ୍ରଦାୟ ପ୍ରତିକ୍ରିୟା ପ୍ରକାଶ କରିଥିଲେ। ୨ ଅଗଷ୍ଟ ୨୦୨୩ରେ ଲୋଇସିଂହାର ବ୍ରଜମୋହନ ବିଶୋଇ ନୂତନ ପରିଷଦର ଅଧ୍ୟକ୍ଷ ହୋଇଥିଲେ। ଏହିକ୍ରମରେ ବିଭାଗ ପକ୍ଷରୁ ୧୩ ମାର୍ଚ୍ଚ ୨୦୨୪ରେ ଲୋଇସିଂହା ଓ କଳାହାଣ୍ଡି ଜିଲା ଗୋଲାମୁଣ୍ଡା ବ୍ଲକକୁ ଜନଜାତି ସ୍ୱତନ୍ତ୍ର ଉନ୍ନୟନ ପରିଷଦରେ ସାମିଲ କରାଯାଇଛି। ଏହାଦ୍ୱାରା ୧ ଲକ୍ଷ ୫୨ ହାଜର ୮୮୬ ଲୋକେ ଉପକୃତ ହେବେ। ଏଥିସହ ସେମାନଙ୍କ ଆସ୍ଥା ଓ ବିଶ୍ୱାସ ରଖୁଥିବା ଐତିହ୍ୟ, ସଂସ୍କୃତି ତଥା ଦେବାଦେବୀ ପୀଠ ଓ ମନ୍ଦିର ଉନ୍ନତୀକରଣ ଭାଷା ସଂସ୍କୃତିର ପୁନରୁଦ୍ଧାର ଓ ଉନ୍ନତୀକରଣ, କଳାକାର ଓ ସଂସ୍କୃତିକ ଦଳ ର ଆର୍ଥିକ ବିକାଶ ହୋଇପାରିବ ବୋଲି ଅଧ୍ୟକ୍ଷ ବିଶୋଇ କହିଛନ୍ତି। ଏଥିପାଇଁ ସେ ମୁଖ୍ୟମନ୍ତ୍ରୀ, ୫-ଟି ଅଧ୍ୟକ୍ଷ ଓ ବିଭାଗୀୟ ଅଧିକାରୀଙ୍କୁ କୃତଜ୍ଞତା ଜଣାଇଛନ୍ତି।

# କୋର୍ଟରେ କାର୍ଯ୍ୟରତ କନଷ୍ଟେବଲ ଗିରଫ

ସିନାପାଲି,୧୪।୩(ମନଫୁଲ ମେହେର)

**ଜୀବନ୍ତ ବଜ୍ରକାପ୍ତା ଜବତ ଘଟଣା**



ନୂଆପଡ଼ା ଜିଲା ସିନାପାଲି ଓ ଛତିଶଗଡ଼ ବନ ବିଭାଗ ପକ୍ଷରୁ ଚଢ଼ାଉ କରି ୧୧ କେଜିର ବଜ୍ରକାପ୍ତା ଜବତ କରିଥିବା ବେଳେ ୭ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଥିଲା। ଏହି ଘଟଣାରେ ଗୁରୁବାର ସିନାପାଲି କୋର୍ଟରେ କାର୍ଯ୍ୟରତ ଜଣେ କନଷ୍ଟେବଲଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି। ଗିରଫ କନଷ୍ଟେବଲ ହେଲେ ଖଡିଆଳ ଥାନା ଅଧୀନ ଡୁଆଝର ଗ୍ରାମର ବ୍ରହ୍ମାଶଙ୍କର ମେହେର (୫୩)। ସୂଚନାନୁସାରେ ଗତ ଫେବୃଆରୀ ୨୭ରେ କୌଣସି ସୂତ୍ରରୁ ଖବର ପାଇ ସିନାପାଲି ଓ ଛତିଶଗଡ଼ ବନ ବିଭାଗ ପକ୍ଷରୁ ଚଉରା ଜଙ୍ଗଲ ନିକଟରେ ଜୀବନ୍ତ ବଜ୍ରକାପ୍ତା ଡିଲ ବେଳେ ଚଢାଉ କରି ବଜ୍ରକାପ୍ତା ଉଦ୍ଧାର କରିବା ସହ ୭ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଥିଲା। ବନ ବିଭାଗ ପକ୍ଷରୁ ଘଟଣା ସମ୍ପର୍କରେ ଆହୁରି ଅଧିକ ତଦନ୍ତ ଚାଲିଥିଲା। ଘଟଣାରେ ସମ୍ପୃକ୍ତ ଥିବା ସିନାପାଲି କୋର୍ଟରେ କାର୍ଯ୍ୟରତ ଜଣେ କନଷ୍ଟେବଲଙ୍କ ବୁଧବାର ସନ୍ଧ୍ୟାରେ ବନ ବିଭାଗ ଗିରଫ କରିଥିଲା। ଗୁରୁବାର ତାଙ୍କୁ କୋର୍ଟ ଚାଲାଣ କରାଯାଇଛି। ଖଡିଆଳ ଏସିଏଫ୍ ମହମ୍ମଦ ମୁସତାଫା ସାଲେହାଙ୍କ ନେତୃତ୍ୱରେ ସିନାପାଲି ବନ ବିଭାଗ ଏକ ଟିମ ଗଠନ କରି ସମ୍ପୃକ୍ତ ବ୍ୟକ୍ତିଙ୍କୁ ଗିରଫ କରିଥିଲା। ଏ ନେଇ ପୂର୍ବ କେସ ଅନୁସାରେ ସିନାପାଲି ବନ ବିଭାଗ ମାମଲା ରୁଜୁକରି କୋର୍ଟ ଚାଲାଣ କରିଥିବା ବିଭାଗୀୟ ପକ୍ଷରୁ ସୂଚନା ମିଳିଛି।

# କରମସାନି ଲୋକ ଉତ୍ସବ ଉଦ୍‌ଯାପିତ

ଖପ୍ରାଖୋଲ, ୧୪।୩(ଅଭୟ ତ୍ରିପାଠୀ)




ଉଦ୍‌ଯାପନୀ ଦିବସ କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ନାନ୍ଦୁପଲା ପଞ୍ଚାୟତ ଦୁଦୁମଦର୍ହାରେ ଓମ ବୈଦିକ ସାଂସ୍କୃତିକ ପରିଷଦ ଓ ସଙ୍ଗୀତ ନାଟକ ଏକାଡେମୀ ନୂଆଦିଲ୍ଲୀର ମିଳିତ ଆନୁକୂଲ୍ୟରେ ଲୋକନୃତ୍ୟ କରମସାନି ଉତ୍ସବ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନ ସଭାପତି ଭରତ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟ ଅତିଥିଭାବେ ନାନ୍ଦୁପଲା ସରପଞ୍ଚ ନିଳେନ୍ଦ୍ରି ପୂଝାରୀ, ସମ୍ମାନିତ ଅତିଥି ବରିଷ୍ଠ କଳାକାର ହରିବୋଲ ପୋଡ଼, ସଂସ୍କୃତି ପରିଷଦ ସମ୍ପାଦକ ଥବୀର ସାହୁ, ମିନିକେତନ ପ୍ରଧାନ, ଭଗବାନ ବେହେରା, ନରେନ୍ଦ୍ର ଭୋଇ ପ୍ରମୁଖ ଯୋଗଦେଇ କଳା ସଂସ୍କୃତି ଓ ପରମ୍ପରାର ସୁରକ୍ଷା ଉପରେ ଆଲୋଚନା କରିଥିଲେ। ପରେ ବ୍ଲକର ବିଭିନ୍ନ ଗାଁର କରମସାନି ଦଳ କରମା ନୃତ୍ୟ ପରିବେଷଣ କରିଥିଲେ। ସାଂସ୍କୃତିକ କାର୍ଯ୍ୟକ୍ରମ ଦେଖିବାକୁ ଅନେକ କଳାପ୍ରେମୀ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମକୁ ଥବିର ସାହୁ ପରିଚାଳନା କରିଥିଲେ।

# ବନ୍ଧୁକ ଦେଖାଇ ଭୟଭୀତ କରି ଯୁବକ ଗିରଫ

- ଅଭିଯୁକ୍ତଙ୍କ ସହ ଧରା ପଡ଼ିଲେ ନାବାଳକ
- ବନ୍ଧୁକ, ବାଇକ ଓ ମୋବାଇଲ ଜବତ

ସଇଁତଳା,୧୪।୩ (ରାଖାଲ ପ୍ରସାଦ ଶତପଥୀ)



ଗିରଫ ଅଭିଯୁକ୍ତ ଓ ଜବତ ବନ୍ଧୁକ ଏବଂ ମୋବାଇଲ।

ବଲାଙ୍ଗୀର ଜିଲା ସଇଁତଳା ଥାନା ଅନ୍ତର୍ଗତ କରମତଲା ଗ୍ରାମରେ ଗୁରୁବାର ୪୦ପ୍ରହର ନାମଯଜ୍ଞ ଚାଲିଥିବା ବେଳେ ବନ୍ଧୁକ ଦେଖାଇ ୨ଜଣ ଯୁବକ ଲୋକଙ୍କୁ ଭୟଭୀତ କରିବା ଅଭିଯୋଗ ହୋଇଛି। ଅପରପକ୍ଷରେ ଗ୍ରାମବାସୀ ସେମାନଙ୍କୁ କାବୁ କରି ପୋଲିସ ଜିମା ଦେଇଥିଲେ। ପୋଲିସ ସେମାନଙ୍କଠାରୁ ଦୁଇଟି ବନ୍ଧୁକ, ଗୋଟିଏ ବାଇକ ଓ ଦୁଇଟି ମୋବାଇଲ ଫୋନ ଜବତ କରିଛି। ଅଭିଯୁକ୍ତଙ୍କ ମଧ୍ୟରେ ଜଣେ ନାବାଳକ ରହିଛନ୍ତି। ଗିରଫ ଅଭିଯୁକ୍ତ ହେଲେ ବଙ୍ଗୋମୁଣ୍ଡା ଥାନା ଅଞ୍ଚଳର କୁନୁ ଅଦା। ଅପରାହ୍ନରେ ପୋଲିସ ତାଙ୍କୁ କୋର୍ଟଚାଲାଣ କରିଥିଲା। ଜାମିନ ନାମଞ୍ଜୁର ହେବାରୁ କୁନୁଙ୍କୁ ଟିଟିଲାଗଡ଼ ଜେଲ ହାଜତକୁ ପଠାଇ ଦିଆଯାଇଛି। ଅପରପକ୍ଷରେ ଧରା ପଡିଥିବା ନାବାଳକଙ୍କୁ ବାଳ ସୁଧାର ଗୃହକୁ ପଠାଇ ଦିଆଯାଇଛି।

# ପଥର୍ଲା ଚେକ୍‌ଡ୍ୟାମ୍ ମରାମତି ପାଇଁ ଚାଷୀଙ୍କ ଦାବି

କେସିଙ୍ଗା,୧୪।୩(ତୁମେଶ୍ୱର ସାହୁ)



କାଣ୍ଡେଲ-ମଶାଣିବନ୍ଧ ରାସ୍ତା ପାର୍ଶ୍ୱରେ ଥିବା ଚେକ୍‌ଡ୍ୟାମ୍।

**୫ ବର୍ଷ ହେଲା ବର୍ଷାରେ ଭାଙ୍ଗିଛି**

କଳାହାଣ୍ଡି ଜିଲା କ୍ଷୁଦ୍ର ଜଳସେଚନ ବିଭାଜନ ପକ୍ଷରୁ କେସିଙ୍ଗା କ୍ଷୁଦ୍ର ଜଳସେଚନ ଅନ୍ତର୍ଗତ ପଥର୍ଲା ଚେକଡ୍ୟାମ ବର୍ଷା ଜଳରେ ଭାଙ୍ଗି ଯାଇଛି। ଆଜକୁ ୫ବର୍ଷ ବିତିଯାଇଥିଲେ ମଧ୍ୟ ମରାମତି କରାଯାଇ ନ ଥିବାରୁ ଚେକଡ୍ୟାମର ଉଭୟ ପାର୍ଶ୍ୱରେ ଥିବା ଗାଡ଼ ୱେଲ, ସ୍ଲାପ ଧୀରେ ଧୀରେ ନଷ୍ଟ ହେବାକୁ ବସିଲାଣି। ଏହି ଚେକଡ୍ୟାମ ଗତ ୧.୧୨.୨୦୧୭ ନିର୍ମାଣ କାର୍ଯ୍ୟ ଆରମ୍ଭ ୨୮।୨।୧୮ରେ ୩ ମାସ ମଧ୍ୟରେ ୨୮ଲକ୍ଷ ୫୮୩ ବ୍ୟୟ ଅଟକଳରେ ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ କରାଯାଇଥିଲା। ଏହି ଚେକଡ୍ୟାମ କାଣ୍ଡେଲ-ମଶାଣିବନ୍ଧ ଗ୍ରାମକୁ ସଂଯୋଗ କରୁଥିବା ଆର.ଡ଼ି.ରାସ୍ତା ପାର୍ଶ୍ୱରେ ନିର୍ମାଣ କରଯାଇଛି। ଚେକଡ୍ୟାମର ଉତ୍ତର ଦିଗରେ ଚାଷୀଙ୍କ ଘରୋଇ ଜମି ଥିବାରୁ ବର୍ଷା ଜଳରେ ଘାଇସୃଷ୍ଟି ହୋଇ ଗାର୍ଡ଼ୱାଲ ନଷ୍ଟ ହେବାରେ ଲାଗିଛି। ଦକ୍ଷିଣ ଦିଗରେ ଆରଡି ରାସ୍ତାକୁ ଲାଗି ଥିବାରୁ ରାସ୍ତା ପାର୍ଶ୍ୱରେ ସାଇଡ ୱାଲ ଭାଙ୍ଗି ନଷ୍ଟ ହୋଇଛି। ଚେକଡ୍ୟାମରେ ମଧ୍ୟ ଭାଗରେ ଥିବା ସ୍ଲାପ ମଧ୍ୟ ବର୍ଷା ଜଳରେ ଧୋଇ ହୋଇ ନଷ୍ଟ ହେବାରେ ଲାଗିଛି। ଏହି ସବୁ ସମସ୍ୟା ନେଇ ଚାଷୀମାନେ କଳାହାଣ୍ଡି କ୍ଷୁଦ୍ର ଜଳସେଚନ ବିଭାଜନ ଅଧିକ୍ଷଣ ଯନ୍ତ୍ରୀଙ୍କ ନିକଟରେ ବହୁବାର ଅଭିଯୋଗ କରିଛନ୍ତି। ଏ ସଂକ୍ରାନ୍ତରେ କ୍ଷୁଦ୍ର ଜଳସେଚନ ବିଭାଗ କେସିଙ୍ଗା କନିଷ୍ଠ ଯନ୍ତ୍ରୀ ଜଗ ମୋହନ ନାଏକଙ୍କୁ ପଚାରିବାରୁ ରାଜ୍ୟ ସରକାରଙ୍କୁ ଆମ ବିଭାଗ ପକ୍ଷରୁ ପ୍ରସ୍ତାବ ଦିଆଯାଇଛି। ବର୍ତ୍ତମାନ ସୁଦ୍ଧା ମରାମତି ପାଇଁ କିଛି ଅନୁଦାନ ମଞ୍ଜୁର ହୋଇ ନାହିଁ, ଅନୁଦାନ ଆସିଲେ ମରାମତି ଶୀଘ୍ର କରାଯିବ ବୋଲି ପ୍ରକାଶ କରିଥିଲେ।

### କୋର୍ଟ ପରିସରରେ ଶୌଚାଳୟ ଉଦ୍‌ଘାଟିତ

ପାଟଣାଗଡ ୧୪।୩(ସଚ୍ଚିଦାନନ୍ଦ ମହାକୁର): ବଲାଙ୍ଗର ଜିଲା ପାଟଣାଗଡ ଏନଏସିସ୍ଥିତ କୋର୍ଟ ପରିସରରେ ସର୍ବସାଧାରଣ ଶୌଚାଳୟ ଉଦ୍‌ଘାଟିତ ହୋଇଛି। ପାଟଣାଗଡ ବିଧାୟକ ତଥା ସରକାରୀ ଦଳର ଉପମୁଖ୍ୟ ସଚେତକ ସରୋଜ କୁମାର ମେହେର ଏହାକୁ ଉଦ୍‌ଘାଟନ କରିଛନ୍ତି। ଏହି ଶୌଚାଳୟ ସର୍ବସାଧାରଣଙ୍କ ପାଇଁ ଦେୟମୁକ୍ତ ଅଟେ। ଏହାଦ୍ୱାରା ସହରକୁ ଆସୁଥିବା ଲୋକେ ଉପକୃତ ହୋଇପାରିବ। ଉଦ୍‌ଘାଟନୀ ଉତ୍ସବରେ ସମ୍ମାନିତ ଅତିଥିଭାବେ ଏନଏସି ଅଧ୍ୟକ୍ଷା ମାନସୀ ବିଶ୍ୱାଳ, ଉପନଗରପାଳ ପ୍ରଫୁଲ୍ଲ କୁମାର ମେହେର ଯୋଗଦେଇଥିଲେ। କାର୍ଯ୍ୟନିର୍ବାହୀ ଅଧିକାରୀ ନାରାୟଣ ଦଣ୍ଡସେନା ଓ କନିଷ୍ଠ ଯନ୍ତ୍ରୀ ଟନ କିଶୋର ନାଏକ, ବିଧାୟକଙ୍କ ଏନଏସି ପ୍ରତିନିଧି ସୁକୁମାର ବାରିକ ଓ କାଉନସିଲରମାନେ ଉପସ୍ଥିତ ଥିଲେ।


**GOVERNMENT OF ODISHA**
**OFFICE OF THE CHIEF CONSTRUCTION ENGINEER**
**RURAL WORKS CIRCLE, KENDRAPARA-JAJPUR**
AT-CHANDIKHOL, PO-SUNGUDA, JAJPUR-754296, Email:serw_kpd@yahoo.com

No.O-2790

Letter No.1436, Dt.11.03.24
1st Corrigendum Notice

1st Corrigendum to Bid Identification No.Tender Online RCK-09/24 invited this office Letter No.1245, Dt.23.02.2024.
The changes as detailed below are hereby made in the above N.I.T.:

| Procurement Officer | Bid Identification No. | Availability of Tender online for bidding: From | | To | | Last Date & Time of seeking tender clarification | | Date & Time of opening of Tender: Technical Bid | | Financial Bid |
|---|---|---|---|---|---|---|---|---|---|---|
| 1 | 2 | 3 | | 4 | | 5 | | 6 | | |
| | | As earlier | Modified | As earlier | Modified | As earlier | Modified | As earlier | Modified | As earlier |
| Chief Construction Engineer, Rural Works Circle, Kendrapara-Jajpur | Tender RCK-9/24 | 28.02.2024 at 11.00 A.M. | 15.03.2024 at 11.00 A.M. | 13.03.2024 at 5.00 PM | 30.03.2024 at 5.00 PM | 12.03.2024 at 2.00 P.M. | 29.03.2024 at 2.00 PM | 14.03.2024 at 11.00 A.M. | 02.04.2024 at 11.00 A.M. | Will be intimated later |

Sd./- Chief Construction Engineer,
Rural Works Circle, Kendrapara-Jajpur

OIPR-25129/11/0074/2324



**The Odisha Gazette**

**EXTRAORDINARY**
**PUBLISHED BY AUTHORITY**

No. 458 CUTTACK, SATURDAY, MARCH 2, 2024/FALGUNA 12, 1945

**GIS BASED COMPREHENSIVE DEVELOPMENT PLAN FOR EXTENDED AREA OF BHUBANESWAR, 2040**

**NOTIFICATION**

No. CAD-4613 The 30th January, 2024

No. 3906 - Planning (MP) - 54/22-BDA - Notice is hereby given that the Draft GIS based Comprehensive Development Plan for extended area of Bhubaneswar, 2040 under the jurisdiction of Bhubaneswar Development Authority for the Mouzas as specified in the Table I below has been prepared. A copy of which is available for inspection in office of the Bhubaneswar Development Authority located at Akash Shova Building, Sachivalaya Marg, Bhubaneswar between office hours of all working days except Saturdays within 60 days from the date of publication of this notice in Orissa Gazette. The same will also be available in BDA website i.e. **https://www.bda.gov.in**.

Objections or suggestions to the aforesaid plan with any request for personal hearing if any, may be sent in writing to the Secretary, Bhubaneswar Development Authority.

NOTE: The person making any objections or suggestion shall furnish his/her full name and address and mention the subject as “Objection or Suggestion on Draft CDP for extended area of Bhubaneswar, 2040.

**Table 01: List of Villages under GIS based Comprehensive Development Plan for Extended Area of Bhubaneswar, 2040**

| Sl. No. | Village | Sl. No. | Village | Sl. No. | Village |
|---|---|---|---|---|---|
| 1 | Achhutpur | 19 | Arjungoda | 37 | Balisahi |
| 2 | Aitalang | 20 | Aruha | 38 | Bang |
| 3 | Alarpur | 21 | Ashraypur | 39 | Baniatangi |
| 4 | Alisibindha | 22 | Atala | 40 | Bantala |
| 5 | Alisisahabad | 23 | Athantar | 41 | Barakuda |
| 6 | Alisisasan | 24 | Atharabhag | 42 | Barapita |
| 7 | Anantapur | 25 | Babaja | 43 | Barasahi |
| 8 | Anatapur | 26 | Bageswarpur | 44 | Baratarara |
| 9 | Andilo | 27 | Bagheitangi | 45 | Barijanga |
| 10 | Angarpada | 28 | Bahelipada | 46 | Barilo |
| 11 | Anjira | 29 | Baindol | 47 | Barimula |
| 12 | Anlapatana | 30 | Bairang | 48 | Barundei |
| 13 | Aragada | 31 | Bajapur | 49 | Basanta |
| 14 | Aragul | 32 | Balabhadrapur | 50 | Basantapur Sasan |
| 15 | Aranga | 33 | Balabhadrapur | 51 | Basumandal |
| 16 | Arangpara | 34 | Balianta | 52 | Bayanpada |
| 17 | Aringol | 35 | Baligudi | 53 | Bejapur |
| 18 | Arisol | 36 | Balikuda | 54 | Benabili |
| 55 | Benapanjari | 113 | Darada | 171 | Jaersasan |
| 56 | Bentapur | 114 | Daradada | 172 | Jagannathpur |
| 57 | Benupur | 115 | Dasapur | 173 | Jagannathpur |
| 58 | Berhampura | 116 | Dedhalo | 174 | Jagannathpur |
| 59 | Beruan | 117 | Deulabasta | 175 | Jaguliapara |
| 60 | Bhabanipur | 118 | Deuliapatana | 176 | Jamujhari |
| 61 | Bhaerpur | 119 | Dhabalahara | 177 | Jamukoli |
| 62 | Bhagabatipur | 120 | Dhamilo | 178 | Jamuna Jharapada |
| 63 | Bhailo | 121 | Dhanpur | 179 | Jasuapur |
| 64 | Bhailo | 122 | Diandhoti | 180 | Jayapur |
| 65 | Bhalunka | 123 | Dibyasinghaprasad | 181 | Jayapurhat |
| 66 | Bhansara | 124 | Dihapur | 182 | Jayapurkilla |
| 67 | Bharatipur | 125 | Diniari | 183 | Jayapurpatna |
| 68 | Bhelurihata | 126 | Durgapur | 184 | Jayapursasan |
| 69 | Bhimpur | 127 | Ekachalia | 185 | Jhinkharada |
| 70 | Bhingarpur | 128 | Endrapal | 186 | Jhintsasan |
| 71 | Bhola | 129 | Erkanta | 187 | Kadalibari |
| 72 | Bhuasuni | 130 | Fakirpada | 188 | Kadambajhara |
| 73 | Bhubanpur | 131 | Gadasrirampur | 189 | Kaijanga |
| 74 | Bhuinchuan | 132 | Gamei | 190 | Kairi |
| 75 | Bikipur | 133 | Gandilo | 191 | Kajipur |
| 76 | Bilipada | 134 | Gangapara | 192 | Kakarudrapur Melak |
| 77 | Binayakpur | 135 | Gangeswarpur | 193 | Kakrurapur |
| 78 | Binayakpur Deuli | 136 | Ganpal | 194 | Kakudi Kusang |
| 79 | Bindha | 137 | Gaonpada | 195 | Kakudia |
| 80 | Bindha | 138 | Garedipanchana | 196 | Kalyanpur |
| 81 | Binjhagiri | 139 | Garh-Haladia | 197 | Kalyanpursasan |
| 82 | Binkudia | 140 | Gaudakashipur | 198 | Kanchilo |
| 83 | Bisiapada | 141 | Ghangapatna | 199 | Kansapada |
| 84 | Bisuniapara | 142 | Giringaput | 200 | Kantabad |
| 85 | Biswanathpur | 143 | Giringo | 201 | kantia |
| 86 | Bodhkhandi | 144 | Gobardhanpur | 202 | Kantikothabada |
| 87 | Botanda | 145 | Gobardhanpur Sultananagar | 203 | Kantilo |
| 88 | Brahmakundal | 146 | Gobardhanpur | 204 | Keranda |
| 89 | Brahmanasarangi | 147 | Godiputamatiapara | 205 | Keranga |
| 90 | Brahmanbereni | 148 | Gohal | 206 | Kerundei |
| 91 | Brahmansuanlo | 149 | Golapada | 207 | Khamngasasan |
| 92 | Budhangadeuli | 150 | Gotalabandha | 208 | Khandiagiri |
| 93 | Budhapada | 151 | Gotalgram | 209 | Kiajori |
| 94 | Budhiapara | 152 | Gothapatana | 210 | Koduamunda |
| 95 | Burhala | 153 | Gothasabelia | 211 | Koranga |
| 96 | Chadeya | 154 | Govindapur | 212 | Kotakana |
| 97 | Chadheibara | 155 | Gramadihai | 213 | Krishnamohanpur |
| 98 | Champapur | 156 | Haladiapada | 214 | Krushnanagar |
| 99 | Chandaka Jogisahi | 157 | Harekrushnapur | 215 | Kshetrapal |
| 100 | Chandapur | 158 | Harianta | 216 | Kuaput |
| 101 | Chandol | 159 | Haridamada | 217 | Kuha |
| 102 | Chatabar | 160 | Haridamada | 218 | Kujimahal |
| 103 | Cheliamala | 161 | Haripur | 219 | Kumbhilo |
| 104 | Chhatipur | 162 | Haripur | 220 | Kundilo |
| 105 | Chudanga | 163 | Harirajpur | 221 | Kunjar |
| 106 | Dadhibabanpur | 164 | Hasanapur | 222 | Kuradhamal |
| 107 | Dakhinanuagan | 165 | Hatajasuapur | 223 | Laxminarayanpur |
| 108 | Dalaiput | 166 | Hatasahi | 224 | Laxminarayanpur Dinaudharan |
| 109 | Dalua | 167 | Hirapur | 225 | Lembaupada |
| 110 | Danapada | 168 | Hosenpur | 226 | Lenkudi |
| 111 | Dandilo | 169 | Huekera | 227 | Lohapur |
| 112 | Dangua | 170 | Itipur | 228 | Luna |
| 229 | Madhiali | 275 | Orakol | 321 | Saleswar |
| 230 | Madhipur | 276 | Owaupada | 322 | Samalapur |
| 231 | Madhupur | 277 | Pachhalapur | 323 | Samapur |
| 232 | Madhupur | 278 | Padhansahi | 324 | Sananuagan |
| 233 | Maharathapur | 279 | Paikatigiria | 325 | Sanbeguniapara |
| 234 | Mahul | 280 | Palasapur | 326 | Sangaleisasan |
| 235 | Majana | 281 | Palaspursasan | 327 | Saradhapur |
| 236 | Majhibara | 282 | Pallakothabad | 328 | Sarakana |
| 237 | Makaraba | 283 | Pampalo | 329 | Sarata |
| 238 | Makundapur | 284 | Pamsara | 330 | Saripur |
| 239 | Malikabad | 285 | Panabaraj | 331 | Sarol |
| 240 | Malipur | 286 | Panchagaon | 332 | Sathilo |
| 241 | Managobindapur | 287 | Panchola | 333 | Sathilochak |
| 242 | Mangalapur | 288 | Panchupali | 334 | Satyabhamapur |
| 243 | Mangarajpur | 289 | Panidola | 335 | Seulakhala |
| 244 | Manikadeipur | 290 | Panikata | 336 | Sialiapatna |
| 245 | Manipur | 291 | Paniora | 337 | Similipatna |
| 246 | Manitir | 292 | Parjapatapur | 338 | Singirishasan |
| 247 | Matiapada No.-1 | 293 | Parijanr | 339 | Siriapura |
| 248 | Matiapara No.-2 | 294 | Patasahanipur | 340 | Sisilo |
| 249 | Mendhasal | 295 | Patelikuda | 341 | Siula |
| 250 | Minichinipatna | 296 | Pipilisasan | 342 | Siulachaka |
| 251 | Muktapur | 297 | Podapada | 343 | Srinibaspur |
| 252 | Mundagola | 298 | Podaput | 344 | Suabarei |
| 253 | Mundala | 299 | Poparanga | 345 | Subhalo |
| 254 | Nabinapur | 300 | Pratapsasan | 346 | Sudhusarangi |
| 255 | Nagpursasan | 301 | Pravakar Nadua | 347 | Sursura |
| 256 | Nahalapara | 302 | Pubusahi | 348 | Tandilo |
| 257 | Nailo | 303 | Puransasan | 349 | Tangiapada |
| 258 | Nandapur | 304 | Purohitapur | 350 | Taraboi |
| 259 | Nandipur | 305 | Purunajhinti | 351 | Tarakai |
| 260 | Narankheta | 306 | Purunapradhan | 352 | Taratua |
| 261 | Narasinghpur | 307 | Radhamohanpur | 353 | Thakurpada |
| 262 | Narasinghpur | 308 | Raigurubasudeipur | 354 | Tigiria |
| 263 | Nausingh | 309 | Ramachandrapur | 355 | Tigiria |
| 264 | Niala | 310 | Ranapur | 356 | Tikarpada |
| 265 | Nilakanthapur | 311 | Ranipur | 357 | Tiranpada |
| 266 | Niranjanpur | 312 | Rasulpur | 358 | Totapada |
| 267 | Nistarinipur | 313 | Ratanpur | 359 | Trahiachyutnagar |
| 268 | Nizigada - Kurukhi | 314 | Rathipur | 360 | Trutiapada |
| 269 | Nuagan | 315 | Rauerapara | 361 | Tulasadeipur |
| 270 | Nuahat | 316 | Ravatsrirampur | 362 | Ujanipada |
| 271 | Nuahatbharasapur | 317 | Rengal | 363 | Umadeibarhampur |
| 272 | Nuapada | 318 | Retanga | 364 | Wilkisannagar |
| 273 | Nuapara | 319 | Sadasimula | | |
| 274 | Orakal | 320 | Sahaspur | | |

Kabindra Kumar Sahoo
Secretary, BDA

OIPR-13033/11/0738/2324

**ସଂକ୍ଷେପରେ**

## ମନମୁଣ୍ଡାରେ ନୂତନ ଥାନା ଅଧିକାରୀ



ନୂତନ ଥାନା ଅଧିକାରୀ ରାଜକୁମାର ମୁର୍ମୁ।

**ମନମୁଣ୍ଡା,୧୪।୩(ବେଣୁଧର ପ୍ରଧାନ)**

ବୌଦ୍ଧ ଜିଲା ମନମୁଣ୍ଡା ଥାନାର ନୂତନ ଥାନା ଅଧିକାରୀ ଭାବେ ଗୁରୁବାର ଦିନ ରାଜକୁମାର ମୁର୍ମୁ ଯୋଗଦାନ କରିଛନ୍ତି । ଦାୟିତ୍ୱ ଗ୍ରହଣ କରିବା ପରେ ଶାନ୍ତିଶୃଙ୍ଖଳା ଉପରେ ଗୁରତ୍ୱ ଦିଆଯିବ ବୋଲି ସେ ପ୍ରକାଶ କରିଛନ୍ତି। ମନମୁଣ୍ଡାରେ ଥିବା ଥାନା ଅଧିକାରୀ ଭାବାନନ୍ଦ ପ୍ରଧାନଙ୍କ କନ୍ଧମାଳ ଥାନାକୁ ବଦଳି ହେବା ପରେ ସେ ନୂତନ ଭାବେ ଦାୟିତ୍ୱ ନେଇଛନ୍ତି ।

## ମୋ ଜଙ୍ଗଲ ଜମି ଯୋଜନା ସଚେତନତା ଶିବିର

**ଖପ୍ରାଖୋଲ,୧୪।୩(ଅଭୟ ତ୍ରିପାଠୀ)**

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ସଭାଗୃହରେ ଆରସିଡିସି ଓ ଏଫଇଏସ ଭୁବନେଶରର ମିଳିତ ଉଦ୍ୟମରେ ମୋ ଜଙ୍ଗଲ ଜମି ଯୋଜନା ସମ୍ପର୍କିତ ସଚେତନତା ଶିବିର ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ବ୍ଲକ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ପ୍ରତୀକ୍ଷା ସାହୁଙ୍କ ଅଧକ୍ଷତାରେ ଅନୁଷ୍ଠିତ ଶିବିରରେ ଆରସିଡିସିର କୁଳମଣି ସାହୁ, ମୋ ଜଙ୍ଗଲ ଜମି ଯୋଜନା ଜିଲା ସଂଯୋଜକ ଗୁରୁଦେବ ପ୍ରଧାନ, ବ୍ଲକ ସଂଯୋଜକ ରଘୁନାଥ ରଣା, ମାଷ୍ଟର ଟ୍ରେନର ଅଭୟ ତ୍ରିପାଠୀ, ବାନପାଳ ସୁଧୀର କୁମାର ଜେନା, ଘାସିରାମ ଦୀକ୍ଷିତ ଯୋଗଦେଇଥିଲେ। ବ୍ଲକରେ ମୋ ଜଙ୍ଗଲ ଜମି ଯୋଜନାରେ ଗୋଷ୍ଠୀଗତ ଜଙ୍ଗଲ ଅଧିକାର, ଗୋଷ୍ଠୀଗତ ଜଙ୍ଗଲ ସମ୍ବଳର ପରିଚାଳନ ଅଧିକାର ଉପରେ ଆଲୋଚନା ହୋଇଥିଲା। ଏହି ଅବସରରେ ଯୋଜନାର ସଫଳତା ପାଇଁ ଥିବା ସମସ୍ୟା ଓ ତାର ସମାଧାନ ଉପରେ ଆଲୋକପାତ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଟ୍ୱିଙ୍କିଲ ବିଶ୍ୱାଳ, ବୈକୁଣ୍ଠ ବାଗ, ଦେବରାଜ ଭୋଇ, ନାରାୟଣ ସାହୁ, ଦୟାନିଧି ମାଝିଙ୍କ ସମେତ ପଞ୍ଚାୟତ ସ୍ୱେଚ୍ଛାସେବୀ, ଜଙ୍ଗଲ ବିଭାଗ କର୍ମଚାରୀ ଯୋଗଦେଇଥିଲେ। ସୁଶାନ୍ତ ଛତ୍ରିଆ ଧନ୍ୟବାଦ ଅର୍ପଣ କରିଥିଲେ।

## ଖାଦ୍ୟ ନିରାପତ୍ତା ଲାଇସେନ୍ସ ପାଇଁ ପଞ୍ଜୀକରଣ

**ଲାଠୋର, ୧୪।୩(ଭୁବନେଶ୍ୱର ବାରିକ)**

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ଲାଠୋର ଅଗ୍ରସେନ ଭବନରେ ଗୁରୁବାର ଖାଦ୍ୟ ନିରାପତ୍ତା ଲାଇସେନ୍ସ ପାଇଁ ପଞ୍ଜୀକରଣ ହୋଇଛି। ରାଇଟ ଟୁ ଫାଇଟ ସଙ୍ଗଠନ ସଭାପତି ସୁଶିଲ ଅଗ୍ରୱାଲଙ୍କ ନେତୃତ୍ୱରେ ଖାଦ୍ୟ ନିରୀକ୍ଷକ ବିଶ୍ୱଜିତ ସିଙ୍କୁ ଏବଂ ତାଙ୍କ ଟିମ୍ ଲାଠୋରରେ ପହଞ୍ଚି ଅଞ୍ଚଳର ୩୭ଜଣ ହୋଟେଲ ଏବଂ କିରାନା ଦୋକାନୀଙ୍କଠାରୁ ୩ଶହ ଲେଖାଏ ଟଙ୍କା ଫି ନେଇ ପଞ୍ଜୀକରଣ କରିଥିଲେ। ଆଗାମୀ ଦିନରେ ସେମାନଙ୍କୁ ଲାଇସେନ୍ସ ପ୍ରଦାନ କରାଯିବ। ପଞ୍ଜିକୃତ ହୋଟେଲ ମାଲିକମାନଙ୍କୁ ଆରଓ ପାଣି ବ୍ୟବହାର କରିବା ସହ ଉନ୍ନତମାନର ଖାଦ୍ୟ ସାମଗ୍ରୀ ଦେବାକୁ ପରାମର୍ଶ ଦେଇଥିଲେ। ସେହିପରି କିରାନା ଦୋକାନୀଙ୍କୁ ଉଚିତ ମୂଲ୍ୟରେ ଅବଧି ସରି ନ ଥିବା ସାମଗ୍ରୀ ବିକ୍ରି କରିବାକୁ କୁହାଯାଇଥିଲା। ଏଥିରେ ବ୍ୟତିକ୍ରମ ହେଲେ ସରକାରୀ ନିୟମ ଅନୁସାରେ ଲାଇସେନ୍ସ ରଦ୍ଦ କରାଯିବ ବୋଲି କହିଥିଲେ। ଏହି ଅବସରରେ ସଙ୍ଗଠନ ସଦସ୍ୟ ପ୍ରକାଶ ବେହେରା, ଜୟଦେବ ସାଣ୍ଡେ, ସଚ୍ଚିକାନ୍ତ ଦାସ, ଭକ୍ତ ବାରିକ ଓ ଅନ୍ୟ ସଦସ୍ୟମାନେ ଉପସ୍ଥିତ ଥିଲେ।

# ରାଜ୍ୟ, କେନ୍ଦ୍ର ସରକାର ଦୁର୍ନୀତିଗ୍ରସ୍ତ: କଂଗ୍ରେସ

**ବରଗଡ଼,୧୪।୩(ପ୍ରେମାନନ୍ଦ ଖମାରୀ)**



ଖବରଦାତା ସମ୍ମିଳନୀରେ କଂଗ୍ରେସ ନେତୃବୃନ୍ଦ ।

ରାଜ୍ୟରେ ବିଜେଡି ୨୫ବର୍ଷ ଶାସନ କରିଛି। ସେହିପରି କେନ୍ଦ୍ରରେ ଭାଜପା ୯ବର୍ଷ ଶାସନ କରିଛି। ଏହି ଅବଧି ମଧ୍ୟରେ ଉଭୟ ରାଜ୍ୟ, କେନ୍ଦ୍ର ସରକାର ସେଭଳି କିଛି ବିକାଶମୂଳକ କାର୍ଯ୍ୟ କରିନାହାନ୍ତି। ମାତ୍ର ଏହି ଶାସନ କାଳରେ ଦୁର୍ନୀତି, ଭ୍ରଷ୍ଟାଚାର ବଢ଼ିଚାଲିଛି ଏବଂ ଦୁର୍ନୀତିକୁ ଲୁଚାଇବା ପାଇଁ ଏବେ ଦୁର୍ନୀତିରେ ଲିପ୍ତ ଉଭୟ ସରକାର ମେଣ୍ଟ ଗଠନ କରି ନିର୍ବାଚନକୁ ଓହ୍ଲାଇବା ପାଇଁ ମସୁଧା କରୁଛନ୍ତି ବୋଲି ଗୁରୁବାର ବରଗଡ଼ ସାମ୍ବାଦିକ ସଂଘ ଭବନରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ କଂଗ୍ରେସ ଅଭିଯୋଗ କରିଛି।

ଖବରଦାତା ସମ୍ମିଳନୀରେ ଜିଲା କଂଗ୍ରେସ ସଭାପତି ହରଦୀପ ସିଂହ କହିଥିଲେ, ନିର୍ବାଚନ ପୂର୍ବରୁ ଚାଷୀ, ଯୁବକ, ଶ୍ରମିକଙ୍କ ପାଇଁ ବଡ଼ବଡ଼ ନିର୍ବାଚନୀ ପ୍ରତିଶ୍ରୁତି ଦେଇଥିଲେ। ମାତ୍ର ଏପର୍ଯ୍ୟନ୍ତ ତାହା ପୂରଣ ହୋଇପାରିନାହିଁ। ଚାଷୀ ନିଜର ଅଧିକାର ନ ପାଇ ରାସ୍ତାକୁ ଓହ୍ଲାଉଛି। ସେହିପରି ରୋଜଗାର ନ ପାଇବାରୁ ଦେଶରେ ବେକାର ଯୁବତୀ, ଯୁବକଙ୍କ ସଂଖ୍ୟା ବଢ଼ିଚାଲିଛି। ଅନ୍ୟପଟେ ପୁଞ୍ଜିପତିଙ୍କୁ ହଜାର ହଜାର କୋଟି ଟଙ୍କା ଋଣ ଦେଇ କେନ୍ଦ୍ରର ଭାଜପା ସରକାର ତାହା ପୁଣି ଛାଡ଼ କରୁଛି। ମାତ୍ର କୃଷିଋଣ ଛାଡ଼ ହେଉନାହିଁ। ଦେଶରେ ଯେଉଁସବୁ ବିକାଶ ହୋଇଛି, ତାହା କଂଗ୍ରେସ ଶାସନରେ ହିଁ ହୋଇଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଯେଉଁ ସ୍କୁଲରେ ପଢ଼ିଛନ୍ତି, ତାହା କଂଗ୍ରେସ ଶାସନରେ ହୋଇଥିଲା। ସେହିପରି ମୋଦିଙ୍କ ଗ୍ରାମରେ ଯେଉଁ ଡାକ୍ତରଖାନା ଅଛି, ତାହା ମଧ୍ୟ କଂଗ୍ରେସ ଶାସନରେ ହୋଇଥିଲା। ସାଧାରଣ ବିଦ୍ୟୁତ ବଲ୍ବ ଜଳିବାଠାରୁ ଆରମ୍ଭ କରି ବଡ଼ ବଡ଼ ଶିଳ୍ପାନୁଷ୍ଠାନ, ହୀରାକୁଦ ନଦୀବନ୍ଧ ପର୍ଯ୍ୟନ୍ତ ଯୋଜନା କଂଗ୍ରେସ ସରକାରଙ୍କ ଯୋଗୁ ସମ୍ଭବ ହୋଇଥିଲା। ମାତ୍ର ମୋଦି ଓ ନବୀନ ସରକାର ଶାସନରେ ହୋଇଥିବା ଶିଳ୍ପାନୁଷ୍ଠାନ ବନ୍ଦ ହୋଇଥିବାବେଳେ ବିଭିନ୍ନ କମ୍ପାନୀ ହାତକୁ ଶାଗମାଛ ଦରରେ ଉଭୟ ସରକାର ସେଗୁଡ଼ିକୁ ଠେଲି ଦେଉଛନ୍ତି। ସେହିପରି ଜିଲା କଂଗ୍ରେସ ମିଡ଼ିଆ ସେଲ୍ ଚେୟାରମ୍ୟାନ ସରୋଜ ଷଡ଼ଙ୍ଗୀ କହିଥିଲେ, ଭାଜପା ଏବଂ ବିଜେଡ଼ି ଉଭୟେ ଦୁର୍ବଳ। ଫଳରେ ଆଗାମୀ ନିର୍ବାଚନରେ ହାରିବା ଭୟରେ ମେଣ୍ଟ ପାଇଁ ସଜବାଜ ହେଉଛନ୍ତି। ମାତ୍ର କଂଗ୍ରେସ ଏକାକୀ ସେମାନଙ୍କ ସହିତ ଲଢ଼େଇ କରି ଶାସନକୁ ଆସିବ ବୋଲି ସେ କହିଥିଲେ। ଜିଲା କଂଗ୍ରେସ ଉପସଭାପତି ରବି ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ।

# ଜିଲାସ୍ତରୀୟ ଆଇନ ସଚେତନତା ଶିବିର



ଶିବିରରେ ମଞ୍ଚାସୀନ ଅତିଥିମାନେ।

**ଅମରପାଲି,୧୪।୩ (ପୀତାମ୍ବର ସାହୁ)**

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଅନ୍ତର୍ଗତ ହିଲୁଙ୍ଗ ଗ୍ରାମ ପଞ୍ଚାୟତର ଲାଡୁରପେଟ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଅନୁସୂଚିତ ଜାତି ଓ ଜନଜାତି ବର୍ଗଙ୍କ ପାଇଁ ଆଇନ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ଜିଲା ଲିଗାଲ ସେଲ୍ ବିଚାରପତି କୁମୁଦିନୀ ମୁଦୁଲି, ଲିଗାଲ ସେଲ ସଦସ୍ୟା ସବିତା ପଣ୍ଡା, ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ବୀରେନ୍ଦ୍ର ନାଏକ, ଉପଖଣ୍ଡ ପୋଲିସ ଅଧିକାରୀ ବାସୁଦେବ ଛତ୍ରିଆ, ବୀରମହାରାଜପୁର ଥାନା ଅଧିକାରୀ ଶୋଭାକର ସେଠ ପ୍ରମୁଖ ଯୋଗଦେଇ ସାଧାରଣ ଲୋକ କିଭଳି ସହଜରେ ନ୍ୟାୟ ପାଇପାରିବେ ସେ ବିଷୟରେ ସଚେତନ କରିଥିଲେ। ଉକ୍ତ ଶିବିରରେ ଅନୁସୂଚିତ ଓ ଆଦିବାସୀ ବର୍ଗର ଜନସାଧାରଣ ଯୋଗ ଦେଇଥିଲେ। ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ସୁଚେତା ମିଶ୍ର, ରଞ୍ଜନ ଭୋଇ, ଆଇନ ସେବା ପ୍ରାଧିକରଣର କର୍ମଚାରୀ ଏବଂ ବିଦ୍ୟାଳୟ ଛାତ୍ରୀଛାତ୍ର ଯୋଗ ଦେଇଥିଲେ।

# ଜିଲାପାଳଙ୍କ ଅଙ୍ଗନୱାଡି କେନ୍ଦ୍ର ପରିଦର୍ଶନ

**ଶିଶୁଙ୍କ ସହ କଥା ହେଲେ, ଯାଞ୍ଚ କଲେ ରନ୍ଧାଖାଦ୍ୟ**

**ବୌଦ୍ଧ,୧୪।୩(ଅଜିତ କୁମାର ବାରିକ)**



କନ୍ଧତଇଲା ବିଦ୍ୟାଳୟରେ ଜିଲାପାଳ।

ଆଗକୁ ସାଧାରଣ ନିର୍ବାଚନ ଥିବା ବେଳେ ବୌଦ୍ଧ ଜିଲାପାଳ ଜେ.ସୋନାଲ ଜିଲାରେ ହେବାକୁ ଥିବା ବୁଥଗୁଡିକର ସ୍ଥିତି ତଦାରଖ କରୁଛନ୍ତି। ଏନେଇ ବୁଧବାର ଦିନ ଜିଲାପାଳ ସୋନାଲ ଜିଲାର ହରଭଙ୍ଗା ବ୍ଲକ କୁଶଙ୍ଗ ପଞ୍ଚାୟତର କନ୍ଧତଇଲା, ଭଗାମୁଣ୍ଡା ବିଦ୍ୟାଳୟ ଏବଂ ଅଙ୍ଗନୱାଡି କେନ୍ଦ୍ର ପରିଦର୍ଶନ କରିଥିଲେ। ଜିଲାପାଳ ବିଦ୍ୟାଳୟଗୁଡିକର ସ୍ଥିତ ଦେଖିବା ସହ ଛାତ୍ରୀଛାତ୍ରଙ୍କ ଶିକ୍ଷାଦାନ ଓ ରନ୍ଧାଖାଦ୍ୟ ଉପରେ ପଚାରି ବୁଝିଥିଲେ। ଏହାସହ ଅଙ୍ଗନୱାଡି ଶିଶୁଙ୍କ ସହିତ କଥାବାର୍ତ୍ତା କରିବା ସହ ସେମାନଙ୍କ ଗହଣରେ ଫଟୋ ଉଠାଇଥିଲେ । ଜିଲାପାଳଙ୍କ ଗସ୍ତ ସମୟରେ ତାଙ୍କ ସହିତ ହରଭଙ୍ଗା ବିଡିଓ ଶରତ ସେଠୀ, ସହକାରୀ କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ମନୋରଞ୍ଜନ ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ ।

# କୋର୍ଟରେ କାର୍ଯ୍ୟରତ କନଷ୍ଟେବଲ ଗିରଫ

**ସିନାପାଲି,୧୪।୩(ମନଫୁଲ ମେହେର)**

**ଜୀବନ୍ତ ବଜ୍ରକାପ୍ତା ଜବତ ଘଟଣା**



ନୂଆପଡ଼ା ଜିଲା ସିନାପାଲି ଓ ଛତିଶଗଡ଼ ବନ ବିଭାଗ ପକ୍ଷରୁ ଚଢ଼ାଉ କରି ୧୧ କେଜିର ବଜ୍ରକାପ୍ତା ଜବତ କରିଥିବା ବେଳେ ୭ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଥିଲା। ଏହି ଘଟଣାରେ ଗୁରୁବାର ସିନାପାଲି କୋର୍ଟରେ କାର୍ଯ୍ୟରତ ଜଣେ କନଷ୍ଟେବଲଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି। ଗିରଫ କନଷ୍ଟେବଲ ହେଲେ ଖଡିଆଳ ଥାନା ଅଧୀନ ଡୁଆଝର ଗ୍ରାମର ବ୍ରହ୍ମାଶଙ୍କର ମେହେର (୫୩)। ସୂଚନାନୁସାରେ ଗତ ଫେବୃଆରୀ ୨୭ରେ କୌଣସି ସୂତ୍ରରୁ ଖବର ପାଇ ସିନାପାଲି ଓ ଛତିଶଗଡ଼ ବନ ବିଭାଗ ପକ୍ଷରୁ ଚଉରା ଜଙ୍ଗଲ ନିକଟରେ ଜୀବନ୍ତ ବଜ୍ରକାପ୍ତା ଡିଲ ବେଳେ ଚଢାଉ କରି ବଜ୍ରକାପ୍ତା ଉଦ୍ଧାର କରିବା ସହ ୭ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଥିଲା। ବନ ବିଭାଗ ପକ୍ଷରୁ ଘଟଣା ସମ୍ପର୍କରେ ଆହୁରି ଅଧିକ ତଦନ୍ତ ଚାଲିଥିଲା। ଘଟଣାରେ ସମ୍ପୃକ୍ତ ଥିବା ସିନାପାଲି କୋର୍ଟରେ କାର୍ଯ୍ୟରତ ଜଣେ କନଷ୍ଟେବଲଙ୍କ ବୁଧବାର ସନ୍ଧ୍ୟାରେ ବନ ବିଭାଗ ଗିରଫ କରିଥିଲା। ଗୁରୁବାର ତାଙ୍କୁ କୋର୍ଟ ଚାଲାଣ କରାଯାଇଛି। ଖଡିଆଳ ଏସିଏଫ୍ ମହମ୍ମଦ ମୁସତାଫା ସାଲେହାଙ୍କ ନେତୃତ୍ୱରେ ସିନାପାଲି ବନ ବିଭାଗ ଏକ ଟିମ ଗଠନ କରି ସମ୍ପୃକ୍ତ ବ୍ୟକ୍ତିଙ୍କୁ ଗିରଫ କରିଥିଲା। ଏ ନେଇ ପୂର୍ବ କେସ ଅନୁସାରେ ସିନାପାଲି ବନ ବିଭାଗ ମାମଲା ରୁଜୁକରି କୋର୍ଟ ଚାଲାଣ କରିଥିବା ବିଭାଗୀୟ ପକ୍ଷରୁ ସୂଚନା ମିଳିଛି।

# ବନ୍ଧୁକ ଦେଖାଇ ଭୟଭୀତକରି ଯୁବକ ଗିରଫ



ଗିରଫ ଅଭିଯୁକ୍ତ ଓ ଜବତ ବନ୍ଧୁକ ଏବଂ ମୋବାଇଲ।

**ସଇଁତଳା,୧୪।୩ (ରାଖାଲ ପ୍ରସାଦ ଶତପଥୀ)**

ବଲାଙ୍ଗୀର ଜିଲା ସଇଁତଳା ଥାନା ଅନ୍ତର୍ଗତ କରମତଲା ଗ୍ରାମରେ ଗୁରୁବାର ୪୦ପ୍ରହର ନାମଯଜ୍ଞ ଚାଲିଥିବା ବେଳେ ବନ୍ଧୁକ ଦେଖାଇ ୨ଜଣ ଯୁବକ ଲୋକଙ୍କୁ ଭୟଭୀତ କରିବା ଅଭିଯୋଗ ହୋଇଛି। ଅପରପକ୍ଷରେ ଗ୍ରାମବାସୀ ସେମାନଙ୍କୁ କାବୁ କରି ପୋଲିସ ଜିମା ଦେଇଥିଲେ। ପୋଲିସ ସେମାନଙ୍କଠାରୁ ଦୁଇଟି ବନ୍ଧୁକ, ଗୋଟିଏ ବାଇକ ଓ ଦୁଇଟି ମୋବାଇଲ ଫୋନ ଜବତ କରିଛି। ଅଭିଯୁକ୍ତଙ୍କ ମଧ୍ୟରେ ଜଣେ ନାବାଳକ ରହିଛନ୍ତି। ଗିରଫ ଅଭିଯୁକ୍ତ ହେଲେ ବଙ୍ଗୋମୁଣ୍ଡା ଥାନା ଅଞ୍ଚଳର କୁନୁ ଅଦା। ଅପରାହ୍ନରେ ପୋଲିସ ତାଙ୍କୁ କୋର୍ଟଚାଲାଣ କରିଥିଲା। ଜାମିନ ନାମଞ୍ଜୁର ହେବାରୁ କୁନୁଙ୍କୁ ଟିଟିଲାଗଡ଼ ଜେଲ ହାଜତକୁ ପଠାଇ ଦିଆଯାଇଛି। ଅପରପକ୍ଷରେ ଧରା ପଡିଥିବା ନାବାଳକଙ୍କୁ ବାଳ ସୁଧାର ଗୃହକୁ ପଠାଇ ଦିଆଯାଇଛି।

## କୋର୍ଟ ପରିସରରେ ଶୌଚାଳୟ ଉଦ୍‌ଘାଟିତ

**ପାଟଣାଗଡ ୧୪।୩(ସଚ୍ଚିଦାନନ୍ଦ ମହାକୁର):** ବଲାଙ୍ଗର ଜିଲା ପାଟଣାଗଡ ଏନଏସିସ୍ଥିତ କୋର୍ଟ ପରିସରରେ ସର୍ବସାଧାରଣ ଶୌଚାଳୟ ଉଦ୍‌ଘାଟିତ ହୋଇଛି। ପାଟଣାଗଡ ବିଧାୟକ ତଥା ସରକାରୀ ଦଳର ଉପମୁଖ୍ୟ ସଚେତକ ସରୋଜ କୁମାର ମେହେର ଏହାକୁ ଉଦ୍‌ଘାଟନ କରିଛନ୍ତି। ଏହି ଶୌଚାଳୟ ସର୍ବସାଧାରଣଙ୍କ ପାଇଁ ଦେୟମୁକ୍ତ ଅଟେ। ଏହାଦ୍ୱାରା ସହରକୁ ଆସୁଥିବା ଲୋକେ ଉପକୃତ ହୋଇପାରିବ। ଉଦ୍‌ଘାଟନୀ ଉତ୍ସବରେ ସମ୍ମାନିତ ଅତିଥିଭାବେ ଏନଏସି ଅଧକ୍ଷା ମାନସୀ ବିଶ୍ୱାଳ, ଉପନଗରପାଳ ପ୍ରଫୁଲ୍ଲ କୁମାର ମେହେର ଯୋଗଦେଇଥିଲେ। କାର୍ଯ୍ୟନିର୍ବାହୀ ଅଧିକାରୀ ନାରାୟଣ ଦଣ୍ଡସେନା ଓ କନିଷ୍ଠ ଯନ୍ତ୍ରୀ ଟନ କିଶୋର ନାଏକ, ବିଧାୟକଙ୍କ ଏନଏସି ପ୍ରତିନିଧି ସୁକୁମାର ବାରିକ ଓ କାଉନସିଲରମାନେ ଉପସ୍ଥିତ ଥିଲେ।


GOVERNMENT OF ODISHA

No.O-2790

OFFICE OF THE CHIEF CONSTRUCTION ENGINEER
RURAL WORKS CIRCLE, KENDRAPARA-JAJPUR

AT-CHANDIKHOL, PO-SUNGUDA, JAJPUR-754296, Email:serw_kpd@yahoo.com

Letter No.1436, Dt.11.03.24

1st Corrigendum Notice

1st Corrigendum to Bid Identification No.Tender Online RCK-09/24 invited this office Letter No.1245, Dt.23.02.2024. The changes as detailed below are hereby made in the above N.I.T.:

| Procurement Officer | Bid Identification No. | Availability of Tender online for bidding: From | | To | | Last Date & Time of seeking tender clarification | | Date & Time of opening of Tender: Technical Bid | | Financial Bid |
|---|---|---|---|---|---|---|---|---|---|---|
| 1 | 2 | 3 | | 4 | | 5 | | 6 | | |
| | | As earlier | Modified | As earlier | Modified | As earlier | Modified | As earlier | Modified | As earlier |
| Chief Construction Engineer, Rural Works Circle, Kendrapara-Jajpur | Tender RCK-9/24 | 28.02.2024 at 11.00 A.M. | 15.03.2024 at 11.00 A.M. | 13.03.2024 at 5.00 PM | 30.03.2024 at 5.00 PM | 12.03.2024 at 2.00 P.M. | 29.03.2024 at 2.00 PM | 14.03.2024 at 11.00 A.M. | 02.04.2024 at 11.00 A.M. | Will be intimated later |

Sd./- Chief Construction Engineer,
Rural Works Circle, Kendrapara-Jajpur

OIPR-25129/11/0074/2324


## The Odisha Gazette

EXTRAORDINARY
PUBLISHED BY AUTHORITY

No. 458 CUTTACK, SATURDAY, MARCH 2, 2024/FALGUNA 12, 1945

### GIS BASED COMPREHENSIVE DEVELOPMENT PLAN FOR EXTENDED AREA OF BHUBANESWAR, 2040

### NOTIFICATION

No. CAD-4613 The 30th January, 2024

No. 3906 - Planning (MP) - 54/22-BDA - Notice is hereby given that the Draft GIS based Comprehensive Development Plan for extended area of Bhubaneswar, 2040 under the jurisdiction of Bhubaneswar Development Authority for the Mouzas as specified in the Table I below has been prepared. A copy of which is available for inspection in office of the Bhubaneswar Development Authority located at Akash Shova Building, Sachivalaya Marg, Bhubaneswar between office hours of all working days except Saturdays within 60 days from the date of publication of this notice in Orissa Gazette. The same will also be available in BDA website i.e. **https://www.bda.gov.in**.

Objections or suggestions to the aforesaid plan with any request for personal hearing if any, may be sent in writing to the Secretary, Bhubaneswar Development Authority.

NOTE: The person making any objections or suggestion shall furnish his/her full name and address and mention the subject as "Objection or Suggestion on Draft CDP for extended area of Bhubaneswar, 2040.

**Table 01: List of Villages under GIS based Comprehensive Development Plan for Extended Area of Bhubaneswar, 2040**

| Sl. No. | Village | Sl. No. | Village | Sl. No. | Village |
|---|---|---|---|---|---|
| 1 | Achhutpur | 19 | Arjungoda | 37 | Balisahi |
| 2 | Aitalang | 20 | Aruha | 38 | Bang |
| 3 | Alarpur | 21 | Ashraypur | 39 | Baniatangi |
| 4 | Alisibindha | 22 | Atala | 40 | Bantala |
| 5 | Alisisahabad | 23 | Athantar | 41 | Barakuda |
| 6 | Alisisasan | 24 | Atharabhag | 42 | Barapita |
| 7 | Anantapur | 25 | Babaja | 43 | Barasahi |
| 8 | Anatapur | 26 | Bageswarpur | 44 | Baratarara |
| 9 | Andilo | 27 | Bagheitangi | 45 | Barijanga |
| 10 | Angarpada | 28 | Bahelipada | 46 | Barilo |
| 11 | Anjira | 29 | Baindol | 47 | Barimula |
| 12 | Anlapatana | 30 | Bairang | 48 | Barundei |
| 13 | Aragada | 31 | Bajapur | 49 | Basanta |
| 14 | Aragul | 32 | Balabhadrapur | 50 | Basantapur Sasan |
| 15 | Aranga | 33 | Balabhadrapur | 51 | Basumandal |
| 16 | Arangpara | 34 | Balianta | 52 | Bayanpada |
| 17 | Aringol | 35 | Baligudi | 53 | Bejapur |
| 18 | Arisol | 36 | Balikuda | 54 | Benabili |
| 55 | Benapanjari | 113 | Darada | 171 | Jaersasan |
| 56 | Bentapur | 114 | Daradada | 172 | Jagannathpur |
| 57 | Benupur | 115 | Dasapur | 173 | Jagannathpur |
| 58 | Berhampura | 116 | Dedhalo | 174 | Jagannathpur |
| 59 | Beruan | 117 | Deulabasta | 175 | Jaguliapara |
| 60 | Bhabanipur | 118 | Deuliapatana | 176 | Jamujhari |
| 61 | Bhaerpur | 119 | Dhabalahara | 177 | Jamukoli |
| 62 | Bhagabatipur | 120 | Dhamilo | 178 | Jamuna Jharapada |
| 63 | Bhailo | 121 | Dhanpur | 179 | Jasuapur |
| 64 | Bhailo | 122 | Diandhoti | 180 | Jayapur |
| 65 | Bhalunka | 123 | Dibyasinghaprasad | 181 | Jayapurhat |
| 66 | Bhansara | 124 | Dihapur | 182 | Jayapurkilla |
| 67 | Bharatipur | 125 | Diniari | 183 | Jayapurpatna |
| 68 | Bhelurihata | 126 | Durgapur | 184 | Jayapursasan |
| 69 | Bhimpur | 127 | Ekachalia | 185 | Jhinkharada |
| 70 | Bhingarpur | 128 | Endrapal | 186 | Jhintsasan |
| 71 | Bhola | 129 | Erkanta | 187 | Kadalibari |
| 72 | Bhuasuni | 130 | Fakirpada | 188 | Kadambajhara |
| 73 | Bhubanpur | 131 | Gadasrirampur | 189 | Kaijanga |
| 74 | Bhuinchuan | 132 | Gamei | 190 | Kairi |
| 75 | Bikipur | 133 | Gandilo | 191 | Kajipur |
| 76 | Bilipada | 134 | Gangapara | 192 | Kakarudrapur Melak |
| 77 | Binayakpur | 135 | Gangeswarpur | 193 | Kakrurapur |
| 78 | Binayakpur Deuli | 136 | Ganpal | 194 | Kakudi Kusang |
| 79 | Bindha | 137 | Gaonpada | 195 | Kakudia |
| 80 | Bindha | 138 | Garedipanchana | 196 | Kalyanpur |
| 81 | Binjhagiri | 139 | Garh-Haladia | 197 | Kalyanpursasan |
| 82 | Binkudia | 140 | Gaudakashipur | 198 | Kanchilo |
| 83 | Bisiapada | 141 | Ghangapatna | 199 | Kansapada |
| 84 | Bisuniapara | 142 | Giringaput | 200 | Kantabad |
| 85 | Biswanathpur | 143 | Giringo | 201 | kantia |
| 86 | Bodhkhandi | 144 | Gobardhanpur | 202 | Kantikothabada |
| 87 | Botanda | 145 | Gobardhanpur Sultananagar | 203 | Kantilo |
| 88 | Brahmakundal | 146 | Gobardhanpur | 204 | Keranda |
| 89 | Brahmanasarangi | 147 | Godiputamatiapara | 205 | Keranga |
| 90 | Brahmanbereni | 148 | Gohal | 206 | Kerundei |
| 91 | Brahmansuanlo | 149 | Golapada | 207 | Khamngasasan |
| 92 | Budhangadeuli | 150 | Gotalabandha | 208 | Khandiagiri |
| 93 | Budhapada | 151 | Gotalgram | 209 | Kiajori |
| 94 | Budhiapara | 152 | Gothapatana | 210 | Koduamunda |
| 95 | Burhala | 153 | Gothasabelia | 211 | Koranga |
| 96 | Chadeya | 154 | Govindapur | 212 | Kotakana |
| 97 | Chadheibara | 155 | Gramadihai | 213 | Krishnamohanpur |
| 98 | Champapur | 156 | Haladiapada | 214 | Krushnanagar |
| 99 | Chandaka Jogisahi | 157 | Harekrushnapur | 215 | Kshetrapal |
| 100 | Chandapur | 158 | Harianta | 216 | Kuaput |
| 101 | Chandol | 159 | Haridamada | 217 | Kuha |
| 102 | Chatabar | 160 | Haridamada | 218 | Kujimahal |
| 103 | Cheliamala | 161 | Haripur | 219 | Kumbhilo |
| 104 | Chhatipur | 162 | Haripur | 220 | Kundilo |
| 105 | Chudanga | 163 | Harirajpur | 221 | Kunjar |
| 106 | Dadhibabanpur | 164 | Hasanapur | 222 | Kuradhamal |
| 107 | Dakhinanuagan | 165 | Hatajasuapur | 223 | Laxminarayanpur |
| 108 | Dalaiput | 166 | Hatasahi | 224 | Laxminarayanpur Dinaudharan |
| 109 | Dalua | 167 | Hirapur | 225 | Lembaupada |
| 110 | Danapada | 168 | Hosenpur | 226 | Lenkudi |
| 111 | Dandilo | 169 | Huekera | 227 | Lohapur |
| 112 | Dangua | 170 | Itipur | 228 | Luna |
| 229 | Madhiali | 275 | Orakol | 321 | Saleswar |
| 230 | Madhipur | 276 | Owaupada | 322 | Samalapur |
| 231 | Madhupur | 277 | Pachhalapur | 323 | Samapur |
| 232 | Madhupur | 278 | Padhansahi | 324 | Sananuagan |
| 233 | Maharathapur | 279 | Paikatigiria | 325 | Sanbeguniapara |
| 234 | Mahul | 280 | Palasapur | 326 | Sangaleisasan |
| 235 | Majana | 281 | Palaspursasan | 327 | Saradhapur |
| 236 | Majhibara | 282 | Pallakothabad | 328 | Sarakana |
| 237 | Makaraba | 283 | Pampalo | 329 | Sarata |
| 238 | Makundapur | 284 | Pamsara | 330 | Saripur |
| 239 | Malikabad | 285 | Panabaraj | 331 | Sarol |
| 240 | Malipur | 286 | Panchagaon | 332 | Sathilo |
| 241 | Managobindapur | 287 | Panchola | 333 | Sathilochak |
| 242 | Mangalapur | 288 | Panchupali | 334 | Satyabhamapur |
| 243 | Mangarajpur | 289 | Panidola | 335 | Seulakhala |
| 244 | Manikadeipur | 290 | Panikata | 336 | Sialiapatna |
| 245 | Manipur | 291 | Paniora | 337 | Similipatna |
| 246 | Manitir | 292 | Parjapatapur | 338 | Singirishasan |
| 247 | Matiapada No.-1 | 293 | Parijanr | 339 | Siriapura |
| 248 | Matiapara No.-2 | 294 | Patasahanipur | 340 | Sisilo |
| 249 | Mendhasal | 295 | Patelikuda | 341 | Siula |
| 250 | Minichinipatna | 296 | Pipilisasan | 342 | Siulachaka |
| 251 | Muktapur | 297 | Podapada | 343 | Srinibaspur |
| 252 | Mundagola | 298 | Podaput | 344 | Suabarei |
| 253 | Mundala | 299 | Poparanga | 345 | Subhalo |
| 254 | Nabinapur | 300 | Pratapsasan | 346 | Sudhusarangi |
| 255 | Nagpursasan | 301 | Pravakar Nadua | 347 | Sursura |
| 256 | Nahalapara | 302 | Pubusahi | 348 | Tandilo |
| 257 | Nailo | 303 | Puransasan | 349 | Tangiapada |
| 258 | Nandapur | 304 | Purohitapur | 350 | Taraboi |
| 259 | Nandipur | 305 | Purunajhinti | 351 | Tarakai |
| 260 | Narankheta | 306 | Purunapradhan | 352 | Taratua |
| 261 | Narasinghpur | 307 | Radhamohanpur | 353 | Thakurpada |
| 262 | Narasinghpur | 308 | Raigurubasudeipur | 354 | Tigiria |
| 263 | Nausingh | 309 | Ramachandrapur | 355 | Tigiria |
| 264 | Niala | 310 | Ranapur | 356 | Tikarpada |
| 265 | Nilakanthapur | 311 | Ranipur | 357 | Tiranpada |
| 266 | Niranjanpur | 312 | Rasulpur | 358 | Totapada |
| 267 | Nistarinipur | 313 | Ratanpur | 359 | Trahiachyutnagar |
| 268 | Nizigada - Kurukhi | 314 | Rathipur | 360 | Trutiapada |
| 269 | Nuagan | 315 | Rauerapara | 361 | Tulasadeipur |
| 270 | Nuahat | 316 | Ravatsrirampur | 362 | Ujanipada |
| 271 | Nuahatbharasapur | 317 | Rengal | 363 | Umadeibarhampur |
| 272 | Nuapada | 318 | Retanga | 364 | Wilkisannagar |
| 273 | Nuapara | 319 | Sadasimula | | |
| 274 | Orakal | 320 | Sahaspur | | |

Kabindra Kumar Sahoo
Secretary, BDA

OIPR-13033/11/0738/2324

## ସଂକ୍ଷେପରେ

### ମନମୁଣ୍ଡାରେ ନୂତନ ଥାନା ଅଧିକାରୀ



ନୂତନ ଥାନା ଅଧିକାରୀ ରାଜକୁମାର ମୁର୍ମୁ।

**ମନମୁଣ୍ଡା,୧୪।୩(ବେଣୁଧର ପ୍ରଧାନ)**

ବୌଦ୍ଧ ଜିଲା ମନମୁଣ୍ଡା ଥାନାର ନୂତନ ଥାନା ଅଧିକାରୀ ଭାବେ ଗୁରୁବାର ଦିନ ରାଜକୁମାର ମୁର୍ମୁ ଯୋଗଦାନ କରିଛନ୍ତି । ଦାୟିତ୍ୱ ଗ୍ରହଣ କରିବା ପରେ ଶାନ୍ତିଶୃଙ୍ଖଳା ଉପରେ ଗୁରତ୍ୱ ଦିଆଯିବ ବୋଲି ସେ ପ୍ରକାଶ କରିଛନ୍ତି। ମନମୁଣ୍ଡାରେ ଥିବା ଥାନା ଅଧିକାରୀ ଭାବାନନ୍ଦ ପ୍ରଧାନଙ୍କ କନ୍ଧମାଳ ଥାନାକୁ ବଦଳି ହେବା ପରେ ସେ ନୂତନ ଭାବେ ଦାୟିତ୍ୱ ନେଇଛନ୍ତି ।

### ମୋ ଜଙ୍ଗଲ ଜମି ଯୋଜନା ସଚେତନତା ଶିବିର

**ଖପ୍ରାଖୋଲ,୧୪।୩(ଅଭୟ ତ୍ରିପାଠୀ)**

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ସଭାଗୃହରେ ଆରସିଡିସି ଓ ଏଫଇଏସ ଭୁବନେଶରର ମିଳିତ ଉଦ୍ୟମରେ ମୋ ଜଙ୍ଗଲ ଜମି ଯୋଜନା ସମ୍ପର୍କିତ ସଚେତନତା ଶିବିର ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ବ୍ଲକ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ପ୍ରତୀକ୍ଷା ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଶିବିରରେ ଆରସିଡିସିର କୁଳମଣି ସାହୁ, ମୋ ଜଙ୍ଗଲ ଜମି ଯୋଜନା ଜିଲା ସଂଯୋଜକ ଗୁରୁଦେବ ପ୍ରଧାନ, ବ୍ଲକ ସଂଯୋଜକ ରଘୁନାଥ ରଣା, ମାଷ୍ଟର ଟ୍ରେନର ଅଭୟ ତ୍ରିପାଠୀ, ବାନପାଳ ସୁଧୀର କୁମାର ଜେନା, ଘାସିରାମ ଦୀକ୍ଷିତ ଯୋଗଦେଇଥିଲେ। ବ୍ଲକରେ ମୋ ଜଙ୍ଗଲ ଜମି ଯୋଜନାରେ ଗୋଷ୍ଠୀଗତ ଜଙ୍ଗଲ ଅଧିକାର, ଗୋଷ୍ଠୀଗତ ଜଙ୍ଗଲ ସମ୍ବଳର ପରିଚାଳନ ଅଧିକାର ଉପରେ ଆଲୋଚନା ହୋଇଥିଲା। ଏହି ଅବସରରେ ଯୋଜନାର ସଫଳତା ପାଇଁ ଥିବା ସମସ୍ୟା ଓ ତାର ସମାଧାନ ଉପରେ ଆଲୋକପାତ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଟ୍ୱିଙ୍କିଲ ବିଶ୍ୱାଳ, ବୈକୁଣ୍ଠ ବାଗ, ଦେବରାଜ ଭୋଇ, ନାରାୟଣ ସାହୁ, ଦୟାନିଧି ମାଝିଙ୍କ ସମେତ ପଞ୍ଚାୟତ ସ୍ୱେଚ୍ଛାସେବୀ, ଜଙ୍ଗଲ ବିଭାଗ କର୍ମଚାରୀ ଯୋଗଦେଇଥିଲେ। ସୁଶାନ୍ତ ଛତ୍ରିଆ ଧନ୍ୟବାଦ ଅର୍ପଣ କରିଥିଲେ।

### ଖାଦ୍ୟ ନିରାପତ୍ତା ଲାଇସେନ୍ସ ପାଇଁ ପଞ୍ଜୀକରଣ

**ଲାଠୋର, ୧୪।୩(ଭୁବନେଶ୍ୱର ବାରିକ)**

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ଲାଠୋର ଅଗ୍ରସେନ ଭବନରେ ଗୁରୁବାର ଖାଦ୍ୟ ନିରାପତ୍ତା ଲାଇସେନ୍ସ ପାଇଁ ପଞ୍ଜୀକରଣ ହୋଇଛି। ରାଇଟ ଟୁ ଫାଇଟ ସଙ୍ଗଠନ ସଭାପତି ସୁଶିଲ ଅଗ୍ରୱାଲଙ୍କ ନେତୃତ୍ୱରେ ଖାଦ୍ୟ ନିରୀକ୍ଷକ ବିଶ୍ୱଜିତ ସିଙ୍ଗ ଏବଂ ତାଙ୍କ ଟିମ୍ ଲାଠୋରରେ ପହଞ୍ଚି ଅଞ୍ଚଳର ୩୭ଜଣ ହୋଟେଲ ଏବଂ କିରାନା ଦୋକାନୀଙ୍କଠାରୁ ୩ଶହ ଲେଖାଏ ଟଙ୍କା ଫି ନେଇ ପଞ୍ଜୀକରଣ କରିଥିଲେ। ଆଗାମୀ ଦିନରେ ସେମାନଙ୍କୁ ଲାଇସେନ୍ସ ପ୍ରଦାନ କରାଯିବ। ପଞ୍ଜିକୃତ ହୋଟେଲ ମାଲିକମାନଙ୍କୁ ଆରଓ ପାଣି ବ୍ୟବହାର କରିବା ସହ ଉନ୍ନତମାନର ଖାଦ୍ୟ ସାମଗ୍ରୀ ଦେବାକୁ ପରାମର୍ଶ ଦେଇଥିଲେ। ସେହିପରି କିରାନା ଦୋକାନୀଙ୍କୁ ଉଚିତ ମୂଲ୍ୟରେ ଅବଧି ସରି ନ ଥିବା ସାମଗ୍ରୀ ବିକ୍ରି କରିବାକୁ କୁହାଯାଇଥିଲା। ଏଥିରେ ବ୍ୟତିକ୍ରମ ହେଲେ ସରକାରୀ ନିୟମ ଅନୁସାରେ ଲାଇସେନ୍ସ ରଦ୍ଦ କରାଯିବ ବୋଲି କହିଥିଲେ। ଏହି ଅବସରରେ ସଙ୍ଗଠନ ସଦସ୍ୟ ପ୍ରକାଶ ବେହେରା, ଜୟଦେବ ସାଣ୍ଡ, ସଚ୍ଚିକାନ୍ତ ଦାସ, ଭକ୍ତ ବାରିକ ଓ ଅନ୍ୟ ସଦସ୍ୟମାନେ ଉପସ୍ଥିତ ଥିଲେ।

# ଦୁର୍ନୀତି ଲୁଚାଇବାକୁ ମେଣ୍ଟ: କଂଗ୍ରେସ

**ବରଗଡ଼,୧୪।୩(ପ୍ରେମାନନ୍ଦ ଖମାରୀ)**




ଖବରଦାତା ସମ୍ମିଳନୀରେ କଂଗ୍ରେସ ନେତୃବୃନ୍ଦ ।

ରାଜ୍ୟରେ ବିଜେଡି ୨୪ବର୍ଷ ଶାସନ କରିଛି। ସେହିପରି କେନ୍ଦ୍ରରେ ଭାଜପା ୯ବର୍ଷ ଶାସନ କରିଛି। ଏହି ଅବଧି ମଧ୍ୟରେ ଉଭୟ ରାଜ୍ୟ, କେନ୍ଦ୍ର ସରକାର ସେଭଳି କିଛି ବିକାଶମୂଳକ କାର୍ଯ୍ୟ କରିନାହାନ୍ତି। ମାତ୍ର ଏହି ଶାସନ କାଳରେ ଦୁର୍ନୀତି, ଭ୍ରଷ୍ଟାଚାର ବଢ଼ିଚାଲିଛି ଏବଂ ଦୁର୍ନୀତିକୁ ଲୁଚାଇବା ପାଇଁ ଏବେ ଦୁର୍ନୀତିରେ ଲିପ୍ତ ଉଭୟ ସରକାର ମେଣ୍ଟ ଗଠନ କରି ନିର୍ବାଚନକୁ ଓହ୍ଲାଇବା ପାଇଁ ମସୁଧା କରୁଛନ୍ତି ବୋଲି ଗୁରୁବାର ବରଗଡ଼ ସାମ୍ବାଦିକ ସଂଘ ଭବନରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ କଂଗ୍ରେସ ଅଭିଯୋଗ କରିଛି।

ଖବରଦାତା ସମ୍ମିଳନୀରେ ଜିଲା କଂଗ୍ରେସ ସଭାପତି ହରଦୀପ ସିଂହ କହିଥିଲେ, ନିର୍ବାଚନ ପୂର୍ବରୁ ଚାଷୀ, ଯୁବକ, ଶ୍ରମିକଙ୍କ ପାଇଁ ବଡ଼ବଡ଼ ନିର୍ବାଚନୀ ପ୍ରତିଶ୍ରୁତି ଦେଇଥିଲେ। ମାତ୍ର ଏପର୍ଯ୍ୟନ୍ତ ତାହା ପୂରଣ ହୋଇପାରିନାହିଁ। ଚାଷୀ ନିଜର ଅଧିକାର ନ ପାଇ ରାସ୍ତାକୁ ଓହ୍ଲାଉଛି। ସେହିପରି ରୋଜଗାର ନ ପାଇବାରୁ ଦେଶରେ ବେକାର ଯୁବତୀ, ଯୁବକଙ୍କ ସଂଖ୍ୟା ବଢ଼ିଚାଲିଛି। ଅନ୍ୟପଟେ ପୁଞ୍ଜିପତିଙ୍କୁ ହଜାର ହଜାର କୋଟି ଟଙ୍କା ଋଣ ଦେଇ କେନ୍ଦ୍ରର ଭାଜପା ସରକାର ତାହା ପୁଣି ଛାଡ଼ କରୁଛି। ମାତ୍ର କୃଷିଋଣ ଛାଡ଼ ହେଉନାହିଁ। ଦେଶରେ ଯେଉଁସବୁ ବିକାଶ ହୋଇଛି, ତାହା କଂଗ୍ରେସ ଶାସନରେ ହିଁ ହୋଇଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଯେଉଁ ସ୍କୁଲରେ ପଢ଼ିଛନ୍ତି, ତାହା କଂଗ୍ରେସ ଶାସନରେ ହୋଇଥିଲା। ସେହିପରି ମୋଦିଙ୍କ ଗ୍ରାମରେ ଯେଉଁ ଡାକ୍ତରଖାନା ଅଛି, ତାହା ମଧ୍ୟ କଂଗ୍ରେସ ଶାସନରେ ହୋଇଥିଲା। ସାଧାରଣ ବିଦ୍ୟୁତ ବଲ୍ବ ଜଳିବାଠାରୁ ଆରମ୍ଭ କରି ବଡ଼ ବଡ଼ ଶିକ୍ଷାନୁଷ୍ଠାନ, ହୀରାକୁଦ ନଦୀବନ୍ଧ ପର୍ଯ୍ୟନ୍ତ ଯୋଜନା କଂଗ୍ରେସ ସରକାରଙ୍କ ଯୋଗୁ ସମ୍ଭବ ହୋଇଥିଲା। ମାତ୍ର ମୋଦି ଓ ନବୀନ ସରକାର ଶାସନରେ ହୋଇଥିବା ଶିକ୍ଷାନୁଷ୍ଠାନ ବନ୍ଦ ହୋଇଥିବାବେଳେ ବିଭିନ୍ନ କମ୍ପାନୀ ହାତକୁ ଶାଗମାଛ ଦରରେ ଉଭୟ ସରକାର ସେଗୁଡ଼ିକୁ ଠେଲି ଦେଉଛନ୍ତି। ସେହିପରି ଜିଲା କଂଗ୍ରେସ ମିଡ଼ିଆ ସେଲ୍ ଚେୟାରମ୍ୟାନ ସରୋଜ ଷଡ଼ଙ୍ଗୀ କହିଥିଲେ, ଭାଜପା ଏବଂ ବିଜେଡ଼ି ଉଭୟେ ଦୁର୍ବଳ। ଫଳରେ ଆଗାମୀ ନିର୍ବାଚନରେ ହାରିବା ଭୟରେ ମେଣ୍ଟ ପାଇଁ ସଜବାଜ ହେଉଛନ୍ତି। ମାତ୍ର କଂଗ୍ରେସ ଏକାକୀ ସେମାନଙ୍କ ସହିତ ଲଢ଼େଇ କରି ଶାସନକୁ ଆସିବ ବୋଲି ସେ କହିଥିଲେ। ଜିଲା କଂଗ୍ରେସ ଉପସଭାପତି ରବି ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ।

# ଫଳ,ପନିପରିବା ଅମଳ ପରବର୍ତ୍ତୀ ଯତ୍ନ ଉପରେ ତାଲିମ



**ସୁନ୍ଦରଗଡ,୧୪।୩(ଜୟ ନାରାୟଣ ମେଣ୍ଡୁଲି)**

କିରେଇସ୍ଥିତ ଜିଲା କୃଷି ବିଜ୍ଞାନ କେନ୍ଦ୍ର ପରିସରରେ ୨୦ ଜଣ ସମନ୍ୱିତ ଶିଶୁ ବିକାଶ ଯୋଜନାର ମହିଳା ସୁପରଭାଇଜରଙ୍କୁ ନେଇ ଏକ ୨ ଦିନିଆ ତାଲିମ ଶିବିର ବୁଧବାର ଅନୁଷ୍ଠିତ ହୋଇଯାଇଛି। ଜିଲାରେ ବଳକା ହେଉଥିବା ଫଳ ଓ ପନିପରିବା ଓ ଅଭାବୀ ବିକ୍ରିର ସମସ୍ୟାକୁ ଆଖି ଆଗରେ ରଖି ଫଳ ଓ ପନିପରିବାର ଅମଳ ପରବର୍ତ୍ତୀ ଯତ୍ନ ଶୀର୍ଷକ ଏକ ତାଲିମ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଏଥିରେ କେନ୍ଦ୍ରର ବରିଷ୍ଠ ବୈଜ୍ଞାନିକ ଓ ମୁଖ୍ୟ ଡ. ଲକ୍ଷ୍ମୀପ୍ରିୟା ପ୍ରଧାନ ମୁଖ୍ୟ ପ୍ରଶିକ୍ଷକ ଭାବେ ଯୋଗଦେଇ ଫଳ ଓ ପନିପରିବାର ପରବର୍ତ୍ତୀ ଯତ୍ନ, ସଂରକ୍ଷଣ ଓ ମୂଲ୍ୟଯୁକ୍ତ ପଦାର୍ଥ ପ୍ରସ୍ତୁତି ଉପରେ ତାଲିମ ଦେବା ସହିତ ପ୍ରାକ୍ଟିକାଲ ମାଧ୍ୟମରେ ବୁଝାଇଥିଲେ। କେନ୍ଦ୍ରର ବୈଜ୍ଞାନିକ ଡେଭିଡ ଜେମସ ବାଗେ ପୋଷଣ ଆବଶ୍ୟତା ଉପରେ ଆଲୋଚନା କରିଥିଲେ। ମୃତ୍ତିକା ବୈଜ୍ଞାନିକ ଡ. ମନୋଜ କୁମାର ଜେନା ପ୍ରଶୀକ୍ଷାର୍ଥୀଙ୍କୁ ବିଭିନ୍ନ ଫଳ ଓ ପନିପରିବା ସଂରକ୍ଷଣ ଆବଶ୍ୟକତା ଓ ପୋଷକ ତତ୍ତ୍ୱ ବଜାୟ ରଖିବାର ବିଭିନ୍ନ ପଦ୍ଧତି ଉପରେ ଆଲୋଚନା କରିଥିଲେ। ଫଳ ଓ ପନିପରିବାକୁ ସାଇତି ରଖିବାପାଇଁ ବିଭିନ୍ନ ପ୍ରକାର ପ୍ୟାକେଜିଂ ପଦାର୍ଥର ପ୍ରଦର୍ଶନ କରାଯାଇଥିଲା। ତାଲିମ ଶେଷରେ ପ୍ରଶିକ୍ଷାର୍ଥୀଙ୍କୁ ରାସାୟନିକ ସଂରକ୍ଷକ ପ୍ରଦାନ କରାଯାଇଥିଲା। ଏହି ତାଲିମ ଶିବିରକୁ ବିଷୟ ବସ୍ତୁ ବିଶେଷଜ୍ଞ ଡ. ଦିବ୍ୟେନ୍ଦୁ ମଣ୍ଡଳ, କାର୍ଯ୍ୟକ୍ରମ ସହାୟକ ଅରୁଣ ମିଶ୍ର, ବିଦ୍ୟାଧର ଗୁଡ୍ଡୁ, ମୟୁଖ ଅଧିକାରୀ କମଳ ଲୋଚନ ମହାନ୍ତ, ଭ୍ରମରବର ସା, ଜିତେନ୍ଦ୍ର ସେଠୀ, ଗଜାନନ ଛନ୍ଦ ପ୍ରମୁଖ ସହଯୋଗ କରିଥିଲେ ।

# ସ୍ନାତକ କଲେଜରେ ବିଦାୟକାଳୀନ ଉତ୍ସବ



ସମ୍ବର୍ଦ୍ଧନା ସଭାରେ ଅଧାପକଙ୍କ ସହିତ ଛାତ୍ରୀ।

**ବଡ଼ଗାଁ,୧୪।୩(ଅଶୋକ ଷଡ଼ଙ୍ଗୀ)**

ସୁନ୍ଦରଗଡ ଜିଲା ବଡ଼ଗାଁ ପଞ୍ଚାୟତ ସମିତି ସ୍ନାତକ ମହା ବିଦ୍ୟାଳୟ ପରିସରରେ ଶେଷ ବର୍ଷ ଛାତ୍ରୀଛାତ୍ରଙ୍କୁ ବିଦାୟ କାଳୀନ ସମ୍ବର୍ଦ୍ଧନା ଦିଆଯାଇଛି। ଗୁରୁବାର ଅନୁଷ୍ଠିତ ଏହି ଉତ୍ସବରେ ଅଧ୍ୟକ୍ଷା ବନଜା ରାଣୀ ଷଡ଼ଙ୍ଗୀ ଅଧ୍ୟକ୍ଷତା କରିଥିଲେ। ସାଂସ୍କୃତିକ ବିଭାଗ ସଂଯୋଜକ ହେମନ୍ତ ପଣ୍ଡା କାର୍ଯ୍ୟକ୍ରମର ଆଭିମୁଖ୍ୟ ଉପରେ ଆଲୋକପାତ କରିଥିଲେ। ଅଧ୍ୟକ୍ଷା ତାଙ୍କ ଅଭିଭାଷଣରେ ବିଦାୟ ଜୀବନ ର ଅବିଚ୍ଛେଦ୍ୟ ଅଙ୍ଗ ବୋଲି କହି ଛାତ୍ରୀଛାତ୍ରଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ। ଅଧାପିକା ମାଳବିକା ସାମଲ ଶେଷ ବର୍ଷ ଛାତ୍ରୀଛାତ୍ରଙ୍କ ଅନୁଶାସନ ଓ ଶୃଙ୍ଖଳା ବୋଧକୁ ପ୍ରଶଂସା କରିଥିଲେ। ମଞ୍ଚ ପରିଚାଳନା କରି ଅଧାପକ ହେମନ୍ତ ପଣ୍ଡା ସଫଳତା ଓ ସାର୍ଥକତା ର ପ୍ରାସଙ୍ଗିକତା ଉପରେ ବିସ୍ତୃତ ଆଲୋଚନା କରିଥିଲେ।ଶେଷରେ ଅଧାପକ ତାପସ କର ଧନ୍ୟବାଦ ଅର୍ପଣ କରିଥିଲେ।

# ବନ୍ଧୁକ ଦେଖାଇ ଭୟଭୀତ କରି ଯୁବକ ଗିରଫ

**ସଇଁତଲା,୧୪।୩ (ରାଖାଲ ପ୍ରସାଦ ଶତପଥୀ)**

ବଲାଙ୍ଗୀର ଜିଲା ସଇଁତଲା ଥାନା ଅନ୍ତର୍ଗତ କରମତଲା ଗ୍ରାମରେ ଗୁରୁବାର ୪୦ପ୍ରହର ନାମଯଜ୍ଞ ଚାଲିଥିବା ବେଳେ ବନ୍ଧୁକ ଦେଖାଇ ୨ଜଣ ଯୁବକ ଲୋକଙ୍କୁ ଭୟଭୀତ କରିବା ଅଭିଯୋଗ ହୋଇଛି। ଅପରପକ୍ଷରେ ଗ୍ରାମବାସୀ ସେମାନଙ୍କୁ କାବୁ କରି ପୋଲିସ ଜିମା ଦେଇଥିଲେ। ପୋଲିସ ସେମାନଙ୍କଠାରୁ ଦୁଇଟି ବନ୍ଧୁକ, ଗୋଟିଏ ବାଇକ ଓ ଦୁଇଟି ମୋବାଇଲ ଫୋନ ଜବତ କରିଛି। ଅଭିଯୁକ୍ତଙ୍କ ମଧ୍ୟରେ ଜଣେ ନାବାଳକ ରହିଛନ୍ତି। ଗିରଫ ଅଭିଯୁକ୍ତ ହେଲେ ବଙ୍ଗୋମୁଣ୍ଡା ଥାନା ଅଞ୍ଚଳର କୁନୁ ଅଦା। ଅପରାହ୍ନରେ ପୋଲିସ ତାଙ୍କୁ କୋର୍ଟଚାଲାଣ କରିଥିଲା। ଜାମିନ ନାମଞ୍ଜୁର ହେବାରୁ କୁନୁଙ୍କୁ ଟିଟିଲାଗଡ଼ ଜେଲ ହାଜତକୁ ପଠାଇ ଦିଆଯାଇଛି। ଅପରପକ୍ଷରେ ଧରା ପଡିଥିବା ନାବାଳକଙ୍କୁ ବାଳ ସୁଧାର ଗୃହକୁ ପଠାଇ ଦିଆଯାଇଛି।

# ଉନ୍ନୟନମୂଳକ ପ୍ରକଳ୍ପର ଭୂମିପୂଜନ

**ରାଉରକେଲା,୧୪।୩(ବିପ୍ଳବ ରଞ୍ଜନ ଦାଶ)**



ଛାତ୍ରୀଙ୍କ ଗହଣରେ ମୁଖ୍ୟ ଅତିଥି।

ରାଜ୍ୟ ସରକାରଙ୍କ ଗ୍ରାମ୍ୟ ଉନ୍ନୟନ ବିଭାଗ ତରଫରୁ ରାଉରକେଲା ସେକ୍ଟର-୨ ସ୍ଥିତ ସୁଶୀଳାବତୀ ସରକାରୀ ମହିଳା ମହାବିଦ୍ୟାଳୟରେ ହେବାକୁ ଥିବା ବିଭିନ୍ନ ଉନ୍ନୟନ ମୂଳକ ପ୍ରକଳ୍ପ ପାଇଁ ଗୁରୁବାର ଭୂମିପୂଜନ ହୋଇଛି। କାର୍ଯ୍ୟକ୍ରମରେ ରଘୁନାଥପାଲି ବିଧାୟକ ସୁବ୍ରତ ତରେଇ ମୁଖ୍ୟଅତିଥି ଭାବେ ଯୋଗଦେଇ ବିଭିନ୍ନ ପ୍ରକଳ୍ପର ଭୂମିପୂଜନ କରିଥିଲେ। କାର୍ଯ୍ୟକ୍ରମରେ ପ୍ରାଧାପିକା ଈଶ୍ୱର ମେହେର, ଶ୍ରଦ୍ଧାଞ୍ଜଳି ମିଶ୍ର, ଇପ୍‌ସିତା ଏକ୍କା, ଡ. ରଶ୍ମିତା ପଣ୍ଡା ଏବଂ ବବିତା ଭିତରିଆ ପ୍ରମୁଖ ଉପସ୍ଥିତ ଥିଲେ। ବନିତା ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ।

# ଅଷ୍ଟମ ପ୍ରହର ନାମଯଜ୍ଞ ଉଦ୍‌ଯାପିତ

**କୁଆଁରମୁଣ୍ଡା,୧୩।୩(ମହେନ୍ଦ୍ର କୁମାର ସାହୁ):** ସୁନ୍ଦରଗଡ ଜିଲା କୁଆଁରମୁଣ୍ଡା ବ୍ଲକ କଲୋଷିହିରିଆ ପଞ୍ଚାୟତ ପଡ଼ିଆରେ ମଙ୍ଗଳବାର ଠାରୁ ଆରମ୍ଭ ହୋଇଥିବା ଅଷ୍ଟମ ପ୍ରହର ନାମ ଯଜ୍ଞ ବୁଧବାର ଉଦ୍‌ଯାପିତ ହୋଇଛି। ଏଥିରେ ୭ଟି ସଂକୀର୍ତ୍ତନ ମଣ୍ଡଳୀ ଅଂଶ ଗ୍ରହଣ କରିଥିଲେ। ଉଦ୍‌ଯାପନୀ ଦିବସ ଅବସରରେ ଶତାଧିକ ଶ୍ରଦ୍ଧାଳୁ ଉପସ୍ଥିତ ରହି ପ୍ରସାଦ ସେବନ କରିଥିଲେ। ଏହି ଯଜ୍ଞରେ ମନୋଜ କାଲୋ କର୍ତ୍ତା କାର୍ଯ୍ୟ ତୁଲାଇଥିଲେ। କଲୋସିହିରିଆ ସରପଞ୍ଚ ବିଜିତା କିଷାନ, ସଞ୍ଜୀବ ପତି, କିଶୋର ପତି, ପ୍ରତାପ କିଷାନ, ଗଜେନ୍ଦ୍ର ନାୟକ,ରୋଷନ ନାୟକ,ଅଜୟ ସା, ଧ୍ରୁବ ଅମାତ,ଜୟଦେବ ନାୟକ,ସନ୍ତୋଷ କାଲୋ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟ ତଦାରଖ କରିଥିଲେ।


**GOVERNMENT OF ODISHA** No.O-2790

**OFFICE OF THE CHIEF CONSTRUCTION ENGINEER**
**RURAL WORKS CIRCLE, KENDRAPARA-JAJPUR**
AT-CHANDIKHOL, PO-SUNGUDA, JAJPUR-754296, Email:serw_kpd@yahoo.com

Letter No.1436, Dt.11.03.24
1st Corrigendum Notice

1st Corrigendum to Bid Identification No.Tender Online RCK-09/24 invited this office Letter No.1245, Dt.23.02.2024.
The changes as detailed below are hereby made in the above N.I.T.:

| Procurement Officer | Bid Identification No. | Availability of Tender online for bidding | | | | Last Date & Time of seeking tender clarification | | Date & Time of opening of Tender | | |
|---|---|---|---|---|---|---|---|---|---|---|
| | | From | | To | | | | Technical Bid | | Financial Bid |
| 1 | 2 | 3 | | 4 | | 5 | | 6 | | |
| | | As earlier | Modified | As earlier | Modified | As earlier | Modified | As earlier | Modified | As earlier |
| Chief Construction Engineer, Rural Works Circle, Kendrapara-Jajpur | Tender RCK-9/24 | 28.02.2024 at 11.00 A.M. | 15.03.2024 at 11.00 A.M. | 13.03.2024 at 5.00 PM | 30.03.2024 at 5.00 PM | 12.03.2024 at 2.00 P.M. | 29.03.2024 at 2.00 PM | 14.03.2024 at 11.00 A.M. | 02.04.2024 at 11.00 A.M. | Will be intimated later |

Sd./- Chief Construction Engineer,
Rural Works Circle, Kendrapara-Jajpur

OIPR-25129/11/0074/2324



# The Odisha Gazette

**EXTRAORDINARY**
**PUBLISHED BY AUTHORITY**

No. 458 CUTTACK, SATURDAY, MARCH 2, 2024/FALGUNA 12, 1945

## GIS BASED COMPREHENSIVE DEVELOPMENT PLAN FOR EXTENDED AREA OF BHUBANESWAR, 2040

## NOTIFICATION

No. CAD-4613 The 30th January, 2024

No. 3906 - Planning (MP) - 54/22-BDA - Notice is hereby given that the Draft GIS based Comprehensive Development Plan for extended area of Bhubaneswar, 2040 under the jurisdiction of Bhubaneswar Development Authority for the Mouzas as specified in the Table I below has been prepared. A copy of which is available for inspection in office of the Bhubaneswar Development Authority located at Akash Shova Building, Sachivalaya Marg, Bhubaneswar between office hours of all working days except Saturdays within 60 days from the date of publication of this notice in Orissa Gazette. The same will also be available in BDA website i.e. **https://www.bda.gov.in**.

Objections or suggestions to the aforesaid plan with any request for personal hearing if any, may be sent in writing to the Secretary, Bhubaneswar Development Authority.

NOTE: The person making any objections or suggestion shall furnish his/her full name and address and mention the subject as "Objection or Suggestion on Draft CDP for extended area of Bhubaneswar, 2040.

**Table 01: List of Villages under GIS based Comprehensive Development Plan for Extended Area of Bhubaneswar, 2040**

| Sl. No. | Village | Sl. No. | Village | Sl. No. | Village |
|---|---|---|---|---|---|
| 1 | Achhutpur | 19 | Arjungoda | 37 | Balisahi |
| 2 | Aitalang | 20 | Aruha | 38 | Bang |
| 3 | Alarpur | 21 | Ashraypur | 39 | Baniatangi |
| 4 | Alisibindha | 22 | Atala | 40 | Bantala |
| 5 | Alisisahabad | 23 | Athantar | 41 | Barakuda |
| 6 | Alisisasan | 24 | Atharabhag | 42 | Barapita |
| 7 | Anantapur | 25 | Babaja | 43 | Barasahi |
| 8 | Anatapur | 26 | Bageswarpur | 44 | Baratarara |
| 9 | Andilo | 27 | Bagheitangi | 45 | Barijanga |
| 10 | Angarpada | 28 | Bahelipada | 46 | Barilo |
| 11 | Anjira | 29 | Baindol | 47 | Barimula |
| 12 | Anlapatana | 30 | Bairang | 48 | Barundei |
| 13 | Aragada | 31 | Bajapur | 49 | Basanta |
| 14 | Aragul | 32 | Balabhadrapur | 50 | Basantapur Sasan |
| 15 | Aranga | 33 | Balabhadrapur | 51 | Basumandal |
| 16 | Arangpara | 34 | Balianta | 52 | Bayanpada |
| 17 | Aringol | 35 | Baligudi | 53 | Bejapur |
| 18 | Arisol | 36 | Balikuda | 54 | Benabili |
| 55 | Benapanjari | 113 | Darada | 171 | Jaersasan |
| 56 | Bentapur | 114 | Daradada | 172 | Jagannathpur |
| 57 | Benupur | 115 | Dasapur | 173 | Jagannathpur |
| 58 | Berhampura | 116 | Dedhalo | 174 | Jagannathpur |
| 59 | Beruan | 117 | Deulabasta | 175 | Jaguliapara |
| 60 | Bhabanipur | 118 | Deuliapatana | 176 | Jamujhari |
| 61 | Bhaerpur | 119 | Dhabalahara | 177 | Jamukoli |
| 62 | Bhagabatipur | 120 | Dhamilo | 178 | Jamuna Jharapada |
| 63 | Bhailo | 121 | Dhanpur | 179 | Jasuapur |
| 64 | Bhailo | 122 | Diandhoti | 180 | Jayapur |
| 65 | Bhalunka | 123 | Dibyasinghaprasad | 181 | Jayapurhat |
| 66 | Bhansara | 124 | Dihapur | 182 | Jayapurkilla |
| 67 | Bharatipur | 125 | Diniari | 183 | Jayapurpatna |
| 68 | Bhelurihata | 126 | Durgapur | 184 | Jayapursasan |
| 69 | Bhimpur | 127 | Ekachalia | 185 | Jhinkharada |
| 70 | Bhingarpur | 128 | Endrapal | 186 | Jhintsasan |
| 71 | Bhola | 129 | Erkanta | 187 | Kadalibari |
| 72 | Bhuasuni | 130 | Fakirpada | 188 | Kadambajhara |
| 73 | Bhubanpur | 131 | Gadasrirampur | 189 | Kaijanga |
| 74 | Bhuinchuan | 132 | Gamei | 190 | Kairi |
| 75 | Bikipur | 133 | Gandilo | 191 | Kajipur |
| 76 | Bilipada | 134 | Gangapara | 192 | Kakarudrapur Melak |
| 77 | Binayakpur | 135 | Gangeswarpur | 193 | Kakrurapur |
| 78 | Binayakpur Deuli | 136 | Ganpal | 194 | Kakudi Kusang |
| 79 | Bindha | 137 | Gaonpada | 195 | Kakudia |
| 80 | Bindha | 138 | Garedipanchana | 196 | Kalyanpur |
| 81 | Binjhagiri | 139 | Garh-Haladia | 197 | Kalyanpursasan |
| 82 | Binkudia | 140 | Gaudakashipur | 198 | Kanchilo |
| 83 | Bisiapada | 141 | Ghangapatna | 199 | Kansapada |
| 84 | Bisuniapara | 142 | Giringaput | 200 | Kantabad |
| 85 | Biswanathpur | 143 | Giringo | 201 | kantia |
| 86 | Bodhkhandi | 144 | Gobardhanpur | 202 | Kantikothabada |
| 87 | Botanda | 145 | Gobardhanpur Sultananagar | 203 | Kantilo |
| 88 | Brahmakundal | 146 | Gobardhanpur | 204 | Keranda |
| 89 | Brahmanasarangi | 147 | Godiputamatiapara | 205 | Keranga |
| 90 | Brahmanbereni | 148 | Gohal | 206 | Kerundei |
| 91 | Brahmansuanlo | 149 | Golapada | 207 | Khamngasasan |
| 92 | Budhangadeuli | 150 | Gotalabandha | 208 | Khandiagiri |
| 93 | Budhapada | 151 | Gotalgram | 209 | Kiajori |
| 94 | Budhiapara | 152 | Gothapatana | 210 | Koduamunda |
| 95 | Burhala | 153 | Gothasabelia | 211 | Koranga |
| 96 | Chadeya | 154 | Govindapur | 212 | Kotakana |
| 97 | Chadheibara | 155 | Gramadihai | 213 | Krishnamohanpur |
| 98 | Champapur | 156 | Haladiapada | 214 | Krushnanagar |
| 99 | Chandaka Jogisahi | 157 | Harekrushnapur | 215 | Kshetrapal |
| 100 | Chandapur | 158 | Harianta | 216 | Kuaput |
| 101 | Chandol | 159 | Haridamada | 217 | Kuha |
| 102 | Chatabar | 160 | Haridamada | 218 | Kujimahal |
| 103 | Cheliamala | 161 | Haripur | 219 | Kumbhilo |
| 104 | Chhatipur | 162 | Haripur | 220 | Kundilo |
| 105 | Chudanga | 163 | Harirajpur | 221 | Kunjar |
| 106 | Dadhibabanpur | 164 | Hasanapur | 222 | Kuradhamal |
| 107 | Dakhinanuagan | 165 | Hatajasuapur | 223 | Laxminarayanpur |
| 108 | Dalaiput | 166 | Hatasahi | 224 | Laxminarayanpur Dinaudharan |
| 109 | Dalua | 167 | Hirapur | 225 | Lembaupada |
| 110 | Danapada | 168 | Hosenpur | 226 | Lenkudi |
| 111 | Dandilo | 169 | Huekera | 227 | Lohapur |
| 112 | Dangua | 170 | Itipur | 228 | Luna |
| 229 | Madhiali | 275 | Orakol | 321 | Saleswar |
| 230 | Madhipur | 276 | Owaupada | 322 | Samalapur |
| 231 | Madhupur | 277 | Pachhalapur | 323 | Samapur |
| 232 | Madhupur | 278 | Padhansahi | 324 | Sananuagan |
| 233 | Maharathapur | 279 | Paikatigiria | 325 | Sanbeguniapara |
| 234 | Mahul | 280 | Palasapur | 326 | Sangaleisasan |
| 235 | Majana | 281 | Palaspursasan | 327 | Saradhapur |
| 236 | Majhibara | 282 | Pallakothabad | 328 | Sarakana |
| 237 | Makaraba | 283 | Pampalo | 329 | Sarata |
| 238 | Makundapur | 284 | Pamsara | 330 | Saripur |
| 239 | Malikabad | 285 | Panabaraj | 331 | Sarol |
| 240 | Malipur | 286 | Panchagaon | 332 | Sathilo |
| 241 | Managobindapur | 287 | Panchola | 333 | Sathilochak |
| 242 | Mangalapur | 288 | Panchupali | 334 | Satyabhamapur |
| 243 | Mangarajpur | 289 | Panidola | 335 | Seulakhala |
| 244 | Manikadeipur | 290 | Panikata | 336 | Sialiapatna |
| 245 | Manipur | 291 | Paniora | 337 | Similipatna |
| 246 | Manitir | 292 | Parjapatapur | 338 | Singirishasan |
| 247 | Matiapada No.-1 | 293 | Parijanr | 339 | Siriapura |
| 248 | Matiapara No.-2 | 294 | Patasahanipur | 340 | Sisilo |
| 249 | Mendhasal | 295 | Patelikuda | 341 | Siula |
| 250 | Minichinipatna | 296 | Pipilisasan | 342 | Siulachaka |
| 251 | Muktapur | 297 | Podapada | 343 | Srinibaspur |
| 252 | Mundagola | 298 | Podaput | 344 | Suabarei |
| 253 | Mundala | 299 | Poparanga | 345 | Subhalo |
| 254 | Nabinapur | 300 | Pratapsasan | 346 | Sudhusarangi |
| 255 | Nagpursasan | 301 | Pravakar Nadua | 347 | Sursura |
| 256 | Nahalapara | 302 | Pubusahi | 348 | Tandilo |
| 257 | Nailo | 303 | Puransasan | 349 | Tangiapada |
| 258 | Nandapur | 304 | Purohitapur | 350 | Taraboi |
| 259 | Nandipur | 305 | Purunajhinti | 351 | Tarakai |
| 260 | Narankheta | 306 | Purunapradhan | 352 | Taratua |
| 261 | Narasinghpur | 307 | Radhamohanpur | 353 | Thakurpada |
| 262 | Narasinghpur | 308 | Raigurubasudeipur | 354 | Tigiria |
| 263 | Nausingh | 309 | Ramachandrapur | 355 | Tigiria |
| 264 | Niala | 310 | Ranapur | 356 | Tikarpada |
| 265 | Nilakanthapur | 311 | Ranipur | 357 | Tiranpada |
| 266 | Niranjanpur | 312 | Rasulpur | 358 | Totapada |
| 267 | Nistarinipur | 313 | Ratanpur | 359 | Trahiachyutnagar |
| 268 | Nizigada - Kurukhi | 314 | Rathipur | 360 | Trutiapada |
| 269 | Nuagan | 315 | Rauerapara | 361 | Tulasadeipur |
| 270 | Nuahat | 316 | Ravatsrirampur | 362 | Ujanipada |
| 271 | Nuahatbharasapur | 317 | Rengal | 363 | Umadeibarhampur |
| 272 | Nuapada | 318 | Retanga | 364 | Wilkisannagar |
| 273 | Nuapara | 319 | Sadasimula | | |
| 274 | Orakal | 320 | Sahaspur | | |

Kabindra Kumar Sahoo
Secretary, BDA

OIPR-13033/11/0738/2324



ନିର୍ମଳ କୁମାର ମିଶ୍ର

# ଆଇପିଏଲ୍-୧୭

**ଇଣ୍ଡିଆନ୍ ପ୍ରିମିୟର ଲିଗ୍‌ର ୧୭ଶ ସଂସ୍କରଣ ଚଳିତ ମାସ ୨୨ରୁ ଆରମ୍ଭ ହେବାକୁ ଯାଉଛି। ଚେନ୍ନାଇ ସୁପର କିଙ୍ଗ୍ସ ଓ ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର ମଧ୍ୟରେ ହେବ ଉଦ୍‌ଘାଟନୀ ମୁକାବିଲା। ଖେଳାଳି ନିଲାମ ସମୟରେ ଫ୍ରାଞ୍ଚାଇଜ୍‌ମାନେ ନିଜ ଦଳକୁ ବେଶ୍ ସନ୍ତୁଳିତ କରିଛନ୍ତି। ନୂଆ କମ୍ବିନେଶନ ସହ ଏଥର ବିଭିନ୍ନ ଦଳ ପଡ଼ିଆକୁ ଓହ୍ଲାଇବାକୁ ଯାଉଥିବାରୁ ଆଗାମୀ ଆଇପିଏଲ୍ ଅଧିକ ରୋମାଞ୍ଚକ ହେବା ଆଶା ରହିଛି...**

ଟି୨୦ ଲିଗ୍ କ୍ରିକେଟ୍‌ର ମହାପର୍ବ ଆଇପିଏଲ-୧୭ ପାଇଁ ପ୍ରସ୍ତୁତି ଶେଷ କରିଛି ବିସିସିଆଇ। ଦେଶରେ ସାଧାରଣ ନିର୍ବାଚନକୁ ଆଖିଆଗରେ ରଖି ବିସିସିଆଇ ଏହାକୁ ୨ଟି ପର୍ଯ୍ୟାୟରେ କରିବାକୁ ନିଷ୍ପତ୍ତି ନେଇଛି। ମାର୍ଚ୍ଚ ୨୨ରୁ ମେ’ ୨୬ ପର୍ଯ୍ୟନ୍ତ ଖେଳାଯିବାକୁ ଥିବା ଏହି ଲିଗ୍ ପାଇଁ ଇତିମଧ୍ୟରେ ପ୍ରଥମ ପର୍ଯ୍ୟାୟ କାର୍ଯ୍ୟସୂଚୀ ପ୍ରକାଶ ପାଇସାରିଛି। ୨୦୨୩ର ଚାମ୍ପିୟନ ଚେନ୍ନାଇ ସୁପର କିଙ୍ଗ୍ସ (ସିଏସ୍‌କେ) ଓ ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର (ଆରସିବି) ମଧ୍ୟରେ ଉଦ୍‌ଘାଟନୀ ମ୍ୟାଚ୍ ଚେନ୍ନାଇଠାରେ ଅନୁଷ୍ଠିତ ହେବ। ଆସନ୍ତା ଲିଗ୍‌ରେ ଭାଗ ନେଉଥିବା ୧୦ଟି ଦଳ ପାଇଁ ଡିସେମ୍ବର ୨୩ରେ ମିନି ଅକ୍‌ଶନ ସରିଛି। ଭାରତୀୟ ଦଳ ଇଂଲଣ୍ଡ ବିପକ୍ଷରେ ୫ ମ୍ୟାଚ୍‌ବିଶିଷ୍ଟ ଟେଷ୍ଟ ସିରିଜକୁ ୪-୧ରେ ଜିତି ବିଶ୍ୱ ଟେଷ୍ଟ ଚାମ୍ପିୟନଶିପ୍ ପଏଣ୍ଟ ଟେବୁଲର ଶୀର୍ଷରେ ରହିଛି। ଜାତୀୟ ଦଳରେ ସ୍ଥାନ ପାଇଥିବା ଖେଳାଳିମାନେ ଟେଷ୍ଟ ସିରିଜ ପରେ ସେମାନଙ୍କର ଫ୍ରାଞ୍ଚାଇଜ୍ ଦଳ ସହ ଯୋଗ ଦେଇଛନ୍ତି। ଗ୍ରୁପ୍ ପର୍ଯ୍ୟାୟ ଏବଂ ପ୍ଲେ ଅଫ୍ ପାଇଁ ୧୦ଟି ଦଳ ମଧ୍ୟରେ ୭୪ଟି ମ୍ୟାଚ୍ ଖେଳାଯିବ। ପ୍ରତ୍ୟେକ ଦଳ ଗ୍ରୁପ୍ ପର୍ଯ୍ୟାୟରେ ୧୪ଟି ଲେଖାଏ ମ୍ୟାଚ ଖେଳିବେ। ଏଥିପାଇଁ ୧୦ଟି ଭେନ୍ୟୁ ସ୍ଥିର କରାଯାଇଛି। ପ୍ରତ୍ୟେକ ଦଳ ୭ଟି ମ୍ୟାଚ୍ ହୋମ୍ ଭେନ୍ୟୁରେ ଓ ଅନ୍ୟ ୭ଟି ଆୱେ ଭେନ୍ୟୁରେ ଖେଳିବେ।

ଗତ ସଂସ୍କରଣରେ ଚେନ୍ନାଇ ସୁପର କିଙ୍ଗ୍ସ ଏବଂ ଗୁଜରାଟ ଟାଇଟନ୍ସ ମଧ୍ୟରେ ଫାଇନାଲ ଅନୁଷ୍ଠିତ ହୋଇଥିଲା। ଏଥିରେ ବିଜୟୀ ହୋଇ ଚେନ୍ନାଇ ଦଳ ୫ମ ଥର ପାଇଁ ଚାମ୍ପିୟନ ହୋଇଥିଲା। ଏଥିସହ ଦଳ ମୁମ୍ବାଇ ଇଣ୍ଡିଆନ୍ସ ସହ ସମକକ୍ଷ ହୋଇଥିଲା। ଆଗାମୀ ସଂସ୍କରଣର ଲିଗ୍ ପର୍ଯ୍ୟାୟ ବିଭିନ୍ନ ଭେନ୍ୟୁରେ ଖେଳାଯିବ। ଏଥର ଅନେକ ପରିବର୍ତ୍ତନ ଦେଖିବାକୁ ମିଳିବ। ଶୁବମନ ଗିଲ୍ ଗୁଜରାଟ ଟାଇଟନ୍ସର ଓ ଶ୍ରେୟସ ଆୟର କୋଲକାତା ନାଇଟ ରାଇଡର୍ସର ଅଧିନାୟକ ମନୋନୀତ ହୋଇଛନ୍ତି। ମୁମ୍ବାଇ ଇଣ୍ଡିଆନ୍ସର ଅଧିନାୟକ ଭାବେ ଏଥର ହାର୍ଦ୍ଦିକ୍ ପାଣ୍ଡ୍ୟାଙ୍କୁ ଦେଖିବାକୁ ମିଳିବ। ପ୍ୟାଟ୍ କମିନ୍ସ ସନ୍‌ରାଇଜର୍ସ ହାଇଦ୍ରାବାଦର ଅଧିନାୟକ ରହିବେ। ଦିଲ୍ଲୀ କ୍ୟାପିଟାଲ୍ସ ପାଇଁ ଡେଭିଡ ୱାର୍ନର କିମ୍ବା ରିଷଭ ପନ୍ତ ଅଧିନାୟକତ୍ୱ କରିବାର ସମ୍ଭାବନା ଥିବାବେଳେ ଅଭିଜ୍ଞ ମହେନ୍ଦ୍ର ସିଂ ଧୋନୀଙ୍କୁ ଚେନ୍ନାଇ ଫ୍ରାଞ୍ଚାଇଜ ଅଧିନାୟକ କରିଛି। ସେହିପରି ମୟଙ୍କ ଅଗ୍ରୱାଲ ପଞ୍ଜାବ କିଙ୍ଗ୍ସର ଓ ସଞ୍ଜୁ ସାମ୍‌ସନ ରାଜସ୍ଥାନ ରୟାଲ୍ସର ନେତୃତ୍ୱ ନେବେ। ଲୋକେଶ ରାହୁଲ ଲକ୍ଷ୍ନୌ ଓ ଫାଫ୍ ଡୁପ୍ଲେସି ବାଙ୍ଗାଲୋର ଦଳର ଅଧିନାୟକ ରହିବେ।

ଆଇପିଏଲ୍ ଖେଳାଳି ନିଲାମ ସମୟରେ ଏଥର ରେକର୍ଡ ସୃଷ୍ଟି ହୋଇଥିଲା। ଏଥିରେ ଅଷ୍ଟ୍ରେଲିଆ ଖେଳାଳିମାନଙ୍କ ଚାହିଦା ଦେଖିବାକୁ ମିଳିଥିଲା, ଯାହାକି ବେଶ୍ ଚର୍ଚ୍ଚାର ବିଷୟ ହୋଇଥିଲା। ଦୁବାଇଠାରେ ଅନୁଷ୍ଠିତ ଏହି ମିନି ଅକ୍ସନ୍ ପ୍ରକ୍ରିୟାରେ ମିଚେଲ ଷ୍ଟାର୍କ ଓ ପ୍ୟାଟ୍ କମିନ୍ସ ଯଥାକ୍ରମେ କୋଲକାତା ପାଇଁ ୨୪.୭୫ କୋଟି ଏବଂ ସନ୍‌ରାଇଜର୍ସ ହାଇଦ୍ରାବାଦ ପାଇଁ ୨୦.୫ କୋଟି ଟଙ୍କାରେ ବିକ୍ରି ହୋଇଥିଲେ। କାମେରନ ଗ୍ରୀନ୍ ୧୭.୫ କୋଟିରେ ବାଙ୍ଗାଲୋର ଦଳକୁ ଯାଇଥିଲେ। ଦଳଗୁଡ଼ିକର ସମୀକରଣ ବଦଳି ଯାଇଥିବାବେଳେ ନାମୀଦାମୀ ଖେଳାଳିମାନଙ୍କ ଉପରେ ହୋଇଥିବା ଟଙ୍କା ବର୍ଷାର ସୁଫଳ ଫ୍ରାଞ୍ଚାଇଜ୍‌ମାନେ ପାଇପାରୁଛନ୍ତି ନା ନାହିଁ ତାହା ଦେଖିବାକୁ କ୍ରିକେଟ୍‌ପ୍ରେମୀ ଅତି ଉତ୍କଣ୍ଠାର ସହ ଅପେକ୍ଷା କରିଛନ୍ତି। ସାମ୍ କୁରାନ, ନିକୋଲସ ପୁରନ, ଆନ୍ଦ୍ରେ ରସେଲ, ରସିଦ୍ ଖାନ୍, ଡାରେଲ ମିଚେଲଙ୍କ ପରି ବିଦେଶୀ ଖେଳାଳିଙ୍କ ପ୍ରଦର୍ଶନ ଉପରେ ମଧ୍ୟ ନଜର ରହିବ। ହାର୍ଦ୍ଦିକ୍ ପାଣ୍ଡ୍ୟା ନୂତନ ଭାବେ ମୁମ୍ବାଇ ଇଣ୍ଡିଆନ୍ସ ଦଳର ଦାୟିତ୍ୱ ନେଇଛନ୍ତି। ତାଙ୍କ ନେତୃତ୍ୱରେ ସବୁଠାରୁ ସଫଳ ଅଧିନାୟକ ରୋହିତ ଶର୍ମାଙ୍କ ପ୍ରଦର୍ଶନ କିପରି ରହୁଛି ତାହା ମଧ୍ୟ ଦେଖିବାର କଥା। ଭାରତୀୟ ଖେଳାଳିଙ୍କ ମଧ୍ୟରେ ଲୋକେଶ ରାହୁଲ, ରବୀନ୍ଦ୍ର ଜାଡେଜା, ରୋହିତ ଶର୍ମା, ରିଷଭ ପନ୍ତ, ଇଶାନ କିଶନ, ହାର୍ଦ୍ଦିକ ପାଣ୍ଡ୍ୟା, ବିରାଟ କୋହଲି, ସଞ୍ଜୁ ସାମ୍‌ସନଙ୍କୁ ନିଜ ଫ୍ରାଞ୍ଚାଇଜ୍‌ମାନେ ଅପରିବର୍ତ୍ତିତ ରଖିଛନ୍ତି।

୨୦୦୮ରୁ ଖେଳାଯାଇ ଆସୁଥିବା ବିଶ୍ୱର ଏହି ସମ୍ମାନଜନକ ତଥା ଲୋକପ୍ରିୟ ଫଟାଫଟ୍ କ୍ରିକେଟ୍ ଆଗରେ ଅନ୍ୟ ସମସ୍ତ ଦେଶ ଦ୍ୱାରା ଆୟୋଜିତ ଟି୨୦ ଲିଗ୍‌ଗୁଡିକ ଫିକା ପଡ଼ିଛି। ଦେଶରେ ସାଧାରଣ ନିର୍ବାଚନ ଯୋଗୁ ୨୦୦୯ରେ ଆଇପିଏଲ ଦକ୍ଷିଣ ଆଫ୍ରିକାରେ ଆୟୋଜନ ହୋଇଥିଲେ ମଧ୍ୟ ବେଶ୍ ସଫଳତା ହାସଲ କରିଥିଲା। ୨୦୧୪ରେ ମଧ୍ୟ ସାଧାରଣ ନିର୍ବାଚନ ଯୋଗୁ କିଛି ମ୍ୟାଚ୍ ୟୁଏଇରେ ହୋଇଥିଲା। ସେହିପରି ୨୦୨୦ ଓ ୨୦୨୧ ସଂସ୍କରଣ କୋଭିଡ୍ ପାଇଁ ୟୁଏଇରେ ଆୟୋଜନ ହୋଇଥିଲା। ମାତ୍ର ଚଳିତ ବର୍ଷ ଦେଶରେ ସାଧାରଣ ନିର୍ବାଚନ ଥିଲେ ମଧ୍ୟ ମ୍ୟାଚ୍‌ଗୁଡିକ ଭାରତରେ ଅନୁଷ୍ଠିତ ହେବ ବୋଲି ଆଇପିଏଲ ଚେୟାରମ୍ୟାନ ଅରୁଣ ସିଂ ଧୁମାଲ ପ୍ରକାଶ କରିଛନ୍ତି।

ଆଇପିଏଲ୍-୨୦୨୪ ମଧ୍ୟ ଗତ ସିଜନ୍ ପରି ହେବ। ୨୦୨୨ ପରଠାରୁ ଆଇପିଏଲ ଫର୍ମାଟ୍‌ରେ ପରିବର୍ତ୍ତନ କରାଯାଇଛି। ୧୦ଟି ଦଳକୁ ସେମାନଙ୍କର ପ୍ରଦର୍ଶନ ଆଧାରରେ ୨ଟି ଗ୍ରୁପ୍‌ରେ ବିଭକ୍ତ କରାଯାଉଛି। ଗତବର୍ଷ ଏହି ଲିଗ୍ ୬୦ ଦିନରେ ଶେଷ ହୋଇଥିବା ବେଳେ ଚଳିତ ବର୍ଷ ୬୭ ଦିନ ଧରି ଚାଲିବ। ସାଧାରଣ ନିର୍ବାଚନକୁ ଆଖିଆଗରେ ରଖି କାର୍ଯ୍ୟସୂଚୀକୁ ଏକ ସପ୍ତାହ ପାଇଁ ବୃଦ୍ଧି କରିଛି ଫିକ୍ସଚର କମିଟି। ୨୦୧୯ରେ ଦେଶରେ ନିର୍ବାଚନ ପାଇଁ ମଧ୍ୟ ଏପରି ଆଭିମୁଖ୍ୟ ଗ୍ରହଣ କରିଥିଲା ବିସିସିଆଇ। ପ୍ରଥମ ପର୍ଯ୍ୟାୟ କାର୍ଯ୍ୟସୂଚୀ ଅନୁଯାୟୀ ଦୁଇ ସପ୍ତାହ ମଧ୍ୟରେ ୨୧ଟି ମ୍ୟାଚ୍ ଖେଳାଯିବ। ୧୦ଟି ଭିନ୍ନ ଭିନ୍ନ ସହରରେ ଏହି ୨୧ଟି ମ୍ୟାଚ୍ ଖେଳାଯିବ। ଦିଲ୍ଲୀ କ୍ୟାପିଟାଲ୍ସ ପ୍ରଥମ ପର୍ଯ୍ୟାୟରେ ଏହାର କେତେକ ଘରୋଇ ମ୍ୟାଚ୍ ଭାଇଜାଗ୍‌ରେ ଖେଳିବ। ଦ୍ୱିତୀୟ ପର୍ଯ୍ୟାୟ କାର୍ଯ୍ୟସୂଚୀ ପରବର୍ତ୍ତୀ ସମୟରେ ପ୍ରକାଶିତ ହେବ। ପ୍ରଥମ ପର୍ଯ୍ୟାୟ କାର୍ଯ୍ୟସୂଚୀରେ ବିସିସିଆଇ ୪ଟି ଡବଲ ହେଡର ମ୍ୟାଚ୍‌ର ଘୋଷଣା କରିଛି।

ଗତବର୍ଷର ପ୍ରଦର୍ଶନକୁ ଦେଖିଲେ ଯଦିଓ ଚେନ୍ନାଇ ସୁପର କିଙ୍ଗ୍ସ ୫ମ ଥର ପାଇଁ ଚାମ୍ପିୟନ ହୋଇଥିଲା ତେବେ ଗ୍ରୁପ୍ ପର୍ଯ୍ୟାୟରେ ଗୁଜରାଟ ଟାଇଟନ୍ସ ୧୦ ବିଜୟ ଏବଂ ୪ଟି ପରାଜୟ ସହ ସର୍ବାଧିକ ୨୦ ପଏଣ୍ଟ ପାଇ ଟେବୁଲ ଶୀର୍ଷରେ ରହିଥିଲା। ୧୪ ମ୍ୟାଚ୍‌ରୁ ସନ୍‌ରାଇଜର୍ସ ହାଇଦ୍ରାବାଦ ମାତ୍ର ୪ଟି ବିଜୟ ସହ ପଏଣ୍ଟ ଟେବୁଲର ସର୍ବନିମ୍ନ ସ୍ଥାନରେ ରହିଥିଲା। ଦିଲ୍ଲୀ, ପଞ୍ଜାବ ଏବଂ କୋଲକାତା ଦଳ ମଧ୍ୟ ଖରାପ ପ୍ରଦର୍ଶନ କରିଥିଲେ। ଶକ୍ତିଶାଳୀ ମୁମ୍ବାଇ ପ୍ରାରମ୍ଭରୁ ଖରାପ ପ୍ରଦର୍ଶନ କରିଥିଲେ ମଧ୍ୟ ପରବର୍ତ୍ତୀ ପର୍ଯ୍ୟାୟରେ ଭଲ ପ୍ରଦର୍ଶନ କରି ପ୍ଲେ-ଅଫ୍‌ରେ ପ୍ରବେଶ କରିଥିଲା। ଗୁଜରାଟ, ଚେନ୍ନାଇ, ଲକ୍ଷ୍ନୌ ଏବଂ ମୁମ୍ବାଇ ଟିମ୍ ପ୍ଲେ ଅଫ୍ ପାଇଁ ଯୋଗ୍ୟତା ଅର୍ଜନ କରିଥିଲେ। କ୍ୱାଲିଫାୟର-୧ରେ ଗୁଜରାଟ ବିପକ୍ଷରେ ଚେନ୍ନାଇ ୧୫ ରନ୍‌ରେ ବିଜୟୀ ହୋଇଥିବା ବେଳେ ଏଲିମିନେଟରରେ ମୁମ୍ବାଇ ଟିମ୍ ଲକ୍ଷ୍ନୌକୁ ୮୧ ରନ୍‌ର ବଡ଼ ବ୍ୟବଧାନରେ ହରାଇଥିଲା। ସେହିପରି କ୍ୱାଲିଫାୟର-୨ରେ ଗୁଜରାଟ ୬୨ ରନରେ ମୁମ୍ବାଇକୁ ପରାସ୍ତକରି ଚେନ୍ନାଇ ସହ ଫାଇନାଲ ଖେଳିଥିଲା। ଗୁଜରାଟ ଫାଇନାଲରେ ସିଏସ୍‌କେକୁ ୨୧୫ ରନ୍‌ର ଟାର୍ଗେଟ ଦେଇଥିଲା। ବର୍ଷା ବାଧାପ୍ରାପ୍ତ ମ୍ୟାଚ୍ ଶେଷରେ ଚେନ୍ନାଇ ଡିଏଲ୍‌ଏସ୍ ପଦ୍ଧତିରେ ୫ ଉଇକେଟରେ ବିଜୟୀ ହୋଇଥିଲା।

ଆଗାମୀ ସଂସ୍କରଣ ବେଶ୍ ରୋମାଞ୍ଚକ ହେବ ବୋଲି ଆଶା କରାଯାଏ। କାରଣ କୋଲକାତା, ମୁମ୍ବାଇ ଓ ହାଇଦ୍ରାବାଦ ଫ୍ରାଞ୍ଚାଇଜ୍‌ମାନେ ସେମାନଙ୍କର ଦଳକୁ ବେଶ୍ ସନ୍ତୁଳିତ କରିଛନ୍ତି। ପେସ୍ ବୋଲର ଏବଂ ଅଲ୍‌ରାଉଣ୍ଡରମାନଙ୍କ ବେଶ୍ ଚାହିଦା ରହିଥିବାର ଦେଖିବାକୁ ମିଳିଛି। ଭାରତୀୟ ଯୁବବ୍ୟାଟର୍ସମାନଙ୍କୁ ମଧ୍ୟ ଫ୍ରାଞ୍ଚାଇଜ୍‌ମାନେ ଭଲ ସୁଯୋଗ ଦେଇଛନ୍ତି।




ପ୍ୟାଟ କମିନ୍ସ

ମିଚେଲ ଷ୍ଟାର୍କ

ହାର୍ଦ୍ଦିକ ପାଣ୍ଡ୍ୟା

କାମେରନ ଗ୍ରୀନ୍

---

## ବ୍ୟାଡ୍‌ମିଣ୍ଟନ୍‌ର ସୁପରଷ୍ଟାର

# ଚିରାଗ-ସାତ୍ତ୍ୱିକ

**ସାତ୍ତ୍ୱିକ ସାଇରାଜ ରାଙ୍କିରେଡ୍ଡୀ ଓ ଚିରାଗ ସେଟ୍ଟୀ ଦ୍ୱିତୀୟଥର ପାଇଁ ଫ୍ରେଞ୍ଚ୍ ଓପନ୍ ବ୍ୟାଡ୍‌ମିଣ୍ଟନ ପୁରୁଷ ଡବଲ୍ସ ଟାଇଟଲ ହାସଲ କରିଛନ୍ତି। ଭାରତୀୟ ଯୋଡ଼ିଙ୍କର ଏହା ହେଉଛି ୭ମ ବିଡବ୍ଲ୍ୟୁ ୱାର୍ଲ୍ଡ ଟୁର୍ ଟାଇଟଲ। ବିଶ୍ୱର ନମ୍ବର ୱାନ୍ ତଥା ଏସିଆନ ଗେମ୍ସ ଚାମ୍ପିୟନ ଏହି ଭାରତୀୟ ଯୋଡ଼ି ଏହା ପୂର୍ବରୁ ୨୦୨୨ରେ ଫ୍ରେଞ୍ଚ୍ ଓପନ୍ ଟାଇଟଲ ଜିତିଥିବା ବେଳେ ୨୦୧୯ରେ ରନର ଅପ୍ ହୋଇଥିଲା। ଚଳିତ ସିଜନରେ ଏହା ହେଉଛି ସେମାନଙ୍କର ପ୍ରଥମ ଟାଇଟଲ।**

ଭାରତୀୟ ବ୍ୟାଡ୍‌ମିଣ୍ଟନରେ ସଫଳ ଖେଳାଳି କହିଲେ ପ୍ରଥମେ ମନକୁ ପ୍ରକାଶ ପାଦୁକୋନ୍ ଓ ପୁଲେଲା ଗୋପୀଚାନ୍ଦଙ୍କ ନାମ ଆସିଥାଏ। ପାଦୁକୋନ୍ ୮୦ ଦଶକରେ ଓ ଗୋପୀଚାନ୍ଦ ୯୦ ଦଶକରେ ବ୍ୟାଡ୍‌ମିଣ୍ଟନ କୋର୍ଟରେ ନିଜର ପତିଆରା ଜାହିର କରିଥିଲେ। ପରେ ଏହି ଦୁଇ ଖେଳାଳିଙ୍କ ସାମ୍ରାଜ୍ୟକୁ ଆଗକୁ ବଢ଼ାଇଥିଲେ ସାଇନା ନେହ୍ୱାଲ ଓ ପି.ଭି. ସିନ୍ଧୁ। ଭାରତ ଉଭୟ ପୁରୁଷ ଓ ମହିଳା ସିଙ୍ଗଲ୍ସରେ ଏକାଧିକ ଚାମ୍ପିୟନ ଖେଳାଳି ସୃଷ୍ଟି କରିଥିଲେ ମଧ୍ୟ ଡବଲ୍ସରେ ଭାରତକୁ ଏହାର ଚାମ୍ପିୟନ ଖେଳାଳି ମିଳୁ ନ ଥିଲେ। ତେବେ ଭାରତକୁ ବର୍ତ୍ତମାନ ମିଳିଯାଇଛି ଏହାର ଡବଲ୍ସ ଚାମ୍ପିୟନ ଯୋଡ଼ି। ବର୍ତ୍ତମାନ ବିଶ୍ୱ ର୍‍ୟାଙ୍କିଙ୍ଗ୍‌ର ଏକ ନମ୍ବର ସ୍ଥାନରେ ଥିବା ଚିରାଗ ସେଟ୍ଟୀ ଓ ସାତ୍ତ୍ୱିକ ସାଇରାଜ ରାଙ୍କିରେଡ୍ଡୀ ବିଶ୍ୱର ସଫଳ ଯୋଡ଼ି ଭାବେ ଏକାଧିକ ଟାଇଟଲ ଜିତିବା ସହିତ ଭାରତର ସମ୍ଭାବନା ବୃଦ୍ଧି କରିଛନ୍ତି। ୨୦୨୪ ବର୍ଷରେ ନିଜର ପ୍ରଥମ ଟାଇଟଲ ଭାବରେ ଫ୍ରେଞ୍ଚ୍ ଓପନ୍ ବିଜୟୀ ହୋଇଛନ୍ତି। ୨୦୨୨ ପରେ ଉଭୟ ଦ୍ୱିତୀୟଥର ପାଇଁ ଏହି ସମ୍ମାନଜନକ ଟାଇଟଲ ହାସଲ କରିଥିଲେ। ଚିରାଗ ଓ ସାତ୍ତ୍ୱିକ ଆରମ୍ଭରୁ ପରସ୍ପର ସହ ଖେଳୁ ନ ଥିଲେ। ଚିରାଗ ସେଟ୍ଟୀ ଓ ଏମ୍.ଆର ଅର୍ଜୁନ ଏକତ୍ର ଖେଳୁଥିବା ବେଳେ ଯୋଡ଼ି ପରିବର୍ତ୍ତନ ପାଇଁ ପରାମର୍ଶ ଦେଇଥିଲେ ଭାରତୀୟ ଦଳର କୋଚ୍ ଟାନ୍ କିମ୍ ହେର। ଏହା ପରେ ୨୦୧୮ରୁ ଏହି ଯୋଡ଼ି ଏକତ୍ର ଖେଳିବା ସହ ଇତିହାସ ବକ୍ଷରେ ନିଜ ନାମ ଲିପିବଦ୍ଧ କରିଛନ୍ତି।

ଭାରତ ପାଇଁ ବିଶ୍ୱ ଚାମ୍ପିୟନଶିପ୍‌ର ଡବଲ୍ସ ଇଭେଣ୍ଟର ଉଭୟ ପ୍ରଥମ ପଦକ ବିଜୟୀ ହୋଇଥିଲେ।

୨୦୧୮ରୁ ଆରମ୍ଭ ହୋଇଥିବା ଏହି ଯୋଡ଼ିର ଯାତ୍ରାକୁ ପ୍ରଥମ ବର୍ଷରେ ହିଁ ମିଳିଥିଲା ସଫଳତା। ୨୦୧୮ ରାଜ୍ୟଗୋଷ୍ଠୀ କ୍ରୀଡାର ମିକ୍ସଡ ଟିମ୍ ଇଭେଣ୍ଟରେ ସ୍ୱର୍ଣ୍ଣ ଓ ପୁରୁଷ ଟିମ୍ ଇଭେଣ୍ଟରେ ରୌପ୍ୟ ପଦକ ଜିତିଥିଲେ ଏହି ୨ ଖେଳାଳି। ସମାନ ବର୍ଷରେ ଉଭୟ ହାଇଦ୍ରାବାଦ ଓପନ୍ ବିଜୟୀ ହୋଇଥିଲେ। ୨୦୧୯ରେ ଉଭୟ ଥାଇଲାଣ୍ଡ ଓପନ୍‌ରେ ଚାମ୍ପିୟନ ହେବା ସହ ପ୍ରଥମ ଭାରତୀୟ ଯୋଡ଼ି ଭାବେ ଏକ ବିଡବ୍ଲ୍ୟୁଏଫ୍ ସୁପର ସିରିଜ୍ ବିଜୟୀ ହୋଇଥିଲେ। ଏହାସହ ଫ୍ରେଞ୍ଚ୍ ଓପନ୍‌ରେ ଉଭୟ ରନର ଅପ୍ ରହିଥିଲେ। ୨୦୨୦ରେ କୋଭିଡ୍ କାରଣରୁ ଖେଳ ହୋଇ ନ ଥିବା ବେଳେ ୨୦୨୧ ଉଭୟଙ୍କ ପାଇଁ ଫଳପ୍ରଦ ରହି ନ ଥିଲା। ଖରାପ ଫର୍ମ ସହ ସଂଘର୍ଷ କରୁଥିବା ବେଳେ ଉଭୟ ଗୋଟିଏ ବି ଟାଇଟଲ୍ ଜିତିପାରି ନ ଥିଲେ। ତେବେ ଚମତ୍କାର ପ୍ରତ୍ୟାବର୍ତ୍ତନ ସହ ୨୦୨୨ ଆରମ୍ଭ କରିଥିଲେ ଚିରାଗ-ସାତ୍ତ୍ୱିକ। ଇଣ୍ଡିଆନ୍ ଓପନ୍ ବିଜୟୀ ହେବା ସହିତ ଥୋମାସ କପ୍ ବିଜୟୀ ଭାରତୀୟ ଦଳର ସଦସ୍ୟ ରହିଥିଲେ ଉଭୟ ଖେଳାଳି। ଭାରତ ପ୍ରଥମଥର ପାଇଁ ଥୋମାସ କପ୍ ବିଜୟୀ ହୋଇଥିବା ବେଳେ ଏହି ଦୁଇ ଖେଳାଳିଙ୍କ ସେଥିରେ ରହିଥିଲା ଗୁରୁତ୍ୱପୂର୍ଣ୍ଣ ଭୂମିକା। ଏହାପରେ ଫ୍ରେଞ୍ଚ୍ ଓପନ୍ ଜିତି ରେକର୍ଡ କରିବା ସହ ପ୍ରଥମ ଭାରତୀୟ ଯୋଡ଼ି ଭାବେ ବିଶ୍ୱ ର୍‍ୟାଙ୍କିଙ୍ଗ୍‌ର ଟପ୍ ଟେନ୍‌ରେ ପ୍ରବେଶ କରିଥିଲେ। ଜାପାନରେ ଅନୁଷ୍ଠିତ ବିଶ୍ୱ ଚାମ୍ପିୟନଶିପ୍‌ରେ ବ୍ରୋଞ୍ଜ ପଦକ ଜିତିବା ସହ ଇତିହାସ ରଚିଥିଲା ଏହି ଭାରତୀୟ ଯୋଡ଼ି। ୨୦୨୩ରେ ଏସିଆନ୍ ଚାମ୍ପିୟନଶିପ୍‌ର ପୁରୁଷ ଡବଲ୍ସ ଇଭେଣ୍ଟରେ ସ୍ୱର୍ଣ୍ଣ ଓ ମିକ୍ସଡ୍ ଟିମ୍ ଇଭେଣ୍ଟରେ ବ୍ରୋଞ୍ଜ ପଦକ ବିଜୟୀ ହୋଇଥିଲା। ସମାନ ବର୍ଷରେ ସ୍ୱିସ୍ ଓପନ୍, ଇଣ୍ଡୋନେସିଆ ଓପନ୍ ଓ କୋରିଆ ଓପନ୍ ଜିତିବା ସହ ବିଶ୍ୱ ମାନ୍ୟତାର ଏକ ନମ୍ବର ସ୍ଥାନ ଅଳଙ୍କୃତ କରିଥିଲା ଏହି ଭାରତୀୟ ଯୋଡ଼ି। ପ୍ରଥମ ଭାରତୀୟ ଯୋଡ଼ି ଭାବେ ଉଭୟ ଏଭଳି ସଫଳତା ହାସଲ କରିଥିଲେ।




ଚିରାଗ ଓ ସାତ୍ତ୍ୱିକ

| |
|---|
| **ଚିରାଗ ସେଟ୍ଟୀ** |
| ବୟସ ୨୬ |
| ଉଚ୍ଚତା : ୬ ଫୁଟ ୨ ଇଞ୍ଚ |
| ର୍‍ୟାଙ୍କିଙ୍ଗ୍-୧ |
| ବିଜୟ/ପରାଜୟ: ୨୫୪/୧୧୪ |

| |
|---|
| **ସାତ୍ତ୍ୱିକ ସାଇରାଜ ରାଙ୍କିରେଡ୍ଡୀ** |
| ବୟସ ୨୩ |
| ଉଚ୍ଚତା : ୬ ଫୁଟ |
| ର୍‍ୟାଙ୍କିଙ୍ଗ୍-୧ |
| ବିଜୟ/ପରାଜୟ: ୩୦୯/୧୫୯ |

### ଚିରାଗ ସେଟ୍ଟୀ

ମୁମ୍ବାଇର ମଲାଡରେ ଏକ ତୁଳୁ ପରିବାରରେ ଚିରାଗ ସେଟ୍ଟୀଙ୍କ ଜନ୍ମ। ଆରମ୍ଭରୁ ଉଦୟ ପୱାର ବ୍ୟାଡ୍‌ମିଣ୍ଟନ ଏକାଡେମୀରେ ପ୍ରଶିକ୍ଷଣ ନେଉଥିବା ବେଳେ ପରେ ହାଇଦ୍ରାବାଦରେ ରହି ପୁଲେଲା ଗୋପୀଚାନ୍ଦଙ୍କ ଅଧୀନରେ ପ୍ରଶିକ୍ଷଣ ଗ୍ରହଣ କରିଥିଲେ। ୨୦୨୦ରେ ଚିରାଗଙ୍କୁ ଅର୍ଜୁନ ପୁରସ୍କାର ମିଳିଥିବା ବେଳେ ୨୦୨୩ରେ ମେଜର ଧ୍ୟାନ୍‌ଚାନ୍ଦ ଖେଳରତ୍ନ ପୁରସ୍କାର ଦିଆଯାଇଥିଲା।

**ସାତ୍ତ୍ୱିକ ସାଇରାଜ ରାଙ୍କିରେଡ୍ଡୀ:** ଆନ୍ଧ୍ରପ୍ରଦେଶର ଅମଲାପୁରମ୍‌ରେ ସାତ୍ତ୍ୱିକଙ୍କ ଜନ୍ମ। ପିତା ଓ ଭାଇ ଜଣେ ଜଣେ ରାଜ୍ୟସ୍ତରୀୟ ବ୍ୟାଡ୍‌ମିଣ୍ଟନ ଖେଳାଳି ରହିଥିବା ବେଳେ ଉଭୟଙ୍କ ପଥ ଅନୁସରଣ କରିଥିଲେ ସାତ୍ତ୍ୱିକ। ଆରମ୍ଭରୁ କ୍ରିଷ୍ଣା ପ୍ରସାଦ ଗରଗଙ୍କ ସହ ଯୋଡ଼ିହୋଇ ଖେଳୁଥିବା ବେଳେ ପରେ ଚିରାଗ ସେଟ୍ଟୀଙ୍କ ଯୋଡ଼ି ହୋଇଥିଲେ। ୨୦୨୦ରେ ଚିରାଗଙ୍କ ସହ ମିଳିତ ଭାବେ ସେ ଅର୍ଜୁନ ପୁରସ୍କାର ଓ ୨୦୨୩ରେ ମେଜର ଧ୍ୟାନ୍‌ଚାନ୍ଦ ଖେଳରତ୍ନ ପୁରସ୍କାର ହାସଲ କରିଥିଲେ। ସେହିପରି ବ୍ୟାଡ୍‌ମିଣ୍ଟନ ଇତିହାସରେ ଦ୍ରୁତତମ ସର୍ଭିସ୍ କରିବାର ଗିନିଜ୍ ବୁକ୍ ଅଫ୍ ୱାର୍ଲ୍ଡ ରେକର୍ଡ ସାତ୍ତ୍ୱିକଙ୍କ ନାମରେ ରହିଛି। ସେ ୫୬୫ କିମି/ଘଣ୍ଟା ବେଗରେ ଏକ ସ୍ମାଶ୍ କରିଥିଲେ।

## କ୍ୟାରିୟର

ଫିଫା ପ୍ରସ୍ତାବିତ ବ୍ଲୁକାର୍ଡ ଯୋଜନା
ହବନାହିଁ କାର୍ଯ୍ୟକାରୀ
ଇଂଲଣ୍ଡ ନର୍ଦ୍ଦନ ଆୟର୍ଲାଣ୍ଡ ସହ
ସ୍କଟଲାଣ୍ଡ ୱେଲ୍ସ ଚାରି
ଦେଶ ସମର୍ଥନ ଭାରି
ରଗ୍‌ବୀ ଫାଉଲ ପାଇଁ ଏ
କାର୍ଡ କେବଳ
ବ୍ୟବହାର ହେବ ହରି।

ଇଟାଲୀରେ ନିଜ ସାଥୀ ଖେଳାଳିଙ୍କ
ବ୍ୟାଗ୍‌ରୁ ଧରି ଟଙ୍କା
ବକ୍ସର ଜୋହେବ ରଶିଦ ଫେରାର
ପାକିସ୍ତାନ ମୁହଁ ବଙ୍କା
ଟଙ୍କା ବଡ଼ ନୁହେଁ ଧୋକା
ବଡ଼ ଦୁଃଖ ଦେଲା
କଲୋନେଲ କହେ
ଇଟାଲୀ ପୋଲିସ ବୋକା।

ଫୁଟବଲରଟିଏ ହେବାପାଇଁ ସ୍ୱପ୍ନ
ଦେଖୁଥିଲା ଟାଇଗର
ହିରୋପନ୍ତି ଫିଲ୍ମରୁ ଅଭିନୟ କରି
ଆଜି ଟୋକା ପପୁଲାର
ଯେମିତିକା କ୍ୟାରିୟର
ଗଢ଼ ମନା ନାହିଁ, ହତ୍ୟାକାରୀ ଅବା
କଥା ସରେ ହେଲେ ଚୋର।

-ସୁବାସଚନ୍ଦ୍ର ପ୍ରଧାନ

# ଜନ୍ମଦିନର ଶୁଭେଚ୍ଛା

ନାମ: ......................................
ବୟସ:......................................
ଜନ୍ମ ତାରିଖ: ..............................



ମନିଷା
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ଗୋପାଳପୁରରେ 'ରାଡିସନ୍ ଇଣ୍ଡିଭିଜୁଆଲ'

■ ୨୦୨୪-୨୫ ଆର୍ଥିକ ବର୍ଷର ୨ୟ ତ୍ରୈମାସିକରେ ଶୁଭାରମ୍ଭ

■ ଓଡ଼ିଶାରେ ରାଡିସନ୍ ହୋଟେଲ ଗ୍ରୁପ୍‌ର ପ୍ରଥମ ହୋଟେଲ

**ଭୁବନେଶ୍ୱର, ୧୪।୩ (ଅଭୟ ଦାଶ)**



ଦେଶର ପ୍ରମୁଖ ପ୍ରିମିୟମ ହୋଟେଲ ତଥା ରାଡିସନ୍ ହୋଟେଲ ଗ୍ରୁପ୍‌ର ଏକ ଶାଖା 'ରାଡିସନ୍ ଇଣ୍ଡିଭିଜୁଆଲ' ଓଡ଼ିଶାର ଗୋପାଳପୁରଠାରେ ୨୦୨୪-୨୫ ଆର୍ଥିକ ବର୍ଷର ୨ୟ ତ୍ରୈମାସିକରେ ଶୁଭାରମ୍ଭ ହେବାକୁ ଯାଉଛି। ଏହି ପରିପ୍ରେକ୍ଷୀରେ ରାଡିସନ୍ ଗ୍ରୁପ୍ ଏବଂ ପ୍ରମୋଦ ଲ୍ୟାଣ୍ଡସ୍ ଏଣ୍ଡ ରିସୋର୍ଟ ମଧ୍ୟରେ ଏକ ଦ୍ୱିପାକ୍ଷିକ ବୁଝାମଣା ପତ୍ର (ଏମ୍‌ଓୟୁ) ସ୍ୱାକ୍ଷରିତ ହୋଇଯାଇଛି। ଉଲ୍ଲେଖଯୋଗ୍ୟ, ରାଡିସନ୍ ଇଣ୍ଡିଭିଜୁଆଲର ସଦସ୍ୟ ଭାବେ ପ୍ରମୋଦ ଲ୍ୟାଣ୍ଡସ୍ ଏଣ୍ଡ ରିସୋର୍ଟ ସ୍ୱାକ୍ଷରିତ ହେବା ଅବସରରେ ଉଭୟ ପକ୍ଷ ଖୁସି ପ୍ରକାଶ କରିଛନ୍ତି। ଏପରିକି ୧୦୦ ଶଯ୍ୟା ବିଶିଷ୍ଟ ଏହି ହୋଟେଲକୁ ପଦ୍ମା ଇଷ୍ଟର୍ନ ହୋଟେଲ ପ୍ରାଇଭେଟ୍ ଲିମିଟେଡ୍ ବିକଶିତ କରୁଥିବାବେଳେ ୨୦୨୪-୨୫ଆର୍ଥିକ ବର୍ଷର ୨ୟ ତ୍ରୈମାସିକରେ ଏହାର ଆନୁଷ୍ଠାନିକ ଶୁଭାରମ୍ଭ ହେବାକୁ ଯାଉଛି। ଏ ସମ୍ପର୍କରେ ରାଡିସନ୍ ହୋଟେଲ ଗ୍ରୁପ୍‌ର ଦକ୍ଷିଣ ଏସିଆ ବିକାଶ ବିଭାଗର ବରିଷ୍ଠ ନିର୍ଦ୍ଦେଶକ ଦେବାଶିଷ ଶ୍ରୀବାସ୍ତବ କହିଛନ୍ତି, ଓଡ଼ିଶାରେ ଆମର ପ୍ରଥମ ହୋଟେଲ 'ରାଡିସନ୍ ଇଣ୍ଡିଭିଜୁଆଲ' ପ୍ରମୋଦ ଲ୍ୟାଣ୍ଡସ୍ ଏଣ୍ଡ ରିସୋର୍ଟର ମିଳିତ ସହଯୋଗରେ ଖୋଲିବାକୁ ଯାଉଛି। ଏପରିକି ରାଡିସନ୍ ଇଣ୍ଡିଭିଜୁଆଲର ସଦସ୍ୟ ଭାବେ ଆମେ ପ୍ରମୋଦ ଲ୍ୟାଣ୍ଡସ୍ ଏଣ୍ଡ ରିସୋର୍ଟ ଚୁକ୍ତି ସ୍ୱାକ୍ଷର କରିଛୁ, ଯାହା ଦେଶର ଟିୟର ୨ ଓ ୩ ଅଞ୍ଚଳରେ ଆମର ସମ୍ପ୍ରସାରଣ ଯୋଜନାର ପ୍ରମାଣ ବୋଲି କୁହାଯାଉଛି। ସେହିଭଳି ଆମେ ଦେଶର ପ୍ରମୁଖ ସହର ବାହାରେ ମଧ୍ୟ ଗୁଣାତ୍ମକ ଆତିଥେୟତା ଅଭିଜ୍ଞତାକୁ ପହଞ୍ଚାଇବା ଉପରେ ଗୁରୁତ୍ୱ ଦେଉଛୁ ଏବଂ ସମ୍ପୃକ୍ତ ଅଞ୍ଚଳର ଅବ୍ୟବହୃତ ସମ୍ଭାବନାକୁ ସ୍ୱୀକାରକରି ଓଡ଼ିଶାରେ ପାଦ ଥାପିବା ସହ ଏହା ଗ୍ରୁପ୍ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଣ୍ଟ ବୋଲି ସେ ମତପ୍ରକାଶ କରିଛନ୍ତି। ସେହିପରି ପଦ୍ମା ଇଷ୍ଟର୍ନ ହୋଟେଲ ପ୍ରାଇଭେଟ୍ ଲିମିଟେଡ୍‌ର ପରିଚାଳନା ନିର୍ଦ୍ଦେଶକ ଦୁର୍ଗାପ୍ରସାଦ ରଥ କହିଛନ୍ତି, ଏହି ଭାଗୀଦାରି ରେଡିସନ୍ ହୋଟେଲ ଗ୍ରୁପ୍‌ର ବିଶ୍ୱସ୍ତରୀୟ ବିକାଶ ଏବଂ ପରିଚାଳନା କରିବାର କ୍ଷମତା ଉପରେ ଆମର ବିଶ୍ୱାସର ପ୍ରମାଣ ହୋଇଥିବାବେଳେ ଏହି ସହଯୋଗ ଆମର ସ୍ଥିତିକୁ ଉନ୍ନତ କରିବ ଏବଂ ଆମର ଅତିଥିମାନଙ୍କୁ ଏକ ଅସାଧାରଣ ଅନୁଭୂତି ପ୍ରଦାନ କରିବ। ସେହିଭଳି ଓଡ଼ିଶାର ଆତିଥ୍ୟ ଶିଳ୍ପରେ ଆମର ଉପସ୍ଥିତିକୁ ସୁଦୃଢ଼ କରିବ ବୋଲି ରଥ ବିସ୍ତୃତ ଭାବେ ମତପ୍ରକାଶ କରିଛନ୍ତି। ଉଲ୍ଲେଖଯୋଗ୍ୟ, ରେଡିସନ୍ ହୋଟେଲ ଗ୍ରୁପ୍ ଭାରତୀୟ ବଜାରରେ ଅଗ୍ରଣୀ ଉପସ୍ଥିତି ବଜାୟ ରଖିଛି ଏବଂ ୧୬୫ରୁ ଅଧିକ ହୋଟେଲ କାର୍ଯ୍ୟକ୍ଷମ ଏବଂ ବିକାଶ ସହ ଦେଶର ସର୍ବବୃହତ୍ ଅନ୍ତର୍ଜାତୀୟ ହୋଟେଲ ଅପରେଟରମାନଙ୍କ ମଧ୍ୟରୁ ଅନ୍ୟତମ ହୋଇପାରିଛି।

# ଭୁବନେଶ୍ୱରରେ ବେଦାନ୍ତୁ ଅଫ୍‌ଲାଇନ ଲର୍ନିଂ ସେଣ୍ଟର

**ଭୁବନେଶ୍ୱର, ୧୪।୩**

ଦେଶର ପ୍ରମୁଖ ଘରୋଇ ଶିକ୍ଷାନୁଷ୍ଠାନ ତଥା ଅଗ୍ରଣୀ ଅନ୍‌ଲାଇନ କୋଚିଂ ସେଣ୍ଟର 'ବେଦାନ୍ତୁ'ର ଅଫ୍‌ଲାଇନ ଲର୍ନିଂ ସେଣ୍ଟର ଭୁବନେଶ୍ୱରର ଜୟଦେବ ବିହାର ନିକଟସ୍ଥ ଆର୍‌ସିଏମ୍ କ୍ୟାମ୍ପସଠାରେ ଶୁଭାରମ୍ଭ ହୋଇଯାଇଛି। ଏପରିକି ୨୦୨୪ ମାର୍ଚ୍ଚ ୧୭ରେ ଉକ୍ତ ସେଣ୍ଟରର ଆନୁଷ୍ଠାନିକ ଶୁଭାରମ୍ଭ (ଉଦ୍‌ଘାଟନ) ହେବାକୁ ଯାଉଛି। ଏହି ପରିପ୍ରେକ୍ଷୀରେ ବେଦାନ୍ତୁ ପକ୍ଷରୁ ଗୁରୁବାର ଏକ ଖବରଦାତା ସମ୍ମିଳନୀର ଆୟୋଜନ କରାଯାଇଥିଲା। ଉକ୍ତ ସମ୍ମିଳନୀରେ ବେଦାନ୍ତୁର ଭିପି (ବିଜ୍‌ନେସ୍) ସଚିନ ଅଗ୍ରୱାଲଙ୍କ ସମେତ ବେଦାନ୍ତୁ ଲର୍ନ ସେଣ୍ଟରର ପାର୍ଟନର ଜ୍ୟୋତିରଞ୍ଜନ ତ୍ରିପାଠୀ ଏବଂ ବିକାଶ ବାହିନୀପତି ଉପସ୍ଥିତ ରହି ଭୁବନେଶ୍ୱର ସେଣ୍ଟର ସମ୍ପର୍କରେ ବିସ୍ତୃତ ଆଲୋଚନା ସହିତ ସେଣ୍ଟରର ଆଭିମୁଖ୍ୟ ବିଷୟରେ ମଧ୍ୟ ମତପ୍ରକାଶ କରିଥିଲେ। ସେହିଭଳି ଏଡ୍-ଟେକ୍ କ୍ଷେତ୍ରରେ ଏକ ଉଦାହରଣ ସୃଷ୍ଟିକାରୀ ବେଦାନ୍ତୁ ଅଫ୍‌ଲାଇନ କୋଚିଂରେ ମଧ୍ୟ ବିପ୍ଳବ ଆଣିବାକୁ ଯାଉଛି ବୋଲି ଭୁବନେଶ୍ୱର ସେଣ୍ଟର ପକ୍ଷରୁ ବିସ୍ତୃତ ଭାବେ ଉଲ୍ଲେଖ କରାଯାଇଛି। ଭୁବନେଶ୍ୱରରେ ଲର୍ନିଂ ସେଣ୍ଟର ଚଳିତ ବର୍ଷ ମାର୍ଚ୍ଚ ୧୭ରୁ କାର୍ଯ୍ୟାରମ୍ଭ କରୁଛି ଏବଂ ଏହା ଅଫ୍‌ଲାଇନ ଚ୍ୟାନେଲରେ ଜେଇଇ/ଏନ୍‌ଇଇଟି ଭଳି ପରୀକ୍ଷାଗୁଡ଼ିକ ନିମନ୍ତେ ଗୁଣାତ୍ମକ ଶିକ୍ଷାର ସୁଯୋଗ ପରିବ୍ୟାପ୍ତ କରିବା ଦିଗରେ ଏହା ବେଦାନ୍ତୁର ରଣକୌଶଳାତ୍ମକ ପଦକ୍ଷେପ ହୋଇଛି।


**BIRTHDAY WISH**



**Manisha Sukalyani**
Khandagiribari, BBSR
Sending you smiles for every moment of your special day.... Have a wonderful time and a very happy birthday.
ଧ-୨୭୪୪

CLASSIFIED DISPLAY
TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6x4 | 12x4 | 6x4 | 12x4 | 6x4 | 12x4 | 6x4 | 12x4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

OAS HUB
Make your dreams into reality
OAS / IAS
JOIN NEW PRELIMS TO PERSONALITY TEST (P2P) BATCH.
For Odisha Administrative Services.
ADMISSION OPEN NOW
Somi Palace, Plot No. M5/17, Ground Floor, Acharya Vihar, Bhubaneswar
Contact Us:
8926232634
9827166018

**ପାଠକଙ୍କ ପାଇଁ ସୂଚନା:** କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।


# କାରବାର ବୃଦ୍ଧିରେ ଆଇସି ନେଟ୍‌ୱର୍କର ଭୂମିକା ଗୁରୁତ୍ୱପୂର୍ଣ୍ଣ

**ଭୁବନେଶ୍ୱର, ୧୪।୩**

ଘରୋଇ ବଜାରରେ ବୀମା କାରବାର କ୍ରମାଗତ ଭାବେ ବୃଦ୍ଧି ପାଉଛି। ଏପରିକି ଗତ କିଛି ବର୍ଷ ହେଲା ବୀମା ପ୍ରତି ସବୁ ବର୍ଗର ଲୋକ (ଗ୍ରାହକ) ଆଗ୍ରହ ପ୍ରକାଶ କରୁଛନ୍ତି। ଏହି ପରିପ୍ରେକ୍ଷୀରେ ବଜାଜ ଆଲିଆଞ୍ଜ ଲାଇଫ୍ ଇନ୍‌ସ୍ୟୁରାନ୍ସ ଭାରତ ଏବଂ ଓଡ଼ିଶାରେ ଜୀବନ ବୀମାକୁ ଏକ ବହୁମୁଖୀ ନିବେଶର ବିକଳ୍ପ ଭାବେ ସଚେତନ ଏବଂ ସରଳ କରିବା ପାଇଁ ବୀମା ପରାମର୍ଶଦାତା (ଆଇସି)ର ନେଟ୍‌ୱର୍କକୁ ଉପଯୋଗ କରୁଛି। ସେହିଭଳି ସମଗ୍ର ଓଡ଼ିଶାରେ କମ୍ପାନୀର ୮,୫୦୦ରୁ ଅଧିକ ଏଜେଣ୍ଟ ଏବଂ ୩୮ଟି କାର୍ଯ୍ୟାଳୟ ସହ ଦୃଢ଼ ଉପସ୍ଥିତି ରଖିଥିବା ବେଳେ କମ୍ପାନୀ ସମ୍ପୃକ୍ତ ଅଞ୍ଚଳରେ ବୀମାଉପଲବ୍ଧତାବୃଦ୍ଧିପାଇଁସମର୍ପିତରହିଛି।









# ଶେୟାର ବଜାର କାରବାରରେ ଉତ୍ସାହ

**ଭୁବନେଶ୍ୱର, ୧୪।୩**

ଦିନକ ପରେ ପୁଣି ଥରେ ଘରୋଇ ଶେୟାର ବଜାର କାରବାରରେ ପରିବର୍ତ୍ତନ ଘଟିଛି। ଏପରିକି ଚଳିତ ସପ୍ତାହର ୪ର୍ଥ କାର୍ଯ୍ୟ ଦିବସର ଫଳାଫଳ ଅନୁଯାୟୀ ଶେୟାର ବଜାରର ନିବେଶକମାନେ ଲକ୍ଷାଧିକ ଟଙ୍କାର ନିବେଶ ବୃଦ୍ଧି କରିଛନ୍ତି। ବିଶେଷ କରି ଗୁରୁବାର ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ (ବିଏସ୍‌ଇ)ର ସେନ୍‌ସେକ୍ସ ୩୩୫ (୩୩୫.୩୯) ପଏଣ୍ଟ ବଢ଼ି ୭୩,୦୯୭(୭୩,୦୯୭.୨୮) ଅଙ୍କରେ କାରବାର ବନ୍ଦ କରିଥିଲା। ସେହିଭଳି ନ୍ୟାଶନାଲ ଷ୍ଟକ୍ ଏକ୍ସଚେଞ୍ଜ (ଏନ୍‌ଏସ୍‌ଇ) ର ନିଫ୍ଟି-୫୦ରେ ମଧ୍ୟ ୧୪୯ (୧୪୮.୯୫) ପଏଣ୍ଟ ବୃଦ୍ଧି ଘଟି ୨୨,୧୪୭ (୨୨,୧୪୬.୬୫) ଅଙ୍କରେ କାରବାର ବନ୍ଦ ହୋଇଥିଲା। ଅପରପକ୍ଷରେ ବିଏସ୍‌ଇ ସେନ୍‌ସେକ୍ସର ମିଡକ୍ୟାପ୍ ଓ ସ୍ମଲକ୍ୟାପ୍ ଶେୟାରଗୁଡ଼ିକର ଇଣ୍ଡେକ୍ସ ସହିତ ଏନ୍‌ଏସ୍‌ଇ ନିଫ୍ଟି ମିଡକ୍ୟାପ, ସ୍ମଲକ୍ୟାପ ଏବଂ ବ୍ୟାଙ୍କ ଶେୟାରଗୁଡ଼ିକର କାରବାରରେ ମଧ୍ୟ ପରିବର୍ତ୍ତନ ଘଟିଛି। ଏପରିକି ଶେୟାର ବଜାରର ସେକ୍ଟୋରାଲ ଇଣ୍ଡେକ୍ସ କାରବାରରେ ମଧ୍ୟ ବୃଦ୍ଧି ହୋଇଛି।

# ଭୁବନେଶ୍ୱରରୁ ଭାରତ ସାସ୍ ଯାତ୍ରାର ଶୁଭାରମ୍ଭ



**ଭୁବନେଶ୍ୱର, ୧୪।୩**

ଭାରତର ଗତିଶୀଳ ସଫ୍ଟୱେରକୁ ଏକ ସେବା(ସାସ୍) କ୍ଷେତ୍ର ଭାବେ ପାଳନ ତଥା ପୋଷଣ ପାଇଁ ଉତ୍ସର୍ଗୀକୃତ ଭାରତ ସାସ୍ ଯାତ୍ରା ଭୁବନେଶ୍ୱରରୁ ଆନୁଷ୍ଠାନିକ ଭାବେ ଯାତ୍ରା ଆରମ୍ଭ କରିଛି। ସାରା ଦେଶରେ ସାସ୍ ଉଦ୍ୟୋଗୀଙ୍କ ପରବର୍ତ୍ତୀ ପର୍ଯ୍ୟାୟକୁ ପ୍ରେରଣା ଏବଂ ସଶକ୍ତ କରିବା ପାଇଁ ଏକ ସଂକଳ୍ପବଦ୍ଧ ମିଶନ ସହିତ ଏହି ପରିବର୍ତ୍ତନଶୀଳ ପ୍ରୟାସ ୨୦ଟି ସହର ଦେଇ ଗତି କରିବ ଏବଂ ଭାରତର ସାସ୍ ଇକୋସିଷ୍ଟମର ଅସାଧାରଣ ଯାତ୍ରା ଏବଂ ସଫଳତା ପ୍ରଦର୍ଶନ କରିବାକୁ ଇମେନସିଭ୍ ସାସ୍ ପ୍ରଦର୍ଶନୀ ଆୟୋଜନ କରିବ। ବିଶେଷକରି ୧୦୦ରୁ ଅଧିକ ବିଶିଷ୍ଟ ବ୍ୟକ୍ତି ଏବଂ ଶିଳ୍ପ ଷ୍ଟେକ୍‌ହୋଲ୍‌ଡରଙ୍କୁ ଏକାଠିକରି ଓଡ଼ିଶା ଅଧ୍ୟାୟ ପାଇଁ ଷ୍ଟାର୍ଟଅପ୍ ଓଡ଼ିଶା ସହିତ ମିଳିତ ଭାବେ ଏହି ଉଦ୍‌ଘାଟନୀ ଉତ୍ସବ ଆୟୋଜିତ ହୋଇଥିଲା। ଭୁବନେଶ୍ୱରର ସୃଷ୍ଟି ଏକାଡେମୀ ଅଫ୍ ମ୍ୟାନେଜମେଣ୍ଟଠାରେ ଆୟୋଜିତ ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଷ୍ଟାର୍ଟଅପ୍ ଓଡ଼ିଶାର କାର୍ଯ୍ୟନିର୍ବାହୀ ଅଧ୍ୟକ୍ଷ ଡ. ଓମ୍‌କାର ରାୟ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଏହାର ଶୁଭାରମ୍ଭ କରିଥିଲେ। ୧୮୦୦ରୁ ଅଧିକ ଉଦୀୟମାନ ଷ୍ଟାର୍ଟଅପ୍ ସହିତ ଓଡ଼ିଶାର ସମୃଦ୍ଧ ଉଦ୍ୟୋଗୀ ଦୃଶ୍ୟପଟର ପୃଷ୍ଠଭୂମିରେ ଭାରତ ସାସ୍ ଯାତ୍ରା ଆରମ୍ଭ ହେବା ରାଜ୍ୟର ଷ୍ଟାର୍ଟଅପ୍ ଇକୋସିଷ୍ଟମରେ ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଣ୍ଟକୁ ସୂଚିତ କରୁଛି।


# Classified Everyday
0674-2580101, 2549949


REAL ESTATE

**SALE**

**Ready to move 2BHK and 3BHK flat for sale near TATA Ariana at Kalinga Vihar. Contact- 9437309741.** D-2609

ଘରବାଡ଼ି ପ୍ଲଟ୍ ହଂସପାଳ ପାଖରେ **Extension BDA Zone**ରେ ପାଚେରି, ରୋଡ୍, ଇଲେକ୍ଟ୍ରିସିଟି ସହିତ **17,40,000/-**ରେ ବିକ୍ରି କରାଯିବ। **6370469894.** D-75929

**Bank approved gharabari plot boundary wall ସହିତ ବିକ୍ରି ହେଉଛି near Oxford Engg. College just 7.5 K.M. from Hanspal Square. 9437005434.** D-75926

Used Office Furniture, Chair, Table, Sofa, AC, Aquaguard, Partition, Ceilling sale. 7008967858. D-71070

30 Acres fully developed all amenities near Trinath Bazar, Fulnakhara @ 1050/-. 8144391451. D-75925

Ready to possess 2/3 BHK flats near Badagada Canal Road, Mouza: Meherpalli for sale. Bank finance available. Cotact: 9861467987 / 9861336178. D-2653

ଭୁବନେଶ୍ୱର Hot Location ତ୍ରିଶୂଳିଆ ଛକ ନିକଟବର୍ତ୍ତୀ CISF, Sai International School ଓ Central Schoolଠାରୁ 700 mtrs. ମଧ୍ୟରେ 30ft. Road, Electricity, Boundary ଥାଇ 'Srikrishna Vihar'ରେ ପ୍ଲଟ୍ ବିକ୍ରିହେବ। 6371902075, 9776602067. D-75921

ଭୁବନେଶ୍ୱର ପଟିଆ ତ୍ରିଶୁଳିଆ ଛକ ପାଖରେ **100ft. roadside yellowzone 30ft.** ରାସ୍ତା ଥାଇ ସଙ୍ଗେସଙ୍ଗେ ଘର କଲାଭଳି ପୋଜେସନ୍ ପ୍ଲଟ୍ ମିଳୁଛି। **7978701424, 9937025614.** D-75299

**2/3BHK premium flat for sale at Jayadev Vihar Chhak. Contact- 9437307086, 7008789347, 7978209277.** D-2706

**Semifurnished 3BHK flat for sale at Jharpada 80' road side. Contact- 9437307086, 7008789347, 7978209277.** D-2705

Duplex project at Retanga Medical, Station near CV Raman University, Tamando, Bhubaneswar. 7008459987. D-75928




**Two BHK flat for rent in Apartment Avantika near Gokul Kunj on GGP- Pandra Road, Bhubaneswar. Contact- 8984692488.** D-75805

Tolet 1st and 2nd floor flat at Parvati Villa, Ravi Talkies Square, BBSR. Contact- 8340319270. D-76001




Asribada Panchakarma herbal SPA, Kesharimall, Bhubaneswar. Contact: 8926173473. D-75713

Relax, refresh your body, mind by expert therapist. Contact- 9938843929. D-76106

**ପାଠକଙ୍କ ପାଇଁ ସୂଚନା** କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

Newly open health benefits SPA special Offer @999 Bapuji Nagar. 8018429809. D-76107

**Bodymassage by experience good looking therapist @ 999/- (Bhubaneswar). 9078484455.** D-2688

**AFFIDAVIT**



ଆମ୍ଭେ ଗୋଦାବରୀ ସାହୁ ଓରଫ ସୀତାରାଣୀ ସାହୁ, ସ୍ୱାମୀ- ରାମଚନ୍ଦ୍ର ସାହୁ, ଗ୍ରାମ- ଧୂମପୁର, ପୋ.ଅ- ଚନ୍ଦ୍ରପଡ଼ା, ଭାୟା/ଥାନା- ସିମୁଳିଆ, ଜିଲ୍ଲା- ବାଲେଶ୍ୱର ଅଟେ। ଗତ ତା ୧୨।୦୨।୨୪ରିଖରେ ତହସିଲଦାର ସିମୁଳିଆଙ୍କ ଇଜିଲାସରେ କରିଥିବା ସତ୍ୟପାଠ ନଂ.-୪୭୮ ମୂଳେ ଘୋଷଣା କରୁଅଛୁକି ଉପରୋକ୍ତ ଦୁଇଟି ନାମ ମୋର ଅଟେ। ଆମ୍ଭ ବ୍ୟତୀତ ଆମ୍ଭ ଗ୍ରାମରେ ଉକ୍ତ ନାମରେ ଅନ୍ୟ କୌଣସି ମହିଳା ନାହାନ୍ତି। ଆମ୍ଭର ପ୍ରକୃତ ନାମ ଗୋଦାବରୀ ସାହୁ ସମସ୍ତ ପ୍ରକାର ସରକାରୀ କାଗଜପତ୍ରରେ ଉଲ୍ଲେଖ ଥିବା ବେଳେ ଆମ୍ଭେ ଗତ ତା ୦୫।୧୦।୨୦୧୧ରିଖରେ ଆମ୍ଭର ଡାକ ନାମ ସୀତାରାଣୀ ସାହୁ ନାମରେ ସିମୁଳିଆ ପୋଷ୍ଟ ଅଫିସରୁ କେତେକ କେ.ଭି.ପି. କ୍ରୟ କରିଥିଲୁ। ଉକ୍ତ ଦୁଇ ନାମଧାରୀ ମହିଳା ଆମ୍ଭେ ଜଣେ ହୋଇଥିବାରୁ ଉକ୍ତ କେ.ଭି.ପି. ଟଙ୍କା ଉଠାଇବା ପାଇଁ ଏହା ପ୍ରକାଶ କରୁଅଛୁ। ଧ-୨୭୬୬

I, Neha Rahim Kumar Sahoo, W/o- Tanmaya Mohapatra, resident of Plot No.40, Lane No.-3, Dibya Vihar, Samantarapur, P.O.- Old Town, P.S.- Shree Lingaraj, Bhubaneswar, 751002, Dist.- Khordha, Odisha, declare by this affidavit No.-50, dated 08.02.2024 that now onwards I shall be known as Neha Mohapatra for all future purposes. D-2766

I, DIWAN ASLAM KHAN, S/o- Late Shamsuddin Khan, resident of Plot No.- 414/4104, Bajrang Vihar, Patia, P.S.- Infocity, Dist.- Khordha, PIN- 751024, Odisha declare by this affidavit No.-CC-84 dt. 14.03.2024 that now onwards I shall be known ASLAM KHAN for all future purposes. D-2763

**LOST**

Sale Deed Lost: ଢେଙ୍କାନାଳ ଟାଉନ୍ ବଡ଼ଷାଠିଏ ବାଟିଆ ମୌଜାର Kabala Regd. No.-10501205303, dt. 13.08.2012 କୌଣସି ଜାଗାରେ ହଜିଯାଇଛି। କୌଣସି ସହୃଦୟ ବ୍ୟକ୍ତି ଏହାର ସନ୍ଧାନ ପାଆନ୍ତି, ତେବେ ନିମ୍ନ ଠିକଣାରେ ଯୋଗାଯୋଗ କରିବାକୁ ଅନୁରୋଧ। Contact- Sushree Punam Bhanja, Mob- 9556644554, 8260522056. D-75427


# କାର୍ଯ୍ୟକ୍ଷେତ୍ରରେ ସମାନ ପରିବେଶ ବିକାଶକୁ ଗୁରୁତ୍ୱ



**ଭୁବନେଶ୍ୱର, ୧୪।୩**

ପ୍ରତି ବର୍ଷ ଭଳି ଚଳିତ ବର୍ଷ ମଧ୍ୟ ବେଦାନ୍ତ ଆଲୁମିନିୟମ ପକ୍ଷରୁ ଅନ୍ତର୍ଜାତୀୟ ମହିଳା ଦିବସ ନିକଟରେ ପାଳିତ ହୋଇଯାଇଛି। ଏପରିକି ଚଳିତ ବର୍ଷ ଅନ୍‌ଲାଇନ ଏବଂ ଅନ୍-ଗ୍ରାଉଣ୍ଡ୍ ପଦକ୍ଷେପଗୁଡ଼ିକର ମିଶ୍ରଣ ମାଧ୍ୟମରେ କମ୍ପାନୀ ଅନ୍ତର୍ଜାତୀୟ ମହିଳା ଦିବସ ପାଳନ କରିଛି। ଏହା ମହିଳାମାନଙ୍କ ପାଇଁ ଅଗ୍ରଗତିର ସୁଯୋଗ ବିସ୍ତାରକରି ଏକ ଉତ୍ତମ ଭବିଷ୍ୟତ ଗଠନ ପାଇଁ ପ୍ରତିବଦ୍ଧତାକୁ ପ୍ରମାଣିତ କରିଛି। ବିଶେଷକରି ଶିଳ୍ପରେ ସର୍ବୋଚ୍ଚ ପୁରୁଷ-ମହିଳା କର୍ମଚାରୀଙ୍କ ଅନୁପାତରେ ବେଦାନ୍ତ ଆଲୁମିନିୟମ ତା'ର ସମସ୍ତ କର୍ମଚାରୀଙ୍କ ମଧ୍ୟରୁ ଏକ ତୃତୀୟାଂଶକୁ ନିଶ୍ଚିତ କରିବାକୁ ପ୍ରୟାସକୁ ତ୍ୱରାନ୍ୱିତ କରୁଛି। ସେହିଭଳି ଏକ ସମାନ ସୁଯୋଗ ନିଯୁକ୍ତିଦାତା ଭାବରେ ବେଦାନ୍ତ ଆଲୁମିନିୟମ ଉଭୟ କର୍ମକ୍ଷେତ୍ରରେ ତଥା ବାହାରେ ମହିଳାଙ୍କ ଶକ୍ତି ବୃଦ୍ଧି ପାଇଁ ଚେଷ୍ଟା କରିଥାଏ।

ଏ ସମ୍ପର୍କରେ ବେଦାନ୍ତ ଆଲୁମିନିୟମର ସିଇଓ ଜନ୍ ସ୍ଲାଭେନ୍ କହିଛନ୍ତି, ମହିଳାମାନଙ୍କର ଅଂଶଗ୍ରହଣରୁ ଉତ୍ପନ୍ନ କୌଶଳ ଏବଂ ଦୃଷ୍ଟିକୋଣର ବିବିଧତା ସଂଗଠନ କରିଥାଏ; ଯାହାକି ଦୀର୍ଘମିଆଦୀରେ ସ୍ଥିର ରହିଥାଏ। ଏପରିକି କମ୍ପାନୀ ଏକ ସମାନ ପରିବେଶ ବିକାଶ ପାଇଁ ପ୍ରତିବଦ୍ଧ ଥିଲାବେଳେ ଭାରତର ସର୍ବବୃହତ୍ ଆଲୁମିନିୟମ ଉତ୍ପାଦକ ଭାବେ କମ୍ପାନୀ ଏକ ସଂସ୍କୃତି ଗଠନ କରୁଛୁ, ଯାହାକି ଆମର ନୂତନ ଉଦ୍ଭାବନ ଏବଂ ବ୍ୟବସାୟିକ ଉତ୍କର୍ଷର ନିରନ୍ତର ଅନୁସରଣରେ ଡ୍ରାଇଭ୍ ଏବଂ ପରିଶ୍ରମକୁ ପୁରସ୍କୃତ କରିଥାଏ। ସେହିଭଳି ଓଡ଼ିଶାର ଝାରସୁଗୁଡ଼ାଠାରେ କମ୍ପାନୀର ମେଗା ଆଲୁମିନିୟମ ସ୍ମେଲଟରରେ ଭାରତର ବୃହତମ ମହିଳା ସମବାୟ ସମିତି ଶୁଭଲକ୍ଷ୍ମୀ ସମବାୟ ସମିତି କାର୍ଯ୍ୟ କରୁଛି, ଏପରିକି ଏହାର ସଦସ୍ୟମାନେ ଜିଲା ସାଂସ୍କୃତିକ କାର୍ଯ୍ୟାଳୟରେ ଆୟୋଜିତ ମହିଳା ଦିବସ ପାଳନ ଅବସରରେ ସମ୍ମାନିତ ହୋଇଥିଲେ। ବେଦାନ୍ତ ଆଲୁମିନିୟମର ଖଣି ବିଭାଗ ମହିଳା ଦିବସ ପାଳନ କରି ଜାମକାନି, ଗିରିସମା ଏବଂ କୁଡାଲୋଇ ଅଞ୍ଚଳରେ ୭୪୦ରୁ ଅଧିକ ସମ୍ପ୍ରଦାୟର ସଦସ୍ୟଙ୍କ ସହ କାର୍ଯ୍ୟ କରିଥିଲେ। ସେହିପରି ବେଦାନ୍ତ ଆଲୁମିନିୟମ୍‌ର ଲାଞ୍ଜିଗଡ ୟୁନିଟ୍‌ର ୬ ଗ୍ରାମପଞ୍ଚାୟତରେ ୨୦୦୦ରୁ ଅଧିକ ମହିଳା ଯୋଗଦେଇଥିଲାବେଳେ ଭାଇଜାଗ ଜେନେରାଲ କାର୍ଗୋ ବର୍ଥ ବନ୍ଦର କାର୍ଯ୍ୟରେ ପ୍ରୋଜେକ୍ଟ ଜିଭିକାର ୭୦ରୁ ଅଧିକ ହିତାଧିକାରୀଙ୍କ ପାଇଁ ଏକ ମିଳିତ ଆୟୋଜନ କରାଯାଇଥିଲା। ଅପରପକ୍ଷରେ ବାଲ୍‌କୋଠାରେ ଭାରତର ଆଇକନିକ୍ ଆଲୁମିନିୟମ୍ ସ୍ମେଲଟର ଏବଂ ବେଦାନ୍ତ ଆଲୁମିନିୟମ୍‌ର ଏକ ୟୁନିଟ୍, ଗର୍ଭାଶୟ କର୍କଟ ବିଷୟରେ ଏକ ସଚେତନତା ଅଧିବେଶନ, ମହିଳାଙ୍କ ସ୍ୱାସ୍ଥ୍ୟ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଅନୁଷ୍ଠିତ ହୋଇଥିଲା।

# ଲୋଗୋ ନ ଲାଗିବାରୁ ଅନୁଦାନ ବନ୍ଦ

## ପ୍ରଧାନମନ୍ତ୍ରୀ ଆବାସ ଯୋଜନା(ସହର)


GOVERNMENT OF ODISHA
FINANCE DEPARTMENT
***

No. 6473 /F., FIN-BUD3-PD-0001-2023 Date: 12/03/2024

From
Vishal Kumar Dev, IAS
Principal Secretary to Government.

To
The Additional Chief Secretary,
H&UD Department.

Sub: Violation of mandatory condition regarding branding guidelines of Centrally Sponsored Schemes

Ref: GoI O.M F No. 44(1)/PF-S/2023-24 (CAPEX)-Odisha

Sir,

In inviting a kind reference to the subject cited above, I am directed to say that the DoE, MoF, Government of India have raised certain observation in their O.M. dated 12.03.2024 related to violation of mandatory condition regarding branding guidelines of Centrally Sponsored Schemes. Ministry of Housing & Urban Affairs (MoHUA), GoI has reported instances of violation of branding guidelines/ instructions in respect of the Scheme "Pradhan Mantri Awas Yojana (Urban)".

I would, therefore, request you to provide status of compliance directly to the Ministry of Housing & Urban Affairs at the earliest for consideration of release of 2nd installment under Part-I (Untied) of the Scheme for Special Assistance to States for Capital Investment 2023-24.

This may be treated as MOST URGENT.

Encl: Copy enclosed

Yours faithfully,
Principal Secretary to Government

**ଯାଜପୁର,୧୪।୩(ହର୍ଷବର୍ଦ୍ଧନ ବେହେରା)**

ଓଡ଼ିଶାର ସହରାଞ୍ଚଳରେ ବସବାସ କରୁଥିବା ଜନସାଧାରଣଙ୍କ ମଧ୍ୟରୁ ଅଦ୍ୟାବଧି ୧ ଲକ୍ଷରୁ ଊର୍ଦ୍ଧ୍ୱ ଜଣଙ୍କ ମୁଣ୍ଡ ଉପରେ ପକ୍କା ଛାତ ନାହିଁ। ତେଣୁ ସେମାନଙ୍କୁ ରାଜ୍ୟ ଓ କେନ୍ଦ୍ର ସରକାର ବିଭିନ୍ନ ଯୋଜନାରେ ବାସଗୃହ ଯୋଗାଇ ଦେବା ଲକ୍ଷ୍ୟରେ ଆବାସ ଯୋଜନା ପ୍ରଣୟନ କରିଛନ୍ତି। ସେଥିମଧ୍ୟରୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନା(ସହର) ଅନ୍ୟତମ। ହେଲେ ଏହି ଯୋଜନାରେ ନିର୍ମାଣ ହୋଇଥିବା କେତେକ ଘରେ ଗାଇଡ୍ ଲାଇନର ଉଲ୍ଲଂଘନ କରାଯାଇଛି । ଉପଯୁକ୍ତ ଯୋଜନାର ଲୋଗୋ ନ ଲାଗିବା, ହିତାଧିକାରୀଙ୍କ ସବିଶେଷ ତଥ୍ୟ କିମ୍ବା ବ୍ରାଣ୍ଡିଂ(ଛାପ ନାମ) ହୋଇ ନ ଥିବାରୁ କେନ୍ଦ୍ର ସରକାରଙ୍କ ପକ୍ଷରୁ ଦ୍ୱିତୀୟ ପର୍ଯ୍ୟାୟ କିସ୍ତି ପ୍ରଦାନ ବନ୍ଦ କରାଯାଇଛି। ଫଳରେ ଭବିଷ୍ୟତରେ ଏହି କେନ୍ଦ୍ରୀୟ ଅନୁଦାନ ମିଳିବା ନେଇ ଆଶଙ୍କା ପ୍ରକାଶ ପାଇଛି।

କେନ୍ଦ୍ର ସରକାରଙ୍କ ଅର୍ଥ ମନ୍ତ୍ରଣାଳୟର ସହକାରୀ ନିର୍ଦ୍ଦେଶିକା ଅଞ୍ଜଳି ମୌର୍ଯ୍ୟ ୧୨।୩।୨୦୨୪ରେ ଏକ କାର୍ଯ୍ୟାଳୟ ସ୍ମାରକ(ଅଫିସ ମେମୋରାଣ୍ଡମ) ଜାରି କରିଛନ୍ତି। ଏନେଇ ରାଜ୍ୟ ସରକାରଙ୍କ ଅର୍ଥ ବିଭାଗର ପ୍ରିନ୍ସିପାଲ ସେକ୍ରେଟାରିଙ୍କୁ ସୂଚିତ କରାଯାଇଛି। ଉକ୍ତ ସ୍ମାରକ ଆଧାରରେ ରାଜ୍ୟ ସରକାରଙ୍କ ଅର୍ଥ ବିଭାଗର ପ୍ରିନ୍ସିପାଲ ସେକ୍ରେଟାରି ବିଶାଳ କୁମାର ଦେବ ତୁରନ୍ତ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାକୁ ଗୃହ ଓ ନଗର ଉନ୍ନୟନ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏହିକ୍ରମରେ ରାଜ୍ୟ ସରକାରଙ୍କ ଗୃହ ଓ ନଗର ଉନ୍ନୟନ ବିଭାଗ ପକ୍ଷରୁ ଯୁଗ୍ମ ସଚିବ ମାୟାଧର ପଙ୍ଗାୟତ ତାଙ୍କ ପତ୍ରସଂଖ୍ୟା ୪୩୧/୧୪।୩।୨୦୨୪ରେ ରାଜ୍ୟର ସମସ୍ତ ସହରାଞ୍ଚଳର ମ୍ୟୁନିସିପାଲ କମିଶନର ଏବଂ ନିର୍ବାହୀ ଅଧିକାରୀମାନଙ୍କୁ ଉପରୋକ୍ତ ଯୋଜନାରେ ନିର୍ମାଣ ହୋଇଥିବା ଘରଗୁଡିକରେ ଗାଇଡ୍ ଲାଇନ ଅନୁସାରେ ଲୋଗୋ ଓ ଅନ୍ୟାନ୍ୟ କାର୍ଯ୍ୟ କରିବାକୁ ନିର୍ଦ୍ଦେଶ ଜାରି କରିଛନ୍ତି। ଏହାସହ ହିତାଧିକାରୀମାନଙ୍କୁ ଏଥିପାଇଁ ସଚେତନ କରିବାକୁ ମଧ୍ୟ ନିର୍ଦ୍ଦେଶନାମାରେ ଉଲ୍ଲେଖ କରିଛନ୍ତି।

ସହରର ସୌନ୍ଦର୍ଯ୍ୟ ବୃଦ୍ଧି ସହ ଝୁମ୍ପୁଡିବାସୀଙ୍କ ମଧ୍ୟରେ ସହରୀ ଛାପ ପକାଇବା ଉଦ୍ଦେଶ୍ୟରେ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ୨୦୦୯ରୁ ବିଭିନ୍ନ ଗୃହ ନିର୍ମାଣ ଯୋଜନା ପ୍ରଣୟନ କରିଛନ୍ତି। ୨୦୨୩ ମାର୍ଚ୍ଚ ସୁଦ୍ଧା ମିଳିଥିବା ତଥ୍ୟ ଅନୁଯାୟୀ, ୨୦୦୯-୨୦୧୫ ମଧ୍ୟରେ ବେସିକ ସର୍ଭିସ ଟୁ ଅର୍ବାନ ପୋଅର(ସହରାଞ୍ଚଳରେ ବାସ କରୁଥିବା ଗରିବଙ୍କୁ ମୌଳିକ ସୁବିଧା ଯୋଗାଇବା) ଯୋଜନାରେ ୧,୭୭୮ଟି ଗୃହ ଯୋଗାଇ ଦିଆଯାଇଛି। ଏଥିରେ ଭୁବନେଶ୍ୱର ଓ ପୁରୀ ସହରାଞ୍ଚଳକୁ ସାମିଲ କରାଯାଇ ୪୬.୭୧ କୋଟି ଟଙ୍କା ଖର୍ଚ୍ଚ ହୋଇଛି। ସେହିପରି ୨୦୦୯ରୁ ୨୦୧୫ ମଧ୍ୟରେ ଇଣ୍ଟିଗ୍ରେଟେଡ ହାଉସିଂ ଆଣ୍ଡ ସ୍ଲମ ଡେଭଲପମେଣ୍ଟ ପ୍ରୋଗ୍ରାମରେ ୧୧,୨୯୬ ଘର ଯୋଗାଇ ଦିଆଯାଇଥିବାବେଳେ ଏଥିରେ ୧୭୧.୭୨ କୋଟି ଖର୍ଚ୍ଚ ହୋଇଛି। ୨୦୧୩-୨୦୨୨ ମଧ୍ୟରେ ରାଜୀବ ଆବାସ ଯୋଜନାରେ ୪,୭୭୩ ବାସଗୃହ ଯୋଗାଇ ଦିଆଯାଇଥିବାବେଳେ ୩୫୯ କୋଟି ଖର୍ଚ୍ଚ ହୋଇଛି। ଏଥିରେ ଭୁବନେଶ୍ୱର, କଟକ, ବ୍ରହ୍ମପୁର ଓ ଯାଜପୁର ଜିଲାକୁ ସାମିଲ କରାଯାଇଛି। ୨୦୧୫ରୁ ୨୦୨୨ମଧ୍ୟରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ରାଜ୍ୟର ସମସ୍ତ ୧୧୪ଟି ସହରାଞ୍ଚଳରେ ୬୧,୦୯୧ ବାସଗୃହ ଯୋଗାଇ ଦିଆଯାଇଛି। ଏଥିପାଇଁ ୧,୪୫୯ କୋଟି ଖର୍ଚ୍ଚ ହୋଇଥିବା ଉକ୍ତ ତଥ୍ୟରୁ ଜଣାପଡ଼ିଛି। ଅବଶିଷ୍ଟ ଲୋକମାନଙ୍କୁ ଘର ଯୋଗାଇ ଦେବାକୁ ସହରାଞ୍ଚଳୱାରୀ(ପୌରାଞ୍ଚଳ) ତଥ୍ୟ ସଂଗ୍ରହ କରାଯାଇଛି। ଏଥିପାଇଁ ଗତ ବଜେଟରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ୩୧୭.୭୬ କୋଟି ଟଙ୍କା ବ୍ୟୟବରାଦ କରାଯାଇଛି। ତେବେ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ନିର୍ମିତ ଘରଗୁଡ଼ିକରେ ଗାଇଡ୍‌ଲାଇନର ସମ୍ପୂର୍ଣ୍ଣ ଉଲ୍ଲଂଘନ କରାଯାଇଥିବା କେନ୍ଦ୍ର ସରକାରଙ୍କ ଅର୍ଥ ମନ୍ତ୍ରଣାଳୟ ପକ୍ଷରୁ ଅଭିଯୋଗ କରାଯାଇଛି। ଏଥିପାଇଁ ଅଫିସ ମେମୋରାଣ୍ଡମ ଜାରି କରାଯାଇଛି। ଉକ୍ତ ମେମୋରାଣ୍ଡମରେ ୨୦୨୩-୨୪ ବର୍ଷରେ ରାଜ୍ୟଗୁଡ଼ିକୁ ସ୍ୱତନ୍ତ୍ର ସହାୟତା ପ୍ରଦାନ କରାଯାଇଥିବା ପ୍ରଧାନମନ୍ତ୍ରୀ ଆବାସ ଯୋଜନାର ଗାଇଡ୍‌ଲାଇନକୁ ଉଲ୍ଲଂଘନ କରି ଲୋଗୋ ଦେବାରେ ଅବହେଳା ହୋଇଛି। ଏଥିପାଇଁ ଦ୍ୱିତୀୟ କିସ୍ତି ଅନୁଦାନ ବନ୍ଦ କରାଯାଇଛି। ତେଣୁ ଗାଇଡ୍‌ଲାଇନ ଅନୁସାରେ ଆବଶ୍ୟକ ପଦକ୍ଷେପ ଗ୍ରହଣ କରି ସଦ୍ୟତମ ଷ୍ଟାଟସ୍ ରିପୋର୍ଟ ପ୍ରଦାନ କରାଗଲେ ଦ୍ୱିତୀୟ କିସ୍ତି ପ୍ରଦାନ କରିବାକୁ ବିଚାର କରାଯିବ ବୋଲି ମେମୋରାଣ୍ଡମରେ ଦର୍ଶାଯାଇଛି।




# ଦୋଷୀଙ୍କୁ ୨୦ ବର୍ଷ ଜେଲ

## ନାବାଳିକାଙ୍କୁ ବଳାତ୍କାର ମାମଲା

**ବାରିପଦା,୧୪।୩ (ନୀଳାଦ୍ରି ବିହାରୀ ଦଣ୍ଡପାଟ)**

ମୟୂରଭଞ୍ଜ ଅତିରିକ୍ତ ଜିଲା ଓ ଦୌରା ଜଜ ତଥା ସ୍ୱତନ୍ତ୍ର ଫାଷ୍ଟଟ୍ରାକ୍ ପୋକ୍‌ସୋ କୋର୍ଟରେ ଗୁରୁବାର ଏକ ନାବାଳିକା ବଳାତ୍କାର ମାମଲାର ରାୟ ପ୍ରକାଶ ପାଇଛି। ଜଜ୍ ସନ୍ତୋଷ କୁମାର ନାୟକ ଏହାର ବିଚାର କରି ଦୋଷୀଙ୍କୁ ୨୦ ବର୍ଷ ସଶ୍ରମ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ଏଥିସହିତ ୨୦ହଜାର ଟଙ୍କା ଜରିମାନା ଓ ଅନାଦାୟ ଅଧିକ ୬ ମାସ ଜେଲଦଣ୍ଡ ଭୋଗିବାକୁ ରାୟରେ ଉଲ୍ଲେଖ କରିଛନ୍ତି। ଅଭିଯୁକ୍ତ ଜଣକ ହେଲେ ବୈଶିଙ୍ଗା ଥାନା ଅଧୀନ ଡେଁଫୌଦା ଗ୍ରାମର ଧୂମକେତୁ ସିଂ(୩୦)।

ମାମଲାର ବିବରଣୀ ଅନୁଯାୟୀ, ୨୦୨୧ ନଭେମ୍ବର ୩ରେ ନାବାଳିକା ଜଣକ ତାଙ୍କ ସମ୍ପର୍କୀୟଙ୍କ ଘରକୁ ଯାଇଥିଲେ। ସମ୍ପର୍କୀୟା ମହିଳା ଜଣକ ନିଶାଗ୍ରସ୍ତ ଅବସ୍ଥାରେ ଥିବା ଜାଣି ଅଭିଯୁକ୍ତ ଧୂମକେତୁ ଓ ସହଯୋଗୀ ଜଟ ସିଂ ସେଠାରେ ପହଞ୍ଚିଥିଲେ। ଧୂମକେତୁ ନାବାଳିକାଙ୍କୁ ବଳାତ୍କାର କରିଥିବା ବେଳେ ଜଟ ସିଂ ବାହାରେ ଅପେକ୍ଷା କରିଥିଲେ। ନାବାଳିକା ଜଣକ ଚିତ୍କାର କରିବାରୁ ଉଭୟ ସେଠାରୁ ଫେରାର ହୋଇ ଯାଇଥିଲେ। ପଡ଼ୋଶୀ ଲୋକେ ନାବାଳିକାଙ୍କୁ ଉଦ୍ଧାର କରି ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ଏନେଇ ନାବାଳିକାଙ୍କ ପରିବାର ଲୋକେ ବୈଶିଙ୍ଗା ଥାନାରେ ଅଭିଯୋଗ କରିଥିଲେ। ପୋଲିସ ପୀଡ଼ିତାଙ୍କ ବୟାନ ରେକର୍ଡ କରିବା ପରେ ଏକ ମାମଲା (ନଂ.୩୨୩/୨୧) ରୁଜୁ କରି ଅଭିଯୁକ୍ତ ଦ୍ୱୟଙ୍କୁ କୋର୍ଟଚାଲାଣ କରିଥିଲା। ପ୍ରମାଣ ଅଭାବରୁ ଜଟ ସିଂଙ୍କୁ କୋର୍ଟ ନିର୍ଦ୍ଦୋଷରେ ଖଲାସ କରି ଦେଇଥିବା ବେଳେ ପୀଡ଼ିତାଙ୍କୁ ୪ଲକ୍ଷ ଟଙ୍କା ସହାୟତା ରାଶି ପ୍ରଦାନ ପାଇଁ ଜିଲା ଆଇନ ସେବା ପ୍ରାଧିକରଣକୁ ନିର୍ଦ୍ଦେଶ ଦେଇଛନ୍ତି। ଉକ୍ତ ମାମଲାକୁ ଆଇନଜୀବୀ ମନୋରଞ୍ଜନ ପଟ୍ଟନାୟକ ପରିଚାଳନା କରୁଥିଲେ।

# ବ୍ରାହ୍ମଣୀରେ ବୁଡ଼ି ଇଞ୍ଜିନିୟରିଂ ଛାତ୍ର ନିଖୋଜ

**ପରଜଙ୍ଗ,୧୪।୩ (ନିଗମାନନ୍ଦ ଦଳବେହେରା)**

ଢେଙ୍କାନାଳ ଜିଲା ପରଜଙ୍ଗ ଥାନା ସରାଙ୍ଗ ଗାଁ ସ୍ଥିତ ବ୍ରାହ୍ମଣୀ ନଦୀରେ ବୁଡ଼ି ଜଣେ ଇଞ୍ଜିନିୟରିଂ ଛାତ୍ର ନିଖୋଜ ହୋଇଯାଇଛନ୍ତି। ନିଖୋଜ ଛାତ୍ର ଜଣଙ୍କ ହେଲେ ବାଲେଶ୍ୱରର ସନତ କୁମାର ମହାଲିକ। ସନତ ସରାଙ୍ଗସ୍ଥିତ ଇନ୍ଦିରା ଗାନ୍ଧୀ ବୈଷୟିକ ଅନୁଷ୍ଠାନର ବି.ଟେକ ଶେଷ ବର୍ଷର ଛାତ୍ର। ଗୁରୁବାର ଅପରାହ୍ନରେ କଲେଜ ପଛ ପାଖ ବ୍ରାହ୍ମଣୀ ନଦୀରେ ଗାଧୋଉଥିବାବେଳେ ଅସାବଧାନତା କାରଣରୁ ସେ ନଦୀର ଜଳସ୍ରୋତରେ ଭାସି ଯାଇଥିଲେ। ଖବରପାଇ ପରଜଙ୍ଗ ଅଗ୍ନିଶମ କର୍ମଚାରୀ ପହଞ୍ଚି ଉଦ୍ଧାର କାର୍ଯ୍ୟ ଜାରି ରଖିଛି।



# ବିଜେପୁର ଆସନ ଉପରେ ସଭିଙ୍କ ଆଖି

**ବରଗଡ଼,୧୪।୩(ପ୍ରେମାନନ୍ଦ ଖମାରୀ)**

ମୁଖ୍ୟମନ୍ତ୍ରୀଙ୍କ ଦ୍ୱିତୀୟ ନିର୍ବାଚନମଣ୍ଡଳୀ କୁହାଯାଉଥିବା ବରଗଡ଼ ଜିଲା ବିଜେପୁର ଆସନ ପ୍ରତି ଏବେ ସଭିଙ୍କ ଆଖି ରହିଛି। ୩ ପ୍ରମୁଖ ଦଳ ବିଜେଡି, କଂଗ୍ରେସ ଓ ଭାଜପା ଏହି ଆସନ ହାତେଇବାକୁ ପ୍ରୟାସ ଜାରି ରଖିଛନ୍ତି। ଅନ୍ୟପଟେ ଭାଜପା-ବିଜେଡି ମେଣ୍ଟ ଚର୍ଚ୍ଚା ଉଭୟ ଦଳକୁ ଅଡୁଆରେ ପକାଇଛି। ଖୋଦ ମୁଖ୍ୟମନ୍ତ୍ରୀ ଏହି ଆସନକୁ ନିଜ ଦ୍ୱିତୀୟ ନିର୍ବାଚନମଣ୍ଡଳୀ ଘୋଷଣା କରିସାରିଥିବାରୁ ମେଣ୍ଟ ହେଲେ ମଧ ଭାଗବଣ୍ଟାରେ ଏହି ଆସନକୁ ବିଜେଡି ଭାଜପା ହାତକୁ ଠେଲିଦେବ, ସେହି ଆଶା କ୍ଷୀଣ ରହିଛି। ମେଣ୍ଟ ହେଲେ, କଂଗ୍ରେସ ହିଁ ପ୍ରମୁଖ ପ୍ରତିଦ୍ୱନ୍ଦ୍ୱୀ ସାଜିବ ବୋଲି ସ୍ପଷ୍ଟ ଦେଖାଯାଉଛି। କିନ୍ତୁ ଆଗାମୀ ନିର୍ବାଚନରେ କଂଗ୍ରେସ ପୂର୍ବସ୍ଥିତିକୁ ଫେରିବା ପାଇଁ କେତେଦୂର ସଫଳ ହେବ, ତାହା ନିର୍ବାଚନ ଫଳାଫଳ ଘୋଷଣା ପରେ ଜଣାପଡ଼ିବ।

ବିଜେପୁର ଆସନ କଂଗ୍ରେସର ଗଡ଼ ଥିଲା। ୧୯୯୫ ସାଧାରଣ ନିର୍ବାଚନରେ ସ୍ୱର୍ଗତ ରିପୁନାଥ ସେଠ ଏଠାରେ କଂଗ୍ରେସରୁ ଲଢ଼ି ବିଜୟୀ ହେବା ସହିତ ଶକ୍ତି, କ୍ରୀଡ଼ା, ସ୍ୱାସ୍ଥ୍ୟ ଏବଂ ଶିକ୍ଷାମନ୍ତ୍ରୀ ଭାବେ ମନ୍ତ୍ରିମଣ୍ଡଳରେ ସ୍ଥାନ ପାଇଥିଲେ। ରିପୁନାଥ ୨୦୦୦ ସାଧାରଣ ନିର୍ବାଚନରେ ଦଳୀୟ ପ୍ରାର୍ଥୀ ଭାବେ ଭଟଲି ବିଧାନସଭା ନିର୍ବାଚନମଣ୍ଡଳୀରୁ ପ୍ରତିଦ୍ୱନ୍ଦ୍ୱିତା କରିଥିଲେ। ସେଠାରୁ ସେ ପରାଜିତ ହୋଇଥିଲେ। ସେତେବେଳେ ବିଜେପୁର ଆସନ ମଧ୍ୟ କଂଗ୍ରେସ ହାତରୁ ବିଜେଡିକୁ ଚାଲିଯାଇଥିଲା ଏବଂ ତତ୍କାଳୀନ ବିଜେଡି ପ୍ରାର୍ଥୀ ଅଶୋକ ପାଣିଗ୍ରାହୀ ବିଜୟୀ ହୋଇ ଦଳର ଖାତା ଖୋଲିଥିଲେ।

ଅପରପକ୍ଷେ ୨୦୦୪ରୁ ୨୦୧୪ ସାଧାରଣ ନିର୍ବାଚନ ପର୍ଯ୍ୟନ୍ତ ବିଜେଡି ଆଉ କଂଗ୍ରେସ ସହିତ ସମକକ୍ଷ ହୋଇ ପାରି ନ ଥିଲା। ସେହି ୩ ସାଧାରଣ ନିର୍ବାଚନରେ ତତ୍କାଳୀନ କଂଗ୍ରେସ ପ୍ରାର୍ଥୀ ସ୍ୱର୍ଗତ ସୁବଳ ସାହୁ ବାଜିମାତ୍ କରିଥିଲେ। ସେ ନିର୍ବାଚନରେ ହ୍ୟାଟ୍ରିକ ବିଜୟ ହାସଲ ସହିତ ବିଜେଡିର ଆଗଧାଡ଼ିର ନେତା ପ୍ରସନ୍ନ ଆଚାର୍ଯ୍ୟଙ୍କୁ ମଧ୍ୟ ପରାଜିତ କରିଥିଲେ। ୨୦୧୮ରେ ସୁବଳଙ୍କ ଦେହାନ୍ତ ପରେ ହୋଇଥିବା ଉପନିର୍ବାଚନ ପୂର୍ବରୁ କଂଗ୍ରେସ ଦଖଲରେ ରହିଥିବା ବରପାଲି ଏନ୍ଏସିକୁ ବିଜେଡି ନିଜ ଦଖଲକୁ ନେବା ସହିତ ସୁବଳଙ୍କ ସ୍ତ୍ରୀ ରୀତାଙ୍କୁ ୨୦୧୮ ଉପନିର୍ବାଚନରେ ଦଳୀୟ ପ୍ରାର୍ଥିନୀ ଭାବେ ଛିଡ଼ା କରାଇ ବିଜୟର ସ୍ୱାଦ ଚାଖିଥିଲା। ଏହାର କିଛିମାସ ପରେ ୨୦୧୯ ସାଧାରଣ ନିର୍ବାଚନ ହୋଇଥିଲା। ନିର୍ବାଚନ ମଇଦାନକୁ ବିଜେଡି ରୀତାଙ୍କୁ ଛାଡ଼ି ନ ଥିଲା


ରୀତା ସାହୁ


ଅଭିଷେକ ସେଠ


ସନତ ଗଡ଼ତିଆ

ଏବଂ ନିଜର ଦ୍ୱିତୀୟ ନିର୍ବାଚନମଣ୍ଡଳୀ ଭାବେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏଠାରୁ ପ୍ରତିଦ୍ୱନ୍ଦ୍ୱିତା କରି ବିଜୟୀ ହୋଇଥିଲେ। ମାତ୍ର ପରବର୍ତ୍ତୀ ସମୟରେ ଏହି ଆସନରୁ ସେ ଇସ୍ତଫା ଦେବାରୁ ପୁଣିଥରେ ଉପନିର୍ବାଚନ ହୋଇଥିଲା ଏବଂ ସେଥିରେ ରେକର୍ଡ ସଂଖ୍ୟକ ଭୋଟ ପାଇ ରୀତା ପୁଣି ବିଧାୟିକା ନିର୍ବାଚିତ ହୋଇଥିଲେ। ଏପରିକି ରୀତାଙ୍କ ପ୍ରତି ଭରସା ରଖି ମୁଖ୍ୟମନ୍ତ୍ରୀ ତାଙ୍କୁ ମନ୍ତ୍ରିମଣ୍ଡଳରେ ସ୍ଥାନିତ କରିଛନ୍ତି।

ଆଗକୁ ନିର୍ବାଚନ ଥିବା ବେଳେ ଦଳୀୟ କନ୍ଦଳ କାହାକୁ ଅଛପା ନାହିଁ। ବିରୋଧୀ ଦଳଙ୍କ ବିରୋଧ ନଜରକୁ ଆସୁ ନ ଥିବାବେଳେ ଏହି ନିର୍ବାଚନମଣ୍ଡଳୀରେ ବିଜେଡିରେ ଚାଲିଥିବା ବିଦ୍ରୋହ ସାଧାରଣରେ ଚର୍ଚ୍ଚାର ବିଷୟ ହୋଇଛି। ଏଭଳି ସ୍ଥିତିରେ ବିଜେଡି ଆଶାୟୀ ତାଲିକାରେ ସଂଖ୍ୟା ବଢ଼ିଚାଲିଛି। ରୀତାଙ୍କ ସମେତ ଡ. ପ୍ରଭାସ ସିଂ, ନୀହାରିକା ଗିରି, କିଶୋର ଦେବତା, ଲାଲ ବିକ୍ରମ ସିଂ ଦେଓଙ୍କ ସମେତ ଅନେକ ଦଳୀୟ ଆଶାୟୀ ରହିଛନ୍ତି। ତେବେ ବିଜେଡି ବିଦ୍ରୋହକୁ ହାତଛଡ଼ା କରିବା ପାଇଁ ବିରୋଧୀ କଂଗ୍ରେସ ଓ ଭାଜପା ଚାହୁଁ ନ ଥିବା ଦେଖାଯାଉଛି।

ମନେପକାଇ ଦିଆଯାଇପାରେ ଯେ, ଉକ୍ତ ନିର୍ବାଚନମଣ୍ଡଳୀରେ କଂଗ୍ରେସର ୨ଟାଣୁଆ ନେତା ସ୍ୱର୍ଗତ ରିପୁନାଥ ସେଠ ଏବଂ ସ୍ୱର୍ଗତ ସୁବଳ ସାହୁଙ୍କ ବହୁତ ପ୍ରଭାବ ରହିଥିଲା। ସାହୁଙ୍କ ଦେହାନ୍ତ ଯୋଗୁ ସ୍ତ୍ରୀ ରୀତା ବିଜେଡିରେ ଯୋଗଦାନ କରିବା ପରେ ଦଳର ପୁରୁଖା ନେତା ସ୍ୱର୍ଗତ ସେଠଙ୍କ ପୁଅ ଅଭିଷେକଙ୍କୁ ଆଗାମୀ ନିର୍ବାଚନରେ କଂଗ୍ରେସ ଏଠାରୁ ଦଳୀୟ ପ୍ରାର୍ଥୀ ଭାବେ ନିର୍ବାଚନୀ ମଇଦାନକୁ ଛାଡ଼ିପାରେ ବୋଲି ଚର୍ଚ୍ଚା ଜୋର୍ ଧରିଛି। ପିତାଙ୍କ ପ୍ରେରଣାରୁ ଛାତ୍ର ଜୀବନରୁ କଂଗ୍ରେସ ରାଜନୀତିକୁ ଓହ୍ଲାଇଥିବା ଅଭିଷେକ ୨୦୧୯ରେ ଦଳର ଜିଲା ଯୁବ କଂଗ୍ରେସ ସଭାପତି ଭାବେ କାର୍ଯ୍ୟ ସମ୍ପାଦନ କରିଥିଲେ। ଏହାସହ ବିଜେପୁର ନିର୍ବାଚନମଣ୍ଡଳୀର ସ୍ଥାନୀୟ ସମସ୍ୟା ନେଇ ଅଞ୍ଚଳବାସୀଙ୍କ ସହିତ ସେ ଆନ୍ଦୋଳନକୁ ଓହ୍ଲାଉଥିବା ଦେଖିବାକୁ ମିଳିଛି। ତେବେ ଅଭିଷେକଙ୍କ ସହିତ ଗତ ସାଧାରଣ ନିର୍ବାଚନର ଦଳୀୟ ପ୍ରାର୍ଥୀ ଦିଲୀପ ପଣ୍ଡା ଏବଂ ଦୁଷ୍ମନ୍ତ ମେହେରଙ୍କ ସମେତ ଅନେକ ଆଶାୟୀ ଟିକେଟ ଦୌଡ଼ରେ ଅଛନ୍ତି।

ଭାଜପାରେ ଆଶାୟୀଙ୍କ ତାଲିକା ଆହୁରି ଲମ୍ବା। ସେମାନଙ୍କ ମଧ୍ୟରୁ ଗତ ସାଧାରଣ ନିର୍ବାଚନର ଦଳୀୟ ପ୍ରାର୍ଥୀ ସନତ ଗଡ଼ତିଆ, ହଳପାଣି ମାଝି, ସୁରେନ୍ଦ୍ର ପାତ୍ର, ଝରଣା ପାଣିଗ୍ରାହୀ, ଡା. ସୁନୀଲ ଶର୍ମା, ଗୋବର୍ଦ୍ଧନ ଭୁଏ, ପ୍ରମୋଦ ଛତରଙ୍କ ସମେତ ଅନେକ କାର୍ଯ୍ୟକର୍ତ୍ତାଙ୍କ ନାମ ଶୁଣିବାକୁ ମିଳୁଛି। ତେବେ ଏହି ଆସନରେ ଏପର୍ଯ୍ୟନ୍ତ ଭାଜପା ଖାତା ଖୋଲିପାରି ନ ଥିବାବେଳେ କେଉଁ ଆଶାୟୀଙ୍କ ପ୍ରତି ଅଧିକ ଭରସା ରଖି ନିର୍ବାଚନୀ ମଇଦାନକୁ ଛାଡ଼ିବ, ପ୍ରାର୍ଥୀ ତାଲିକା ପ୍ରକାଶ ପରେ ତାହା ଜଣାପଡ଼ିବ।

## ନିର୍ବାଚନ ସାମଗ୍ରୀ ବିଷୟରେ ସମୀକ୍ଷାକଲେ ସିଇଓ


ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ କାର୍ଯ୍ୟାଳୟରେ ନିର୍ବାଚନ ସାମଗ୍ରୀ ସଂକ୍ରାନ୍ତ ସମୀକ୍ଷା ବୈଠକ।

**ଭୁବନେଶ୍ୱର, ୧୪।୩(ସୁନିତ୍ ମିଶ୍ର)**

ଓଡ଼ିଶାରେ ଆଗାମୀ ନିର୍ବାଚନର ସୁପରିଚାଳନା ପାଇଁ ମୁଖ୍ୟ ନିର୍ବାଚନ ଅଧିକାରୀ(ସିଇଓ)ଙ୍କ ପକ୍ଷରୁ ସବୁ ଜିଲାର ନିର୍ବାଚନ ସାମଗ୍ରୀ ନୋଡାଲ ଅଧିକାରୀଙ୍କ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ସିଇଓଙ୍କ କାର୍ଯ୍ୟାଳୟ ତରଫରୁ ଅତିରିକ୍ତ ମୁଖ୍ୟ ନିର୍ବାଚନ ଅଧିକାରୀ ଡ. ଏନ୍. ତିରୁମାଲା ନାଏକ ଓ ମିହିର ମହାନ୍ତି ଏହି ସମୀକ୍ଷା କରିଛନ୍ତି। ବୈଠକରେ ରାଜ୍ୟର ସମସ୍ତ ଜିଲାର ନିର୍ବାଚନ ସାମଗ୍ରୀ ନୋଡାଲ ଅଧିକାରୀମାନେ ଆଭାସି ମାଧ୍ୟମରେ ଯୋଗଦେଇ ନିଜ ଜିଲାର ପ୍ରସ୍ତୁତି ସମ୍ପର୍କରେ ସବିଶେଷ ସୂଚନା ଦେଇଛନ୍ତି।

ବୁଥ୍‌ସ୍ତରରେ ନିର୍ବାଚନ ପରିଚାଳନା ପାଇଁ ବିଭିନ୍ନ ସାମଗ୍ରୀ ଆବଶ୍ୟକ ହୋଇଥାଏ। ସେହି ସମସ୍ତ ସାମଗ୍ରୀ ଯେପରି ରାଜ୍ୟର ସବୁ ବୁଥ୍ ପାଇଁ ଉପଯୁକ୍ତ ଭାବେ ପ୍ରାପ୍ତ ହୋଇପାରିବ ସେସବୁ ବିଷୟରେ ସମୀକ୍ଷା କରାଯାଇଛି। ଭୋଟିଂ କମ୍ପାର୍ଟମେଣ୍ଟ, ବ୍ୟାକ୍‌ପେକ୍, ଏଲ୍ଇଡି ଲ୍ୟାମ୍ପ, ବାକ୍ସ, ଲୁହା ର୍ୟାକ୍, ଏକଜଷ୍ଟ ଫ୍ୟାନ୍, ସିଲ୍, କାଳି, କାର୍ବନ ପେପର, ଗୁଳିସୂତା, ପିନ୍, ମହମବତି, ଷ୍ଟାମ୍ପପ୍ୟାଡ୍ ଭଳି ବିଭିନ୍ନ ସାମଗ୍ରୀ ପ୍ରତିଟି ବୁଥ୍‌ରେ ବ୍ୟବହାର ହେବ। ଜିଲାସ୍ତରରେ ଏଥିପାଇଁ ବ୍ୟାପକ ପ୍ରସ୍ତୁତି ଚାଲିଛି। ରାଜ୍ୟର ପ୍ରାୟ ଜିଲାଗୁଡ଼ିକରେ ଅତିରିକ୍ତ ଜିଲାପାଳମାନେ ଏହି ନିର୍ବାଚନ ସାମଗ୍ରୀଗୁଡ଼ିକର ନୋଡାଲ ଅଧିକାରୀ ରୂପେ କାର୍ଯ୍ୟ କରୁଛନ୍ତି। ଗୁରୁବାର ଅନୁଷ୍ଠିତ ହୋଇଥିବା ଆଭାସି ବୈଠକରେ ଏହି ସମସ୍ତ ନିର୍ବାଚନ ସାମଗ୍ରୀ ବିଷୟରେ ବିଭିନ୍ନ ଜିଲାର ପ୍ରସ୍ତୁତି ନେଇ ଆଲୋଚନା ହୋଇଛି। ବିଭିନ୍ନ ଜିଲାରେ ଆରମ୍ଭ ହୋଇଥିବା ନିର୍ବାଚନ ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ସମସ୍ତ ସାମଗ୍ରୀର ବ୍ୟବହାର ସମ୍ପର୍କରେ ମଧ ପ୍ରଶିକ୍ଷଣ ଦିଆଯାଉଛି। ସମସ୍ତ ପ୍ରିଜାଇଡିଂ ଅଫିସର ଓ ପୋଲିଂ ଅଫିସର ଉକ୍ତ ନିର୍ବାଚନ ସାମଗ୍ରୀ ବିଷୟରେ ପ୍ରଶିକ୍ଷଣ ପ୍ରାପ୍ତ ହେବେ। ଏହାଦ୍ୱାରା ସେମାନେ ବୁଥ୍‌ସ୍ତରରେ ସମସ୍ତ ସାମଗ୍ରୀର ସୁବ୍ୟବହାର କରିପାରିବେ। ଆସନ୍ତା ସାଧାରଣ ନିର୍ବାଚନକୁ ଓଡ଼ିଶାରେ ସମ୍ପୂର୍ଣ୍ଣ ରୂପେ ମୁକ୍ତ, ଅବାଧ ଓ ନିରପେକ୍ଷ କରିବା ପାଇଁ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ପକ୍ଷରୁ ସମସ୍ତ ପ୍ରକାର ପଦକ୍ଷେପ ନିଆଯାଉଛି। ସମୀକ୍ଷା ବୈଠକରେ ଅତିରିକ୍ତ ମୁଖ୍ୟ ନିର୍ବାଚନ ଅଧିକାରୀ ନିର୍ବାଚନ ନୋଡାଲ ଅଫିସରଙ୍କ ସହ ଏ ସମସ୍ତ ବିଷୟରେ ସବିଶେଷ ଆଲୋଚନା କରିଛନ୍ତି।

## ଭାଜପାରେ ଭବାନୀପାଟଣା ପୂର୍ବତନ ବିଧାୟକ ଅନାମ ନାଏକ

**ଭବାନୀପାଟଣା,୧୪।୩**
**(ଉତ୍ତମ କୁମାର ଦାଶ)**

କଳାହାଣ୍ଡି ଜିଲା ଭବାନୀପାଟଣାର ପୂର୍ବତନ ବିଧାୟକ ଅନାମ ନାଏକ ବିଜେଡି ଛାଡି ଗୁରୁବାର ଭାଜପାରେ ସାମିଲ ହୋଇଛନ୍ତି। ଭୁବନେଶ୍ୱର ରାଜ୍ୟ କାର୍ଯ୍ୟାଳୟଠାରେ ଅନୁଷ୍ଠିତ ମିଶ୍ରଣ ପର୍ବରେ ରାଜ୍ୟ ସଭାପତି ମନମୋହନ ସାମଲ ଓ ବିରୋଧୀ ଦଳ ନେତା ଜୟନାରାୟଣ ମିଶ୍ରଙ୍କ ଉପସ୍ଥିତିରେ ସେ ନିଜ ସମର୍ଥକଙ୍କ ସହ ଭାଜପାରେ ସାମିଲ ହୋଇଥିଲେ। ପୂର୍ବତନ ବିଧାୟକ ନାଏକ ଭବାନୀପାଟଣା ନିର୍ବାଚନମଣ୍ଡଳୀରେ ୨୦୧୪ରୁ ୨୦୧୯ ଯାଏଁ ବିଜେଡି ବିଧାୟକ ଭାବେ ନିର୍ବାଚିତ ହୋଇଥିଲେ। ୨୦୧୯ରେ ଦଳ ତାଙ୍କୁ ଟିକେଟ ନ ଦେଇ ତାଙ୍କ ସ୍ଥାନରେ କଂଗ୍ରେସରୁ ଆସିଥିବା ପୂର୍ବତନ ବିଧାୟକ ଦୁଷ୍ମନ୍ତ ନାଏକଙ୍କୁ ଟିକେଟ ଦେଇଥିଲା। ହେଲେ ବିଜେଡିରୁ ଛିଡା ହୋଇଥିବା ଦୁଷ୍ମନ୍ତ ଭାଜପା ପ୍ରାର୍ଥୀ ପ୍ରଦୀପ୍ତ ନାଏକଙ୍କଠାରୁ ପରାଜିତ ହୋଇଥିଲେ। ଆୟବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ପୂର୍ବତନ ବିଧାୟକ ଅନାମ ଭିଜିଲାନ୍ସ ଦ୍ୱାରା ପୂର୍ବରୁ ଗିରଫ ହୋଇଥିଲେ।


ଭାଜପା ରାଜ୍ୟ କାର୍ଯ୍ୟାଳୟରେ ଦଳୀୟ ନେତାଙ୍କ ଉପସ୍ଥିତିରେ ଅନାମ ନାଏକ ଓ ଅନ୍ୟମାନେ।

## ମନୀଷା, ଜଗଦାନନ୍ଦଙ୍କୁ ମୁଖପାତ୍ର ନିଯୁକ୍ତକଲା କଂଗ୍ରେସ

**ଭୁବନେଶ୍ୱର, ୧୪।୩(ସୁନିତ୍ ମିଶ୍ର)**

ଅଖିଳ ଭାରତ କଂଗ୍ରେସ କମିଟି(ଏଆଇସିସି)ର ନିର୍ଦ୍ଦେଶକ୍ରମେ ପ୍ରଦେଶ କଂଗ୍ରେସ କମିଟି(ପିସିସି) ସଭାପତି ଶରତ ପଟ୍ଟନାୟକ ନୂତନ ମୁଖପାତ୍ର ଭାବେ ଜଗଦାନନ୍ଦ ପ୍ରଧାନ ଓ ମନୀଷା ଦାସ ପଟ୍ଟନାୟକଙ୍କୁ ନିଯୁକ୍ତି ଦେଇଛନ୍ତି। ଏନେଇ ପିସିସିର ବରିଷ୍ଠ ଉପସଭାପତି ଶିବାନନ୍ଦ ରାୟ ଏକ ପ୍ରେସ୍ ବିଜ୍ଞପ୍ତି ଜରିଆରେ ଗୁରୁବାର ସୂଚନା ଦେଇଛନ୍ତି। ଜଗଦାନନ୍ଦ ଏବଂ ମନୀଷା ନିଜ ଦାୟିତ୍ୱ ନିଷ୍ଠାର ସହ ସମ୍ପାଦନ କରିବେ ବୋଲି ପିସିସି ସଭାପତି ଆଶା ପ୍ରକାଶ କରିଥିବା ଜଣାଇଛନ୍ତି।



ଧରିତ୍ରୀ DHARITRI 50 Years

www.orissakhabar.com/ www.dharitri.com ପୃଷ୍ଠା ୧୮ Press Regd. No. R.N. 21326/74 Postal Regd. No. BN/42/21-23. ଭୁବନେଶ୍ୱର, ଶୁକ୍ରବାର, ମାର୍ଚ୍ଚ ୧୫/୨୦୨୪ Bhubaneswar, Friday, March 15/ 2024

# ଫୁଟ୍‌ବଲ ଷ୍ଟାର କ୍ୱିନ୍‌ସି ପ୍ରୋମେସ୍ ଗିରଫ

**ଦି ହେଗ୍, ୧୪।୩ (ଏପି):** ଡଚ୍ ପ୍ରସିକ୍ୟୁଟରମାନଙ୍କ ଅନୁରୋଧ କ୍ରମେ ଫୁଟ୍‌ବଲ ଷ୍ଟାର କ୍ୱିନ୍‌ସି ପ୍ରୋମେସ୍ ଦୁବାଇରେ ଗିରଫ ହୋଇଥିବା ଏକ ରିପୋର୍ଟରେ ପ୍ରକାଶ ପାଇଛି। ପ୍ରୋମେସ କୋକେନ ସ୍ମଗ୍‌ଲିଂ ଅଭିଯୋଗରେ ଦୋଷୀ ସାବ୍ୟସ୍ତ ହେବା ପରେ ତାଙ୍କୁ ୬ ବର୍ଷ ଜେଲଦଣ୍ଡ ହୋଇଥିଲା। ଡଚ୍ ପ୍ରସିକ୍ୟୁଟରମାନେ ତାଙ୍କ ପ୍ରତ୍ୟର୍ପଣ ଚାହିଁବେ। ଫୌଜଦାରି ମାମଲାରେ ଡଚ୍ ପ୍ରସିକ୍ୟୁଟରମାନେ କ୍ୱଚିତ ସନ୍ଦିଗ୍ଧଙ୍କ ନାମ ପ୍ରକାଶ କରିଥାନ୍ତି। ଏଠାରେ ସେମାନେ ପ୍ରୋମେସଙ୍କ ନାମ ସ୍ପଷ୍ଟ କରିନାହାନ୍ତି। ସେମାନେ ଏକ ବିବୃତିରେ କହିଛନ୍ତି, ମସ୍କୋରେ ବାସ କରୁଥିବା ଜଣେ ୩୨ବର୍ଷୀୟ ବ୍ୟକ୍ତିଙ୍କୁ ଦୁବାଇରେ ଗିରଫ କରାଯାଇଛି। ପ୍ରୋମେସଙ୍କ ବୟସ ହେଉଛି ୩୨ ବର୍ଷ। ସେ ରୁଷିଆ ରାଜଧାନୀରେ ଅବସ୍ଥାନ କରନ୍ତି ଏବଂ ସ୍ପାର୍ଟାକ୍ ମସ୍କୋ ପକ୍ଷରୁ ଖେଳିଥାନ୍ତି। ନେଦରଲାଣ୍ଡ୍ସ ଦ୍ୱାରା ଜାରି ରେଡ୍ ନୋଟିସକୁ ଭିତ୍ତି କରି ପ୍ରୋମେସଙ୍କୁ ଗିରଫ କରାଯାଇଛି। ତାଙ୍କ ପ୍ରତ୍ୟର୍ପଣ ପାଇଁ ନେଦରଲାଣ୍ଡ୍ସ ଅନୁରୋଧ କରିବ ବୋଲି ଆମଷ୍ଟରଡାମ୍ ପ୍ରସିକ୍ୟୁଶନ ଅଫିସ କହିଛି। ସୂଚନାଯୋଗ୍ୟ, ରେଡ୍ ନୋଟିସ୍ ହେଉଛି ଏକ ବିଶ୍ୱସ୍ତରୀୟ ଅନୁରୋଧ, ଯାହା ଗିରଫଦାରି କିମ୍ବା ଆତ୍ମସମର୍ପଣ କିମ୍ବା ସମାନ ଆଇଗତ କାର୍ଯ୍ୟାନୁଷ୍ଠାନରେ ବିଚାରାଧୀନ ବ୍ୟକ୍ତିଙ୍କୁ ଖୋଜିବା କିମ୍ବା ସାମୟିକ ଭାବେ ଗିରଫ କରିବା ଦିଗରେ ଆଇନଶୃଙ୍ଖଳା କର୍ତ୍ତୃପକ୍ଷ ଜାରି କରିଥାନ୍ତି।







Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ–ତଥାଗତ ସତପଥୀ